୫୬

# ଧରିତ୍ରୀ DHARITRI

ସମ୍ବଲପୁର, ଶୁକ୍ରବାର, ଡିସେମ୍ବର ୬/୨୦୧୯ (୨୦ ପୃଷ୍ଠା) Sambalpur, Friday, December 6 / 2019 ★★

୧୫ଶ ଭାଗ ୩୪୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




## ଦଶନ୍ଧିର ସବୁଠାରୁ ସେକ୍ସି ପର୍ସନ ହ୍ରିତିକ୍

ବଲିଉଡ୍ ଅଭିନେତା ହ୍ରିତିକ୍ ରୋଶନ ଦଶନ୍ଧିର 'ସେକ୍ସିଏଷ୍ଟ ଏସିଆନ୍ ମେଲ୍ ଅଫ୍ ୨୦୧୯' ଭାବେ ମନୋନୀତ ହୋଇଛନ୍ତି। ଲଣ୍ଡନରେ ଏକ ଅନ୍‌ଲାଇନ ସର୍ଭେ ରିପୋର୍ଟରେ ଏହା ଦର୍ଶାଯାଇଛି।

୦୯

୧୮

## ପ୍ରମୋଦଙ୍କ ନାମ ସୁପାରିସ

ବିଡବ୍ଲୁଏଫ୍‌ର 'ପୁରୁଷ ପାରା ବ୍ୟାଡ୍‌ମିଣ୍ଟନ ପ୍ଲେୟର ଅଫ୍ ଦି ଇୟର' ପୁରସ୍କାର ପାଇଁ ଓଡ଼ିଶା ପାରା ଆଥଲେଟ୍ ପ୍ରମୋଦ ଭଗତଙ୍କ ନାମ ସୁପାରିସ କରାଯାଇଛି।



## ଅପରିବର୍ତ୍ତିତ ରହିଲା ରେପୋ ରେଟ୍



**ମୁମ୍ବାଇ,୫-୧୨:** ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ଗୁରୁବାର ଏହାର ରେପୋ ରେଟ ବା ସୁଧହାରକୁ ଅପରିବର୍ତ୍ତିତ ରଖିଛି। କେନ୍ଦ୍ରୀୟ ବ୍ୟାଙ୍କ ଏହା ପୂର୍ବରୁ ଲଗାତର ଭାବେ ସୁଧହାର ହ୍ରାସ କରି ଆସୁଥିଲା। ଚଳିତ ଥର ମଧ ସୁଧ ହାର ହ୍ରାସ ହେବ ବୋଲି ବଜାର ବିଶେଷଜ୍ଞ ଏବଂ ଶିଳ୍ପ ଜଗତ ଆଶା ରଖିଥିଲା। ହେଲେ ସୁଧ ହାର ହ୍ରାସ ଧାରାରେ ଚଳିତ ଥର ରୋକ ଲାଗିଛି। ମୁଦ୍ରାସ୍ଫୀତି ଜନିତ ଚାପ, ଖାଦ୍ୟ ସାମଗ୍ରୀ ଦର ବୃଦ୍ଧି ଏବଂ ଆର୍ଥିକ ମାନ୍ଦାବସ୍ଥା ଭଳି ବିଭିନ୍ନ ପ୍ରସଙ୍ଗକୁ ବିଚାର କରି ରିଜର୍ଭ ବ୍ୟାଙ୍କ ସୁଧ ହାର କମାଇ ନ ଥିବା କୁହାଯାଇଛି। କେନ୍ଦ୍ରୀୟ ବ୍ୟାଙ୍କ ଏହା ପୂର୍ବରୁ ଚଳିତ ବର୍ଷ ୫ଥର ସୁଧ ହାର ହ୍ରାସ କରିଥିଲା। ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ ଅଧକ୍ଷତାରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ୬ ସଦସ୍ୟ ବିଶିଷ୍ଟ ମୁଦ୍ରା ନୀତି କମିଟି(ଏମ୍‌ପିସି) ବୈଠକରେ ରେପୋ ରେଟ୍‌କୁ ଅପରିବର୍ତ୍ତିତ ରଖିବା ନେଇ ଭୋଟ କରିଛନ୍ତି। ଫଳରେ ରେପୋ ୫.୧୫% ଏବଂ ରିଭର୍ସ ରେପୋ ୪.୯୦% ସ୍ତରରେ ରହିଛି। ସେହିଭଳି ଚଳିତ ଆର୍ଥିକ ବର୍ଷରେ ଜିଡିପି ଅଭିବୃଦ୍ଧି ପୂର୍ବାନୁମାନ ମଧ ହ୍ରାସ କରାଯିବା ଫଳରେ ୫% ଏହା ଖସିଛି।

### ବର୍ବରତାକୁ ନେଇ ପୁଣି ବଦ୍‌ନାମ ଉନ୍ନାଓ

# ବଳାତ୍କାର ପୀଡ଼ିତାଙ୍କୁ ଜାଳି ହତ୍ୟା ଉଦ୍ୟମ

**ଉନ୍ନାଓ/ଲକ୍ଷ୍ନୌ/ନୂଆଦିଲ୍ଲୀ, ୫।୧୨(ପି.ଟି./ଆଇଏଏନ୍‌ଏସ୍)**

- ୯୦% ଦଗ୍ଧ, ଅବସ୍ଥା ସଙ୍କଟାପନ୍ନ
- ମୁଖ୍ୟ ଅଭିଯୁକ୍ତଙ୍କ ଆତ୍ମସମର୍ପଣ
- ଅନ୍ୟ ୪ ଅଭିଯୁକ୍ତ ଗିରଫ
- ରିପୋର୍ଟ ମାଗିଲେ ଜାତୀୟ ମହିଳା କମିଶନ
- ସହଯୋଗର ପ୍ରତିଶ୍ରୁତି ଦେଲେ ମୁଖ୍ୟମନ୍ତ୍ରୀ
- ଭାଜପାକୁ ଟାର୍ଗେଟ କଲେ ପ୍ରିୟଙ୍କା
- ପାର୍ଲାମେଣ୍ଟରେ ଉଠିଲା ଝଡ଼

ହାଇଦ୍ରାବାଦର ଜଣେ ମହିଳା ପ୍ରାଣୀ ଚିକିତ୍ସକଙ୍କୁ ବଳାତ୍କାର ଓ ହତ୍ୟା କରି ପୋଡ଼ିଦିଆଯିବା ଘଟଣାକୁ ନେଇ ଦେଶବ୍ୟାପୀ ବିକ୍ଷୋଭ ଜାରି ରହିଥିବାବେଳେ ଉତ୍ତରପ୍ରଦେଶର ଉନ୍ନାଓରେ ଘଟିଛି ଆଉ ଏକ ବର୍ବରକାଣ୍ଡ। ଜଣେ ବଳାତ୍କାର ପୀଡ଼ିତା ତାଙ୍କ ମାମଲାର ଶୁଣାଣି ପାଇଁ ରାଏବରେଲି କୋର୍ଟକୁ ଯାଉଥିବାବେଳେ ଅଭିଯୁକ୍ତମାନେ ତାଙ୍କୁ ପୋଡ଼ି ମାରିଦେବାକୁ ଉଦ୍ୟମ କରିଛନ୍ତି। ପୀଡ଼ିତାଙ୍କ ଶରୀରର ୯୦ ପ୍ରତିଶତ ପୋଡ଼ିହୋଇଯାଇଥିବାରୁ ତାଙ୍କୁ ଲକ୍ଷ୍ନୌରୁ ଚିକିତ୍ସା ପାଇଁ ଦିଲ୍ଲୀ ନିଆଯାଇଛି। ମୁଖ୍ୟ ଅଭିଯୁକ୍ତଙ୍କ ଆତ୍ମସମର୍ପଣ ପରେ ଅନ୍ୟ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି ପୋଲିସ। ଏହି କାଣ୍ଡକୁ ଦେଶବ୍ୟାପୀ ନିନ୍ଦା କରାଯାଇଛି। ପାର୍ଲାମେଣ୍ଟରେ ମଧ ଉନ୍ନାଓ କାଣ୍ଡକୁ ନେଇ ଝଡ଼ ସୃଷ୍ଟି ହୋଇଛି। ଜାତୀୟ ମହିଳା କମିଶନ ଏନେଇ ରାଜ୍ୟ ପୋଲିସକୁ ରିପୋର୍ଟ ମାଗିଛନ୍ତି।

ଗତବର୍ଷ ଡିସେମ୍ବରରେ ଉନ୍ନାଓର ଶିବମ୍ ତ୍ରିବେଦୀ ଓ ଶୁଭମ୍ ତ୍ରିବେଦୀ ନାମକ ଦୁଇଜଣ ବ୍ୟକ୍ତି ଜଣେ ଯୁବତୀଙ୍କୁ ଗଣବଳାତ୍କାର କରିଥିଲେ। ସେମାନେ ମାର୍ଚ୍ଚରେ ଗିରଫ ହୋଇ ଜେଲ ଯାଇଥିଲେ ଓ ନଭେମ୍ବର୨୫ରେ ଜାମିନ ପାଇ ମୁକୁଳିଥିଲେ। ଏହି ମାମଲାର ଶୁଣାଣି ପାଇଁ ପୀଡ଼ିତା ଗୁରୁବାର ସକାଳେ ଉନ୍ନାଓରୁ ରାଏବରେଲି କୋର୍ଟକୁ ଯାଉଥିବାବେଳେ ଶିବମ୍ ଓ ଶୁଭମ୍‌ଙ୍କ ସହ ଅନ୍ୟ ତିନି ଅଭିଯୁକ୍ତ ହରିଶଙ୍କର ତ୍ରିବେଦୀ, ରାମକିଶୋର ତ୍ରିବେଦୀ ଏବଂ ଉମେଶ ବାଜପେୟୀ ମିଶି ତାଙ୍କ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିଲେ। ପୀଡ଼ିତା ପୋଡ଼ିହୋଇଯିବା ପରେ ସାହାଯ୍ୟ ପାଇଁ ୧ କି.ମି. ଦୂର ପର୍ଯ୍ୟନ୍ତ ଧାଇଁଥିଲେ। ସେ କେତେଜଣ ଲୋକଙ୍କୁ ସାହାଯ୍ୟ ମାଗିବା ପରେ ପୋଲିସକୁ ନିଜେ ଡାକିଥିଲେ। ପୂର୍ବାହ୍ନ ୧୦ଟାରେ ସିଭିଲ୍ ହସ୍ପିଟାଲରେ ତାଙ୍କୁ ଅତି ସଙ୍କଟାପନ୍ନ ଅବସ୍ଥାରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଶରୀରର ୯୦% ପୋଡ଼ିହୋଇଯାଇଛି ବୋଲି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡକ୍ଟର ଆଶୁତୋଷ ଦୁବେ ସୂଚନା ଦେଇଛନ୍ତି। ତାଙ୍କୁ ପ୍ରଥମେ ଜିଲା ହସ୍ପିଟାଲ ଓ ପରେ ଲକ୍ଷ୍ନୌକୁ ଚିକିତ୍ସା ପାଇଁ ନିଆଯାଇଥିଲା। ଉତ୍ତରପ୍ରଦେଶ ସରକାର ତାଙ୍କୁ ସେଠାରୁ ଏକ ବିମାନରେ ନୂଆଦିଲ୍ଲୀସ୍ଥିତ ସଫ୍‌ଦରଜଙ୍ଗ ହସ୍ପିଟାଲକୁ ପଠାଇଛନ୍ତି। ଇତିମଧ୍ୟରେ ପୀଡ଼ିତା ଜଣକ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ୍ ଦୟାଶଙ୍କର ପାଠକଙ୍କ ନିକଟରେ ବୟାନ ଦେଇଛନ୍ତି।

ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ପାର୍ଲାମେଣ୍ଟରେ ଝଡ଼ ଉଠିଛି। ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ରାଜ୍ୟ ସଭାକୁ ୩୦ ମିନିଟ ପାଇଁ ମୁଲତବୀ କରାଯାଇଥିଲା। କଂଗ୍ରେସ ନେତା ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତିକୁ ନେଇ ଯୋଗୀ ଆଦିତ୍ୟନାଥ ସରକାରଙ୍କୁ ଘେରିଛନ୍ତି। ବୁଧବାର ଦେଶର ସ୍ୱରାଷ୍ଟ୍ରମନ୍ତ୍ରୀ ଓ ରାଜ୍ୟର ମୁଖ୍ୟମନ୍ତ୍ରୀ ଉତ୍ତରପ୍ରଦେଶରେ ଆଇନଶୃଙ୍ଖଳା ଭଲ ଅଛି ବୋଲି କହିଥିଲେ। କିନ୍ତୁ ଏଭଳି ଘଟଣାଗୁଡ଼ିକୁ ଦେଖିବା ପରେ ମନରେ କ୍ରୋଧ ଜାଗ୍ରତ ହେଉଛି। ଭାଜପା ତା'ର ମିଥ୍ୟା ପ୍ରଚାର ବନ୍ଦ କରିବା ଉଚିତ ବୋଲି ପ୍ରିୟଙ୍କା କହିଛନ୍ତି। ସେହିପରି ଅଖିଳେଶ କହିଛନ୍ତି, ରାଜ୍ୟର ଭାଜପା ସରକାରଙ୍କୁ ହଟାଯିବା ଉଚିତ। ଜଙ୍ଗଲରାଜକୁ ନେଇ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଲଜ୍ଜିତ ହୁଅନ୍ତୁ। ପୋଲିସ ମହାନିର୍ଦ୍ଦେଶକ ମଧ ଇସ୍ତଫା ଦିଅନ୍ତୁ ବୋଲି ଏସ୍‌ପି ଅଧକ୍ଷ ଟ୍ୱିଟରରେ ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥ ବରିଷ୍ଠ ପ୍ରଶାସନିକ ଓ ପୋଲିସ ଅଧିକାରୀମାନଙ୍କୁ ଗୁରୁବାର ସନ୍ଧ୍ୟା ସୁଦ୍ଧା ରିପୋର୍ଟ ☞ପୃଷ୍ଠା–୪

### ପିଆରଏମ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ

# ରୋଗୀଙ୍କୁ ଇଞ୍ଜେକ୍ସନ ଦେଲେ ରୋଷେଇ କର୍ମଚାରୀ



ରୋଷେଇ କର୍ମଚାରୀ ରୋଗୀଙ୍କୁ ଇଞ୍ଜେକ୍ସନ ଦେଉଛନ୍ତି।

**ବାରିପଦା ଅଫିସ,୫।୧୨**

**ସୋସିଆଲ ମିଡିଆରେ ଭିଡିଓ ଭାଇରାଲ**

ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲାରେ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ କେନ୍ଦ୍ରୀୟ ଅନୁଦାନରେ ରାଜ୍ୟ ସରକାର ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଆଣ୍ଡ ହସପିଟାଲ (ପିଆରଏମ୍) ପ୍ରତିଷ୍ଠା କରିଛନ୍ତି। ବୁଧବାର ଏହି ମେଡିକାଲରେ ଚିକିତ୍ସାଧୀନ ଜଣେ ରୋଗୀଙ୍କୁ ମହିଳା ରୋଷେଇ କର୍ମଚାରୀ ଇଞ୍ଜେକ୍ସନ ଦେଇଥିଲେ। ଏହାର ☞ପୃଷ୍ଠା–୪

### ■ମର୍ଣ୍ଣିଂୱାକ୍‌ରୁ ଫେରୁଥିବା ବେଳେ ଜୀବନଗଲା

# ଟ୍ରକ୍ ଧକ୍କାରେ ଦମ୍ପତି ମୃତ

**ଜୁନାଗଡ,୫।୧୨(ଡି.ଏନ.ଏ.)**

- ■କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ
- ■ପ୍ରତିଶ୍ରୁତି ପରେ ରାସ୍ତାରୋକୋ ହଟିଲା
- ■ବୋହୂ ଆଖି ଆଗରେ ଘଟିଲା ଦୁର୍ଘଟଣା



ମୃତ ଦମ୍ପତିଙ୍କ ଫାଇଲ ଫଟୋ ।

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଘୋଲିଜିବା ଛକ ନିକଟରେ ଗୁରୁବାର ପ୍ରତ୍ୟୁଷରେ ମର୍ଣ୍ଣିଂୱାକ୍‌ରୁ ଫେରୁଥିବା ସମୟରେ ଟ୍ରକ ଧକ୍କାରେ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମହିଚଲା ଗ୍ରାମର ଚନ୍ଦ୍ରଧ୍ୱଜ ବେମାଲ(୬୫) ଓ ତାଙ୍କ ସ୍ତ୍ରୀ କଳାବତୀ ବେମାଲ (୬୦)। ଏହି ଖବର ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ସମ୍ପର୍କୀୟ ଓ ଗ୍ରାମବାସୀ କ୍ଷତିପୂରଣ ଓ ଦୁର୍ଘଟଣା ଘଟାଇଥିବା ଗାଡିକୁ ଜବତ କରିବା ଦାବିରେ ସକାଳ ୬ଟାରୁ ଘୋଲିଜିବା ଛକରେ ଟାୟାର ଜାଳି ୨୬ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଭବାନୀପାଟଣା ସଦର ଏସ୍‌ଡିପିଓ ରମେଶ ଚନ୍ଦ୍ର ସେଠୀ, କୋକସରା ଆଇଆଇସି ସତ୍ୟାନନ୍ଦ ପାତ୍ର, ଧର୍ମଗଡ ଆଇଆଇସି ସତ୍ୟନାରାୟଣ ପଧାନ, ଜୁନାଗଡ ଭାରପ୍ରାପ୍ତ ତହସିଲଦାର ପ୍ରଭାସ ବୁଡାୟକ, ଜୁନାଗଡ ଏସ୍‌ଆଇ କୃଷ୍ଣଚନ୍ଦ୍ର ସ୍ୱାଇଁ, ଥବିର ବରିହା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ରାସ୍ତାରୋକୋ କରିଥିବା ଲୋକଙ୍କୁ ବୁଝାଶୁଝା କରିଥିଲେ। ପ୍ରଶାସନ ପକ୍ଷରୁ ରେଡକ୍ରସରୁ ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ଓ ମହିଚଲା ପଞ୍ଚାୟତ ପକ୍ଷରୁ ହରିଶ୍ଚନ୍ଦ୍ର ଯୋଜନାରେ ୪ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଅଜଣା ଗାଡି ଧକ୍କାରେ ମୃତ୍ୟୁ ଘଟୁଥିବା ଲୋକଙ୍କ ପରିବାରକୁ ସରକାର ୨ ଲକ୍ଷ ଟଙ୍କାର ଆର୍ଥିକ ରାଶି ପ୍ରଦାନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଦମ୍ପତିଙ୍କ ପରିବାର ସଦସ୍ୟଙ୍କୁ ୪ଲକ୍ଷ ଟଙ୍କା ଦିଆଯିବା ପାଇଁ ଚେଷ୍ଟା କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ୫ଘଣ୍ଟା ଧରି ରାସ୍ତାରୋକୋ ଯୋଗୁ ଶତାଧିକ ଯାନବାହନ ରାସ୍ତାରେ ଅଟକି ରହିଥିଲା।

ଏହି ଦମ୍ପତି ଗୁରୁବାର ପ୍ରତ୍ୟୁଷ୍ୟରୁ ମର୍ଣ୍ଣିଂୱାକ୍‌ରେ ଯାଇ ଫେରୁଥିଲେ। ଘୋଲିଜିବା ଛକ ନିକଟରେ ଏକ ଟ୍ରକ୍ ସେମାନଙ୍କୁ ପଛରୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। କିଛି ଦୂରରେ ଚାଲୁଥିବା ଏହି ଦମ୍ପତିଙ୍କ ବୋହୂ ଏହା ଦେଖି ସମ୍ପର୍କୀୟ ଲୋକଙ୍କୁ ଜଣାଇଥିଲେ।




# ନିଶାସକ୍ତ ଶିକ୍ଷକଙ୍କ ଉନ୍ମତ୍ତକାଣ୍ଡ

## ରାସ୍ତାରେ ଛାତ୍ରୀଛାତ୍ରଙ୍କୁ ଆଣ୍ଠେଇ ବହିଷ୍କୃତ



ନିଶାସକ୍ତ ଶିକ୍ଷକ ଛାତ୍ରୀଛାତ୍ରଙ୍କୁ ରାସ୍ତାରେ ଆଣ୍ଠେଇଛନ୍ତି।

**ଯାଜପୁର ଅଫିସ,୫।୧୨**

**ତୁରନ୍ତ କାର୍ଯ୍ୟକାରୀ କରିବାକୁ ଡିଇଓଙ୍କ ନିର୍ଦ୍ଦେଶ**

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଲେମ୍ବୋ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାଲିଆ ପ୍ରାଥମିକ ସ୍କୁଲରେ କାର୍ଯ୍ୟରତ ଗଣଶିକ୍ଷକ ମକରନ୍ଦ ମହାନ୍ତଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ନିଶାସକ୍ତ ଅବସ୍ଥାରେ ଛାତ୍ରୀଛାତ୍ରଙ୍କୁ ରାସ୍ତା ମଝିରେ ଆଣ୍ଠେଇବା ଅଭିଯୋଗରେ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହି ମର୍ମରେ ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କ ନିର୍ଦ୍ଦେଶକ୍ରମେ ସୁକିନ୍ଦା ବ୍ଲକ ଶିକ୍ଷାଧିକାରୀ(ବିଇଓ) ଶିବରାମ ସାହୁ ତାଙ୍କ ପତ୍ରସଂଖ୍ୟା ୧୨୯୩/୫।୧୨।୨୦୧୯ରେ ନୋଟିସ ଜାରି କରିବା ସହିତ ଶିକ୍ଷକ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**ଚକିତ କଲା ଆର୍‌ବିଆଇ**

### ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟା ମାମଲା

## ୫ ଅଭିଯୁକ୍ତଙ୍କୁ ସୁପ୍ରିମକୋର୍ଟରୁ ଜାମିନ

**ବାଲିଗୁଡା,୫।୧୨(ଡି.ଏନ୍.ଏ.)**

କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ତୁମୁଡିବନ୍ଧ ବ୍ଲକ ଜଲେଶପଙ୍କା ଆଶ୍ରମରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ୨୦୦୮, ଅଗଷ୍ଟ ୨୩ରେ ହତ୍ୟା କରାଯାଇଥିଲା। ଏହି ମାମଲାରେ ୫ ଅଭିଯୁକ୍ତଙ୍କୁ ଫୁଲବାଣୀ ଜିଲା କୋର୍ଟ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଫଳରେ ଅଭିଯୁକ୍ତମାନେ ଜେଲ୍‌ରେ ଥିଲେ। ଏବେ ସେମାନଙ୍କୁ ସୁପ୍ରିମକୋର୍ଟରୁ ଜାମିନ ମିଳିଛି। ଦୁର୍ଯ୍ୟୋଧନ ସୁନାମାଝି, ଭାସ୍କର ସୁନାମାଝି ଓ ମୁଣ୍ଡା ବଡମାଝି ମୁକୁଳିଛନ୍ତି। ଅନ୍ୟ ☞ପୃଷ୍ଠା–୪




# ସ୍ୟାଟ୍‌କୁ ନେଇ ହାଇକୋର୍ଟଙ୍କ ବଡ଼ ନିଷ୍ପତ୍ତି

■ ଜଣିକିଆ ଖଣ୍ଡପୀଠରେ ହେବ ମାମଲାର ଶୁଣାଣି

**କଟକ ଅଫିସ, ୫।୧୨**

ସ୍ୟାଟ୍(ରାଜ୍ୟ ପ୍ରଶାସନିକ ଟ୍ରିବ୍ୟୁନାଲ) ଉଚ୍ଛେଦ ଉପରେ କେନ୍ଦ୍ର ମୋହର ଲଗାଇବା ପରେ ଏହା ଏକପ୍ରକାର ଅଚଳ ହୋଇପଡ଼ିଛି। ସ୍ୟାଟ୍‌ରେ ଅଚଳାବସ୍ଥା ଯୋଗୁ ଏଠାରେ ରୁଜୁ ହୋଇଥିବା ମାମଲାଗୁଡ଼ିକର ବିଚାରରେ ସମସ୍ୟା ଉପୁଜିଛି। ଏଭଳି ସ୍ଥିତିରେ ଗୁରୁବାର ସ୍ୟାଟ୍‌କୁ ନେଇ ହାଇକୋର୍ଟ ବଡ଼ ନିଷ୍ପତ୍ତି ଶୁଣାଇଛନ୍ତି। ସ୍ୟାଟ୍‌ରେ ବିଚାରାଧୀନ ଥିବା ମାମଲାଗୁଡ଼ିକୁ ଯଦି ଆବେଦନକାରୀମାନେ ହାଇକୋର୍ଟକୁ ଆଣନ୍ତି ତେବେ ତାହା ହାଇକୋର୍ଟରେ ପଞ୍ଜୀକୃତ ହେବ। ମାମଲାଟିର ପଞ୍ଜୀକରଣ ପରେ ତାହା ଜଣିକିଆ ଖଣ୍ଡପୀଠରେ ଶୁଣାଣି କରାଯିବ। ରାଜ୍ୟର କଟକ, ଭୁବନେଶ୍ୱର, ସମ୍ବଲପୁର ଓ ବ୍ରହ୍ମପୁର ଆଦି ଖଣ୍ଡପୀଠରୁ ହାଇକୋର୍ଟକୁ ଆସୁଥିବା ମାମଲାଗୁଡ଼ିକର ଏହିଭଳି ଭାବେ ଶୁଣାଣି କରାଯିବ। ତେବେ ହାଇକୋର୍ଟରେ ମାମଲାଗୁଡ଼ିକର ପଞ୍ଜୀକରଣ ହେବା ପରେ ତାହାର ନୂଆ ନାମକରଣ କରାଯିବ। ହାଇକୋର୍ଟଙ୍କ ପକ୍ଷରୁ ଗୁରୁବାର ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ବର୍ତ୍ତମାନ ସୁଦ୍ଧା ସ୍ୟାଟ୍‌ରେ ଅନ୍ୟୁନ ୭୦ ହଜାର ମାମଲା ବିଚାର ଅପେକ୍ଷାରେ ପଡି ରହିଛି।

ସୂଚନାଥାଉ କି, ସ୍ୟାଟ୍ ଉଚ୍ଛେଦ ନେଇ ପ୍ରଥମେ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରାଯାଇ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲା ଏବେ ହାଇକୋର୍ଟରେ ବିଚାରାଧୀନ ଅଛି। ମାତ୍ର ସ୍ୟାଟ୍ ଉଚ୍ଛେଦ ପ୍ରକ୍ରିୟା ଉପରେ କେନ୍ଦ୍ର ମୋହର ମାରିବା ପରେ ଏହା ଏକପ୍ରକାର ଅଚଳ ହୋଇପଡ଼ିଥିଲା। ନିଯୁକ୍ତି ଆଦି ମାମଲାକୁ ନେଇ ସ୍ୟାଟ୍‌ର ଦ୍ୱାରସ୍ଥ ହୋଇଥିବା ଆବେଦନକାରୀମାନେ ଏକପ୍ରକାର ଦୋଛକି ଭିତରେ ରହିଥିଲେ।


Taste the difference! Vencobb FRESH CHICKEN

05.12.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 77 | 128 | 138 |
| DKL | 78 | 129 | 139 |
| BDK | 74 | 124 | 134 |
| BLS | 74 | 124 | 134 |
| ANG | 78 | 129 | 139 |
| BHM | 74 | 124 | 134 |

*Conditions Apply

Issued in the Interest of Consumers


# ସଂସଦୀୟ ବ୍ୟାପାର ବିଭାଗରେ କାର୍ଯ୍ୟକାରୀ ହେବ ୫-ଟି

**ଭୁବନେଶ୍ୱର,୫।୧୨(ବ୍ୟୁରୋ):** ସଂସଦୀୟ ବ୍ୟାପାର ବିଭାଗରେ ୫-ଟି କାର୍ଯ୍ୟକାରୀ କରାଯିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି କ୍ରମରେ ୫-ଟି ଆଧାରରେ ବିଭାଗରେ କେତେକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରସ୍ତାବ ରହିଛି। ବିଧାନସଭାରେ ଏକକାଳୀନ ବ୍ୟାଖ୍ୟାକରଣ ଓ ସେବାପ୍ରଦାନ ବ୍ୟବସ୍ଥାକୁ ଇଂଲିଶରୁ ଓଡ଼ିଆ ଓ ଓଡ଼ିଆରୁ ଇଂଲିଶରେ ଆରମ୍ଭ କରାଯିବ। କାଗଜଶୂନ୍ୟ (ପେପରଲେସ୍) ଇ-କ୍ୟାବିନେଟ୍ ବୈଠକର ଅୟମାରମ୍ଭ କରାଯିବା ସହିତ ବିଧାନସଭା ସମ୍ବନ୍ଧୀୟ ବିଷୟକୁ ସ୍ୱୟଂକ୍ରିୟ, ନ୍ୟାଶନାଲ ଇ-ବିଧାନ ଆପ୍ଲିକେଶନ୍ (ଏନ୍‌ଇଭିଏ)ର କାର୍ଯ୍ୟାନ୍ୱୟନ ଏବଂ ଓସ୍ୱାସ୍ (ଓଏସ୍‌ଡବ୍ଲ୍ୟୁଏସ୍)ର ଏକୀକରଣ କରାଯିବାର ପ୍ରସ୍ତାବ ରହିଛି। ସେହିଭଳି ବାଚସ୍ପତିଙ୍କ ପରାମର୍ଶ କ୍ରମେ ଗଣମାଧ୍ୟମକୁ ସମ୍ବୋଧନ ନିମନ୍ତେ ଏକ ସ୍ୱତନ୍ତ୍ର ଗଣମାଧ୍ୟମ ସମ୍ବୋଧନ ପ୍ରକୋଷ୍ଠ ସୃଷ୍ଟି କରାଯିବ। ଏଥିରେ ମୁଖ୍ୟମନ୍ତ୍ରୀ, ଅନ୍ୟ ସରକାରୀ/ବିଧାନସଭା ପଦାଧିକାରୀମାନେ ଗଣମାଧ୍ୟମ ସମ୍ମୁଖରେ ବକ୍ତବ୍ୟ ରଖିବେ।

## In Loving Memory



**Smt. Nanda Das**
**(1952 – 2019)**

With profound grief and sadness, we inform that our beloved Nanda Das, Wife of Er. Banbir Das peacefully departed for her heavenly abode on 27th November 2019.

*A devoted wife, loving mother and caring friend, she touched everyone's heart with her exceptional love and affection.*

**In Grief**
**Banbir Das and Family**


www.cutm.ac.in

CONVOCATION CEREMONY OF THE NEXT SET OF CHANGEMAKERS

MADE IN CENTURION

The class of 2019



His Excellency, Governor of Odisha
**Prof. Ganeshi Lal**
Visitor, Centurion University, will preside.




Chief Guests

**Dr. K.P. Krishnan IAS**
Secretary, Ministry of Skill Development & Entrepreneurship, Government of India

**Shri. Pradeep Singh Kharola IAS**
Secretary, Ministry of Civil Aviation, Government of India

VENUE:
CENTURION UNIVERSITY CAMPUS, BHUBANESWAR, ODISHA

DATE & TIME:
FRIDAY, 6TH DECEMBER 2019 | 10:30 AM

Centurion UNIVERSITY

NAAC (A) & ICAR ACCREDITED



MARUTI SUZUKI NEXA

# CREATE NEW EXPERIENCES WITH THE BEST OFFERS OF THE YEAR.

Avail great year-end offers before the stock runs out.




LIMITED PERIOD OFFERS ONLY
VALID TILL 31st DECEMBER 2019

| BRAND | BALENO (P) | BALENO (D) | IGNIS | S-CROSS | CIAZ (P) | CIAZ (D) |
|---|---|---|---|---|---|---|
| CONSUMER OFFER* | ₹25,000 | ₹25,000+ 5 YEAR WARRANTY | ₹30,000 | ₹50,000+ 5 YEAR WARRANTY | ₹25,000 | ₹40,000+5 YEAR WARRANTY |
| EXCHANGE OFFER | ₹15,000 | ₹15,000 | ₹25,000 | ₹40,000 | ₹40,000 | ₹40,000 |
| CORPORATE OFFER | ₹5,000 | ₹10,000 | ₹10,000 | ₹10,000 | ₹10,000 | ₹10,000 |
| TOTAL SAVINGS# | ₹45,000 | ₹67,400 | ₹65,000 | ₹1,22,900 | ₹75,000 | ₹1,12,700 |

Contact us at 1800-200-[6392] 1800-102-[NEXA]
www.nexaexperience.com
NOW YOU CAN ALSO BOOK ONLINE

**SAMBALPUR: NEXA SAMBALPUR HIGHWAY** (ODYSSEY MOTORS PH: 8599039994).

SUZUKI connect ADVANCED TELEMATICS SOLUTION
A REVOLUTIONARY WAY TO CONNECT TO YOUR CAR
- Vehicle Tracking
- Emergency Alert
- Driving Behaviour Analysis
- Live Vehicle Status
- Vehicle Alerts

Offered separately as Genuine NEXA Accessory

*Offer may vary from variant to variant. #Total savings include Consumer Offer + Exchange Offer + Highest Corporate Offer and a 5-year warranty (2-year standard warranty + 3-year extended warranty) on all NEXA Diesel cars.

**ଆଜିର ମନ୍ତବ୍ୟ**

ମୋଦି, ଶାହା କାଳ୍ପନିକ ଦୁନିଆରେ ବଞ୍ଚୁଥିବାରୁ ଅସୁବିଧା ଭୋଗୁଛି ଦେଶ।
– ରାହୁଲ ଗାନ୍ଧୀ, ୱାୟନାଡ୍ ଏମ୍‌ପି

**କିଛି ତଥ୍ୟ**

୨୦୧୧-୧୨ ଆର୍ଥିକ ବର୍ଷ ପରଠାରୁ କେନ୍ଦ୍ର ସରକାର ଏୟାର ଇଣ୍ଡିଆକୁ ୩୦,୫୨୦.୨୧ କୋଟି ଟଙ୍କାର ପୁଞ୍ଜି ପ୍ରଦାନ କରିଛନ୍ତି।
– ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ବରୁଣ
ପରିବାରବର୍ଗ


ଏସ୍. ମଧୁମଙ୍ଗଳ
ପରିବାରବର୍ଗ


ସୁମନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ସଂକଳ୍ପ ପଣ୍ଡା


ସୁଶ୍ରୀ ସୋନାଲିକା

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

# ପୋଖରୀରେ ବୁଡି ବୃଦ୍ଧା ମୃତ

**କୁତ୍ରା, ୫।୧୨ (ଡି.ଏନ.ଏ.)**

ସୁନ୍ଦରଗଡ ଜିଲା କୁତ୍ରା ଥାନା ଅଧୀନ ବିରିଙ୍ଗାଟୋଲି ଗ୍ରାମର ଏକ ପୋଖରୀରେ ବୁଡି ଶକୁନ୍ତଳା ନାଏକ (୬୮) ନାମ୍ନୀ ଜଣେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ଗୁରୁବାର ସକାଳ ୯ଟାରେ ଗାଁର କିଛି ମହିଳା ଗାଧୋଇବା ପାଇଁ ଯାଇଥିବାବେଳେ ପୋଖରୀରେ ଜଣେ ମହିଳାଙ୍କ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଗ୍ରାମବାସୀ ଏ ନେଇ କୁତ୍ରା ଥାନାକୁ ଖବର ଦେଇଥିଲେ। ଥାନା କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ପାଣିରୁ କାଢ଼ିଲା ପରେ ତାହା ଶକୁନ୍ତଳାଙ୍କ ବୋଲି ଘର ଲୋକ ଚିହ୍ନଟ କରିଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ଘରଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି।

## ପ୍ରଥମ ପୃଷ୍ଠାରୁ...

### ବଳାତ୍କାର ପୀଡ଼ିତାଙ୍କୁ...

ମାଗିଛନ୍ତି। ଏହାସହ ପୀଡ଼ିତାଙ୍କୁ ଯଥାସମ୍ଭବ ଉନ୍ନତ ଚିକିତ୍ସା ଯୋଗାଇଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଅପରାଧୀମାନଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡବିଧାନ ସୁନିଶ୍ଚିତ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜାତୀୟ ମହିଳା କମିଶନ (ଏନ୍‌ସି) ଅଧକ୍ଷା ରେଖା ଶର୍ମା ଘଟଣାକୁ ଗମ୍ଭୀରତା ସହ ନେଇ ପୋଲିସ ଡିଜି ଓ.ପି. ସିଂଙ୍କୁ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ମାଗିଛନ୍ତି। ପାରିପାର୍ଶ୍ୱିକ ପ୍ରମାଣ ସଂଗ୍ରହ କରି ବୈଜ୍ଞାନିକ ଆଧାରରେ ତଦନ୍ତ ଚାଲିଛି ବୋଲି ଉତ୍ତରପ୍ରଦେଶ ପୋଲିସ ପକ୍ଷରୁ ଟୁଇଟ୍ କରାଯାଇଛି।

ପ୍ରକାଶ ଯେ, ୨୦୧୭ ଜାନୁୟାରୀରେ ଜଣେ ୧୭ ବର୍ଷୀୟା ବାଳିକାଙ୍କୁ ଗଣବଳାତ୍କାର କରାଯାଇଥିଲା। ମୁଖ୍ୟ ଅଭିଯୁକ୍ତ ଭାଜପାର ପୂର୍ବତନ ବିଧାୟକ କୁଲଦୀପ ସେନ୍‌ଗାର ଜେଲରେ ଥିବାବେଳେ କିଛିମାସ ତଳେ ପୀଡ଼ିତାଙ୍କୁ ଟ୍ରକ୍‌ରେ ଧକ୍କାଦେଇ ହତ୍ୟା କରିବାକୁ ଉଦ୍ୟମ ହୋଇଥିଲା। ଏହି ଘଟଣା ଜନମାନସରୁ ଲିଭି ନ ଥିବାବେଳେ ଜାତୀୟ ଗଣମାଧ୍ୟମରେ ଉନ୍ନାଓ ପୁଣିଥରେ ଚର୍ଚ୍ଚାକୁ ଆସିଛି ଆଉ ଏକ ଗଣବଳାତ୍କର ଓ ହତ୍ୟା ଉଦ୍ୟମ ଭଳି ବର୍ବରକାଣ୍ଡକୁ ନେଇ।

### ନିଶାସକ୍ତ ଶିକ୍ଷକଙ୍କ...

ମହାନ୍ତଙ୍କୁ ତୁରନ୍ତ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଯାଜପୁର ଜିଲାପାଳଙ୍କୁ ଏନେଇ ବିଇଓ ସାହୁ ୧୨୯୭/୫।୧୨।୨୦୧୯ ପତ୍ରାଙ୍କରେ ସୂଚିତ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଗଣଶିକ୍ଷକ ମହାନ୍ତ ପ୍ରାୟ ଶିକ୍ଷା ଦିବସରେ ନିଶାସକ୍ତ ହୋଇ ସ୍କୁଲକୁ ଯାଇଥାନ୍ତି। ଛାତ୍ରୀଛାତ୍ରଙ୍କୁ ମାଡ଼ ମାରିବା ସହିତ ବିଭିନ୍ନ ସମୟରେ ଅକଥନୀୟ ଅତ୍ୟାଚାର କରିଥାନ୍ତି। ଏନେଇ ଗ୍ରାମବାସୀ ପୂର୍ବରୁ ଅନେକ ଥର ତାଙ୍କୁ ତାଗିଦ କରିଥିଲେ ହେଁ କିଛି ସୁଫଳ ମିଳି ନ ଥିଲା। ବୁଧବାର ପୂର୍ବାହ୍ନରେ ଶିକ୍ଷକ ମହାନ୍ତ ନିଶାସକ୍ତ ଅବସ୍ଥାରେ ସ୍କୁଲକୁ ଯାଇ ଛାତ୍ରୀଛାତ୍ରଙ୍କୁ ଧମକଚମକ ଦେଇଥିଲେ। ଏପରିକି ତାଙ୍କ ବାଇକକୁ ରାସ୍ତାରେ ପକାଇ ଦେଇ ଛାତ୍ରୀଛାତ୍ରଙ୍କୁ ଡାକି ଆଣ୍ଠେଇବାକୁ କହିଥିଲେ। ଛାତ୍ରୀଛାତ୍ରମାନେ ରାସ୍ତା ମଝିରେ କାନ ଧରି ଆଣ୍ଠେଇଥିଲେ। ଏହାକୁ ଦେଖି ଆଖପାଖରେ ଥିବା ଲୋକେ ବାରଣ କରିଥିଲେ ବି ଶିକ୍ଷକ ଜଣକ କାହାରି କଥାକୁ ମାନି ନ ଥିଲେ। ଓଲଟା ଛାତ୍ରୀଛାତ୍ରଙ୍କ ଆଣ୍ଠେଇବାର ଦୃଶ୍ୟ ଦେଖି ମଜା ନେଉଥିଲେ। ବିଡ଼ମ୍ବନା ଯେ ଆଣ୍ଠେଇଥିବା ଛାତ୍ରୀଛାତ୍ରଙ୍କ ସହ ସେ ଝୁଲିଝୁଲି ଫଟୋ ନେବାକୁ କହିଥିଲେ। ଏହାର ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ପୂର୍ବରୁ ତାଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ତେବେ ଏହି ଘଟଣାକୁ ସାଧାରଣରେ ନିନ୍ଦା କରାଯିବା ସହିତ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରିବାକୁ ଦାବି ହୋଇଛି। ଏ ସଂକ୍ରାନ୍ତରେ ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ସମ୍ପୃକ୍ତ ଶିକ୍ଷକଙ୍କୁ ତୁରନ୍ତ ବହିଷ୍କାର କରିବାକୁ ବିଇଓଙ୍କୁ ନିର୍ଦ୍ଦେଶ ହୋଇଛି। ତେବେ ଆବଶ୍ୟକ ତଦନ୍ତ କରିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

### ରୋଗୀଙ୍କୁ ଇଞ୍ଜେକ୍ସନ...

ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଉକ୍ତ ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ବୁଧବାର ଦିନ ବେଳା ପୁରୁଷ ମେଡିସିନ ୱାର୍ଡରେ ଜଣେ ରୋଗୀଙ୍କୁ ଇଞ୍ଜେକ୍ସନ ଦେବା ପାଇଁ ରୋଗୀଙ୍କ ସମ୍ପର୍କୀୟ ଡିଉଟିରେ ଥିବା ନର୍ସଙ୍କୁ ଡାକିଥିଲେ। ତେବେ ନର୍ସ ନିଜେ ନ ଆସି ମେଡିକାଲ କଲେଜରେ ରୋଷେଇ ଦାୟିତ୍ୱରେ ଥିବା ଜଣେ କର୍ମଚାରୀ ଆସି ଇଞ୍ଜେକ୍ସନ ଦେଇଥିଲେ। ଏହି ଘଟଣାକୁ ଜଣେ ବ୍ୟକ୍ତି ନିଜ ମୋବାଇଲ ଫୋନରେ ରେକର୍ଡିଂ କରିଥିଲେ। ସେହି ଭିଡିଓ ଭାଇରାଲ ହେବା ପରେ ଲୋକେ ମେଡିକାଲ କର୍ତ୍ତୃପକ୍ଷଙ୍କ କାର୍ଯ୍ୟକଳାପକୁ ସମାଲୋଚନା କରୁଛନ୍ତି। ଏ ନେଇ ମେଡିକାଲ କଲେଜ ସୁପରିଟେଣ୍ଡେଣ୍ଟ ଡା.ବି.ଏନ. ମହାପାତ୍ରଙ୍କୁ ପଚାରିବାରୁ ଏ ସମ୍ପର୍କରେ ଶୁଣିଛି ଓ ଘଟଣା କ'ଣ ହୋଇଛି ତାହା ବୁଝିବି ବୋଲି କହିଛନ୍ତି।

### ୫ ଅଭିଯୁକ୍ତଙ୍କୁ...

୨ଜଣ ବୁଦ୍ଧଦେବ ନାୟକ ଭଞ୍ଜନଗର ଜେଲ୍ ଓ ସନାତନ ବଡ଼ମାଝି ଏମ୍. ରାମପୁର ଜେଲରୁ ମୁକୁଳିବେ। ଅଭିଯୁକ୍ତମାନେ ହତ୍ୟା ମାମଲାରେ ଆଜୀବନ ସଜା କାଟୁଥିବା ବେଳେ ରାଜ୍ୟ ମିଥ୍ୟା ମୋକଦ୍ଦମା ବିରୋଧୀ ଅଭିଯାନ ଓ ଖବରଦାତାଙ୍କ ପକ୍ଷରୁ ଉଭୟ ରାଜ୍ୟ ଓ ଜାତୀୟସ୍ତରରେ ଏମାନଙ୍କୁ ମୁକ୍ତି ଦେବାକୁ ପ୍ରୟାସ କରାଯାଇଥିଲା। ଗତ ୨୬ ତାରିଖ ସମ୍ବିଧାନ ଦିବସରେ ସୁପ୍ରିମକୋର୍ଟ ଏହି ୫ ଅଭିଯୁକ୍ତଙ୍କୁ ଜାମିନ ଦେଇଥିଲେ। ଗୁରୁବାର ବାଲିଗୁଡା ଉପଖଣ୍ଡ କାରାଗାରରେ ସଜା କାଟୁଥିବା ଦୁର୍ଯ୍ୟୋଧନ, ଭାସ୍କର ଓ ମୁଣ୍ଡା ମୁକୁଳିଛନ୍ତି। ଅନ୍ୟ ୨ଜଣ ବୁଦ୍ଧଦେବ ଓ ସନାତନ ମୁକୁଳିବେ ବୋଲି ଜଣାପଡିଛି। ଦୀର୍ଘ ୧୧ ବର୍ଷ ପରେ ଜାମିନ ପାଇଥିବାରୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ସ୍ୱାଗତ କରିବା ସହ ଆଗାମୀ ଦିନରେ ନିଜକୁ ନିର୍ଦ୍ଦୋଷ ପ୍ରମାଣ କରିବେ ବୋଲି ପ୍ରତିକ୍ରିୟାରେ ଦୁର୍ଯ୍ୟୋଧନ, ଭାସ୍କର ଓ ମୁଣ୍ଡା କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆଜିର ବ୍ୟୟଭାବସ୍ଥ ଚନ୍ଦ୍ର ବିଭିନ୍ନ ପ୍ରକାରର ସମସ୍ୟାକୁ ନେଇ ମନକୁ ବିଭ୍ରାନ୍ତ କରାଇପାରେ। ଅବଶ୍ୟ ନିଜର ଉଦାରତା ଗୁଣରୁ ଅନୁନୟ ବିନୟର ସହ ସାହାଯ୍ୟ ମାଗୁଥିବା ଲୋକଟିକୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ସାହିତ୍ୟ, ସଙ୍ଗଠନ ଓ ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ।

**ବୃଷ** – ଚନ୍ଦ୍ର ପ୍ରଭାବରେ ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ଲାଭକରି ଚେଷ୍ଟା କରୁଥିବା କାମଟିକୁ ପୂର୍ଣ୍ଣାଙ୍ଗ କରିପାରିବେ। କେତେକ ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ। ଅପରାହ୍ନେ ବନ୍ଧୁଙ୍କ ଆଗମନ ଯୋଗୁ ମଉଜ ମଜଲିସରେ ସମୟ ଅତିବାହିତ କରିବେ। ବାଣିଜ୍ୟରେ ଉନ୍ନତି କରିବେ କିନ୍ତୁ ପରିବହନ ସମସ୍ୟା ବହୁଳ ହୋଇପାରେ।

**ମିଥୁନ** – ରାଶିରେ ରାହୁ ପ୍ରଭାବରେ ନୂତନ ଭାବରେ ଆରମ୍ଭ କରିଥିବା କାର୍ଯ୍ୟ ହାସଲ ପାଇଁ ଚେଷ୍ଟିତ ହେବେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବାରୁ ଦୁଶ୍ଚିନ୍ତା ବୃଦ୍ଧି ପାଇପାରେ। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିପାରନ୍ତି, ଯାହାକି ପରିସ୍ଥିତିକୁ ସାବଲୀଳ କରିବାରେ ସହାୟକ ହେବ। କେତେକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ।

**କର୍କଟ** – ନିଜର ବ୍ୟବହାରରେ ପରିବର୍ତ୍ତନ ଆଣିବା ସହ ସତର୍କତା ଅବଲମ୍ବନ କରିବା ଭଲ ହେବ। ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଦୂରଯାତ୍ରାରେ କାର୍ଯ୍ୟସିଦ୍ଧି ଘଟିବ ମାତ୍ର ସୁଯୋଗ ପାଇବା ସହଜ ହୋଇ ନ ପାରେ। ନିଜକୁ ସଜାଇବାରେ ସମୟ ଅତିବାହିତ କରି ସମାଲୋଚିତ ହେବେ।

**ସିଂହ** – ଭୁଲ୍ ବୁଝାମଣାରୁ ଘରେ ଅଶାନ୍ତିକର ପରିବେଶ ସୃଷ୍ଟି ହୋଇପାରେ। ଦେହ ଭଲ ରହିବ ମାତ୍ର ଶ୍ରମଜନିତ କ୍ଲାନ୍ତି ବୋଧ କରିବେ। ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଆଜିର ଯାତ୍ରାର ଲକ୍ଷ୍ୟ ପୂରଣ ହେବ। ଯେଉଁ ଜିନିଷଟିକୁ ପାଇବାକୁ ଆଶା କରିଛନ୍ତି ତାହା ସାମାନ୍ୟ ବିଳମ୍ବରେ ପାଇବେ।

**କନ୍ୟା** – କର୍ମକ୍ଷେତ୍ରର ବିଷମତା ଜନିତ କ'ଣ କରିବେ ଠିକ୍ କରି ନ ପାରି ଦ୍ୱନ୍ଦ୍ୱରେ ପଡିବେ। ବନ୍ଧୁଙ୍କ ଛଳନାତ୍ମକ କଥାକୁ ଠିକ୍ ଭାବେ ବୁଝି ପାରିବେନି, କିନ୍ତୁ ପଚାରି ମଧ୍ୟ ବୁଝିପାରିବେନାହିଁ। ସାହିତ୍ୟ, ଚିତ୍ରକଳା, ଲେଖାପଢ଼ା ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ପରିବାରରେ ଝଗଡା ଲାଗିପାରେ।

**ତୁଳା** – ଆକସ୍ମିକ ବିଭ୍ରାନ୍ତିକର ଖବର ପାଇ ସାମୟିକ ବିବ୍ରତ ହୋଇପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ସାନ୍ତ୍ୱନା ମିଳିବ ବିଶେଷ କିଛି ଅସୁବିଧା ରହିବ ନାହିଁ। ମନକୁ ନ ପାଇବା ହେତୁ କିଣି ଆଣିଥିବା ଜିନିଷ ବଦଳାଇବା ପାଇଁ କଷ୍ଟକର ହେବାର ସୂଚନା ରହିଛି। ଯେତେ ଭଲ କାମ କଲେ କ'ଣ ହେବ, ଟିକିଏ ଟିକିଏ କଥାରେ ସମାଲୋଚିତ ହୋଇପାରନ୍ତି।

**ବିଛା** – ଯୋଜନାଗୁଡିକ ମଧ୍ୟ ଠିକ୍ ଭାବେ କାର୍ଯ୍ୟକାରୀ ହୋଇ ନ ପାରେ। ହାତେ ମାପି ଚାଖଣ୍ଡେ ଚାଲିଲେ ଚେଷ୍ଟା ସଫଳ ହେବାର ସମ୍ଭାବନା ମିଳିପାରେ। ଅର୍ଥ ସମ୍ପର୍କିତ କାମରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିବେ। କର୍ମକ୍ଷେତ୍ରରେ ନିଜ ଜିଦ୍‌ରେ ଅଟଳ ରହି ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି।

**ଧନୁ** – ଆଶାନୁରୂପକ ସଫଳତା ହାସଲ କରିବାରେ ଜଣେ ବିଜାତୀୟ ବନ୍ଧୁ ସାହାଯ୍ୟ କରିବେ। କେତେକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ। ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରନ୍ତୁ ଅନ୍ୟଥା ପଶ୍ଚାତେ ଅନୁତାପ କରିବାକୁ ପଡିପାରେ। ବିବାଦୀୟ ଘଟଣାରେ ନୀରବତା ଶ୍ରେୟ ଅଟେ।

**ମକର** – କର୍ମକ୍ଷେତ୍ରରେ ଫାଇଲ୍ କାମ ଅଟକି ରହିଥିବା ସକାଶେ ଅନୁତାପ କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଲେ ପ୍ରଶଂସିତ ହେବେ। ଆଜିର ଯାତ୍ରାର ଲକ୍ଷ୍ୟ ପୂରଣ ହେବ। ଈର୍ଷା ଓ ଅସୂୟା ମନୋଭାବ ପୋଷଣ କରି ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି। ଶ୍ରବଣ ପାଇଁ ବିବାଦର ଆଶଙ୍କା କରୁଥିବା ଘଟଣାରେ ସେମିତି କିଛି ହେବ ନାହିଁ।

**କୁମ୍ଭ** – ଗତକାଲିର ଘଟଣା ମନକୁ ବିବ୍ରତ କରିପାରେ, ଅବଶ୍ୟ ମଧ୍ୟାହ୍ନ ପରେ ମନ ଶାନ୍ତ ରହିବ। କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ମନୋବୃତ୍ତି ପୋଷଣ କଲେ ଅସୁବିଧାରେ ପଡିବେ। ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ଏଣୁ ସାବଧାନତା ନିତାନ୍ତ ଦରକାର। ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ମୀନ** – ଆଶା କରୁଥିବା ବନ୍ଧୁଙ୍କ ଠାରୁ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଆଜିର ଯାତ୍ରା ସମୟରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଘରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ଆର୍ଥିକ ଅଭାବ ଓ ଅନଟନ କେତେକ କାମକୁ ସ୍ଥଗିତ ରଖିଦେଇପାରେ।

ଆଜି ମାର୍ଗଶିର ଶୁକ୍ଳ ଦଶମୀ ଶୁକ୍ରବାର, ଡିସେମ୍ବର ୬ ତାରିଖ, ସମ୍ବିଧାନ ପ୍ରଣେତା ଡକ୍ଟର ଆମ୍ବେଦକରଙ୍କ ତିରୋଧାନ ଦିବସ, ପଦ୍ମଭୂଷଣ ଡକ୍ଟର ରାଧାନାଥ ରଥଙ୍କ ଜୟନ୍ତୀ, ଜୟୀ ରାଜଗୁରୁଙ୍କ ଶହୀଦ ଦିବସ, ଦିବା ରାଶି-ନକ୍ଷତ୍ର, ଉତ୍ତରଭାଦ୍ରପଦ/ମୀନ, ଧନୁ ରାଶିର ଘାତଚନ୍ଦ୍ର, ଅଦ୍ୟ ନୂତନ ଗୃହପ୍ରବେଶ ପାଇଁ ଶୁଭ। ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୭।୩୮ମି ଗତେ ଘ.୯।୪୮ମି. ମଧ୍ୟେ ଅମୃତ ବେଳା। ଦିବା ଘ.୭।୩୭ମି. ଗତେ ଘ.୮/୫୮ ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦/୧୬ ଗତେ, ଘ.୧୧/୩୭ ମଧ୍ୟେ ରାହୁକାଳ।


## classifieds Everyday
0674-2580101, 2549302

**automobile**

**SALE**

2018 Swift DZire, 5,50,000/- for sale, refinance available. Contact: 8249627855. D-15535

4.11 years ATUL GEM PASS & 7.8 years Mahindra Alfa passenger auto for sale. Contact Satya- 8327786035, 9861460111. D-68909

**HIRE**

JCB Machine Excavators 38T, 21T, 10T, 8T, Excavator & Loader- 2DX, 3DX, JCB Compactor, JCB Load all available for hire/sale. Contact immediately: 9556240228, 9937292015. Email- enquiry@kttorissa.com D-15185

**real estate**

**SALE**

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-15126

**Bhubaneswar Pitapalli NH ପାଖରେ BDA plot 30' ରାସ୍ତାଥାଇ ମିଳୁଅଛି। 8338065148.** D-68420

ଭୁବନେଶ୍ୱର ପିତାପଲ୍ଲୀଛକ ନିକଟରେ NH-16କୁ ଲାଗିକି ପ୍ଲଟ୍ ବିକ୍ରିହେଉଛି। ପ୍ରଥମେ Possession ଦିଆଯାଉଛି, ତା'ପରେ ରେଜିଷ୍ଟ୍ରିହେଉଛି। Project ଭିତରେ 30ft road ଦିଆଯାଇଛି। 8018474890. D-68431

4300sqft. converted land at Kalinga Nagar near BDA Housing, 10500sqft. near Mancheswar, 6 acres N.H facing land at Bhandari Pokhari, Bhadrak for sale. Contact details: 9337413323, 7008388915. D-67727

**Bhubaneswar Uttarachhakaରୁ 5K.M sqft.-550/-, କଟକ ତ୍ରିଶୂଳିଆରୁ 4K.M-280/-, କଟଣୀଗେଟ୍‌ଠାରେ 200/, ନଖରା DPS ପାଖରେ 700/-ର ଘରବାରି ପ୍ଲଟ୍ ମିଳୁଅଛି। 9348020724, 7978939440.** D-68433

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-68911

**New Bhubaneswar Railway station ପାଖରେ 30ft ରାସ୍ତାଥାଇ immediate ଘରକଲାଭଳି yellowzone plot sqft.1400/-ରେ ମିଳୁଅଛି। 9337505891, 8328855822.** D-68438

**2020sqft. developed gharabari boundary plot near Rangabazar 13,13,000/- 7991052183.** D-68437

ଭୁବନେଶ୍ୱର Tamandoରେ yellowzone plot 30' ରାସ୍ତାଥାଇ କିଣନ୍ତୁ, ବାଲିଅନ୍ତାରେ ready to move Duplex- 9583160668. D-68442

**Fully developed 30'road, electricity, Gharabari residential corner plot at canalroad, Hanspal@7,80,000/- 9437033320.** D-68444

Bhubaneswarରେ ନଖରା= 750/-, କେସୁରା= 1450/-, ଖଣ୍ଡଗିରି= 2200/- ଗୀତାଗାନ୍ଧୀ ପାଖରେ= 1150/- ଗୁଡିଆ ପୋଖରି= 750/-, ସୁନ୍ଦରପଦା= 850/-, ଆଗ possession ସହ ଜାଗା କିଣନ୍ତୁ 7978641199. D-68717

**BDA Residential plots at Patia railwaystation just 3.5K.M from Big Bazar, 7008613186.** D-68522

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରୀମ Boundarywall, 30ft road ଏବଂ ବାସୋପଯୋଗୀ plot ଦିଆଯାଉଅଛି sqft.650/- 7008045582, 9692003948. D-15588

**Flat for sale of 2/3BHK at Patrapada (walkable distance from N.H.) Bhubaneswar. Contact: 7008420151, 9337834312.** D-68623

**Bhubaneswar Kesura SBI କଲୋନୀକୁ ଲାଗି ଘରବାଡି ପାଚେରି ସହ ଏବଂ Airportରୁ 5k.m ସୁନ୍ଦରପଦାରେ plot ମିଳୁଅଛି- 9078736851.** D-68445

3BHK fully furnished flat with modular kitchen & car parking sale at prime location of Puri. Please call for details: 9438109040, 8144658008. D-15581

କଟକ ସିଡ଼ିଏ ୨୦୦୦ବର୍ଗଫୁଟ, ଭୁବନେଶ୍ୱର ଆଇଗିଣିଆ ୭୦୦୦ବର୍ଗଫୁଟ ଘର ବିକ୍ରିହେବ। ବ୍ରୋକର ମନା- ୭୬୦୫୦୦୯୦୨୬ ଧ-୬୮୯୬୬

**to-let**

160000sqft. vacant land with boundary wall and outhouse to-let or lease for commercial purpose at Totapada adjacent to NH-16 near Khorda. Contact: 7854918287. D-60955

**6500 Square feet hall type 3 storied building on 100 feet Bhimtangi Main Road for office and commercial. Contact: 9958003695.** D-15405

**packers & movers**

Shivam logistic packers movers. Household/ car relocation countrywide. 9777044177, 9338461133. D-15348

India's No.1 Packers, Leo Packers & Movers Car, Household & Office movement countrywide, 9438133699. D-15579

**healthcare**

Rejuvenate and ayurvedic full body massage by smart therapist. 9114402304. D-68904

Sai herbal spa refresh your body with smart, expert therapist. 7608062524. D-68905

Full body herbal massage with refreshment expert therapist. 7381239385, 06742540855. D-68200

Summer special mesmerizing offer expert therapeutic refreshing massage appointment. 9668374480. D-68903

Experience full body massage with us (expert). Call: 7377048581, 06742597822. D-68901

Herbal full body massage by smart / expert therapist. Contact: 8338067247. D-68902

Newly open full body massage by ladies, gents therapist. 8018656899 D-60855

Ayurvedic full body massage by ladies, gents therapist. 7008773793 D-60856

Refresh your mind and soul with best therapy at Orchid Salon/Spa. 9937287222. D-68716

Ayurvedic full body massage ladies and gents. Contact: 9861064981. D-68715

Ayurvedic full body massage ladies & gents smart therapist, 9668814589. D-68719

**education**

Medical courses ପାଇଁ Registration କରନ୍ତୁ। BDS, BAMS, BHMS, BUMS, D.Pharma, ANM, GNM (Only for practioners) Whatsapp/ Call- 9893869473 (Agent excuse). D-68912

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ଯୁବକଙ୍କୁ ଟାଙ୍ଗିଆମାଡ଼

ଗୋଷ୍ଠୀ ବିବାଦକୁ କେନ୍ଦ୍ର କରି ଢେଙ୍କାନାଳ ଜିଲା ତୁମୁସିଂଗା ଥାନା ଆମ୍ବଖୋଲକାଟେଣୀ ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ଟାଙ୍ଗିଆମାଡ଼ ହୋଇଛି। ଏଥିରେ ବିମଳ ଦେହୁରୀ (୩୦) ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଟାଙ୍ଗିଆ ତାଙ୍କ ବାମ ଜଙ୍ଘରେ ପଶିଯାଇ ପ୍ରବଳ ରକ୍ତସ୍ରାବ ହେଉଥିଲା। ଆଉଟଡୋର ଦାୟିତ୍ୱରେ ଥିବା ଡାକ୍ତର ତାଙ୍କୁ କଟକ ପଠାଇବା ପାଇଁ ପରାମର୍ଶ ଦେଇଥିଲେ। ସେହି ସମୟରେ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଆସିଥିବା ସର୍ଜରୀ ସ୍ପେଶାଲିଷ୍ଟ ତଥା ସିଡିଏମ୍ଓ ଡା. ନିରଞ୍ଜନ ମିଶ୍ର ଯୁବକଙ୍କ ଜଙ୍ଘରୁ ଟାଙ୍ଗିଆକୁ ବାହାର କରିଥିଲେ। ଏ ନେଇ ସିଡିଏମ୍ଓ କୁହନ୍ତି, ଟାଙ୍ଗିଆ ଜଙ୍ଘରେ ରହିଥିଲେ ସମସ୍ୟା ଉପୁଜିଥାନ୍ତା। ଯୁବକ ଜଣକ ଏବେ ବିପଦମୁକ୍ତ ଅଛନ୍ତି।



## ଜିଲା ଚିଠି
### ନବରଙ୍ଗପୁର

## ବାଟ ମିଳୁନି

ସରକାରୀ ଯୋଜନା ଓ ବ୍ୟବସ୍ଥାରେ ଚାଷୀ ଧାନ ବିକିବାକୁ ବାଟ ପାଉନି। ଚାଷୀଙ୍କଠାରୁ ଧାନ କିଣାରେ ମଣ୍ଡି ବ୍ୟବସ୍ଥା ଏକ ମାଧ୍ୟମ ମାତ୍ର ବୋଲି ଅଭିଯୋଗ ହୋଇଛି। ଆଜି ପର୍ଯ୍ୟନ୍ତ ରାଜ୍ୟ ସରକାର କେବଳ ପରିଚାଳନାଗତ ମାଧ୍ୟମ ହୋଇଥିବା ବେଳେ କେନ୍ଦ୍ର ସରକାର ଧାନ ଦର ନିର୍ଦ୍ଧାରଣ କରିଥାନ୍ତି। ସରକାରଙ୍କୁ କେତେ ଚାଉଳ ଆବଶ୍ୟକ ରହିଛି ସେଥିପାଇଁ ଟାର୍ଗେଟ ଅନୁଯାୟୀ ମଣ୍ଡି ମାଧ୍ୟମରେ ଧାନ କିଣାଯାଉଛି। ତେବେ ଚାଷୀ ପାରମ୍ପରିକ ଭାବେ ଜିଲାରେ ଧାନଚାଷ କରି ଆସୁଛି। କୃଷି କାର୍ଯ୍ୟରେ ଅଧିକ ଅମଳ କିଭଳି ହେବ କେନ୍ଦ୍ର ଓ ରାଜ୍ୟ ସରକାର ଯୋଜନା କରୁଛନ୍ତି। କୃଷି ବୈଜ୍ଞାନିକମାନେ ମଧ୍ୟ ଚାଷୀଙ୍କୁ ଏ ନେଇ ପରାମର୍ଶ ଦେଉଛନ୍ତି। କମ୍ ଖର୍ଚ୍ଚରେ ଅଧିକ ଅମଳ ବ୍ୟବସ୍ଥା ଉପରେ ଅତ୍ୟାଧୁନିକ କୃଷି କାର୍ଯ୍ୟ ନବରଙ୍ଗପୁର ଜିଲାରେ ଆରମ୍ଭ ହୋଇଛି। ପାଣିପାଗ ଅନୁଯାୟୀ ନବରଙ୍ଗପୁର ଜିଲାରେ ଚଳିତ ବର୍ଷ ଭଲ ଧାନ ଅମଳ ହୋଇଛି। ଅଣ ଜଳସେଚିତ ଜମି ହୋଇଥିଲେ ଏକର ପିଛା ୧୩ କୁଇଣ୍ଟାଲ ଓ ଜଳସେଚିତ ଜମି ଏକର ପିଛା ୧୯ କୁଇଣ୍ଟାଲ ଧାନ ଚାଷୀ ବିକ୍ରି କରିପାରିବ ବୋଲି ଚଳିତ ବର୍ଷ ସରକାର ନିୟମ କରିଛନ୍ତି। ତେବେ ଏକର ପିଛା ୪୫ କୁଇଣ୍ଟାଲ ଧାନ ଉତ୍ପାଦନ କରିଥିବା ଚାଷୀ ବଳକା ଧାନ କେଉଁଠି ବିକ୍ରି କରିବ ତାହାକୁ ଗୁରୁତ୍ୱ ଦିଆଯାଉନାହିଁ। ଯଦି ଚାଷୀ ବାହାର ବଜାରରେ ଧାନ ବିକ୍ରି କରିବ ତେବେ ସରକାରୀ ଦରଠାରୁ ୨ରୁ ୩ଶହ ଟଙ୍କା ପର୍ଯ୍ୟନ୍ତ କ୍ଷତି ସହୁଛି। ଅନ୍ୟ ରାଜ୍ୟ ଓ ଜିଲାରେ ଧାନ ବିକ୍ରି ଉପରେ ଯୋଗାଣ ବିଭାଗର ଅଙ୍କୁଶ ଲାଗିଛି। ଧାନ ବୋଝେଇ ଗାଡ଼ିଗୁଡ଼ିକ ଧରି ମାମଲା ରୁଜୁ କରାଯାଉଛି। ଚାଷୀ ଉତ୍ପାଦନ କରିଥିବା ବଳକା ଧାନ କିଭଳି ସରକାରୀ ଦରରେ ବିକ୍ରି ହୋଇପାରିବ ସେଥିପ୍ରତି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆନ୍ତରିକତା ରହୁନି। ଚାଷୀ କେବଳ ଧାନ ଉତ୍ପାଦନ କରି କଲବଲ ହେଉଛି। ଚାଷୀ ଏକର ପିଛା ଯାହା ଖର୍ଚ୍ଚ କରିଛି ତା'ର ଉଚିତ ମୂଲ୍ୟ ମିଳୁନି। ଚାଷୀଙ୍କୁ ବଜାର ବ୍ୟବସ୍ଥା ନାଁରେ ଧାନମଣ୍ଡିକୁ ଏକ ମାଧ୍ୟମ କରାଯାଇଛି। ମଣ୍ଡିକୁ ଛାଡ଼ିଦେଲେ ଧାନ ବିକ୍ରି କରିବାକୁ ଚାଷୀମାନେ ଅନ୍ୟବାଟ ପାଉ ନାହାନ୍ତି ବୋଲି ଅଭିଯୋଗ ହୋଇଛି। ଚାଷୀମାନଙ୍କ ପାଇଁ ଏହା ଏକ ବଡ଼ ସମସ୍ୟା ହୋଇଥିବାରୁ ସରକାର ଏ ସଂକ୍ରାନ୍ତରେ ଦୃଢ଼ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ କଥା ଉଠିଛି।

– ସଦାଶିବ ପ୍ରହରାଜ

# ଇ-କିଓସ୍କୋ ମେଶିନରେ ଆର୍‌ଟିଓ ଅଫିସ ଏଜେଣ୍ଟ ନିଯୁକ୍ତ ହେବେ

## ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ ଅଫିସ, ୫।୧୨

ସଂଶୋଧିତ ମୋଟର ଯାନ ଆଇନ ଲାଗୁ ହେବା ପରେ ଆର୍‌ଟିଓ ଅଫିସରେ କାର୍ଯ୍ୟ କରୁଥିବା ଏଜେଣ୍ଟମାନଙ୍କ ଉପରେ ରାଜ୍ୟ ପରିବହନ ଆୟୁକ୍ତଙ୍କ ପକ୍ଷରୁ କଟକଣା ଲାଗୁ କରାଯାଇଥିଲା। ଗତ ସେପ୍ଟେମ୍ବର ୨୭ରେ ଆର୍‌ଟିଓ ଅଫିସକୁ ଏଜେଣ୍ଟଙ୍କ ପ୍ରବେଶ ଉପରେ ପରିବହନ ଆୟୁକ୍ତ ବିଜ୍ଞପ୍ତି ପ୍ରକାଶ କରି କଟକଣା ଜାରି କରିଥିଲେ। ମାତ୍ର ଆୟୁକ୍ତଙ୍କ ବିଜ୍ଞପ୍ତିକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ଶୁଣାଣି କରି ହାଇକୋର୍ଟ ଏଜେଣ୍ଟଙ୍କ ଥଇଥାନ ଉପରେ ନିର୍ଦ୍ଦେଶ ଦେଇଛନ୍ତି। ଏଜେଣ୍ଟମାନଙ୍କ ଉପରେ କଟକଣା ଲାଗୁ କରିବା ପରେ ସେମାନଙ୍କ ଜୀବନ ଜୀବିକାକୁ ନେଇ ପ୍ରଶ୍ନ ଉଠିଛି। ତେଣୁ ସେମାନଙ୍କ ଥଇଥାନ ପାଇଁ ରାଜ୍ୟର ପ୍ରତ୍ୟେକ ଆରଟିଓ କାର୍ଯ୍ୟାଳୟରେ ଇ-କିଓସ୍କୋ ମେଶିନ ବସାଯିବ। ଏହି ମେଶିନରେ ଆରଟିଓ କାର୍ଯ୍ୟାଳୟ ପକ୍ଷରୁ ଚିହ୍ନଟ କରାଯାଇଥିବା ଏଜେଣ୍ଟମାନଙ୍କୁ ନିଯୁକ୍ତି ଦିଆଯିବ। ବିଚାରପତି ଜଷ୍ଟିସ ବିଶ୍ୱନାଥ ରଥ ଏ ସମ୍ପର୍କିତ ଆଗତ ମାମଲାର ଶୁଣାଣି କରି ଏଭଳି ଆଦେଶ ଦେଇଛନ୍ତି। ଆସନ୍ତା ୬ ସପ୍ତାହ ମଧ୍ୟରେ ଏହି କାର୍ଯ୍ୟ ଶେଷ କରିବାକୁ ଆଦେଶରେ କୁହାଯାଇଛି। ସୂଚନାଥାଉ କି, ସଂଶୋଧିତ ମୋଟରଯାନ ଆଇନ କାର୍ଯ୍ୟ କରିବା ପରେ ଆରଟିଓ ଅଫିସରେ କାର୍ଯ୍ୟ କରୁଥିବା ଏଜେଣ୍ଟମାନଙ୍କୁ ନେଇ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ଏପରି କି ପୋଲିସ ପକ୍ଷରୁ ଆରଟିଓ ଅଫିସଗୁଡ଼ିକ ଆଗରେ ପହରା ଦିଆଯାଇଥିଲା। ବିଭିନ୍ନ ସମୟରେ ଏଜେଣ୍ଟମାନଙ୍କୁ ପୋଲିସ ଗିରଫ ମଧ୍ୟ କରିଥିଲା। ଏହାପରେ ପରିବହନ ଆୟୁକ୍ତ ବିଜ୍ଞପ୍ତି ପ୍ରକାଶ କରି ଏଜେଣ୍ଟମାନଙ୍କ ପ୍ରବେଶ ଉପରେ କଟକଣା ଜାରି କରିଥିଲେ। ମାତ୍ର ପରିବହନ ଆୟୁକ୍ତଙ୍କ ବିଜ୍ଞପ୍ତିକୁ ପାରଳାଖେମୁଣ୍ଡି ଆରଟିଓ ଅଫିସରେ କାର୍ଯ୍ୟ କରୁଥିବା ଜଣେ ଏଜେଣ୍ଟ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ପିଟିଶନରେ ସେ ଉଲ୍ଲେଖ କରିଥିଲେ, ତତ୍କାଳୀନ ପରିବହନ କମିଶନର ୧୯୯୪ରେ ଏଜେଣ୍ଟମାନଙ୍କ ନିମନ୍ତେ ଏକ ସର୍କୁଲାର ଜାରି କରିଥିଲେ। ଏହି ସର୍କୁଲାରରେ କୁହାଯାଇଥିଲା, ଆରଟିଓ ଅଫିସକୁ ବିଭିନ୍ନ କାର୍ଯ୍ୟ ନେଇ ଆସୁଥିବା ସାଧାରଣ ଲୋକଙ୍କ ଯେ କୌଣସି କାମ ଏଜେଣ୍ଟମାନେ କରିପାରିବେ। ମାତ୍ର ଏହାପରେ ସୁନ୍ଦରଗଡ଼ ଆରଟିଓ ଅଫିସରେ ପୋଲିସ ଚଢ଼ାଉ କରି କେତେଜଣ ଏଜେଣ୍ଟଙ୍କୁ ୧୯୯୮ରେ ଗିରଫ କରିଥିଲା। ପୋଲିସର ଏହି ଗିରଫଦାରିକୁ ବିରୋଧ କରି ସେ ସମୟରେ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ଉକ୍ତ ମାମଲାର ଶୁଣାଣି କରି ଏଜେଣ୍ଟମାନଙ୍କ ସପକ୍ଷରେ ରାୟ ଦେଇଥିଲେ। ହେଲେ ସେପ୍ଟେମ୍ବରରେ ପରିବହନ ଆୟୁକ୍ତ ପୁଣି ଏଜେଣ୍ଟମାନଙ୍କ ପ୍ରବେଶ ଉପରେ କଟକଣା ଜାରି କରିଥିଲେ। ତେଣୁ ପରିବହନ ଆୟୁକ୍ତଙ୍କ କଟକଣା ସମ୍ପର୍କିତ ବିଜ୍ଞପ୍ତି ଅବୈଧ ବୋଲି ଆବେଦନକାରୀ ପିଟିଶନରେ ଉଲ୍ଲେଖ କରି ଏହାକୁ ଖାରଜ କରିବା ପାଇଁ ନିବେଦନ କରିଥିଲେ।

## ରାଜଧାନୀ ମଡେଲ ସ୍କୁଲ ଲାଗି ଖଣ୍ଡଗିରି ନିକଟରେ ଜାଗା ଚିହ୍ନଟ

ଭୁବନେଶ୍ୱର,୫।୧୨(ବ୍ୟୁରୋ)

ରାଜ୍ୟର ବର୍ତ୍ତମାନ ୨୧୪ଟି ବ୍ଲକରେ ମଡେଲ ସ୍କୁଲ ରହିଛି। ଏହିସବୁ ମଡେଲ ସ୍କୁଲରେ ଛାତ୍ରୀନିବାସ ରହିଥିବାବେଳେ ଛାତ୍ର ନିବାସ ଏବଂ ଖେଳପଡ଼ିଆ ବ୍ୟବସ୍ଥା ରହିନାହିଁ। ତେଣୁ ଆଗକୁ ରାଜଧାନୀ ଭୁବନେଶ୍ୱରରେ ଏକ ଇଣ୍ଟିଗ୍ରେଟେଡ ମଡେଲ ସ୍କୁଲ ଖୋଲିବା ଲାଗି ରାଜ୍ୟ ସରକାର ନିକଟରେ ନିଷ୍ପତ୍ତି ନେଇଥିଲେ। ଏହି ମଡେଲ ସ୍କୁଲରେ ଛାତ୍ରୀ ନିବାସ, ଛାତ୍ରନିବାସ ଏବଂ ଖେଳପଡ଼ିଆ ସୁବିଧା ରହିବ ବୋଲି ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଭୁବନେଶ୍ୱରଠାରେ ହେବାକୁ ଥିବା ମଡେଲ ସ୍କୁଲ୍‌ଟିର ଶ୍ରେଣୀ ଗୃହ ସିବିଏସ୍‌ଇ ସ୍କୁଲ ଢାଞ୍ଚାରେ କରାଯିବ। ଯଦି ଏହା ସଫଳ ହୁଏ ତେବେ ପରେ ସେହି ଢାଞ୍ଚାରେ ଅନ୍ୟ ଜିଲାରେ ମଧ୍ୟ କରାଯିବ ବୋଲି ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଥିଲେ। ରାଜଧାନୀରେ ପରୀକ୍ଷାମୂଳକ ଭାବେ ଆରମ୍ଭ ହେବାକୁ ଥିବା ଏହି ମଡେଲ ସ୍କୁଲ ଲାଗି ଜାଗା ଚିହ୍ନଟ କରିବା ପାଇଁ ଖୋର୍ଦ୍ଧା ଜିଲାପାଳଙ୍କୁ ଦାୟିତ୍ୱ ଦିଆଯାଇଥିଲା। ପ୍ରାଥମିକ ଭାବେ ଖଣ୍ଡଗିରି ନିକଟସ୍ଥ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାଥ୍‌ମେଟିକ୍ସ ପାଖରେ ମଡେଲ ସ୍କୁଲ ଲାଗି ଜାଗା ଚିହ୍ନଟ ହୋଇଥିବା ଜଣାପଡ଼ିଛି। ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ, ଚିହ୍ନଟ ହୋଇଥିବା ସରକାରୀ ସ୍ଥାନରେ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ। ଏଥିଲାଗି ନିକଟରେ ଆଉଥରେ ଏକ ବୈଠକ ବସିବା ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ।



ସପ୍ତମ ଜନ୍ମଦିନ ଶୁଭେଚ୍ଛା
ଅଲ୍‌କା ବିଶ୍ୱାଳ (ସୁମନ୍)
ଅମିୟଝରୀ, ଜିଲ୍ଲା– ଯାଜପୁର
ଆଜି ତୁମର ସପ୍ତମ ଜନ୍ମତିଥି। ଏହି ଶୁଭ ଅବସରରେ ତୁମକୁ ଅନେକ ଅନେକ ଶୁଭେଚ୍ଛା ଓ ଆଶୀର୍ବାଦ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପା ଓ କରୁଣାରୁ ତୁମର ସଦୀର୍ଘ ଭବିଷ୍ୟତ ପୁଷ୍ପିତ ଏବଂ ଉଜ୍ଜ୍ୱଳମୟ ହେଉ। ଏତିକି ହିଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।
ଶୁଭେଚ୍ଛା ସହ:
ବାବା, ମାମା, ଅଜା, ଆଇ, ବଡବାବା, ବଡମାମା, ଦାଦା, ଖୁଡୀ, ଅପା, ପିଉସା ଏବଂ ବନ୍ଧୁ ଓ ସମ୍ପର୍କୀୟ ।
ଧ-୧୫୫୮୯


ପଞ୍ଚମ ଜନ୍ମଦିନ ଶୁଭେଚ୍ଛା
ବେଦପ୍ରକାଶ ସାହୁ (ବରୁଣ)
ନାହାଳପୁର, ମହାଜନ ସାହି, କଟକ
ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମର ଭବିଷ୍ୟତ ଉଜ୍ଜ୍ୱଳମୟ କରିବା ସହ ତୁମକୁ ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ:
ବାବା–ଜଗବନ୍ଧୁ ସାହୁ, ମା'– ଶକ୍ତିମୟୀ ସାହୁ
ବଡବାବା, ବଡମାମା, ବଡମାମା ଅଜା, ଆଇ, ଆଣ୍ଟି, ଅଙ୍କଲ୍, ଭାଇ ଓ ଦିଦି ।
ଧ-୧୪୫୭୨

ଧ୍ୟାନ ଦିଅନ୍ତୁ !!
ଏଲ୍‌ଆଇସି ପଲିସିଧାରୀମାନେ
କ୍ଲେମ୍, ଋଣ ଇତ୍ୟାଦି ଭଳି ପଲିସି ପେମେଣ୍ଟଗୁଡ଼ିକର ମୀମାଂସା ଠିକ୍ ସମୟରେ କରିବାରେ ଆମକୁ ସାହାଯ୍ୟ କରନ୍ତୁ।
ଏନ୍‌ଇଏଫ୍‌ଟି ମାଣ୍ଡେଟ୍ ଫର୍ମରେ ନିଜର ବ୍ୟାଙ୍କ ଖାତାର ବିବରଣୀ ସମେତ ରଦ୍ଦ ଚେକ୍ ଯେକୌଣସି ଏଲ୍‌ଆଇସି ଶାଖାରେ ଜମା କରନ୍ତୁ।
ଏନ୍‌ଇଏଫ୍‌ଟି ମାଣ୍ଡେଟ୍ ଫର୍ମ ସମସ୍ତ କାର୍ଯ୍ୟାଳୟରେ ଉପଲବ୍ଧ ଏବଂ ଏହାକୁ ଏଲ୍‌ଆଇସି ୱେବ୍‌ସାଇଟ୍ www.licindia.inରୁ "ଫର୍ମ ଡାଉନ୍‌ଲୋଡ୍" ଲିଙ୍କରୁ ଡାଉନ୍‌ଲୋଡ୍ କରାଯାଇପାରିବ।
କୌଣସି ଅତିରିକ୍ତ ଖର୍ଚ୍ଚ ବିନା ଯେକୌଣସି ସ୍ଥାନରୁ ନିର୍ଭୁଲ୍ ଓ ସୁରକ୍ଷିତ ଦେୟପୈଠ କରାଯାଇପାରିବ।
ସମସ୍ତ ଡିଜିଟାଲ ପେମେଣ୍ଟ କୌଣସି ପ୍ରକାର ଅତିରିକ୍ତ ଶୁଳ୍କରୁ ମୁକ୍ତ ହୋଇଥାଏ।
ମାଗଣା ଇ-ସେବା ପାଇଁ ଆମ ୱେବ୍‌ସାଇଟ୍‌ରେ ଏଲ୍‌ଆଇସିର ଗ୍ରାହକ ପୋର୍ଟାଲ୍‌ରେ ପଞ୍ଜୀକୃତ ହୁଅନ୍ତୁ।
ଡିଜିଟାଲ ଇଣ୍ଡିଆ ପ୍ରୟାସରେ ଭାଗୀଦାର ହୁଅନ୍ତୁ
କଲ୍ ସେଣ୍ଟର ସେବା (022) 6827 6827
"MyLIC"
LIC India Forever
IRDAI Regn No.: 512
LIC/AR/19-20/15/OR
LIC ଭାରତୀୟ ଜୀବନ ବୀମା ନିଗମ LIFE INSURANCE CORPORATION OF INDIA
ପ୍ରତି କ୍ଷଣ ଆପଣଙ୍କ ସାଥିରେ


# ଦେବାଳିଆ ହେଉଛି ଗ୍ରୀଡ୍‌କୋ

- ଭୁଶୁଡ଼ି ପଡ଼ୁଛି ବିଦ୍ୟୁତ୍ ଭିତ୍ତିଭୂମି
- ବିଦ୍ୟୁତ୍ ବଣ୍ଟନ କମ୍ପାନୀ ପଇଠ କରୁନାହାନ୍ତି ୪୦୦୦ କୋଟି ବକେୟା
- ଆସନ୍ତା ବର୍ଷ ବଢ଼ିବ ବିଦ୍ୟୁତ୍ ଶୁଳ୍କ

ଭୁବନେଶ୍ୱର, ୫।୧୨ (ବ୍ୟୁରୋ)

ରାଜ୍ୟର ବିଦ୍ୟୁତ୍ ଭିତ୍ତିଭୂମି ଅତ୍ୟନ୍ତ ଦୟନୀୟ ଅବସ୍ଥା ଦେଇ ଗତି କରୁଛି। ଋଣଭାର ସାଙ୍ଗକୁ ବିଦ୍ୟୁତ୍ ସଙ୍କଟ ସମଗ୍ର ବ୍ୟବସ୍ଥାକୁ ଦୋହଲାଇ ଦେଲାଣି। ରାଜ୍ୟର ବିଦ୍ୟୁତ୍ ଭିତ୍ତିଭୂମି, ଉତ୍ପାଦନ ଖର୍ଚ୍ଚ, ଶୁଳ୍କ ଆଦାୟ, ଋଣ ବୋଝ, ବିଦ୍ୟୁତ୍ ବିତରଣ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନଙ୍କ ଦାୟିତ୍ୱହୀନତାରୁ ଏହା ଜଳ ଜଳ ହୋଇ ଦିଶିଲାଣି। ବିଦ୍ୟୁତ୍ କିଣି ଯୋଗାଉଥିବା ଗ୍ରୀଡ୍‌କୋ ଋଣ ବୋଝରେ ଏମିତି ବୁଡିଲାଣି ଯେ ଆଗାମୀ ୨/୩ ବର୍ଷ ମଧ୍ୟରେ ଆଉ କିଣିବା ଅବସ୍ଥାରେ ରହିବ ନାହିଁ। ଗୋଟିଏ ପଟେ ଗ୍ରୀଡ୍‌କୋ ଋଣ ବୋଝରେ ଛଟପଟ ହେଉଥିବା ବେଳେ ଅନ୍ୟପଟେ ବିତରଣ କମ୍ପାନୀଗୁଡ଼ିକର ନୈରାଶ୍ୟଜନକ ବିଦ୍ୟୁତ୍ ଶୁଳ୍କ ଆଦାୟ ପରିସ୍ଥିତିକୁ ଆହୁରି ଜଟିଳ କରିବାରେ ଲାଗିଛି। ବିଦ୍ୟୁତ୍ ବଳକା ରାଜ୍ୟ ଥିବା ଓଡିଶା ଆଗାମୀ ଦିନରେ ଭୟଙ୍କର ବିଦ୍ୟୁତ୍ ସଙ୍କଟ ଦେଇ ଗତି କରିବା ଆଶଙ୍କା ଦେଖାଦେଲାଣି। ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କ ସୌଭାଗ୍ୟ ଯୋଜନା ବିଦ୍ୟୁତ୍ ଚାପକୁ ଦ୍ୱିଗୁଣିତ କରିଦେଇଛି। ୨୦୧୭ରେ ରାଜ୍ୟର ବିଦ୍ୟୁତ୍ ଉପଭୋକ୍ତାଙ୍କ ସଂଖ୍ୟା ୬୫ ଲକ୍ଷ ଥିବାବେଳେ ୨ ବର୍ଷରେ ଅତିରିକ୍ତ ୨୫ ଲକ୍ଷ ନୂତନ ଗ୍ରାହକ ସାମିଲ ହୋଇଛନ୍ତି। ବର୍ତ୍ତମାନ ରାଜ୍ୟରେ ବିଦ୍ୟୁତ ଉପଭୋକ୍ତାଙ୍କ ସଂଖ୍ୟା ୮୬ ଲକ୍ଷରେ ପହଞ୍ଚିଛି। ବର୍ଦ୍ଧିତ ଗ୍ରାହକଙ୍କ ପାଇଁ ଦୈନିକ ୪,୫୦୦ ମେଗାୱାଟ ବିଦ୍ୟୁତ୍ ଶକ୍ତିର ଆବଶ୍ୟକତା ପଡୁଛି। ରାଜ୍ୟର ଜଳ ଓ ତାପଜ ବିଦ୍ୟୁତ୍ କ୍ଷେତ୍ରରୁ ୩୫୦୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ ହେଉଥିବା ବେଳେ ବାହାରୁ ପ୍ରାୟ ୧ ହଜାର ମେଗାୱାଟ କିଣିବାକୁ ପଡୁଛି। ଶକ୍ତି ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଗ୍ରୀଡ୍‌କୋ ରାଜ୍ୟ ଭିତର ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ୟୁନିଟ ପିଛା ୨ ଟଙ୍କା ୭୫ ପଇସାରେ କିଣୁଥିବା ବେଳେ ବୃହତ୍ ଜଳ ବିଦ୍ୟୁତ୍‌ରୁ ୮୯.୯୯ ପଇସା ଏବଂ କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପରୁ ୟୁନିଟ ପିଛା ୩୬୯ ପଇସାରେ କ୍ରୟ କରୁଛି। ତେବେ ନିଅଣ୍ଟିଆ ଚାହିଦା ମେଣ୍ଟାଇବାକୁ ଗ୍ରୀଡ୍‌କୋ ସେଣ୍ଟ୍ରାଲ ପୁଲ୍‌ରୁ ୧୦୦୦ ମେଗାୱାଟ ୟୁନିଟ ପିଛା ୩ ଟଙ୍କା ୩୦ ପଇସାରେ କ୍ରୟ କରୁଛି। ବିଡମ୍ବନାର ବିଷୟ ଯେ ୩ଟି ବିଦ୍ୟୁତ୍ ବଣ୍ଟନ କମ୍ପାନୀ ଏବଂ ସେସୁ ଗ୍ରୀଡ୍‌କୋର ବକେୟା ବିଦ୍ୟୁତ୍ ଦେୟ ଏବଂ ବିଶ୍ୱବ୍ୟାଙ୍କ ଓ ରାଜ୍ୟ ସରକାରଙ୍କ ମାନିରେ ନେଇଥିବା ଋଣକୁ ଶୁଝୁନାହାନ୍ତି। ମିଳିଥିବା ସୂଚନା ଅନୁଯାୟୀ ୨୦୧୯ ମାର୍ଚ୍ଚ ୩୧ ସୁଦ୍ଧା ବିଦ୍ୟୁତ୍ ବଣ୍ଟନ କମ୍ପାନୀ ଓ ସେସୁ ଉପରେ ଗ୍ରୀଡ୍‌କୋର ବକେୟା ୩୯୩୭.୪୮ କୋଟି ଥିବା ବେଳେ ବିଶ୍ୱବ୍ୟାଙ୍କ ଏବଂ ସରକାର ଗ୍ୟାରେଣ୍ଟର ପଡି ଦେଇଥିବା ଋଣ ପରିମାଣ ୨୯୦୮.୫୫ କୋଟିରେ ପହଞ୍ଚିଲାଣି। ସେସୁ ଉପରେ ଗ୍ରୀଡ୍‌କୋ ବକେୟା ୧୦୭୫.୯୨ କୋଟି ଥିବାବେଳେ ୱେସ୍‌କୋ ୧୧୧୮.୯୨ କୋଟି, ନେସ୍କୋ ୮୮୨.୦୬ କୋଟି ଏବଂ ସାଉଥକୋ ଉପରେ ୮୬୦.୫୮ କୋଟି ବାକି ପଡିଛି। ସେହିପରି ସେସୁ ନେଇଥିବା ୧୭୯୭ କୋଟି ଟଙ୍କା ପଇଠ କରୁ ନ ଥିବା ବେଳେ ୱେସ୍‌କୋ ୩୦୭.୯୩, ନେସ୍କୋ ୩୯୩.୭୮ କୋଟି ଏବଂ ସାଉଥ୍‌କୋ ୩୦୯.୫୫ କୋଟି ଟଙ୍କାର ଋଣ ଶୁଝୁନାହାନ୍ତି। ବେଳକୁ ବେଳ ଆର୍ଥିକ ବୋଝ ଗ୍ରୀଡ୍‌କୋ ଏବଂ ସରକାରଙ୍କ ଉପରେ ବଢ଼ିଚାଲିଛି। ବକେୟା ଆଦାୟ ପାଇଁ ଗ୍ରୀଡ୍‌କୋ ଏବଂ ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି) ଚାପ ପକାଇଲେ ବଣ୍ଟନ କମ୍ପାନୀ ବିଭିନ୍ନ ଅଦାଲତରେ କେସ୍ କରି ବର୍ଷ ବର୍ଷ ଧରି ଫାଙ୍କି ଚାଲିଛନ୍ତି। ରାଜ୍ୟର ବିଦ୍ୟୁତ୍ ଦେବାଳିଆ ଅବସ୍ଥା ପାଇଁ ବିଭିନ୍ନ ସମୟରେ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନେ ଅନେକ ମାତ୍ରାରେ ଦାୟୀ ବୋଲି ଜଣେ ଅବସରପ୍ରାପ୍ତ ଶକ୍ତି ବିଭାଗ ଅଧିକାରୀ କହିଛନ୍ତି। ତାଙ୍କ କହିବା କଥା ହେଲା ବିଦ୍ୟୁତ୍ ବଣ୍ଟନ ବ୍ୟବସ୍ଥାକୁ ଘରୋଇକରଣ ପରେ ମଧ୍ୟ ସଚ୍ଚୋଟ ଗ୍ରାହକମାନଙ୍କୁ ଉତ୍ତମ ବିଦ୍ୟୁତ୍ ସେବା ମିଳିପାରିଲା ନାହିଁ। ଘରୋଇ କମ୍ପାନୀର କେତେକ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ହାତ କରି ୨୦୦୦ ମସିହାରୁ ଲୁଟ୍ କରି ଚାଲିଲେ। ଶୁଳ୍କ ଆଦାୟରେ ମଧ୍ୟ ପାରଦର୍ଶିତା ରହୁନାହିଁ। ମୁଖ୍ୟଯନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବିଦ୍ୟୁତ୍ ବିଲ୍ ଆଦାୟ କରୁଥିବା କର୍ମଚାରୀଙ୍କ ମଧ୍ୟରୁ ଅଧିକାଂଶ ରାଜସ୍ୱ ବଢ଼ାଇବା ପରିବର୍ତ୍ତେ ନିଜର ବ୍ୟକ୍ତିଗତ ଫାଇଦାକୁ ଗୁରୁତ୍ୱ ଦେଲେ। ଏଥିଯୋଗ ବିଦ୍ୟୁତ୍ ଶୁଳ୍କ ଆଦାୟ ଓ ପଇଠ ମଧ୍ୟରେ ଏକ ବୃହତ୍ ସମସ୍ୟା ଛିଡା ହେଲା। ବିଲ୍ ଆଦାୟ ପାଇଁ କେତେକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲେ ମଧ୍ୟ ସେସବୁ ସଂସ୍ଥା ହରିଲୁଟ୍‌ରେ ମାତିଗଲେ। ଫଳରେ ପୁନଃ ମୂଷିକ ଭବ ନ୍ୟାୟରେ ହଜାର ହଜାର କୋଟି ଋଣରେ ବୁଡି ରହିଥିବା ବିଦ୍ୟୁତ୍ ବ୍ୟବସ୍ଥା ପୁଣି ରାଜ୍ୟ ସରକାରଙ୍କ ମୁଣ୍ଡରେ ଲଦି ହୋଇଛି। ହାଲତ୍ ଏମିତି ହେଲାଣି ଯେ ସରକାର ବଣ୍ଟନ କମ୍ପାନୀଗୁଡିକୁ ଘରୋଇ ସଂସ୍ଥା ହାତରେ ଟେକି ଦେବାକୁ ନିଷ୍ପତ୍ତି ନେଲେ ମଧ୍ୟ ତାହା ସମ୍ଭବ ହେଉନାହିଁ। ସେସୁ ପାଇଁ ଟେଣ୍ଡର ଡକାଯାଇଥିଲେ ମଧ୍ୟ ଏହାକୁ ଚଳାଇବାକୁ ଆଗ୍ରହ ଦେଖାଉଥିବା ଘରୋଇ କମ୍ପାନୀ ଋଣ ବୋଝ ଦେଖି ମୁହଁ ଫେରାଇ ନେଉଛନ୍ତି। ବିଦ୍ୟୁତ୍ ବଣ୍ଟନ କମ୍ପାନୀଙ୍କ ବୋଝ ସରକାରଙ୍କୁ ବୋହିବା ଛଡା ଅନ୍ୟ ଗତି ନାହିଁ। ଋଣ ଭାର ଓ ବିଦ୍ୟୁତ୍ ଖର୍ଚ୍ଚ ବଢି ଯାଉଥିବାରୁ ଆସନ୍ତା ବର୍ଷ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ଏକପ୍ରକାର ନିଶ୍ଚିତ ହେଲାଣି। ଖୁବ୍‌ଶୀଘ୍ର ଓଇଆର୍‌ସି ଏ ନେଇ ନିଷ୍ପତ୍ତି ନେବେ ବୋଲି ସୂଚନା ମିଳିଛି। ବଣ୍ଟନ କମ୍ପାନୀମାନେ ଏ ନେଇ ମଧ୍ୟ ଓଇଆରସିଙ୍କ ନିକଟରେ ଆବେଦନ କଲେଣି। ବିଦ୍ୟୁତ୍ କର୍ମଚାରୀଙ୍କ ଦରମା ଓ ଅନ୍ୟାନ୍ୟ ଖର୍ଚ୍ଚ ବେଳକୁ ବେଳ ଅସମ୍ଭାଳ ହେଲାଣି। ଶୁଳ୍କ ବୃଦ୍ଧି ଛଡା ସରକାରଙ୍କ ପାଖରେ ଅନ୍ୟ କିଛି ବିକଳ୍ପ ନାହିଁ ବୋଲି ଶକ୍ତି ବିଭାଗର ଜଣେ ଅଧିକାରୀ କହିଛନ୍ତି। ଶୀତଦିନ ଥିବାରୁ ପରିସ୍ଥିତି ସମ୍ଭାଳି ଯାଉଛି। ମାର୍ଚ୍ଚରୁ ବିଦ୍ୟୁତ୍ ଚାପ ଅସମ୍ଭାଳ ହେବ ବୋଲି ଏବେଠାରୁ ସଙ୍କେତ ମିଳିଲାଣି।



ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ବ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9650446732 9990987786

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ସୁରେନ୍ଦ୍ର ନାଥ ଜେନା
ଗଡ଼କଣ୍ଟୁଣିଆ, ବାଲକାଟି, ଖୋର୍ଦ୍ଧା
ଆବିର୍ଭାବ: ୨୮।୦୬।୧୯୪୨
ତିରୋଧାନ: ୧୬।୧୨।୨୦୧୮
ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ଅନନ୍ତକାଳ ପର୍ଯ୍ୟନ୍ତ ଆପଣଙ୍କ ଅମରାତ୍ମା ଶାନ୍ତିରେ ବିଚରଣ କରୁ।
ଶୋକସନ୍ତପ୍ତ
ଆପଣଙ୍କ ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ପୌତ୍ର, ପୌତ୍ରୀ ଓ ପରିବାରବର୍ଗ ।
ଧ-୬୮୩୧୭

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଉପେନ୍ଦ୍ର କୁମାର ଜେନା
ଆବିର୍ଭାବ: ୧୫।୦୮।୧୯୫୨
ତିରୋଧାନ: ୨୬।୧୧।୨୦୧୯
ଶାନ୍ତମୁଣ୍ଡ, ହଳଦୀବସନ୍ତ, ବରୀ, ଯାଜପୁର
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା ।
ଶୋକସନ୍ତପ୍ତ ପରିବାରବର୍ଗ:
ଦୀପକ କୁମାର ଜେନା, ଆଲୋକ କୁମାର ଜେନା, ବୋହୂ– ବିଶ୍ୱଜିତା ଜେନା, ସଂଘମିତ୍ରା ଜେନା, ଝିଅ– ମଧୁସ୍ମିତା, ଜ୍ୱାଇଁ– ନବଘନ, ଭ୍ରାତା– ମନୋରଞ୍ଜନ, ଚିତ୍ତରଞ୍ଜନ, ଜ୍ଞାନରଞ୍ଜନ, ଦେବରଞ୍ଜନ, ପ୍ରୀତି ରଞ୍ଜନ, ନିହାର ରଞ୍ଜନ, ତୁଷାର ରଞ୍ଜନ, ଭିଣେଇ– ନିରଞ୍ଜନ, ଦୁଃଶାସନ, କ୍ଷୀରୋଦ, ଭଉଣୀ– ରଞ୍ଜିତା, ରଶ୍ମିତା, ଶଶ୍ମିତା, ନାତି ନାତୁଣୀ– ସୋମ, ସୋମି, ଓମ୍, ଭଣଜା– ଗୁଡୁ, ଚିଣ୍ଟୁ, ରିଣ୍ଟୁ, ରିକି, ବିଟୁଆ ।
ଧ-୧୫୫୯୦

ଦଶାହ ଉପଲକ୍ଷେ

ସ୍ୱର୍ଗତା ପ୍ରମୋଦିନୀ ଶତପଥି
ଗଛକାଳୀ ଲେନ୍, ପୁରୀ
ଆବିର୍ଭାବ: ୨୪।୦୨।୧୯୫୧
ତିରୋଧାନ: ୨୭।୧୧।୨୦୧୯
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିଷ୍ଠା ଆମର ସର୍ବଦା ପାଥେୟ ହେଉ। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଇତି:
ଲୁନା, ସିମୁନି, ବବି, ମାମୁନି, ଭିକି, ୟସ୍, ଲୁସି, କିକି ଓ ଆତ୍ମୀୟସ୍ୱଜନ ।
ଧ-୬୮୮୦୬

Go Fashionable This Winter
Enjoy the winter with our wide range of winter garments and shawls.

KALAMANDIR Winter COLLECTION 2019
kalamandir କଳାମନ୍ଦିର
ODISHA'S MOST POPULAR FASHION SHOP
Shop with a smile.
3, Western Market, Bhubaneswar 751009
JACKETS | PULLOVERS | SUITS | CARDIGANS | KIDSWEAR
WINTER ACCESORIES AND AN EXCITING COLLECTION OF SHAWLS

ଧରିତ୍ରୀ
DHARITRI
ଶୁକ୍ରବାର, ୬ ଡିସେମ୍ବର, ୨୦୧୯

> ମୋର ବିଶ୍ୱାସ ଭାରତର ଦୁର୍ବଳତାର ପ୍ରଧାନ କାରଣ ତା'ର ଦାସତ୍ୱ ନୁହେଁ– ଦାରିଦ୍ର୍ୟ କି ଧର୍ମ ବା ଆଧ୍ୟାତ୍ମିକତାର ଅଭାବ ମଧ୍ୟ ନୁହେଁ କିନ୍ତୁ ଚିନ୍ତାଶକ୍ତିର ହ୍ରାସ ଓ ଜ୍ଞାନର ଜନ୍ମଭୂମିରେ ଅଜ୍ଞାନର ବିସ୍ତାର। ସର୍ବତ୍ର ମୁଁ ଦେଖୁଛି– ଚିନ୍ତା କରିବା ନିମିତ୍ତ ଅନିଚ୍ଛା ଓ ଅକ୍ଷମତା ଆଉ ମଧ୍ୟ ଭୟ।
> –ଶ୍ରୀଅରବିନ୍ଦ



# ଚକିତ କଲା ଆର୍‌ବିଆଇ

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଗଭର୍ନର ଶକ୍ତିକାନ୍ତ ଦାସଙ୍କ ନେତୃତ୍ୱରେ ଆର୍ଥିକ ନୀତି କମିଟି (ଏମ୍‌ପିସି) କ୍ରମାଗତ ଭାବେ ପାଞ୍ଚଥର ସୁଧହାର (ରେପୋ ରେଟ୍) ହ୍ରାସ କରିବା ପରେ ଗୁରୁବାର ସର୍ବସମ୍ମତିକ୍ରମେ ଏଥିରେ ବିରତି ଲଗାଇବା ପାଇଁ ନିଷ୍ପତ୍ତି ନେଇଛି। ଉକ୍ତ ପ୍ୟାନେଲର ଛଅଜଣିଆ ସଦସ୍ୟ ରେପୋ ରେଟ୍‌କୁ ୫.୧୫ ପ୍ରତିଶତ ଓ ରିଭର୍ସ ରେପୋ ରେଟ୍‌କୁ ୪.୯୦ ପ୍ରତିଶତରେ ଅପରିବର୍ତ୍ତିତ ରଖିଛନ୍ତି। ତେବେ କେନ୍ଦ୍ରୀୟ ବ୍ୟାଙ୍କର ଗତ ଛଅମାସର କାର୍ଯ୍ୟକଳାପକୁ ଦେଖିଲେ ବ୍ୟାଙ୍କ ଏପରି ନିଷ୍ପତ୍ତି ନେବ ବୋଲି ଆଶା କରାଯାଉ ନ ଥିଲା। ବ୍ୟାଙ୍କର ମତିଗତିରୁ ଜଣାପଡୁଥିଲା ଯେ ଏହା ଦେଶର ଆର୍ଥିକ ଅଭିବୃଦ୍ଧି ବଢ଼ାଇବା ପାଇଁ କିଛି ଭିନ୍ନ ଚିନ୍ତାଧାରା ପୋଷଣ କରିବା ସହ ସେଥିଲାଗି କାର୍ଯ୍ୟ କରୁଛି।

ଦାସ ଆର୍‌ବିଆଇର ମଙ୍ଗ ଧରିବା ପରଠାରୁ ଆର୍ଥିକ ଅଭିବୃଦ୍ଧିର କ୍ଷୀୟମାଣ ଦୃଶ୍ୟପଟ ଭିତରେ ନିରବଚ୍ଛିନ୍ନ ଭାବେ ସୁଧହାର ହ୍ରାସ କରିଚାଲିଥିଲେ। ଚଳିତବର୍ଷ ଫେବୃୟାରୀ ମାସରୁ ଏ ପର୍ଯ୍ୟନ୍ତ ବ୍ୟାଙ୍କ ରେପୋ ରେଟ୍ (ଯେଉଁ ସୁଧହାରରେ ଆର୍‌ବିଆଇ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକୁ ଋଣ ଦିଏ)ରେ କ୍ରମାଗତ ଭାବେ ମୋଟ ୧୩୫ ବେସିସ୍ ପଏଣ୍ଟ ହ୍ରାସ କରିସାରିଛି। ଏହି ହ୍ରାସ ମୂଳତଃ ଆର୍ଥିକ ଅଭିବୃଦ୍ଧିକୁ ବଢ଼ାଇବା ଉଦ୍ଦେଶ୍ୟରେ କରାଯାଇଥିଲା। ମୁଦ୍ରାସ୍ଫୀତି ୪ ପ୍ରତିଶତରୁ ତଳେ ରହିଲେ ତାହା ଆର୍‌ବିଆଇର ସହନୀୟ ସୀମା ଭିତରେ ଥାଏ। କିନ୍ତୁ ତାହା ଖାଦ୍ୟଦ୍ରବ୍ୟ ଓ ପନିପରିବା ଦରବୃଦ୍ଧି ଯୋଗୁ ୪ ପ୍ରତିଶତକୁ ଟପିଗଲେ ଆର୍‌ବିଆଇକୁ ବିଚଳିତ କରିଥାଏ। ଅର୍ଥନୀତିରେ ମାନ୍ଦାବସ୍ଥା, ମୁଦ୍ରାସ୍ଫୀତି ଓ ଖାଦ୍ୟଦ୍ରବ୍ୟର ମୂଲ୍ୟବୃଦ୍ଧିକୁ ନିୟନ୍ତ୍ରଣରେ ରଖିବା ଉପରେ ଆର୍‌ବିଆଇ ସବୁବେଳେ ଗୁରୁତ୍ୱ ଦେଇଥାଏ।

କିନ୍ତୁ ଗତ ୧୦ ମାସ ଭିତରେ ରେପୋ ରେଟ୍ ମୋଟ ୧୩୫ ବେସିସ୍ ପଏଣ୍ଟ ହ୍ରାସ ପାଇଥିଲେ ସୁଦ୍ଧା ଅଭିବୃଦ୍ଧିରେ କୌଣସି ସୁଧାର ଆସି ନ ପାରିବା ଆର୍‌ବିଆଇ ଲକ୍ଷ୍ୟ କରିଛି। ଅନ୍ୟ ପକ୍ଷରେ ଦେଶର ଜିଡିପିରେ ଅଭିବୃଦ୍ଧି ଗତ ଜୁଲାଇ–ସେପ୍ଟେମ୍ବର ତ୍ରିମାସୀରେ ୪.୫ ପ୍ରତିଶତକୁ ହ୍ରାସ ପାଇଛି, ଯାହା ପୂର୍ବ ତ୍ରିମାସୀରେ ୫ ପ୍ରତିଶତ ଥିଲା ଏବଂ ଯାହା ୨୬ଟି ତ୍ରିମାସୀ ଭିତରେ ସବୁଠାରୁ କମ୍। ତେଣୁ କେବଳ ସୁଧହାର ହ୍ରାସ କରିଦେଲେ ଆର୍ଥିକ ଅଭିବୃଦ୍ଧି ବଢ଼ିବ ନାହିଁ ବୋଲି ବ୍ୟାଙ୍କ ନିଶ୍ଚିତ ହୋଇସାରିଛି।

## ଆଜିର ଅର୍ଥନୀତି

ଖୁଚୁରା ମୁଦ୍ରାସ୍ଫୀତି ମଧ୍ୟ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଗତ କିଛିମାସ ହେଲା ପ୍ରତ୍ୟେକ ଦ୍ରବ୍ୟ, ବିଶେଷତଃ ପନିପରିବା ଓ ଖାଦ୍ୟଦ୍ରବ୍ୟର ମୂଲ୍ୟ ନିରବଚ୍ଛିନ୍ନଭାବେ ବୃଦ୍ଧି ପାଇଚାଲିଛି। ପିଆଜ ପ୍ରତିଟି ଘରେ ରୋଷେଇଶାଳର ଏକ ଅତ୍ୟାବଶ୍ୟକ ଉପାଦାନ ହୋଇଥିବା ବେଳେ ତା'ର ଆକାଶଛୁଆଁ ମୂଲ୍ୟବୃଦ୍ଧି ଉଭୟ ସରକାର ଓ ଖାଉଟିମାନଙ୍କୁ ହତବୁଦ୍ଧି କରିଦେଇଛି। ଅଦିନିଆ ବର୍ଷା ଯୋଗୁ ଅମଳ ହ୍ରାସ ପାଇବା ଫଳରେ ପିଆଜ ଦର ସ୍ଥାନୀୟ ବଜାରଗୁଡ଼ିକରେ କିଲୋ ପିଛା ୧୪୦ ଟଙ୍କା ହୋଇଛି। ତା' ସାଙ୍ଗକୁ ଅନ୍ୟ ପନିପରିବା ଦର ମଧ୍ୟ ବୃଦ୍ଧି ପାଇଛି। କେନ୍ଦ୍ରୀୟ ବ୍ୟାଙ୍କର ମଧ୍ୟବର୍ତ୍ତିକାଳୀନ ଲକ୍ଷ୍ୟ ଅନୁସାରେ ଖାଉଟି ମୂଲ୍ୟସୂଚୀଭିତ୍ତିକ ମୁଦ୍ରାସ୍ଫୀତି ୪ ପ୍ରତିଶତ ଭିତରେ ରହିବା ସ୍ଥଳେ ତାହା ଅକ୍ଟୋବର ମାସରେ ୧୬ ମାସର ସର୍ବୋଚ୍ଚ ସ୍ତର ୪.୬ ପ୍ରତିଶତରେ ପହଞ୍ଚିଛି। ଆଗାମୀ ମାସଗୁଡ଼ିକରେ ଏହି ମୁଦ୍ରାସ୍ଫୀତି ଆହୁରି ବୃଦ୍ଧିପାଇବା ଆଶଙ୍କା କରାଯାଉଛି। ଏହା ଆର୍ଥିକ ନୀତି ନିର୍ଦ୍ଧାରକମାନଙ୍କ ପାଇଁ ଡିସେମ୍ବର ମାସର ପଲିସି ରିଭ୍ୟୁକୁ ଅଧିକ ଜଟିଳ କରିତୋଳିଛି। ବ୍ୟାଙ୍କ କହିଛି ଯେ, ରେପୋ ରେଟ୍ ହ୍ରାସରେ ଏବେ ଯେଉଁ ବିରତି ଦିଆଯାଇଛି ତାହା ସାମୟିକ ଏବଂ ଚଳିତ ବର୍ଷ ଉକ୍ତ ପାଞ୍ଚଟି ପଲିସି ଘୋଷଣା ସମୟରେ ଯେଉଁ ମୋଟ ୧୩୫ ବେସିସ୍ ପଏଣ୍ଟ ହ୍ରାସ କରାଯାଇଛି ତା'ର ପ୍ରଭାବ କିପରି ରହୁଛି ତାହା ଆର୍‌ବିଆଇ ଦେଖିବାକୁ ଚାହୁଁଛି। କେନ୍ଦ୍ରୀୟ ବ୍ୟାଙ୍କ ଦ୍ୱାରା କରାଯାଇଥିବା କ୍ରମାଗତ ସୁଧହାର ହ୍ରାସର ସୁଫଳ ଉପଭୋକ୍ତାମାନଙ୍କୁ ଦେବାରେ ବ୍ୟାଙ୍କଗୁଡ଼ିକ ଅନିଚ୍ଛା ପ୍ରକାଶ କରିବା ଯୋଗୁ ବାସ୍ତବରେ ତାହାର କିଛି ବି ସୁଫଳ ମିଳିପାରି ନାହିଁ। ଗତ ୧୦ ମାସ ଭିତରେ ଆର୍‌ବିଆଇ ସୁଧହାରରେ ମୋଟ ୧୩୫ ବେସିସ୍ ପଏଣ୍ଟ ହ୍ରାସ କରିଥିବା ବେଳେ ବ୍ୟାଙ୍କଗୁଡ଼ିକ ମାତ୍ର ୪୪ ବେସିସ୍ ପଏଣ୍ଟର ଲାଭ ଋଣଗ୍ରହୀତାମାନଙ୍କୁ ଦେଇଛନ୍ତି। ଆର୍‌ବିଆଇ ହୃଦ୍‌ବୋଧ କରିଛି ଯେ, ରେପୋ ରେଟ୍ ହ୍ରାସ କରି କିଛି ବି ଲାଭ ନାହିଁ, ଯଦି ବ୍ୟାଙ୍କଗୁଡ଼ିକ ତାହାର ଲାଭ ଉପଭୋକ୍ତାମାନଙ୍କୁ ନ ଦିଅନ୍ତି ବା ସେମାନଙ୍କୁ ଏଥିପାଇଁ ବାଧ୍ୟ କରା ନ ଯାଏ। ବ୍ୟାଙ୍କଗୁଡ଼ିକ ବା ସରକାର ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ। ତେବେ ବ୍ୟାଙ୍କ କହିଛି ଯେ, ଆଗାମୀ ଦିନରେ ସୁଧହାର ହ୍ରାସ ଅସ୍ୱାଭାବିକ ନୁହେଁ। କମିଟି କହିଛି ଯେ, ଏ ଦିଗରେ ଆଗାମୀ ମାସଗୁଡ଼ିକରେ ନିଷ୍ପତ୍ତି ନିଆଯିବ, କିନ୍ତୁ ଏବେ ନୁହେଁ। ବର୍ତ୍ତମାନ ପିଆଜର ଦରବୃଦ୍ଧିକୁ ନେଇ ଆର୍‌ବିଆଇ ଚିନ୍ତିତ, ଯାହା ପ୍ରତ୍ୟେକ ଭାରତୀୟଙ୍କୁ କନ୍ଦାଇଚାଲିଛି। ବ୍ୟାଙ୍କଗୁଡ଼ିକ ଆର୍‌ବିଆଇର ସଂକେତକୁ ବୁଝି ଯଥାଶୀଘ୍ର ଉପଭୋକ୍ତାମାନଙ୍କ ଋଣ ଉପରେ ସୁଧହାର ହ୍ରାସ କରିବା ଦରକାର।

### ଚିରନ୍ତନୀ

ସେହି ମନ୍ତ୍ରେ ପ୍ରକମ୍ପିତ ସ୍ପନ୍ଦନବିହୀନ କେତେ ଛାତି
ଚମକିବ ଅକସ୍ମାତ ଘୋଷି ଉଠି ଜାତି! ଜାତି! ଜାତି!
ମୂକ ମାନବର ମୁଖୁଁ ମୁଖରିତ ହେଉ ପୁଣି ଭାଷା
ଦଳିତର ପୀଡ଼ିତର ତେଜି ଦିଅ ଜ୍ୱଳନ୍ତ ପିପାସା।
କ୍ଷୁଧିତକୁ ଶିଖାଅ ହେ ଭାଗ୍ୟ ତା'ର ନୁହେଁ ଅନାହାର
ଅପର ନେଇଛି କାଢ଼ି ଜନ୍ମଗତ ସର୍ବ ଅଧିକାର।
ବସ୍ତ୍ରହୀନେ ବତାଅ ହେ ନିଜ ହାତେ ନିର୍ମିବାକୁ ବସ୍ତ୍ର
ନିରସ୍ତ୍ରକୁ ଦିଅ ଆଣି ଅଦ୍‌ଭୁତ ଅହିଂସାର ଅସ୍ତ୍ର।
(ଜାଗ ଜାଗ ଗାନ୍ଧି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

### su | do | ku — ସୁ–ଡୋ–କୁ
Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 0 | A | 1 | | | | | | | | 6 | 3 | |
| | 4 | | E | | | | 0 | | B | | | D | | A |
| | | | | 4 | 9 | B | | | C | | | | | 7 |
| | 7 | | | | | | | | 6 | | 3 | | | |
| 1 | E | 9 | 0 | | | | | 6 | | 7 | | | | B |
| | 9 | B | 1 | | | | C | | D | 8 | | 5 | | |
| | | | 9 | | A | | | 1 | 2 | | 4 | 0 | | |
| | | 1 | 8 | | | | 2 | 0 | 3 | B | | | | |
| E | | | 4 | | | | 9 | | | | | 7 | A | |
| 2 | A | | | 5 | | 8 | D | | 7 | | 0 | | | 3 |
| A | | | | | | | | 7 | | 3 | | | | |
| D | | | | | 2 | | | | | | 6 | A | 9 | |
| 4 | | E | | | 8 | | B | 2 | | | | 1 | | 0 |
| | 3 | | C | | B | E | | | | | | | 2 | 5 |
| | 2 | 6 | | | | 0 | | | | | | | C | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | A | 0 | 6 | 8 | C | 1 | B | 7 | 2 | E | 9 | 5 | D | 3 |
| 1 | 7 | 6 | B | 3 | A | E | 8 | D | 5 | 0 | C | 9 | 2 | 4 |
| 9 | E | 2 | 0 | 4 | 1 | A | 5 | C | D | 6 | 3 | B | 7 | 8 |
| B | D | C | 5 | 7 | 2 | 0 | 3 | 9 | A | 8 | 4 | 6 | 1 | E |
| 8 | 5 | 3 | 9 | E | D | 4 | 6 | 2 | 1 | 7 | B | C | A | 0 |
| 6 | 4 | 5 | C | 1 | 3 | 2 | 9 | E | 8 | D | 0 | A | B | 7 |
| 2 | 9 | E | A | 0 | 4 | 7 | C | 6 | B | 5 | 1 | 3 | 8 | D |
| 0 | B | A | 8 | 6 | E | 3 | D | 1 | 4 | C | 7 | 2 | 9 | 5 |
| 3 | 1 | D | 2 | 5 | 7 | B | A | 8 | 6 | 9 | E | 4 | 0 | C |
| C | 8 | 7 | D | 9 | B | 5 | 4 | 0 | 3 | 2 | A | E | 6 | 1 |
| 5 | 3 | 8 | 1 | 2 | 9 | C | E | B | 0 | A | D | 7 | 4 | 6 |
| D | 2 | B | 3 | A | 0 | 6 | 7 | 4 | C | 1 | 5 | 8 | E | 9 |
| A | C | 9 | E | D | 6 | 8 | 1 | 5 | 7 | 4 | 2 | 0 | 3 | B |
| E | 0 | 4 | 7 | C | 8 | D | 2 | 3 | 9 | B | 6 | 1 | 5 | A |
| 7 | 6 | 1 | 4 | B | 5 | 9 | 0 | A | E | 3 | 8 | D | C | 2 |

ଗତକାଲିର ଉତ୍ତର

# ଉଚ୍ଚ ମଣିଷର ନୀଚ ପ୍ରବୃତ୍ତି



ବୈକୁଣ୍ଠନାଥ ମିଶ୍ର

ସରକାରୀ ସ୍ତରରେ ଦରିଦ୍ରର ସଂଜ୍ଞା ନିରୂପଣ ପାଇଁ ଏକ ସ୍ୱତନ୍ତ୍ର ବିଧିବ୍ୟବସ୍ଥା ରହିଛି। ଉକ୍ତ ସଂଜ୍ଞା ଅନୁଯାୟୀ ଯେଉଁମାନେ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି ସେମାନେ ଦରିଦ୍ର ପଦବାଚ୍ୟ। ବିଶ୍ୱସ୍ତରୀୟ ସଂଜ୍ଞା କହେ, ଦୈନିକ ୧.୯୦ ଡଲାର ବା ମୁଣ୍ଡପିଛା ପ୍ରାୟ ୧୩୫ ଟଙ୍କାରୁ କମ୍ ଆୟ କରୁଥିବା ବ୍ୟକ୍ତି ଦରିଦ୍ର। କିନ୍ତୁ ଭାରତରେ ବର୍ଷକୁ ୨୭,୦୦୦ ଟଙ୍କାରୁ କମ୍ ଆୟ କରୁଥିବା ବ୍ୟକ୍ତି ଦରିଦ୍ର ସୀମାରେଖାର ତଳେ ବୋଲି ସ୍ଥିର କରାଯାଇଛି। ଦାରିଦ୍ର୍ୟ ନିର୍ଦ୍ଧାରଣ କରିବା ଏକ ପ୍ରବଞ୍ଚନାମୟ କୌଶଳ। ଏକ ନିର୍ଦ୍ଦିଷ୍ଟ ଅଙ୍କର ଆୟକୁ ନେଇ ଦାରିଦ୍ର୍ୟ ନିର୍ଦ୍ଧାରଣ ହୁଏ ତ ସହଜ ହୋଇପାରେ, ମାତ୍ର ଗ୍ରାମ ଓ ସହରାଞ୍ଚଳରେ ବାସ କରୁଥିବା ଦରିଦ୍ର, ନିରକ୍ଷର ବ୍ୟକ୍ତିମାନଙ୍କର ଆୟର କୌଣସି ସ୍ଥିରତା ନାହିଁ। ସମାଜର ସର୍ବନିମ୍ନ ସ୍ତରରେ ବାସ କରୁଥିବା ଏହି ଲୋକମାନଙ୍କର ନା ଅଛି କୌଣସି ସ୍ଥିର ଆୟର ଉତ୍ସ ନା ଆୟର ମୂଲ୍ୟାଙ୍କନ ପାଇଁ ସେପରି ବଳିଷ୍ଠ ପ୍ରମାଣପତ୍ର। ସରକାରୀ କିମ୍ବା ବେସରକାରୀ ଉଦ୍ୟୋଗରେ ଚାକିରି କରୁଥିବା ବ୍ୟକ୍ତିଙ୍କର ଆୟ ଆକଳନ କରିବା ସହଜ। କାରଣ ସେମାନଙ୍କର ଆୟ ସ୍ଥିର ଏବଂ ଆୟର ଉତ୍ସ ମଧ୍ୟ ନିର୍ଦ୍ଦିଷ୍ଟ। ସାଧାରଣ ବ୍ୟକ୍ତିଟିଏ ଅଧିକ ଆୟ କରି ସ୍ୱଳ୍ପ ଆୟକାରୀ ବୋଲି ଦର୍ଶାଇଲେ, ତା'ର ସତ୍ୟତା ପରଖିବାର କୌଣସି ଉପାୟ ନାହିଁ। ଶ୍ରମଜୀବୀମାନଙ୍କ ମଧ୍ୟରେ କୁଶଳୀ, ଅର୍ଦ୍ଧକୁଶଳୀ ଓ ଅଣକୁଶଳୀ ଶ୍ରମିକ ଅଛନ୍ତି, ଯେଉଁମାନଙ୍କର ଆୟ ପରସ୍ପରଠାରୁ ଭିନ୍ନ। ତଥାପି ସରକାର ବିପିଏଲ୍ ଶ୍ରେଣୀ ସୃଷ୍ଟି କରିଛନ୍ତି, ଯାହାଙ୍କୁ କିଛି ସରକାରୀ ସାହାଯ୍ୟର ବ୍ୟବସ୍ଥା କରାଯାଇଛି। ଏହି ସାମାନ୍ୟ ସୁବିଧା ଗଣ୍ଡାକ ହାତେଇବା ପାଇଁ ଥିଲାବାଲାଙ୍କର ପ୍ରତିଯୋଗିତା ଦେଖି ମନରେ କ୍ଷୋଭ ଜାତ ହୁଏ। ମଣିଷ ସାମାନ୍ୟ ସ୍ୱାର୍ଥ ପାଇଁ ଏତେ ତଳକୁ ଖସିଯାଇପାରେ କିପରି?

କିନ୍ତୁ ଧାର୍ମିକ ତଥା ଆଧ୍ୟାତ୍ମିକ କ୍ଷେତ୍ରରେ ଦେଖିଲେ ଅନେକ ଧର୍ମଗୁରୁ ଅଛନ୍ତି, ଯେଉଁମାନେ ତମାମ ଜୀବନ ଦାରିଦ୍ର୍ୟର କଷଣ ମଧ୍ୟରେ ଜିଇଁ ଆସିଛନ୍ତି। ଗୁରୁ ନାନକ, ସନ୍ଥ କବୀର, ତୁକାରାମ ଓ ଆଉ ଅନେକେ ଉତ୍କଟ ଦାରିଦ୍ର୍ୟକୁ ସାମ୍ନା କରି ମଧ୍ୟ ତାଙ୍କ ସାଧନାପଥରୁ ବିଚ୍ୟୁତ ହୋଇନାହାନ୍ତି। ରାମକୃଷ୍ଣ ପରମହଂସ, ଠାକୁର ଅନୁକୂଳଚନ୍ଦ୍ର ମଧ୍ୟ ଏହି ଶ୍ରେଣୀର ଜଣେ ଜଣେ ଆଧ୍ୟାତ୍ମିକ ଗୁରୁ, ଯେଉଁମାନେ ଅର୍ଥ ପାଇଁ ସମ୍ପୂର୍ଣ୍ଣ ଉଦାସୀନ। ରାମକୃଷ୍ଣଙ୍କ ଜୀବନର ଏକ କ୍ଷୁଦ୍ର କାହାଣୀ ଏହାର ବଳିଷ୍ଠ ପ୍ରମାଣ। ଥରେ ରାତିରେ ବିଛଣାରେ ଶୋଇବାମାତ୍ରେ ହଠାତ୍ ଉଠିପଡ଼ି 'ବିଛା ବିଛା' ବୋଲି ଚିତ୍କାର କଲେ। ଶିଷ୍ୟମାନେ ତାଙ୍କ ପାଖକୁ ଆସିବାରୁ ସେ ସେମାନଙ୍କୁ ବିଛଣା ଝାଡ଼ିବାକୁ ନିର୍ଦ୍ଦେଶ ଦେଇ କହିଲେ, ''ବିଛଣା ପ୍ରସ୍ତୁତ କରିବା ପୂର୍ବରୁ ଟିକେ ଭଲକରି ଝାଡ଼ିଦେଲ ନାହିଁ, ଏଥିରେ ବିଛାଟିଏ ରହି ମୋତେ ଦଂଶନ କରୁଛି।'' ଶିଷ୍ୟମାନେ ବିଛଣା ଝାଡ଼ିଦେବାରୁ ତହିଁରୁ ମୁଦ୍ରାଟିଏ ବାହାରିଲା ଓ ତା'ପରେ ଗୁରୁଜୀ ଆରାମରେ ଶୋଇଲେ। ସେହି ଆଧ୍ୟାତ୍ମିକ ଗୁରୁମାନଙ୍କୁ ଅର୍ଥ ଠିକ୍ ବିଛା ପରି ଦଂଶନ କରନ୍ତି। ସେମାନଙ୍କ ପାଇଁ ଅର୍ଥ ହେଉଛି ଅର୍ଥହୀନ। ସେ ସମୟର ପ୍ରତ୍ୟେକ ଆଧ୍ୟାତ୍ମିକ ଗୁରୁ ଠିକ୍ ଏହିପରି ଅର୍ଥ ପ୍ରତି ନିରାସକ୍ତ ଥିଲେ। ସେମାନେ କାମିନୀକାଞ୍ଚନଠାରୁ ଦୂରରେ ରହିବାକୁ ଉପଦେଶ ଦେଉଥିଲେ, ଯାହା ଆଜିର ଗୁରୁମାନଙ୍କଠାରେ ବ୍ୟତିକ୍ରମ।

ଶ୍ରୀମଦ୍‌ଭାଗବତର ଅନୁଶୀଳନ ମଧ୍ୟ ଅନୁରୂପ। ଥରେ ଉଦ୍ଧବଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଶ୍ରୀକୃଷ୍ଣ କହିଲେ, ଜଣେ ଦରିଦ୍ର ଅର୍ଥଶୂନ୍ୟ ବ୍ୟକ୍ତି ସେ ନୁହେଁ ଯାହାର ଧନ ନାହିଁ। ସେ ହିଁ କେବଳ ଦରିଦ୍ର ଯେ ସଦା ଅସନ୍ତୁଷ୍ଟ। ଦାରିଦ୍ର୍ୟ ଏକ ମାନସିକ ସ୍ଥିତି। ଯାହା ଆମକୁ ପ୍ରାପ୍ତ ହେଉଛି ତାହା ଈଶ୍ୱରଙ୍କ ଦାନ ଭାବି ସନ୍ତୁଷ୍ଟ ହେବାକୁ ପଡ଼ିବ। ତହୁଁ ଅଧିକ ଆଶା କିମ୍ବା ପ୍ରୟାସ କରିବା କେବଳ ପାପ ନୁହେଁ, ଭଗବାନଙ୍କୁ ଅସମ୍ମାନ କରିବା ସଙ୍ଗେ ସମାନ। ପ୍ରାପ୍ୟଠାରୁ ଅଧିକ ଆଶା କରିବା ଓ ଆଶା ଫଳବତୀ ନ ହେଲେ ମନରେ କ୍ଷୋଭ ଜାତହେବା ଦୁଇଟିଯାକ ଈଶ୍ୱରୀୟ ଚିନ୍ତନର ପରିପନ୍ଥୀ। ମହାତ୍ମା ଗାନ୍ଧୀ କୁହନ୍ତି, ଧରିତ୍ରୀ ମା' ତା'ର ସମସ୍ତ ସନ୍ତାନର ଜୀବନ ଧାରଣ ପାଇଁ ବ୍ୟବସ୍ଥା କରିଛି କିନ୍ତୁ ଲୋଭ ଚରିତାର୍ଥ କରିବା ପାଇଁ ନୁହେଁ– 'ଦି ଆର୍ଥ ପ୍ରୋଭାଇଡ୍ସ ଏନଫ୍ ଟୁ ସାଟିସ୍‌ଫାଏ ଏଭ୍ରି ମ୍ୟାନ୍ସ ନିଡ୍, ବଟ୍ ନଟ୍ ଏଭ୍ରି ମ୍ୟାନ୍ସ ଗ୍ରିଡ୍'। ଜଣେ ବ୍ୟକ୍ତିର ଧନର ପୂର୍ଣ୍ଣତା ଅର୍ଥ ଅନ୍ୟ କେତେକଙ୍କର ଧନର ଶୂନ୍ୟତା। ଅଳ୍ପ କିଛି ବ୍ୟକ୍ତିଙ୍କର ଅସୀମ ଧନସମ୍ପତ୍ତି ବହୁଲୋକଙ୍କ ଦାରିଦ୍ର୍ୟର କାରଣ। ଭାରତର ଏକ ପ୍ରତିଶତ ଲୋକଙ୍କ ହାତରେ ସମୁଦାୟ ସମ୍ପତ୍ତିର ୭୩ ପ୍ରତିଶତ ଠୁଳ ହୋଇଛି। ଗୋଟିଏ ଜାଗାରେ ମାଟି ଗଦା କରିବା ଅର୍ଥ ଅନ୍ୟ ସ୍ଥାନରେ ମାଟି ଖୋଳି ଗାତ ତିଆରି କରିବା। ଠିକ୍ ସେହିପରି ଜଣକର ବିଳାସବ୍ୟସନ ଅନ୍ୟ କେତେକଙ୍କର ଦାରିଦ୍ର୍ୟର କାରଣ ହୋଇଥାଏ। ମହାତ୍ମା ଗାନ୍ଧୀ ପୁଣି କୁହନ୍ତି, ''ଆମେ ଉତ୍ପାଦନକୁ ଗୁରୁତ୍ୱ ନ ଦେଇ ସୁଷମ ବଣ୍ଟନକୁ ଗୁରୁତ୍ୱ ଦେବା ଉଚିତ। କିଛି ଲୋକଙ୍କଠାରେ ଧନ ଗଚ୍ଛିତ ରହି ଆଉ କିଛି ନିରନ୍ନ ରହିଲେ, ଏହାକୁ କଦାପି ପ୍ରଗତିର ଶୁଭ ଲକ୍ଷଣ ବୋଲି ମନେ କରାଯାଇପାରିବ ନାହିଁ।'' ତେଣୁ ଧନର ବିକେନ୍ଦ୍ରୀକରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଧନୀ ମଧ୍ୟ ଦାନ କରିବାର ମାନସିକତା ଆହରଣ କରିବା ଏକ ମହତ୍ତ୍ୱପୂର୍ଣ୍ଣ ଗୁଣ। ଚାଣକ୍ୟ କୁହନ୍ତି– ଦାନ, ଉପଭୋଗ ଓ ବିନାଶ ଏହିପରି ଧନର ତିନୋଟି ଗତି ଅଛି। ଯେ ଦାନ କରେ ନାହିଁ, ଭୋଗ କରେ ନାହିଁ, ତା'ର ତୃତୀୟାଗତି ଅର୍ଥାତ୍ ନାଶ ହୋଇଯାଏ।

ଦାନ ଏକ ସ୍ୱର୍ଗୀୟ ଗୁଣ। ଶ୍ରୀମଦ୍‌ଭାଗବତ କହେ, 'ଦାନମୀଶ୍ୱରଭାବଶ୍ଚ'–ଦାନ ଏକ ମହାନ ଈଶ୍ୱରୀୟ ଗୁଣ, ଯାହାକୁ ଜାତି ଧର୍ମ ନିର୍ବିଶେଷରେ ଗ୍ରହଣ କରିବା ବିଧେୟ। ଇସ୍‌ଲାମ ଓ ଖ୍ରୀଷ୍ଟଧର୍ମ ମଧ୍ୟ ଦାନ ଉପରେ ଗୁରୁତ୍ୱ ଦିଅନ୍ତି। ଆଧ୍ୟାତ୍ମିକ ଗୁରୁମାନେ ମତଦିଅନ୍ତି ଯେ, ମଣିଷ ପଛେ ଆର୍ଥିକ ଦୃଷ୍ଟିରୁ ଦରିଦ୍ର ହୋଇଥାଉ, ମାତ୍ର ନୀତି ନୈତିକତାରେ ଦରିଦ୍ର ନ ହେଉ। ପାର୍ଥିବ ସୁଖପ୍ରାପ୍ତି ମଣିଷ ପକ୍ଷେ ସହଜ ହୋଇପାରେ। ମାତ୍ର ଈଶ୍ୱରୀୟ ସୁଖପ୍ରାପ୍ତି ସହଜ ନୁହେଁ। ପାର୍ଥିବ ସୁଖପ୍ରାପ୍ତି ନିମନ୍ତେ ମନୁଷ୍ୟର ପ୍ରୟାସ ଯେତେ ପ୍ରଗାଢ଼, ତା'ର କିୟଦଂଶ ଯଦି ଈଶ୍ୱରୀୟ ସୁଖପ୍ରାପ୍ତି ନିମନ୍ତେ କରାଯାନ୍ତା ତେବେ ଭଗବତ୍ କରୁଣା ବିଡ଼ମ୍ବିତ ହୁଅନ୍ତା ନାହିଁ। ପାର୍ଥିବ ସମ୍ପତ୍ତି ବ୍ୟୟରେ କ୍ଷୟ ହୁଏ, କିନ୍ତୁ ଈଶ୍ୱରୀୟ ସମ୍ପତ୍ତି ବ୍ୟୟରେ ବୃଦ୍ଧିପ୍ରାପ୍ତ ହୁଏ। ଧନର ଚୌର୍ଯ୍ୟ ଭୟ ଅଛି, କିନ୍ତୁ ଈଶ୍ୱରୀୟ ଧନ ବ୍ୟକ୍ତିସତ୍ତାର ବିଲୋପ ପରେ ମଧ୍ୟ ଉଜ୍ଜୀବିତ ଥାଏ। ଈଶ୍ୱରୀୟ ପୁଞ୍ଜିର ରକ୍ଷଣାବେକ୍ଷଣ ପାଇଁ କୌଣସି ବ୍ୟାଙ୍କ କିମ୍ବା ଜଗୁଆଳିର ଆବଶ୍ୟକତା ପଡ଼ି ନ ଥାଏ। ହୃଦୟରୂପକ ବ୍ୟାଙ୍କରେ ବିନା ଜଗୁଆଳିରେ ଏହା ଛାଏଁ ଛାଏଁ ପରିବର୍ଦ୍ଧିତ ହେଉଥାଏ। ଭକ୍ତର ୧୦ଟି ଲକ୍ଷଣ ଯଥା ଅକ୍ରୋଧ, ବୈରାଗ୍ୟ, ଜିତେନ୍ଦ୍ରିୟ, କ୍ଷମା, ଦୟା, ସର୍ବଜନପ୍ରିୟତା, ନିର୍ଲୋଭ, ଦାନ, ଭୟଶୂନ୍ୟତା ଓ ଶୋକଶୂନ୍ୟତା (ଅଚ୍ୟୁତାନନ୍ଦଙ୍କ ଭକ୍ତିରସ ମାଳିକା) ଥିଲେ ମନୁଷ୍ୟ ଈଶ୍ୱରୀୟ ସତ୍ତାର ନିକଟବର୍ତ୍ତୀ ହୁଏ।

ଆଧ୍ୟାତ୍ମିକତା ଦୃଷ୍ଟିରୁ ଦାରିଦ୍ର୍ୟ ଏକ ଆପେକ୍ଷିକ ଶବ୍ଦ। ଅର୍ଥଶୂନ୍ୟତା ଦାରିଦ୍ର୍ୟ ନୁହେଁ। ମାନସିକ ଆବେଗର ଅନୁପସ୍ଥିତି ହିଁ ଦାରିଦ୍ର୍ୟ। ଏପରି ଜ୍ଞାନୋଦୟ ହେଲେ ଅର୍ଥ ତୋସରପାତ ମନୋବୃତ୍ତିରୁ ନିବୃତ୍ତି ମିଳେ ଓ ଈଶ୍ୱରୀୟ ସାନ୍ନିଧ୍ୟ ପାଇଁ ସ୍ୱର୍ଗୀୟ ଲାଳସା ଜାତ ହୁଏ। ପାର୍ଥିବ ଧନସମ୍ପତ୍ତି ଆହରଣଜନିତ ସୁଖ ଅଳିକ ଓ କ୍ଷଣସ୍ଥାୟୀ। ପାର୍ଥିବ ସୁଖ କେବଳ ଧୂମ ସଦୃଶ, ଯାହା କିୟତ୍‌କାଳ ସ୍ଥାୟୀ। ଏକ କ୍ଷଣରେ ପ୍ରତିଭାତ ହୋଇ ଅନ୍ୟ କ୍ଷଣରେ ଉଭେଇଯାଏ। ମାତ୍ର ବାସ୍ତବ ସୁଖ ଚିରନ୍ତନ। ଜୀବନ ହେଉଛି ଜନ୍ମ ଓ ମୃତ୍ୟୁ ମଧ୍ୟରେ ବ୍ୟବଧାନ। ଜନ୍ମ ପୂର୍ବରୁ ଓ ମୃତ୍ୟୁ ପରେ ସମସ୍ତେ ସମାନ। ଜୀବଦ୍ଦଶାରେ କେବଳ ଦେଖାଦିଏ ଧନୀ ନିର୍ଦ୍ଧନର ପାର୍ଥକ୍ୟ। ଜୀବନକୁ ଉପଲବ୍ଧି କରିବାରେ ନିହିତ ରହିଛି ସକଳ ସୁଖର ଆଦିସତ୍ତା। ଏପରି ବୋଧଶକ୍ତିର ଅବର୍ତ୍ତମାନରେ ଅସାଧୁତାର ଜନ୍ମ। ଅସାଧୁତାରୁ ଜନ୍ମ ନିଏ ଚଞ୍ଚକତା, ଅନ୍ୟକୁ ଠକିବାର ମନୋବୃତ୍ତି। ସାଧାରଣ ସ୍ତରରେ ବିପିଏଲ୍ ଅନ୍ତର୍ଭୁକ୍ତ ହେବା, ରାଶନ କାର୍ଡ ଖଣ୍ଡେ ହାତେଇବା, କାଳିଆ ଯୋଜନାରୁ ଅନୁଚିତ ଫାଇଦା ଉଠାଇବା ଯେପରି ଏକ ନୀଚ ପ୍ରବୃତ୍ତି, ସେହିପରି ସାଧାରଣ ବଣ୍ଟନ ସାମଗ୍ରୀ ଲୁଣ୍ଠନ କରିବା, ସରକାରୀ ଅର୍ଥ ତୋସରପାତ କରିବା ଓ ଅସାଧୁ ଉପାୟରେ ଧନ ସଂଗ୍ରହ କରିବା ଉଚ୍ଚ ମଣିଷର ନୀଚ ପ୍ରବୃତ୍ତି।

ସିଦ୍ଧଳ, ଜଗତ୍‌ସିଂହପୁର, ମୋ–୯୯୩୭୪୫୦୫୪୦

# ନାରୀ ସ୍ୱାଧୀନତା ଓ ସୁରକ୍ଷା



ପ୍ରଦୀପ୍ତ ନାୟକ

ସଦ୍ୟ ପ୍ରକାଶିତ ଏନ୍‌ସିଆର୍‌ବି ରିପୋର୍ଟ ଅନୁଯାୟୀ ମହିଳାମାନଙ୍କ ଉପରେ ହେଉଥିବା ହିଂସାକୁ ତର୍ଜମା କଲେ ନାରୀ ସୁରକ୍ଷା ତଥା ସ୍ୱାଧୀନତା ଆମ ଦେଶ ତଥା ରାଜ୍ୟରେ ନାହିଁ ବୋଲି ପ୍ରତୀୟମାନ ହୁଏ। ଆଉ ସବୁଠାରୁ ଚିନ୍ତାଜନକ ଓ ଲଜ୍ଜାକର ବିଷୟ ହେଲା, ଆମ ରାଜ୍ୟ ଓଡ଼ିଶାରେ ମହିଳା ହିଂସା ଦେଶରେ ସବୁଠାରୁ ଅଧିକ ବୋଲି ଉକ୍ତ ରିପୋର୍ଟରେ ପ୍ରକାଶ ପାଇଛି। ୨୦୧୭ ମସିହା ପର୍ଯ୍ୟନ୍ତ ଅପରାଧ ଚିଠା ପ୍ରସ୍ତୁତ କରିଥିବା ଏହି ଜାତୀୟ ଅନୁଷ୍ଠାନ କହିଛି, ଓଡ଼ିଶାରେ ଉକ୍ତ ବର୍ଷ ୨୦,୦୯୮ଟି ମହିଳା ହିଂସା ଓ ପାଶବିକ ଅତ୍ୟାଚାର ସଂଘଟିତ ହୋଇଛି। ଏହି ସଂଖ୍ୟା ୨୦୧୬ରେ ୧୭,୮୩୭ ଥିବାବେଳେ ଆମ ପୋଲିସ ବିଭାଗ ନାରୀ ଅତ୍ୟାଚାର ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ସରକାରୀ ଭାବରେ ଏହି ପରିସଂଖ୍ୟାନ ଆମର ହସ୍ତଗତ ହୋଇଛି। ମାତ୍ର ଯଦି ବାସ୍ତବ ସ୍ଥିତି ପରଖିବା, ତେବେ ଆମକୁ ବର୍ତ୍ତମାନ 'ମୋ ସରକାର' ତଥା '୫–ଟି' ଚାଲିଥିବା ଥାନାଗୁଡ଼ିକୁ ପରିଦର୍ଶନ କରିବାକୁ ପଡ଼ିବ। ରାଜ୍ୟରେ ସବୁଠାରୁ ଶୃଙ୍ଖଳିତ ସୁଦୃଢ଼ ପୋଲିସ ବ୍ୟବସ୍ଥା ଥିବା କୁହାଯାଉଥିବା ଭୁବନେଶ୍ୱର–କଟକ କମିଶନରେଟ ପୋଲିସ ଥାନାଗୁଡ଼ିକରେ ପରୀକ୍ଷଣ କଲେ ବୁଝାପଡ଼ିବ, କେତେ ମହିଳା ହିଂସା ମାମଲା ଥାନାକୁ ଆସୁଛି ଆଉ ପୋଲିସ ତ୍ୱରିତ ହିଂସା ରୋକିବାରେ କି କି ପଦକ୍ଷେପ ନେଉଛି। କିଭଳି ଭାବରେ ପୋଲିସ ବାବୁମାନେ ପୀଡ଼ିତା ଓ ତା'ର ପରିବାରବର୍ଗଙ୍କୁ ବ୍ୟବହାର କରୁଛନ୍ତି।

ଯାହା ସରକାର ପ୍ରଚାର କରୁଛନ୍ତି ବାସ୍ତବ ସ୍ଥିତି ତା'ର ଓଲଟା। ଅଧିକାଂଶ ଥାନାରେ ପୀଡ଼ିତାଙ୍କୁ ନ୍ୟାୟ ମିଳିବା ଦୂରର କଥା, ସମବେଦନା ଜଣାଇବାକୁ ମଧ୍ୟ ପୋଲିସ ବାବୁ କୁଣ୍ଠାବୋଧ କରନ୍ତି। ପୀଡ଼ିତାମାନେ ଲାଞ୍ଛିତ ଓ ଅପମାନିତ ହୁଅନ୍ତି, କାରଣ ସାଧାରଣତଃ ସେମାନେ ସବୁ ଦରିଦ୍ର, ଅନୁସୂଚିତ ଜାତି କି ଜନଜାତି ବର୍ଗର ହୋଇଥାନ୍ତି, ମଧ୍ୟବିତ୍ତ ଓ ଧନିକ ଘରର ମହିଳାମାନଙ୍କ ପ୍ରତି ଅପେକ୍ଷାକୃତ କମ୍ ହିଂସା ଓ ପାଶବିକ ଅତ୍ୟାଚାର ହୋଇଥାଏ। ଆଉ ସେଭଳି ପରିବାରର ପୀଡ଼ିତା ଯଦି ଥାନାକୁ ନ୍ୟାୟ ପାଇଁ ଯାଉଛି ହୁଏତ କିଛି ପରିମାଣରେ ସହାୟତା ପାଉଛି। ଏନ୍‌ସିଆରବି ତାଲିକାରେ ପୁଣି କୁହାଯାଇଛି ଯେ, ପ୍ରମାଣିତ ହୋଇ ମାମଲା ଚାଲୁଥିବା ମହିଳା ଅତ୍ୟାଚାର ଘଟଣାରେ ମଧ୍ୟ ଓଡ଼ିଶା ୨୦୧୭ ମସିହାରେ ଦେଶରେ ସବୁଠାରୁ ଆଗରେ ଓ ମାମଲା ସଂଖ୍ୟା ୨,୪୫୭। ତା' ତଳକୁ ଭାଜପାଶାସିତ ରାଜ୍ୟ ଉତ୍ତରପ୍ରଦେଶରେ ଏହି ସଂଖ୍ୟା ୧୬୦୦ ଏବଂ ପଶ୍ଚିମବଙ୍ଗରେ ୯୫୪। ଉପରୋକ୍ତ ଘଟଣାଗୁଡ଼ିକରେ ପୋଲିସ କହୁଛି ମହିଳାମାନଙ୍କୁ ଭିଡ଼ହିଂସା, ଗ୍ୟାଙ୍ଗରେପ୍ ତଥା ସର୍ବସାଧାରଣ ସ୍ଥଳରେ ଯୌନଗତ ହିଂସା ଇତ୍ୟାଦିର ସାମ୍ନା କରିବାକୁ ପଡୁଛି। ଦେଶରେ ତିନି ପାରଙ୍ଗମ ରାଜ୍ୟରେ ନାରୀମାନେ ଅସୁରକ୍ଷିତ ବୋଲି ସରକାରୀ ତଥ୍ୟ କହୁଛି। ଦେଖାଯାଉଛି ମଦର ପ୍ରାବଲ୍ୟ ମହିଳା ହିଂସା ବଢ଼ାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଏହା ସତ୍ତ୍ୱେ ଓଡ଼ିଶାରେ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ସରକାରୀ ମଦ ଦୋକାନ ଖୋଲୁଛି।

ଯଦି ମହିଳାମାନେ ଆଜିର ଦିନରେ ସମାଜରେ ନିରାପଦରେ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟକ୍ରମ ବା ଦାୟିତ୍ୱ ସମ୍ପାଦନ କରିପାରିବେ ନାହିଁ ତେବେ ନାରୀ ସ୍ୱାଧୀନତା, ସମାନତା ଓ ସହଭାଗିତା କଥା ଆମେ କିପରି ଆଶା କରିବା? ଝିଅଟିଏ ସ୍କୁଲ୍ କଲେଜ କିମ୍ବା ବାହାରକୁ ତା'ର କାମ ପାଇଁ ଯାଇ ଯେପର୍ଯ୍ୟନ୍ତ ନିରାପଦରେ ଘରକୁ ନ ଫେରିଛି, ବାପାମା' ସେପର୍ଯ୍ୟନ୍ତ ଚିନ୍ତାରେ ରହୁଛନ୍ତି। ସିସି ଟିଭି କ୍ୟାମେରା, ମୋବାଇଲ୍ ଫୋନ୍ ଓ ଯାତାୟାତ ବ୍ୟବସ୍ଥାରେ ଯେତେ ଉନ୍ନତି ହେଲେ ମଧ୍ୟ ମହିଳାମାନଙ୍କର ନିସ୍ତାର ନାହିଁ। ଏପରି ହେଉଛି କାହିଁକି? ଏ ବିଷୟରେ ଯଦି ଗବେଷଣା କରାଯାଏ ତେବେ ନିଶ୍ଚିତ ବୁଝାପଡ଼ିବ ଏଥିପାଇଁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥାର ଅଭାବ। ରାଜ୍ୟ ତଥା ଦେଶରେ ଚରମ ଦାରିଦ୍ର୍ୟ, ବେକାରି, ବେରୋଜଗାର, ନିରକ୍ଷରତା, ଆଇନ ସଚେତନତାର ଅଭାବ, ଲଗାମଛଡ଼ା ମଦ ବେପାର, ସର୍ବୋପରି ଏକ ଶୃଙ୍ଖଳିତ ସମାଜ ବ୍ୟବସ୍ଥା ଓ ଶାସନ ବ୍ୟବସ୍ଥାର ଅଭାବ ଯୋଗୁ ନାରୀ ଅତ୍ୟାଚାର, ଘରୋଇ ହିଂସା, କର୍ମକ୍ଷେତ୍ରରେ ହିଂସା ସଂଘଟିତ ହେଉଛି। ସରକାରୀ ଆଇନ କାନୁନ ସବୁ ପାଣିର ଗାର ହୋଇଯାଉଛି। ସେଥିପାଇଁ ନା ସରକାରଙ୍କ ନିଘା ଅଛି ନା ଆମ ଲୋକମାନଙ୍କର କିଛି ଚିନ୍ତା। ଆପେ ବଞ୍ଚିଲେ ବାପର ନାଁ ନ୍ୟାୟରେ ସମସ୍ତେ ଚୁପ୍, ମାତ୍ର ଯେତେବେଳେ ନିଜ ଉପରେ କେବେ ବିପଦ ଆସୁଛି ସେଠି ପିଠିରେ ପଡ଼ିବାକୁ କେହି ନାହିଁ।

ଓଡ଼ିଶାରେ ବିବାହ ଓ ଜୀବିକା ନିର୍ବାହ ନାମରେ ଶିଶୁକନ୍ୟା ଚାଲାଣ ବହୁଳ ଭାବରେ ହେଉଛି। ପେଟ ପୋଷିବା ପାଇଁ ସୁଦୂର ତାମିଲନାଡୁ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ଦିଲ୍ଲୀ, ବମ୍ବେ ଇତ୍ୟାଦି ସ୍ଥାନକୁ ଯାଇ ମହିଳାଟିଏ ଯୌନ ଶୋଷଣ, ରୋଗ ଓ ଅତ୍ୟାଚାରର ଶିକାର ହୋଇ ଘରକୁ ଫେରୁଛି। ବର୍ଷ ବର୍ଷ ଧରି ବାରମ୍ବାର ଏପରି ଘଟି ଚାଲିଥିଲେ ମଧ୍ୟ ସରକାର ସ୍ଥିତି ସମ୍ଭାଳିବାରେ ଅସମର୍ଥ। ରାଜ୍ୟରେ ଲକ୍ଷ ଲକ୍ଷ ଲୋକ କାମ ନ ପାଇ ବାହାର ରାଜ୍ୟକୁ ଯାଉଛନ୍ତି। ଆମ ସରକାର ନିରୁପାୟ। ରାଜ୍ୟରେ ୪ କୋଟି ୧୯ ଲକ୍ଷ ୪୭ ହଜାର ୩୫୮ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ମାତ୍ର ୬୧୨ଟି ଥାନା ଓ ୭୨ ହଜାର ୧୪୫ ପୋଲିସ ଅଫିସର ଏବଂ ସିପାହି ପଦବୀ ରହିଛି। ପରିତାପର ବିଷୟ ଯେ, ହଜାର ହଜାର ପଦବୀ ଖାଲି ପଡ଼ିଛି। କେବଳ ଭୁବନେଶ୍ୱର–କଟକ କମିଶନରେଟ ପୋଲିସରେ ୨୦୦ ଅଫିସର ଓ ୪୦୦ ସିପାହି ପଦବୀ ଖାଲି ପଡ଼ିଛି। ଯଦି ରାଜ୍ୟର ଦୁଇ ପ୍ରମୁଖ ସହରର ଆଇନଶୃଙ୍ଖଳା ରକ୍ଷା କରିବାରେ ପୋଲିସର ଏପରି ଦୟନୀୟ ଅବସ୍ଥା, ତେବେ ରାଜ୍ୟର ଗ୍ରାମାଞ୍ଚଳ ଓ ଉପାନ୍ତ ଅଞ୍ଚଳରେ କି ଅବସ୍ଥା ଥିବ ଅନୁମାନ କରାଯାଇପାରେ। ଅଯଥା ରାଜନୈତିକ ହସ୍ତକ୍ଷେପ ପୋଲିସର କର୍ତ୍ତବ୍ୟ ପାଳନରେ ଅନ୍ତରାୟ ସୃଷ୍ଟି କରୁଛି। ନାରୀଶିକ୍ଷାର ବିକାଶ ନ ହେବାରୁ ମଧ୍ୟଯୁଗୀୟ ସାମାଜିକ ପ୍ରଥା, ଗୁଣିଗାରେଡ଼ି, ଅନ୍ଧବିଶ୍ୱାସ ମଧ୍ୟ ନାରୀ ଅତ୍ୟାଚାର ବଢ଼ାଉଛି। ଏପରି କ୍ଷେତ୍ରରେ ନାରୀ ସମାଜ କିପରି ବା ସୁରକ୍ଷିତ ହେବ!

ଟିକରପଡ଼ା, କାକଟପୁର, ପୁରୀ, ମୋ– ୯୪୩୭୦୫୩୩୨୯

## ଏଇ ଭାରତରେ

ନିଜ ଚାକିରିକୁ ଦେଖିବା ସହ ଅଭାବୀଙ୍କ ମୁହଁରେ ହସ ଖେଳାଇବା ନିଶ୍ଚିତ ପ୍ରଶଂସନୀୟ। ଏମିତି କାର୍ଯ୍ୟରେ ଲାଗିଛନ୍ତି ତେଲେଙ୍ଗାନାର ଭିନିଲ ରେଡ୍ଡୀ। ତାଙ୍କୁ ବର୍ତ୍ତମାନ ବୟସ ୨୫। ପେସାରେ ସେ ଜଣେ ଏରୋନଟିକାଲ ଇଞ୍ଜିନିୟର। ୨୦୧୫ରେ ସ୍ନାତକ ଡିଗ୍ରୀ ହାସଲ କରିବାର ଦିନକ ପରେ ସେ ଅଭିଷ୍ଟି ୱେଲ୍‌ଫେୟାର ସୋସାଇଟି ନାମକ ଏନ୍‌ଜିଓ ଗଠନ କରିଥିଲେ। ଏବେ ତାଙ୍କ ଭାଇ ସୁନୀଲଙ୍କ ସହ ସେ ଭାରତରେ ୫୬ଟି ଶାଖାରେ ୩୪,୦୦୦ ଜଣ ସ୍ୱେଚ୍ଛାସେବୀଙ୍କୁ ନେଇ ସମାଜସେବାରେ ଲାଗିଛନ୍ତି। ସେ ଏହି ସଂସ୍ଥା ମାଧ୍ୟମରେ କୃଷକମାନଙ୍କୁ ସାହାଯ୍ୟ କରୁଛନ୍ତି। ଅଭାବୀଙ୍କୁ ଖାଦ୍ୟ ଦେଉଛନ୍ତି। ହୋଟେଲଗୁଡ଼ିକରୁ ଖାଦ୍ୟ ସଂଗ୍ରହ କରି ହାଇଦ୍ରାବାଦର ମହାତ୍ମା ଗାନ୍ଧୀ ବସଷ୍ଟାଣ୍ଡରେ ରାତିରେ ଯାତ୍ରା କରୁଥିବା ଲୋକଙ୍କୁ ଖାଇବା ଲାଗି ଦେଉଛନ୍ତି। ଦିନକୁ ୧ ଲିଟର ଲେଖାଏ କ୍ଷୀର ହାଇଦ୍ରାବାଦର ୧୬୦୦ଟି ଗ୍ରୋସରି ଷ୍ଟୋରରୁ ସକାଳ ୬ଟାରେ ସଂଗ୍ରହ କରି ତାହାକୁ ଗରମ କରି ୨୦୦୦ ଗରିବ ଛାତ୍ରଙ୍କୁ ପିଇବାକୁ ଦିଆଯାଉଛି। ଭିନିଲଙ୍କ ଟିମ୍ ସରକାରୀ ସ୍କୁଲ୍ ଓ କଲେଜରେ ଛାତ୍ରମାନଙ୍କ ଲାଗି କ୍ୟାରିୟର ଗଠନର ମାର୍ଗ ଦେଖାଉଛନ୍ତି। ତାଙ୍କ କ୍ୟାରିୟର ଗାଇଡାନ୍ସ ପ୍ରୋଗ୍ରାମ୍‌ରେ ଏବେ ୪.୫ ଲକ୍ଷ ଛାତ୍ର ଯୋଡି ହୋଇଛନ୍ତି। ଏହା ସହରଠାରୁ ଗାଁ ଯାଏ ବ୍ୟାପିଛି। ବସ୍ତି ଅଞ୍ଚଳରେ ମହିଳା ସଶକ୍ତୀକରଣ ଲାଗି ମଧ୍ୟ ସେ କାର୍ଯ୍ୟ କରୁଛନ୍ତି। ବସ୍ତିରେ ଅଭାବୀମାନଙ୍କୁ ଖାଦ୍ୟ ଦେଉଛନ୍ତି। ଭିନିଲ ପିଲାଦିନେ ତାଙ୍କ ଭାଇଙ୍କ ସହ ନାଲ୍‌ଗୋଣ୍ଡା ହସ୍ପିଟାଲକୁ ଯାଇ ବିଷାଦଗ୍ରସ୍ତ କ୍ୟାନ୍‌ସର ରୋଗୀ ଓ ତାଙ୍କ ପରିବାରଙ୍କ ସହ ସମୟ ବିତାଇ ସେମାନଙ୍କ ମନୋବଳ ବୃଦ୍ଧି କରୁଥିଲେ। କ୍ୟାନ୍‌ସରପୀଡିତ ପିଲାମାନଙ୍କ ପାଖକୁ ଯାଇ ସେମାନଙ୍କ ସହ ଖେଳୁଥିଲେ। ୧୦ମରେ ପଢୁଥିବାବେଳେ ଭିନିଲ 'ସ୍ମାଇଲ୍ କ୍ୟାନ୍‌ସର ଫାଉଣ୍ଡେଶନ' ଗଠନ କରି ତାଙ୍କ ସହପାଠୀଙ୍କୁ ଏଥିପାଇଁ ପ୍ରତିଦିନର ପକେଟ୍ ମନିରୁ ୧ ଟଙ୍କା ଦାନ କରିବା ଲାଗି କହିଥିଲେ। ମାସରେ ଜଣ ପିଛା ୩୦ଟଙ୍କା ହେବା ପରେ ତାହାକୁ ଏକାଠି କରି ଭିନିଲ ଓ ତାଙ୍କ ସାଙ୍ଗମାନେ ଔଷଧ, ଖାଦ୍ୟ ଓ ଆବଶ୍ୟକ ଜିନିଷ କିଣି ରୋଗୀମାନଙ୍କୁ ଦେଉଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୬ ଡିସେମ୍ବର ୧୯୯୪

- ଅଣୁ ଅପ୍ରସାର (ଏନ୍‌ପିଟି) ଚୁକ୍ତିରେ ୟୁକ୍ରେନର ସ୍ୱାକ୍ଷର।
- ସୌଦିଆରବ ଓ ଭାରତ ମଧ୍ୟରେ ପୁଞ୍ଜି ବିନିଯୋଗ ବୃଦ୍ଧି କରିବା ସହ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ଘନିଷ୍ଠ କରିବା ପାଇଁ ଦୁଇ ଦେଶ ମଧ୍ୟରେ ସହମତି।
- ଲୋକ ସଭା ସଦସ୍ୟ ପଦରୁ ପୂର୍ବତନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ପ୍ରତାପ ସିଂଙ୍କ ଇସ୍ତଫା।

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦିଅନ୍ତୁ

ମହାଶୟ,

ସରକାର ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଆୟୁଷ–ଆୟୁର୍ବେଦ, ଯୋଗ ୟୁନାନୀ, ସିଦ୍ଧ ଓ ହୋମିଓପ୍ୟାଥି ନାମରେ ଅନେକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଗଣାରେ ଲୋକଙ୍କୁ ଯୋଗାଉଛନ୍ତି। ଆମ ଗ୍ରାମରେ ଏକ ସରକାରୀ ହୋମିଓ ଚିକିତ୍ସାଳୟ, ସ୍ୱାସ୍ଥ୍ୟ ଉପକେନ୍ଦ୍ର, ଏଏନ୍‌ଏମ୍ ସେବା ଓ ଅଙ୍ଗନୱାଡି କେନ୍ଦ୍ର ଅଛି। ଏଠାରେ ଅବସ୍ଥାପିତ ହୋମିଓ ଚିକିତ୍ସକ ଅନ୍ୟ ଚିକିତ୍ସାଳୟ ଦାୟିତ୍ୱରେ ଥିବାରୁ ସେ ଗୁରୁବାରକୁ ବାଦ୍ ଦେଇ ସପ୍ତାହରେ ଦୁଇ, ତିନିଦିନ ଆସନ୍ତି। ଅବଶ୍ୟ ସେ ଚିକିତ୍ସାରେ ଧୁରୀଣ। ସ୍ୱାସ୍ଥ୍ୟ ଉପକେନ୍ଦ୍ର, ଏଏନ୍‌ଏମ୍‌ଙ୍କ କାର୍ଯ୍ୟ କେବଳ ମମତା ଦିବସରେ ସୀମିତ। ସ୍ୱାସ୍ଥ୍ୟ ଉପକେନ୍ଦ୍ର ଉଦ୍‌ଘାଟିତ ହୋଇ କାର୍ଯ୍ୟକ୍ଷମ ନୁହେଁ। ଅଙ୍ଗନୱାଡି କେନ୍ଦ୍ର ନ ଥିବାରୁ ପୁରୁଣା ହୋମିଓ ଚିକିତ୍ସାଳୟ ପରିତ୍ୟକ୍ତ ଘରେ ଚାଲିଛି। ଏଠାରେ ପ୍ରଥମରୁ ମଞ୍ଜୁର ହୋଇଥିବା ପ୍ରସୂତି କେନ୍ଦ୍ର ଆଦୌ କାର୍ଯ୍ୟକାରୀ ନ ହୋଇ ଆଶାକର୍ମୀ ନିକଟସ୍ଥ ହସ୍‌ପିଟାଲକୁ ନେଇ ପ୍ରସୂତି କାର୍ଯ୍ୟ କରନ୍ତି। ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦିଅନ୍ତୁ।

ହରି, ବାବୁଲି, ସୁଦର୍ଶନ ଓଗେର, ବିଦ୍ୟାଧରପୁର, ସୁଆଣ୍ଡୋ, ଗୁଆଲିଗୋରଡା ଗ୍ରାମବାସୀ, ସତ୍ୟବାଦୀ, ପୁରୀ

### ଅସ୍ଥାୟୀ ଅଧ୍ୟାପକ କରିବେ କ'ଣ

ଓଡ଼ିଶା ସରକାର ଉଚ୍ଚ ଶିକ୍ଷା ବିଭାଗ ୧୪।୧୦।୨୦୧୯ରିଖ ଚିଠି ନଂ.୨୧୩୦୩ ଅନୁଯାୟୀ ରାଜ୍ୟରେ କାର୍ଯ୍ୟ କରୁଥିବା ସମସ୍ତ ଆଡହକ ଅଧ୍ୟାପକମାନଙ୍କର ଆଉ ମେ ୨୦୨୦ରୁ କାର୍ଯ୍ୟକାଳ ବୃଦ୍ଧି ହେବ ନାହିଁ। ଯେଉଁମାନେ ଅଧ୍ୟାପନା କରି ବୁଢା ହେଲେଣି ସେମାନେ ଏବେ କ'ଣ କରିବେ? ମୁଖ୍ୟମନ୍ତ୍ରୀଙ୍କ ୫–ଟି ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଏତେ ସଂଖ୍ୟକ ଅଧ୍ୟାପକଙ୍କୁ କାର୍ଯ୍ୟରୁ ଅନ୍ତର କରାଗଲେ, ସେମାନେ ବଞ୍ଚିବେ କିପରି? ବରଂ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରୁଛୁ।

ସତ୍ୟନାରାୟଣ ମିଶ୍ର, ସଭାପତି, ଆଡହକ ଅଧ୍ୟାପକ ସଂଘ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।

- ଭଗବାନ ଶ୍ରୀକୃଷ୍ଣ






ନୂଆଦିଲୀରେ ଆୟୋଜିତ ଉତ୍ସବରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଖପ୍ରାଖୋଲ ବ୍ଲକ ସୁନାମୁଦି ଉପସ୍ୱାସ୍ଥ୍ୟକେନ୍ଦ୍ରର ମହିଳା ସ୍ୱାସ୍ଥ୍ୟକର୍ମୀ ମମତା ଭୋଇଙ୍କୁ ଜାତୀୟ ଫ୍ଲୋରେନ୍ସ ନାଇଟିଙ୍ଗଲ ପୁରସ୍କାର ପ୍ରଦାନ କରୁଛନ୍ତି। ପାଖରେ ଉପସ୍ଥିତ ଅଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷ ବର୍ଦ୍ଧନ ।

# ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ନାଇଟିଙ୍ଗଲ ପୁରସ୍କାର

**ଖପ୍ରାଖୋଲ, ୫।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସୁନାମୁଦି ଉପସ୍ୱାସ୍ଥ୍ୟକେନ୍ଦ୍ରର ମହିଳା ସ୍ୱାସ୍ଥ୍ୟକର୍ମୀ ମମତା ଭୋଇଙ୍କୁ ଜାତୀୟ ଫ୍ଲୋରେନ୍ସ ନାଇଟିଙ୍ଗଲ ପୁରସ୍କାର ମିଳିଛି । ଉପାନ୍ତ ଅଞ୍ଚଳରେ ନିରବଚ୍ଛିନ୍ନ ସ୍ୱାସ୍ଥ୍ୟସେବା ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ଚଳିତବର୍ଷ ଓଡିଶାରୁ ମମତା ଭୋଇ ମନୋନୀତ ହୋଇଥିଲେ । ନୂଆଦିଲୀରେ ଗୁରୁବାର ସ୍ୱାସ୍ଥ୍ୟ ବିଭାଗ ତରଫରୁ ଆୟୋଜିତ ଭବ୍ୟ ସମାରୋହରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ମମତାଙ୍କୁ ପ୍ରଶସ୍ତିପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଛି । ସମାରୋହରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷ ବର୍ଦ୍ଧନଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ମହିଳା ସ୍ୱାସ୍ଥ୍ୟକର୍ମୀ ଭୋଇ ସୁନାମୁଦି ଉପସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ବର୍ଷ ହେଲା ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛନ୍ତି। ପରିବାର ନିୟୋଜନ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ପାଇଁ ୨ବର୍ଷ ତଳେ ରାଜ୍ୟ ସରକାରଙ୍କ ତରଫରୁ ସେ ସମ୍ବର୍ଦ୍ଧିତ ହୋଇଥିଲେ । ତାଙ୍କର ଏହି କୃତିତ୍ୱରେ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡା. ଉତ୍କଳମଣି ମେହେର, ବ୍ଲକ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବାଳଚନ୍ଦ୍ର ଛତ୍ରିଆ, ଡା. ସୁଜିତ କୁମାର ପଧାନ, ଡା.ରାଜଶ୍ରୀ ସାହୁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ଆରମ୍ଭ ହେଲା ପ୍ରଥମ ମିଶନ ଶକ୍ତି ମେଳା

# 'ଦିଲ୍ଲୀ ହାଟ୍' ଭଳି ଭୁବନେଶ୍ୱରରେ ହେବ ସ୍ୱତନ୍ତ୍ର ହାଟ

**ଭୁବନେଶ୍ୱର, ୫।୧୨(ବ୍ୟୁରୋ)**

ରାଜ୍ୟରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚ୍ଜି) ଦ୍ୱାରା ଉତ୍ପାଦିତ ସାମଗ୍ରୀର ବିକ୍ରିବଟା ପାଇଁ ଭୁବନେଶ୍ୱରରେ ଖୋଲିବ ସ୍ୱତନ୍ତ୍ର ହାଟ। ଦିଲ୍ଲୀର ଅର୍ବାନ ହାଟ୍ ଢାଞ୍ଚାରେ ଏହି ହାଟ ପ୍ରତିଷ୍ଠା ହେବ। ବର୍ଷକ ୧୨ମାସ ଏଠାରୁ ଲୋକେ ଗ୍ରାମୀଣ ଉତ୍ପାଦିତ ଏବଂ ଏସ୍ଏଚ୍ଜି ଦ୍ୱାରା ପ୍ରସ୍ତୁତ ପାରମ୍ପରିକ ସାମଗ୍ରୀ କିଣିବାର ଅବସର ପାଇବେ। କେବଳ ଏତିକି ନୁହେଁ, ସୁଦୂର କଳାହାଣ୍ଡି, କନ୍ଧମାଳ, ମୟୂରଭଞ୍ଜ ଓ ରାୟଗଡ଼ା ଆଦି ଜିଲାର ଜନଜାତିମାନଙ୍କ ଦ୍ୱାରା ପ୍ରସ୍ତୁତ ଜଙ୍ଗଲଜାତ ସାମଗ୍ରୀ ମଧ୍ୟ ଏଠାରେ ବର୍ଷତମାମ ଉପଲବ୍ଧ ହେବ। ଏଥିପାଇଁ ଭୁବନେଶ୍ୱର ଗଣ୍ଡମୁଣ୍ଡାଠାରେ ଏକ ସ୍ଥାନ ଚିହ୍ନଟ କରାଯାଇଥିବାବେଳେ ମିଶନ ଶକ୍ତିର ୭୦ ସ୍ଥାୟୀ ଷ୍ଟଲ୍ ଏଠାରେ ଖୋଲିବ। ଏହାଦ୍ୱାରା ଗ୍ରାମାଞ୍ଚଳ ଓ ସହରାଞ୍ଚଳ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଘରକରଣା, ଘରସଜ୍ଜା ଓ ଖାଦ୍ୟସାମଗ୍ରୀ କେବଳ ମେଳା, ମହୋତ୍ସବରେ ସୀମିତ ନ ରହି ସବୁବେଳେ ମିଳିପାରିବ ବୋଲି ମିଶନ ଶକ୍ତି ନିର୍ଦ୍ଦେଶିକା ସୁଜାତା ଆର୍. କାର୍ତ୍ତିକେୟନ୍ ସୂଚନା ଦେଇଛନ୍ତି।

ମିଶନ ଶକ୍ତି ନିର୍ଦ୍ଦେଶାଳୟ, ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ରାଜ୍ୟର ପ୍ରଥମ ମିଶନ ଶକ୍ତି ମେଳାର ଉଦ୍‌ଘାଟନୀ ସମାରୋହରେ ସୁଜାତା କହିଥିଲେ, ପ୍ରଥମଥର ପାଇଁ ଏସ୍ଏଚ୍ଜି ଉତ୍ପାଦକୁ ମିଶନ ଶକ୍ତି ଦ୍ୱାରା ୟୁନିଫର୍ମ ପ୍ୟାକେଜିଂ କରାଯାଇଛି। ଏଥିପାଇଁ ପରିବେଶ ଉପଯୋଗୀ 'ପଲି ପାଉଚ୍' ବ୍ୟବହାର ହୋଇଥିବାବେଳେ ୟୁନିଫର୍ମ ପ୍ୟାକେଜିଂ ଦ୍ୱାରା ମିଶନ ଶକ୍ତିର ବ୍ରାଣ୍ଡିଂ ସମ୍ଭବ ହୋଇଛି। ୬ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ରାଜ୍ୟର ୭୦ଲକ୍ଷ ମହିଳା ସ୍ୱାବଲମ୍ବୀ ହୋଇପାରିଛନ୍ତି। ପ୍ରତି ମହିଳା ଗ୍ରୁପ୍‌କୁ ଏବେ ୩ଲକ୍ଷ ଟଙ୍କାର ଋଣ ଦିଆଯାଉଥିବାବେଳେ ଆଗାମୀ ଦିନରେ ମୋଟ ଋଣ ପରିମାଣକୁ ୫ହଜାର କୋଟି ଟଙ୍କାରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। ଓରମାସ୍ ସହିତ ମିଳିତ ଭାବେ ୩୦ ଜିଲାରେ ୩୦୦ ପ୍ରଡ୍ୟୁସର୍ସ ଗ୍ରୁପ୍ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନିଆଯାଇଛି। ଆଗାମୀ ୫ବର୍ଷରେ ଉଭୟ ସାମଗ୍ରୀ ଓ ସେବା କ୍ଷେତ୍ରରେ ୫ହଜାର କୋଟି ଟଙ୍କାର ସରକାରୀ କାମ ମହିଳାମାନଙ୍କୁ ଦିଆଯିବ ବୋଲି କ୍ୟାବିନେଟ୍ ନିଷ୍ପତ୍ତି ହୋଇଥିବା କାର୍ତ୍ତିକେୟନ ସୂଚନା ଦେଇଛନ୍ତି। ମେଳାକୁ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ ଉଦ୍‌ଘାଟନ କରି ବିଭିନ୍ନ ଷ୍ଟଲ୍ ବୁଲି ଦେଖିବା ସହ ମିଶନ ଶକ୍ତି ଦ୍ୱାରା ସ୍ୱତନ୍ତ୍ର ମୋବାଇଲ୍ ଆପ୍‌ର ଉନ୍ମୋଚନ କରିଥିଲେ। ପ୍ରତିବର୍ଷ ଏହି ମେଳାକୁ ବୃହତ୍ ଆକାରରେ ଆୟୋଜନ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଏହି ଅବସରରେ ମିଶନ୍ ଶକ୍ତି ଉପଦେଷ୍ଟା ଡ. ଲୋପାମୁଦ୍ରା ବକ୍ସିପାତ୍ର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ପ୍ରମୁଖ ସଚିବ ଅନୁ ଗର୍ଗ, ଏନ୍ଆର୍ଏଲ୍ଏମ୍ ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ ପ୍ରମୁଖ ଉପସ୍ଥିତ ଥିଲେ। ନୟାଗଡ଼ର ମା'ତାରିଣୀ ଡବ୍ଲ୍ୟୁଏସ୍ଏଚ୍ଜି, ସୁନ୍ଦରଗଡ଼ର ଦିବ୍ୟଜ୍ୟୋତି ଡବ୍ଲ୍ୟୁଏସ୍ଏଚ୍ଜି, ଗଞ୍ଜାମର ମା' ବେହେରା ପାତ୍ର ପ୍ରାଇମେରି ଫିସରି ୱିମେନ୍ ଡେଭେଲପ୍‌ମେଣ୍ଟ ସୋସାଇଟିକୁ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ମିଶନ୍ ଶକ୍ତି ଯୁଗ୍ମସଚିବ ସୁଧାଂଶୁ ଶେଖର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ମନ୍ତ୍ରୀ ଟୁକୁନି ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ମିଶନ ଶକ୍ତି ପ୍ରମୁଖ ସଚିବ ଅନୁ ଗର୍ଗ, ନିର୍ଦ୍ଦେଶିକା ସୁଜାତା ଆର୍. କାର୍ତ୍ତିକେୟନ ପ୍ରମୁଖ ଷ୍ଟଲ୍ ବୁଲି ଦେଖୁଛନ୍ତି।


## ସରକାରୀ ମୋଟର ଯାନ ଚାଳନା ପ୍ରତିଷ୍ଠାନ, ଭୁବନେଶ୍ୱର

**ବିଜ୍ଞାପନ**

ଓଡ଼ିଶା ସରକାରଙ୍କ ପରିବହନ ବିଭାଗ ଦ୍ୱାରା ପେସାଦାର ଡ୍ରାଇଭର ହୋଇ ଜୀବିକା ନିର୍ବାହ କରିବା ପାଇଁ ଇଚ୍ଛୁକ ଯୁବକ/ଯୁବତୀମାନଙ୍କଠାରୁ ଭାରି ମୋଟର ଯାନ (HMV) ଡ୍ରାଇଭିଂ ଟ୍ରେନିଂ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି । ଇଚ୍ଛୁକ ଯୁବକ/ଯୁବତୀମାନେ ଯାଜପୁର ଜିଲ୍ଲା ଛତିଆ ନିକଟସ୍ଥ ବିଦ୍ୟାଧରପୁର ଗ୍ରାମରେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ଅଶୋକ ଲେଲାଣ୍ଡ କମ୍ପାନୀ ଦ୍ୱାରା ପରିଚାଳିତ ଭାରୀଯାନ ତାଲିମ କେନ୍ଦ୍ରର ଛାତ୍ରାବାସରେ ରହି ୩୦ ଦିନ ପର୍ଯ୍ୟନ୍ତ ତାଲିମ ନେବା ଆବଶ୍ୟକ । ଏହି ତାଲିମ ଖର୍ଚ୍ଚ, ଛାତ୍ରାବାସର ଖର୍ଚ୍ଚ, ଲର୍ଣ୍ଣିଂ ତଥା ଡ୍ରାଇଭିଂ ଲାଇସେନ୍ସର ସମସ୍ତ ଦେୟ ସମ୍ପୂର୍ଣ୍ଣ ଭାବେ ସରକାର ବହନ କରିବେ । ଏତଦ୍ ବ୍ୟତୀତ ସରକାର ସଫଳ ପ୍ରାର୍ଥୀମାନଙ୍କୁ ୩୦୦୦ ଟଙ୍କା ଲେଖାଏ ମଜୁରି କ୍ଷତିପୂରଣ ପ୍ରଦାନ କରିବେ ।

**ଆବେଦନ ପାଇଁ ପ୍ରାର୍ଥୀଙ୍କ ଯୋଗ୍ୟତା**

**(୧) ବୟସ : ୨୦ ରୁ ୪୦ ବର୍ଷ, (୨) ଉଚ୍ଚତା : ୫ ଫୁଟ ୪ ଇଞ୍ଚ ବା ତଦୂର୍ଦ୍ଧ୍ୱ**

**(୩) ଅଭିଜ୍ଞତା : ଏକ ବର୍ଷରୁ ଅଧିକ ପୁରୁଣା ହାଲୁକା ମୋଟର ଯାନ (LMV) ଡ୍ରାଇଭିଂ ଲାଇସେନ୍ସ ଥିବା ଆବଶ୍ୟକ ।**

ଇଚ୍ଛୁକ ପ୍ରାର୍ଥୀମାନେ ନିମ୍ନଲିଖିତ ସୂଚନାମାନ ସାଦା ଫର୍ମରେ ପୂରଣ କରି ଆବେଦନ କରିବେ : ୧. ନାମ, ୨. ପିତାଙ୍କ ନାମ, ୩. ସମ୍ପୂର୍ଣ୍ଣ ଠିକଣା, ୪. ମୋବାଇଲ ନମ୍ବର, ୫. ଜନ୍ମ ତାରିଖ, ୬. ଉଚ୍ଚତା, ୭. (LMV) ଡ୍ରାଇଭିଂ ଲାଇସେନ୍ସ ର ବିବରଣୀ, ୮. ଅଗ୍ରାଧିକାର ପାଇଁ ଯୋଗ୍ୟତା ।

ପ୍ରାର୍ଥୀମାନେ ଉପରୋକ୍ତ ଫର୍ମ ପୂରଣ କରି ୨ ଗୋଟି ଫଟୋ ସହ ଠିକଣା, ବୟସ ପ୍ରମାଣପତ୍ର, ହାଲୁକା (LMV) ଡ୍ରାଇଭିଂ ଲାଇସେନ୍ସ ତଥା ଅଗ୍ରାଧିକାର ପାଇଁ ଯୋଗ୍ୟତା ପ୍ରମାଣପତ୍ରର ନକଲ ସହ ନିମ୍ନଲିଖିତ ଠିକଣାରେ ପଠାଇପାରିବେ କିମ୍ବା ଉପରୋକ୍ତ ଫର୍ମ ସହ ୨ ଗୋଟି ଫଟୋ ଓ ଉକ୍ତ ପ୍ରମାଣପତ୍ର ଗୁଡ଼ିକର ସ୍ୱ ପ୍ରମାଣିତ ନକଲ (Self attested copy) ସହ ତାଲିମ କେନ୍ଦ୍ରରେ ଛୁଟିଦିନ ବ୍ୟତୀତ ଯେ କୌଣସି ଦିନ ପ୍ରିନ୍ସିପାଲଙ୍କ କାର୍ଯ୍ୟାଳୟରେ ଦାଖଲ କରିପାରିବେ । ଏହି ତାଲିମ ବର୍ଷସାରା ଦିଆଯାଏ । ତେଣୁ ପ୍ରାର୍ଥୀମାନେ ଯେ କୌଣସି ମାସର ଶେଷ ସପ୍ତାହରେ ଆବେଦନ କରିପାରିବେ ।

ରାଜ୍ୟର ଯେକୌଣସି ଜିଲ୍ଲାର ବାସିନ୍ଦା ହୋଇଥିଲେ ମଧ୍ୟ ଭାରୀଯାନ ଚାଳନା ତାଲିମ ପରେ ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀ (R.T.O.)ଙ୍କ ନିକଟରେ ଡ୍ରାଇଭିଂ ଲାଇସେନ୍ସ ନିମନ୍ତେ ଦରଖାସ୍ତ କରିପାରିବେ ଏବଂ ଡ୍ରାଇଭିଂ ଟେଷ୍ଟରେ କୃତକାର୍ଯ୍ୟ ହେଲେ ଡ୍ରାଇଭିଂ ଲାଇସେନ୍ସ ପାଇପାରିବେ ।

**ଫର୍ମ ପଠାଇବା / ଦେବାର ଠିକଣା :**

**ପ୍ରିନ୍ସିପାଲ, ଭାରୀଯାନ ଚାଳନା ତାଲିମ କେନ୍ଦ୍ର, ବିଦ୍ୟାଧରପୁର, ଛତିଆ, ଜିଲ୍ଲା : ଯାଜପୁର**

**ଫୋନ୍ ନମ୍ବର : ୭୦୭୭୪୨୬୫୭୧, ୯୧୭୮୯୨୬୭୬୩**

**ଯୁଗ୍ମ ପରିବହନ କମିଶନର (ଟେକ୍ନିକାଲ) ତଥା ଅଧ୍ୟକ୍ଷ,**
**ସରକାରୀ ମୋଟର ଯାନ ଚାଳନା ପ୍ରତିଷ୍ଠାନ, ଭୁବନେଶ୍ୱର**



## ପଞ୍ଚାୟତ ସମିତି କାର୍ଯ୍ୟାଳୟ ରେଢାଖୋଲ

**ପତ୍ର ସଂଖ୍ୟା.3508** **ତାରିଖ: 03.12.2019**

ଏତଦ୍ୱାରା ରେଢାଖୋଲ ପଞ୍ଚାୟତ ସମିତିର ସମସ୍ତ ଜନସାଧାରଣ ନିମନ୍ତେ ଜଣାଇ ଦିଆଯାଉଛି ଯେ, ୨୦୧୯-୨୦ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟ (SA Pleriod 1st Apr 2019 to 30th Sep 2019) ସାମାଜିକ ସମୀକ୍ଷାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କରାଯାଇଥିବା ପ୍ରକଳ୍ପ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (PMAY)/ବିଜୁ ପକ୍କାଘର ଯୋଜନା (BPGY) ଏବଂ ଜାତୀୟ ସହାୟକ ଯୋଜନା (NSAP) ଗୁଡିକର କ୍ଷେତ୍ର ପରିଦର୍ଶନ, ସମୀକ୍ଷା ନଥିପତ୍ର ସହିତ ଶତ ପ୍ରତିଶତ ମଷ୍ଟରରୋଲ ଯାଞ୍ଚ କରାଯିବ ଏବଂ ଇନ୍ଦିରାଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଓ ବିଧବା/ବିକଳାଙ୍ଗ ଭତ୍ତା, ମଧୁବାବୁ ପେନ୍‌ସନ୍ ଯୋଜନାର ଆଲୋଚନା ଏବଂ ସମୀକ୍ଷା କରାଯିବ। ଏହା ସହିତ ଅନୁପଯୁକ୍ତ ଓ ମୃତ ହିତାଧିକାରୀଙ୍କୁ ବାଦ୍ ଦିଆଯିବାର ତାଲିକା ପ୍ରସ୍ତୁତ କରାଯିବ। ଏହି ସମୀକ୍ଷା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ କରାଯିବ। ସାମାଜିକ ସମୀକ୍ଷାର ଧାର୍ଯ୍ୟ ସ୍ଥାନ ତାରିଖ ଓ ସମୟରେ ସମ୍ପୃକ୍ତ ଜି.ପି.ଟି.ଏ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମରୋଜଗାର ସେବକ, ଗ୍ରାମ ସଂଯୋଜକ ଓ ଗ୍ରାମ ସାଧନ ବ୍ୟକ୍ତି (VRP) ମାନେ ଉପସ୍ଥିତ ରହିବେ।

### ସାମାଜିକ ସମୀକ୍ଷାର କାର୍ଯ୍ୟସୂଚୀ

**ସ୍ଥାନ - ସମ୍ପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ**

| କ୍ର. ନଂ. | ଗ୍ରା.ପ.ର ନାମ | NSAP ସାମାଜିକ ସମୀକ୍ଷାର ଆରମ୍ଭ ତାରିଖ | NSAP ସାମାଜିକ ସମୀକ୍ଷାର ଶେଷ ତାରିଖ | MGNREGA ସାମାଜିକ ସମୀକ୍ଷାର ଆରମ୍ଭ ତାରିଖ | MGNREGA ସାମାଜିକ ସମୀକ୍ଷାର ଶେଷ ତାରିଖ | ଗ୍ରାମ ପଞ୍ଚାୟତ ସ୍ତରୀୟ ସାମାଜିକ ସମୀକ୍ଷାର ଗ୍ରାମସଭାର ତାରିଖ | ସାମାଜିକ ସମୀକ୍ଷା ସଭାରେ ଉପସ୍ଥିତ ହେବାକୁ ଥିବା ଅଧିକାର |
|---|---|---|---|---|---|---|---|
| ୧ | ବୁର୍ଡା | ୦୯।୧୨।୨୦୧୯ | ୧୨।୧୨।୨୦୧୯ | ୧୩।୧୨।୨୦୧୯ | ୧୯।୧୨।୨୦୧୯ | ୧୯।୧୨।୨୦୧୯ ଦିବା ୧୧ ଘଟିକା | JE-II, RWSS |
| ୨ | ଚାରମାଲ | ୦୯।୧୨।୨୦୧୯ | ୧୨।୧୨।୨୦୧୯ | ୧୩।୧୨।୨୦୧୯ | ୧୯।୧୨।୨୦୧୯ | | WEO |
| ୩ | ଗରଗଡବାହାଲ | ୦୯।୧୨।୨୦୧୯ | ୧୨।୧୨।୨୦୧୯ | ୧୩।୧୨।୨୦୧୯ | ୧୯।୧୨।୨୦୧୯ | | APO |
| ୪ | ତ୍ରୀବଣପୁର | ୦୯।୧୨।୨୦୧୯ | ୧୨।୧୨।୨୦୧୯ | ୧୩।୧୨।୨୦୧୯ | ୧୯।୧୨।୨୦୧୯ | | BSSC |
| ୫ | ବଂଶାଜାଲ | ୦୯।୧୨।୨୦୧୯ | ୧୨।୧୨।୨୦୧୯ | ୧୩।୧୨।୨୦୧୯ | ୧୯।୧୨।୨୦୧୯ | | PA |
| ୬ | ବଡମାଲ | ୨୦।୧୨।୨୦୧୯ | ୨୩।୧୨।୨୦୧୯ | ୨୪।୧୨।୨୦୧୯ | ୩୦।୧୨।୨୦୧୯ | ୩୦।୧୨।୨୦୧୯ ଦିବା ୧୧ ଘଟିକା | APO |
| ୭ | ରେଙ୍ଗାଲି | ୨୦।୧୨।୨୦୧୯ | ୨୩।୧୨।୨୦୧୯ | ୨୪।୧୨।୨୦୧୯ | ୩୦।୧୨।୨୦୧୯ | | PA |
| ୮ | ଭାଲିଆକଟା | ୨୦।୧୨।୨୦୧୯ | ୨୩।୧୨।୨୦୧୯ | ୨୪।୧୨।୨୦୧୯ | ୩୦।୧୨।୨୦୧୯ | | GPEO |
| ୯ | ଲେମାଚିବାହାଲ | ୨୦।୧୨।୨୦୧୯ | ୨୩।୧୨।୨୦୧୯ | ୨୪।୧୨।୨୦୧୯ | ୩୦।୧୨।୨୦୧୯ | | WEO |
| ୧୦ | ଭରତାପୁର | ୨୦।୧୨।୨୦୧୯ | ୨୩।୧୨।୨୦୧୯ | ୨୪।୧୨।୨୦୧୯ | ୩୦।୧୨।୨୦୧୯ | | AEE |
| ୧୧ | ବଡବାହାଲ | ୦୪।୦୧।୨୦୨୦ | ୦୭।୦୧।୨୦୨୦ | ୦୮।୦୧।୨୦୨୦ | ୧୪।୦୧।୨୦୨୦ | ୧୪।୦୧।୨୦୨୦ ଦିବା ୧୧ ଘଟିକା | GPEC |
| ୧୨ | କଦଳୀଗଡ | ୦୪।୦୧।୨୦୨୦ | ୦୭।୦୧।୨୦୨୦ | ୦୮।୦୧।୨୦୨୦ | ୧୪।୦୧।୨୦୨୦ | | MI |
| ୧୩ | କୁକୁଡା ବାହାଲୀ | ୦୪।୦୧।୨୦୨୦ | ୦୭।୦୧।୨୦୨୦ | ୦୮।୦୧।୨୦୨୦ | ୧୪।୦୧।୨୦୨୦ | | AEE |
| ୧୪ | ଲୁହାପଙ୍କ | ୦୪।୦୧।୨୦୨୦ | ୦୭।୦୧।୨୦୨୦ | ୦୮।୦୧।୨୦୨୦ | ୧୪।୦୧।୨୦୨୦ | | APO |

**ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରେଢାଖୋଲ**


# ଯୁବ ଆଇନଜୀବୀଙ୍କୁ ଷ୍ଟାଇପେଣ୍ଡ ପ୍ରଦାନ ପ୍ରସଙ୍ଗ: ହାଇକୋର୍ଟରେ ମାମଲା ରୁଜୁ

**କଟକ ଅଫିସ,୫।୧୨**

ଆଇନକୁ ପେସା କରୁଥିବା ଯୁବ ଆଇନଜୀବୀଙ୍କୁ ଷ୍ଟାଇପେଣ୍ଡ ପ୍ରଦାନ ନେଇ ଆଡଭୋକେଟ ଆଶିଷ କୁମାର ମିଶ୍ର ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି। ଏହି ମାମଲାରେ ସେ ରାଜ୍ୟ ମୁଖ୍ୟ ଶାସନ ସଚିବ, ଆଇନ ଓ ଅର୍ଥ ସଚିବଙ୍କୁ ପକ୍ଷଭୁକ୍ତ କରିଛନ୍ତି। ମିଶ୍ର ପିଟିଶନରେ ଉଲ୍ଲେଖ କରିଛନ୍ତି, ପଡୋଶୀ ଆନ୍ଧ୍ରପ୍ରଦେଶ ସରକାର ସେଠାକାର ଯୁବ ଆଇନଜୀବୀଙ୍କୁ ମାସିକ ୫ ହଜାର ଟଙ୍କାର ଷ୍ଟାଇପେଣ୍ଡ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ମାତ୍ର ଓଡ଼ିଶାରେ ତାହା କାର୍ଯ୍ୟକାରୀ କରାଯାଉନାହିଁ। ଯୁବ ଆଇନଜୀବୀମାନେ ଆରମ୍ଭରୁ ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ତେଣୁ ସେମାନଙ୍କୁ ଆରମ୍ଭରୁ ୫ହଜାର ଟଙ୍କା ଲେଖାଏ ମାସିକ ଷ୍ଟାଇପେଣ୍ଡ ଦିଆଗଲେ ସେମାନେ ନିଜ କ୍ୟାରିୟରକୁ ଆଗକୁ ବଢାଇବାରେ ସକ୍ଷମ ହୁଅନ୍ତେ।

**କ୍ଷେତ୍ର ତଦନ୍ତ କରିବାକୁ ଆଦେଶ**

# ଓପିଜିସି ଆଶ୍‌ପଣ୍ଡକୁ ନେଇ ଏନ୍‌ଜିଟିରେ ମାମଲା

**କଟକ ଅଫିସ, ୫।୧୨**

ଝାରସୁଗୁଡ଼ା ଜିଲା ତିଲିଆ ମୌଜାରେ ଥିବା ଓପିଜିସି (ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ)ର ପାଉଁଶ ଗଦା (ଆଶ୍‌ପଣ୍ଡ)କୁ ନେଇ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି)ରେ ମାମଲା ରୁଜୁ ହୋଇଛି। ଏହି ମାମଲାର ଶୁଣାଣି କରି ଏନ୍‌ଜିଟିର ମୁଖ୍ୟ ଖଣ୍ଡପୀଠ ଏ ସମ୍ପର୍କରେ କ୍ଷେତ୍ର ତଦନ୍ତ କରିବାକୁ ଝାରସୁଗୁଡ଼ା ଜିଲାପାଳ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କର୍ତ୍ତୃପକ୍ଷଙ୍କୁ ଆଦେଶ ଦେଇଛନ୍ତି। କ୍ଷେତ୍ର ତଦନ୍ତ ରିପୋର୍ଟରେ ଯଦି କୌଣସି ଅନିୟମିତତା ପରିଲକ୍ଷିତ ହୁଏ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଏନ୍‌ଜିଟି ଆଦେଶରେ ସ୍ପଷ୍ଟ କରିଛନ୍ତି। ମା' ଅମ୍ବିକା ମହିଳା ସ୍ୱୟଂ ସହାୟକ ସଙ୍ଗଠନ ପକ୍ଷରୁ ଉକ୍ତ ଆଶ୍‌ପଣ୍ଡକୁ ନେଇ ଏନ୍‌ଜିଟିରେ ମାମଲା ରୁଜୁ ହୋଇଥିଲା। ମାମଲାରେ ଓପିଜିସି କର୍ତ୍ତୃପକ୍ଷ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ସଚିବ, କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ସଚିବ, ଝାରସୁଗୁଡ଼ା ଜିଲାପାଳ ଓ ମୁଖ୍ୟ ବନ ସଂରକ୍ଷକଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ମୁଖ୍ୟତଃ ତିନୋଟି ପ୍ରସଙ୍ଗ ଉପରେ ପିଟିଶନରେ ଗୁରୁତ୍ୱ ଦିଆଯାଇଛି। ପ୍ରଥମତଃ ପିଟିଶନରେ ଦର୍ଶାଯାଇଛି, ହୀରାକୁଦ ଜଳଭଣ୍ଡାରର ଉଚ୍ଚ ବନ୍ୟାସ୍ତର (ହାଇ ଫ୍ଲଡ୍ ଲେଭେଲ) ୫୦୦ ମିଟର ଦୂରତା ମଧ୍ୟରେ ଆଶ୍‌ପଣ୍ଡ ପ୍ରତିଷ୍ଠା କରାଯିବା କଥା ନୁହେଁ। ମାତ୍ର ଉକ୍ତ ଆଶ୍‌ପଣ୍ଡ ଜଳଭଣ୍ଡାରଠାରୁ ୧୦୦ ମିଟର ଦୂରରେ ରହିଛି। ସେହିପରି ଜନବସତିଠାରୁ ଆଶ୍‌ପଣ୍ଡର ଦୂରତା ମାତ୍ର ୨୦ ମିଟର ଥିବା ପିଟିଶନରେ ଦର୍ଶାଯାଇଛି। ଏପରି କି ଆର୍‌ଆଇଙ୍କ ରିପୋର୍ଟରେ ମଧ୍ୟ ୪୮ ମିଟର ଥିବା କୁହାଯାଇଛି। ଆଶ୍‌ପଣ୍ଡରୁ ସୃଷ୍ଟି ହେଉଥିବା ବିକରଣର ପ୍ରଭାବ ଆକଳନ କରାଯାଇ ନ ଥିବାବେଳେ ଆଶ୍‌ପଣ୍ଡ ନିମନ୍ତେ ଆବଶ୍ୟକ ଜନଶୁଣାଣି ମଧ କରାଯାଇନାହିଁ। ଏହାକୁ ନେଇ ସ୍ଥାନୀୟ ଲୋକେ ବାରମ୍ବାର ବିରୋଧ କରିବା ସତ୍ତ୍ୱେ ଆଶ୍‌ପଣ୍ଡ ନିର୍ମାଣ କାର୍ଯ୍ୟ ଜାରି ରହିଛି। ସୂଚନାଥାଉ କି, ଏଠାରେ ଏକ ପରିବର୍ଦ୍ଧିତ ଆଶ୍‌ପଣ୍ଡ ନିର୍ମାଣ କରାଯାଉଛି, ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି।


ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ
କ୍ଷେତ୍ରୀୟ କାର୍ଯ୍ୟାଳୟ, ବି/୨, ପଶ୍ଚିମ, ଶହୀଦ ନଗର, ଭୁବନେଶ୍ୱର

**ଭ୍ରମ ସଂଶୋଧନ**

ଦୈନିକ ଖବର କାଗଜ "ଧରିତ୍ରୀ" ତା.୦୩.୧୨.୨୦୧୯ରିଖ ରେ ପ୍ରକାଶିତ ଆମ୍ଭର ମେଗା ଇ-ନିଲାମ / ବିକ୍ରୟ ବିଜ୍ଞପ୍ତିରେ ଯୋବ୍ରା ଶାଖାର ଋଣଗ୍ରହୀତା: ମେସର୍ସ କେଆଇସି ଆଗ୍ରୋ ପ୍ରା.ଲିଃ.ର ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ପରିମାଣ ଟ.୫୮,୦୭,୪୪୯/- ପରିବର୍ତ୍ତେ ଟ.୫,୮୦,୭୪,୪୪୯/- ପଢ଼ିବାକୁ ଅନୁରୋଧ। ଅନ୍ୟାନ୍ୟ ସମସ୍ତ ତଥ୍ୟାବଳୀ ଅପରିବର୍ତ୍ତିତ ଅଟେ।

ତା.୦୫.୧୨.୨୦୧୯ କ୍ଷମତାପ୍ରାପ୍ତ ଅଧିକାରୀ



**FORM NO. 13**
**BEFORE THE DEBTS RECOVERY TRIBUNAL, CUTTACK,ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No. 43 of 2019**

**BANK OF INDIA, KEONJHAR BRANCH** .......Applicant

**VERSUS**

**M/S D. D. CARRIER & OTHERS** ..........Defendants

To,

1. **M/s D. D. CARRIER,** a Partnership Firm carrying business at Sarupat, PO- Rutisila, PS- Ghatagaon, Dist- Keonjhar, PIN- 758014, represented by its partners Mr Dillip Kumar Diwbedy, S/o: Late Madhusudan Diwbedy and Mr Subrat Kumar Dash, S/o: Iswar Chandra Dash .
2. **MR DILLIP KUMAR DIWBEDY,** S/o: Late Madhusudan Diwbedy, At/PO: Swampatana, Dist- Keonjhar, PIN- 758030 .
3. **MR SUBRAT KUMAR DASH,** S/o: Iswar Chanda Dash, At/PO: Swampatana, Dist- Keonjhar, PIN- 758030 .

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No 43 of 2019** in the court of the Debts Recovery Tribunal, Cuttack for recovery of **Rs.1,81,92,801/-** only together with current and future interest, costs and other reliefs. The above mentioned Defendants are therefore, directed to appear before this Tribunal in person or through an Advocate or duly authorized agent in support of their defense to show cause within 30 days from the date of publication or on **25/01/2020** at **10.30** am as to why reliefs prayed for should not be granted.

Take notice that in case of default, the application will be heard and determined in your absence.

Given under my hand and seal of this Tribunal on this 29th day of November, 2019 .

Sd/-
**M.K. Patnaik**
**REGISTRAR**



**THE ODISHA MINING CORPORATION LIMITED**
**OMC House, Bhubaneswar-751001, Odisha**
**CIN : U13100OR1956SGC000313, www.omcltd.in**

OMC | ODISHA NEW OPPORTUNITIES

**No.41/OMC** **Date : 04.12.2019**

**ADVERTISEMENT FOR RECRUITMENT OF EXECUTIVES OF MINING CADRE IN OMC LTD.**

The OMC, a Gold category and largest State PSU in Mining Sector in the Country, undertakes exploration, mining and trading of iron, chrome & bauxite ores. The Corporation has achieved an annual turnover of Rs.4053 crores in the FY 2018 -19. Inspired by the vision to emerge as the market leader and to play a catalytic role in the growth of industrialization, OMC caters to the requirements of mineral based industries.
The Corporation invites application from dynamic & competent professionals in different discipline as follows.

**1.VACANCY :-**

| Sl. No. | Name of the Post | Scale of Pay (in Rs.) | Initial Basic Pay (in Rs.) | No. of Posts Reserved for | | | Total posts |
|---|---|---|---|---|---|---|---|
| | | | | SC | ST | UR | |
| 1 | Dy. General Manager (Min.), E-5 grade | Rs.78,800/- to 2,09,200/- | Rs.1,05,900/- (Cell-11 & Level-14 of Pay Matrix) | - | - | 2 | 2 |
| 2 | Sr. Manager (Min.), E-4 grade | Rs.67,700/- to 2,08,700/- | Rs.91,100/- (Cell-11 & Level-13 of Pay Matrix) | 1 | - | 3 | 4 |
| 3 | Manager (Min.), E-3 grade | Rs.67,700/- to 2,08,700/- | Rs.78,500/- (Cell-6 & Level-13 of Pay Matrix) | 2 | 4 | - | 6 |
| | **Total** | | | **3** | **4** | **5** | **12** |

Interested eligible candidates are requested to download the application format from OMC website **https://omcltd.in** and submit the same duly filled in & signed along with attested copies of Certificates / Testimonials, experience certificate in support of their eligibility by Speed Post / Courier in a cover superscribed **"APPLICATION FOR THE POST OF _________ AGAINST ADVERTISEMENT NO. 41 DTD. 04.12.2019"** so as to reach the **General Manager (P&A),** The Odisha Mining Corporation Ltd., OMC House, Bhubaneswar-751001 by **26.12.2019** positively. Applications submitted after the last date shall not be entertained.

The OMC Management reserves the right to cancel, amend or alter the above advertisement without assigning any reason thereof.

**Sd/-**
**Director (Personnel)**



SBI

## ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଷ୍ଟ୍ରେସଡ୍ ଆସେଟ୍‌ସ୍ ରିକଭରି ଶାଖା (SARB), କଟକ
ମଧୁପାଟଣା, କଟକ

**ଡିମାଣ୍ଡ ନୋଟିସ**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩ (୨)ଅନୁଯାୟୀ ଡିମାଣ୍ଡ ନୋଟିସ**

ଏତଦ୍‌ଦ୍ୱାରା ଋଣଗ୍ରହୀତା : **ମେସର୍ସ ସୋନାଲି ଆଇସ୍ ପ୍ଲାଣ୍ଟ**ଙ୍କୁ ଏହି ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଛି କି ସେ ବ୍ୟାଙ୍କରୁ ନେଇଥିବା ଋଣର ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ସେମାନଙ୍କର ଋଣକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଛି । ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କୁ ସେମାନଙ୍କର ଶେଷ ଜ୍ଞାତ ଠିକଣାରେ ରେଜେଷ୍ଟ୍ରି ଡାକ ସହିତ ଏଡି ଯୋଗେ ନୋଟିସ୍ ଜାରି କରାଯାଇଥିଲା ଯାହାକି ପ୍ରଦାନ କରାଯାଇନପାରି ଫେରସ୍ତ ଆସିଅଛି ତେଣୁ ଏହି କାରଣରୁ ଉକ୍ତ ବିଷୟରେ ଏହି ସର୍ବସାଧାରଣ ନୋଟିସ ମାଧ୍ୟମରେ ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କୁ ଅବଗତ କରାଗଲା ।

| ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ.: | ସମ୍ପତ୍ତିର ବିବରଣୀ / କାର୍ଯ୍ୟାନୁଷ୍ଠାନ ନିଆଯିବାକୁଥିବା ସୁରକ୍ଷିତ ସମ୍ପତ୍ତିର ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ | ଏନ୍‌ପିଏ ତାରିଖ | ସର୍ବମୋଟ ବକେୟା ଦେୟ |
|---|---|---|---|---|
| ଋଣଗ୍ରହୀତା: ମେସର୍ସ ସୋନାଲି ଆଇସ୍ ପ୍ଲାଣ୍ଟ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ପ୍ରସନ୍ନ କୁମାର ସାହୁ, ପିତା: ଶ୍ରୀ ଅଦ୍ୱୈତ ଚରଣ ସାହୁ, ସା: ମୁଣ୍ଡମାଳ, ପୋ: ଚୌଦ୍ୱାର, ଜିଲ୍ଲା: କଟକ-୭୫୪୦୨୫ / ଜାମିନଦାର: ଶ୍ରୀ ଅଦ୍ୱୈତ ଚରଣ ସାହୁ, ପିତା: ୰ ମୁକ୍ତୀ ସାହୁ, ସା: କୁମ୍ଭାରସାହି, ପୋ: ଚୌଦ୍ୱାର, ଜିଲ୍ଲା: କଟକ-୭୫୪୦୨୫, ଓଡ଼ିଶା / ଆକାଉଣ୍ଟ ନଂ.: ୩୬୨୩୫୧୦୮୭୩୯, ୩୫୭୭୫୨୭୫୩୭୩ | (କ) ଶ୍ରୀ ପ୍ରସନ୍ନ କୁମାର ସାହୁଙ୍କ ନାମରେ ବନ୍ଧକ ଥିବା ଜମି ଏବଂ ଗୃହ ଯାହାର ମୌଜା: ମୁଣ୍ଡମାଳ, ତହସିଲ: ଚୌଦ୍ୱାର, ଜିଲ୍ଲା: କଟକ, ଖାତା ନଂ.: ୧୮୨/୨୨୮, ପ୍ଲଟ ନଂ.: ୪୦୯, କ୍ଷେତ୍ର: ଏକର ୦.୦୬୦ ଡିସିମିଲ, କିସମ: ଘରବାଡ଼ି । | ୩୦.୧୧.୨୦୧୯ | ୨୭.୦୯.୨୦୧୮ | ୩୧.୧୦.୨୦୧୯ ସୁଦ୍ଧା ଟ.୪୨,୫୧,୯୬୨.୭୨ |
| | (ଖ) ଶ୍ରୀ ଅଦ୍ୱୈତ ଚରଣ ସାହୁଙ୍କ ନାମରେ ବନ୍ଧକ ଥିବା ଜମି ଏବଂ ଗୃହ ଯାହାର ମୌଜା: ଚୌଦ୍ୱାର, ତହସିଲ: ଚୌଦ୍ୱାର, ଜିଲ୍ଲା: କଟକ, ଖାତା ନଂ.: ୫୩୪/୩୩, ପ୍ଲଟ ନଂ.: ୮୪୪/୧୯୩୯, କ୍ଷେତ୍ର: ଏକର ୦.୦୧୬ ଡିସିମିଲ, କିସମ: ଘରବାଡ଼ି । | | | |

ନୋଟିସ୍‌ର ବିକଳ୍ପ ସେବା ଭାବେ ପଦକ୍ଷେପମାନ ଗ୍ରହଣ କରାଯାଉଛି । ଉପରୋକ୍ତ ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କୁ ଜଣାଇଦିଆଯାଉଛି କି ସେମାନେ ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ସେମାନଙ୍କର ସମସ୍ତ ବକେୟା ଦେୟ ପରିଶୋଧ କରନ୍ତୁ ଅନ୍ୟଥା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ଅନ୍ତର୍ଗତ ଧାରା ୧୩ର ଉପଧାରା (୪) ଅନୁସାରେ ଉକ୍ତ ନୋଟିସ୍‌ର **୬୦ ଦିନ** ଅତିକ୍ରାନ୍ତ ପରେ ବ୍ୟାଙ୍କ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ । ଏତଦ୍ୱାର ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କୁ ଜଣାଇଦିଆଯାଉଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା ୧୩ ଅନୁଯାୟୀ ବ୍ୟାଙ୍କର ଲିଖିତ ଅନୁମତି ବିନା ଏହି ନୋଟିସ୍‌ରେ ଦର୍ଶିତ ବନ୍ଧକ ସମ୍ପତ୍ତିକୁ ବିକ୍ରି, ଲିଜ୍ କିମ୍ବା ଅନ୍ୟାମାଧ୍ୟମ ଦ୍ୱାରା ସେମାନେ ହସ୍ତାନ୍ତରିତ କରିପାରିବେ ନାହିଁ । ଏହି ନୋଟିସ୍‌ଟି ବ୍ୟାଙ୍କ ଦ୍ୱାରା କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଯାହା ଆଇନ ଅନୁସାରେ ପ୍ରଯୁଜ୍ୟ ବୋଲି ମନେହେବ ତାହା ଆରମ୍ଭ କରିବାର ଅଧିକାରକୁ କୌଣସି ପ୍ରକାର ପ୍ରତିହତ କରିବ ନାହିଁ ।

**ତାରିଖ: ୦୫.୧୨.୨୦୧୯**
**ସ୍ଥାନ: କଟକ**

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ନିପଲ


ସମୀର


ବିଜୟ


ସୁରିଆ


ଲକି

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

### ତଦନ୍ତକାରୀ ଅଧିକାରୀଙ୍କ ଚାଲାକି ଧରାପଡ଼ିଲା

# ଜେଲ୍‌ରେ ଥିବା ଅଭିଯୁକ୍ତଙ୍କ ନାମରେ ଲୁଟ୍ ମାମଲା ରୁଜୁ

**ବାଲେଶ୍ୱର ଅଫିସ/ସୋର, ୫।୧୨(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ସୋର ଉପକାରାଗାରରେ ଦଣ୍ଡ ଭୋଗୁଥିବା ଜଣେ ଅଭିଯୁକ୍ତଙ୍କ ନାମରେ ପୋଲିସ ଲୁଟ୍ ମାମଲା ରୁଜୁ କରିବା ଓ କାଗଜପତ୍ରରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ଘଟଣା ବାଲେଶ୍ୱର ପୋଲିସକୁ ଅଡୁଆରେ ପକାଇଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ଏସ୍‌ପି ବି. ଯୁଗଳ କିଶୋର କୁମାର ଗୁରୁବାର ସୋର ଥାନା ଏଏସ୍‌ଆଇ ମିନକେତନ ସିଂଙ୍କୁ ନିଲମ୍ବନ କରିଛନ୍ତି। ପୂର୍ବାଞ୍ଚଳ ଆଇଜି ଦୀପ୍ତେଶ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଗତ ଜାନୁୟାରୀ ୧୯ରେ ସୋର ଉତ୍ତରେଶ୍ୱର ଛକରୁ ଖଇରା ଥାନା ପୋଲିସ ରଣଜିତ ନାୟକ ନାମକ ଜଣେ ଯୁବକଙ୍କୁ ଏକ ମାମଲାରେ ଗିରଫ କରି କୋର୍ଟଚାଲାଣ

**ସୋର ଥାନା ଏଏସ୍‌ଆଇ ନିଲମ୍ବିତ**

କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ସୋର ଉପ-କାରାଗାରକୁ ପଠାଇ ଦିଆଯାଇଥିଲା। ୬ ମାସ ୧୪ଦିନ ସେ ଜେଲ୍‌ରେ ରହିବା ପରେ ଗତ ଜୁଲାଇ ୩୦ରେ ତାଙ୍କୁ ହାଇକୋର୍ଟରୁ ଜାମିନ ମିଳିଥିଲା। ସେ ଅଗଷ୍ଟ ୨ତାରିଖରେ ଜେଲ୍‌ରୁ ମୁକୁଳିବାର ଥିଲା। ତେବେ ମେ’ ୨୩ ତାରିଖରେ ଜାତୀୟ ରାଜପଥରେ ଏକ ଫାଇନାନ୍ସ କମ୍ପାନୀର ଏଜେଣ୍ଟଙ୍କଠାରୁ ଲୁଟ୍ ଘଟଣା ଘଟିଥିଲା। ଏ ସଂକ୍ରାନ୍ତରେ ସୋର ଥାନାରେ ଅଭିଯୋଗ ହୋଇଥିଲା। ଏହି ମାମଲାର ତଦନ୍ତକାରୀ ଅଧିକାରୀ ଦାୟିତ୍ୱ ଏଏସ୍‌ଆଇ ମୀନକେତନ ସିଂଙ୍କୁ ମିଳିଥିଲା। ହେଲେ ସେ ରଣଜିତ୍‌ଙ୍କ ବିରୋଧରେ ସୋର ଥାନାରେ ଏକ ମାମଲା (ନଂ. ୨୩୭/୧୯) ରୁଜୁ କରିଥିଲେ। ଏପରି କି ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ସେ କାଗଜପତ୍ରରେ ଦର୍ଶାଇଥିଲେ। ଏହି ଘଟଣା ଜଣାପଡ଼ିବା ପରେ ଉପରିସ୍ଥ ଅଧିକାରୀ ଏହାର ତଦନ୍ତ ଆରମ୍ଭ କରିଥିଲେ। ପ୍ରକୃତ ଲୁଟେରାଙ୍କୁ ଧରିବାରେ ବିଫଳ ହେବା ପରେ ପୋଲିସ ଚାପରେ ଜେଲରେ ଥିବା ଜଣେ କଏଦୀଙ୍କ ନାମରେ କାଗଜପତ୍ରରେ ମାମଲା ରୁଜୁ କରି ଗିରଫ ଦର୍ଶାଇ କୋର୍ଟ ଚାଲାଣ କରିବା ସଂକ୍ରାନ୍ତରେ ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ଆଇଜି ପଟ୍ଟନାୟକ କହିଛନ୍ତି, ଉକ୍ତ ଘଟଣାର ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ସିଂଙ୍କ ସମ୍ପୂର୍ଣ୍ଣ ଭୁଲ୍ ଥିବାରୁ ତାଙ୍କୁ ନିଲମ୍ବନ କରାଯାଇଛି। ଏଥିସହିତ ଉକ୍ତ ଘଟଣାର ସମ୍ପୂର୍ଣ୍ଣ ତଦନ୍ତ ପାଇଁ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ଘଟଣାରେ ଯଦି ଅନ୍ୟ କୌଣସି ଅଧିକାରୀ ସାମିଲ୍ ଥାଆନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ପଷ୍ଟ କରିଛନ୍ତି।

# ଚାକିରିରେ ଯୋଗଦେବା ପୂର୍ବରୁ ଚାଲିଗଲା ଜୀବନ

**ଭଦ୍ରକ ଅଫିସ, ୫।୧୨**

ମନରେ ନୂଆ ଆଶା ନେଇ ଚାକିରିରେ ଯୋଗଦେବା ପାଇଁ ଯାଉଥିଲେ। ହେଲେ ଖୁସି ଅଧା ବାଟରେ ଅଟକିଲା। ବିଧିର ବିଧାନ ଥିଲା ଅଲଗା। ନୂଆ ଚାକିରିରେ ଯୋଗଦେବା ପୂର୍ବରୁ ଦୁର୍ଘଟଣାରେ ଚାଲିଗଲା ନୂଆଶାସନ ଅଞ୍ଚଳର ରାଜେନ୍ଦ୍ର ସାହୁ(୨୪)ଙ୍କ ଜୀବନ। ଭଦ୍ରକ ବ୍ଲକ ଅନ୍ତର୍ଗତ ନୂଆଶାସନ ଅଞ୍ଚଳର ରାଜେନ୍ଦ୍ର ଗୁରୁବାର ଢେଙ୍କାନାଳର ଏକ ଘରୋଇ ମୋବାଇଲ କମ୍ପାନୀରେ ରେଜିଓନାଲ ମ୍ୟାନେଜର୍ ଭାବେ ଯୋଗଦେବା ପାଇଁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ସୂଚନା ଅନୁସାରେ, ରାଜେନ୍ଦ୍ର ଓ ତାଙ୍କ ସାଙ୍ଗ ନିରଞ୍ଜନ ତ୍ରିପାଠୀ ବାଇକ୍‌ରେ ଭଦ୍ରକ ଆସୁଥିଲେ। ଭଦ୍ରକ-ଚାନ୍ଦବାଲି ରାସ୍ତାର ନଛିପୁର ଛକ ନିକଟରେ ସମ୍ମୁଖ ପଟରୁ ଏକ ହାଇୱା ସେମାନଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ଘଟଣାସ୍ଥଳରେ ରାଜେନ୍ଦ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ନିରଞ୍ଜନଙ୍କୁ ଗୁରୁତର ଅବସ୍ଥାରେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଗ୍ରାମାଞ୍ଚଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗାଁ ପରିମଳ ଧୋବା ତୁଠରୁ**
**ବନ୍ଧୁ ପରିମଳ ଅଧବାଟରୁ ।**

ଧୋବା ତୁଠରୁ ଗାଁର ପରିଚ୍ଛନ୍ନତା ବିଷୟରେ ସମ୍ୟକ୍ ଧାରଣା ସୃଷ୍ଟି ହୁଏ। ସେହିପରି ବନ୍ଧୁର ମହତ୍ତ୍ୱ ତା’ ପ୍ରାରମ୍ଭିକ ଆଚରଣରୁ ହିଁ ଜଣାପଡ଼ିଯାଏ। ଅନ୍ତରର ନିର୍ମଳତାରୁ ଆଚରଣକୁ ଜାଣି ହୁଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଗୋସେଇଁ, ମୁଣ୍ଡ ବଥଉଚି**
**ବଡ଼ି ପିତାପାଣି ଭାକୁଡ଼ ମାଛ**
**ଟେକି ଟେକି ଗୁଣ୍ଡା ଗଳାଉଚି ।**

କାମ କରିବାକୁ ଅନିଚ୍ଛୁକ କିନ୍ତୁ ଖାଇବା ଲାଗି ଆଗଭର। କାମ କରିବାକୁ କହିଲେ କିଛି ବ୍ୟକ୍ତି ଦେହ ଖରାପ ହୋଇଥିବାର ବାହାନା କରିବସନ୍ତି ଅଥଚ ଖାଇବା କଥା କହିଲେ ଆଗଭର ହୋଇଯାନ୍ତି। ଠାପୁଆ ବା ଅଳସୁଆ ବ୍ୟକ୍ତିଙ୍କର ଏପରି ପ୍ରକୃତି ହୋଇଥିବା ବେଳେ ଭାକୁଡ଼ ମାଛ ଝୋଳର ସୁଆଦ ବାରି ଲୋଭ ସମ୍ବରଣ କରି ନ ପାରି ଖାଇ ବସିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଜଳିଗଲା ୩ ବଖରା

**ବୌଦ୍ଧ, ୫।୧୨(ସ୍ୱ.ପ୍ର)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ମହାଲିକପଡା ପଞ୍ଚାୟତ ଅନ୍ତର୍ଗତ ହିଞ୍ଜୋଳ ଗ୍ରାମରେ ଅଗ୍ନିକାଣ୍ଡ ଘଟି ଏକ ଗରିବ ପରିବାରର ୩ ବଖରା ଓ ସମସ୍ତ ଜିନିଷପତ୍ର ପୋଡି ପାଉଁଶ ହୋଇଯାଇଛି। ବୁଧବାର ରାତିରେ ଶ୍ୟାମଘନ ଜାନୀଙ୍କ ପରିବାର ଲୋକେ ଘରେ ଶୋଇଥିବାବେଳେ ହଠାତ ଘର ପଛପଟେ ନିଆଁ ଲାଗିଥିବା ଦେଖି ଗ୍ରାମବାସୀ ସେମାନଙ୍କୁ ଉଠାଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରାଯାଇଥିଲେ ମଧ୍ୟ ଶ୍ୟାମଘନଙ୍କ ଧାନ, ଚାଉଳ, ଲୁଗାପଟା ଓ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ। ତାଙ୍କୁ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଦାବି ହେଉଛି ।


ପୋଡିଯାଇଥିବା ଘର ।


## CLASSIFIED DISPLAY

MORE SPACE • SAME PRICE — TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

KUBER FINANCE
All Odisha
★ Mudra Loan
★ Cash Credit Loan
★ Vehicle Loan
★ Agriculture Loan
★ Personal Loan
★ Business Loan
★ Mortgage Loan
★ Housing Loan
All types of Loan@ 1% Interest 50% Subsidy Fund Received in 24 Hours
7599779418, 9599068151
B-34/A Block, Vijay Enclave, Burari, New Delhi

MAHESHWARI FINANCE
ବିନା ଗ୍ୟାରେଣ୍ଟିରେ ମହିଳା/ପୁରୁଷ (ଦୋକାନୀ) ୫ ଲକ୍ଷରୁ ୨୫ ଲକ୍ଷ ଲୋନ ୨% ସୁଧ ୫୦% ରିହାତି ମାର୍କଶିଟ୍ ଓ ପ୍ରପର୍ଟି ଲୋନ।
E-mail - maheshwarifinance111@gmail.com
Ph - 9716825082
9716001694

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

NATIONAL FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ସରକାରୀ କର୍ମଚାରୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
9473568261

ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ସବୁ ଯୋଜନା ଅଧୀନରେ ସବୁ ବ୍ୟାଙ୍କରୁ
କମ୍ କିମ୍ବା ଖରାପ CIBIL ସ୍କୋର୍‌ଧାରୀଙ୍କୁ ମଧ୍ୟ ଋଣ
ମାର୍କଶିଟ୍ | ପ୍ରପର୍ଟି
ଆଧାରକାର୍ଡ | ପର୍ସନାଲ
ପଶୁପାଳନ | ବ୍ୟବସାୟ
ଏଗ୍ରିକଲ୍‌ଚର ଋଣ
ସବୁ ପ୍ରକାର ଋଣ
୨% ସୁଧ - ୪୦% ରିହାତିରେ
୨୪ ଘଣ୍ଟା ମଧ୍ୟରେ ଘରେ ବସି ପାଆନ୍ତୁ
ସତ୍ୟମ୍ ଫାଇନାନ୍ସ
9953125459
9667227985
Sec-102, Sukh Complex, Noida (Delhi)

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ASTROLOGY ASTROLOGY

ASTRO / VASTU
ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
କ’ଣ ଆପଣ ଚିନ୍ତିତ କି ?
2 ଘଣ୍ଟାରେ ୧୦୦% ସମାଧାନ । ତନ୍ତ୍ର ମନ୍ତ୍ରର ସମ୍ରାଟ
ଇଚ୍ଛାନୁସାରେ ବଶୀକରଣ, ପ୍ରେମ ବିବାହ ପାଇଁ ଘରଲୋକଙ୍କୁ ମନାଇବା, ପତିପତ୍ନୀ ମନାନ୍ତର, ସନ୍ତାନ ପ୍ରାପ୍ତି, ବେପାର ବୃଦ୍ଧି, ଶତ୍ରୁ ଦମନ, ବାରମ୍ବାର ବିବାହ ପ୍ରସ୍ତାବ ଭାଙ୍ଗୁଥିଲେ, ପୁରୁଣା ରୋଗର ଔଷଧ କାମ ନ କରିବା ଆଦି ସମସ୍ୟାର ତୁରନ୍ତ ସମାଧାନ କରନ୍ତୁ।
ଯଦି କାହାର ପତି ଓ ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ।
9938991467
BHUBANESWAR-09

See Color Display Classified on every Tuesday & Friday

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

BUSINESS BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

GTL Telecom Co.
ଦ୍ୱାରା ଖାଲି ଜମି, ଛାତ, କ୍ଷେତରେ ଡିଜିଟାଲ ଟାୱାର ଲଗାନ୍ତୁ
ଅଗ୍ରିମ - 60,00000/-
ଭଡ଼ା - 25,000/-
ଅନ୍ୟାନ୍ୟ ସୁବିଧା (ମାସିକ 15000/-)
ମେଡିକାଲ + ବୀମା ଫ୍ରି
9450647834
7027273944
Network Vision, ITC Industrial Area, Navi Mumbai, Maharashtra.

DHARITRI Career appointment Every Wednesday and Saturday



ପ୍ରିୟଙ୍କା ଚୋପ୍ରା ଦେଖିବାକୁ ଯେମିତି, ଗୁଣ ମଧ ସେମିତି। ତାଙ୍କ ଦ୍ୱାରା ସବୁଦିନେ ମୁଁ ଅନୁପ୍ରାଣିତ ହୋଇଥାଏ।

-ନିକ୍ ଜୋନାସ୍,
ଆମେରିକାନ୍ ସିଙ୍ଗର



# ନୀଳନୟନା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଐଶ୍ବର୍ଯ୍ୟା ରାୟ ବଚ୍ଚନଙ୍କ ଆଖି ଦେଖିବାକୁ ନୀଳ। ତେଣୁ ତାଙ୍କୁ ପ୍ରଶଂସକମାନେ ନୀଳନୟନା କହିଥାନ୍ତି। ତେବେ ଏହା ପଛରେ ରହିଛି ଏକ ବଡ଼ କାରଣ। ବୈଜ୍ଞାନିକଙ୍କ ଅନୁସାରେ ଆଖିର ରଙ୍ଗ ଆଇରିସ୍‌ରେ ଥିବା ମେଲାନିନ୍ ଉପରେ ନିର୍ଭର କରିଥାଏ। ଆଇରିସ୍‌ରେ ନୀଳ, ସବୁଜ ଆଦି ପିଗ୍‌ମେଣ୍ଟ ନ ଥାଏ। ଏଥିରେ ବାଦାମି, କଳା, ହଳଦିଆ, ଲାଲ୍ ଆଦି ପିଗ୍‌ମେଣ୍ଟ ହିଁ ରହିଥାଏ। କଳା ପିଗମେଣ୍ଟ ରଡ୍ ଆକାରର ହୋଇଥିବାବେଳେ ଅନ୍ୟ ରଙ୍ଗର ପିଗମେଣ୍ଟ କୋନ୍ ଅକାରର ହୋଇଥାଏ। ଆଇରିସ୍‌ରେ ଅଧିକ ବ୍ରାଉନ୍ ପିଗ୍‌ମେଣ୍ଟ ରହିଲେ ଆଖିର ରଙ୍ଗ କଳା ହୋଇଥାଏ। ଏହାର ପରିମାଣ କମିଗଲେ ଆଖିର ରଙ୍ଗ ନୀଳ, ସବୁଜ ଅବା ଚିଲା ଭଳି ହୋଇଥାଏ। ଶରୀରରେ ଥିବା ମେଲାନିନ୍ ତ୍ୱଚା, କେଶ ଏବଂ ଆଖି ରଙ୍ଗକୁ ପ୍ରଭାବିତ କରିଥାଏ। ତେବେ ନୀଳ, ସବୁଜ ଅବା ଚିଲା ଆଖି ଉପରେ ସୂର୍ଯ୍ୟର ଅଲ୍ଟ୍ରା ଭାଓଲେଟ ରଶ୍ମୀର ପ୍ରଭାବ ଅଧିକ ପଡ଼ିବାର ଆଶଙ୍କା ରହିଥାଏ। ତେଣୁ ଏଭଳି ବ୍ୟକ୍ତି ଖାଲି ଆଖିରେ ସୂର୍ଯ୍ୟଙ୍କୁ ଅନାଇବା କ୍ଷତିକାରକ ବୋଲି ବୈଜ୍ଞାନିକ କହିଥାନ୍ତି।



ଐଶ୍ବର୍ଯ୍ୟା ରାୟ୍ ବଚ୍ଚନ

# ଜଳବାୟୁ ପରିବର୍ତ୍ତନର ପ୍ରଭାବ

## ବଦଳୁଛି ପକ୍ଷୀଙ୍କ ଶରୀର ଗଠନ

**ୱାଶିଂଟନ:** ସବୁଜ ବଳୟ ଧ୍ୱଂସ ପାଇବା, ଗାଡ଼ିମୋଟର ଚଳାଚଳ ବୃଦ୍ଧି ସାଙ୍ଗକୁ ହଜାର ହଜାର କଳକାରଖାନା ଧୂଆଁରେ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ପାଉଛି। ଫଳରେ ଜଳବାୟୁ ପରିବର୍ତ୍ତନ ଘଟୁଥିବା ବେଳେ ଏଥିଯୋଗୁ ଦୁନିଆ ସାରା ଥିବା ପକ୍ଷୀଙ୍କ ଶରୀର ଗଠନରେ ପରିବର୍ତ୍ତନ ହେଉଛି। ଆମେରିକାର ମିସିଗାନ୍ ୟୁନିଭର୍ସିଟି ପକ୍ଷରୁ କରାଯାଇଥିବା ଅଧ୍ୟୟନରୁ ଏହି ତଥ୍ୟ ପଦାକୁ ଆସିଛି। ଏଥିରୁ ଜଣାପଡ଼ିଛି ଯେ, ଜଳବାୟୁ ପରିବର୍ତ୍ତନ ଯୋଗୁ ଚଢ଼େଇଙ୍କର କେବଳ ପର ବଢୁଥିବା ବେଳେ ଶରୀର ସଙ୍କୁଚିତ ହେଉଛି। ଉତ୍ତର ଆମେରିକାର ପ୍ରବାସୀ ଘରେ ୫୨ ପ୍ରଜାତିର ୭୨,୭୧୬ପକ୍ଷୀଙ୍କୁ ନେଇ ସର୍ଭେ କରାଯାଇଥିଲା। ଗତ ୪୦ବର୍ଷ ଧରି କରାଯାଉଥିବା ସର୍ଭେ ଯୋଗେ ଅନେକ ରୋଚକ ତଥ୍ୟ ପଦାକୁ ଆସିଥିବା ବେଳେ ଜଳବାୟୁ ପରିବର୍ତ୍ତନକୁ ପକ୍ଷୀମାନେ କିଭଳି ଭାବେ ସାମ୍ନା କରିବେ ସେ ଦିଗରେ ମଧ୍ୟ ସର୍ଭେ କରାଯାଇଥିଲା। ୧୯୭୮ରୁ ୨୦୧୬ ମଧ୍ୟରେ ଏହି ଘରେ ରଖାଯାଇଥିବା ପକ୍ଷୀଗୁଡ଼ିକର ଲମ୍ବ ମପାଯାଇଥିଲା। ସମସ୍ତ ପକ୍ଷୀଙ୍କ ଗୋଡ଼ର ଲମ୍ବ ୨.୪ ପ୍ରତିଶତ କମିଥିବା ବେଳେ ପର ୧.୩ ପ୍ରତିଶତ ବଢ଼ିଥିବା ଦେଖାଯାଇଛି। ବୈଜ୍ଞାନିକ ବ୍ରେନ୍ ୱିକ୍ସଙ୍କ କହିବା ମୁତାବକ, ସର୍ଭେରେ ସାମିଲ କରାଯାଇଥିବା ସମସ୍ତ ପକ୍ଷୀ ଅଲଗା ହୋଇଥିଲେ ବି ଜଳବାୟୁ ପରିବର୍ତ୍ତନର ପ୍ରଭାବ ସମସ୍ତଙ୍କ ଉପରେ ଏକାପ୍ରକାର ପଡୁଥିବା ଦେଖାଯାଇଥିଲା। ବହୁ ଦୂରକୁ ଉଡ଼ିବାକୁ ହେଲେ ପକ୍ଷୀମାନଙ୍କୁ ଅଧିକ ଉର୍ଜାର ଆବଶ୍ୟକ ପଡ଼ିଥାଏ। କିନ୍ତୁ ଶରୀର ଛୋଟ ହେଉଥିବାରୁ ସେମାନଙ୍କୁ ଉଡ଼ିବା ପାଇଁ ଆବଶ୍ୟକ ଉର୍ଜା ମିଳିପାରୁନାହିଁ। ତେବେ ଜଳବାୟୁ ପରିବର୍ତ୍ତନ ସହ ପକ୍ଷୀଙ୍କ ଶରୀର ଗଠନରେ ପରିବର୍ତ୍ତନର କ'ଣ ସମ୍ପର୍କ ରହିଛି ସେ ସମ୍ପର୍କରେ ଜାଣିବା ସକାଶେ ବୈଜ୍ଞାନିକ ମାନେ ଉଦ୍ୟମ ଚଳାଇଛନ୍ତି।



# ଗର୍ଭାବସ୍ଥାରେ ପିଲା ହେବେ ସଂସ୍କାରି

**ଲକ୍ଷ୍ନୌ:** ମହିଳାଙ୍କ ଗର୍ଭରେ ବଢୁଥିବା ପିଲାଙ୍କ ଭିତରେ ସଂସ୍କାର ଆଣିବା ପାଇଁ ଉତ୍ତରପ୍ରଦେଶ ସରକାର ଏକ ନିଆରା ପଦକ୍ଷେପ ଆପଣାଇଛନ୍ତି। କାନପୁରର ଛତ୍ରପତି ସାହୁଜି ମହାରାଜ ବିଶ୍ୱବିଦ୍ୟାଳୟ(ସିଏମ୍‌ଜେଏମ୍‌ୟୁ)ପକ୍ଷରୁ ଏନେଇ ଏକ ଅଭିଯାନ ଆରମ୍ଭ କରାଯାଇଛି। ଗର୍ଭାବସ୍ଥାରେ ଶିଶୁଙ୍କୁ ସଂସ୍କାରି କରିବା ପାଇଁ ମା'ମାନଙ୍କୁ କୌଶଳଶିଖାଇବାପାଇଁଶିକ୍ଷା ଦିଆଯିବ। ଗର୍ଭବତୀ ମହିଳାଙ୍କ ଗର୍ଭରେ ହିଁ ଶିଶୁଙ୍କୁ ସଂସ୍କାର ଦିଆଯିବ। ଜାନୁୟାରୀ ପହିଲାରୁ ଆରମ୍ଭ ହେବାକୁ ଥିବା ଏହି ପାଠ୍ୟକ୍ରମରେ ଗର୍ଭବତୀ ଥିବା ମହିଳାଙ୍କ ସହ ଅବିବାହିତ ଯୁବତୀଙ୍କୁ ମଧ ଶିକ୍ଷାଦାନ କରାଯିବ। ବର୍ତ୍ତମାନ ସମୟରେ ସଂସ୍କାରକୁ ଗୁରୁତ୍ୱ ଦିଆଯାଉ ନ ଥିବାବେଳେ ସମାଜରେ ଆପରାଧିକ ମାମଲା ବଢ଼ି ବଢ଼ି ଚାଲିଛି। ତେଣୁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଏହି ପାଠ୍ୟକ୍ରମ ଆରମ୍ଭ କରାଯାଉଛି ବୋଲି ସିଏମ୍‌ଜେଏମ୍‌ୟୁର କୁଳପତି ପ୍ରଫେସର ନୀଳିମା ଗୁପ୍ତା କହିଛନ୍ତି। ଏହି ପାଠ୍ୟକ୍ରମର ଅବଧି ୩ ଓ ୬ ମାସ ରହିବ। ଏଥିସହ ପଢ଼ା ସରିବା ପରେ ଶିକ୍ଷାର୍ଥୀଙ୍କୁ ଏକ ସାର୍ଟିଫିକେଟ ପ୍ରଦାନ କରାଯିବ। ଏଥିରେ ପ୍ରବେଶ ପାଇଁ ଗର୍ଭବତୀ ମହିଳାଙ୍କ ସହ ସାଧାରଣ ମହିଳା ମଧ ଆବେଦନ କରିପାରିବେ। ଦ୍ୱାଦଶ ପାଠପଢ଼ା ପରେ ଯୁବତୀମାନେ ଏଥିରେ ଆବେଦନ କରିପାରିବେ। ଏକାଡେମୀ ପରିଷଦ ବୈଠକରେ ଏହି ପାଠ୍ୟକ୍ରମକୁ ଅନୁମୋଦନ ମିଳିବା ପରେ ଜାନୁୟାରୀ ପହିଲାରୁ କ୍ଲାସ୍ ଆରମ୍ଭ ହେବ ବୋଲି କୁଳପତି ନୀଳିମା ସୂଚନା ଦେଇଛନ୍ତି। ତେବେ ସିଏସ୍‌ଜେଏମ୍‌ୟୁ ରାଜ୍ୟର ପ୍ରଥମ ବିଶ୍ୱବିଦ୍ୟାଳୟ, ଯେଉଁଠାରେ ଏଭଳି ଶିକ୍ଷାଦାନ କରାଯାଉଛି।



# ସିଗାରେଟ୍‌ଠାରୁ କ୍ଷତିକାରକ ମଶାଧୂଆଁ



**ନୂଆଦିଲ୍ଲୀ:** ସିଗାରେଟ୍ ଟାଣିବା ଦ୍ୱାରା ବିଭିନ୍ନ ଶାରୀରିକ ସମସ୍ୟା ଦେଖାଦେଇଥାଏ। ତେବେ ସିଗାରେଟ୍‌ଠାରୁ ମଧ ଅଧିକ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ ମଶାଧୂପ। ମଶା ଦାଉରୁ ରକ୍ଷାପାଇବା ପାଇଁ କେତେକ ଘରେ ମଶାଧୂପ ଜଳାଇଥାନ୍ତି। ଏହା ଦ୍ୱାରା ମଶା ସାମୟିକ ଭାବେ ଦୂରେଇ ଗଲେ ମଧ ଏଥିରୁ ନିର୍ଗତ ହେଉଥିବା ଧୂଆଁ ଯୋଗୁ ବିଭିନ୍ନ ଶ୍ୱାସ ସମସ୍ୟା ସୃଷ୍ଟି ହୋଇଥାଏ। ଏହି ଧୂଆଁ ତ୍ୱଚା ଏବଂ ଆଖି ଉପରେ ମଧ ଖରାପ ପ୍ରଭାବ ପକାଇଥାଏ ବୋଲି ଏକ ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି। ଏହାର ଧୂଆଁ ଫୁସଫୁସ୍ ଉପରେ ମଧ ନକାରାତ୍ମକ ପ୍ରଭାବ ପକାଇଥାଏ। ଏହାଯୋଗୁ କେତେକଙ୍କଠାରେ ସାମାନ୍ୟ କଥାରେ ଭୟ ପାଇ ଥରିବା ଭଳି ସମସ୍ୟା ମଧ ଦେଖାଦେଇଥାଏ ବୋଲି ଚିକିତ୍ସକମାନେ ମତ ଦେଇଛନ୍ତି।

# ଦଶନ୍ଧିର ସବୁଠାରୁ ସେକ୍ସି ପୁରୁଷ ହ୍ରିତିକ୍

**ନୂଆଦିଲ୍ଲୀ:** ବଲିଉଡ୍ ହ୍ୟାଣ୍ଡସମ୍ ହଙ୍କ୍ ହ୍ରିତିକ୍ ରୋଶନଙ୍କ ୨୦୧୯ ଅନେକ ସଫଳତା ଆଣିଦେଇଛି। ଫିଲ୍ମ 'ସୁପର୍ ୩୦' ଏବଂ 'ୱାର୍' ବକ୍ସ-ଅଫିସ୍‌ରେ ସୁପର୍‌ହିଟ୍ ହେବା ପରେ ବର୍ଷ ଶେଷରେ ହ୍ରିତିକ୍ ଓ ତାଙ୍କ ଫ୍ୟାନ୍‌ମାନଙ୍କୁ ମିଳିଲା ଆଉ ଏକ ଖୁସି ଖବର। 'ସେକ୍ସିଏଷ୍ଟ ଏସିଆନ୍ ମେଲ୍ ଅଫ୍ ୨୦୧୯' ଭାବେ ମନୋନୀତ ହୋଇଛନ୍ତି ବଲିଉଡ୍ ଷ୍ଟାର୍ ହ୍ରିତିକ୍ ରୋଶନ୍। ବୁଧବାର ଲଣ୍ଡନରେ ଜାରି କରାଯାଇଥିବା ଏକ ଅନ୍‌ଲାଇନ ସର୍ଭେ ରିପୋର୍ଟ ଅନୁଯାୟୀ, ୨୦୧୯ ମସିହାର ତଥା ଦଶନ୍ଧିର ସବୁଠାରୁ ସେକ୍ସି ଏସିଆନ୍ ପୁରୁଷଭାବେ ହ୍ରିତିକ୍‌ଙ୍କୁ ଚୟନ କରାଯାଇଛି। ବ୍ରିଟିଶ୍ ସାପ୍ତାହିକ ଖବରକାଗଜ 'ଇଷ୍ଟର୍ଣ୍ଣ ଆଏ' ଦ୍ୱାରା କରାଯାଇଥିବା ଏହି ସର୍ଭେରେ ସାରା ଦୁନିଆରୁ ପ୍ରଶଂସକଙ୍କ ଭୋଟ୍, ମତାମତ, ସୋସିଆଲ ମିଡିଆରେ ଚର୍ଚ୍ଚା ଓ ବର୍ଷ ତମାମ ରହିଥିବା ବ୍ୟକ୍ତିତ୍ୱର ପ୍ରଭାବକୁ ଆଧାର କରି ତାଲିକା ପ୍ରସ୍ତୁତ କରାଯାଇଛି। ଏହି କ୍ରମରେ ହ୍ରିତିକ୍‌ଙ୍କୁ ଦୁଇ ଦୁଇଟି ସଫଳତା ମିଳିଛି। ସେ କେବଳ ୨୦୧୯ ମସିହା ଲାଗି ନୁହେଁ ବରଂ ଗତ ଦଶ ବର୍ଷ ସମୟକାଳ ପାଇଁ ଉଦ୍ଦିଷ୍ଟ ଏହି ସର୍ଭେରେ ଶୀର୍ଷ ରେଙ୍କିଂ ହାସଲ କରିଛନ୍ତି।

ଏକ ଜାତୀୟ ଗଣମାଧ୍ୟମ ଅନୁଯାୟୀ, ଦଶକର ସବୁଠାରୁ ସେକ୍ସି ପୁରୁଷ ଭାବେ ମାନ୍ୟତା ପାଇବା ପରେ ହ୍ରିତିକ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଯେଉଁମାନେ ମୋତେ ଯୋଗ୍ୟ ଭାବି ଭୋଟ ଦେଲେ, ସମସ୍ତଙ୍କୁ ମୁଁ ଧନ୍ୟବାଦ ଦେବାକୁ ଚାହୁଁଛି। ତେବେ ମୁଁ କାହାର ଲୁକ୍ ଦେଖି ତାଙ୍କୁ ଜଜ୍ କରେନାହିଁ। ଏଣୁ ମୁଁ ନିଜ ଲୁକ୍ ଉପରେ ମଧ କେବେ ଧ୍ୟାନ ଦେଇନାହିଁ। କୌଣସି ମଣିଷର ଜୀବନର କାହାଣୀ, ଯାତ୍ରା ଏବଂ ଘଟଣାକୁ ଦେଖିବା ବା ବୁଝିବା ଶୈଳୀ ମୋତେ ଆକର୍ଷିତ କରିଥାଏ ବୋଲି ହ୍ରିତିକ୍ କହିଛନ୍ତି। ଅନ୍ୟପଟେ, ବଲିଉଡ୍ ଷ୍ଟାର୍ ଶାହୀଦ୍ କପୁର ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ଅଛନ୍ତି। ସେହିପରି ଟିଭି ଆକ୍ଟର ଭିଭିୟାନ୍ ଡି'ସେନା ତୃତୀୟ, ଆକ୍ସନ ହିରୋ ଟାଇଗର ଶ୍ରଫ୍ ଚତୁର୍ଥ ଏବଂ ବ୍ରିଟିଶ୍ ଏସିଆଇ ପପ୍ ଷ୍ଟାର୍ ଜାଇନ୍ ମଲିକ ସେକ୍ସିଏଷ୍ଟ ଏସିଆନ୍ ମେଲ୍ ଅଫ୍ ୨୦୧୯' ତାଲିକାରେ ପଞ୍ଚମ ସ୍ଥାନରେ ଅଛନ୍ତି।

ପାଇଁ



# ଚାଇନାରେ ରିଲିଜ୍ ହେବ 'ଗୋଲ୍ଡ'

**ମୁମ୍ବାଇ:** ଚାଇନାରେ ରିଲିଜ୍ ହେବ ବଲିଉଡ୍ ଖିଲାଡି ତଥା ସୁପର୍‌ଷ୍ଟାର୍ ଅକ୍ଷୟ କୁମାରଙ୍କ ଫିଲ୍ମ 'ଗୋଲ୍ଡ'। ଏନେଇ ଅକ୍ଷୟ ନିଜ ଅଫିସିଆଲ୍ ଟୁଇଟର୍ ହ୍ୟାଣ୍ଡେଲ୍‌ରେ ଜଣାଇଛନ୍ତି। ରିମା କାଗ୍‌ତିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ୨୦୧୮ ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଅବସରରେ ଭାରତରେ ରିଲିଜ୍ ହୋଇଥିଲା। ଫିଲ୍ମଟି ଏକ ସତ୍ୟ ଘଟଣା ଉପରେ ଆଧାରିତ ହୋଇଥିବାବେଳେ ଏଥିରେ ୧୯୪୮ରେ ଲଣ୍ଡନରେ ଆୟୋଜିତ ଅଲିମ୍ପିକ୍‌ରେ ଭାରତ ଗୋଲ୍ଡ ମେଡାଲ ହାସଲ କରିଥିବା ଭଳି ଗୌରବମୟ ଦୃଶ୍ୟ ରହିଛି। 'ଗୋଲ୍ଡ'ରେ ଅକ୍ଷୟ କୁମାରଙ୍କ ବ୍ୟତୀତ ମୌନୀ ରୟ, କୁନାଲ କପୁର, ଭୀନିତ୍ କୁମାର ସିଂ ଏବଂ ଅମିତ୍ ସାଧ ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମଟିକୁ ଫର୍‌ହାନ୍ ଅଖତର୍ ଏବଂ ରିତେଶ ସିଧୱାନୀ ପ୍ରଯୋଜନା କରିଛନ୍ତି। ଆସନ୍ତା ୧୩ରେ ଫିଲ୍ମଟି ଚାଇନାରେ ରିଲିଜ୍ ହେବ।




# କ୍ଷେତରୁ ଖୋଳି ନେଇଗଲେ ପିଆଜ



**ମଣ୍ଡସୋର:** ହୁ ହୁ ହୋଇ ବଢ଼ିଚାଲିଛି ପିଆଜ ଦର। ରୋଷେଇଘରେ ସବୁଠୁ ବେଶି ଖୋଜା ପଡୁଥିବା ଏହି ଅତ୍ୟାବଶ୍ୟକ ପରିବା ୧୫୦ ଟଙ୍କା ଛୁଇଁଲାଣି। ଏପରି ସ୍ଥିତିରେ ଚୋରମାନେ ଏବେ ପିଆଜ ଉପରେ ଆଖି ପକାଇଛନ୍ତି। ପରିସ୍ଥିତି ଏପରି ହେଲାଣି ଯେ, ଖେତରେ ମଧ ପିଆଜ ଆଉ ସୁରକ୍ଷିତ ହୋଇ ରହିନାହିଁ। ମଧ୍ୟପ୍ରଦେଶର ମଣ୍ଡସୋର ଜିଲା ସଦରଠାରୁ ୨୫କିମି ଦୂର ଏକ ଗ୍ରାମରୁ ଜଣେ ଚାଷୀଙ୍କ ଜମିରୁ ୩୦ ହଜାର ଟଙ୍କାର ପିଆଜ ଖୋଳି ନେଇଯାଇଛନ୍ତି ଦୁର୍ବୃତ୍ତ। ପିଆଜ ଦର ବୃଦ୍ଧି ପରେ ଦେଶରେ ପ୍ରଥମ ଥର ଏପରି ଘଟଣା ଘଟିଥିବା କୁହାଯାଉଛି। ରିଛା ଗ୍ରାମର ଚାଷୀ ଜିତେନ୍ଦ୍ର ଧନଗର ନାରାୟଣଗଡ଼ ଥାନାରେ ଅଭିଯୋଗ କରିଛନ୍ତି, ସେ ନିଜ ଜମିରେ ପିଆଜ ଚାଷ କରିଥିଲେ। ଏଥର ଭଲ ଫସଲ ହୋଇଥିଲା। ଦର ବୃଦ୍ଧି ଥିବାରୁ ଭଲ ଦି ପଇସା ରୋଜଗାର କରିବା ଆଶାରେ ଥିଲେ। ହେଲେ ସୋମବାର ରାତିରେ ଜମିରୁ ୭ କୁଇଣ୍ଟାଲ ପିଆଜ ଦୁର୍ବୃତ୍ତମାନେ ଖୋଳି ନେଇଛନ୍ତି, ଯାହାର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କା ହେବ। ସେ ଆହୁରି ମଧ ଏତଲାରେ ଉଲ୍ଲେଖ କରିଛନ୍ତି, ଅଭିଯୁକ୍ତମାନେ ପିଆଜ ନେଇଯାଇଛନ୍ତି, ହେଲେ ଏହାର ସବୁଜ ଷଣ୍ଢାକୁ ଜମିରେ ପକାଇ ଦେଇଛନ୍ତି। ଏ ନେଇ ଥାନାଧିକାରୀ ଆର୍.ଏସ୍. ଦିଲବାଲା କୁହନ୍ତି, ଚାଷୀଙ୍କ ଅଭିଯୋଗ ପରେ ଥାନାରେ ମାମଲା ରୁଜୁ ହୋଇଛି। କ୍ଷେତ୍ର ପରିଦର୍ଶନ କରି ତଦନ୍ତ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

କିଛିଦିନ ହେଲା ପିଆଜ ଦର ଆକାଶଛୁଆଁ ହୋଇଛି। ୧୫ରୁ ୨୦ ଟଙ୍କାରେ ମିଳୁଥିବା ପିଆଜ ଏବେ ୧୦୦ ଟପିଲାଣି। ଏଥିପୂର୍ବରୁ ନାସିକରୁ ଗୋରଖପୁର ଯାଉଥିବା ଏକ ପିଆଜ ଟ୍ରକ୍‌କୁ ଦୁର୍ବୃତ୍ତମାନେ ଅପହରଣ କରି ନେଇଯାଇଥିଲେ। ଉକ୍ତ ଟ୍ରକ୍‌ରୁ ୨୦ ଲକ୍ଷ ଟଙ୍କାର ପିଆଜ ଚୋରି ହୋଇଥିବା ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ଟ୍ରକ୍‌କୁ ଶିବପୁରୀ ଅଞ୍ଚଳରୁ ଠାବ କରାଯାଇଥିଲା। ହେଲେ ଗାଡ଼ିରେ ଥିବା ୪୦ ଟନ ପିଆଜକୁ ଚୋରମାନେ ଗାଏବ କରିଦେଇଥିଲେ।

# ଥଣ୍ଡା ସମସ୍ୟା ଦୂର କରେ ସୂର୍ଯ୍ୟମୁଦ୍ରା

**ନୂଆଦିଲ୍ଲୀ:** ଶୀତଦିନ ସକାଳେ ଅଭ୍ୟାସ କରି ୫ ମିନିଟ୍ ସୂର୍ଯ୍ୟମୁଦ୍ରା କଲେ ଶରୀର ଉପରେ ବହୁ ସକାରାତ୍ମକ ପ୍ରଭାବ ପଡ଼ିଥାଏ। ମନୁଷ୍ୟ ଶରୀର ପୃଥିବୀ, ଜଳ, ବାୟୁ, ଅଗ୍ନି ଏବଂ ଆକାଶ ଆଦି ପାଞ୍ଚ ତତ୍ତ୍ୱରେ ସୃଷ୍ଟି ହୋଇଛି ବୋଲି ପୁରାଣରେ ଉଲ୍ଲେଖ ରହିଛି। ଶରୀରରେ ଏସବୁ ତତ୍ତ୍ୱର ସନ୍ତୁଳନ ବିଗିଡ଼ି ଗଲେ ନାନା ପ୍ରକାର ସମସ୍ୟା ଦେଖାଦେଇଥାଏ। ତେବେ ସୂର୍ଯ୍ୟମୁଦ୍ରା ଦ୍ୱାରା ଶରୀରରେ ଅଗ୍ନି ତତ୍ତ୍ୱର ପରିମାଣ ବୃଦ୍ଧି ପାଇଥାଏ। ଫଳରେ ଶରୀର ସତେଜ ରହିବା ସହିତ ଆଭ୍ୟନ୍ତରୀଣ ଶକ୍ତି ବୃଦ୍ଧି ପାଇଥାଏ। ତେଣୁ ଶୀତଦିନେ ନିୟମିତ ଏହି ମୁଦ୍ରା କଲେ ଥଣ୍ଡା ସମସ୍ୟା ଦୂର ହେବା ସହିତ ମେଟାବୋଲିଜିମ୍ ପ୍ରକ୍ରିୟା ସ୍ୱାଭାବିକ ହୋଇଥାଏ। ଏହି ମୁଦ୍ରା କରିବା ଦ୍ୱାରା ଶରୀରର ଉଷ୍ମତା ବଢ଼ିଥାଏ ତେଣୁ ଏପରି କରିବା ପୂର୍ବରୁ ଏକ ଗ୍ଲାସ ଥଣ୍ଡା ପାଣି ପିଇଲେ ଭଲ ବୋଲି ଯୋଗଗୁରୁମାନେ ପରାମର୍ଶ ଦେଇଥାନ୍ତି।



## ସଂକ୍ଷେପରେ

### ୮ରେ କବାଡି ଚୟନ ଶିବିର

**ସମ୍ବଲପୁର, ୫।୧୨ (ବ୍ୟୁରୋ)** ୪୬ତମ ଜୁନିୟର ବାଳିକା, ବାଳକ ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତା ଚଳିତ ମାସ ୧୨ ରୁ ୧୪ ତାରିଖ ପର୍ଯ୍ୟନ୍ତ ତାଳଚେରଠାରେ ଅନୁଷ୍ଠିତ ହେବ। ଏଥିପାଇଁ ଜିଲା କ୍ରୀଡାସଂଘ ପକ୍ଷରୁ ୮ ତାରିଖ ଜିଲାସ୍ତରୀୟ କବାଡି ଚୟନ ଶିବିର ନାରୀ ସେବାସଦନ ପଡିଆଠାରେ ହେବ। ପୁରୁଖା କବାଡି ଖେଳାଳି ଓ ପ୍ରଶିକ୍ଷକମାନେ ଖେଳାଳି ଚୟନ କରିବେ । ଏହାପରେ ଜିଲା ଟିମ୍ ଚୟନ କରାଯିବ ବୋଲି ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ ପ୍ରେସ ବିବୃତିରେ ସୂଚୀତ କରିଛନ୍ତି।

### ଫସଲ ଉତ୍ପାଦନ ମୃତ୍ତିକା ଉପରେ ନିର୍ଭର କରେ

**ରେଢାଖୋଲ,୫।୧୨(ଡି.ଏନ.ଏ)** ଚାଷୀମାନଙ୍କ ପାଇଁ ମୃତ୍ତିକା ପରୀକ୍ଷା ନିହାତି ଆବଶ୍ୟକ । ଫସଲ ଉତ୍ପାଦନ ଏହା ଉପରେ ହିଁ ନିର୍ଭର କରିଥାଏ । କୃଷି ବିଭାଗ ପକ୍ଷରୁ ମୃତ୍ତିକା ପରୀକ୍ଷା ମାଗଣାରେ କରାଯାଉଛି। ଚାଷୀମାନେ ସଚେତନ ହୋଇ ଋତୁଭିତ୍ତିକ ଫସଲ ଅନୁଯାୟୀ ମୃତ୍ତିକା ପରୀକ୍ଷା କରିବା ସହିତ ଆବଶ୍ୟକ ରାସାୟନିକ ସାର, ଅଣୁସାର, ଜୈବସାର, ଖତ ଓ ସବୁଜ ସାର ପ୍ରୟୋଗ କରିବା ଉଚିତ। ବିଶ୍ୱ ମୃତ୍ତିକା ଦିବସ ପାଳନ ଅବସରରେ ରେଢାଖୋଲ କୃଷି ବିଭାଗ ପକ୍ଷରୁ ଚାଷୀମାନଙ୍କୁ ଏହି ପରାମର୍ଶ ଦିଆଯାଇଛି। କୃଷି କାର୍ଯ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ସଭାରେ ତହସିଲଦାର ରୁବି ବେହେରା, ଡେପୁଟି କଲେକ୍ଟର ଅମ୍ଳାନ ଅପରାଜିତା ମିଶ୍ର, ଆତ୍ମାର ଅଧକ୍ଷ ଦିଲୀପ ମହାକୁଡ, ସହକାରୀ କୃଷି ଅଧିକାରୀ ଡିଲେଶ୍ୱର ସାହୁ ଓ ଗଗନ ବିହାରୀ ନାଏକ, ସହକାରୀ ଉଦ୍ୟାନ ଅଧିକାରୀ ବିଦ୍ୟୁଲତା ମାଝୀ ପ୍ରମୁଖ ଯୋଗ ଦେଇ ମୃତ୍ତିକା ପରୀକ୍ଷା ଦ୍ୱାରା ଚାଷୀମାନେ କିଭଳି ଲାଭବାନ ହେବେ ତାହା ଉପରେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଚାଷୀମାନଙ୍କୁ ମୃତ୍ତିକା ପରୀକ୍ଷା କାର୍ଡ ବଣ୍ଟନ କରାଯାଇଥିଲା। ବ୍ଲକର ସମସ୍ତ କୃଷକ ସାଥୀ, ଗ୍ରାମ୍ୟ କୃଷି କର୍ମଚାରୀ, କୃଷି ଅଧିଦର୍ଶକଙ୍କ ସମେତ ବହୁ ଚାଷୀ ଯୋଗ ଦେଇଥିଲେ ।

### ୨ ଏଟିଏମ ଅଚଳ

**ପଡିଆବାହାଲ,୫।୧୨(ଡି.ଏନ.ଏ.)** ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ବାହାମ ପଞ୍ଚାୟତ ପଡିଆବାହାଲଠାରେ ୨ଟି ଏଟିଏମ ଅଚଳ ହୋଇ ପଡିରହିଛି । ଏଟିଏମ ଦ୍ୱୟ ଅଚଳ ହୋଇପଡି ରହିବା ଯୋଗୁ ବାଟୋଇମାନଙ୍କ ସହ ଗ୍ରାହକମାନେ ମଧ ବହୁ ଅସୁବିଧାରେ ପଡୁଛନ୍ତି । ଗୋଟିଏ କୁଲୁଣ୍ଡି ଶାଖା ୟୁବିଆଇ ତରଫରୁ ବସିଥିବା ଏଟିଏମ ରାସ୍ତା ସମ୍ପ୍ରସାରଣ ପାଇଁ ଘର ବଦଳାଇବା ଦିନଠାରୁ ଆଦୌ କାର୍ଯ୍ୟକ୍ଷମ ନ ହୋଇ ମାସ ମାସ ଧରି ପଡି ରହିଛି। ଅନ୍ୟ ଏଟିଏମ ପଡିଆବାହାଲ ଏସବିଆଇ ପକ୍ଷରୁ ବ୍ୟାଙ୍କ ସାମନାରେ ଥିଲେ ସୁଦ୍ଧା ବାରମ୍ବାର ଯାନ୍ତ୍ରିକ ତ୍ରୁଟି ହେତୁ ନୂତନ ଏଟିଏମ ମେଶିନ ଆସି ପୁରୁଣା ସ୍ଥାନାନ୍ତର ହୋଇସାରିଛି । ମାତ୍ର ତାହା ସଂସ୍ଥାପନ କରି କାର୍ଯ୍ୟକ୍ଷମ ହେବାରେ ବିଳମ୍ବ ହେଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଉଭୟ ବ୍ୟାଙ୍କର ଏଟିଏମ ଦ୍ୱୟକୁ ଯୁଦ୍ଧ କାଳୀନ ଭିତ୍ତିରେ କାର୍ଯ୍ୟକ୍ଷମ କରାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।


ବିପଦସଙ୍କୁଳ ଅବସ୍ଥାରେ ଥିବା ଗୃହ ।


ଭାଙ୍ଗିପଡ଼ିଥିବା ବେସିନ ।


୨ ଲକ୍ଷ ଟଙ୍କାରେ ବଡ଼ (ଆର୍.ଓ.) ମେଶିନ ।

■ ଅବ୍ୟବସ୍ଥାରେ କଟଙ୍ଗପାଣି ସେବାଶ୍ରମ ସ୍କୁଲ

# କୋଠରି ଅଭାବ, ପାଠପଢ଼ାରେ ଅସୁବିଧା

■ ସ୍ଥାୟୀ ପ୍ରତିକାର ନ ହେଲେ ସ୍କୁଲରେ ତାଲା ପଡ଼ିବ: ଗାଁ କମିଟି ଦେଲା ଚେତାବନୀ

**ଜମନକିରା,୫।୧୨(ଡି.ଏନ.ଏ.)**

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ କଟଙ୍ଗପାଣି ସେବାଶ୍ରମ ସ୍କୁଲ ଛାତ୍ରୀଛାତ୍ରଙ୍କୁ ମୌଳିକ ସୁବିଧା ଯୋଗାଇ ଦିଆଯାଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ କଟଙ୍ଗପାଣି ସେବାଶ୍ରମ ସ୍କୁଲରେ ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୨୨୦ ଛାତ୍ରୀଛାତ୍ର ପଢୁଛନ୍ତି। ଶ୍ରେଣୀ ଗୃହ ଅଭାବ ଯୋଗୁ ଗୋଟିଏ କୋଠରିରେ ୩ଟି ଶ୍ରେଣୀର ଛାତ୍ରୀଛାତ୍ର ପଢୁଥିବା ବେଳେ ଅନ୍ୟ ଏକ କୋଠରିରେ ଦ୍ୱିତୀୟ ଓ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ର ଏକାଠି ବସି ପାଠ ପଢୁଛନ୍ତି। ଫଳରେ ଜଣେ ଶିକ୍ଷକ ଗୋଟିଏ ଶ୍ରେଣୀର ପାଢ଼ ପଢ଼େଇବା ବେଳେ ଅନ୍ୟ ଛାତ୍ରୀଛାତ୍ରମାନେ ଅସୁବିଧାରେ ପଢ଼ିବାକୁ ବାଧ୍ୟ ହେଉଛନ୍ତି। ଦେଢ଼ବର୍ଷ ତଳେ ସ୍କୁଲ ପରିସରରେ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ପାନୀୟ ଜଳ ପାଇଁ ୨ ଲକ୍ଷ ଟଙ୍କାରେ ଏକ ବଡ଼ (ଆର୍.ଓ) ମେଶିନ ବସା ଯାଇଥିବା ବେଳେ ଅଧ୍ୟାବଧି ତାହା କାର୍ଯ୍ୟକ୍ଷମ ହୋଇପାରିନାହିଁ। ଦାୟିତ୍ୱରେ ଥିବା ତତ୍କାଳୀନ ଜଣେ ପ୍ରଧାନ ଶିକ୍ଷକ ଉକ୍ତ ପାନୀୟ ପ୍ରକଳ୍ପକୁ ଅନୁମୋଦନ କରିଥିବା ବେଳେ ତାହା କାର୍ଯ୍ୟକାରୀ ହେଉ ନ ଥିବା ବେଳେ ପ୍ରକଳ୍ପ ବର୍ଷେ ହେଲା ଅକାମୀ ହୋଇ ରହିଛି। ଅଭିଭାବକମାନେ ଏପରି କାର୍ଯ୍ୟକୁ ଦାୟିତ୍ୱହୀନତା ବୋଲି ଅଭିଯୋଗ କରିଛନ୍ତି। ସ୍କୁଲ କୋଠରି ଓ ବାରଣ୍ଡାଗୁଡ଼ିକ ନିମ୍ନମାନର ହୋଇଥିବା ଯୋଗୁ ସମସ୍ତ ଚଟାଣ ସିମେଣ୍ଟ ଉଠି ବିପଦସଙ୍କୁଳ ହୋଇଛି। ଛାତ୍ରୀଛାତ୍ରମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ଏଠାରେ ଉଭୟ ଛାତ୍ରୀ ଓ ଛାତ୍ରଙ୍କ ପାଇଁ ଛାତ୍ରାବାସ ରହିଛି। ବାଳିକା ନିବାସରେ ୭୪ ଜଣ ରହୁଥିବା ବେଳେ ବାଳକ ନିବାସରେ ୬୦ ଜଣ ଛାତ୍ର ରହୁଛନ୍ତି। ଉଭୟ ଛାତ୍ରୀଛାତ୍ରଙ୍କ ଛାତ୍ରାବାସରେ ରହିଛି ଅନେକ ସମସ୍ୟା। ଡାଇନିଂ ହଲରେ ଏକ ବୋରୱେଲ ଖରାପ ହୋଇ ପଡ଼ିଥିବା ବେଳେ ସେଥିରେ ଲାଗିଥିବା ମୋଟର ପାଇପ ଅଧାରେ ଛିଣ୍ଡି ରହିଛି। ଯଦ୍ୱାରା ଡାଇନିଂ ହଲ ଅବ୍ୟବହାର ହୋଇ ପଡ଼ିରହିଛି। ପିଲାମାନେ ଏପଟେ ସେପଟେ ଦୂଷିତ ପରିବେଶରେ ଭୋଜନ କରୁଥିବା ଦେଖାଯାଇଛି। ଏଥିସହ ଶୌଚ ପାଇଁ ଗାଧୁଆ ଓ ପାଇଖାନା ଘର ରହିଥିବା ବେଳେ ତାହା ମଧ୍ୟ ଅନୁରୂପ ଭାବେ ଖରାପ ସ୍ଥିତିରେ ରହିଛି।

**ଚୁପ୍ ବସିଛି ବିଭାଗ**

**ଜମନକିରା ବ୍ଲକ୍**

ଅନ୍ୟପଟେ ଛାତ୍ରାବାସଗୁଡ଼ିକ ଅନେକ ବର୍ଷ ହେବ ନିର୍ମାଣ କରାଯାଇଥିବା ବେଳେ କବାଟ, ଝରକାଗୁଡ଼ିକ କଳଙ୍କ ଲାଗି ଅଧାରୁ ଅଧିକ ଭାଙ୍ଗି ନଷ୍ଟ ହୋଇଗଲାଣି। ସାପ, ବିଛା ଓ ଅନ୍ୟ ବିଷାକ୍ତ କୀଟଙ୍କ ଚରାଭୂଇଁ ପାଲିଟି ଯାଇଥିବା ଅଭିଯୋଗ ହେଉଛି। ଛାତ୍ରାବାସ ସାମ୍ନାକୁ ଲାଗି ଅନେକ ବର୍ଷ ହେଲା ଏକ ପୁରୁଣା କୋଠା ରହିଥିବା ବେଳେ ସଦାବେଳେ ଛାତ୍ରମାନେ ଉକ୍ତ ସ୍ଥାନରେ ଖେଳାରେ ବୁଲାବୁଲି କରୁଛନ୍ତି। ଯଦ୍ୱାରା ଛାତ୍ରୀଛାତ୍ରଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ଉଭୟ ଛାତ୍ରୀଛାତ୍ର ନିବାସରେ ରହିଥିବା ପାଉଚଗୁଡ଼ିକରୁ ରେଲିଂ ଭାଙ୍ଗି ଗଲାଣି। ଏଭଳି ଅବ୍ୟବସ୍ଥା ଓ ବିପଦରେ ଛାତ୍ରୀଛାତ୍ର ଓ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଶିକ୍ଷାଦାନ କରୁଛନ୍ତି। ଏ ସମସ୍ୟା ବହୁ ଦିନରୁ ରହିଥିବା ବେଳେ ଅଭିଭାବକ ଓ ଗ୍ରାମବାସୀ ବିଭାଗ ଅଧିକାରୀଙ୍କ ବହୁବାର ଅଭିଯୋଗ କରିଆସୁଛନ୍ତି। ବିଭାଗ ପକ୍ଷରୁ ସ୍କୁଲକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇ ପ୍ରତିକାର ବ୍ୟବସ୍ଥା କରାଯାଉନାହିଁ। ଆଗାମୀ ଦିନରେ ଏହାର ସ୍ଥାୟୀ ପ୍ରତିକାର କରା ନ ଗଲେ ସ୍କୁଲରେ ତାଲା ପକାଯିବ ବୋଲି ଗାଁ କମିଟି ପକ୍ଷରୁ ଚେତବାନୀ ଦିଆଯାଇଛି। ଏ ସଂକ୍ରାନ୍ତରେ କୁଚିଣ୍ଡା ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ବିଭାଗ ଅଧିକାରୀ ପବିତ୍ର ବେହେରାଙ୍କୁ ଯୋଗାଯୋଗ କରି ପଚାରିବାରୁ ସେ ଫୋନ ଉଠାଇ ନ ଥିଲେ। ଉପଜିଲାପାଳ ବିଶ୍ୱରଞ୍ଜନ ନାଏକଙ୍କୁ ଯୋଗାଯୋଗ କରି ପଚାରିବାରୁ ସେ ଖୁବଶୀଘ୍ର ପ୍ରତିକାର ବ୍ୟବସ୍ଥା କରିବେ ବୋଲି ପ୍ରକାଶ କରିଥିଲେ।

### ମହିଳା ଫରେଷ୍ଟ ଗାର୍ଡଙ୍କୁ ମାଡ ଘଟଣା: ୬ କୋର୍ଟ ଚାଲାଣ

**ବାମରା,୫।୧୨(ଡି.ଏନ.ଏ.)**

ସମ୍ବଲପୁର ଜିଲା ବାମରା ବ୍ଲକ ପିଣ୍ଡାପଥର ପଞ୍ଚାୟତ ମହୁଲମୁଣ୍ଡା ଗ୍ରାମରେ ଗତ ରବିବାର ହାତୀ ଆକ୍ରମଣରେ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଥିବା ବେଳେ ଉତ୍ତ୍ୟକ୍ତ ଲୋକେ ସେଠାରେ କାର୍ଯ୍ୟରତ ମହିଳା ଫରେଷ୍ଟ ଗାର୍ଡଙ୍କୁ ମାଡ଼ ମରାଯାଇଥିଲା । ଏହାକୁ ନେଇ ବୁଧବାର ଗୋବିନ୍ଦପୁର ଥାନାରେ ଫରେଷ୍ଟ ଗାର୍ଡ ତପସ୍ୱିନୀ ରାଉତଙ୍କ ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁ କରିଥିଲା । ତଦନ୍ତ ପରେ ପୋଲିସ ଉକ୍ତ ଘଟଣାରେ ସମ୍ପୃକ୍ତ ୫ଜଣ ମହିଳା ଓ ଜଣେ ପୁରୁଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ସେମାନେ ହେଲେ ମହୁଲମୁଣ୍ଡା ଗ୍ରାମର ଉରବାନୁସ ଏକ୍କା (୩୨), ଅନନ୍ଦିନୀ ବାର୍ଲା (୪୦), ଫୁଲମଣି କାଣ୍ଡୁଲନା (୫୫), ବିଲସି ବୁଡ (୬୫), ପାର୍ବତୀ କର୍ଣ୍ଣା (୪୫) ଓ ସଗରାର ହାବିଲ ଏକ୍କା (୬୭) । ଏ ନେଇ ଗୋବିନ୍ଦପୁର ଥାନାରେ ଦଫା ୩୪୧, ୩୫୩, ୩୫୪, ୩୫୫, ୩୩୨, ୫୦୬ ଓ ୩୪ ଆଇପିସିରେ ଏକ ମାମଲା (ନଂ. ୧୫୬/୧୯) ରୁଜୁ କରି ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ ଦିବ୍ୟାଙ୍ଗ ପୁଓର ଚିକିଛା ଲାଗି ଟଁକା ଅଭାବ

# ଗରିବ୍ ମା'ବାପ୍ ହଟହଟା, ପରଶାସନ ଚୁପ

**ଧମା, ୫।୧୨ (ଡି.ଏନ.ଏ.)**

ଉଭଏ କେନ୍ଦ୍ର ଆର ରାଏଜ୍ ସରକାର ଦିବ୍ୟାଙ୍ଗମାନକର ଲାଗି ଅନେକ ଯୋଜନା କାଯ୍‌କାରୀ କରୁଛନ୍। ହେଲେ ଅନେକ ଜାଗାରେ ହକ୍‌ଦାର ହିତାଧିକାରୀ ଇଥିର ଲାଭ ନାଇଁ ପାଏବାର। ଏନ୍‌ତାଥି ନିଜର ଦିବ୍ୟାଙ୍ଗ ଛୁଆପିଲାକର ଚିକିଛା, ସରକାରୀ ସୁବିଧା ସୁଯୋଗ ଲାଗି ଗରିବ୍ ମା'ବାପ୍‌ମାନେ ହଇରାନ ହରକତ୍ ହେଉଛନ୍। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ଲିପିଣ୍ଡା ପଁଚେତ୍ ୬ ନମ୍ବର ୱାର୍ଡରେ। ସୂଚନା ଅନ୍‌ସାରେ ଲିପିଣ୍ଡା ପଁଚେତ୍ ୬ ନମ୍ବର ୱାର୍ଡର ରବୀନ୍ଦ୍ର ପଧାନ(୪୦)କଁର ପରିବାର କହେଲେ ମାଏକିନା କୁମୁଦିନୀ(୩୫) ଆର ଦୁଇ ପୁଓ ଆୟୁଷ(୭), ଅଭିଷେକ(୪)କୁଁ ନେଇ ସଁସାର। ପରିବାରଟା ନିହାତି ଗରିବ୍, ଜମିବାଡ଼ି ବଲି କଛି ନାଇଁ। ରବୀନ୍ଦ୍ର କୁଲିମଜୁରି କରି ନିଜର କୁଟୁମ ପୁଷୁଛନ୍। ଅଭାବ ଅନାଟନ ଲାଗି ନିଜର ବଡ଼ପୁଓ ଆୟୁଷକେ ତାକର


ମା'ର ସଂଗେ ଦିବ୍ୟାଙ୍ଗ ଅଭିଷେକ।

ମାମୁ ଘରେ ଛାଡ଼ିଦେଇଛନ୍। ସେନ୍‌ତା ସାନପୁଓ ଅଭିଷେକ ଜନ୍‌ମୁ ଦିବ୍ୟାଙ୍ଗ। ସେ ଚାଲବୁଲ, କଥା କହି ନାଇଁ ପାରବାର। ସେ ୪ ବଛରର ହେଲା ଉତାରୁ ବି ତାକର ହାତ ବେଭାର କରି ନାଇଁ ପାରବାର। ଗରିବ୍ ମା'ବାପ୍ ପୁଓକେ ସମ୍ବଲପୁର ସଦର ଡାକ୍‌ତରଖାନାରେ ଅନେକ ଥର ଚିକିଛା କରେଇଛନ୍। ସବୁଥର ଡାକ୍‌ତର କେତେ ବ୍ୟାୟାମ ଶିଖେଇ ଦେଇ ଘରେ ଅଭିଆସ କରାବାକେ କହି ଛାଡ଼ି ଦେଉଛନ୍। ହେଲେ ସେଥିରେ କିଛି ଲାଭ୍ ନାଇଁ ହେବାର ବଲି ଅଭିଷେକକଁର ମା' କୁମୁଦିନୀ କହିଛନ୍। ଇଆଡ଼େ ଅଭାବ ଅନାଟନ ଲାଗି ଗରିବ୍ ମା'ବାପ୍ ପୁଓର ଉଚ ଚିକିଛା କରେଇ ନାଇଁପାରବାର। ରବୀନ୍ଦ୍ର ପୁଓର ଚିକିଛା ସାହାଯ୍ ଆର ଦିବ୍ୟାଙ୍ଗ ପରମାନପତର ଲାଗି ବ୍ଲକରେ ଅନେକ ଥର ଆବେଦନ କରି ନିରାଶ ହେଇଥିବାର ଅଭିଯୋଗ କରିଛନ୍। ସେନ୍‌ତା ଅଭିଶେଷକୁଁ କୁମୁଦିନୀ ଘରେ ଏକଲା ଛାଡ଼ି କାହିଁ କାମ୍‌ବୁତା କରିଯାଇ ନାଇଁପାରବାର। ଏନ୍‌ତାଥି ରବୀନ୍ଦ୍ର କୁଲିମଜୁରି କରି ଯାହା କମଉଛନ୍ ସେଟା ପେଟ୍‌କେ ଅଁଟ୍‌ଲେ ଦିହିକେ ନାଇଁ। ଅଭାବ ଅନାଟନ, ସରକାରୀ ସାହାଯ୍ ଅଭାବୁ ଆଏଜ୍ ବି କୁଟୁମଟା ଗୁଟେ ଭଂଗା ଦଦ୍‌ରା କୁରିଆରେ ମୁଡ଼ ଗୁଁଜିଛନ୍। ଜିଲା ଆର ବ୍ଲକ ପରଶାସନ ଇ ଗରିବ୍ ପରିବାର ଉପରେ ଦୁରୁଷ୍‌ଟି ଦେଇ ଅଭିଷେକକୁଁ ଚିକିଛା ସାହାଯ୍ ଆର ପରିବାରକେ ଆବାସ ଯୋଜନାରେ ଘରଖଁଡ଼େ ଯୁଗେଇ ଦେବାକେ ବୁଧିଜୀବୀ ମହଲରେ ଦାବି ହେଉଛେ।


ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ଓ ଅନ୍ୟମାନେ।

### ସାହାସପୁର ସ୍କୁଲରେ ବିଶ୍ୱ ମୃତ୍ତିକା ଦିବସ

**ଧମା, ୫।୧୨ (ଡି.ଏନ.ଏ)**

ମାନେଶ୍ୱର ବ୍ଲକ ସାହାସପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ମୃତ୍ତିକା ସଂରକ୍ଷଣ ଉପରେ ସଚେତନ କରାଇବା ଉଦ୍ଦେଶ୍ୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା କରି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ବୈକୁଣ୍ଠ କ୍ଷେତି, ବନିତା ମିର୍ଦ୍ଧା, ପପୁନ ରନବିଡା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷୟିତ୍ରୀ ବୈଜୟନ୍ତିମାଳା ନାଏକଙ୍କ ତତ୍ତ୍ୱାବଧାନରେ ଟିଏସଏମ ପ୍ରତାପ ବେହେରା, ନିଲେଶ କୁମାର ସାହୁ, ସୁରଞ୍ଜିତ ବଡପଣ୍ଡା, ଶିକ୍ଷକ ଘନଶ୍ୟାମ ପାଣ୍ଡେ, ସରଜୁ କୁମାରୀ ପଣ୍ଡା ପ୍ରମୁଖ ସ୍କୁଲ ହତାରେ ବିଭିନ୍ନ ବୃକ୍ଷଚାରା ରୋପଣ କରିଥିଲେ। ମୃତ୍ତିକା କ୍ଷୟକୁ କିପରି ରୋକା ଯାଇପାରିବ ସେ ବିଷୟରେ ଅତିଥି କ୍ଷୀରୋଦ୍ର ପଧାନ ଉଦାହରଣ ଦେଇ ବୁଝାଇଥିଲେ।

## ଗଞ୍ଜେଇ ଚାଷ ନ କରିବାକୁ ପରାମର୍ଶ

**ରେଢାଖୋଲ,୫।୧୨(ଡି.ଏନ.ଏ)**

ଗଞ୍ଜେଇ ଚାଷ ଓ ବ୍ୟବସାୟ ଏକ ସାମାଜିକ ବ୍ୟାଧି। ଏହିଭଳି ଏକ ସାମାଜିକ ବ୍ୟାଧିକୁ ସମୁଳେ ନାଶ କରିବାକୁ ପଡିବ। ଏଥିପାଇଁ ସରକାରୀ କଳ ଯଥେଷ୍ଟ ନୁହେଁ। ଜନସଚେତନତା ସହିତ ଅଞ୍ଚଳର ନାଗରିକ, ସ୍ୱେଚ୍ଛାସେବୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ସାହାଯ୍ୟ ସହଯୋଗ ରହିଲେ ଏହାର ମୂଳୋତ୍ପାଟନ ସମ୍ଭବ। ଗୁରୁବାର ରେଢାଖୋଲ ବ୍ଲକ ସଭାଗୃହରେ ଜିଲା ପ୍ରଶାସନ ଆନୁକୂଲ୍ୟରେ ଅନୁଷ୍ଠିତ ଗଞ୍ଜେଇ ଚାଷ ସମ୍ପର୍କିତ ସଚେତନତା ଶିବିରରେ ମତପ୍ରକାଶ କରାଯାଇଛି। ଅବକାରୀ ବିଭାଗ ଆବାହକତ୍ୱରେ ଅନୁଷ୍ଠିତ ସଚେତନତା ସଭାରେ ଉପଜିଲାପାଳ ଡୋଳାମଣି ପଟେଲ, ବିଡିଓ ପରୀକ୍ଷିତ ସାହୁ, ସମ୍ବଲପୁର ସଦର ଅବକାରୀ ଇନ୍ସପେକ୍ଟର ଦଶରଥ ପୁରୋହିତ, ରେଢାଖୋଲ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ, ଚାରମାଲ ରେଞ୍ଜ ଅଧିକାରୀ ହରେଶ କିସାନ, ବଡମାଲ ରେଞ୍ଜ ଅଧିକାରୀ ରମେଶ ପ୍ରସାଦ କର୍ଣ୍ଣ, ରେଢାଖୋଲ ରେଞ୍ଜ ଅଧିକାରୀ ମୈତ୍ରୀ ମଞ୍ଜରୀ ବିଶ୍ୱାଳ, ବଡବାହାଳ ରେଞ୍ଜ ଅଧିକାରୀ ପ୍ରଜ୍ଞା ପରିମିତା ଦୀପ ପ୍ରମୁଖ ଯୋଗ ଦେଇଥିଲେ। ସମ୍ବଲପୁର ଜିଲାର ରେଢାଖୋଲ, ନାକଟିଦେଉଳ ଓ କିସିଣ୍ଡା ଥାନା ଅଧୀନରେ ଗ୍ରାମ୍ୟ ଜଙ୍ଗଲ, ପାହାଡ ଓ ଘଞ୍ଚ ଜଙ୍ଗଲରେ ବାହାର ରାଜ୍ୟର ମାଫିଆ ମାନଙ୍କ ଦ୍ୱାରା ସରଳ ଲୋକଙ୍କୁ ଅଳ୍ପ କିଛି ଟଙ୍କା ଦେଇ ଏହି ବେଆଇନ ଗଞ୍ଜେଇ ଚାଷ କରାଯାଉଥିବା ପ୍ରଶାସନର ଦୃଷ୍ଟିକୁ ଆସିଥିବା ନେଇ ଅବକାରୀ ବିଭାଗ ପକ୍ଷରୁ ପ୍ରକାଶ କରାଯାଇଛି। ମୁଖ୍ୟତଃ ନିର୍ବାଚିତ ପଞ୍ଚାୟତ ପ୍ରତିନିଧି ମାନଙ୍କୁ ନେଇ ଏହି ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ତେବେ ସୂଚନା ଅଭାବରୁ ହେଉ କି ଅନ୍ୟ କୌଣସି କାରଣରୁ ହେଉ ଏହି ଶିବିରରେ ହାତ ଗଣତି ପଞ୍ଚାୟତ ପ୍ରତିନିଧି ଯୋଗ ଦେଇଥିଲେ। ଶିବିରରେ କେବଳ ଭରତାପୁର ସରପଞ୍ଚ ଦୁଃଖବନ୍ଧୁ ପ୍ରଧାନଙ୍କ ସମେତ କେତେଜଣ ୱାର୍ଡସଭ୍ୟ ଯୋଗ ଦେଇଥିଲେ।


ଶିବିରରେ ଯୋଗ ଦେଇଥିବା ନିର୍ବାଚିତ ଜନପ୍ରତିନିଧିମାନେ।

## ଆନ୍ତଃ କଲେଜ ବାଳିକା ଫୁଟବଲ: ସର୍ଗିପାଲି ଚାମ୍ପିୟନ

**ଧମା, ୫।୧୨ (ଡି.ଏନ.ଏ)**

ଓଡିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ସମ୍ବଲପୁର ଧମା ସ୍ଥିତ ମାଁ ଝାଡେଶ୍ୱରୀ ମହାବିଦ୍ୟାଳୟରେ ଚାଲିଥିବା ପାଞ୍ଚ ଦିନିଆ ଜୋନାଲ ଓ ଫାଇନାଲ ଆନ୍ତଃ ମହାବିଦ୍ୟାଳୟ ବାଳିକା ଫୁଟବଲ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଛି। ଆଜିର ଫାଇନାଲ ମ୍ୟାଚ୍ ମାଁ ଝାଡେଶ୍ୱରୀ ମହାବିଦ୍ୟାଳୟ ଓ ସୁନ୍ଦରଗଡ ସର୍ଗିପାଲି ସ୍ଥିତ ମହର୍ଷି ଦୟାନନ୍ଦ ମହାବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ସର୍ଗିପାଲି ଦଳ ଧମା ଦଳକୁ ୩-୦ରେ ହରାଇ ଚାମ୍ପିୟନ ହୋଇଥିଲା। ପ୍ରକାଶଥାଉକି, ଗତ ୧ତାରିଖରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟର ପଶ୍ଚିମାଞ୍ଚଳ ଜୋନ ପର୍ଯ୍ୟାୟର ଫାଇନାଲରେ ସିଣ୍ଢୋଲ ଆଞ୍ଚଳିକ ମହାବିଦ୍ୟାଳୟକୁ ହରାଇ ଧମା ଦଳ ଫାଇନାଲକୁ ଉନ୍ନୀତ ହୋଇଥିଲା। ଆଜିର ଏହି ଫାଇନାଲ ଖେଳରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ବାଳିକା ଫୁଟବଲ ଟିମ୍ ଚୟନ କରାଯାଇଛି। ସେମାନେ ଚଳିତ ମାସ ଶେଷରେ ଆନ୍ଧ୍ରପ୍ରଦେଶର ଗୁଣ୍ଟୁରଠାରେ ହେବାକୁ ଥିବା ଏସଜିଏଫଆଇ, ସର୍ବ ଭାରତୀୟ ସ୍କୁଲ ଖେଳ ପ୍ରତିଯୋଗିତାରେ ଓଡିଶାର ପ୍ରତିନିଧିତ୍ୱ କରିବେ । ଆଜିର ଉଦଯାପନୀ ସମାରୋହରେ ବିଶିଷ୍ଟ କବାଡି ଖେଳାଳି ତଥା ଶିକ୍ଷାବିତ୍ ପ୍ରେମରଞ୍ଜନ ପ୍ରଧାନ ମୁଖ୍ୟଅତିଥି ଓ ହରେକୃଷ୍ଣ ପଣ୍ଡା, ସୁନୀଲ ସାହୁ, ପରମାନନ୍ଦ ସିଟ ପ୍ରମୁଖ ତଥା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜୟୀ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଉଦଘାଟନୀ ଉତ୍ସବ ଓ ଉଦଯାପନୀ ଉତ୍ସବରେ ମହାବିଦ୍ୟାଳୟର ଯୁକ୍ତ ୨ ଅଧକ୍ଷ ଅଶୋକ କୁମାର ପୁରୋହିତ ସଭାପତିତ୍ୱ କରିଥିଲେ । ଯୁକ୍ତ ୩ ଅଧକ୍ଷ ଅନୀଲ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସମଗ୍ର ପ୍ରତିଯୋଗିତାର ଚୟନ କର୍ତ୍ତା ଭାବେ ସମଲେଶ୍ୱରୀ କଲେଜ ସମ୍ବଲପୁରର ଖେଳ ଶିକ୍ଷକ ଆନନ୍ଦ ଚନ୍ଦ୍ର ପତି ଓ ପର୍ଯ୍ୟବେକ୍ଷକ ଭାବେ ଖୋର୍ଦ୍ଧା ନାଚୁଣୀ ମହାବିଦ୍ୟାଳୟର ଖେଳ ଶିକ୍ଷକ ପ୍ରଦୀପ କୁମାର ସାମନ୍ତସିଂହାର ଯୋଗ ଦେଇଥିଲେ। ଅରୁଣ ଭୋଇ, ଅଶ୍ୱିନୀ ବରିହା, ନୀଳ ନାଏକ ଓ ଶିଶୁ ଛେତ୍ରି ସମଗ୍ର ପ୍ରତିଯୋଗିତା ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଖେଳ ଶିକ୍ଷକ ରାମ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟର ଅଧାପିକା, ଅଧାପକ ଓ କର୍ମଚାରୀ ରବିନ୍ଦ୍ର ନାରାୟଣ ଠାକୁର, ସତ୍ୟନାରାୟଣ ଦାଶ, ପଣ୍ଡିତ ବ୍ୟାସଦେବ ପଣ୍ଡା, ରବିଶଙ୍କର ହୋତା, ସଞ୍ଜୟ ସାହୁ ପ୍ରମୁଖ ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।



ଯିଏ ତୁମ ଆସିବା ବାଟରେ କଣ୍ଟା ପକାଇଛି, ତୁମେ ତାଙ୍କ ଆସିବା ବାଟରେ ଫୁଲ ବିଛାଅ।
- ସନ୍ଥ କବୀର ଦାସ



## ସଂକ୍ଷେପରେ

### ପ୍ରଫେସର ଜନାର୍ଦ୍ଦନ ପଟେଲ ସ୍ମାରକୀ ବକ୍ତୃତାମାଳା

ସମ୍ବଲପୁର, ୫।୧୨ (ବ୍ୟୁରୋ): ପ୍ରଫେସର ଜନାର୍ଦ୍ଦନ ପଟେଲଙ୍କ ୨୧ତମ ଶ୍ରାଦ୍ଧାବାର୍ଷିକୀ ତଥା ସ୍ମାରକୀ ବକ୍ତୃତାମାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଓଡିଶା ସାଂସ୍କୃତିକ ସମାଜ ସଭାପତି ପ୍ରଫୁଲ୍ଲ କୁମାର ହୋତାଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ପ୍ରଫେସର ମୀନକେତନ ପୁରୋହିତ ମୁଖ୍ୟଅତିଥି, ସୁରେନ୍ଦ୍ର କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ସମ୍ବଲପୁରରେ ଶିକ୍ଷାର ବିକାଶ ଓ ଚେତନାର ଅଭ୍ୟୁଦୟ କିପରି ହୋଇଥିଲା ଏବଂ ପ୍ରଫେସର ଜନାର୍ଦ୍ଦନ ପଟେଲଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ଡ. କୁଞ୍ଜବନ ପଟେଲ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସାଧାରଣ ସମ୍ପାଦକ ସରୋଜ ଦାଶ ସୂଚନା ପ୍ରଦାନ କରିଥିଲେ।

### ମେଗା ଲିଫ୍ଟ ପଏଣ୍ଟରୁ ଚୋରି ଅଭିଯୋଗରେ ୭ ଗିରଫ

**କୋଲାବିରା,୫।୧୨(ଡି.ଏନ.ଏ.)**
ଝାରସୁଗୁଡା ଜିଲା କୋଲାବିରା ଥାନା ଅଧୀନ ପରମାଣପୁର ନିକଟରେ ପ୍ରବାହିତ ତେଲେନ ନଦୀ କୂଳରେ ସ୍ଥାପିତ ମେଗା ଲିଫ୍ଟ ପଏଣ୍ଟରୁ ଗତ ୧ ତାରିଖ ବହୁମୂଲ୍ୟ ଯନ୍ତ୍ରାଂଶ ଚୋରି ହୋଇଛି। ୨ ତାରିଖ ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ୭ଜଣଙ୍କୁ ଗିରଫ କରିଛି। ଏମାନେ ହେଲେ ସମ୍ବଲପୁର ଜିଲା ଠେଲକୁଲି ଥାନା ଅନ୍ତର୍ଗତ ଘିଚାମୁରା ଗ୍ରାମର ଆକାଶ ପରୁଆ (୨୨), ରାଜେନ୍ଦ୍ର ଓରାମ (୨୦), ଟୁଲୁ କିଷାନ(୨୫), ଅଜୟ ପଧାନ(୨୪), ରଞ୍ଜନ କିଷାନ (୨୫), ଗୋବିନ୍ଦ କିସାନ (୪୨) ଏବଂ ଭାବଗ୍ରାହୀ ପଟେଲ(୪୦)। କୋଲାବିରା ଥାନାଧିକାରୀ ସୁକୁମାର ତ୍ରିପାଠୀ କହିଛନ୍ତି ଯେ, ଏମାନଙ୍କ ବିରୋଧରେ କୋଲାବିରା ଥାନାରେ ଦଫା ୪୫୭/୩୮୦/୩୪ରେ ଏକ ମାମଲା (ନଂ.୧୫୬/୧୯) ରୁଜୁ ହୋଇଛି।

## ■ ବାବୁନିକ୍ତିମାଲ ପଞ୍ଚାୟତ

# ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ, ମାରପିଟ

**ବାମରା,୫।୧୨(ଡି.ଏନ.ଏ.)**

ବାମରା ବ୍ଲକ ବାବୁନିକ୍ତିମାଲ ପଞ୍ଚାୟତ ଅଫିସ ଭିତରେ ଗୁରୁବାର ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ପରେ ମାରପିଟ ହୋଇଛି । ଏଥିରେ ଜଣେ ଆହତ ହୋଇ ଚିକିତ୍ସାଧୀନ ଥିବାବେଳେ ଏ ନେଇ ମହୁଲପାଲି ପୋଲିସ ଅଭିଯୋଗ ପାଇ ୩ଟି ପୃଥକ୍ ମାମଲା ରୁଜୁ କରି ତଦନ୍ତ କରୁଛି। ଘଟଣା ଅନୁସାରେ, ବାବୁନିକ୍ତିମାଲ ପଞ୍ଚାୟତରେ ସଭା କରାଯିବ ବୋଲି ନାଏବ ସରପଞ୍ଚ ମଞ୍ଜୁଳତା ପଟେଲଙ୍କ ଦ୍ୱାରା ଗୁରୁବାର ସକାଳେ ପଞ୍ଚାୟତ ସାରା ମାଇକରେ ପ୍ରଚାର କରାଯାଇଥିଲା। ପରେ ପଞ୍ଚାୟତର ଥିବା ପ୍ରାୟ ସବୁ ଗାଁରୁ ଶତାଧିକ ମହିଳା, ପୁରୁଷ ଅପରାହ୍ନ ୧ଟାରେ ପଞ୍ଚାୟତ ଅଫିସରେ ଜମା ହୋଇଥିଲେ। ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁସାରେ ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ନାଏବ ସରପଞ୍ଚ ମଞ୍ଜୁଳତା ପଟେଲଙ୍କ ସଭାପତିତ୍ୱରେ ଏକ ସଭା କରାଯିବ ବୋଲି ସଜବାଜ ହୋଇ ମହିଳାପୁରୁଷ ପଞ୍ଚାୟତ ଅଫିସ ସାମନାରେ ରୁଣ୍ଡ ହୋଇଥିଲେ। ଭିଡ ମଧ୍ୟରୁ କେହି ଜଣେ ଆମକୁ ମିଥ୍ୟା ପ୍ରଚାର କରି ବାହାନାରେ ଏଠାକୁ ଡକାଇ ହଇରାଣ କରୁଛି ବୋଲି ପାଟି କରି କହିଥିଲେ। ଏହା ଶୁଣି ଗ୍ରାମବାସୀଙ୍କ ମଧ୍ୟରେ କେତେ ଜଣ ଉତ୍ତ୍ୟକ୍ତ ହୋଇ ଗାଳିଗୁଲଜ ଓ ପାଟିତୁଣ୍ଡ ଆରମ୍ଭ କରି ଦେଇଥିଲେ। ପରେ ନାଏବ ସରପଞ୍ଚ ଓ ସରପଞ୍ଚଙ୍କ ସମର୍ଥକ ଥିବା ୨ ଗୋଷ୍ଠି ମଧ୍ୟରେ ଠେଲାପେଲା ଓ ମାରପିଟ ହୋଇଥିଲା। ଏଥିରେ ସରପଞ୍ଚଙ୍କ ସମର୍ଥକ କୁହାଯାଉଥିବା


ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରୁଛି।

**ମହୁଲପାଲି ଥାନରେ ମାମଲା ରୁଜୁ**

ୱାର୍ଡମେମ୍ବର ଜିତେନ୍ଦ୍ର ନାଏକ ଆହତ ହେବା ପରେ ପ୍ରଥମେ ବାବୁନିକ୍ତିମାଲ ଓ ପରେ କୁଚିଣ୍ଡା ଡାକ୍ତରଖାନାକୁ ପଠାଯାଇଥିଲା। ମହୁଲପାଲି ପୋଲିସ ଖବର ପାଇ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ମହୁଲପାଲି ଥାନା ସବଇନ୍ସପେକ୍ଟର ଦିଲୀପ କୁମାର ବେହେରା, ଏଏସଆଇ ପି. ଖାଲକୋ ଓ ଏଡି ପ୍ରଧାନଙ୍କ ସମେତ ପୋଲିସ ଷ୍ଟାଫ ବୁଝାଶୁଝା କରିବା ପରେ ଘଟଣା ଶାନ୍ତ ପଡିଥିଲା। ମହୁଲପାଲି ଥାନାଧିକାରୀ ଜ୍ୟୋସ୍ନାରାଣୀ ବେହେରା ଛୁଟିରେ ଥିବା ତାଙ୍କ ବଦଳରେ ଦାୟିତ୍ୱରେ ଥିବା ଗୋବିନ୍ଦପୁର ଥାନା ଅଧିକାରୀ ପିକେ ରଣା ମହୁଲପାଲି ଥାନା ପହଞ୍ଚି ଘଟଣାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଦାୟିତ୍ୱ ନେଇଥିଲେ। ଏ ନେଇ ଉଭୟ ଗୋଷ୍ଠୀ ପକ୍ଷରୁ ମୋଟ ୩ଟି ଏତଲା ଦିଆଯାଇଥିଲା। ରାତ୍ରି ୮ଟାରେ ବାବୁନିକ୍ତିମାଲ ସରପଞ୍ଚ ଗିରିଶ ଚନ୍ଦ୍ର ସା, ନାଏବ ସରପଞ୍ଚ ମଞ୍ଜୁଳତା ପଟେଲ ଓ ଫୁଲ କୁମାରୀ ଟପ୍ପୋଙ୍କ ଦ୍ୱାରା ମାମଲା ରୁଜୁ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ୨ବର୍ଷ ହେଲା ବାବୁନିକ୍ତିମାଲ ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାମକୁ ନେଇ ସରପଞ୍ଚ ଓ ନାଏବ ସରପଞ୍ଚଙ୍କ ମଧ୍ୟରେ ଟଣାଓଟରା ଲାଗିଥିବା ବେଳେ ପୂର୍ବରୁ ମଧ ଏପରି ଗଣ୍ଡଗୋଳ ହୋଇଛି। ପଞ୍ଚାୟତ କାର୍ଯ୍ୟରେ ସରପଞ୍ଚ ଗିରିଶ ଚନ୍ଦ୍ର ସା ଓ ଇଓ ଦୁର୍ନୀତି କରୁଥିବା ନେଇ ୫ ଡିସେମ୍ବର ଦିନ କାର୍ଯ୍ୟାଳୟରେ ତାଲା ପକାଇବାକୁ ସ୍ଥାନୀୟ ପ୍ରଶାସନକୁ ଲିଖିତ ଭାବେ ଜଣାଇଥିଲେ। ମାତ୍ର ପ୍ରଶାସନ ପକ୍ଷରୁ କୌଣସି ପ୍ରକାର ପଦକ୍ଷେପ ନିଆ ନ ଯିବାରୁ ଏହିଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ବିଷୟରେ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ୧୨ ସିଟି ବସ୍‌କୁ ରୁଟ୍ ପରମିଟ୍ ଦେବାକୁ ନିର୍ଦ୍ଦେଶ

**ସମ୍ବଲପୁର,୫।୧୨(ବ୍ୟୁରୋ)**

ସମ୍ବଲପୁର ଜିଲାରେ ୨ ବର୍ଷ ହେଲା କିଣା ହୋଇ ପଡିଥିବା ୧୨ଟି ସିଟି ବସ୍ ଚଳାଚଳ କରିବ। ଏ ନେଇ ଆଶା ସଞ୍ଚାର ହୋଇଛି। ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡା ଆରଟିଓଙ୍କୁ ରୁଟ୍ ପରମିଟ୍ ଚାର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଯଥା ସମ୍ଭବ ସପ୍ତାହକ ଭିତରେ ଏହା ଦାଖଲ କରିବାକୁ କୁହା ଯାଇଛି। ଯଦି ରୁଟ୍ ଚାର୍ଟ ମିଳିଯିବ ତେବେ ବସ୍ ଚଳାଚଳ ନୂଆଁ ବର୍ଷରୁ ହୋଇପାରେ। ଏବେ ସମ୍ବଲପୁର ଜିଲାରୁ ୩୨ଟି ସିଟି ବସ୍ ସହର ଓ ବିଭିନ୍ନ ଜିଲାକୁ ଚଳାଚଳ କରୁଛି। ଅଧିକ ଆବଶ୍ୟକତା ଥିବା ନେଇ ୨୦୧୭ ଜୁଲାଇରେ ଆଉ ୧୨ଟି ବସ୍ କିଣା ହୋଇଥିଲା। ହେଲେ ଘରୋଇ ବସ୍ ମାଲିକ ସଂଘ ବିରୋଧ କରିବା ସହ ଆଉ କିଛି ସମସ୍ୟା ଯୋଗୁ ଆଜି ପର୍ଯ୍ୟନ୍ତ ପଡି ରହିଛି। ଏ ନେଇ ବାରମ୍ବାର ପ୍ରଶାସନ ପକ୍ଷରୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଏବେ ଅତିରିକ୍ତ ଜିଲାପାଳ ପଣ୍ଡା ନେଇଥିବା ପଦକ୍ଷେପ କେତେ ସଫଳ ହେଉଛି ତାହାକୁ ଅପେକ୍ଷା ରହିଛି।

## ବାମରାରେ ବିଶ୍ୱ ମୃତ୍ତିକା ଦିବସ ପାଳିତ

**ବାମରା,୫।୧୨(ଡି.ଏନ.ଏ.)**

ବାମରା ବ୍ଲକ କୃଷି ପରାମର୍ଶ କେନ୍ଦ୍ରଠାରେ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ବ୍ଲକ ସହକାରୀ କୃଷି ଅଧିକାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ ସଦାନନ୍ଦ କୁଜୁର ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଚାଷୀ ନେତା ଯୋଗବିହାରୀ ପରିଡା ଯୋଗଦେଇ ମାଟି ମାଁ ତୁଲ୍ୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଏଫିସିଏ ଅମିୟ ପଟେଲ, ସମିତି ସଭ୍ୟ ପଦ୍ମଚରଣ ଗୁରୁ ଓ ଗୋବିନ୍ଦପୁର ସରପଞ୍ଚ ମିନାକ୍ଷୀ ମାଝି ପ୍ରମୁଖ ଯୋଗଦେଇ ମୃତ୍ତିକା ସଂରକ୍ଷଣ, ରକ୍ଷଣାବେକ୍ଷଣ, ମାଟିରେ ଜୈବିକ ସାର ପ୍ରୟୋଗର ଉପକାରିତା ସହ ମୃତ୍ତିକା ସମ୍ବନ୍ଧୀୟ ମତାମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସହକାରୀ ଉଦ୍ୟାନ ଅଧିକାରୀ ଭିକ୍ଟୋରିଆ ପ୍ରଧାନ, ରଙ୍ଗିଆଟିକ୍ରା ସରପଞ୍ଚ ଚମ୍ପବତୀ ମିଞ୍ଜ, ଅଭିମନ୍ୟୁ ସାହୁ, କିରଣ ନାୟକ, ସନାତନ ପଟେଲ ଓ ସୀମାନ ସମାଦଙ୍କ ସହ ଜନପ୍ରତିନିଧିମାନେ ଯୋଗଦେଇଥିଲେ। ଏହି ଅବସରରେ ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଥିଲା। ବ୍ଲକ ବୈଷୟିକ ପ୍ରବନ୍ଧକ କୃଷ୍ଣଚନ୍ଦ୍ର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ବିଶ୍ୱ ମୃତ୍ତିକା ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ■ ସମ୍ବଲପୁର ଲୋକ ମହୋତ୍ସବ ପ୍ରସଙ୍ଗ

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ କଳାକାର

**ସମ୍ବଲପୁର, ୫।୧୨ (ବ୍ୟୁରୋ)**

ସମ୍ବଲପୁର ଲୋକ ମହୋତ୍ସବ ଆୟୋଜନ କରିବାକୁ ପଶ୍ଚିମ ଓଡିଶା ଲୋକ କଳାକାର ମହା ସଂଘ ଗୁରୁବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମହୋତ୍ସବ କିପରି ପୂର୍ବ ନିର୍ଦ୍ଧାରିତ ସମୟରେ ହେବ ସେ ନେଇ ସେମାନେ ଜିଲାପାଳ ଶୁଭମ୍ ସକ୍‌ସେନାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ତେବେ ମହୋତ୍ସବ ନିର୍ଦ୍ଧାରିତ ତାରିଖରେ ହେବ ବୋଲି ଜିଲାପାଳ କଳାକାରମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଦତ୍ତ ସ୍ମାରକପତ୍ରରେ ଉଲ୍ଲେଖ ରହିଛି ଯେ, ୧୯୯୭ ମସିହାରୁ ସମ୍ବଲପୁର ଲୋକ ମହୋତ୍ସବ ଆୟୋଜିତ ହୋଇ ଆସୁଛି । ସମ୍ବଲପୁର ଲୋକ ମହୋତ୍ସବକୁ ଦୃଷ୍ଟିରେ ରଖି ପଶ୍ଚିମ ଓଡିଶା ତଥା ରାଜ୍ୟର ବିଭିନ୍ନ ଅଞ୍ଚଳରେ ମହୋତ୍ସବ ଗୁଡିକ ହୋଇଥିଲା। କିନ୍ତୁ ପରିତାପର ବିଷୟ ଯେ, ଗତ ବର୍ଷ ବିଭିନ୍ନ ଆଳ ଦେଖାଇ ଜିଲାପ୍ରଶାସନ ମହୋତ୍ସବକୁ ବନ୍ଦ କରି ଦେଇଛି। ତେବେ ଚଳିତ ବର୍ଷ ମହୋତ୍ସବ କିପରି ହେବ ସେ ନେଇ କଳାକାରମାନେ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ମୁଖ୍ୟତଃ ଐତିହାସିକ ସମ୍ବଲପୁର ସହର ସଂସ୍କୃତି, ପରମ୍ପରା, ଲୋକବାଦ୍ୟ, ଲୋକଗୀତ, ଲୋକନୃତ୍ୟ ସକାଶେ ଦେଶ ବିଦେଶରେ ସୁନାମ ଅର୍ଜନ କରିଛି। ତେଣୁ ଲୋକମହୋତ୍ସବ ଜନସାଧାରଣଙ୍କ ସହ ସଂସ୍କୃତିର ସମନ୍ୱୟ ରକ୍ଷା କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଲୁପ୍ତପ୍ରାୟ କଳାକୁ ଲୋକଲୋଚନକୁ ଆଣିଥାଏ । ସେହିପରି ସଂସ୍କୃତି ବିଷୟରେ ଯୁବପିଢ଼ିଙ୍କୁ ସଚେତନ ମଧ କରିଥାଏ। ଏହାକୁ ଦୃଷ୍ଟିରେ ରଖି ଲୋକମହୋତ୍ସବ- ୨୦୨୦ ଆୟୋଜନ ହେବା ଜରୁରୀ ବୋଲି କଳାକାରମାନେ ଦାବି କରିଛନ୍ତି। ତେବେ ଏହି ପ୍ରତିନିଧି ଦଳରେ ସଂସ୍କୃତି ଗବେଷକ ରଞ୍ଜନ କୁମାର ସାହୁ, ନୃତ୍ୟ ଗୁରୁ କୃଷ୍ଣଚନ୍ଦ୍ର ବାଗ, ଆଲୋକ କୁମାର ପଣ୍ଡା, ଦୁର୍ଗାପ୍ରସାଦ ଦାଶ, ଶଶାଙ୍କଶେଖର ଦୁବେ, ମହେଶ କୁମାର ପଟେଲ, ଧବଳେଶ୍ୱର କରାଲି, ପୁଷ୍ପାଞ୍ଜଳି ବେହେରା, ମୋହିତ କୁମାର ସ୍ୱାଇଁ, ଚନ୍ଦ୍ରଶେଖର ଦୁବେ, ବିପିନ ବିହାରୀ ଦାଶ, ସୂର୍ଯ୍ୟ ପ୍ରକାଶ ଗୁରୁ, ଦିଲୀପ କୁମାର ପଣ୍ଡା, ଦୀପକ ବାରିକ, ସୋମନାଥ ଜାଲ, ମନୋଜ ପ୍ରଧାନ ପ୍ରମୁଖ ସାମିଲ ଥିଲେ।


ଗୁରୁବାର ପଶ୍ଚିମ ଓଡିଶା ଲୋକକଳାକାର ମହାସଂଘ ଜିଲାପାଳ ଶୁଭମ ସକସେନାଙ୍କୁ ସମ୍ବଲପୁର ଲୋକମହୋତ୍ସବ ଆୟୋଜନ କରିବାକୁ ସ୍ମାରକପତ୍ର ଦେବାକୁ ଆସିଛନ୍ତି।

## ହାଇଦ୍ରାବାଦର ଡାକ୍ତର ପ୍ରିୟଙ୍କା ରେଡ୍ଡୀ ଗଣବଳାତ୍କାର, ହତ୍ୟାକୁ ବିରୋଧ



ଗୁରୁବାର ରାତିରେ ସମ୍ବଲପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ମହମବତି ଶୋଭାଯାତ୍ରା ବାହାରିଛି।

**ସମ୍ବଲପୁର, ୫।୧୨ (ବ୍ୟୁରୋ)**

ହାଇଦ୍ରାବାଦରେ ଡାକ୍ତର ପ୍ରିୟଙ୍କା ରେଡ୍ଡୀଙ୍କୁ ଗଣବଳାତ୍କାର ଓ ହତ୍ୟା ବିରୋଧରେ ଜିଲା କଂଗ୍ରେସ ପକ୍ଷରୁ ମହମବତୀ ଶୋଭାଯାତ୍ରା ଗୁରୁବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଏଥିସହ ପୁରୀରେ ନାବାଳିକାଙ୍କ ପ୍ରତି ଗଣବଳାତ୍କାରକୁ ମଧ ବିରୋଧ କରାଯାଇଛି। ଜିଲା କଂଗ୍ରେସ କାର୍ଯ୍ୟାଳୟରୁ ସଭାପତି ଅଶ୍ୱିନୀ କୁମାର ଗୁରୁଙ୍କ ନେତୃତ୍ୱରେ ନେତା ଓ କର୍ମୀମାନେ ମହମବତୀ ଜାଳି ନୀରବ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ସରକାରୀ ବସଷ୍ଟାଣ୍ଡ, ଲକ୍ଷ୍ମୀ ଟକିଜ ଛକ, ଗୋଲବଜାର ଛକ ପରିକ୍ରମା କରିଥିଲେ। ଏହାପରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ନିରଞ୍ଜନ ତ୍ରିପାଠୀ, ଅଶୋକ ବେରିହା, ରବିନାରାୟଣ ପାଣିଗ୍ରାହୀ, ସୁତାପା ମିତ୍ର, ଆଶୁତୋଷ ସ୍ୱାଇଁ, ଜୟରାମ ବନିଆଁ, ତ୍ରିଲୋଚନ ପୁରୋହିତ, ବିଜୟଲକ୍ଷ୍ମୀ ବେହେରା, ପ୍ରଶାନ୍ତ ସାହୁ, ସଞ୍ଜୟ ଛୁରିଆ, ମହମ୍ମଦ ମୁକ୍ତାର, ରେଣୁ କରିମ, ସନ୍ଧ୍ୟାରାଣୀ ସାହୁ, ଲକ୍ଷ୍ମୀ ଯାଦବ, ଗୀତରାଣୀ ଦୁବେ, ଦିନବନ୍ଧୁ ପରିଡା, ଭକ୍ତ ପଟ୍ଟନାୟକ, ସରୋଜକାନ୍ତ ମିଶ୍ର, ସୁମିତ ଷଡଙ୍ଗୀ, ପ୍ଲାବନ ବହିଦାର, ବିକାଶ ବେହେରା, ହରି ମେହେର, ମନୋଜ ସା, ନିୟତି ସେନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମୃତ୍ତିକା ଅବକ୍ଷୟ ରୋକିବାକୁ ଗୁରୁତ୍ୱ

**ସମ୍ବଲପୁର,୫।୧୨(ବ୍ୟୁରୋ)**

ସମ୍ବଲପୁର ଜିଲା କୃଷି ଉପନିର୍ଦ୍ଦେଶକଙ୍କ ଅଫିସ ପରିସରରେ ଗୁରୁବାର ଜିଲାସ୍ତରୀୟ ମୃତ୍ତିକା ସଂରକ୍ଷଣ ଦିବସ ପାଳିତ ହାଇଯାଇଛି । କୃଷି ଅଧିକାରୀ ଦୁଃଖନାଶନ ପ୍ରହରାଜ ଏଥିରେ ଅଧକ୍ଷତା କରିଥିଲେ। ଜିଲା ପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକ, ପଶ୍ଚିମ ଓଡିଶା କୃଷକ ସଂଗଠନ ଆବାହକ ଅଶୋକ ପ୍ରଧାନ, ଜିଲା କୃଷକ ସଂଗଠନ ସଭାପତି ମୁରାରି ପୁରୋହିତ, ବୈଜ୍ଞାନିକ ଏସ. ଚୌଧୁରୀ ଉପସ୍ଥିତ ଥିଲେ। ଏଥିରେ ମୃତ୍ତିକା ଅବକ୍ଷୟ ରୋକିବା ପାଇଁ ମୁଖ୍ୟତଃ ଆଲୋଚନା ହୋଇଥିଲା। ନିରନ୍ତର ଫସଲ ଉତ୍ପାଦନ, ମୃତ୍ତିକା ଅନୁସାରେ ଫସଲର କିସମ ପରିବର୍ତ୍ତନ କରବା, କମ୍ ସାର ଉପଯୋଗ କରିବା, ସାର ଓ କୀଟନାଶକକୁ ପରୀକ୍ଷା କରିବା, ସବୁ ଚାଷୀମାନେ ମୃତ୍ତିକା ପରୀକ୍ଷା କରାଇବା ନେଇ ଆଲୋଚନା ହୋଇଥିଲା। କୃଷି ବିଜ୍ଞାନୀ, ଉଦ୍ୟାନ ବିଭାଗ, ଜଳସେଚନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ୩୦ ଜଣ ଚାଷୀଙ୍କୁ ଏହି ଅବସରରେ ମୃତ୍ତିକା ପରୀକ୍ଷା କାର୍ଡ ପ୍ରଦାନ କରାଯାଇଥିଲା।



ସମ୍ବଲପୁର ଜିଲା କୃଷି ଉପନିର୍ଦ୍ଦେଶକଙ୍କ ଅଫିସ ପରିସରରେ ଜିଲାସ୍ତରୀୟ ମୃତ୍ତିକା ସଂରକ୍ଷଣ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

# ୮ରୁ ସମ୍ବଲପୁର ମହୋତ୍ସବ

**ସମ୍ବଲପୁର, ୫।୧୨ (ବ୍ୟୁରୋ)**

ସମ୍ବଲପୁର ସାଂସ୍କୃତିକ ପରିଷଦ ପକ୍ଷରୁ ଚଳିତ ମାସ ୮ରୁ ୧୫ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ମହୋତ୍ସବ-୨୦୧୯ ଅଇଁଠାପାଲି ପିଏଚଡି ପଡିଆଠାରେ ଅନୁଷ୍ଠିତ ହେବ । ଏଥିପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ରାଜ୍ୟ ତଥା ରାଜ୍ୟ ବାହାରୁ କଳାକାରମାନେ ଲୋକଗୀତ, ଲୋକନୃତ୍ୟ ଓ ଲୋକବାଦ୍ୟ ପରିବେଷଣ କରିବେ। ମହୋତ୍ସବରେ ୧୯ ଲକ୍ଷ ଟଙ୍କା ବ୍ୟୟ ଅଟକଳ ସ୍ଥିର କରାଯାଇଛି। ଗୁରୁବାର ସମ୍ବଲପୁର ପିଏଚଡି ପଡିଆଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକ ସମ୍ବଲପୁର ସାଂସ୍କୃତିକ ପରିଷଦ କର୍ମକର୍ତ୍ତା ଏହି ସୂଚନା ଦେଇଛନ୍ତି। ନୃତ୍ୟ, ଗୀତ ଉପଭୋଗ କରିବା ସହ ଦର୍ଶକ ବିଭିନ୍ନ ସାମଗ୍ରୀ ମଧ କିଣି ପାରିବେ। ସେହିପରି ପଶ୍ଚିମ ଓଡିଶାର ପାରମ୍ପାରିକ ଖାଦ୍ୟ ମେଳା ମଧ ରହିବ। ଏଥିପାଇଁ ୨୦୦ଟି ଷ୍ଟଲ ନିର୍ମାଣ କରାଯାଇଛି ।



ଗୁରୁବାର ସମ୍ବଲପୁର ପିଏଚଡି ପଡିଆଠାରେ ଖବରଦାତା ସମ୍ମିଳନୀରେ ସମ୍ବଲପୁର ସାଂସ୍କୃତିକ ପରିଷଦ କର୍ମକର୍ତ୍ତା।

ଉଦ୍‌ଘାଟନୀ ଦିବସ ସକାଳ ୮ଟାରେ ଇଷ୍ଟଦେବୀ ସମଲେଇଙ୍କଠାରେ ପୂଜାର୍ଚ୍ଚନା କରାଯିବ। ଏହାପରେ ଉତ୍ସବ ସ୍ଥଳରେ ଝୋଟି, ଅଲପିନା, ରଙ୍ଗୋଲି ଓ ଚିତ୍ରାଙ୍କନ ପ୍ରତିଯୋଗିତା ହେବ। ୯ ତାରିଖରୁ ପ୍ରତ୍ୟେକ ଦିନ ପୂର୍ବାହ୍ନରେ ଭାଷା ସଂସ୍କୃତି ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଗବେଷକ, ସାହିତ୍ୟକ ଓ କବିମାନେ ଯୋଗ ଦେବେ। ଲୁପ୍ତପ୍ରାୟ ଲୋକକଳା ସହ ଯୁବକଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରସିଦ୍ଧି ଲାଭ କରିଥିବା ସମ୍ବଲପୁରିଆ ବାବୁ ମଣ୍ଟୁ ଛୁରିଆ ସମ୍ବଲପୁରୀ ଗୀତ ପରିବେଷଣ କରିବା କାର୍ଯ୍ୟକ୍ରମ ରହିଛି ବୋଲି ଖବରଦାତା ସମ୍ମିଳନୀରେ ମୁଖ୍ୟ ସଂଯୋଜକ ସପନ ମିଶ୍ର, ଭକ୍ତପ୍ରସାଦ ନନ୍ଦ, ଗୋଲକ ବିହାରୀ ମିଶ୍ର, ଦୁଃଖନାଶନ ବେହେରା, ଜୟଲାଲ ବେହେରା, ସୁପ୍ରିତ ଠେଲା, ବିଦ୍ୟାଧର ଧନୱାର, ଅନୁଜ ଜେନା, ପରଭେଜ ଅଲ୍ଲିଖାନ୍, ମାନସ ଷଡଙ୍ଗୀ, ଶାନ୍ତନୁ ମିଶ୍ର, ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ତୁଷାରରଞ୍ଜନ ବାରିକ ପ୍ରମୁଖ ସୂଚନା ଦେଇଥିଲେ।



" ଭାରତର ଜାତୀୟ ଫୁଟ୍‌ବଲ ଦଳ କେତୋଟି ମ୍ୟାଚରେ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଗୋଲ ସ୍କୋର କରି ନ ପାରିବା ଚିନ୍ତାର ବିଷୟ ।

–ଇଗୋର ଷ୍ଟିମାକ୍, କୋଚ୍



" ବିରାଟ କୋହଲି ଜଣେ ସଫଳ ବ୍ୟାଟ୍ସମ୍ୟାନ ହୋଇପାରନ୍ତି, କିନ୍ତୁ ମୋ ମତରେ ତାଙ୍କୁ ସଚିନ ତେନ୍ଦୁଲକରଙ୍କ ସହିତ ତୁଳନା କରାଯାଇ ନ ପାରେ ।

–ଅବ୍ଦୁଲ ରଜାକ୍, ପୂର୍ବତନ ପାକିସ୍ତାନ ଅଲରାଉଣ୍ଡର

## ସଂକ୍ଷେପରେ

### ମହିଳା ହକି: ପଏଣ୍ଟ ଭାଗ କଲା ଭାରତ

କାନବେରା,୫।୧୨(ପି.ଟି.)- ଭାରତୀୟ ଜୁନିୟର ମହିଳା ହକି ଦଳ ଏଠାରେ ଚାଲିଥିବା ତ୍ରିରାଷ୍ଟ୍ରୀୟ ଜୁନିୟର ମହିଳା ହକି ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ପଏଣ୍ଟ ଭାଗ କରିଛି। ଗୁରୁବାର ଆୟୋଜକ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ୧-୧ ଗୋଲରେ ବରାବର ସ୍ଥିତିରେ ଶେଷ ହୋଇଛି। ମ୍ୟାଚ୍‌ର ୨୫ତମ ମିନିଟ୍‌ରେ ସ୍କେଲ କର୍ଟିନଙ୍କ ଗୋଲ ଜରିଆରେ ଘରୋଇ ଦଳ ଖାତା ଖୋଲିଥିଲା। କିନ୍ତୁ ୫୨ତମ ମିନିଟ୍‌ରେ ଭାରତକୁ ମିଳିଥିବା ପେନାଲ୍ଟି ଷ୍ଟ୍ରୋକକୁ ଗୋଲରେ ପରିଣତ କରି ଗଗନଦୀପ କୌର ମ୍ୟାଚ୍‌କୁ ସମାନ ସ୍ତରକୁ ଆଣିଥିଲେ।

### ଫିଲ୍ଡ ଅମ୍ପାୟର ଦେବେ ନାହିଁ ନୋ ବଲ

ଦୁବାଇ,୫।୧୨(ପି.ଟି.)- ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଶୁକ୍ରବାରଠାରୁ ଖେଳାଯିବାକୁ ଥିବା ଟି୨୦ ସିରିଜ୍‌ରେ ଫ୍ରଣ୍ଟ ଫୁଟ୍ ନୋ ବଲ ଫିଲ୍ଡ ଅମ୍ପାୟର ଦେଖିବେ ନାହିଁ। ଏହି ଗୁରୁଦାୟିତ୍ୱ ତୃତୀୟ ଅମ୍ପାୟର ନିର୍ବାହ କରିବେ ବୋଲି ଗୁରୁବାର ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ କୁହାଯାଇଛି। ଏହି ସିରିଜ୍‌ରେ ୩ ମ୍ୟାଚ୍ ଖେଳାଯିବ। ପରେ ଉଭୟ ଦଳ ମଧ୍ୟରେ ଦିନିକିଆ ସିରିଜ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ନୋ ବଲ ଚିହ୍ନଟ କରିବା ପାଇଁ ଟେକନୋଲୋଜି ବ୍ୟବହାର କରାଯିବ ପ୍ରକ୍ରିୟା ଆରମ୍ଭ ହେବ। ତେବେ ପରୀକ୍ଷା ଭିତ୍ତିରେ ହେବ। ଏଥିଯୋଗୁ ପ୍ରତ୍ୟେକ ବଲ ନୋ ବଲ କି ନୁହେଁ, ତାହା ତୃତୀୟ ଅମ୍ପାୟର ଯାଞ୍ଚ କରିବେ। ଆବଶ୍ୟକତା ପଡ଼ିଲେ ଫିଲ୍ଡ ଅମ୍ପାୟରଙ୍କ ସହାୟତା ନିଆଯାଇପାରେ। ଫଳରେ ଅନ୍ ଫିଲ୍ଡ ଅମ୍ପାୟର ଫ୍ରଣ୍ଟ ଫୁଟ ନୋ ବଲ ଡାକି ପାରିବେ ନାହିଁ। କୌଣସି ସ୍ଥିତିରେ ଦ୍ୱନ୍ଦ୍ୱ ହେଲେ ବୋଲରଙ୍କ ସପକ୍ଷରେ ନିଷ୍ପତ୍ତି ନିଆଯିବ। ଅନ୍ୟ ସମସ୍ତ ନିଷ୍ପତ୍ତି ଅମ୍ପାୟର ନେବେ ବୋଲି ଆଇସିସି ଏକ ବିବୃତିରେ କହିଛି। ପୂର୍ବରୁ ୨୦୧୬ରେ ଇଂଲଣ୍ଡ ଓ ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା ଦିନିକିଆ ସିରିଜ୍‌ରେ ଏହି ନିୟମ ପ୍ରଥମ ଥର ପାଇଁ ବ୍ୟବହାର କରାଯାଇଥିଲା।

### ୯ରୁ ରାଜ୍ୟସ୍ତରୀୟ ନିମାପଡ଼ା ଫୁଟ୍‌ବଲ

ଭୁବନେଶ୍ୱର,୫।୧୨(ସ୍ପୋର୍ଟ୍ସ ବ୍ୟୁରୋ)
ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ବାରବାଟି ଗ୍ରାଉଣ୍ଡରେ ଆସନ୍ତା ୯ ତାରିଖଠାରୁ ଅନୁଷ୍ଠିତ ହେବ ୬ଷ୍ଠ ପଦ୍ମ ଚରଣ ସାମନ୍ତସିଂହାର ସ୍ମାରକୀ ରାଜ୍ୟସ୍ତରୀୟ ନିମାପଡ଼ା ଫୁଟବଲ ଟୁର୍ନାମେଣ୍ଟ। ସପ୍ତାହ ଧରି ଅନୁଷ୍ଠିତ ହେବାକୁ ଥିବା ପ୍ରତିଯୋଗିତାରେ ରାଜ୍ୟ ଓ ରାଜ୍ୟ ବାହାର ୮ ଦଳ ଅଂଶଗ୍ରହଣ କରିବେ। ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ଯଥାକ୍ରମେ ୩୦ ଓ ୨୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଆୟୋଜକ କମିଟିର ସମ୍ପାଦକ ଜୀବନାନନ୍ଦ ମହାପାତ୍ର କହିଛନ୍ତି। ଡିସେମ୍ବର ୯: ସାଇ ହଷ୍ଟେଲ ଓ ପପୁଲାର କ୍ଲବ। ୧୦ରେ- ସଂଘର୍ଷ କ୍ଲବ ଓ ନିମାପଡ଼ା ଆଥ୍‌ଲେଟିକ୍ କ୍ଲବ। ୧୧ରେ- ପ୍ରଥମ ସେମିଫାଇନାଲ (ପ୍ରଥମ ଦୁଇ ମ୍ୟାଚ୍‌ର ବିଜେତା)। ୧୨ରେ- ନିପେନ କ୍ଲବ ଓ ଚରମ୍ପା ୟୁନାଇଟେଡ କ୍ଲବ। ୧୩ରେ- ୟୁନାଇଟେଡ୍ ୟୁଥ କ୍ଲବ ଓ ଧାନବାଦ ଏକାଡେମୀ। ୧୪ରେ- ଦ୍ୱିତୀୟ ସେମିଫାଇନାଲ (୩ୟ ଓ ୪ର୍ଥ ଲିଗ୍‌ର ବିଜେତା)। ୧୫ରେ- ଫାଇନାଲ।



ଡିସେମ୍ବର ୨୨ରେ ହେବାକୁଥିବା ଭାରତ-ୱେଷ୍ଟଇଣ୍ଡିଜ ଦିନିକିଆ କ୍ରିକେଟ ମ୍ୟାଚ ପାଇଁ ପ୍ରସ୍ତୁତି ପଥେ ବାରବାଟୀ ଷ୍ଟାଡିୟମ। ଫଟୋ: ରାଜକିଶୋର ମହାନ୍ତି

# ଝିଲ୍ଲୀ, ସ୍ନେହାଙ୍କୁ ସ୍ୱର୍ଣ୍ଣ ପଦକ

**ଦକ୍ଷିଣ ଏସୀୟ କ୍ରୀଡ଼ା**

ଭୁବନେଶ୍ୱର, ୫।୧୨(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାର ଦୁଇ ପ୍ରତିଭା ସମ୍ପନ୍ନ ଭାରୋତ୍ତୋଳିକା ଝିଲ୍ଲୀ ଦଳବେହେରା ଓ ସ୍ନେହା ସୋରେନ କ୍ୟାରିୟରରେ ଆଉ ଏକ ବଡ଼ ସଫଳତା ପାଇଛନ୍ତି। ନେପାଳର ପୋଖରାଠାରେ ଚାଲିଥିବା ଦକ୍ଷିଣ ଏସୀୟ କ୍ରୀଡ଼ା ଭାରୋତ୍ତୋଳନ ଇଭେଣ୍ଟର ପ୍ରଥମ ଦିବସରେ ଏହି ଓଡ଼ିଆ ଭାରୋତ୍ତୋଳିକା ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ଚଳିତବର୍ଷ ପ୍ରାରମ୍ଭରେ ଏସିଆନ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ପାଇଥିବା ଝିଲ୍ଲୀ ନେପାଳରେ ୪୫ କେଜି କାଟେଗୋରିରେ ୧୫୧ କେଜି ଭାରୋତ୍ତୋଳନ କରି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ସେ ସ୍ନାଚ୍‌ରେ ୬୬ କେଜି ଓ କ୍ଲିନ୍ ଆଣ୍ଡ ଜର୍କରେ ୮୫ କେଜି ଭାର ଉଠାଇଥିଲେ। ଶ୍ରୀଲଙ୍କାର ସମରକୁନ ଶ୍ରୀମାଲି(୧୩୯ କେଜି) ରୌପ୍ୟ ଓ ନେପାଳର ସଙ୍ଗିତା ରାୟ(୧୨୭ କେଜି) ବ୍ରୋଞ୍ଜ ପଦକ ପାଇଥିଲେ। ମହିଳା ୪୯ କେଜିରୁ କମ୍ ଇଭେଣ୍ଟରେ ୧୮ ବର୍ଷୀୟା ସ୍ନେହା ମୋଟ ୧୫୭ କେଜି ଭାରୋତ୍ତୋଳନ କରି ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେ ସ୍ନାଚ୍‌ରେ ୬୮ ଓ କ୍ଲିନ୍ ଆଣ୍ଡ ଜର୍କରେ ୮୯ କେଜି ଭାର ଉଠାଇଥିଲେ। ଶ୍ରୀଲଙ୍କାର ଗୋମାସ ହାନସାନି(୧୫୫ କେଜି) ଓ ବାଂଲାଦେଶର ଶବିରା ମୋଲ୍ଲା(୧୩୦ କେଜି) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଥିଲେ। ଭାରତକୁ ଗୁରୁବାର ରେକର୍ଡ ସଂଖ୍ୟକ ୨୬ ସ୍ୱର୍ଣ୍ଣ, ୧୮ ରୌପ୍ୟ ଓ ୬ ବ୍ରୋଞ୍ଜ ପଦକ ମିଳିଛି। ଫଳରେ ପଦକ ତାଲିକାରେ ନେପାଳକୁ ହଟାଇ ଭାରତ ଶୀର୍ଷସ୍ଥାନ ଅଧିକାର କରିଛି। ଏବେ ଭାରତର ମୋଟ ପଦକ ସଂଖ୍ୟା ୫୮ ସ୍ୱର୍ଣ୍ଣ, ୪୧ ରୌପ୍ୟ ଓ ୧୯ ବ୍ରୋଞ୍ଜ ଥିବାବେଳେ ନେପାଳ ୩୬ ସ୍ୱର୍ଣ୍ଣ, ୨୬ ରୌପ୍ୟ ଓ ୩୪ ବ୍ରୋଞ୍ଜ ପଦକ ପାଇଛି।



ସ୍ୱର୍ଣ୍ଣ ପଦକ ସହ ପୋଡ଼ିୟମରେ ଝିଲ୍ଲୀ ଦଳବେହେରା (ମଝି)।

# ଅନ୍‌ଲାଇନ୍ ଟିକେଟ ଶେଷ

**ବାରବାଟୀ ଦିନିକିଆ ଆଉ ୧୬ ଦିନ**

କଟକ ଅଫିସ,୫।୧୨

ଭାରତ-ୱେଷ୍ଟଇଣ୍ଡିଜ ଏକଦିବସୀୟ ଅନ୍ତର୍ଜାତୀୟ ମ୍ୟାଚ୍ ପାଇଁ କ୍ରିକେଟପ୍ରେମୀଙ୍କ ଉତ୍ସାହ ବହୁ ଉପରେ ରହିଛି। ଯାହାର ଜ୍ୱଳନ୍ତ ଉଦାହରଣ ଗୁରୁବାର ଦେଖିବାକୁ ମିଳିଛି। ଗୁରୁବାର ଅନଲାଇନରେ ଟିକେଟ ବିକ୍ରିର ପ୍ରଥମ ଦିବସ ଥିବା ବେଳେ ମାତ୍ର କିଛି ଘଣ୍ଟାରେ ଉପଲବ୍ଧ ୮୧୫୦ଟି ଯାକ ଟିକେଟ ବିକ୍ରି ହୋଇଛି। ଆସନ୍ତା ୧୯ ଓ ୨୦ ତାରିଖରେ ଷ୍ଟାଡିୟମର ବିଭିନ୍ନ କାଉଣ୍ଟରରେ ଟିକେଟ ବିକ୍ରି ହେବ। ପ୍ରାୟ ୯ହଜାର ଟିକେଟ କାଉଣ୍ଟରରେ ଉପଲବ୍ଧ ରହିବ ବୋଲି ଜଣାପଡ଼ିଛି।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ୫ ରୁ ୧୫ ତାରିଖ ପର୍ଯ୍ୟନ୍ତ ଅନଲାଇନରେ ଟିକେଟ ବିକ୍ରି କରାଯିବ ବୋଲି ଘୋଷଣା ହୋଇଥିଲା। ବୁଧବାର ରାତି ୧୨ଟାରୁ କ୍ରିକେଟପ୍ରେମୀମାନେ ଅନଲାଇନ୍‌ର ଦୁଇଟି ୱେବସାଇଟରେ ଟିକେଟ ଉପଲବ୍ଧ ହେବା ନେଇ ଜଗି ବସିଥିଲେ। ହେଲେ ଗୁରୁବାର ସନ୍ଧ୍ୟା ପ୍ରାୟ ୫.୧୫ରେ ଅନଲାଇନରେ ଟିକେଟ ବିକ୍ରି ଆରମ୍ଭ ହୋଇଥିଲା। ଆରମ୍ଭ ହେବାର ମାତ୍ର ଦେଢ଼ ଘଣ୍ଟା ଭିତରେ ସମସ୍ତ ଟିକେଟ ବିକ୍ରି ହୋଇଯାଇଛି ବୋଲି ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ପ୍ରକାଶ କରାଯାଇଛି। ପୂର୍ବରୁ ୯୨୦୦ ଟିକେଟ ଅନଲାଇନରେ ବିକ୍ରି ହେଉଥିବା ବେଳେ ଚଳିତବର୍ଷ ୮୧୫୦ଟି ଟିକେଟ ବିକ୍ରି କରାଯିବାକୁ ଧାର୍ଯ୍ୟ କରାଯାଇଥିଲା। ଅନଲାଇନ ଜରିଆରେ ଗ୍ୟାଲେରି ନଂ-୨ ଓ ୪ରେ ୩୦୦୦ ଲେଖାଏ ଟିକେଟ ଉପଲବ୍ଧ ଥିବା ବେଳେ ଗ୍ୟାଲେରି ନଂ-୬ର ୧୫୦୦, ନ୍ୟୁ ପ୍ୟାଭିଲିୟନର ୫୦, ସ୍ପେଶାଲ ଏନକ୍ଲୋଜରର ୫୦୦, ଏସି ବକ୍ସ ଗ୍ୟାଲେରିର ୧୦୦ ଟିକେଟ୍ ଉପଲବ୍ଧ ଥିଲା। ଅନଲାଇନ ଜରିଆରେ ଟିକେଟ କିଣିଥିବା କ୍ରିକେଟପ୍ରେମୀ ଆସନ୍ତା ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ କେମ୍ବ୍ରିଜ ସ୍କୁଲରୁ ପ୍ରକୃତ ଟିକେଟ ହାସଲ କରିବେ।

# ଧ୍ୟାନଚାନ୍ଦଙ୍କୁ ଭାରତରତ୍ନ ସପକ୍ଷରେ ଡିଜିଟାଲ ପ୍ରଚାର

ଭୁବନେଶ୍ୱର, ୫।୧୨ (ସ୍ପୋର୍ଟ୍ସ ବ୍ୟୁରୋ)



ହକି କିମ୍ବଦନ୍ତୀ ଧ୍ୟାନଚାନ୍ଦଙ୍କୁ ଭାରତ ରତ୍ନ ପୁରସ୍କାର ପ୍ରଦାନ ଦାବି ସପକ୍ଷରେ ଅଧିକରୁ ଅଧିକ ସଂଖ୍ୟାରେ ଜନମତ ସଂଗ୍ରହ ପାଇଁ ଓହ୍ମ ମାର୍କେଟିଂ ଏବଂ ନ୍ୟୁଜବିଟ୍ ମାଗାଜିନ ସହିତ ଏହାର ପ୍ରଚାର ଅଭିଯାନ ଜାରି ରଖିଛି ସିଗ୍ନେଚର ୨୪ ପ୍ରଡକ୍ସନ୍ସ। ସଂସ୍ଥା ତରଫରୁ ଡିଜିଟାଲ ପ୍ରଚାର ଅଭିଯାନ ୨୦୧୯ରେ ଧ୍ୟାନଚାନ୍ଦଙ୍କ ୧୧୪ ତମ ଜନ୍ମ ଦିବସରୁ ଆରମ୍ଭ କରାଯାଇଛି। ଏହାର ଶୀର୍ଷକ ରଖାଯାଇଛି ''ଭାରତ ରତ୍ନ ଫର୍ ଧ୍ୟାନଚାନ୍ଦ ଡିଜିଟାଲ କ୍ୟାମ୍ପେନ୍''। ସୌରଭ ଗାଙ୍ଗୁଲି, ବାବୁସାନ ମହାନ୍ତି, ରାଚେଲ ହ୍ୱାଇଟ୍‌ଙ୍କ ସହିତ ଫେସ୍‌ବୁକ୍ ଏବଂ ଅନ୍ୟ ସୋସିଆଲ ମିଡିଆ ଗୁଡ଼ିକରେ ଡିଜିଟାଲ ପ୍ରଚାର ଅଭିଯାନ ଇତିମଧ୍ୟରେ ୧୦୦ ଦିନ ପୂରଣ ହୋଇଛି। ବିଭିନ୍ନ ରାଜ୍ୟର ବହୁ ସେଲିବ୍ରିଟିଙ୍କ ସମର୍ଥନ ହାସଲ କରାଯାଇପାରିଛି। ସେମାନଙ୍କ ମଧ୍ୟରେ ରହିଛନ୍ତି ରଞ୍ଜନ ନେଗି, ଇନ୍ଦ୍ରୋନିଲ ମୁଖାର୍ଜୀ, ନିଲ୍ ରୟ, ଅପରୂପ ଚକ୍ରବର୍ତ୍ତୀ, ରିଜୱାନ ଶେଖ୍, ହର୍‌ବିନ୍ଦର ସିଂ, ବିନିତ୍ କୁମାର, ଚନ୍ଦନ ରୟ, ସତ୍ୟପୀର ପ୍ରଧାନ ଏବଂ ଧ୍ୟାନଚାନ୍ଦଙ୍କ ପୁତ୍ର ଅଶୋକ କୁମାର। ସିଗ୍ନେଚର ୨୪ ପ୍ରଡକ୍ସନର ପ୍ରତିଷ୍ଠାତା ନିର୍ଦ୍ଦେଶକ ଜୋୟିତା ରୟ ଏହି ସୂଚନା ଦେଇଛନ୍ତି। ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ପ୍ରତୀକ କୁମାର ମିଶ୍ର କହିଛନ୍ତି, ଆମେ ଇତିମଧ୍ୟରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାରେ କେତେକାଂଶରେ ସଫଳ ହୋଇପାରିଛୁ। ଇନ୍‌ଷ୍ଟାଗ୍ରାମ୍‌ରେ ଆମ ଲେଖାକୁ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ଅନେକ ଥର ଲାଇକ୍ କରିଛନ୍ତି। ପୁରୀର ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ମାନସ କୁମାର ଆମ ପ୍ରଚାର ଅଭିଯାନରେ ସାମିଲ ହୋଇଛନ୍ତି। ହକି ଯାଦୁକର ଧ୍ୟାନଚାନ୍ଦଙ୍କର ଏକ ବାଲୁକା ଆନିମେଶନ ଭିଡିଓ ସେ ପ୍ରସ୍ତୁତ କରିଥିବା ଜୋୟିତା ରୟ ସୂଚନା ଦେଇ କହିଛନ୍ତି।

## ଅର୍ଜୁନ ପୁରସ୍କାରପ୍ରାପ୍ତ ଖେଳାଳିଙ୍କ କାର ଚୋରି

ନୂଆଦିଲ୍ଲୀ,୫।୧୨(ପି.ଟି.)

୩୦ ବର୍ଷୀୟ ଅର୍ଜୁନ ପୁରସ୍କାରପ୍ରାପ୍ତ ଅଭିଷେକ ବର୍ମାଙ୍କ କାର୍ ସମ୍ପର୍କୀୟଙ୍କ ଘରୁ ଚୋରି ହୋଇଯାଇଥିବା ଗୁରୁବାର ରୋହିନି ପୋଲିସ୍ କହିଛି। ୨୦୧୪ ଏସିଆନ ଗେମ୍ସର ରିକର୍ଭ ଦଳଗତ ତୀରନ୍ଦାଜରେ ସ୍ୱର୍ଣ୍ଣ ପଦକ ବିଜେତା ଅଭିଷେକ ଏବେ ମଡେଲ ଟାଉନରେ ରହୁଛନ୍ତି। ସେ ବର୍ତ୍ତମାନ ଇନକମ ଟ୍ୟାକ୍ସ ଅଫିସର ଭାବେ କାର୍ଯ୍ୟରତ। ରିକର୍ଭ ଦଳଗତ ତୀରନ୍ଦାଜ ଇଭେଣ୍ଟରେ ଏସିଆନ୍ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ଦଳରେ ଅଭିଷେକଙ୍କ ସମେତ ରଜତ ଚୌହ୍ୱାନ ଓ ସନ୍ଦୀପ କୁମାର ସଦସ୍ୟ ଥିଲେ। ସେ ବ୍ୟକ୍ତିଗତ ବିଭାଗରେ ରୌପ୍ୟ ପଦକ ପାଇଥିଲେ। ୨୦୧୫, ଅଗଷ୍ଟ ୧୫ ତାରିଖରେ ତୀରନ୍ଦାଜୀ ବିଶ୍ୱକପ୍‌ର କମ୍ପାଉଣ୍ଡ ପୁରୁଷ ବ୍ୟକ୍ତିଗତ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ମଧ୍ୟ ଜିତିଥିଲେ। ଗତ ବୁଧବାର ବର୍ମା ରୋହିନି ରେଷ୍ଟୁରାଣ୍ଟରେ ରାତ୍ରିଭୋଜନ ସାରି ଫେରିବା ପରେ ଜଣେ ସମ୍ପର୍କୀୟଙ୍କ ଘର ସାମ୍ନାରେ କାର ରଖିଥିଲେ। ସକାଳେ କାର ନଥିବା ସେ ଦେଖିବାକୁ ପାଇଥିଲେ। ସିସିଟିଭି ଯାଞ୍ଚ କରିବା ପରେ ରାତି ୧ଟାରେ କାର ଚୋରି ହୋଇଥିବା ଜାଣିବାକୁ ପାଇଛନ୍ତି।

## ପୁରୁଷ ଦିନିକିଆରେ ଲକ୍ଷ୍ମୀ ପ୍ରଥମ ମହିଳା ରେଫରି

ଦୁବାଇ,୫।୧୨(ପି.ଟି.)



ପୂର୍ବତନ ଭାରତୀୟ କ୍ରିକେଟର ଜି.ଏସ୍. ଲକ୍ଷ୍ମୀ ପ୍ରଥମ ମହିଳା ରେଫରି ଭାବେ କୌଣସି ପୁରୁଷ ଦିନିକିଆ ମ୍ୟାଚ୍ ଦାୟିତ୍ୱରେ ରହିବେ। ୟୁନାଇଟେଡ୍ ଆରବ ଏମିରେଟ୍ସରେ ରବିବାର ଆରମ୍ଭ ହେବାକୁ ଥିବା ୱାର୍ଲ୍ଡ କପ୍ ଲିଗ୍ ୨ର ତୃତୀୟ ସିରିଜର ଉଦ୍‌ଘାଟନୀ ମ୍ୟାଚ୍‌ରେ ସେ ରେଫରି ଦାୟିତ୍ୱ ତୁଲାଇବେ। ଏହି ମ୍ୟାଚ୍‌ରେ ୟୁନାଇଟେଡ ଆରବ ଏମିରେଟ୍ସ ଓ ଆମେରିକା ପରସ୍ପରକୁ ଭେଟିବେ। ଚଳିତ ବର୍ଷ ଲକ୍ଷ୍ମୀ ଦ୍ୱିତୀୟଥର ପାଇଁ ଏଭଳି ବଡ଼ ଧରଣର ସଫଳତା ହାସଲ କରିଛନ୍ତି। ଗତ ମେ' ମାସରେ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଇଣ୍ଟରନ୍ୟାଶନାଲ ପ୍ୟାନେଲ ଅଫ୍ ମ୍ୟାଚ୍ ରେଫରିରେ ସେ ନିଯୁକ୍ତି ପାଇ ବଡ଼ ଧରଣର ସଫଳତା ହାସଲ କରିଥିଲେ। ପୂର୍ବରୁ ୫୧ ବର୍ଷୀୟା ଲକ୍ଷ୍ମୀ ୨୦୦୮-୦୯ରେ ଘରୋଇ ମହିଳା କ୍ରିକେଟରେ ମ୍ୟାଚ୍ ପରିଚାଳନା କରିବାର ସୁଯୋଗ ହାସଲ କରିଥିଲେ। ଏପର୍ଯ୍ୟନ୍ତ ସେ ୩ଟି ମହିଳା ଦିନିକିଆ ମ୍ୟାଚ୍, ୧୬ଟି ପୁରୁଷ ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଓ ୭ଟି ମହିଳା ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ରେଫରି ଭାବେ ପରିଚାଳନା କରିଛନ୍ତି। କୌଣସି ଆଇସିସି ଇଭେଣ୍ଟରେ ମ୍ୟାଚ୍ ପରିଚାଳନା କରିବାର ସୁଯୋଗ ମିଳିଥିବାରୁ ଲକ୍ଷ୍ମୀ ଖୁସି ଜାହିର କରିଛନ୍ତି। ଆଇସିସି ସିନିୟର ମ୍ୟାନେଜର ତଥା ଅମ୍ପାୟର ଓ ରେଫରି ଆଡ୍ରିଆନ୍ ଗ୍ରିଫି ଲକ୍ଷ୍ମୀଙ୍କୁ ଏଥିପାଇଁ ଅଭିନନ୍ଦନ ଜଣାଇଛନ୍ତି। ଲକ୍ଷ୍ମୀ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି ସେ କହିଛନ୍ତି।

# ସାଇ ହଷ୍ଟେଲ କଟକ ୨-୦ ଗୋଲ୍‌ରେ ବିଜୟୀ

ନୟାଗଡ଼ ଅଫିସ,୫।୧୨

୭୮୬ ୟୁଥ୍ କ୍ଲବ ସିନ୍ଦୁରିଆ ଓ ଜିଲା ଆଥ୍‌ଲେଟିକ ଆସୋସିଏଶନ ମିଳିତ ଆନୁକୂଲ୍ୟରେ ନୟାଗଡ଼ ଖେଳପଡ଼ିଆରେ ଚାଲିଥିବା ସର୍ବଭାରତୀୟ ଫୁଟବଲ୍ ଟୁର୍ନାମେଣ୍ଟରେ ଗୁରୁବାର ଖେଳାଯାଇଥିବା ମ୍ୟାଚରେ ସାଇ ହଷ୍ଟେଲ କଟକ ୨-୦ ଗୋଲରେ ରେଲୱେ ଏଫସିକୁ ହରାଇ ଦେଇଛି। ଖେଳରେ ପ୍ରଥମାର୍ଦ୍ଧର ୫ମ ମିନିଟ ସାଇ ହଷ୍ଟେଲର ଖେଳାଳି ଚନ୍ଦ୍ରା ମୁର୍ମୁ ବିପକ୍ଷ ଦଳକୁ ଗୋଲ୍ ଦେଇଥିଲେ। ସେହିଭଳି ଖେଳର ଦ୍ୱିତୀୟାର୍ଦ୍ଧରେ ସାଇ ହଷ୍ଟେଲ ପାଇଁ ଦ୍ୱିତୀୟ ଗୋଲ ଦେଇଥିଲେ ଏସ୍. ତ୍ରିନାଥ। ଏହାପରେ ଆଉ କୌଣସି ଖେଳାଳି ସ୍କୋର ଲାଇନ ଉପରେ ପ୍ରଭାବ ପକାଇ ପାରି ନ ଥିଲେ। ଫଳରେ ସାଇ ହଷ୍ଟେଲ ୨-୦ ଗୋଲ୍‌ରେ ବିଜୟୀ ହୋଇଥିଲା। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ତଥା କୃଷି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ଘରୋଇ ବସ୍ ମାଲିକ ସଭାପତି ମନୋଜ କୁମାର ନାୟକ, ପୂର୍ବତନ ନଗରପାଳ ଗୁରୁପ୍ରସାଦ ଜେନା, ଶେଖ ୟୁସୁବ ପ୍ରମୁଖ ଉପସ୍ଥିତ ଥିଲେ। ରେଫରି ଭାବେ ଭୀମ ଛତ୍ରୀ ଖେଳ ପରିଚାଳନା କରିଥିବା ବେଳେ ଅଶୋକ କହଁର, କୀର୍ତ୍ତିରଞ୍ଜନ ସ୍ୱାଇଁ, ରାଜୁ ମହାନ୍ତି ସହାୟତା କରିଥିଲେ। ଆଶୁତୋଷ ମିଶ୍ର, ଗଣେଶ୍ୱର ମିଶ୍ର ଧାରା ବିବରଣୀ ପ୍ରଦାନ କରିଥିଲେ। ଶୁକ୍ରବାର କେରଳ ଇଲେକ୍ଟ୍ରିସିଟି ବୋର୍ଡ ଓ ବାରକୋଟ ଭୁବନେଶ୍ୱର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।



ଅତିଥିମାନଙ୍କ ସହିତ ଉଭୟ ଦଳର ଖେଳାଳିମାନେ।

# ତୀରନ୍ଦାଜୀ, କବାଡ଼ିରେ ପ୍ରାଦେଶିକ ଜନଜାତି କ୍ରୀଡ଼ା



ପ୍ରାଦେଶିକ ଜନଜାତି କ୍ରୀଡ଼ା ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦେବା ଅବସରରେ କର୍ମକର୍ତ୍ତାମାନେ।

ଭୁବନେଶ୍ୱର, ୫।୧୨(କ୍ରୀଡ଼ା ପ୍ରତିନିଧି)

ଜନଜାତି ସମାଜରେ ଥିବା ଲୁକ୍କାୟିତ ପ୍ରତିଭାଙ୍କୁ ଚିହ୍ନଟ କରିବା ଉଦ୍ଦେଶ୍ୟରେ ପ୍ରାଦେଶିକ ଜନଜାତି କ୍ରୀଡ଼ା ଚଳିତମାସ ୭ ଓ ୮ ତାରିଖ ଦୁଇଦିନଧରି ନୀଳାଦ୍ରି ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପଡ଼ିଆରେ ଅନୁଷ୍ଠିତ ହେବ। ଏଥର ତୀରନ୍ଦାଜୀ ଓ କବାଡ଼ି ଇଭେଣ୍ଟ ଆୟୋଜିତ ହେବ ବୋଲି ଗୁରୁବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବନବାସୀ କଲ୍ୟାଣ ଆଶ୍ରମର ପ୍ରାଦେଶିକ କାର୍ଯ୍ୟକାରୀ ସଭାପତି ଜଗଦୀଶ ପ୍ରସାଦ ମିଶ୍ର ପ୍ରକାଶ କରିଛନ୍ତି। ପ୍ରତିଯୋଗିତା ସବ୍‌ଜୁନିୟର ଓ ଜୁନିୟର ବର୍ଗରେ ଅନୁଷ୍ଠିତ ହେବ। ଏଥିରେ ୨୨ ଜିଲାରୁ ପାଖାପାଖି ୪୦୦ ବାଳିକା ଓ ବାଳକ ଭାଗ ନେବାର ସମ୍ଭାବନା ରହିଛି। ପ୍ରତିଯୋଗିତାରୁ ମନୋନୀତ ଖେଳାଳି ଚଳିତମାସ ୨୬ରୁ କାନ୍‌ପୁରରେ ହେବାକୁଥିବା ସର୍ବଭାରତୀୟ ଜନଜାତି କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଗଦୀଶ କହିଛନ୍ତି। ଶୁଭ୍ରାଂଶୁ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ ସମ୍ମିଳନୀରେ ପ୍ରାଦେଶିକ ସଙ୍ଗଠନ ସମ୍ପାଦକ ବିଶ୍ୱାମିତ୍ର ମହାନ୍ତ, ରାଜ୍ୟ ସାଧାରଣ ସମ୍ପାଦକ ଲକ୍ଷ୍ମୀକାନ୍ତ ଦାଶ, ସୁରେନ୍ଦ୍ର ଜେନା, ବିଜୟ କୁମାର ମହାନ୍ତି, ସୁରେଶ କୁମାର ମିଶ୍ର, ବୈଦ୍ୟନାଥ ସାହୁ, ସୌମ୍ୟରଞ୍ଜନ ସାହୁ, କୃଷ୍ଣଚନ୍ଦ୍ର ଭାଞ୍ଜି, ଦିଲୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

‘ଭି ଆୱାର୍ଡ’ରେ ସମ୍ମାନିତ ହେଲେ ଏକମାତ୍ର ଓଡ଼ିଆ ଝିଅ

# ଅନ୍ଧାରି ମୁଲକରୁ ଅନ୍ଧବିଶ୍ୱାସ ଦୂର ପ୍ରୟାସ

ଭୁବନେଶ୍ୱର,୫ା୧୨(ବ୍ୟୁରୋ)

ପ୍ରତିବନ୍ଧକ ସତ୍ତ୍ୱେ ବିଭିନ୍ନ ସାମାଜିକ କୁପ୍ରଥା ଓ ଅନ୍ଧବିଶ୍ୱାସକୁ ଦୂର କରି ସମାଜ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ଆଦିବାସୀ ଝିଅ ଝୁଲିମା ମଲ୍ଲିକ। ବଣମଲ୍ଲୀ ବଣରେ ଫୁଟି ମଉଳି ଯାଏନାହିଁ। ସେ ତା’ର ସୁଗନ୍ଧରେ ସାରା ପୃଥିବୀକୁ ମହକିତ କରିପାରେ। ଏ କଥାକୁ ପ୍ରମାଣିତ କରିପାରିଛନ୍ତି କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକର ଅପହଞ୍ଚ ଅଞ୍ଚଳରେ ଥିବା ବାନ୍ଧୁଡି ଗାଁର ଆଦିବାସୀ ଝିଅ ଝୁଲିମା। ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ ଅବସରରେ ନୂଆଦିଲ୍ଲୀସ୍ଥିତ ୟୁ.ଏନ୍. ହାଉସ୍‌ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଝୁଲିମାଙ୍କୁ ସମ୍ମାନଜନକ ‘ଭି ଆୱାର୍ଡ’ରେ ସମ୍ମାନିତ କରାଯାଇଛି। କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କିରେନ୍ ରିଜିଜୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ସମଗ୍ର ଭାରତରୁ ମୋଟ ୧୦ ଜଣଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବାବେଳେ ଓଡ଼ିଶାରୁ ଏକ ମାତ୍ର ଝିଅ ଭାବେ ଝୁଲିମାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ୨୦୧୬ରେ କନ୍ଧମାଳ ଜିଲାର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାଧ୍ୟମରେ ସମାଜ ପାଇଁ କିଛି କରିବାକୁ ଅଣ୍ଟା ଭିଡ଼ିଥିଲେ ଝୁଲିମା।


ଝୁଲିମା ମଲ୍ଲିକଙ୍କୁ କେନ୍ଦ୍ରମନ୍ତ୍ରୀ କିରେନ୍ ରିଜିଜୁ ‘ଭି ଆୱାର୍ଡ’ ସମ୍ମାନ ପ୍ରଦାନ କରୁଛନ୍ତି।

ପ୍ରଥମେ ନିଜ ଅଞ୍ଚଳରେ ବାଲ୍ୟ ବିବାହକୁ ବିରୋଧ କରିବା ସହ ବାଳିକା ଓ ମହିଳାଙ୍କ ଅଧିକାର ପାଇଁ କାମ କରିଥିଲେ। ଏହାବ୍ୟତୀତ ବାଳିକା ଶିକ୍ଷାର ପ୍ରଚାର ପ୍ରସାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ ଓ ଅଧିକାର ଆଦି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଜନସାଧାରଣ ଏବଂ କିଶୋରୀ ତଥା ବାଳିକାମାନଙ୍କୁ ସେ ସଚେତନ କରୁଛନ୍ତି। ନିଜେ ୧୦ମ ଶ୍ରେଣୀରେ ପାଠ ପଢୁଥିବାବେଳେ ଅନ୍ୟ ବାଳିକାମାନଙ୍କୁ ଉଚ୍ଚଶିକ୍ଷା ଗ୍ରହଣ କରିବାକୁ ପ୍ରୋତ୍ସାହନ ଯୋଗାଉଛନ୍ତି। ଶିଶୁ ଅଧିକାର କ୍ଷେତ୍ରରେ ମଧ୍ୟ କାର୍ଯ୍ୟ କରି ସେ ଅନେକ ସଫଳତା ପାଇଛନ୍ତି। ବର୍ତ୍ତମାନ ଝୁଲିମା କ.ନୂଆଗାଁ ବ୍ଲକରେ ଥିବା ବ୍ଲକସ୍ତରୀୟ ବାଳିକା ମହାସଂଘର ସଭାନେତ୍ରୀଭାବେ କାର୍ଯ୍ୟ କରୁଛନ୍ତି। ଝୁଲିମା ନିଜ ପ୍ରଚେଷ୍ଟାରେ ନିଜର ବାହାଘର ବନ୍ଦ କରିବା ସହିତ ୧୨ଟି ବାଲ୍ୟ ବିବାହକୁ ବନ୍ଦ କରିବାରେ ସଫଳ ହୋଇଛନ୍ତି। ଆଗାମୀ ଭବିଷ୍ୟତରେ ସମ୍ପୂର୍ଣ୍ଣ କନ୍ଧମାଳ ଜିଲାକୁ ବାଲ୍ୟବିବାହ ମୁକ୍ତ କରିବା ପାଇଁ ସେ ନିଜର ପ୍ରଚେଷ୍ଟା ଜାରି ରଖିବେ ବୋଲି କହିଛନ୍ତି।

ଦ୍ୱିତୀୟ ସ୍ତ୍ରୀ ଆଣିଲେ ସଙ୍ଗିନ ଅଭିଯୋଗ

# ସେକ୍ସ କାରବାର ଚଳାଇଥିଲେ ଜିତେନ୍ଦ୍ର

ପୁରୀ ଅଫିସ, ୫ା୧୨

**ପୋଲିସ କ୍ୱାର୍ଟର୍ସରେ ଗଣବଳାତ୍କାର ଘଟଣା**

- ତାଙ୍କୁ ମଧ୍ୟ ବଳାତ୍କାର କରିଥିଲେ
- ସର୍ବସାଧାରଣରେ ଅଭିଯୁକ୍ତଙ୍କୁ ଫାଶୀ ଦିଆଯାଉ
- ପ୍ରଥମ ସ୍ତ୍ରୀଙ୍କ ବିରୋଧରେ ହେଉ କାର୍ଯ୍ୟାନୁଷ୍ଠାନ

ବହୁ ଚର୍ଚ୍ଚିତ ପୁରୀ ପୋଲିସ କ୍ୱାର୍ଟର୍ସ ଗଣବଳାତ୍କାର ମାମଲା ଏବେ ନୂତନ ମୋଡ଼ ନେଇଛି। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଜିତେନ୍ଦ୍ର କୁମାର ସେଠୀଙ୍କ ଦ୍ୱିତୀୟ ସ୍ତ୍ରୀ ବୋଲି ନିଜକୁ ଦାବି କରୁଥିବା ଜଣେ ମହିଳା ଗୁରୁବାର ଗଣମାଧ୍ୟମ ସମ୍ମୁଖରେ ଚାଞ୍ଚଲ୍ୟକର ତଥ୍ୟ ରଖିଛନ୍ତି। ସମ୍ପୃକ୍ତ କ୍ୱାର୍ଟର୍ସରେ ଦୀର୍ଘଦିନ ହେଲା ସେକ୍ସ କାରବାର ଚାଲିଥିଲା ଏବଂ ପ୍ରଥମ ସ୍ତ୍ରୀଙ୍କ ସହଯୋଗରେ ଜିତେନ୍ଦ୍ର ଏହି ଘୃଣ୍ୟ କାରବାର ଚଳାଇ ଆସିଥିଲେ। ସେହିପରି ତାଙ୍କୁ ମଧ୍ୟ ସେହି କ୍ୱାର୍ଟର୍ସରେ ପୂର୍ବରୁ ଜିତେନ୍ଦ୍ର ବଳାତ୍କାର କରିଥିଲେ। ସେ ଏହାର ବିରୋଧ କରିବାରୁ ତାଙ୍କୁ ପୋଡ଼ି ମାରିଦେବାକୁ ଜିତେନ୍ଦ୍ର ଉଦ୍ୟମ କରିଥିଲେ ବୋଲି ଦ୍ୱିତୀୟ ସ୍ତ୍ରୀ ସଙ୍ଗିନ ଅଭିଯୋଗ ଆଣିଛନ୍ତି। ପ୍ରଥମ ସ୍ତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଜିତେନ୍ଦ୍ରଙ୍କୁ ସର୍ବ ସମ୍ମୁଖରେ ଫାଶୀ ଦିଆଯାଉ ବୋଲି ସେ ଦାବି କରିଛନ୍ତି।

ଜିତେନ୍ଦ୍ରଙ୍କ ଦ୍ୱିତୀୟ ସ୍ତ୍ରୀ କହିଛନ୍ତି, ଉକ୍ତ କ୍ୱାର୍ଟର୍ସ ଜିତେନ୍ଦ୍ରଙ୍କ ଲାଗି ଥିଲା ଏକ ସୁରକ୍ଷିତ ଓ ଉପଭୋଗ୍ୟ ସ୍ଥାନ। ପୂର୍ବରୁ ତାଙ୍କୁ ସେହି କ୍ୱାର୍ଟର୍ସରେ ବଳାତ୍କାର କରାଯାଇ ଥିଲା। ସେ ଏହାର ବିରୋଧ କରିବାରୁ ତାଙ୍କୁ ପୋଡ଼ି ହତ୍ୟା କରିବାକୁ ଜିତେନ୍ଦ୍ର ଉଦ୍ୟମ କରିଥିଲେ। ତେବେ ସୌଭାଗ୍ୟବଶତଃ ବର୍ତ୍ତିଯିବା ପରେ ସେ ଖସିଆସିଥିଲେ। ସେଠାରେ ଜିତେନ୍ଦ୍ର ସେକ୍ସ କାରବାର ଚଳାଇଥିଲେ। ଏ କଥା ତାଙ୍କ ପ୍ରଥମ ସ୍ତ୍ରୀ ଜାଣିଥିଲେ ଓ ସହଯୋଗ କରିଆସୁଥିଲେ। ଏବେ ଘଟିଥିବା ଘଟଣାରେ ମଧ୍ୟ ପ୍ରଥମ ସ୍ତ୍ରୀଙ୍କ ପ୍ରଚ୍ଛନ୍ନ ହାତ ରହିଛି। ତେଣୁ ତାଙ୍କୁ ଚାକିରୀରୁ ବହିଷ୍କାର କରାଯାଉ। ଅନ୍ୟପକ୍ଷେ କ୍ୱାର୍ଟର୍ସ ପରିସରରେ ଏଭଳି ଜଘନ୍ୟ କାଣ୍ଡ ଚାଲିଥିବାବେଳେ ପୋଲିସ କିପରି କିଛି ସୂଚନା ପାଇପାରିଲାନି ସେ ନେଇ ସେ ପ୍ରଶ୍ନ ଉଠାଇଛନ୍ତି।

ଅନ୍ୟପକ୍ଷରେ ଆଇନର ଜାଲରେ ନିଜେ ଛନ୍ଦି ହୋଇପଡ଼ିଛି ପୁରୀ ପୋଲିସ। ଅନେକ ପ୍ରସଙ୍ଗକୁ ତଦନ୍ତ ପରିସରଭୁକ୍ତ କରାଯାଇ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ଜିତେନ୍ଦ୍ରଙ୍କ ବିରୋଧରେ ଦ୍ୱିତୀୟ ସ୍ତ୍ରୀ ଆଣିଥିବା ଅଭିଯୋଗ ସତ ହେଲେ ସାଂଘାତିକ ବୋଲି ଗଣତାନ୍ତ୍ରିକ ମହିଳା ସଙ୍ଗଠନର ଜିଲା ସଭାନେତ୍ରୀ ହାରାମଣି ମହାପାତ୍ର କହିଛନ୍ତି। ଏହି ଘଟଣାକୁ ନେଇ ଭାଜପା ଏବଂ କଂଗ୍ରେସ ରାଜ୍ୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି। ସେହିପରି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଆସନ୍ତା ୭ ତାରିଖରେ ଭୁବନେଶ୍ୱରରେ ଆନ୍ଦୋଳନ ଡାକରା ଦେଇଛି। ଏ ନେଇ ଡିଆଇଜି ଆଶିଷ କୁମାର ସିଂ କହିଛନ୍ତି, କୌଣସି ଅଭିଯୁକ୍ତଙ୍କୁ ଛଡ଼ାଯିବ ନାହିଁ। ପୂର୍ବରୁ ୨ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟ ୨ଜଣଙ୍କୁ ଖୋଜାଚାଲିଛି। ଏହି ମାମଲାର ସମସ୍ତ ଦିଗକୁ ନେଇ ତଦନ୍ତ ଜାରି ରହିଛି। ନିର୍ଦ୍ଧାରିତ ସମୟରେ ଚାର୍ଜଶିଟ୍ ଦାଖଲ କରାଯିବ। କ୍ଷତିପୂରଣ ପ୍ରକ୍ରିୟାରେ ମଧ୍ୟ ପୋଲିସ ସହଯୋଗ କରିବ।

# ସେବାଶ୍ରମ ଛାତ୍ରୀ ଗର୍ଭବତୀ

**ପ୍ରଧାନ ଶିକ୍ଷୟିତ୍ରୀଙ୍କ ସ୍ୱାମୀ ଥାନାରେ ଅଟକ**

ଜୟପୁର/ଫାମ୍ପୁଣି, ୫ା୧୨(ଡି.ଏନ୍.ଏ./ନି.ପ୍ର.)

ଉପାନ୍ତ ଆଦିବାସୀ ଅଞ୍ଚଳରେ ଥିବା ସେବାଶ୍ରମଗୁଡ଼ିକରେ ନାନା ଅବ୍ୟବସ୍ଥା ସାଙ୍ଗକୁ ଅସଦାଚରଣ, ଯୌନ ନିର୍ଯାତନା ଭଳି ଘଟଣା ବାରମ୍ବାର ଘଟୁଥିବା ଯୋଗୁ ଏହା ଦୁର୍ନାମ ମୁଣ୍ଡାଇ ଚାଲିଛି। ଏହାର ସଦ୍ୟତମ ଉଦାହରଣ ହେଉଛି କୋରାପୁଟ ଜିଲା ଜୟପୁର ବ୍ଲକ ଅଞ୍ଚଳର ମଙ୍ଗଳବିଭାଗ ଦ୍ୱାରା ପରିଚାଳିତ ଏକ ସେବାଶ୍ରମ। ଏଠାକାର ଜଣେ ସପ୍ତମ ଶ୍ରେଣୀର ଛାତ୍ରୀ ଏବେ ୩ ମାସର ଗର୍ଭବତୀ। ଏହି ଘଟଣାରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସ୍ୱାମୀଙ୍କୁ ସଦରଥାନା ପୋଲିସ ଅଟକ ରଖି ପଚରାଉଚୁରା ଚଳାଇଛି।

ସୂଚନା ଅନୁଯାୟୀ, ଗତ ସେପ୍ଟେମ୍ବରରୁ ପୀଡ଼ିତା ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସମସ୍ୟା ଯୋଗୁ ତାଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ଓ ତାଙ୍କ ସ୍ୱାମୀ ଜୟପୁର ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ସେଠାକାର ସ୍ୱାସ୍ଥ୍ୟ ପରୀକ୍ଷା ରିପୋର୍ଟରେ ପୀଡ଼ିତା ଛାତ୍ରୀ ଗର୍ଭବତୀ ଥିବା ଦର୍ଶାଯାଇଥିଲା। ଅଧିକ ସ୍ପଷ୍ଟ ହେବା ପାଇଁ ଗୁରୁବାର ଛାତ୍ରୀଙ୍କ ଅଲଟ୍ରାସାଉଣ୍ଡ କରିବା ପାଇଁ ଡାକ୍ତର କହିଥିଲେ। ଏହା ପୂର୍ବରୁ ଘଟଣା ପ୍ରଚାର ହେବା ପରେ ଗ୍ରାମବାସୀ ବିଦ୍ୟାଳୟ ସମ୍ମୁଖରେ ଏକାଠି ହେବା ସହ ଉତ୍ତେଜନା ଦେଖାଦେଇଥିଲା। ଆମ୍ବୁଲାନ୍ସ ଯୋଗେ ଛାତ୍ରୀଙ୍କୁ ଜିଲା ଚିକିତ୍ସାଳୟ ନିଆଯାଇ ଅଲଟ୍ରାସାଉଣ୍ଡ ପରେ ସେ ଗର୍ଭବତୀ ଥିବା ସ୍ପଷ୍ଟ ହୋଇଥିଲା।

## ନୂଆବର୍ଷରୁ ଶ୍ରଦ୍ଧାଳୁଙ୍କୁ ମିଳିବ ସ୍ୱତନ୍ତ୍ର ସୁବିଧା

**ପୁରୀ ଅଫିସ, ୫ା୧୨:** ଶ୍ରୀମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ଲାଗି ସମସ୍ତ ପ୍ରକାର ସୁବିଧା କରାଯିବ। ସେମାନେ ଯେପରି କୌଣସି ତିକ୍ତ ଅନୁଭୂତି ନ ସାଉଣ୍ଟିବେ ସେଥିପ୍ରତି ଗୁରୁତ୍ୱ ଦେଉଛନ୍ତି ସରକାର। ଅନ୍ୟପଟେ ସୁପ୍ରିମ୍‌କୋର୍ଟ ମଧ୍ୟ ଏ ନେଇ ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଏଥିପାଇଁ କାମ ଆରମ୍ଭ ହୋଇଯାଇଛି। ସ୍ଥାୟୀ ଜୋତାଷ୍ଟାଣ୍ଡ, ମୋବାଇଲ ଷ୍ଟାଣ୍ଡ, ଟଏଲେଟ୍, ପାନୀୟଜଳ ସୁବିଧା ସାଙ୍ଗକୁ ଶ୍ରଦ୍ଧାଳୁମାନେ ବ୍ୟାରିକେଡରେ କିପରି ଶୃଙ୍ଖଳିତ ଭାବେ ଯାଇ ଦର୍ଶନ କରିବେ ତା’ର ବ୍ୟବସ୍ଥା ମଧ୍ୟ କରାଯାଉଛି। ନୂଆବର୍ଷରୁ ଭକ୍ତମାନେ ଏହି ସ୍ୱତନ୍ତ୍ର ସୁବିଧା ପାଇପାରିବେ। ଏହିସବୁ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆବର୍ଷରେ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି।

## ଅଦିନିଆ ରଥଯାତ୍ରାକୁ ଦୃଢ଼ ବିରୋଧ
### ସରକାର ପଦକ୍ଷେପ ନ ନେଲେ ଆନ୍ଦୋଳନ

**ପୁରୀ ଅଫିସ, ୫ା୧୨:** ଅଦିନରେ ରଥଯାତ୍ରା ଆୟୋଜନ କରିବା ଲାଗି ଉତ୍ତରପ୍ରଦେଶ ଗାଜିଆବାଦସ୍ଥିତ ଶ୍ରୀମଦ୍ ନାରଦୀୟ ଭଗବତ ନିକୁଞ୍ଜ ଟ୍ରଷ୍ଟ ପ୍ରସ୍ତୁତି ଚଳାଇଛି। ଏହି ଖବର ଜଣାପଡ଼ିବା ପରେ ଓଡ଼ିଶାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାକୁ ସେବାୟତ, ଶ୍ରଦ୍ଧାଳୁ, ବୁଦ୍ଧିଜୀବୀ ପ୍ରମୁଖ ତୀବ୍ର ବିରୋଧ କରିଛନ୍ତି। ଏହା ଶ୍ରୀଜଗନ୍ନାଥ ସଂସ୍କୃତି ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଘୋର ଅପମାନ। ତେଣୁ ଓଡ଼ିଶା ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି। ସମ୍ପୃକ୍ତ ଟ୍ରଷ୍ଟ ଯଦି ତା’ ନିଷ୍ପତ୍ତିରୁ ଓହରି ନ ଯାଏ ତେବେ ଜନ ଆନ୍ଦୋଳନ ହେବ ବୋଲି ଶ୍ରୀଜଗନ୍ନାଥ ସେନା ଚେତାବନୀ ଦେଇଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି, ଏ ନେଇ ମୋ’ ପାଖରେ ଖବର ନାହିଁ। ପୂର୍ବରୁ ପରିଚାଳନା କମିଟିରେ ରଥଯାତ୍ରା ସଂକ୍ରାନ୍ତରେ ଯାହା ନିଷ୍ପତ୍ତି ହୋଇଛି ସେହି ଅନୁଯାୟୀ ପଦକ୍ଷେପ ନିଆଯିବ।

**ସମଗ୍ର ଶିକ୍ଷା, ମୟୂରଭଞ୍ଜ**

ସମଗ୍ର ଶିକ୍ଷା ଅଭିଯାନ ତରଫରୁ ଗୁଣାତ୍ମକ ଶିକ୍ଷାର ବିକାଶ ଓ ବିଦ୍ୟାଳୟ ସର୍ବାଙ୍ଗୀନ ଉନ୍ନତି ପାଇଁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରାଯାଇ ସଫଳତା ହାସଲ କରାଯାଇଅଛି ତାହାର ସମ୍ୟକ୍ ସୂଚନା ପ୍ରଦାନ କରାଗଲା। ଅଧାରୁ ପାଠ ଛାଡ଼ିଥିବା, ବିଦ୍ୟାଳୟରେ ଆଦୌ ନାମ ଲେଖାଯାଇନଥିବା ପିଲାମାନଙ୍କୁ ସେମାନଙ୍କ ବୟସ ଅନୁସାରେ ନାମ ଲେଖାଯାଇ ଶିକ୍ଷାଦାନର ବ୍ୟବସ୍ଥା କରାଯାଇଛି। ଅବହେଳିତ ପରିବାର, ନିୟମିତ ଅନୁପସ୍ଥିତ, ଭିନ୍ନକ୍ଷମ, ସାମୟିକ ସ୍ଥାନାନ୍ତରିତ ଏବଂ ଶିଶୁ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ପିଲାମାନଙ୍କୁ ଆବାସିକ ବିଦ୍ୟାଳୟରେ ନାମ ଲେଖାଇ ଶିକ୍ଷା ଅଧିକାରକୁ ସୁନିଶ୍ଚିତ କରାଯାଇଛି। ବିଭିନ୍ନ ସମୟରେ ହୋଟେଲ, ଢାବା, ଗ୍ୟାରେଜ, ଇଟାଭାଟି ଏବଂ ଜରି ଗୋଟାଉଥିବା ପିଲାମାନଙ୍କୁ ଉଦ୍ଧାର କରାଯାଇ ସେମାନଙ୍କୁ ସ୍ୱତନ୍ତ୍ର ଆବାସିକ ଶିକ୍ଷା କେନ୍ଦ୍ର, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଏବଂ ସହରାଞ୍ଚଳ ଛାତ୍ରାବାସରେ ନାମ ଲେଖାଯାଇ ଶିକ୍ଷାଦାନର ବ୍ୟବସ୍ଥା କରାଯାଇଛି। ବହୁଭାଷୀ ଶିକ୍ଷା ଅନ୍ତର୍ଗତ ସାନ୍ତାଳି, ହୋ ଏବଂ ମୁଣ୍ଡା ଭାଷାଭାଷୀ ପିଲାଙ୍କ ପାଇଁ ନିଜ ମାତୃଭାଷାରେ ଅତିରିକ୍ତ ପାଠ୍ୟପୁସ୍ତକ ପ୍ରଦାନ କରାଯାଇଛି। ସହରାଞ୍ଚଳର ବଞ୍ଚିତ ବର୍ଗର ପିଲା, ଅନାଥ ମାତୃପିତୃହୀନ ଓ ଶିଶୁ ଶ୍ରମିକ ପିଲାଙ୍କ ପାଇଁ ବାରିପଦା ଓ ବିଶୋଇଠାରେ ଦୁଇଗୋଟି ଛାତ୍ରାବାସ ଖୋଲାଯାଇ ଛାତ୍ରଛାତ୍ରୀଙ୍କର ଶିକ୍ଷା ସୁଯୋଗ ସୃଷ୍ଟି କରାଯାଇଛି। ଶୈକ୍ଷିକ ବିଭାଗରେ ଗୁଣାତ୍ମକ ଶିକ୍ଷାକୁ ଅଧିକ ସମୃଦ୍ଧ କରି ଗଢ଼ିତୋଳିବା ପାଇଁ ସମଗ୍ର ଶିକ୍ଷା ଅଭିଯାନ, ମୟୂରଭଞ୍ଜ ତରଫରୁ ଗତ ୨୨ା୦୧ା୨୦୧୯ରିଖରେ ଜିଲାପାଳଙ୍କ ଦ୍ୱାରା ‘ସୁଗମ’ (ଶିକ୍ଷକମାନଙ୍କ ପାଇଁ ଏକ ମାର୍ଗଦର୍ଶିକା) ଉନ୍ମୋଚନ ହୋଇଯାଇଛି। ଏହି ପୁସ୍ତିକା ଶିକ୍ଷଣ ପ୍ରକ୍ରିୟାକୁ ସହଜ, ସରଳ, ସୁଦୃଢ଼ ଓ ସମୃଦ୍ଧ କରିବା ସଙ୍ଗେ ସଙ୍ଗେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସମୟ ଉପଯୋଗୀ ସହାୟକ ପ୍ରଦାନ କରିବ। ଜିଲାର ସମସ୍ତ ବିଦ୍ୟାଳୟରେ ଅଧ୍ୟୟନରତ ସମସ୍ତ ପିଲାମାନଙ୍କୁ ମାଗଣାରେ ୨ହଳ ପୋଷାକ, ହଳେ ଜୋତା ଓ ୨ ହଳ ମୋଜା ଯୋଗାଇ ଦିଆଯାଉଛି।

ଶ୍ରୀଯୁକ୍ତ ବିନୀତ ଭରଦ୍ୱାଜ
ଜିଲାପାଳ ତଥା ଅଧ୍ୟକ୍ଷ ସମଗ୍ର ଶିକ୍ଷା, ମୟୂରଭଞ୍ଜ

ଶ୍ରୀଯୁକ୍ତ ଧ୍ରୁବଚରଣ ବେହେରା
ଜିଲ୍ଲା ପ୍ରକଳ୍ପ ସଂଯୋଜକ, ସମଗ୍ର ଶିକ୍ଷା, ମୟୂରଭଞ୍ଜ

**BHUBANESWAR MUNICIPAL CORPORATION**

No: 34000 Dt.30.11.2019

E-PROCUREMENT NOTICE

1. Bid reference No : BMC-EED-II-16/2019-20 Dt.30.11.19
2. Tender Call Notice No : No.34000, Dt.30.11.2019
3. No. of work : 01 No.
4. Bid Value : Rs.89,79,456/-
5. Period of completion : 270 Days

Date and time of schedule

| Start | End | Opening |
|---|---|---|
| 11.00 A.M of 06.12.19 | 5 P.M of 26.12.19 | 11.00 A.M. of 27.12.19 |

6. Tender details : can be seen for the procurement portal : https://www.tendersodisha.gov.in. BMC website https://www.bmc.gov.in.

Executive Engineer,Div-II
Bhubaneswar Municipal Corporation

Progress Through Partnership for a Better Bhubaneswar

**omfed** The Odisha State Co-operative Milk Producers' Federation Limited
D-2, Sahidnagar, Bhubaneswar - 751007
Ph. No.- 0674-2546030, 2540273, 2540417, Fax No: 0674-2540974, Email ID : omfed@yahoo.com
www.omfed.com

CAD-645 :- SUPPLY OF A.I. EQUIPMENT, FIELD CRYOCAN, MILK TESTING EQUIPMENTS & ELECTRONIC MILKO TESTERS

Omfed invites sealed offers from reputed Manufacturers / Distributors for above mentioned items for and on behalf of its affiliated milk unions. Tender document along with all other informations can be down loaded from website : www.omfed.com. The corrigendum / amendment to this notice required shall be published only in the OMFED website and will not be published again in news papers. OMFED reserves the right to cancel part or whole tender without assigning any reason thereof.

06063/11/0001/1920 MANAGING DIRECTOR

**Directorate of Sch. Castes & Sch. Tribes Research & Training Institute, Bhubaneswar-3**

**Expression of Interest (EoI) Notice**

No.3426 Date: 05.12.2019

No.60-V :- Sealed quotations are hereby invited from interested agencies / firms for "Study on the Effective Utilization of Scholarship to the Scheduled Tribe Day-Scholar students in Odisha" Research Project of SCSTRTI. The bid must be addressed to Advisor-cum-Director & Spl. Secy, to Govt. SCSTRTI, CRPF Square, Near P.D. Market, Bhubaneswar-3. The last date of submission of the bid on or before 16.12.2019 by 4 P.M. The interested Agency/firms can log on to the Govt. website (www.odisha.gov.in) & (www.scstrti.in) for detail.

Sd./-
Advisor-cum-Director
& Spl. Secy. to Govt.
26026/11/0016/1920 SCSTRTI, Bhubaneswar

**PARADIP PORT TRUST**

e-Tendering Notice
NO.EM/MM/P/IOHP/39/2019/1912TDR226
Dtd. 03.12.2019

Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from manufacturers/ authorized dealers for supply of **Pulleyes**. The last date and time of submission of the tender is 17.15 Hours on Dt. 24.12.2019. For details, log on to website **https://eprocure.gov.in/eprocure/app**

Sr. Dy. Materials Manager
PPT/PR/526/19-20 Dt. 05.12.2019

**PARADIP PORT TRUST**

No. EM/MM/P/PAINTS/07/2019/798
Dt.28.11.2019

e-Tendering Notice

Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from manufacturers/ authorized dealers for supply of **Paints of make: Jotun/ Sigmamarine/ Hempel/ International.** The last date and time of submission of the tender is 17.15 Hours on Dt. 24/12/2019. For details, log on to website **https://eprocure.gov.in/eprocure/app.**

PPT/PR/519/19-20 Date 05.12.2019
Sr. Dy. Materials Manager

**MAHILA VIKAS SAMABAYA NIGAM**
(Govt. of Odisha Undertaking)
A-1 Block, Ground Floor, Toshali Bhawan, Satya Nagar, Bhubaneswar - 751007
Ph. No.: 2573023, Tele Fax: 2573024
E-mail- mvsn_bbsr@yahoo.com

Ref.: 2201/MVSN Dt.05.12.19

**AUCTION SALE NOTICE**

No.: CAD-648: Sealed Auction Sale Offers are invited from interested financially sound bidders for purchase of different items on **"As is where is Basis"** lying at the premises of Mahila Vikas Samabaya Nigam, Block-A/1, Ground Floor, Toshali Bhawan, Satya Nagar, Bhubaneswar - 7. The offer completed in all respect shall be deposited in the Office of Managing Director, MVSN on or before 4th January, 2020 by 4.00 P.M. through Regd. Post or Speed Post only. Offer details can be downloaded from the website **www.wcdodisha.gov.in** from Dt.09.12.19 to Dt.04.01.2020. The authority reserves the right to cancel/modify the auction sale at any point of time.

33003/11/0002/1920 Sd./- Managing Director

**OFFICE OF THE HEADMASTER / HEADMISTRESS**
**KASTURABA GANDHI BALIKA VIDYALAYA**
ANDALI JAMBAHAL NUPS
AT - RITHATOLI, P.O - MAJHAPARA, BLOCK - KUARMUNDA
DIST.- SUNDARGH (ODISHA), PIN-770033

Letter No.20 **TENDER CALL NOTICE** Date: 05.12.2019

Sealed tenders are invited from the registered and reputed firms and manufacture having GST No. for the supply of grocery, cosmetic and sanitary items, office and student stationary, dress materials to KGBV, Kuarmunda Andali Jambahal Nodal UPS Rithatoli for, Dec-2019 to Nov 2020. Item wise tender from alongwith related information can be obtained from the office of the under signed in between 10.00 A.M to 4.00 P.M. of any working day from 06.12.2019 to 17.12.2019 on cash payment of Rs.100 (Rupees One Hundred) only, which is not refundable. The tender completed in all respect alongwith requisite EMD money in the shape of Bank Draft drawn in favour of Headmistress and President from KGBV, Kuarmunda Andali Jambahal Nodal UPS Rithatoli. The tender documents submitted without EMD summarily rejected. Last date of receipt of tender form is up to 4.00 P.M of Dt.17.12.2019. The tender will be opened on dated.18.12.2019 at 11.00 A.M. in the Kuarmunda KGBV Hostel in the presence of tenderers or their authorized representative. The KGBV purchase Committee reserve the right to accept or reject the tender in the whole or in part without assigning any reason thereof. The KGBV purchase any items from the selected bidders / Supplier at any of time without assigning any reason thereof.

Headmistress, KGBV, Rithatoli

**ZILLA SWASTHYA SAMITI, KANDHAMAL**
**OFFICE OF THE CDM & PHO-CUM-DISTRICT MISSION DIRECTOR, KANDHAMAL**

Advt. No.: 14197/NHM/19 Dt.4.12.2019

**REQUEST FOR PROPOSAL (RFP) FOR SECURITY SERVICES ON OUTSOURCING BASIS UNDER THE SCHEME: NIRMAL**

No.: E-553: Sealed proposals as per prescribed RFP document are invited from interested eligible bidders for the Security Services on outsourcing basis in the Govt. Health Institutions of Kandhamal District. The eligible criteria, the details requirement of the said services and the formats for submission of proposals are set forth in the RFP documents which can be downloaded from the website **www.kandhamal.nic.in**. Interested bidders fulfilling the eligibility criteria may submit their proposals (with EMD & document as per RFP) to the O/o. CDM & PHO, DHH, Phulbani, Kandhamal. Proposal(s) complete in all respect should reach the undersigned on or before **03.00 P.M. of 26.12.2019** through Regd./Speed Post & Courier and the same will be opened on **27.12.2019 at 11.00 A.M.** in the Office Chamber of the undersigned. The undersigned reserves the right to reject any or all the tender(s) without assigning any reason thereof.

Sd./- CDM&PHO-cum-District Mission Director
10015/11/0023/1920 NHM, Kandhamal

Government of Odisha
**SPORTS & YOUTH SERVICES DEPARTMENT**
C - 1, Nayapalli, Bhubaneswar - 751012
Phone No.: 0674-2536793, Fax No.: 0674-2396715
**ODISHA-SAI, REGIONAL BADMINTON ACADEMY**
Saheed Nagar, Bhubaneswar
Email: odishasairba@gmail.com

No.: 239/RBA Dtd.: 04.12.2019

**SHORT TENDER CALL NOTICE**

No.: TT-16: Sealed tenders are invited from the reputed firms/suppliers, Original Equipment Manufacturers (OEM) or their authorized agent for purchase different Gym equipment for Odisha-SAI Regional Badminton Academy, Saheed Nagar, Bhubaneswar. Name of items along with detailed technical specifications, probable requirements against each item may be seen from the website of the Govt. of Odisha i.e. **www.dsysodisha.gov.in**. The quantity may vary during indent of the items depending upon budgetary allocation. Date of issue of tender documents from dtd.06.12.2019 to 23.12.2019. The last date for receipt of sealed tender is 23.12.2019 till 4.00 P.M. at Department of Sports & Youth Services, Govt. of Odisha, C-1, Nayapalli, Bhubaneswar.

Sd./- Director, Administration,
Odisha-SAI, RBA & Dy. Secretary
29001/11/0044/1920 to Govt. Sports & Youth Services

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍‌ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ପତ୍ର ସଂଖ୍ୟା: ୨୮୦୫୪/ଭୁ.ଉ.କ., ଭୁବନେଶ୍ୱର ତା୨୬ା୧୧ା୨୦୧୯ରିଖ
LUH - 121/02

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଲୁମ୍ବିନି ବିହାର ଗୃହ ପ୍ରକଳ୍ପରେ ଗୃହ ନଂ.HIG-137କୁ ଶ୍ରୀ ଶତୃଘନ ରାଉତ, ପିତା-ସ୍ୱର୍ଗତ ବିଶ୍ୱନାଥ ରାଉତ, ୧୦୧, ହାଇଟାଉନ ଗାର୍ଡେନସ୍, ପୋଅ-ରିଙ୍ଗ୍‌ଉଡ୍, ଥାନା-ହମ୍ପସାୟାର, ଇଂଲଣ୍ଡ, ୟୁ.କେ ଙ୍କୁ ଆବଣ୍ଟନ କରାଯାଇଥିଲା। ପରବର୍ତ୍ତି ସମୟରେ ଆବଣ୍ଟନଗ୍ରାହୀ ଶ୍ରୀ ଶତୃଘନ ରାଉତଙ୍କ ମୃତ୍ୟୁପରେ ଉକ୍ତ ଘରର ମାଲିକାନା ତାଙ୍କର ଉତ୍ତରାଧିକାରୀଙ୍କ ନାମରେ ମାଲିକାନା ପରିବର୍ତ୍ତନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଦୁଃଶାସନ ରାଉତ, ପିତା-ସ୍ୱର୍ଗତ ବିଶ୍ୱନାଥ ରାଉତ, ଗ୍ରାମ-ମଲିକାପୁର, ପୋ-ବୈଦରାଜପୁର, ଥାନା-ଯାଜପୁର ସଦର, ଜିଲ୍ଲା-ଯାଜପୁର ତା୨୫ା୦୮ା୨୦୧୯ରିଖରେ ମୃତ୍ୟୁ ବରଣ କରିଅଛନ୍ତି। (୧) ସୁଧାଂଶୁବାଳା ରାଉତ (ସ୍ତ୍ରୀ), (୨) ଶ୍ରୀ ମନୋଜ କୁମାର ରାଉତ (ପୁତ୍ର), (୩) ଶ୍ରୀ ପଙ୍କଜ କୁମାର ରାଉତ (ପୁତ୍ର) ଉତ୍ତରାଧିକାରୀ ସୂତ୍ରରେ ତାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ଘରଟିର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା’ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦରଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଉକ୍ତ ଘରଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯିବ।

ସ୍ୱା./- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର

**ODISHA HYDRO POWER CORPORATION LIMITED**
BALIMELA HYDRO ELECTRIC PROJECT:,POST: BALIMELA: DIST: MALKANGIRI (ODISHA); PIN: 764051:
Phones: 06861-232581 (O)/232641 (R) : FAX:06861-232541.,E-Mail unit.head_balimela@yahoo.com
No. CAD-650

**TENDER CALL NOTICE No:- BHEP-46 /2019-20.**

Sealed tenders are invited in two part bid basis (Techno-commercial Bid & Price Bid) for the following works from reputed Manufacturers authorized agencies having experience of executing similar type of work as detailed below:

| Group. No./ Sl.No. | Description of Items. | Cost of Tender Paper (In Rs.) | E.M.D. in shape of DD only (In Rs.) |
|---|---|---|---|
| 1. | Procurement of (21) sets of Base Structure for installation of 220KV L.A. at 220 KV Switchyard of BHEP, Balimela" | Rs. 4720/- Inclusive of GST @ 18% | Rs.6,100/- |

The Sale of Tender Paper will be from : Dt.09.12.2019 to 13:00 Hrs of Dt.24.12.2019
The last date & time of receipt of tenders : Up to 16:00Hrs of Dt. 24.12.2019
Date and time of opening of the Techno Commercial Bid: 16:30Hrs. of Dt. 24.12.2019
*For details of tender documents, Terms and Conditions, Eligibility criteria and downloading, please visit our website at* www.ohpcltd.com

04019/11/0047/1920 Sd./- C&P Head, BHEP, Balimela

**Directorate of Textiles, Odisha**
No.: PP-36 Satyanagar, Bhubaneswar-751007

**INVITING APPLICATIONS FOR EMPANELMENT OF MCM**
ADVERTISEMENT REFERENCE: SADHAC/ 310 - 12/2019

Directorate of Textiles, Odisha invites fresh applications from interested skilled Weavers/ Dyers from Handloom sector for empanelment as State Level Master Crafts Man (MCM) to impart training in (i) Basic weaving, (ii) weaving with Jalla & Dobby, (iii) Weaving with Jacquard, (iv) Tie & dye making and weaving, (v) Dyeing, (vi) Gurusishya Parampara under capacity building Programme implemented under Directorate of Textiles, Odisha.

**Last Date for submitting Application form: Date-25.12.2019, 3:00 PM.**

Bio-data Form for empanelment in the list of MCM and Formal structure & Syllabus of the training programme can be downloaded from the websites: **https://handloom.odisha.gov.in**, **https://www.sambalpuribastralaya.com**, **www.sadhacodisha.org.in**.

Interested candidates are requested to send their applications along with duly filled in Bio-data by Regd./ Speed Post on following address.

State Agency for Development of Handloom Clusters (SADHAC) At: Directorate of Textiles, Odisha 1st floor, Satyanagar, Bhubaneswar- 751007 (Odisha), Email- sadhacorissa@gmail.com, Ph. 0674-2572256

31012/11/0003/1920 Sd/- Member Secretary, SADHAC

## ସଂକ୍ଷେପରେ

### ‘ସାବରିମାଳା ମନ୍ଦିରକୁ ମହିଳା ପ୍ରବେଶ ରାୟ ଚୂଡ଼ାନ୍ତ ନୁହେଁ’

**ନୂଆଦିଲ୍ଲୀ, ୫।୧୨(ଆଇଏଏନ୍ଏସ୍):** କେରଳର ସାବରିମାଳାସ୍ଥିତ ଆୟାପ୍ପା ମନ୍ଦିରକୁ ସବୁ ବୟସ ଓ ବର୍ଗର ମହିଳାଙ୍କ ପ୍ରବେଶ ନେଇ ୨୦୧୮ରେ ଦିଆଯାଇଥିବା ରାୟ ଚୂଡ଼ାନ୍ତ ନୁହେଁ ବୋଲି ଗୁରୁବାର ସୁପ୍ରିମକୋର୍ଟ ଦର୍ଶାଇଛନ୍ତି। ଏହି ମାମଲା ବୃହତ୍ ଖଣ୍ଡପୀଠକୁ ପଠାଯାଇଛି। ସାମରିମାଳାରେ ମହିଳା ଶ୍ରଦ୍ଧାଳୁ ବିନ୍ଦୁ ଆମ୍ମିନିଙ୍କ ପ୍ରବେଶ ଉଦ୍ୟମ ବେଳେ ମାଡ଼ ମରାଯିବା ଓ ବିରୋଧ କରାଯିବା ଘଟଣାରେ ବରିଷ୍ଠ ଓକିଲ ଇନ୍ଦିରା ଜୟସିଂ ଏହା କୋର୍ଟ ରାୟର ଅବମାନନା ବୋଲି ଦର୍ଶାଇଥିବାବେଳେ ସୁପ୍ରିମକୋର୍ଟ ଏଭଳି କହିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ଏସ୍.ଏ. ବୋବ୍ଡେଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ମାମଲାର ପୁନଃ ସମୀକ୍ଷା ଲାଗି ୭ ଜଣିଆ ଖଣ୍ଡପୀଠକୁ ପଠାଯାଇଥିବାରୁ ୨୦୧୮ରେ ଦିଆଯାଇଥିବା ରାୟ ଚୂଡ଼ାନ୍ତ ନୁହେଁ ବୋଲି ଦର୍ଶାଇଥିଲେ। ପ୍ରକାଶଥାଉ କି, ଗତ ନଭେମ୍ବର ୧୪ରେ ସିଜେଆଇ ରଞ୍ଜନ ଗୋଗୋଇଙ୍କ ଅଧକ୍ଷତାରେ ଗଠିତ ୫ଜଣିଆ ଖଣ୍ଡପୀଠ ୨୦୧୮ ରାୟର ସମୀକ୍ଷା ଲାଗି ୭ ଜଣିଆ ଖଣ୍ଡପୀଠକୁ ପଠାଇଥିଲେ।

### ବିଶ୍ୱର ଲୋକପ୍ରିୟ ୧୦୦ ସହର ମଧ୍ୟରୁ ଭାରତର ୭

**ଲଣ୍ଡନ, ୫।୧୨(ଆଇଏଏନ୍ଏସ୍):** ବିଶ୍ୱର ସବୁଠାରୁ ଅଧିକ ଲୋକପ୍ରିୟ ୧୦୦ ସହର ମଧ୍ୟରେ ଭାରତର ୭ ସହର ରହିଛନ୍ତି। ବ୍ରିଟେନ୍‌ର ଗ୍ଲୋବାଲ ମାର୍କେଟ ରିସର୍ଚ୍ଚ କମ୍ପାନୀ ୟୁରୋମନିଟର ଇଣ୍ଟରନ୍ୟାଶନାଲ କ୍ଷେତ୍ରର ଏକ ରିପୋର୍ଟରେ ଏହା ପ୍ରକାଶ କରାଯାଇଛି। ହଂକଂ ତାଲିକାର ସର୍ବାଗ୍ରେ ରହିଥିବାବେଳେ ବ୍ୟାଙ୍କକ୍, ଲଣ୍ଡନ, ମାକାଉ, ସିଙ୍ଗାପୁର, ନ୍ୟୁୟର୍କ ସିଟି ଆଦି ରହିଛି। ଭାରତର ୭ ସହର ମଧ୍ୟରେ ଦିଲ୍ଲୀ(୧୧), ମୁମ୍ବାଇ(୧୪), ଆଗ୍ରା(୨୬), ଚେନ୍ନାଇ(୩୧), ବେଙ୍ଗାଲୁରୁ(୧୦୦), ଜୟପୁର(୩୪), କୋଲକାତା(୭୪) ରହିଛି। ବିଶ୍ୱର ପର୍ଯ୍ୟଟକଙ୍କ ଲାଗି ଉଦ୍ଦିଷ୍ଟ ଲୋକପ୍ରିୟ ସହର ମଧ୍ୟରେ ଏସିଆ ମହାଦେଶର ସର୍ବାଧିକ ୪୩/୧୦୦ ସହର ରହିଛି।

### ପାର୍ଲାମେଣ୍ଟ କ୍ୟାଣ୍ଟିନ୍‌ରେ ଏମ୍‌ପିଙ୍କୁ ଆଉ ମିଳିବନି ରିହାତି ଦରରେ ଖାଦ୍ୟ

**ନୂଆଦିଲ୍ଲୀ, ୫।୧୨(ଆଇଏଏନ୍ଏସ୍):** ପାର୍ଲାମେଣ୍ଟ କ୍ୟାଣ୍ଟିନ୍‌ରେ ଏମ୍‌ପିମାନଙ୍କୁ ଆଉ ରିହାତି ମୂଲ୍ୟରେ ଖାଦ୍ୟ ମିଳିବନି। ଏନେଇ ଗୁରୁବାର ସେମାନେ ସର୍ବସମ୍ମତି କ୍ରମେ ସ୍ୱୀକୃତି ପ୍ରଦାନ କରିଛନ୍ତି। ଆଗାମୀ ଅଧିବେଶନ କାଳରେ ଏହାକୁ ଲାଗୁ କରାଯିବ। ବିଜନେସ୍ ଆଡଭାଇଜରି କମିଟି ବୈଠକରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଏଭଳି ପ୍ରସ୍ତାବ ଦେବା ପରେ ସବୁ ଦଳର ନେତାମାନେ ଏହାକୁ ସ୍ୱୀକୃତି ଦେଇଥିଲେ। ଆଗାମୀ ଅଧିବେଶନ କାଳରେ ଗୃହର ସଦସ୍ୟ, ଲୋକ ସଭା ଓ ରାଜ୍ୟ ସଭା କର୍ମଚାରୀ, ମିଡିଆ କର୍ମଚାରୀ, ସୁରକ୍ଷାକର୍ମୀ ଓ ଦର୍ଶକମାନେ ନୂଆ ଦରରେ ଖାଦ୍ୟ ପାର୍ଲାମେଣ୍ଟ କ୍ୟାଣ୍ଟିନରୁ ପାଇପାରିବେ। ପାର୍ଲାମେଣ୍ଟ କ୍ୟାଣ୍ଟିନରେ ନୂଆ ଦରରେ ଖାଦ୍ୟ ପ୍ରଦାନ କରାଗଲେ ବାର୍ଷିକ ୧୭ କୋଟି ଟଙ୍କା ବଞ୍ଚାଯାଇ ପାରିବ ବୋଲି ଜଣାପଡ଼ିଛି।

### [ଇତିହାସର ଆଇନାରେ]
### ଡିସେମ୍ବର ୬ର ପ୍ରମୁଖ ଘଟଣା

୧୯୭୧ ଡିସେମ୍ବର ୬ରେ ପାକିସ୍ତାନ କୂଟନୈତିକ ସମ୍ପର୍କ ଛିନ୍ନକରି ଭାରତ ସହ ଯୁଦ୍ଧ କରିଥିଲା। ଭାରତର ୧୧ ବିମାନବନ୍ଦର ଉପରେ ପାକିସ୍ତାନ ଆକ୍ରମଣ କରିବାରୁ ଭୟଙ୍କର ଯୁଦ୍ଧ ହୋଇଥିଲା। ପୂର୍ବ ପାକିସ୍ତାନ(ବାଂଲାଦେଶ)କୁ ସ୍ୱାଧୀନ କରିବାରେ ଭାରତ ସଫଳ ହୋଇଥିଲା। ମାତ୍ର ୧୩ ଦିନରେ ପାକିସ୍ତାନ ପରାଜୟ ବରଣ କରିଥିଲା ଓ ବାଂଲାଦେଶ ସ୍ୱାଧୀନ ରାଷ୍ଟ୍ର ଘୋଷଣା କରାଯାଇଥିଲା।

୧୯୯୨ ଡିସେମ୍ବର ୬ରେ ଅଯୋଧ୍ୟାରେ ଥିବା ବାବ୍ରୀ ମସ୍‌ଜିଦକୁ ଭଙ୍ଗାଯାଇଥିଲା। ରାମଜନ୍ମଭୂମି ସ୍ଥାନରେ ଏହା ଗଢ଼ିଉଠିଥିବା ଯୋଗୁ କରସେବକମାନେ ଏହାକୁ ଭାଙ୍ଗିଦେଇଥିଲେ। ଏହାକୁ ନେଇ ଦଙ୍ଗା ଉପୁଜିବା ସହ ପ୍ରାୟ ୧,୫୦୦ ଲୋକଙ୍କ ପ୍ରାଣହାନି ହୋଇଥିଲା। ପରେ ବିବାଦର ସମାଧାନ ଲାଗି ସର୍ବୋଚ୍ଚ ଅଦାଲତ ରାସ୍ତା ଦେଖାଇଥିଲେ।




ଦିଲ୍ଲୀର ସଫ୍‌ଦରଜଙ୍ଗ ହସ୍ପିଟାଲକୁ ବିମାନରେ ନେବା ପାଇଁ ଉନ୍ନାଓ ପୀଡ଼ିତାଙ୍କୁ ଲକ୍ଷ୍ନୌର ସିଭିଲ ହସ୍ପିଟାଲରୁ ଆମ୍ବୁଲାନ୍ସରେ ନିଆଯାଉଛି।



ହାଇଦ୍ରାବାଦ ଗଣବଳାତ୍କାର ଓ ହତ୍ୟା ମାମଲାର ଅଭିଯୁକ୍ତଙ୍କୁ ୬ ମାସ ମଧ୍ୟରେ ଫାଶୀ ଦିଆଯିବା ଦାବିରେ ନୂଆଦିଲ୍ଲୀରେ ତୃତୀୟ ଦିନ ଧରି ଅନଶନ କରୁଛନ୍ତି ଦିଲ୍ଲୀ ମହିଳା କମିଶନ ସ୍ୱାତୀ ମାଲିୱାଲ।



ଉତ୍ତରପ୍ରଦେଶର ଉନ୍ନାଓସ୍ଥିତ ସିନ୍ଦୁପୁର ଗ୍ରାମରେ ଗଣବଳାତ୍କାର ପୀଡ଼ିତାଙ୍କୁ ପୋଡ଼ି ହତ୍ୟା ଉଦ୍ୟମ ଘଟଣାର ତଦନ୍ତ କରୁଛି ପୋଲିସ।

## ଜାମିନରେ ଆସି ଜଘନ୍ୟ

- ଗତ ଡିସେମ୍ବରରେ ବଳାତ୍କାରର ଶିକାର ହୋଇଥିଲେ ଯୁବତୀ
- ମାର୍ଚ୍ଚରେ ଗିରଫ ହୋଇଥିଲେ ୨ ଅଭିଯୁକ୍ତ
- ନଭେମ୍ବର ୨୫ରେ ଜାମିନରେ ମୁକୁଳିଥିଲେ
- ଗୁରୁବାର ସକାଳେ ଘଟାଇଲେ କାଣ୍ଡ
- ସାହାଯ୍ୟ ପାଇଁ ଧାଇଁଥିଲେ ୧ କି.ମି.
- ଜଳିଯିବା ପରେ ପୋଲିସକୁ ନିଜେ ଡାକିଥିଲେ ପୀଡ଼ିତା

ବଳାତ୍କାର କରି ଜେଲ୍ ଯାଇଥିଲେ। ଜାମିନରେ ଫେରି ଜାଳିଦେଲେ। ମାନବିକତାକୁ ଲଜ୍ଜିତ କରି ସଭ୍ୟ ସମାଜର ମୁଣ୍ଡ ତଳକୁ କରିଦେବା ଭଳି ପୁଣି ଏକ ବର୍ବରକାଣ୍ଡ ଘଟିଛି ଉତ୍ତରପ୍ରଦେଶର ଉନ୍ନାଓରେ। ଜଣେ ବଳାତ୍କାର ପୀଡ଼ିତାଙ୍କୁ ଗୁରୁବାର ସକାଳେ ନିଆଁରେ ଜାଳି ମାରିଦେବା ପାଇଁ ଉଦ୍ୟମ କରିଛନ୍ତି ଅଭିଯୁକ୍ତମାନେ। ପୀଡ଼ିତାଙ୍କ ଶରୀରର ୯୦ ପ୍ରତିଶତ ପୋଡ଼ି ହୋଇଯାଇଥିବାରୁ ଅବସ୍ଥା ସଙ୍କଟାପନ୍ନ ରହିଛି। ତାଙ୍କୁ ଅଧିକ ଚିକିତ୍ସା ପାଇଁ ଏକ ବିମାନରେ ଦିଲ୍ଲୀର ସଫ୍‌ଦରଜଙ୍ଗ ହସ୍ପିଟାଲକୁ ନିଆଯାଉଛି। ସେପଟେ ମାମଲାର ମୁଖ୍ୟ ଅଭିଯୁକ୍ତ ଆତ୍ମସମର୍ପଣ କରିଥିବାବେଳେ ଅନ୍ୟ ୪ ଅଭିଯୁକ୍ତଙ୍କୁ ଗିରଫ କରି ତନାଘନା କରୁଛି ପୋଲିସ। ହାଇଦ୍ରାବାଦର ମହିଳା ପ୍ରାଣୀ ଚିକିତ୍ସକଙ୍କୁ ବଳାତ୍କାର ଓ ହତ୍ୟା ପରେ ପୋଡ଼ିଦିଆଯିବା ଘଟଣାକୁ ନେଇ ସାରା ଦେଶରେ ଜନାକ୍ରୋଶ ଲାଗିରହିଥିବାବେଳେ ଦିନକୁ ଦିନ ଯୌନ ବିକୃତ ପୁରୁଷଙ୍କ ନୂଆ ନୂଆ ବର୍ବରତା ସାମ୍ନାକୁ ଆସିବାରେ ଲାଗିଛି। ଏହିକ୍ରମରେ ୨୦୧୭ରେ ତତ୍କାଳୀନ ଭାଜପା ବିଧାୟକ କୁଲଦୀପ ସିଂ ସେନ୍‌ଗାରଙ୍କ କାରନାମାକୁ ନେଇ ଚର୍ଚ୍ଚାରେ ଥିବା ଉନ୍ନାଓ ପୁଣିଥରେ ମୁଣ୍ଡାଇଛି ବଦନାମର କଳଙ୍କ।

# ପାର୍ଲାମେଣ୍ଟରେ ଉନ୍ନାଓ ଝଡ଼

**ନୂଆଦିଲ୍ଲୀ,୫।୧୨(ପି.ଟି./ ଆଇଏଏନ୍ଏସ୍)**



- କେନ୍ଦ୍ର, ୟୁପି ସରକାରଙ୍କୁ ଘେରିଲେ ବିରୋଧୀ
- ରାଷ୍ଟ୍ରପତି ଶାସନ ଦାବି କଲା ସମାଜବାଦୀ ପାର୍ଟି
- କେବଳ ଗିରଫଦାରି ପର୍ଯ୍ୟାପ୍ତ ନୁହେଁ: ଭେଙ୍କାୟା

ଉନ୍ନାଓ ଗଣବଳାତ୍କାର ପୀଡ଼ିତାଙ୍କୁ ପୋଡ଼ି ହତ୍ୟା ଉଦ୍ୟମ କରାଯିବା ନେଇ ଗୁରୁବାର ପାର୍ଲାମେଣ୍ଟରେ ଝଡ଼ ଉଠିଛି। କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଉଭୟ ଗୃହରେ କେନ୍ଦ୍ର ଓ ଉତ୍ତରପ୍ରଦେଶ ସରକାରଙ୍କୁ ଘେରିଛନ୍ତି। ପ୍ରବଳ ହଟ୍ଟଗୋଳ ମଧ୍ୟରେ ରାଜ୍ୟ ସଭାକୁ ଅଧଘଣ୍ଟା ପାଇଁ ମୁଲତବୀ କରାଯାଇଥିଲା। ଉଚ୍ଚ ସଦନରେ ଟିକସ ଆଇନ (ସଂଶୋଧନ) ବିଲ୍, ୨୦୧୯ ଆଲୋଚନା ଆରମ୍ଭ ହୋଇଥିବାବେଳେ ବିରୋଧୀ ସଦସ୍ୟ ଗୃହର ମଧ୍ୟଭାଗକୁ ଯାଇ ହୋହଲ୍ଲା କରିଥିଲେ। କଂଗ୍ରେସ ନେତା ଆନନ୍ଦ ଶର୍ମା ଉନ୍ନାଓ ପୀଡ଼ିତାଙ୍କ ସମ୍ପର୍କରେ ଆଲୋଚନା ଲାଗି ବିରୋଧୀଙ୍କ ଦାବି ଶୁଣିବା ପାଇଁ ଉପାଧ୍ୟକ୍ଷ ହରିବଂଶଙ୍କୁ ଅନୁରୋଧ କରିଥିଲେ। ହେଲେ ଉପାଧ୍ୟକ୍ଷ ସେମାନଙ୍କ ଦାବିକୁ ଗୁରୁତ୍ୱ ଦେଇ ନ ଥିଲେ। ସମାଜବାଦୀ ପାର୍ଟି ନେତା ରାମଗୋପାଳ ଯାଦବ ୟୁପିର ଆଇନଶୃଙ୍ଖଳା ସ୍ଥିତିକୁ ନେଇ ଯୋଗୀ ସରକାରଙ୍କୁ ଘେରିବା ସହ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି ପାଇଁ ଦାବି କରିଥିଲେ। ପରେ ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ ମଧ୍ୟ ଏହାକୁ ନିନ୍ଦା କରିଥିଲେ। ସେ ଉତ୍ତରପ୍ରଦେଶ ମୁଖ୍ୟ ଶାସନ ସଚିବଙ୍କ ସହ ଏନେଇ ଆଲୋଚନା କରିଛନ୍ତି। ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି ବୋଲି ମୁଖ୍ୟ ଶାସନ ସଚିବ ତାଙ୍କୁ ଅବଗତ କରାଇଛନ୍ତି। ତେବେ କେବଳ ଗିରଫଦାରି ପର୍ଯ୍ୟାପ୍ତ ନୁହେଁ । ଏଭଳି ଘଟଣାରେ ତୁରନ୍ତ ତତ୍ପରତା ସହ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର ଯେପରି କି ସମାଜ ଓ ଦେଶକୁ ଏକ ସନ୍ଦେଶ ଯିବ ବୋଲି ନାଇଡୁ କହିଛନ୍ତି।

# କର୍ନାଟକ ଉପନିର୍ବାଚନରେ ୬୦% ଭୋଟ



ଏଚ୍.ଡି. କୁମାର ସ୍ୱାମୀ(ଜେଡିଏସ୍)



ବି.ଏସ୍. ୟେଦୁରପ୍ପା( ଭଜପା)



ସିଦ୍ଧାରାମାୟା ( କଂଗ୍ରେସ)

**ବେଙ୍ଗାଲୁରୁ, ୫।୧୨(ଆଇଏଏନ୍ଏସ୍)**

### ଇଭିଏମ୍‌ରେ ୧୬୫ ପ୍ରାର୍ଥୀଙ୍କ ଭାଗ୍ୟ

କର୍ନାଟକର ୧୫ ବିଧାନସଭା ଆସନ ଲାଗି ଗୁରୁବାର କଡ଼ା ସୁରକ୍ଷା ମଧ୍ୟରେ ଭୋଟଗ୍ରହଣ କରାଯାଇଥିବାବେଳେ ମତଦାନ ହାର ୬୦ ପ୍ରତିଶତ ହୋଇଥିବା ଜଣାପଡ଼ିଛି। ସବୁଠାରୁ ଅଧିକ ମତଦାନ ଚିକ୍କାବାଲାପୁରାରେ(୭୯.୮%) ହୋଇଛି। ସବୁଠାରୁ କମ୍ ଭୋଟ(୩୭.୫%) ବେଙ୍ଗାଲୁରୁର କେ.ଆର୍. ପୁରମ୍‌ରେ ପଡ଼ିଛି। ମହାଲକ୍ଷ୍ମୀରେ ୪୦.୪୭% ଓ ଶିବାଜୀନଗରରେ ୪୧.୧୩% ମତଦାନ କରାଯାଇଛି। ମତଦାନ ମୋଟାମୋଟି ଶାନ୍ତିପୂର୍ଣ୍ଣ ରହିଛି। ୧୨୬ ସ୍ୱାଧୀନ, ୯ ମହିଳା ପ୍ରାର୍ଥୀଙ୍କୁ ମିଶାଇ ମଇଦାନରେ ଥିବା ମୋଟ ୧୬୫ ପ୍ରାର୍ଥୀଙ୍କ ଭାଗ୍ୟ ଏବେ ଇଭିଏମ୍‌ରେ ରହିଛି। ଭାଜପା ଓ କଂଗ୍ରେସ ପକ୍ଷରୁ ସମସ୍ତ ୧୫ଟି ଆସନ ଲାଗି ପ୍ରାର୍ଥୀ ଦିଆଯାଇଥିବାବେଳେ ଜେଡିଏସ୍ ୧୨ ଆସନରେ ଲଢୁଛି।

ମିଳିଥିବା ସର୍ବଶେଷ ସୂଚନା ଅନୁଯାୟୀ ଅଠାଣିରେ ୭୦.୭୩%, କାଗ୍‌ୱାଡ୍‌ରେ ୬୯.୭୬%, ଗୋକାକ୍‌ରେ ୬୬.୬୪%, ୟେଲାପୁରମ୍‌ରେ ୭୨.୨୩%, ହିରେକେରୁର୍‌ରେ ୭୨.୪୨%, ରାନେବେନ୍ନୁର୍‌ରେ ୬୭.୯୨%, ବିଜୟନଗରରେ ୫୮.୯୩%, ୟେଶଓ୍ୱନ୍ତପୁରରେ ୪୮.୩୪%, ହୋସ୍‌କୋଟେରେ ୭୬.୧୯%, କେ.ଆର୍. ପେଟେରେ ୭୫.୮୭%, ହୁନ୍‌ସୁର୍‌ରେ ୭୪.୪୭% ମତଦାନ କରାଯାଇଥିବା ନିର୍ବାଚନ ଅଧିକାରୀ ପ୍ରକାଶ କରିଛନ୍ତି। କଂଗ୍ରେସ ଓ ଜେଡିଏସ୍‌ର ୧୬ ବିଦ୍ରୋହୀ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରାଯିବା ପରେ ଏହିସବୁ ଆସନଗୁଡ଼ିକ ଖାଲି ପଡ଼ିଥିଲା। ଏଥିସହ ଏଚ୍.ଡି. କୁମାରସ୍ୱାମୀ ସରକାରର ପତନ ହୋଇଥିଲା। ଅଯୋଗ୍ୟ ଘୋଷିତ ବିଧାୟକଙ୍କ ମଧ୍ୟରୁ ୧୩ ଏବେ ଭାଜପା ପ୍ରାର୍ଥୀ ହୋଇଥିବାବେଳେ ନିର୍ବାଚନ ଫଳାଫଳ ସରକାରଙ୍କୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ଶାସକ ଭାଜପା ୧୦୫ ଆସନ ହାତେଇ ଥିବାବେଳେ ଆଉ ୭ ଆସନ ଆବଶ୍ୟକ କରୁଛି। ୨୨୩ ଆସନବିଶିଷ୍ଟ ରାଜ୍ୟ ବିଧାନସଭାରେ ମ୍ୟାଜିକ୍ ନମ୍ବର (୧୧୨) ଛୁଇଁବା ଲାଗି ଉପନିର୍ବାଚନରେ ଭାଜପାକୁ ୭ଟି ଆସନ ହାତେଇବାକୁ ପଡ଼ିବ। ନଚେତ୍ ସରକାର ଭାଙ୍ଗିଯିବାର ଆଶଙ୍କା ରହିଛି। ଏଥିଲାଗି ଉପନିର୍ବାଚନରେ ବିରୋଧୀ ନେତାମାନେ ଜୋର୍‌ଦାର ପ୍ରଚାର କରିଥିଲେ। ଭୋଟ ଗଣତି ପରେ ଫଳାଫଳ କ’ଣ ହେବ ତାହା ସମୟ ହିଁ କହିବ।

### ୧୮ ଭାରତୀୟ ଥିବା ଜାହାଜ ଅପହୃତ

**ନୂଆଦିଲ୍ଲୀ,୫।୧୨(ପି.ଟି.):** ହଂକଂର ଏକ ଜାହାଜକୁ ନାଇଜେରିଆ ଉପକୂଳରେ ଜଳଦସ୍ୟମାନେ ଅପହରଣ କରିନେଇଛନ୍ତି। ଉକ୍ତ ଜାହାଜରେ ୧୮ ଜଣ ଭାରତୀୟ ଅଛନ୍ତି ବୋଲି ସମ୍ପୃକ୍ତ ଅଞ୍ଚଳରେ ସାମୁଦ୍ରିକ ଗତିବିଧି ଉପରେ ନଜର ରଖୁଥିବା ବିଶ୍ୱସ୍ତରୀୟ ସଂସ୍ଥା ଏଆର୍‌ଏକ୍ସ ମାରିଟାଇମ୍ ପକ୍ଷରୁ କୁହାଯାଇଛି। ଭାରତୀୟଙ୍କୁ ମଙ୍ଗଳବାର ଅପହରଣ କରାଯାଇଥିବା ନେଇ ଖବର ମିଳିବା ପରେ ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପାଇଁ ନାଇଜେରିଆସ୍ଥିତ ଭାରତୀୟ ଦୂତାବାସ ଏହି ଆଫ୍ରିକୀୟ ଦେଶର ସହାୟତା ଲୋଡ଼ିଛି।

## ଦ୍ୱିତୀୟ ପର୍ଯ୍ୟାୟ ପ୍ରଚାର ଶେଷ

**ରାଞ୍ଚି, ୫।୧୨(ଆଇଏଏନ୍ଏସ୍):** ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଶନିବାର ହେବାକୁ ଥିବାବେଳେ ଗୁରୁବାର ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଛି। ଶେଷଦିନରେ ଭାଜପା, କଂଗ୍ରେସ, ଜେଏମ୍ଏମ୍ ଓ ଆର୍‌ଜେଡି ପକ୍ଷରୁ ଜୋର୍‌ଦାର ପ୍ରଚାର କରାଯାଇଛି। ଏହି ପର୍ଯ୍ୟାୟରେ ୨୦ ଆସନ ଲାଗି ଭୋଟଗ୍ରହଣ କରାଯିବ। ୧୮ଟି ଆସନରେ ସେହିଦିନ ସକାଳ ୭ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟଗ୍ରହଣ କରାଯିବାକୁ ଥିବାବେଳେ ୨ ଆସନରେ ସକାଳ ୭ରୁ ସନ୍ଧ୍ୟା ୫ ପର୍ଯ୍ୟନ୍ତ ମତଦାନ କରାଯିବ ବୋଲି ଜଣାପଡ଼ିଛି। ୨୦ ଆସନରୁ

### ଝାଡ଼ଖଣ୍ଡ: ୨୦ ଆସନ ଲାଗି ୨୬୦ ପ୍ରାର୍ଥୀ

୧୬ଟି ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ପ୍ରାର୍ଥୀଙ୍କ ଲାଗି ଉଦ୍ଦିଷ୍ଟ ଅଛି। ମୋଟ ୨୯ ମହିଳାଙ୍କ ସମେତ ୨୬୦ ପ୍ରାର୍ଥୀ ଦ୍ୱିତୀୟ ପର୍ଯ୍ୟାୟ ଭୋଟରେ ସେମାନଙ୍କ ଭାଗ୍ୟ ପରୀକ୍ଷା କରିବେ। ପୂର୍ବ ଜାମ୍‌ସେଦପୁର ଓ ପଶ୍ଚିମ ଜାମ୍‌ସେଦପୁର ଆସନରେ ୨୦ଜଣ ଲେଖାଏ ପ୍ରାର୍ଥୀ ରହିଛନ୍ତି। ପୂର୍ବ ଜାମ୍‌ସେଦପୁର ଆସନରୁ ମୁଖ୍ୟମନ୍ତ୍ରୀ ରଘୁବର ଦାସ ମଇଦାନରେ ଅଛନ୍ତି। ଏହି ୨୦ ଆସନରେ ମାଓବାଦୀଙ୍କ ପ୍ରଭାବ ରହିଥିବାରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।



ପାଟନା: ଜନ ଅଧିକାର ପାର୍ଟି ମୁଖ୍ୟ ପପୁ ଯାଦବ ବିହାର ଉପମୁଖ୍ୟମନ୍ତ୍ରୀ ସୁଶୀଲ କୁମାର ମୋଦିଙ୍କ ବାସଭବନ ନିକଟରେ ପିଆଜ କିଲୋ ୩୫ ଟଙ୍କାରେ ବିକ୍ରି କରୁଛନ୍ତି।



ଫ୍ରାନ୍ସ ରାଜଧାନୀ ପ୍ୟାରିସରେ ଗୁରୁବାର ଲୋକେ ବିକ୍ଷୋଭ ପ୍ରଦର୍ଶନ କରୁଥିବାବେଳେ ଇଫେଲ୍ ଟାୱାର ନିକଟରେ ଏକ ଟ୍ରକ୍‌କୁ ଜାଳି ଦିଆଯାଇଛି।

# ସୀମା ଟପିଲାଣି ବର୍ବରତା

**ନୂଆଦିଲ୍ଲୀ,୫।୧୨**

- ୟୁପି ସୀତାପୁରରେ ୧୫ ବର୍ଷୀୟାଙ୍କୁ ଗଣବଳାତ୍କାର
- ମୁମ୍ବାଇ ଝିଅଙ୍କ ସହ ଜୟପୁର ହୋଟେଲରେ ବର୍ବରତା
- ପଶ୍ଚିମବଙ୍ଗର ମାଲ୍‌ଦାରେ ମିଳିଲା ବଳାତ୍କୃତାଙ୍କ ମୃତଦେହ



ଦେଶରେ ଯୌନ ପିପାସୁଙ୍କ ବର୍ବରତା ସୀମା ଟପିଲାଣି। ହାଇଦ୍ରାବାଦର ମହିଳା ପ୍ରାଣୀ ଚିକିତ୍ସକଙ୍କୁ ଗଣବଳାତ୍କାର ଓ ହତ୍ୟା ପରେ ତାଙ୍କ ମୃତଦେହକୁ ଜାଳିଦେବା ଘଟଣାକୁ ନେଇ ବିକ୍ଷୋଭ ଥମି ନ ଥିବାବେଳେ ଦିନକୁ ଦିନ ମହିଳା ବିରୋଧୀ ଅପରାଧ ଅଧ୍ୟାୟରେ ଯୋଡ଼ିହୋଇଯାଉଛି ଗୋଟିଏ ପରେ ଗୋଟିଏ ଫର୍ଦ୍ଦ। ଏହିକ୍ରମରେ ଗୁରୁବାର ସାମ୍ନାକୁ ଆସିଛି ଆଉ ୪ଟି ଜଘନ୍ୟକାଣ୍ଡ।

ଉତ୍ତରପ୍ରଦେଶର ସୀତାପୁରରେ ଜଣେ ୧୫ ବର୍ଷୀୟା ବାଳିକାଙ୍କୁ ଗଣବଳାତ୍କାର କରାଯାଇଛି। ଗତ ୩ ତାରିଖରେ ଅଭିଯୁକ୍ତମାନେ ପୀଡ଼ିତାଙ୍କୁ ଏକ ଆଖୁ କ୍ଷେତକୁ ନେଇ ବଳାତ୍କାର କରିବା ପରେ ତାଙ୍କ ହାତଗୋଡ଼କୁ ବାନ୍ଧି ଫେରାର ହୋଇଯାଇଥିଲେ। ବୁଧବାର ପରିବାର ଲୋକେ ଓ ଗ୍ରାମବାସୀ ପୀଡ଼ିତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରିଥିଲେ। ଏହି ମାମଲାରେ ପୋଲିସ ଦୁଇ ଅଭିଯୁକ୍ତ ରୂପେଶ ଓ ଯୋଗୀନ୍ଦ୍ରଙ୍କୁ ଗିରଫ କରି ତଦନ୍ତ ଚଳାଇଥିବା ଏସ୍‌ପି ଏଲ୍.ଆର୍. କୁମାର ସୂଚନା ଦେଇଛନ୍ତି। ସେହିପରି ମୁମ୍ବାଇର ଜଣେ ଝିଅଙ୍କୁ ରାଜସ୍ଥାନ ରାଜଧାନୀ ଜୟପୁରର ଏକ ହୋଟେଲରେ ବଳାତ୍କାର କରାଯାଇଛି। ୧୯ ବର୍ଷୀୟା ପୀଡ଼ିତା ଉକ୍ତ ହୋଟେଲରେ ତାଲିମ ନେଉଥିଲେ। ସେ ତାଙ୍କ ବନ୍ଧୁମାନଙ୍କ ସହ ଶୁକ୍ରବାର ରାତିରେ ଏକ କ୍ଲବ୍ ପାର୍ଟିରେ ଯୋଗଦେଇଥିବାବେଳେ ଉକ୍ତ ହୋଟେଲର କର୍ମଚାରୀ ଅକ୍ଷୟ ତାଙ୍କୁ ବଳାତ୍କାର କରିଥିଲେ। ଏନେଇ ପୀଡ଼ିତା ଖୋ ନାଗୋରିଆନ୍ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଏଯାଏ ଗିରଫ କରିପାରି ନାହିଁ। ଇତିମଧ୍ୟରେ ଗୁରୁବାର ପଶ୍ଚିମବଙ୍ଗର ମାଲ୍‌ଦା ଜିଲାସ୍ଥିତ ଇଂଲିଶ୍ ବଜାରର ଏକ ଆମ୍ବ ବଗିଚାରୁ ସ୍ଥାନୀୟ ପୋଲିସ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରିଛି। ସମ୍ପୃକ୍ତ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ୨୦ ବର୍ଷୀୟା ଯୁବତୀଙ୍କ ପରିଚୟ ନଷ୍ଟ କରିବା ଲାଗି ତାଙ୍କ ମୁହଁ ଓ ଦେହରେ ଅନେକ କ୍ଷତ ଏବଂ ପୋଡ଼ା ଚିହ୍ନ ସୃଷ୍ଟି କରାଯାଇଛି।

**ରେକର୍ଡ ଷଷ୍ଠଥର ପାଇଁ ବାଲୋନ ଡି' ଅର ପୁରସ୍କାର ହାସଲ କରିଥିବା ଲିଓନେଲ ମେସି ବାର୍ସିଲୋନା ପାଇଁ ୭୦୦ତମ ମ୍ୟାଚ ଖେଳିଛନ୍ତି। ଚାମ୍ପିୟନ୍ସ ଲିଗ୍‌ରେ ବୋରୁସିଆ ଡର୍ଟମୁଣ୍ଡ ବିପକ୍ଷରେ ମ୍ୟାଚ୍ ଖେଳି ସେ ଏହି ମାଇଲଖୁଣ୍ଟ ଛୁଇଁଛନ୍ତି। ଏଥି ସହିତ ସେ ସର୍ବାଧିକ ମ୍ୟାଚ୍ ଖେଳିବା ଓ ସର୍ବାଧିକ ଗୋଲ ସ୍କୋର କରିବା ରେକର୍ଡର ନିକଟତର ହୋଇଛନ୍ତି।**

# ମେସି ମାଇଲଷ୍ଟୋନ

ଆର୍ଜେଣ୍ଟିନା ଫୁଟବଲ ସୁପରଷ୍ଟାର ଲିଓନେଲ ମେସି କ୍ୟାରିୟରରେ ଆଉ ଏକ ମାଇଲଖୁଣ୍ଟ ନିକଟତର ହୋଇଛନ୍ତି। କେବଳ ସେତିକି ନୁହେଁ ସେ କିମ୍ବଦନ୍ତୀ ଫୁଟବଲର ପେଲେ ଓ ତାଙ୍କ ପୂର୍ବତନ ବାର୍ସିଲୋନା ସାଥି ଖେଳାଳି ଜାଭି ହେର୍ନାଣ୍ଡେଜଙ୍କ ରେକର୍ଡକୁ ଅତିକ୍ରମ କରିବାର ସମ୍ଭାବନା ସୃଷ୍ଟି କରିଛନ୍ତି। ସେ ନିଜ କ୍ଲବ ବାର୍ସିଲୋନ ପାଇଁ ୭୦୦ତମ ମ୍ୟାଚ୍ ଖେଳିଛନ୍ତି। ଚାମ୍ପିୟନ୍ସ ଲିଗ୍‌ରେ ସେ ଗତ ୨୭ ତାରିଖରେ ବୋରୁସିଆ ଡର୍ଟମୁଣ୍ଡ ବିପକ୍ଷରେ ମ୍ୟାଚ୍ ଖେଳି ଏହି ମାଇଲଖୁଣ୍ଟ ଛୁଇଁଛନ୍ତି। ଗ୍ରୁପ୍ ଏଫ୍‌ର ଏହି ମ୍ୟାଚ୍‌ରେ ମେସି ବାର୍ସିଲୋନାର ନେତୃତ୍ୱ ନେଇଥିଲେ। ଘରୋଇ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ୩-୧ ଗୋଲରେ ବିଜୟୀ ହୋଇ ବାର୍ସିଲୋନା ନକ୍‌ଆଉଟ୍ ପର୍ଯ୍ୟାୟକୁ ଉଠିଛି। ୩୩ତମ ମିନିଟ୍‌ରେ ଗୋଟିଏ ଗୋଲ ଦେଇଥିଲେ। ମୋଟ ଉପରେ ବାର୍ସିଲୋନା ପାଇଁ ମେସି ୬୧୩ଟି ଗୋଲ ସ୍କୋର କରିଛନ୍ତି।

ଏଥିସହିତ ୩୨ ବର୍ଷୀୟ ମେସି କ୍ଲବରେ ରେକର୍ଡ ୭୬୭ ମ୍ୟାଚ୍ ଠାରୁ କିଛି ଦୂରରେ ରହିଛନ୍ତି। ପୂର୍ବରୁ ତାଙ୍କ ବାର୍ସିଲୋନା ସାଥୀ ଖେଳାଳି ତାରକା ମିଡ୍ ଫିଲ୍ଡର ଜାଭି ହେର୍ନାଣ୍ଡେଜ ୭୬୭ ସଂଖ୍ୟକ ମ୍ୟାଚ୍ ଖେଳି ଏହି ରେକର୍ଡ ସ୍ଥାପନ କରିଥିଲେ। ମେସି ଗୋଟିଏ ପରେ ଗୋଟିଏ ରେକର୍ଡ ସୃଷ୍ଟି କରିଚାଲିଛନ୍ତି। ସେ ମଧ୍ୟ ଗତ ସୋମବାର ରେକର୍ଡ ଷଷ୍ଠଥର ପାଇଁ ବିଶ୍ୱ ଫୁଟବଲର ସର୍ବୋଚ୍ଚ ପୁରସ୍କାର ବାଲୋନ ଡି' ଅର ହାସଲ କରିଛନ୍ତି। ଏହି କ୍ରମରେ ନିଜର ପ୍ରତିଦ୍ୱନ୍ଦ୍ୱୀ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କୁ ପଛରେ ପକାଇଛନ୍ତି।

ପୂର୍ବରୁ ଅବଶ୍ୟ ମେସି ବାର୍ସିଲୋନାର ଟପ୍ ଟ୍ରଫି ୱିନର ସାବ୍ୟସ୍ତ ହୋଇଛନ୍ତି। ସେ ଏପର୍ଯ୍ୟନ୍ତ ୩୪ଟି ଟାଇଟଲ ହାସଲ କରି ରେକର୍ଡ ସ୍ଥାପନ କରିଛନ୍ତି। ଏଥିରେ ତାଙ୍କର ୧୧୩ଟି ଷ୍ଟ୍ରାଇକ୍ ସାମିଲ ରହିଛି। ଚାମ୍ପିୟନ୍ସ ଲିଗ୍‌ରେ ୧୪୦ଟି ମ୍ୟାଚ ଖେଳି ସେ ଏହି ସଫଳତା ପାଇଛନ୍ତି। ମେସି ମାତ୍ର ୧୭ ବର୍ଷ ବୟସରେ ୨୦୦୪ରେ ପଦାର୍ପଣ କରିଥିଲେ।

ଚଳିତ ସେସନରେ ଗୋଟିଏ କ୍ଲବ ତରଫରୁ ସେ ୯ଟି କ୍ଲବ ମ୍ୟାଚ୍ ଖେଳି ୧୨ଟି ଗୋଲ ସ୍କୋର କରି କିମ୍ବଦନ୍ତୀ ଫୁଟବଲର ପେଲେଙ୍କ ନିକଟତର ହୋଇଛନ୍ତି। ପେଲେ ୧୯୫୦ରୁ ୧୯୭୦ ମଧ୍ୟରେ ସାଣ୍ଟୋସ୍ ତରଫରୁ ଖେଳି ୬୪୩ଟି ଗୋଲ ସ୍କୋର କରିଥିଲେ। ଚଳିତ ସିଜନ ଶେଷ ଆଡକୁ ଏହି ରେକର୍ଡଗୁଡ଼ିକ ଅତିକ୍ରମ କରିବେ ବୋଲି ଆଶା କରାଯାଉଛି। ବାର୍ସିଲୋନା ସହିତ ମେସି ୪ଥର ୟୁରୋପର ସର୍ବବୃହତ୍ କ୍ଲବ ପୁରସ୍କାର ହାସଲ କରିଛନ୍ତି। ୨୦୧୫ରେ ସେ ଶେଷଥର ପାଇଁ ଏହି ପୁରସ୍କାର ହାସଲ କରିଥିଲେ। ରେକର୍ଡ ୬ଥର ବାଲୋନ ଡି' ଅର ପୁରସ୍କାର ଜିତିଥିବା ମେସି ୬ଥର ୟୁରୋପିଆନ ଗୋଲ୍ଡେନ ବୁଟ୍ ମଧ୍ୟ ହାସଲ କରିଛନ୍ତି।






ନିର୍ମଳ କୁମାର ମିଶ୍ର

# ଫର୍ମୁଲାୱାନ ମୋଟର ରେସିଂ




ଭାଲଟେରି ବୋଟ୍ଟାସ ଓ ଲୁଇସ ହାମିଲଟନ

**୨୦୧୯ ଫର୍ମୁଲାୱାନ ମୋଟର ରେସିଂରେ ମର୍ସିଡିଜ୍‌ର ବ୍ରିଟିଶ୍ ଡ୍ରାଇଭର ଲୁଇସ ହାମିଲଟନ ସବୁଠାରୁ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ହ୍ୟାଟ୍ରିକ ଟାଇଟଲ ଅର୍ଜନ କରିବା ସହ ସେ ମୋଟ ୬ ଥର ପାଇଁ ବିଶ୍ୱ ଚାମ୍ପିୟନ ହୋଇଛନ୍ତି। ଭାଲଟେରି ବୋଟ୍ଟାସ ଦ୍ୱିତୀୟ ଓ ରେଡ୍‌ବୁଲ୍‌ର ମ୍ୟାକ୍ସ ଭର୍ଷ୍ଟାପେନ ତୃତୀୟ ସ୍ଥାନରେ ରହି ସିଜନ ଶେଷ କରିଛନ୍ତି...**

ଅଷ୍ଟ୍ରେଲିଆନ ଗ୍ରାଁ ପ୍ରିରୁ ଆରମ୍ଭ ହୋଇଥିବା ୨୦୧୯ ଫର୍ମୁଲାୱାନ ମୋଟର ରେସିଂ ଆବୁଧାବି ଗ୍ରାଁ ପ୍ରି ସହ ଶେଷ ହୋଇଛି। ଏଥିରେ ବାଜି ମାରିଛନ୍ତି ମର୍ସିଡିଜ୍‌ର ବ୍ରିଟିଶ୍ ଡ୍ରାଇଭର ଲୁଇସ ହାମିଲଟନ। ଟାଇଟଲ୍‌ରେ ହ୍ୟାଟ୍ରିକ ସହ ଏହାକୁ ମିଶାଇ ହାମିଲଟନ ୬ ଥର ପାଇଁ ବିଶ୍ୱ ଚାମ୍ପିୟନ ହୋଇଛନ୍ତି। ପୂର୍ବରୁ ସେ ୨୦୦୮, ୨୦୧୪, ୨୦୧୫, ୨୦୧୭, ୨୦୧୮ ସିଜନରେ ମଧ୍ୟ ଚାମ୍ପିୟନ ହୋଇଥିଲେ। ଫର୍ମୁଲାୱାନର ସଦ୍ୟ ସମାପ୍ତ ସଂସ୍କରଣରେ ସେ ପ୍ରଭାବ ବିସ୍ତାର କରି ୨ଟି ରେସ୍ ବାକିଥାଇ ବିଜୟ ମୁକୁଟ ପିନ୍ଧିବା ନିଶ୍ଚିତ କରିଥିଲେ। ୨୦୧୯ ମୋଟର ରେସିଂ ସିଜନରେ ସେ ମୋଟ ୧୧ଟି ଗ୍ରାଁ ପ୍ରି ଜିତି ୪୧୩ ପଏଣ୍ଟ ହାସଲ କରିଛନ୍ତି। ଅନ୍ୟ କୌଣସି ଡ୍ରାଇଭର ତାଙ୍କ ପାଖାପାଖି ପଏଣ୍ଟ ହାସଲ କରିପାରି ନ ଥିବାବେଳେ ମର୍ସିଡିଜ୍‌ର ଅନ୍ୟତମ ଡ୍ରାଇଭର ଭାଲଟେରି ବୋଟ୍ଟାସ ୪ ଗ୍ରାଁ ପ୍ରି ବିଜୟ ସହ ୩୨୬ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ରେଡ୍‌ବୁଲ୍‌ର ମ୍ୟାକ୍ସ ଭର୍ଷ୍ଟାପେନ ୩ ବିଜୟ ଓ ୨୭୮ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହି ସିଜନ ଶେଷ କରିଛନ୍ତି।

ଫର୍ମୁଲାୱାନ ମୋଟରରେସିଂ ଏକ ବିପଜ୍ଜନକ କ୍ରୀଡ଼ା ହୋଇଥିଲେ ହେଁ ବିଶ୍ୱରେ ଏହାର ଅଗଣିତ ଦର୍ଶକ ରହିଛନ୍ତି। ଏହି କ୍ରୀଡ଼ାର କିମ୍ବଦନ୍ତୀ ଡ୍ରାଇଭର ହେଉଛନ୍ତି ଜର୍ମାନୀର ମାଇକେଲ ସୁମାକର। ସେ ୧୯୯୧ରୁ ୨୦୧୨ ପର୍ଯ୍ୟନ୍ତ ଆଧିପତ୍ୟ ବିସ୍ତାର କରିଥିଲେ। ଫର୍ମୁଲା ୱାନର ବାଦଶାହା ରୂପେ ପରିଚିତ ସୁମାକର ୭ଥର ବିଶ୍ୱ ଚାମ୍ପିୟନ ହୋଇ ରେକର୍ଡର ଅଧିକାରୀ ଅଛନ୍ତି। ସେ ୧୯୯୪, ୧୯୯୫, ୨୦୦୦, ୨୦୦୧, ୨୦୦୨, ୨୦୦୩, ୨୦୦୪ରେ ବିଶ୍ୱ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲେ। ସୁମାକର ବର୍ତ୍ତମାନ ଜୀବିତ ଥିଲେ ହେଁ ଦୁର୍ଘଟଣାର ଶିକାର ହୋଇ ଦୀର୍ଘଦିନ ହେବ କୋମାରେ ଅଛନ୍ତି। ତାଙ୍କ ପଛକୁ ବିଶ୍ୱର ଦ୍ୱିତୀୟ ସଫଳ ଫର୍ମୁଲା ୱାନ ଡ୍ରାଇଭର ରୂପେ କୀର୍ତ୍ତିମାନ ସ୍ଥାପନ କରିଛନ୍ତି ହାମିଲଟନ। ସେ ୬ଥର ବିଶ୍ୱ ଚାମ୍ପିୟନ ହୋଇ ସାରିଥିବାରୁ ସୁମାକରଙ୍କ ରେକର୍ଡ ଭାଙ୍ଗିବା ସମ୍ଭାବନା ସୃଷ୍ଟି କରିଛନ୍ତି।

୨୦୧୯ରେ ଅନୁଷ୍ଠିତ ଶ୍ରେଷ୍ଠ ଗ୍ରାଁ ପ୍ରି ଗୁଡ଼ିକ ମଧ୍ୟରେ ରହିଥିଲା ଅଷ୍ଟ୍ରେଲିଆନ, ଫ୍ରେଞ୍ଚ, ଜର୍ମାନ, ଇଟାଲିଆନ୍, ରୁଷିଆ, ଜାପାନିଜ୍, ମେକ୍ସିକାନ୍, ୟୁଏସ୍, ବ୍ରିଟିଶ, ଅଷ୍ଟ୍ରିଆନ, ହଙ୍ଗେରିଆନ, ସିଙ୍ଗାପୁର ଏବଂ ସ୍ପାନିସ୍ ଗ୍ରାଁପ୍ରି। ଏହି ସିଜନରେ ହାମିଲଟନଙ୍କର ମୁଖ୍ୟତଃ ଭାଲଟେରି ବୋଟ୍ଟାସ, ମ୍ୟାକ୍ସ ଭର୍ଷ୍ଟାପେନ, ଚାର୍ଲ୍ସ ଲେକ୍‌ରେକ୍, ସେବାଷ୍ଟିଆନ ଭେଟେଲଙ୍କ ସହ କଡ଼ା ମୁକାବିଲା ହୋଇଥିଲା। ମାତ୍ର ୨୧ଟିରୁ ଏକାକୀ ୧୧ଟି ଗ୍ରାଁ ପ୍ରି ଜିତି ଅନ୍ୟମାନଙ୍କୁ ବହୁ ପଛରେ ପକାଇ ଦେଇଥିଲେ ହାମିଲଟନ। ସେ ମୋଟ ୧୭ ଥର ପୋଡିୟମ ମଣ୍ଡନ କରିଥିଲେ।

ଫର୍ମୁଲାୱାନ ମୋଟର ରେସିଂ ଇତିହାସରେ ସୁମାକର ଓ ହାମିଲଟନଙ୍କ ପଛକୁ ଜୁଆନ-ମାନୁଏଲ ପାଙ୍ଗିଓ ୫ଟି ଟାଇଟଲ ସହ ୩ୟ ସ୍ଥାନରେ ରହିଛନ୍ତି। ଜର୍ମାନୀର ସେବାଷ୍ଟିଆନ୍ ଭେଟେଲ ମଧ୍ୟ ୪ଥର ବିଶ୍ୱ ଚାମ୍ପିୟନ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଚଳିତ ସିଜନ ଶେଷରେ ହାମିଲଟନ ମୋଟ ୧୫୧ଥର ପୋଡିୟମ ମଣ୍ଡନ କରିଛନ୍ତି। ଏହି ତାଲିକାରେ ସୁମାକର ୧୫୫ ପୋଡିୟମ ମଣ୍ଡନ ସହ ଶୀର୍ଷରେ ଅଛନ୍ତି। ସର୍ବାଧିକ ଫର୍ମୁଲା ୱାନ ଗେମ୍ ଜିତିବାରେ ମଧ୍ୟ ହାମିଲଟନ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ମାଇକେଲ ସୁମାକର ତାଙ୍କର କ୍ୟାରିୟର ମଧ୍ୟରେ ୯୧ଟି ରେସ୍ ଜିତିଥିବା ବେଳେ ହାମିଲଟ୍ ୮୪ଟି ରେସ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଫର୍ମୁଲା ୱାନରେ ମୋଟ ବିଜୟ ହାରକୁ ଦେଖିଲେ ହାମିଲଟନ୍‌ଙ୍କ ସ୍ଥାନ ୩ୟ ସ୍ଥାନରେ ରହିଛି।

## ୨୦୧୯ ଫଳାଫଳ

| ଗ୍ରାଁ ପ୍ରି | ବିଜେତା |
|---|---|
| ଅଷ୍ଟ୍ରେଲିଆନ | ଭାଲଟେରି ବୋଟ୍ଟାସ |
| ବାହାରିନ | ଲୁଇସ ହାମିଲଟନ |
| ଚାଇନିଜ | ଲୁଇସ ହାମିଲଟନ |
| ଆଜରବୈଜାନ | ଭାଲଟେରି ବୋଟ୍ଟାସ |
| ସ୍ପାନିଶ୍ | ଲୁଇସ ହାମିଲଟନ |
| ମୋନାକୋ | ଲୁଇସ ହାମିଲଟନ |
| କାନାଡ଼ିଆନ | ଲୁଇସ ହାମିଲଟନ |
| ଫ୍ରେଞ୍ଚ୍ | ଲୁଇସ ହାମିଲଟନ |
| ଅଷ୍ଟ୍ରିଆନ | ମ୍ୟାକ୍ସ ଭର୍ଷ୍ଟାପେନ |
| ବ୍ରିଟିଶ୍ | ଲୁଇସ ହାମିଲଟନ |
| ଜର୍ମାନ | ମ୍ୟାକ୍ସ ଭର୍ଷ୍ଟାପେନ |
| ହଙ୍ଗେରିଆନ | ଲୁଇସ ହାମିଲଟନ |
| ବେଲଜିଆନ | ଚାର୍ଲ୍ସ ଲେକ୍‌ରେକ୍ |
| ଇଟାଲିଆନ | ଚାର୍ଲ୍ସ ଲେକ୍‌ରେକ୍ |
| ସିଙ୍ଗାପୁର | ସେବାଷ୍ଟିଆନ ଭେଟେଲ |
| ରୁଷିଆନ | ଲୁଇସ ହାମିଲଟନ |
| ଜାପାନିଜ୍ | ଭାଲଟେରି ବୋଟ୍ଟାସ |
| ମେକ୍ସିକାନ | ଲୁଇସ ହାମିଲଟନ |
| ୟୁଏସ | ଭାଲଟେରି ବୋଟ୍ଟାସ |
| ବ୍ରାଜିଲିଆନ | ମ୍ୟାକ୍ସ ଭର୍ଷ୍ଟାପେନ |
| ଆବୁଧାବି | ଲୁଇସ ହାମିଲଟନ |








ଶୁଭେଚ୍ଛା ବାର୍ତ୍ତା

ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ଏହାର ଉନ୍ନତି କାମନା କରିବା ସହ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଉଛି।

ମମତା ବେହେରା
ଅଧ୍ୟକ୍ଷା, ଏନ୍.ଏ.ସି.
ବାଲିଗୁଡ଼ା, ଜି: କନ୍ଧମାଳ

ଧରିତ୍ରୀର ୪୫ତମ ବର୍ଷ ପୂର୍ତ୍ତି ଅବସରରେ "ପ୍ରକୃତିମିତ୍ର" ପ୍ରାପ୍ତ ପ୍ରତାପଶାସନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ବୃନ୍ଦମାନଙ୍କ ତରଫରୁ ଶୁଭେଚ୍ଛା ।

ପ୍ରତାପଶାସନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ
ବାଲକାଟି, ଖୋର୍ଦ୍ଧା

ବନ୍ତଳା ଅଞ୍ଚଳର ଦୀପଶିଖା

ଶ୍ରୀ ଚନ୍ଦ୍ରଶେଖର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବନ୍ତଳା ୧୯୮୬ ମସିହାରୁ ଆଜି ପର୍ଯ୍ୟନ୍ତ +୨ ଶିକ୍ଷାଦାନ କରି ବନ୍ତଳା ଅଞ୍ଚଳର ଶୈକ୍ଷିକ ଅଭିବୃଦ୍ଧିରେ ଏକ ଆଦର୍ଶ ଶିକ୍ଷାନୁଷ୍ଠାନ ରୂପେ ପରିଚିତ। ଉଭୟ ବାଳକ ଓ ବାଳିକାମାନଙ୍କ ପାଇଁ ହଷ୍ଟେଲ ସୁବିଧା ଥିବା ଏହି ବିଦ୍ୟାଳୟରେ +୨ ବିଜ୍ଞାନ ଓ କଳା ପାଠ୍ୟକ୍ରମ ପାଇଁ ଯଥାକ୍ରମେ ୧୯୨ ଓ ୨୫୬ ସିଟ୍ ରହିଛି। ଗତବର୍ଷମାନଙ୍କରେ ପ୍ରାୟ ୭୫% ଫଳାଫଳ ଅର୍ଜନ କରିଥିବା ଏହି ଶିକ୍ଷାନୁଷ୍ଠାନ ଅନୁଗୋଳ ଜିଲ୍ଲାର ଛାତ୍ରଛାତ୍ରୀଙ୍କ ପାଇଁ ଏକ ମୁଖ୍ୟ ଆକର୍ଷଣ।








ଧରିତ୍ରୀ
DHARITRI
Friday , 6 December 2019



| Dollar | Sensex | Nifty | Gold | Silver |
| --- | --- | --- | --- | --- |
| 71.29 (24) | 40,779.59 (70.70) | 12,018.40 (24.80) | 38,985.00 (₹74) | 45,539.00 (₹771) |



"ମାନ୍ଦାବସ୍ଥାକୁ ନେଇ ସରକାର ଅନ୍ଧାରରେ ଅଛନ୍ତି। ଅର୍ଥ ବ୍ୟବସ୍ଥାକୁ ନେଇ ପ୍ରଧାନମନ୍ତ୍ରୀ ଚୁପ୍ ରହିବା ଅତ୍ୟନ୍ତ ଚିନ୍ତାଜନକ।"
–ପି.ଚିଦାମ୍ବରମ, ପୂର୍ବତନ ଅର୍ଥମନ୍ତ୍ରୀ

"୨୦୧୮–୧୯ରେ ଖାଉଟିଙ୍କ ଖର୍ଚ୍ଚ ବଢ଼ିଛି। ଖାଉଟିଙ୍କ ଖର୍ଚ୍ଚ କମିବା ନେଇ ଆସିଥିବା ରିପୋର୍ଟ ଏକ ଭ୍ରାନ୍ତ ଧାରଣା।"
–ରାଓ ଇନ୍ଦରଜିତ ସିଂ, ପରିସଂଖ୍ୟାନ ରାଷ୍ଟ୍ରମନ୍ତ୍ରୀ



## ସଂକ୍ଷେପରେ

### ରେକର୍ଡ ସ୍ତରରେ ବିଦେଶୀ ମୁଦ୍ରା ଭଣ୍ଡାର

ମୁମ୍ବାଇ,୫-୧୨: ଦେଶର ବିଦେଶୀ ମୁଦ୍ରା ଭଣ୍ଡାର ନୂଆ ରେକର୍ଡ ସ୍ତର ଛୁଇଁଛି। ଏହି ସମୟରେ ଏହା ୪୫୧.୭ ବିଲିୟନ ଡଲାରକୁ ବୃଦ୍ଧି ଘଟିଛି। ଚଳିତ ଆର୍ଥିକ ବର୍ଷ ବର୍ତ୍ତମାନ ସମୟ ପର୍ଯ୍ୟନ୍ତ ବିଦେଶୀ ମୁଦ୍ରା ଭଣ୍ଡାରରେ ୩୮.୮ ବିଲିୟନ ଡଲାର ବୃଦ୍ଧି ଘଟିଥିବା ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି। ନଭେମ୍ବର ୨୨ ପରଠାରୁ ଏଥିରେ ୩୪୭ ନିୟୁତ ବୃଦ୍ଧି ଘଟିଛି। ମାତ୍ର ପ୍ରଥମ ଥର ଲାଗି ଏହା ୪୫୦ ବିଲିୟନ ଡଲାର ଟପିଥିବା ଜଣାପଡିଛି।

### ପିଏମ୍‌ସି ଠକେଇର ଫୋରେନସିକ ଅଡିଟ୍ ରିପୋର୍ଟ ଶୀଘ୍ର

ମୁମ୍ବାଇ,୫-୧୨: ଠକେଇ ଦ୍ୱାରା ପ୍ରଭାବିତ ପଞ୍ଜାବ ଆଣ୍ଡ ମହାରାଷ୍ଟ୍ର ବ୍ୟାଙ୍କର ଫୋରେନସିକ ରିପୋର୍ଟ ଚଳିତ ମାସ ଶେଷ ସୁଦ୍ଧା ଆସିବ ବୋଲି ରିଜର୍ଭ ବ୍ୟାଙ୍କ କହିଛି। ଏହା ଆସିଲେ ଋଣ ନେଇଥିବା ବ୍ୟକ୍ତି ବିଶେଷଙ୍କ ସମ୍ପତ୍ତିର ମୂଲ୍ୟ ନିର୍ଦ୍ଧାରଣ କରିବା ସହଜ ହେବ ବୋଲି କେନ୍ଦ୍ରୀୟ ବ୍ୟାଙ୍କ କହିଛି।

### ସିଆର୍‌ଆଇଏଲ୍‌ସି ଅଧୀନକୁ ଆସିବେ ସମବାୟ ବ୍ୟାଙ୍କ

ମୁମ୍ବାଇ,୫-୧୨: ସେଣ୍ଟ୍ରାଲ ରିପୋଜିଟୋରି ଅଫ୍ ଇନଫରମେଶନ ଅନ୍ ଲାର୍ଜ କ୍ରେଡିଟ୍ସ(ସିଆର୍‌ଆଇଏଲ୍‌ସି) ପରିସରକୁ ସମବାୟ ବ୍ୟାଙ୍କଗୁଡିକୁ ଆଣିବାକୁ କେନ୍ଦ୍ରୀୟ ବ୍ୟାଙ୍କ ପ୍ରସ୍ତାବ ଦେଇଛି। ଯେଉଁ ବ୍ୟାଙ୍କଗୁଡ଼ିକର ମୋଟ ସମ୍ପତ୍ତି ୫୦୦ କୋଟି ଟଙ୍କାରୁ ଅଧିକ ସେମାନେ ଏହା ପରିସରକୁ ଆଣିବାକୁ କୁହାଯାଇଛି। ପିଏମ୍ ସି ଭଳି ବ୍ୟାଙ୍କ ଠକେଇ ଉପରେ ରୋକ ଲଗାଇବା ଲାଗି ଏଭଳି ନିଷ୍ପତ୍ତି ହୋଇଛି।

# ଅଭିବୃଦ୍ଧି ପୂର୍ବାନୁମାନ ଖସାଇଲା ଆର୍‌ବିଆଇ

ମୁମ୍ବାଇ,୫-୧୨



- ରେପୋ ହାର ୫.୧୫%
- ମୁଦ୍ରାସ୍ଫୀତି ପୂର୍ବାନୁମାନ ୫.୧-୪.୭%
- ୪୫୧.୧ ବିଲିୟନ ସ୍ତରରେ ବିଦେଶୀ ମୁଦ୍ରାଭଣ୍ଡାର
- ପରବର୍ତ୍ତୀ ଏମ୍‌ପିସି ବୈଠକ ୨୦୨୦ ଫେବୃୟାରୀ ୪ରୁ ୬

ରିଜର୍ଭ ବ୍ୟାଙ୍କ ଗୁରୁବାର ରେପୋ ରେଟକୁ ଅପରିବର୍ତ୍ତିତ ୫.୧୫% ରଖିଛି। ଜିଡ଼ିପି ଅଭିବୃଦ୍ଧିକୁ ଧ୍ୟାନରେ ରଖି ଏହାର ପଦକ୍ଷେପ ଧାରାକୁ ବଜାୟ ରଖିବା ଉପରେ କେନ୍ଦ୍ରୀୟ ବ୍ୟାଙ୍କ ଗୁରୁତ୍ୱାରୋପ କରିଛି। ଏପରି ସ୍ଥିତିରେ ୨୦୧୯–୨୦ ଆର୍ଥିକ ବର୍ଷ ଲାଗି ଭାରତର ଜିଡିପି ଅଭିବୃଦ୍ଧି ୫% ରହିବ ବୋଲି ଏହା ପରିବର୍ତ୍ତିତ ପୂର୍ବାନୁମାନରେ ପ୍ରକାଶ କରିଛି। ଚଳିତ ଆର୍ଥିକ ବର୍ଷ ଜିଡିପି ଅଭିବୃଦ୍ଧି ୬.୧% ରହିବ ବୋଲି କେନ୍ଦ୍ରୀୟ ବ୍ୟାଙ୍କ କହିଥିଲା। ସୁଧ ହାରରେ ହ୍ରାସରେ ବର୍ତ୍ତମାନ ଲାଗିଥିବା ରୋକ କ୍ଷଣସ୍ଥାୟୀ ବୋଲି ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି। ଚଳିତ ବର୍ଷ ମୋଟ ୫ ଥରରେ ହ୍ରାସ ହୋଇଥିବା ୧୩୫ ବେସିସ ପଏଣ୍ଟ ରେପୋର ପ୍ରଭାବ ଅର୍ଥନୀତି ଉପରେ କ'ଣ ରହୁଛି ତାର ତର୍ଜମା କରାଯିବ। ବ୍ୟାଙ୍କଗୁଡ଼ିକ ବର୍ତ୍ତମାନ ୪୪ ବେସିସ୍ ପଏଣ୍ଟ ପର୍ଯ୍ୟନ୍ତ ସୁଧହାର ହ୍ରାସର ଲାଭ ଗ୍ରାହକଙ୍କୁ ଦେଇଥିବା ସେ କହିଛନ୍ତି। ସବୁ ସମୟରେ ସୁଧ ହାର ହ୍ରାସ କରାଯାଇ ପାରିବନାହିଁ। କେନ୍ଦ୍ରୀୟ ବ୍ୟାଙ୍କ ଏବଂ ସରକାର ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପର ପ୍ରଭାବ କ'ଣ ରହୁଛି ତାର ବିଚାର କରାଯାଉଥିବା ସେ ମତ ରଖିଛନ୍ତି।

ସେ ପୁଣି କହିଛନ୍ତି ଯେ, ସରକାର ଗ୍ରହଣ କରିଥିବା ପଦକ୍ଷେପ ଗ୍ରାହକଙ୍କ ମନୋଭାବରେ ପରିବର୍ତ୍ତନ ଆଣିବା ଏବଂ ଚାହିଦା ବଢାଇବା ଦିଗରେ କାର୍ଯ୍ୟ କରୁଛି। ଅଭିବୃଦ୍ଧିକୁ ନଜରରେ ରଖି ବିତ୍ତୀୟ ଏବଂ ମୁଦ୍ରାନୀତି କ୍ଷେତ୍ରରେ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଛି। ସରକାର ବିତ୍ତୀୟ ନିଅଣ୍ଟ ଧାର୍ଯ୍ୟ ଲକ୍ଷ୍ୟକୁ ହାସଲ ନ କରି ପାରିଲେ ମଧ୍ୟ କେନ୍ଦ୍ରୀୟ ବ୍ୟାଙ୍କ ଏଥିଲାଗି ଚିନ୍ତିତ ନୁହେଁ। ଆସନ୍ତା ଫେବୃୟାରୀରେ ସରକାରଙ୍କ ବଜେଟ ଏବଂ ଡାଟା ଆସିଲା ପରେ ପୁଣି ଥରେ ସୁଧ ହାର ହ୍ରାସ ନେଇ ବିଚାର କରାଯିବ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ବାରମ୍ବାର ସୁଧହାର ହ୍ରାସ କରିବା ଅପେକ୍ଷା ବର୍ତ୍ତମାନ ଯାଏ ଯାହା ପଦକ୍ଷେପ ନିଆଯାଇଛି ତା'ର ପ୍ରଭାବକୁ ବିଚାର କରି ପରବର୍ତ୍ତୀ ଯୋଜନା ହାତକୁ ନିଆଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅକ୍ଟୋବରରେ ମୁଦ୍ରାସ୍ଫୀତି ୪.୬% ରହିଛି ଯାହା କେନ୍ଦ୍ରୀୟ ବ୍ୟାଙ୍କ ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ। ଏହାକୁ ବିଚାର କରି ଚଳିତ ବର୍ଷ ଦ୍ୱିତୀୟାର୍ଦ୍ଧ ଲାଗି ମୁଦ୍ରାସ୍ଫୀତି ପୂର୍ବାନୁମାନକୁ ୫.୧–୪.୭% କରିଛି। ଏହା ପୂର୍ବରୁ ୩.୫–୩.୭% ରହିଥିଲା। ପ୍ରଥମଥର ଲାଗି ଅକ୍ଟୋବରର ମୁଦ୍ରାସ୍ଫୀତି ମଧ୍ୟମ ମିଆଦୀ ଲକ୍ଷ୍ୟଠାରୁ ଟପି ୪% ରହିଛି। ପିଆଜ ଏବଂ ଟମୋଟୋ ଭଳି ପନିପରିବା ଦର ବଢ଼ିବା ଯୋଗୁ ମୁଦ୍ରାସ୍ଫୀତି ବଢ଼ିଥିବା ଗଭର୍ନର ଦାସ ମତ ରଖିଛନ୍ତି।

### ନୂଆ ପ୍ରିପେଡ କାର୍ଡ ଆଣିବାକୁ ପ୍ରସ୍ତାବ

କେନ୍ଦ୍ରୀୟ ବ୍ୟାଙ୍କ ନୂଆ ପ୍ରିପେଡ ପେମେଣ୍ଟ ଇନଷ୍ଟ୍ରୁମେଣ୍ଟ (ପିପିଆଇ) ଲାଗୁ କରିବାକୁ ପ୍ରସ୍ତାବ ଦେଇଛି। ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ସାମଗ୍ରୀ ଏବଂ ସେବା କ୍ଷେତ୍ରରେ ଏଭଳି ପ୍ରିପେଡ କାର୍ଡ ବ୍ୟବହାର କରାଯାଇପାରିବ। ଡିଜିଟାଲ ପେମେଣ୍ଟ ପ୍ରୋତ୍ସାହନ ଦିଗରେ ପିପିଆଇ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଏହା ଲାଗୁ ହେଲେ ଡିଜାଟାଲ ନେଣଦେଣ ଧାରା ତ୍ୱରାନ୍ୱିତ ହେବ ବୋଲି ଆର୍‌ବିଆଇ କହିଛି।

### ପିଟୁପି ଲେଣ୍ଡରଙ୍କ ଲାଗି ଋଣ ସୀମା ବଢ଼ିଲା

ପିଅର ଟୁ ପିଅର (ପିଟୁପି) ଲେଣ୍ଡିଂ ପ୍ଲାଟଫର୍ମକୁ ବୃଦ୍ଧି କରିବା ଲାଗି ରିଜର୍ଭ ବ୍ୟାଙ୍କ ପଦକ୍ଷେପ ନେଇଛି। ଏହା ଦ୍ୱାରା ପିଟୁପି ଲେଣ୍ଡରଙ୍କ ମୋଟ ଋଣ ପ୍ରଦାନ ସୀମା ୫୦ ଲକ୍ଷ ଟଙ୍କାକୁ ବଢ଼ିଛି। ଏହା ବର୍ତ୍ତମାନ ୧୦ ଲକ୍ଷ ରହିଥିବା ବେଳେ ସୀମାକୁ ୫୦ ଲକ୍ଷକୁ ବଢାଯାଇଛି।

### ଡିଜିଟାଲ କରେନ୍ସି ନେଇ ବିଚାର

ରିଜର୍ଭ ବ୍ୟାଙ୍କ ବର୍ତ୍ତମାନ ଡିଜିଟାଲ କରେନ୍ସି ଆଣିବା ନେଇ ସ୍ପଷ୍ଟ ଭାବେ କହି ହେବ ନାହିଁ ବୋଲି ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି। ଏ ନେଇ କହିବା ବର୍ତ୍ତମାନ ସମୟ ଆସିନାହିଁ। ବର୍ତ୍ତମାନ ଟେକ୍ନୋଲୋଜି କ୍ଷେତ୍ରରେ କିଛିଟା ଅସୁବିଧା ରହିଛି। ମାତ୍ର ଏହି ପ୍ରସଙ୍ଗ ଉପରେ ବିଚାର କରାଯାଉଛି। ପ୍ରାଇଭେଟ ଡିଜିଟାଲ କରେନ୍ସି ବିପକ୍ଷରେ ରିଜର୍ଭ ବ୍ୟାଙ୍କ ରହିଥିବା ଗଭର୍ନର ଦାସ ସ୍ପଷ୍ଟ କରିଛନ୍ତି। ଏହା ଦ୍ୱାରା ରିଜର୍ଭ ବ୍ୟାଙ୍କର ସାର୍ବଭୌମ କ୍ଷମତାକୁ ପ୍ରଶ୍ନବାଚୀ ସୃଷ୍ଟି ହେଉଥିବା ସେ ମତ ଦେଇଛନ୍ତି।

# ଟିଭିଏସ୍‌ର ନୂଆ ଏକ୍ସଏଲ୍ ୧୦୦




ଭୁବନେଶ୍ୱର,୫-୧୨

ଟିଭିଏସ୍ ପକ୍ଷରୁ ନୂଆ ଟିଭିଏସ୍ ଏକ୍ସଏଲ୍ ୧୦୦ କମ୍ଫର୍ଟ ଆଇ-ଟଚ୍ ଷ୍ଟାର୍ଟ ଓଡ଼ିଶା ବଜାରରେ ପ୍ରବେଶ କରିଛି। ଏହାକୁ ୟୁଟିଲିଟି ପ୍ରଡକ୍ଟ ମାର୍କେଟିଂ ଡିଜିଏମ୍ ଏନ୍‌ଆର୍ ବିଶ୍ଳେଷ ଏବଂ ଏରିଆ ମ୍ୟାନେଜର ଡି.ବାପିରାଜୁ ବଜାର ପ୍ରବେଶ କରାଇଛନ୍ତି। ନୂଆ ମଡେଲଟିରେ ଆଇ-ଟଚ୍ ଷ୍ଟାର୍ଟ, ମୋବାଇଲ ଚାର୍ଜିଂ ବିକଳ୍ପ, ସିଙ୍କ୍ ବ୍ରେକିଂ ଟେକ୍ନୋଲୋଜି, ଏଲ୍‌ଇଡି ଡିଆର୍‌ଏଲ୍, ହାଇଡ୍ରୋଲିକ ସସ୍‌ପେନ୍‌ସନ, ଆରାମ ଏବଂ ଦୀର୍ଘ ଡୁଆଲ ଟୋନ ସିଟ୍, କୁସନ ବ୍ୟାକ୍ ସିଟ୍, ଉନ୍ନତ ଷ୍ଟାଇଲିଂ ଏଲିମେଣ୍ଟ, କ୍ରୋମ ଲେଗ୍ ଗାର୍ଡ ଏବଂ କ୍ରୋମ ସାଇଲେନ୍ସର ଗାର୍ଡ ଭଳି ବୈଶିଷ୍ଟ୍ୟ ରହିଛି। ଏହା କୁଲ୍ ମିଣ୍ଟ ବ୍ଲୁ, ଲଷ୍ଟର ଗୋଲ୍ଡ, ସ୍ପାର୍କଲିଙ୍ଗ ସିଲଭର ରଙ୍ଗ ସହ ବଜାରକୁ ଆସିଛି। ଏହାର ଏକ୍ସ ଶୋରୁମ ଓଡ଼ିଶା ବଜାର ଦର ୪୦,୭୭୮ ଟଙ୍କା ରହିଛି ବୋଲି ଟିଭିଏସ୍ ମୋଟର କମ୍ପାନୀର ୟୁଟିଲିଟି ପ୍ରଡକ୍ଟ ଉପସଭାପତି ଏସ୍.ବୈଦ୍ୟନାଥନ କହିଛନ୍ତି।

# ଭୁବନେଶ୍ୱରରେ ହିଲିୟସର ନୂଆ ଷ୍ଟୋର



ଭୁବନେଶ୍ୱର,୫-୧୨

ଟାଇଟାନ କମ୍ପାନୀ ଲିମିଟେଡର ପ୍ରିମିୟମ ୱାଚ ରିଟେଲର ହିଲିୟସର ଦ୍ୱିତୀୟ ଷ୍ଟୋର ଭୁବନେଶ୍ୱରରେ ଶୁଭାରମ୍ଭ ହୋଇଛି। ସ୍ଥାନୀୟ ଚନ୍ଦ୍ରଶେଖରପୁରସ୍ଥିତ ତନିଷ୍କ ଏବଂ କ୍ୟାରେଟଲେନ ଶୋ'ରୁମ୍ ନିକଟରେ ୭୦୦ ବର୍ଗଫୁଟ ପରିମିତ ସ୍ଥାନରେ ଏହା ଖୋଲିଛି। ନୂଆ ଶୋ'ରୁମକୁ ଟାଇଟାନ କମ୍ପାନୀ ଲିମିଟେଡର ଡବ୍ଲ୍ୟୁଓଟି,ହିଲିୟସ, ଫାଷ୍ଟ୍ରାକ ରିଟେଲ ହେଡ ଅଜୟ ଦ୍ୱିବେଦୀ, ବିଜନେସ ଆସୋସିଏଟ ପପୁ ହଂସ, ହିଲିୟସର ନ୍ୟାଶନାଲ ବିଜନେସ ମ୍ୟାନେଜର ରାମ ଚନ୍ଦ୍ରନ, ରିଜିଅନାଲ ବିଜନେସ ମ୍ୟାନେଜର ଜୟକିଶନ ମେହେଟା ଉନ୍ମୋଚନ କରିଥିଲେ। ନୂଆ ଷ୍ଟୋରରେ ଟାଇଟନ ଷ୍ଟାଇଲରେ ସର୍ବୋତ୍ତମ ଗ୍ରାହକମାନେ ସର୍ବୋତ୍ତମ ଗ୍ରାହକ ସେବା ପାଇ ପାରିବେ ବୋଲି ରିଟେଲ ହେଡ ଦ୍ୱିବେଦୀ କହିଛନ୍ତି। ଏହା ଦ୍ୱାରା ଗ୍ରାହକ ପରିବର୍ଦ୍ଧିତ କ୍ରୟ ଅଭିଜ୍ଞତା ଲାଭ କରିବାକୁ ସକ୍ଷମ ହେବେ। ଗ୍ରାହକଙ୍କ ଲାଗି ପ୍ରିମିୟମ ତଥା ହାଇଏଣ୍ଡ ଫ୍ୟାଶନେବଲ ହାତଘଣ୍ଟା ଯୋଗାଣଧାରା ଜାରି ରହିବ। ଗୋଟିଏ ଛାତ ତଳେ ଗ୍ରାହକ ଅନ୍ତର୍ଜାତୀୟ ବ୍ରାଣ୍ଡକୁ ପରଖି ନିଜ ମନ ପସନ୍ଦର ପ୍ରଡକ୍ଟ ନେଇ ପାରିବେ ବୋଲି ସେ ସୂଚନା ଦେଇଛନ୍ତି। ଏହା ହିଲିୟସର ୮୮ତମ ଷ୍ଟୋର। ଏହି ଅବସରରେ ଟମି ହିଲଫିଗର, ପୋଲିସ୍, କେନ୍ନେଥ କୋଲେ, ସିକୋ ଏବଂ ସିଟିଜେନ ଭଳି ଅନ୍ୟ ଅନ୍ତର୍ଜାତୀୟ ବ୍ରାଣ୍ଡ ହାତଘଣ୍ଟା ଉପରେ ଫ୍ଲାଟ ୧୦% ରିହାତି ପ୍ରଦାନ କରାଯାଉଛି। ଏହି ଅଫର ଡିସେମ୍ବର ୬ରୁ ୮ ଯାଏ ଉପଲବ୍ଧ ରହିବ।

# ସଞ୍ଜୀବ କୁମାର ରାଉତଙ୍କୁ ପରିବର୍ତ୍ତନକାରୀ ଅଧିନାୟକ ସମ୍ମାନ

ଭୁବନେଶ୍ୱର,୫-୧୨



ସିଭି ରମଣ ଇଞ୍ଜିନିୟରିଂ କଲେଜର ଅଧ୍ୟକ୍ଷ ସଞ୍ଜୀବ କୁମାର ରାଉତଙ୍କୁ ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ(ଫିକି) ପକ୍ଷରୁ ପରିବର୍ତ୍ତନକାରୀ ଅଧିନାୟକ ସମ୍ମାନ ୨୦୧୯ରେ ସମ୍ମାନିତ କରାଯାଇଛି। ଦକ୍ଷତା ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ଲାଗି ତାଙ୍କୁ ଏଭଳି ପୁରସ୍କାର ମିଳିଛି। ନିକଟରେ ଫିକି ପକ୍ଷରୁ ଦିଲ୍ଲୀରେ ଏକ କାର୍ଯ୍ୟକ୍ରମରେ ସଞ୍ଜୀବ ରାଉତଙ୍କ ପକ୍ଷରୁ ତାଙ୍କ ଧର୍ମପତ୍ନୀ ଶୈଳଜା ରାଉତ କେନ୍ଦ୍ର ରାଜପଥ ଏବଂ ପରିବହନ ମନ୍ତ୍ରୀ ନୀତିନ ଗଡକରୀଙ୍କଠାରୁ ଏହି ପୁରସ୍କାର ଲାଭ କରିଛନ୍ତି। ଉଚ୍ଚ ଶିକ୍ଷା କ୍ଷେତ୍ରରେ ନିଜର ପ୍ରତିବଦ୍ଧତା, ଆବେଗ, ଉତ୍ସର୍ଗୀକୃତ ମନୋଭାବ ପାଇଁ ସେ ଏହି ସମ୍ମାନାସ୍ପଦ ଆୱାର୍ଡ ଲାଗି ଯୋଗ୍ୟ ବିବେଚିତ ହୋଇ ପାରିଛନ୍ତି। ତାଙ୍କର ଉତ୍ତମ କାର୍ଯ୍ୟଶୈଳୀ ଯୋଗୁ ସେ ଅନ୍ୟମାନଙ୍କ ଲାଗି ପ୍ରେରଣା ହୋଇ ପାରିଛନ୍ତି। ଅନ୍ତର୍ଜାତୀୟ ସଂସ୍ଥା ସହଭାଗିତାରେ ବିଶ୍ୱସ୍ତରୀୟ ଶିକ୍ଷାକେନ୍ଦ୍ର ସ୍ଥାପନ ଦିଗରେ ଯୋଗଦାନ ଲାଗି ସେ ବିଭିନ୍ନ ସ୍ଥାନରେ ପ୍ରଶଂସିତ ହୋଇଥିବା ସିଭି ରମଣ ପକ୍ଷରୁ ସୂଚନା ରହିଛି।

# ଗ୍ରୀଭସ୍‌ର ନୂଆ ଶୋ'ରୁମ୍

ଭୁବନେଶ୍ୱର, ୫-୧୨



ପ୍ରମୁଖ କମ୍ପାନୀ ଗ୍ରୀଭସ୍‌ର ନୂଆ ଶୋ'ରୁମ ସ୍ଥାନୀୟ ପାତ୍ରପଡାସ୍ଥିତ 'ତୃପ୍ତିୱାନ' ଡିଲରଶିପରେ ଶୁଭାରମ୍ଭ ହୋଇଛି। ଏହାକୁ ତୃପ୍ତିୱାନର ଡିଲର ପ୍ରିନ୍ସିପାଲ ମାନସ ରଞ୍ଜନ ଦାସ, ଗ୍ରୀଭସ ରିଟେଲ ବିଜନେସର ଏରିଆ ମ୍ୟାନେଜର ଜେ.ସବୀର, ଆମ୍ପିୟର ବିଜନେସର ସିଇଓ ପି.ସଞ୍ଜୀବ ଏବଂ ଶୋ'ରୁମ ମ୍ୟାନେଜର ରାଜେଶ କୁମାର ବେହେରା ଉନ୍ମୋଚନ କରିଥିଲେ। ଏହି ଅବସରରେ ଗ୍ରୀଭସ ଅଧୀନସ୍ଥ ଆମ୍ପିୟର ଇଲେକଟ୍ରିକ ମୋବିଲିଟ ସଲ୍ୟୁଶନର ଇ-ସ୍କୁଟର ବଜାର ପ୍ରବେଶ ହୋଇଥିଲା। ପ୍ରାଥମିକ ପର୍ଯ୍ୟାୟରେ କମ୍ପାନୀ ଜିଲ୍, ମ୍ୟାଗନସ୍ ଏବଂ ରିଓ ଭଳି ମଡେଲ ଆଣିଛି। ଆଗାମୀ ଦିନରେ ଭି-୪୮ ମଡେଲ ଆଣିବାକୁ ଯୋଜନା ରଖିଛି। ଏହି ଯାନଗୁଡିକରେ ଗ୍ରାହକ ସର୍ବୋତ୍ତମ ପରଫରମାନ୍ସ, ଉଚ୍ଚ ଇକୋନୋମୀ ଏବଂ ସୁବଜ ଟେକ୍ନୋଲୋଜି ଲାଭ କରିପାରିବେ। ମଡେଲଗୁଡ଼ିକରେ ଲିଥିୟମ ଆୟନ, ଲିଡ ଏସିଡ ବ୍ୟାଟେରି ରହିଛି। କିମି ପିଛା ରନିଙ୍ଗ କଷ୍ଟ ୧୫ ପଇସା ରହିଛି। ସେହିଭଳି ଗ୍ରାହକ ସେଫ୍ ସ୍ପିଡ ଲିମିଟ ଲାଭ କରିପାରିବେ। ଯାନର ବ୍ୟାଟେରିକୁ ସହଜରେ ଚାର୍ଜ କରାଯାଇ ପାରିବ। ସେହିଭଳି ସ୍ୱଳ୍ପ ପରିଚାଳନା ଖର୍ଚ୍ଚ, ଦୃଢ ସର୍ଭିସ ବ୍ୟାକଅପ୍, ୨ ଜଣ ବସିବା ସୁବିଧା ଲାଭ କରିପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ହ୍ୟୁଣ୍ଡାଇର ସ୍ମାର୍ଟ ମୋବିଲିଟି ଯୋଜନା

ସିଓଲ,୫-୧୨: ଭବିଷ୍ୟତର ସ୍ମାର୍ଟ ମୋବିଲିଟି ଶିଳ୍ପରେ ଏକ ପ୍ରମୁଖ ସ୍ଥାନରେ ରହିବା ଲାଗି ହ୍ୟୁଣ୍ଡାଇ ମୋଟର୍ସ କମ୍ପାନୀ ଲକ୍ଷ୍ୟ ରଖିଥିବା କହିଛି। ଏହାକୁ ଧ୍ୟାନରେ ରଖି କମ୍ପାନୀ ଷ୍ଟ୍ରାଟେଜି ୨୦୨୫ ନାମରେ ନୂଆ ରୋଡ ମ୍ୟାପ ପ୍ରସ୍ତୁତ କରିଛି। ଏହି ପଦକ୍ଷେପ ଅନ୍ତର୍ଗତ ହ୍ୟୁଣ୍ଡାଇ ସ୍ମାର୍ଟ ମୋବିଲିଟି ଡିଭାଇସ ଏବଂ ସ୍ମାର୍ଟ ମୋବିଲିଟି ସର୍ଭିସକୁ ଏହାର ଦୁଇ ମୁଖ୍ୟ ସ୍ତମ୍ଭ ଭାବେ ଗୁରୁତ୍ୱ ଦେବାକୁ ଯୋଜନା ରଖିଛି। ଏହି ଦୁଇଟିର ମିଶ୍ରଣରେ କମ୍ପାନୀ ଏକ ସ୍ମାର୍ଟ ମୋବିଲିଟି ସଲ୍ୟୁଶନ ପ୍ରଦାନକାରୀ ଭାବେ ଅଗ୍ରସର ହେବାକୁ ଲକ୍ଷ୍ୟ ରଖିଛି। ଏହି ସମୟରେ କମ୍ପାନୀ ପର୍ସନାଲ ଏୟାର ଭେଇକିଲ, ରବୋଟିକ୍ସ, ଲାଷ୍ଟ ମାଇଲ ମୋବିଲିଟି, ଅର୍ବାନ ଏୟାର ମୋବିଲିଟି, ଇଣ୍ଟରନାଲ କମ୍ବସନ ଇଞ୍ଜିନ, ଭେଇକିଲ ଇଲେକ୍ଟ୍ରିଫିକେଶନ ଭଳି କ୍ଷେତ୍ରରେ କାର୍ଯ୍ୟ କରିବାକୁ ଯୋଜନା ଧାର୍ଯ୍ୟ କରିଛି। ୨୦୨୫ ସୁଦ୍ଧା ଇ–ଯାନର ବ୍ୟାଟେରି ଏବଂ ଫୁଏଲ ସେଲ୍ ନିର୍ମାଣ କ୍ଷେତ୍ରରେ ଏହା ଶୀର୍ଷ ୩ କମ୍ପାନୀ ମଧ୍ୟରେ ସ୍ଥାନୀତ ହେବା ଲକ୍ଷ୍ୟ ନେଇ ଅଗ୍ରସର ହେଉଥିବା କହିଛି।

# ସୋନିର ନୂଆ ମିରର୍ ଲେସ୍ କ୍ୟାମେରା

ନୂଆଦିଲ୍ଲୀ,୫-୧୨: ସୋନି ପକ୍ଷରୁ ୨ ମିରର ଲେସ୍ କ୍ୟାମେରା ଆଲଫା ୬୬୦୦ ଏବଂ ଆଲଫା ୬୧୦୦ ବଜାରକୁ ଆସିଛି। ଏହି ମଡେଲଗୁଡିକରେ ସୋନିର ଅତ୍ୟାଧୁନିକ ଟେକ୍ନୋନୋଜି ରହିଛି। ଏଥିରେ ଅଟୋଫୋକସ ପରଫରମାନ୍ସ, ସର୍ବୋତ୍ତମ ଇମେଜ ଗୁଣବତ୍ତା, ସଦ୍ୟତମ ଭିଡ଼ିଓ ଟେକ୍ନୋଲୋଜି ଭଳି ବୈଶିଷ୍ଟ୍ୟ ଗ୍ରାହକ ପାଇ ପାରିବେ। ଆଲ୍‌ଫା ୬୬୦୦କୁ ଫଟୋଗ୍ରାଫର ଏବଂ ଭିଡିଓଗ୍ରାଫରଙ୍କ ବହୁବିଧ ଆବଶ୍ୟକତାକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଛି। ଉଚ୍ଚ ଗୁଣବତ୍ତା ଫଟୋ ଏବଂ ଭିଡ଼ିଓ ଉତ୍ତୋଳନ କରିବା ଦିଗରେ ଆଲଫା ୬୧୦୦ ମଡେଲ ସହାୟକ ହୋଇ ପାରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଗ୍ରାହକଙ୍କୁ ଆକର୍ଷଣୀୟ ଉତ୍ପାଦର ବ୍ୟାପକ ଶୃଙ୍ଖଳା ପ୍ରଦାନ ଦିଗରେ କାର୍ଯ୍ୟକ୍ରମ ଜାରି ରହିଥିବା ସୋନି ଇଣ୍ଡିଆର ଡିଜିଟାଲ ଇମେଜିଂ ଡିଭିଜନ ମୁଖ୍ୟ ହିରୋୟୁକି ଟୋକୁନା କହିଛନ୍ତି। ଆବଶ୍ୟକତା ପୂରଣ ଲାଗି ଏହା ଉପଯୁକ୍ତ ସାଧନ ବାଛିବା ଦିଗରେ ସହାୟତା କରିବ ବୋଲି ସେ କହିଛନ୍ତି।

Office of the Principal
K.B.D.A.V. COLLEGE
Nirakarpur, Dist-Khordha, Pin-752019, Odisha
Ph.- 06756-252024, Email: principal_kbdav50@yahoo.com
Ref. No. 1387/19 Date 22.11.19



ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୬ତମ ଜନ୍ମଦିବସ ଅବସରରେ କ୍ଷେତ୍ରବାସୀ ଡି.ଏ.ଭି. ମହାବିଦ୍ୟାଳୟ, ନିରାକାରପୁର, ଖୋରଧାର ଅଧ୍ୟକ୍ଷ ପ୍ରଫେସର ଅଶୋକ ବଳବନ୍ତରାୟଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ତଥା ଅନ୍ୟ କର୍ମଚାରୀବୃନ୍ଦ ଏହାକୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହ ଅନୁଷ୍ଠାନର ଉତ୍ତରୋତ୍ତର ପ୍ରଗତି କାମନା କରୁଛନ୍ତି। ସ୍ୱା./- ଅଧ୍ୟକ୍ଷ

KADAMBINIPAL WOMEN'S DEGREE COLLEGE
Rajatota, PO- Balibil, Via- Bari, Dist.- Jajpur, Odisha, PIN- 755003
Email ID: kpwomenscollegerajatota@yahoo.co.in
ଯାଜପୁର ଜିଲ୍ଲା ଅନ୍ତର୍ଗତ ବରୀ ଅଞ୍ଚଳର ଗ୍ରାମାଞ୍ଚଳରେ ରାଜାତୋଟାସ୍ଥିତ କାଦମ୍ବିନିପାଳ ମହିଳା ମହାବିଦ୍ୟାଳୟ ଗ୍ରାମାଞ୍ଚଳ ମହିଳାମାନଙ୍କର +୩ କଳା ଓ ବିଜ୍ଞାନ କ୍ଷେତ୍ରରେ ଦୀର୍ଘ ୩୯ ବର୍ଷ ଧରି କାର୍ଯ୍ୟରତ।



ଧରିତ୍ରୀର ୪୬ତମ ଜନ୍ମୋତ୍ସବ ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷା/ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀମାନଙ୍କ ତରଫରୁ ଏହାର ଉତ୍ତରୋତ୍ତର ଦୀର୍ଘଜୀବନ କାମନା କରୁଅଛୁ।
ରଶ୍ମୀ ବେହୁରିଆ, ଅଧ୍ୟକ୍ଷା
କାଦମ୍ବିନିପାଳ ମହିଳା (ଡିଗ୍ରୀ) ମହାବିଦ୍ୟାଳୟ, ରାଜାତୋଟା, ଯାଜପୁର

OFFICE OF THE PRINCIPAL
GOPABANDHU CHOUDHURY COLLEGE
Ramachandrapur, Jajpur-755003
NAAC Accredited Grade 'B'
No. 258, Date: 18.11.2019
ଦୈନିକ ଧରିତ୍ରୀ ଓଡ଼ିଆ ଖବରକାଗଜ ତା'ର ୪୬ତମ ଜନ୍ମବାର୍ଷିକୀ ଦିବସ ପାଳନ କରୁଥିବା ଜାଣି ଖୁସି ହେଲୁ। 'ଧରିତ୍ରୀ'ର ଉତ୍ତରୋତ୍ତର କାମନା କରି ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ବରୀ ଅଞ୍ଚଳର ସର୍ବପୁରାତନ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟ ପକ୍ଷରୁ ଅଧ୍ୟକ୍ଷ/ ଅଧ୍ୟାପିକା/ ଅଧ୍ୟାପକ/ ଗ୍ରାହୀ/ ଗ୍ରାହ/ କର୍ମଚାରୀମାନଙ୍କ ପକ୍ଷରୁ ଶୁଭେଚ୍ଛା ଜଣାଉଛୁ।
Sd./- PRINCIPAL, G.C. College, Ramachandrapur, Dist.- Jajpur

ଟାଙ୍ଗି କୃଷି ଜିଲ୍ଲାର ଚାଷୀ ଭାଇମାନଙ୍କୁ ବିଶେଷ ସୂଚନା
୧. ଧାନ ଅମଳ ପରେ ସମସ୍ତ ଚାଷୀ ଭାଇମାନଙ୍କୁ ଅନୁରୋଧ ସେମାନେ ତାଙ୍କର ମାଟି ପରୀକ୍ଷା କରିଦିଅନ୍ତୁ।
୨. ଯେଉଁ ଚାଷୀ ଭାଇମାନେ ଡାଲିଜାତୀୟ ଫସଲ ଚାଷ ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି ସେମାନେ ତାଙ୍କର ସମସ୍ତ ବିହନକୁ ଜୀବାଣୁ ସାର ଓ କୀଟନାଶକ ଔଷଧରେ ବିଶୋଧନ କରନ୍ତୁ।
୩. ଡାଲି ଚାଷ ପାଇଁ ଫସଫରସର ଆବଶ୍ୟକତା ଥିବାରୁ ବୁଣିବା ପୂର୍ବରୁ ଜମିରେ ଏକର ପ୍ରତି ୧୦୦ କି.ଗ୍ରା. ସୁପର ବା ୩୫ କି.ଗ୍ରା. ଡି.ଏ.ପି. ସାର ପ୍ରୟୋଗ କରନ୍ତୁ।
୪. ଡିବିଟି ମାଧ୍ୟମରେ କୃଷି ଯନ୍ତ୍ରପାତି କିଣନ୍ତୁ। ବିଭିନ୍ନ କୃଷି ଯନ୍ତ୍ରପାତି ପାଇଁ ସରକାର ନୂତନ subsidy ଘୋଷଣା କରିଛନ୍ତି। ଏ ବିଷୟରେ ଅଧିକ ତଥ୍ୟ ଜାଣିବା ପାଇଁ ଗ୍ରାମ୍ୟ କୃଷି କର୍ମଚାରୀ ତଥା ସହକାରୀ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ।
୫. ଯେଉଁ ଚାଷୀ ଭାଇମାନେ ସେମାନଙ୍କ ଜମିରେ Farm Pond MGNREGB ମାଧ୍ୟମରେ ଖୋଳିବାକୁ ଆଗ୍ରହୀ ସେମାନେ ସେମାନଙ୍କ ଦରଖାସ୍ତ ଗ୍ରାମ୍ୟ କୃଷି କର୍ମଚାରୀମାନଙ୍କୁ ଦିଅନ୍ତୁ।
ସ୍ୱା./– ବିଜୟ କୁମାର ମହାନ୍ତି
ଜିଲ୍ଲା କୃଷି ଅଧିକାରୀ, ଟାଙ୍ଗି

ABHIMANYU SAMANTASINGHAR HIGHER SECONDARY SCHOOL
Abhimanyu Nagar, Abhimanyu Balia, Jajpur-755005
(An ISO Certified Educational Institution, Certificate No. 2150212152)
Email: abhimanyusamantasingharcollege@gmail.com
'ଧରିତ୍ରୀ' ତା'ର ଅଗଣିତ ପାଠକ, ପାଠିକାମାନଙ୍କ ପାଖରେ ଆଜି ୪୬ବର୍ଷରେ ପହଞ୍ଚି ପାରିଛି। ନିରପେକ୍ଷ ଖବରକାଗଜ ଭାବରେ ଓଡ଼ିଶାରେ ପ୍ରତିଷ୍ଠିତ ହେବା ସହିତ ତା'ର ନିର୍ଭୀକ କଲମଚାଳନା କରିବାରେ ସାଧନା ଜାରି ରଖିଛି। ଏହି ଅବସରରେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରି ଧରିତ୍ରୀର ଉତ୍ତରୋତ୍ତର କାମନା କରୁଛୁ।
ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା, ଛାତ୍ର, ଗ୍ରାହୀ ଓ କର୍ମଚାରୀବୃନ୍ଦ।
ଡ. ଦେବପ୍ରସାଦ ସାମଲ, ଅଧ୍ୟକ୍ଷ
ଅଭିମନ୍ୟୁ ସାମନ୍ତସିଂହାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., ଖୋର୍ଦ୍ଧା
Regn. No. 95PU, Dt.22.03.1912, RBI License No. RPCD/BBSR/15/2011-12, Dt. 02.05.2012
Email ID: Khordhaccbank@gmail.com
ରିଜର୍ଭ ବ୍ୟାଙ୍କ ଦ୍ୱାରା ଲାଇସେନ୍ସ ପ୍ରାପ୍ତ — ୧୦୭ ବର୍ଷର ଅଗ୍ରଣୀ ବ୍ୟାଙ୍କ
ବ୍ୟାଙ୍କର ଉପଲବ୍ଧ ସୁବିଧା ଓ ସୁଯୋଗ
୧. CBS ମାଧ୍ୟମରେ ୧୮ଗୋଟି ଶାଖା, ୩ ଗୋଟି ସମ୍ପ୍ରସାରିତ ଶାଖା ଓ ସହବନ୍ଧିତ ୧୫୭ ପ୍ରାଥମିକ କୃଷି ସମବାୟ ସମିତି ଦ୍ୱାରା କୃଷି ଓ କୃଷକର ଉନ୍ନତି ସହ ବିଭିନ୍ନ ପ୍ରକାର ବ୍ୟାଙ୍କିଙ୍ଗ ସେବା ପ୍ରଦାନ।
୨. ଠିକ୍ ସମୟରେ ଟ.୫୦୦୦୦.୦୦ ପର୍ଯ୍ୟନ୍ତ କୃଷି ଋଣ ପରିଶୋଧ କଲେ କୌଣସି ସୁଧ ଦେବାକୁ ପଡ଼ିନଥାଏ ଓ ଟ.୫୦୦୦୦.୦୦ରୁ ୩୦୦୦୦୦.୦୦ ଋଣ ଉପରେ ଶତକଡ଼ା ଟ.୨ ସୁଧ ଦେବାକୁ ହୁଏ। ଯୁଗ୍ମ ଦେୟ ଗୋଷ୍ଠୀ (JLG) ମାଧ୍ୟମରେ ଭାଗଚାଷୀ ଓ ନାମମାତ୍ର ଚାଷୀଙ୍କୁ କୃଷି ଋଣ ଯୋଗାଇ ଦିଆଯାଏ।
୩. କୃଷକମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ଫସଲବୀମା, ଦୁର୍ଘଟଣା ବୀମା, ସରକାରୀ ମୂଲ୍ୟରେ ବିହନ, ସାର ଓ ଔଷଧ ଯୋଗାଣର ବ୍ୟବସ୍ଥା।
୪. କୃଷି ଆନୁଷଙ୍ଗିକ ମିଆଦୀ ଋଣ ଯଥା ଗାଈ, ଛେଳି, ମେଣ୍ଢା ପାଳନ, କୃଷି ଯନ୍ତ୍ରପାତି, ପୋଖରୀ ଖୋଳା, ମାଛ ଚାଷ, ଫଳ, ଛତୁ ଚାଷ, ପାନ ବରଜ ଓ ଜଳସେଚନ ନିମିତ୍ତ ଋଣର କିସ୍ତି ଠିକ୍ ସମୟରେ ପରିଶୋଧ କଲେ ଶତକଡ଼ା ୩ ଟଙ୍କା ସୁଧ ରିହାତି ବ୍ୟବସ୍ଥା ରହିଛି।
୫. ସମସ୍ତ ପ୍ରକାର ବ୍ୟବସାୟ ଭିତ୍ତିକ ଋଣ, ଗୃହୋପକରଣ କ୍ରୟ ଋଣ, ତନ୍ତୁବାୟ ଋଣ, ସମ୍ପତ୍ତି ବନ୍ଧକ ଋଣ, ସ୍ୱର୍ଣ୍ଣ ଋଣ ଇତ୍ୟାଦି ପ୍ରଦାନ କରାଯାଏ।
୬. ମିଶନ ଶକ୍ତି ମାଧ୍ୟମରେ ମହିଳା ଗୋଷ୍ଠୀମାନଙ୍କୁ ଟ.୩୦୦୦୦୦.୦୦ ପର୍ଯ୍ୟନ୍ତ ବିନା ସୁଧରେ ଋଣ ପ୍ରଦାନ କରାଯାଏ।
୭. ଆର୍ଥିକ ସ୍ୱାବଲମ୍ବନ ପାଇଁ ସ୍ୱରୋଜଗାର କ୍ରେଡିଟ୍ କାର୍ଡ଼ (SSC)ରେ ୨୫,୦୦୦ ଟଙ୍କାରୁ ୫୦୦୦୦.୦୦ ଟଙ୍କା ପର୍ଯ୍ୟନ୍ତ ଋଣ ଉପଲବ୍ଧ।
୮. IMPS, NEFT, RTGS, CTS Clearing ସମେତ ATM ଓ Rupay କାର୍ଡ଼ ମାଧ୍ୟମରେ ଉନ୍ନତ ବ୍ୟାଙ୍କିଙ୍ଗ ସେବା ଯୋଗାଇ ଦିଆଯାଏ।
୯. Safe Deposit ଲକର୍ ସଦର ଶାଖା, ଭୁବନେଶ୍ୱର ମହିଳା ଶାଖା ଓ ଖୋରଧା ମହିଳା ଶାଖାଠାରେ ଉପଲବ୍ଧ ଅଛି।
୧୦. ସରକାରୀ ମୂଲ୍ୟରେ ସମିତିମାନଙ୍କ ଜରିଆରେ ଧାନ, ଚିନାବାଦାମ ଓ ମୁଗ ଆଦି ଫସଲ କ୍ରୟ କରିବାର ସୁବିଧା ଓ ଚାଷୀମାନଙ୍କୁ ସିଧାସଳଖ ବ୍ୟାଙ୍କ ସଞ୍ଚୟ ଖାତାରେ ଟଙ୍କା ପୈଠ କରାଯାଇଥାଏ।
୧୧. ମିଆଦୀ ଜମାରେ ଅନ୍ୟାନ୍ୟ ବାଣିଜ୍ୟିକ ଓ ଗ୍ରାମ୍ୟ ବ୍ୟାଙ୍କଠାରୁ ୦.୫୦ ପଇସା ଅଧିକ ସୁଧ ଦେବା ସହିତ ଜମା ରାଶି ବୀମା ଦ୍ୱାରା ସୁରକ୍ଷିତ ଓ ବରିଷ୍ଠ ନାଗରିକମାନଙ୍କ ପାଇଁ ୦.୫୦% ଅଧିକ ସୁଧ।
ଅଧିକ ବିବରଣୀ ନିମନ୍ତେ ନିକଟସ୍ଥ ଶାଖା / ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।
ସୁବାଷ ଚନ୍ଦ୍ର ମିଶ୍ର, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ — ପ୍ରଶାନ୍ତ କୁମାର ଦାସ, ସଭାପତି

### ଗଛ କାଟି ରାସ୍ତା ନିର୍ମାଣ ଘଟଣା

# ରାଜସ୍ୱ, ବନବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ

ସମ୍ବଲପୁର, ୫।୧୨ (ବ୍ୟୁରୋ)

ସମ୍ବଲପୁର ବନଖଣ୍ଡ ଅଧୀନ ସଦର ରେଞ୍ଜର ଯୁଯୁମୁରାଠାରେ ଗଛ କାଟି ରାସ୍ତା ନିର୍ମାଣ ଅଭିଯୋଗ ଓ ଖବର ପ୍ରକାଶ ପରେ ବନ ବିଭାଗ ଓ ରାଜ୍ୟସ୍ୱ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି । ଗୁରୁବାର ବନବିଭାଗ ପକ୍ଷରୁ ଏସିଏଫ ମୋଦନଲାଲ ଶର୍ମା, ରେଞ୍ଜର ଗୌରି ଦାଶଙ୍କ ସମେତ ବନ କର୍ମଚାରୀ ଓ ରାଜସ୍ୱ ବିଭାଗ ପକ୍ଷରୁ ସ୍ଥାନୀୟ ଆରଆଇ, ସୁପରଭାଇଜର ସାମିଲ ଥିଲେ। ରାସ୍ତା ନିର୍ମାଣ ହେଉଥିବା ଜମିର ମାପ ଓ କିସମକୁ ନେଇ ପ୍ରଥମେ ତଦନ୍ତ ଆରମ୍ଭ କରିଥିଲେ । ଉକ୍ତ ଜମିଟି ଗୋଚର କିସମର ଥିବା ଓ ନିକଟରେ ସଂରକ୍ଷିତ ଜଙ୍ଗଲ ଥିବା ନେଇ ଜାଣିବାକୁ ପାଇଥିଲେ । ତେଣୁ ରାଜସ୍ୱ ବିଭାଗ ପକ୍ଷରୁ କଟାଯାଇଥିବା ଗଛ ଆକଳନ କରି ଠିକ ରିପୋର୍ଟ ପ୍ରଦାନ କରାଯିବ ବୋଲି ସଦର ରେଞ୍ଜର ଦାଶ କରିଛନ୍ତି ।

ସୂଚନାଯୋଗ୍ୟ ଯେ, ଜାତୀୟ ୫୫ନଂ ରାଜପଥ ଠାରୁ ଦେଓଝରନକୁ ପୂର୍ତ୍ତବିଭାଗ ପକ୍ଷରୁ ରାସ୍ତା ନିର୍ମାଣ କରାଯାଉଛି । ପ୍ରାୟ ୭କୋଟି ଟଙ୍କା ବ୍ୟୟ ଅଟକଳ ରହିଛି। ନଭେମ୍ବର ପ୍ରଥମ ସପ୍ତାହରୁ କାମ ଆରମ୍ଭ ହୋଇଥିଲା । ହେଲେ ପୂର୍ବରୁ ଦେଓଝରନକୁ ଥିବା ରାସ୍ତାର ପୁନରୁଦ୍ଧାର ନ କରି ନୂତନ ଭାବେ ରାସ୍ତା ନିର୍ମାଣ ଆରମ୍ଭ କରାଯାଇଥିଲା। ଏଥିରେ ଗ୍ରାମ୍ୟ ଜଙ୍ଗଲ ଓ ସଂରକ୍ଷିତ ଜଙ୍ଗଲ ଜମି କିସମ ରହିଛି । ସ୍ଥାନୀୟ ଜଣେ ଲୋକଙ୍କ ବ୍ୟକ୍ତିଗତ ସ୍ୱାର୍ଥକୁ ନେଇ ବିଭାଗୀୟ ଜେଇ ଓ ଠିକାଦାର ମିଶି ରାସ୍ତା ପାଇଁ ନୂତନ ଜମି ଚିହ୍ନଟ କରିଥିଲେ ବୋଲି ଅଭିଯୋଗ ହୋଇଛି । ସବିତା ଦେହୁରୀ ନାମ୍ନୀ ଜଣେ ମହିଳାଙ୍କ ଅଭିଯୋଗ ପରେ କଟା ଯାଇଥିବା କିଛି ଗଛକୁ ମାଟିରେ ପୋତି ଦିଆଯାଇଛି । ସବିତାଙ୍କ ଅଭିଯୋଗ କ୍ରମେ ଦିର୍ଘ ୨୦ ବର୍ଷ ତଳେ ସେଠାରେ ଚାରା ରୋପଣ କରି ଜଙ୍ଗଲ ସୃଷ୍ଟି କରାଯାଇଥିଲା । ହେଲେ ରାସ୍ତା ନିର୍ମାଣ ପାଇଁ ଗଛ ଗୁଡିକ କଟା ଯାଇଛି । ଗୋଟିଏପଟେ ବନ ବିଭାଗ ପକ୍ଷରୁ ଗଛ ଲଗାଇବା ପାଇଁ ବିଭିନ୍ନ ଯୋଜନାରେ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । ଅନ୍ୟପଟେ ଗଛ କଟାଯାଉଛି ବୋଲି ସେ ଅଭିଯୋଗ କରିଥିଲେ। ସଂପୃକ୍ତ ଠିକାଦାର, ବିଭାଗୀୟ ଜେଇ ଓ ଅଧିକାରୀଙ୍କ ବିରୋଧରେ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବା ତଥା ବ୍ୟବହାର ହୋଇଥିବା ଜେସିବି ମେଶିନକୁ ଜବତ କରାଯାଉ ବୋଲି ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଥିଲା।

## ପ୍ରଦୂଷଣମୁକ୍ତ ଭାରତ ଲାଗି ସାଇକେଲ ସଚେତନତା ଅଭିଯାନ



ଦେବଗଡରେ ପହଞ୍ଚିଥିବା ସାଇକେଲ ସଚେତନତା ଅଭିଯାନର ସଦସ୍ୟ ।

ଦେବଗଡ, ୫।୧୨(ଡି.ଏନ.ଏ.)

ବାୟୁ ପ୍ରଦୂଷଣ ପ୍ରଭାବରେ ମଣିଷ ଜୀବନରେ ପଡୁଥିବା କୁପ୍ରଭାବ ଏବଂ ଏହାକୁ ରୋକିବା ପାଇଁ ଜନସାଧାରଣଙ୍କୁ ସଚେତନ କରିବା ଲକ୍ଷ୍ୟରେ ମୁମ୍ବାଇର ଏକ ନାଗରିକ ଦଳ ସଚେତନତା ସାଇକେଲ ଯାତ୍ରାରେ ବାହାରିଛନ୍ତି। ସେମାନେ କୋଲକାତା ପର୍ଯ୍ୟନ୍ତ ଯିବାର କାର୍ଯ୍ୟକ୍ରମ ରହିଛି। ଏହି ଅଭିଯାତ୍ରୀ ଦଳ ବୁଧବାର ସନ୍ଧ୍ୟାରେ ଦେବଗଡ ଜିଲା ସଦର ମହକୁମାରେ ପହଞ୍ଚି ଥିଲେ। ଏହି ଅଭିଯାତ୍ରୀ ଦଳକୁ ସହରର ବହୁ ଜନସାଧାରଣ ଓ ସଂଗଠନ ପକ୍ଷରୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଗୁରୁବାର ଏହି ଦଳ ଏଠାରୁ ତାର ଯାତ୍ରା ଆରମ୍ଭ କରିଛି। ଗତ ନଭେମ୍ବର ୨୩ ତାରିଖରୁ ମହାରାଷ୍ଟ୍ରର ବାନ୍ଦ୍ରା ସହରରୁ ନିତିନ ଭୋଷଲେଙ୍କ ନେତୃତ୍ୱରେ ଡାକ୍ତର ରାମେଶ୍ୱର ଭଗତ, ସିଡିନି ମିରାଣ୍ଡା, ସୁନୀଲ ଗାଡଗିଲ, ଅରୁଣ ଦେଶମୁଖ, ତୁକାରାମ ଡତାରେ, ନାରାୟଣ ପେରୁମଲ୍ଲ, ଅମ୍ବରିଶ ଗୌରବ ଓ ଅକ୍ଷୟ ଖାଣ୍ଡେକରଙ୍କୁ ନେଇ ଗଠିତ ୯ଜଣିଆ ସାଇକେଲ ଅଭିଯାତ୍ରୀ ଦଳ ବାହାରିଥିଲେ। ମଧ୍ୟପ୍ରଦେଶ ଓ ଛତିଶଗଡ ରାଜ୍ୟର ବିଭିନ୍ନ ସହରରେ ପ୍ରଦୁଷଣମୁକ୍ତ ଭାରତ ସମ୍ପର୍କରେ ଜନସଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପରେ ସେମାନେ ଦେବଗଡରେ ପହଞ୍ଚିଥିଲେ ।

## ଫସଲ ଉଜାଡିଲେ ହାତୀପଲ

ଦେବଗଡ,୫।୧୨(ଡି.ଏନ.ଏ)

ଦେବଗଡ ଜିଲା ରିଆମାଳ ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ମହାସିନ୍ଧୁ ଗ୍ରାମରେ ଗତ ଦୁଇଦିନ ଧରି ହାତୀ ଉପଦ୍ରବ ଦେଖାଦେଇଛି। ହାତୀପଲ ଚାଷଜମିରୁ ଧାନ ଖାଇବା ସହ ଫସଲ ନଷ୍ଟ କରଛନ୍ତି। ଏହାକୁ ନେଇ ଚାଷୀ ଓ ମହାସିନ୍ଧୁ ଗ୍ରାମବାସୀ ଚିନ୍ତାରେ ପଡି ଯାଇଛନ୍ତି । ଖବର ମୁତାବକ ରିଆମାଳ ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ଫୁଲଝରି ଜଙ୍ଗଲରୁ ୫ ଦନ୍ତା ସମେତ ୨୫ଟି ହାତୀ ଥିବା ଏକ ପଲ ଗତ ଦୁଇଦିନ ହେଲା ମହାସିନ୍ଧୁ ଗ୍ରାମ ନିକଟକୁ ଆସିଛନ୍ତି। ଗାଁର ଗୌର କିସାନଙ୍କ ଅଗଣାରେ ଗଛିତଥିବା ଧାନବିଡାକୁ ଖାଇବା ସହ ନିକଟସ୍ଥ ଚାଷଜମିର ଫସଲକୁ ଉଜାଡି ଦେଇଛନ୍ତି। ଗ୍ରାମବାସୀଙ୍କଠାରୁ ଖବର ପାଇ ସ୍ଥାନୀୟ ଫରେଷ୍ଟର ଗିରଧାରୀ ପ୍ରଧାନ, ବନରକ୍ଷୀ କାହ୍ନୁ କିରେଇ ଓ ମାନସୀ ମଞ୍ଜରୀ ନାଏକ ବନ ବିଭାଗର ହାତୀସ୍କାଡ ସହ ଉକ୍ତ ଅଞ୍ଚଳକୁ ଯାଇମଶାଲ ଓ ବାଣ ଫୁଠାଇ ହାତୀପଲ ଘଉଡାଇବାକୁ ଉଦ୍ୟମ କରିଥିଲେ ।

## ଓଡ଼ିଶାର ପ୍ରମୋଦଙ୍କ ନାମ ସୁପାରିସ

### ବିଡବ୍ଲ୍ୟୁଏଫ୍ ପୁରସ୍କାର



ନୂଆଦିଲ୍ଲୀ, ୫।୧୨(ପି.ଟି.)

ବ୍ୟାଡ୍‌ମିଣ୍ଟନ ବିଶ୍ୱ ଫେଡେରେଶନ (ବିଡବ୍ଲୁଏଫ୍)ର 'ପୁରୁଷ ପାରା ବ୍ୟାଡ୍‌ମିଣ୍ଟନ ପ୍ଲେୟର ଅଫ୍ ଦି ଇୟର' ପୁରସ୍କାର ପାଇଁ ଓଡ଼ିଶାର ପାରା ଆଥଲେଟ୍ ପ୍ରମୋଦ ଭଗତଙ୍କ ନାମ ସୁପାରିସ କରାଯାଇଛି। ଚଳିତ ସିଜନରେ ସେ ୧୧ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସାତ୍ତ୍ୱିକ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟିଙ୍କ ପୁରୁଷ ଡବଲ୍ସ ଯୋଡ଼ି ବର୍ଷର ସବୁଠୁ ଉନ୍ନତି କରିଥିବା ଖେଳାଳିଙ୍କ ପୁରସ୍କାର ଦୌଡ଼ରେ ସାମିଲ ହୋଇଛନ୍ତି। ଦୁହେଁ ଚଳିତ ସିଜନରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ବହୁ ସ୍ମରଣୀୟ ବିଜୟ ହାସଲ କରିଛନ୍ତି। ଉଭୟେ ପ୍ରଥମ ଥର ଥାଇଲାଣ୍ଡ ଓପନରେ ସୁପର ୫୦୦ ଟାଇଟଲ ଜିତିଥିଲେ। ପରେ ଫ୍ରେଞ୍ଚ ଓପନ ସୁପର ୭୫୦ ଇଭେଣ୍ଟରେ ରନର୍ସଅପ୍ ହୋଇଥିଲେ। ସମ୍ମାନଜନକ ପୁରସ୍କାର ଏଲିଟ ବ୍ୟାଡ୍‌ମିଣ୍ଟନ ଖେଳାଳି, ୬ କ୍ୟାଟେଗୋରିରେ ଡବଲ୍ସ ଖେଳାଳିଙ୍କ ସମେତ ଦୁଇ ପାରାବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କୁ ପ୍ରଦାନ କରାଯାଏ। ଅଲିମ୍ପିକ୍ ରୌପ୍ୟ ପଦକଧାରୀ ପି. ଭି. ସିନ୍ଧୁଙ୍କୁ କୌଣସି କ୍ୟାଟେଗୋରିରେ ସ୍ଥାନ ମିଳିନାହିଁ। ଆସନ୍ତା ୧୧ରୁ ୧୫ ପର୍ଯ୍ୟନ୍ତ ହେବାକୁ ଥିବା ବିଡବ୍ଲୁଏଫ୍ ୱାର୍ଲ୍ଡ ଟୁର ଫାଇନାଲ୍ସ ଦ୍ୱିତୀୟ ସଂସ୍କରଣ ଉଦ୍‌ଘାଟନୀ ଅବସରରେ ଏହି ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହେବ।

## ଦେବଗଡ ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ

ଦେବଗଡ଼, ୫।୧୨(ଡ଼ି.ଏନ.ଏ.)

ଦେବଗଡ଼ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ବିଧାୟକ ସୁବାସ ଚନ୍ଦ୍ର ପାଣୀଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷା ସୁଧାମୟୀ ପଟେଲ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ଼. ସୁଜିତ କୁମାର ନାଥ ମୁଖ୍ୟବକ୍ତାଭାବେ ଯୋଗଦେଇ ମତିକା ସଂରକ୍ଷଣର ଉପଯୋଗୀତା ବିଷୟରେ ବକ୍ତବ୍ୟ ରଖିଥିଲେ । ଦିବସ ପାଳନ ଅବସରରେ ମୃତ୍ତି କା ପରୀକ୍ଷା କରିଥିବା ଖଣ୍ଡାଧୁଆଁ ଗ୍ରମର ଝସକେତନ ପ୍ରଧାନ, ସୁମନ୍ତ କୁମାର ନାଏକ, ଦିଲୀପ ସାହୁ, ପ୍ରଦୀପ୍ତ କୁମାର ନାଏକ, ବେଲମରାର ସନ୍ତୋଷ ଭୋଇ, ସୁପାରୀ ମୁଣ୍ଡା, ଗୌରୀ ମୁଣ୍ଡା, ଗୌରୀ ଭୋଇ, ଭୋଲି କୁଅଁର, କୈଳାସ ବାଘ ଓ କସ୍ତୁରୀ ମୁଣ୍ଡାଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ଼ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲାରୁ ବହୁ ମହିଳା ଓ ପୁରୁଷ ଚାଷୀ ଯୋଗ ଦେଇଥିଲେ । ସେହିପରି ଜିଲା ପରିଷଦ ଉପସଭାପତି ଜୟକୃଷ୍ଣ ପ୍ରଧାନ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଭିନ୍‌ସେଣ୍ଟ ପୁନମ୍‌କାନ୍ତ ଏକ୍କା, ଜିଲା ମୁଖ୍ୟ କୃଷି ଅଧିକାରୀ ମନୋଜ କୁମାର ପ୍ରଧାନ, ଡ଼ିଏଓ ବାବାଜୀ ଚରଣ ବେହେରା ସମ୍ମାନୀତ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ପିପିଓ ଦ୍ୱାରିକା ନାଥ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ।

### ଏନ୍‌ଏଲ୍‌ସି କମ୍ପାନୀ ବିସ୍ଥାପିତ ଆଶ୍ୱସ୍ତ

## ଦାବି ମାନିଲେ କମ୍ପାନୀ, ପ୍ରଶାସନ

ସମ୍ବଲପୁର,୫।୧୨(ବ୍ୟୁରୋ)

ସମ୍ବଲପୁର ଜିଲାରେ ଏନ୍‌ଲ୍‌ସି କମ୍ପାନୀ ଦ୍ୱାରା ବିସ୍ଥାପନ ବିବାଦର ସମାଧାନ ପାଇଁ ତପସ୍ୱିନୀ ପ୍ରେକ୍ଷାଳୟରେ ଗୁରୁବାର ତ୍ରିପାକ୍ଷିକ ବୈଠକ ବସିଛି । ଏଥିରେ ଜିଲାପାଳ ଶୁଭମ୍ ସକ୍‌ସେନା, ଉତ୍ତରାଞ୍ଚଳ ପୋଲିସ ଡିଆଇଜି ହିମାଂଶୁ ଲାଲ, ଏସ୍‌ପି କନୱର ବିଶାଲ ସିଂ, ଭୂଅର୍ଜନ ଅଧିକାରୀ ସରୋଜ ସାହୁ, ଉପଜିଲାପାଳ ଅନିରୁଦ୍ଧ ପ୍ରଧାନ ପ୍ରମୁଖଙ୍କ ସମେତ ପ୍ରଶାସନିକ ଅଧିକାରୀ, ଏନ୍‌ଲ୍‌ସି କମ୍ପାନୀର ଅଧିକାରୀ ଓ ବିସ୍ଥାପିତମାନେ ଉପସ୍ଥିତ ଥିଲେ। ପ୍ରାୟ ୫ ଘଣ୍ଟା ଧରି ଆଲୋଚନା ପରେ କମ୍ପାନୀ ଓ ପ୍ରଶାସନ ବିସ୍ଥାପିତମାନଙ୍କ ଦାବିକୁ ମାନି ଯାଇଥିଲେ । ହେଲେ ତଲାବିରା ଗ୍ରାମକୁ ସମ୍ପୂର୍ଣ୍ଣ ଭାବେ ଅଧିଗ୍ରହଣ କରିବାକୁ ନେଇ ଦାବି ଝୁଲି ରହିଥିଲା। ଏ ଦିଗରେ ଆଲୋଚନା କରି ସମାଧାନ କରାଯିବ ବୋଲି ପ୍ରଶାସନିକ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ତେବେ ସବୁ କିସମ ଜମିର କ୍ଷତିପୂରଣ ଟଙ୍କା ସମାନ ଦିଆଯିବ। କମ୍ପାନୀରେ ନିଯୁକ୍ତି ମିଳିବ। ଜମି ପଟ୍ଟା ନ ଥିବା ପରିବାରକୁ ମଧ ଆବାସ ଯୋଜନାରେ ଘର ମିଳିବ। ସମସ୍ତ ସୁବିଧା ଥିବା କଲୋନୀ ନିର୍ମାଣ କରାଯାଇ ବିସ୍ଥାପିତଙ୍କୁ ପ୍ରଦାନ କରାଯିବ । କମ୍ପାନୀ ଚତୁର୍ପାଶ୍ୱରେ ପ୍ରଭାବିତ ହେଉଥିବା ଗ୍ରାମ ଗୁଡିକୁ ମଧ ସୁବିଧା ଓ ସହାୟତା ଦିଆଯିବ ବୋଲି ସ୍ଥିର କରାଯାଇଛି । ସେହିପରି ଖିଣ୍ଡାଠାରେ ଏକ ସୁପର ସ୍ପେସାଲିଟି ମେଡିକାଲ ଖୋଲାଯିବାକୁ କମ୍ପାନୀ ଘୋଷଣା କରିଛି। ହେଲେ ତଲାବିରା ଗ୍ରାମର ଅଧିଗ୍ରହଣ ଘୋଷଣା ନ ହେବାରୁ ବିସ୍ଥାପିତ ସୁଶାନ୍ତ ପ୍ରଧାନ, ସୁଶୀଲା ସାହୁ, କମଳିନୀ ରାୟ ଅସନ୍ତୋଷ ପ୍ରକାଶ କରିଥିଲେ । ସୂଚନାଯୋଗ୍ୟ ଯେ, ଏନଏଲସି କମ୍ପାନୀରେ ରେଙ୍ଗାଲି ତହସିଲ ଅଧୀନ ତଲାବିରା, ଖିଣ୍ଡା, ବୁଧିଆପାଲି, ମୁଣ୍ଡାପଡା, ଖତୁପଡା, ମଝିପଡା ଗ୍ରାମବାସୀ ବିସ୍ଥାପିତ ହେବେ। ତେଣୁ କମ୍ପାନୀ ବିରୋଧରେ ଆବଶ୍ୟକ କ୍ଷତିପୂରଣ ଓ ଥଇଥାନ ଦାବି ନେଇ ଲୋକେ ଆନ୍ଦୋଳନ କରି ଆସୁଛନ୍ତି । ଏ ନେଇ ବାରମ୍ବାର ତ୍ରିପାକ୍ଷିକ ଆଲୋଚନା ହେଲା ପରେ ମଧ ସମାଧାନର ବାଟ ବାହାରୁ ନ ଥିଲା । ଏବେ ପ୍ରଶାସନ ଓ କମ୍ପାନୀ ଯଦି ନିଜ ପ୍ରତିଶ୍ରୁତି ପାଳନ କରନ୍ତି ତାହା ହେଲେ ବିବାଦର ସମାଧାନ ବାଟ ଫିଟିବାର ଆଶା ସଞ୍ଚାର ହୋଇଛି।



# ୱିଲ୍ସଙ୍କ ବିୟୋଗରେ ଆଇସିସିର ଶୋକ

**ଦୁବାଇ, ୫।୧୨ (ପି.ଟି.)**



ଇଂଲଣ୍ଡ ଦଳର ପୂର୍ବତନ ଅଧିନାୟକ ବବ୍ ୱିଲ୍ସଙ୍କ ବିୟୋଗରେ ଗୁରୁବାର କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଶୋକ ପ୍ରକାଶ କରିଛି। ଏହି ଲୋକପ୍ରିୟ କ୍ରୀଡ଼ାର ତାଙ୍କୁ ସବୁଠାରୁ ବଡ଼ ହିରୋ ବୋଲି ଆଇସିସି ସମ୍ବୋଧନ କରିଛି। 'ବବ୍‌ଙ୍କ ବିୟୋଗ ଖବର ପାଇ ଆମେ ବହୁତ ଦୁଃଖୀ। ଆଇସିସି ପକ୍ଷରୁ ମୁଁ ତାଙ୍କ ପରିବାରକୁ ଗଭୀର ସମବେଦନା ଜଣାଉଛି' ବୋଲି ଆଇସିସି ମୁଖ୍ୟ କାର୍ଯ୍ୟନିର୍ବାହୀ ମନୁ ସାୱ୍‌ନୀ ତାଙ୍କ ଶୋକବାର୍ତ୍ତାରେ ଉଲ୍ଲେଖ କରିଛନ୍ତି। 'ବବ୍ ତାଙ୍କ ସମୟରେ କ୍ରିକେଟ୍‌ର ଜଣେ ବଡ଼ ହିରୋ ଥିଲେ ଏବଂ ଏହି ଦ୍ରୁତ ବୋଲରଙ୍କୁ ବିଶ୍ୱର ଚାରିଆଡ଼ୁ ସମ୍ମାନ ମିଳୁଥିଲା। ଆକ୍ରମଣାତ୍ମକ ବୋଲିଂ ସହ ସେ ୧୯୭୦ ଓ ୮୦ ଦଶକରେ ଇଂଲଣ୍ଡ ବୋଲିଂ ଆଟାକ୍‌ର ନେତୃତ୍ୱ ନେଉଥିଲେ' ବୋଲି ଆଇସିସି ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଦୀର୍ଘଦିନ ଧରି ଅସୁସ୍ଥ ଥିବା ୱିଲ୍ସ ୭୦ ବର୍ଷ ବୟସରେ ବୁଧବାର ମୃତ୍ୟୁବରଣ କରିଥିଲେ। ଇଂଲଣ୍ଡ ପକ୍ଷରୁ ୧୯୭୧ରୁ ୧୯୮୪ ପର୍ଯ୍ୟନ୍ତ ସେ ୯୦ ଟେଷ୍ଟ ଓ ୬୪ ଦିନିକିଆ ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରି ଯଥାକ୍ରମେ ୩୨୫ ଓ ୮୦ ଉଇକେଟ୍ ଅକ୍ତିଆର କରିଥିଲେ। ୧୯୮୧ ଆଶେସ ସିରିଜର ହେଡିଂଲେରେ ଅନୁଷ୍ଠିତ ୩ୟ ଟେଷ୍ଟ ମ୍ୟାଚ୍‌ରେ ୱିଲ୍ସଙ୍କ ବିଧ୍ୱଂସୀ ବୋଲିଂ ସେତେବେଳେ କ୍ରିକେଟ୍ ଜଗତରେ ବେଶ୍ ଚର୍ଚ୍ଚିତ ରହିଥିଲା। ଗୋଟିଏ ଇନିଂସରେ ସେ ୪୩ ରନ ବିନିମୟରେ ୮ ଜଣ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନଙ୍କୁ ପ୍ୟାଭିଲିୟନ ଫେରାଇ ଇଂଲଣ୍ଡକୁ ସ୍ମରଣୀୟ ବିଜୟ ଭେଟି ଦେଇଥିଲେ। ଏହି ସିରିଜରେ ୱିଲ୍ସ ୬ ମ୍ୟାଚ୍‌ରୁ ମୋଟ୍ ୨୯ ଉଇକେଟ୍ ନେଇଥିବାବେଳେ ଇଂଲଣ୍ଡ ୩-୧ରେ ସିରିଜ ଜିତିଥିଲା। ୧୨ ବର୍ଷର ଘରୋଇ କ୍ରିକେଟ୍ କ୍ୟାରିୟରରେ ସେ ସରେ ଓ ୱର୍କଶାୟର ପକ୍ଷରୁ ୩୦୮ ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ୮୯୯ ଉଇକେଟ୍ ହାସଲ କରିଥିଲେ।

# ପନ୍ତ, ରାହୁଲଙ୍କ ଉପରେ ନଜର

**ହାଇଦ୍ରାବାଦ,୫।୧୨(ପି.ଟି.)**

ସ୍ଥାନୀୟ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଶୁକ୍ରବାରଠାରୁ ଭାରତ ଓ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ମଧ୍ୟରେ ପ୍ରଥମ ଟି୨୦ ମ୍ୟାଚ୍ ଖେଳାଯିବ। ୩ ମ୍ୟାଚ୍‌ବିଶିଷ୍ଟ ଏହି ସିରିଜର ପ୍ରଥମ ମ୍ୟାଚ୍ ଜିତି ଦୁଇ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ରହିଛନ୍ତି। ଆସନ୍ତାବର୍ଷ ଅଷ୍ଟ୍ରେଲିଆ ଟି୨୦ ବିଶ୍ୱକପ୍ ଆୟୋଜନ ହେବାକୁ ଯାଉଥିବାରୁ ଭାରତ ପାଇଁ ଏହି ସିରିଜ ବିଶେଷ ଭାବେ ଗୁରୁତ୍ୱ ବହନ କରୁଛି। ଖାସ୍ କରି ବିଶ୍ୱକପ୍ ଲାଗି ଉପଯୁକ୍ତ ଖେଳାଳି ଚୟନ ନେଇ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ କିଛିଟା ଚାପରେ ରହିଛି। ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଓ ଓପନର ଲୋକେଶ ରାହୁଲ ଦଳରେ ସ୍ଥାନ ପକ୍କା କରିବାକୁ ଚାହୁଁଛନ୍ତି। ସେଥିପାଇଁ ଏହି ଦୁଇ ଖେଳାଳି ଭଲ ପ୍ରଦର୍ଶନ କରି ଟିମ୍ ମ୍ୟାନେଜମେଣ୍ଟ ଓ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିବାକୁ ପ୍ରୟାସ କରିବେ ବୋଲି ଆଶା କରାଯାଉଛି। ଫଳରେ ଏହି ଦୁଇ ଖେଳାଳିଙ୍କ ଉପରେ ଏବେ ସମସ୍ତଙ୍କ ନଜର ରହିଛି।

ନିୟମିତ ଓପନର ଶିଖର ଧାୱନ ଇଞ୍ଜୁରି କାରଣରୁ ଏହି ସିରିଜରୁ ବାଦ୍ ପଡିଛନ୍ତି। ତାଙ୍କ ଅନୁପସ୍ଥିତି ରାହୁଲଙ୍କ ପାଇଁ ଭଲ ସୁଯୋଗ ସୃଷ୍ଟି କରିଛି। ଟି୨୦ରେ ରାହୁଲଙ୍କ ଭଲ ରେକର୍ଡ ରହିଛି। ଅଭିଜ୍ଞ ରୋହିତ ଶର୍ମାଙ୍କ ସାଥୀ ଓପନର ଭାବେ ସେ ସଫଳ ହେବେ ବୋଲି ଆଶା କରାଯାଉଛି। ରାହୁଲ ଏପର୍ଯ୍ୟନ୍ତ ୩୧ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୪୨.୭୪ ରନ ହାରରେ ୯୭୪ ରନ ସଂଗ୍ରହ କରିଛନ୍ତି। ଅପରାଜିତ ୧୧୦ରନ ତାଙ୍କର ସର୍ବାଧିକ ବ୍ୟକ୍ତିଗତ ସ୍କୋର ରହିଛି। ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ମଧ୍ୟ ତାଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ରହିଛି।

ରାହୁଲଙ୍କୁ ବାଦ୍ ଦେଲେ ପନ୍ତ ମଧ୍ୟ ନିଜ ସମାଲୋଚକଙ୍କୁ କଡ଼ା ଜବାବ ଦେବାକୁ ପ୍ରୟାସ କରିବେ। ଜଣେ ପ୍ରତିଭାସମ୍ପନ୍ନ ବ୍ୟାଟ୍ସମ୍ୟାନ ହୋଇଥିଲେ ମଧ୍ୟ ପନ୍ତଙ୍କ ପ୍ରଦର୍ଶନରେ ସ୍ଥିରତା ପରିଲକ୍ଷିତ ହୋଇନାହିଁ। ଉଭୟ ବ୍ୟାଟିଂ ଓ କିପିଙ୍ଗ୍‌ରେ ସେ ଆଶାନୁରୂପ ପ୍ରଦର୍ଶନ କରିପାରିନାହାନ୍ତି। ତାଙ୍କୁ ମହେନ୍ଦ୍ର ସିଂ ଧୋନୀଙ୍କ ଉତ୍ତରାଧିକାରୀ ବୋଲି ବିବେଚନା କରାଯାଉଥିଲା। ତେବେ ଗତ ବିଶ୍ୱକପ୍ ପରେ ସେ ଯେଉଁଭଳି ଭାବେ ଏକାଧିକ ବାର ଉଇକେଟ ଫୋପାଡି ଆସିଥିଲେ ସେଥିପାଇଁ ତାଙ୍କୁ ବେଶ୍ କଡ଼ା ସମାଲୋଚନା କରାଯାଉଥିଲା। ପୁଣି ଖରାପ କିପିଂ କରି ପନ୍ତ ଟେଷ୍ଟ ଦଳରୁ ମଧ୍ୟ ବାଦ୍ ପଡିଛନ୍ତି ଓ ତାଙ୍କ ସ୍ଥାନ ରିଦ୍ଧିମାନ ଶାହଙ୍କ ପୁଣି ଅକ୍ତିଆର କରିଛନ୍ତି। ଇତିମଧ୍ୟରେ ପ୍ରତିଭାସମ୍ପନ୍ନ ଉଇକେଟକିପର ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନଙ୍କୁ ଚୟନକର୍ତ୍ତାମାନେ ଦଳରେ ନେଇଥିବାରୁ ପନ୍ତଙ୍କ ସ୍ଥାନ ଉପରେ ବିପଦ ଆସିଛି। ତେଣୁ ଏବେ ଭଲ ପ୍ରଦର୍ଶନ କରିବା ଛଡ଼ା ପନ୍ତଙ୍କ ପାଖରେ ଆଉ କୌଣସି ରାସ୍ତା ନାହିଁ। ନ ହେଲେ ତାଙ୍କୁ ଦଳରୁ ବାଦ୍ ଦିଆଯିବା ଏକପ୍ରକାର ନିଶ୍ଚିତ। ଏହି ସିରିଜ ସାମସନଙ୍କ ପାଇଁ ଏକ ବଡ଼ ସୁଯୋଗ ସୃଷ୍ଟି କରିଛି। ବାଂଲାଦେଶ ବିପକ୍ଷ ଟି୨୦ ସିରିଜରେ ସ୍ଥାନ ପାଇଥିଲେ ମଧ୍ୟ ସେ ଖେଳିବାର ସୁଯୋଗ ପାଇ ନ ଥିଲେ। ବାଂଲାଦେଶ ବିପକ୍ଷ ସିରିଜରେ ବିଶ୍ରାମ ନେଇଥିବା ବିରାଟ କୋହଲି ଏବେ ଦଳକୁ ଫେରିଛନ୍ତି।

ବୋଲିଂ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ସ୍ପିନର କୁଲଦୀପ ଯାଦବ, ଦ୍ରୁତ ବୋଲର ମହମ୍ମଦ ସାମି ଓ ଭୁବନେଶ୍ୱର କୁମାର ଦୀର୍ଘ ଦିନପରେ ଟି୨୦ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଯୁଜବେନ୍ଦ୍ର ଚହଲ ଓ କୁଲଦୀପ ଦୀର୍ଘ ଦିନ ପରେ ସାଥି ହୋଇ ଖେଳିବେ। ସାମି ଓ ଭୁବନେଶ୍ୱରଙ୍କ ପ୍ରତ୍ୟାବର୍ତ୍ତନ ପରେ ଦଳର ଦ୍ରୁତ ବୋଲିଂ ବିଭାଗ ଆହୁରି ଶକ୍ତିଶାଳୀ ହେବ। ୨୦୧୭ରେ ସାମି ଶେଷଥର ପାଇଁ ଟି୨୦ ଖେଳିଥିଲେ। ସେହିପରି ଭୁବନେଶ୍ୱର ଗତ ଅଗଷ୍ଟରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଟି୨୦ ଖେଳିଥିଲେ। ଅପରପକ୍ଷରେ ଟି୨୦ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ୱେଷ୍ଟଇଣ୍ଡିଜ ଏକ ଶକ୍ତିଶାଳୀ ଦଳ ବୋଲି ବିବେଚନା କରାଯାଏ। ଭାରତରେ ଆଫଗାନିସ୍ତାନ ବିପକ୍ଷରେ ସିରିଜ ଖେଳି ୱେଷ୍ଟଇଣ୍ଡିଜ ଏଠାର ପାଣିପାଗ ସହ ଅଭ୍ୟସ୍ତ ହୋଇସାରିଛି। ଗତ ଅଗଷ୍ଟରେ ଖେଳାଯାଇଥିବା ସିରିଜରେ ୱେଷ୍ଟଇଣ୍ଡିଜ ଭାରତଠାରୁ ୩-୦ରେ ହାରିଥିଲା। ଏଥର କିରନ ପୋଲାର୍ଡଙ୍କ ନେତୃତ୍ୱରେ ୱେଷ୍ଟଇଣ୍ଡିଜ ପ୍ରତିଶୋଧ ନେବାକୁ ପ୍ରୟାସ କରିବ। ବଲ୍ ଟ୍ୟାମ୍ପରିଂ କାରଣରୁ ୪ଟି ମ୍ୟାଚ୍‌ରୁ ବାସନ୍ଦ ହୋଇଥିବା ନିକୋଲାସ ପୁରନ ପ୍ରଥମ ଟି୨୦ରୁ ବାଦ୍ ପଡିଛନ୍ତି। ତେଣୁ ସାଇ ହୋପ୍ ଓ ସିମରନ ହେଟମେୟରଙ୍କ ଉପରେ ଦଳର ବ୍ୟାଟିଂ ଲାଇନ୍ ନିର୍ଭର କରୁଛି। ଟି୨୦ ବିଶ୍ୱକପ୍‌କୁ ଆଖିରେ ରଖି ୱେଷ୍ଟଇଣ୍ଡିଜ ମଧ୍ୟ ପରୀକ୍ଷା ନିରୀକ୍ଷା ଚାଲୁ ରଖିଛି। ଦଳରେ ବ୍ରାଣ୍ଡନ କିଙ୍ଗ୍, ଖାରି ପିଏର, ଶେରଫାନ ରଦରଫୋର୍ଡ, କେସେରିକ ୱିଲିୟମ୍ସ ଓ ହେଡେନ ୱାଲ୍ସ ଜୁନିୟରଙ୍କ ଭଳି ଯୁବ ଖେଳାଳିଙ୍କୁ ସାମିଲ କରାଯାଇଛି। ଅପରପକ୍ଷରେ ଅଭିଜ୍ଞ କାର୍ଲୋସ ବ୍ରାଥୱେଟ, ଆନ୍ଦ୍ରେ ରସେଲ ଓ ଡ୍ୱେନ୍ ବ୍ରାଭୋଙ୍କୁ ବିଶ୍ରାମ ଦିଆଯାଇଛି।



ଅଭ୍ୟାସ ସେସନ ଅବସରରେ ବିରାଟ କୋହଲି।

## ଭାରତ-ୱେଷ୍ଟଇଣ୍ଡିଜ ପ୍ରଥମ ଟି୨୦ ଆଜି

| ଭାରତୀୟ ଦଳ | ୱେଷ୍ଟଇଣ୍ଡିଜ ଦଳ |
|---|---|
| ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଲୋକେଶ ରାହୁଲ, ସଞ୍ଜୁ ସାମସନ, ରିଷଭ ପନ୍ତ, ମନୀଷ ପାଣ୍ଡେ, ଶ୍ରେୟାସ ଆୟାର, ଶିବମ୍ ଦୁବେ, ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ଦୀପକ ଚହର, ଭୁବନେଶ୍ୱର କୁମାର ଓ ମହମ୍ମଦ ସାମି। | କିରନ ପୋଲାର୍ଡ (ଅଧିନାୟକ), ଫାବିଆନ ଆଲେନ, ବ୍ରାଣ୍ଡନ କିଙ୍ଗ୍, ଦୀନେଶ ରାମଦିନ, ଶେଲଡନ କଟ୍ରେଲ, ଏଭିନ ଲୁଇସ୍, ଶେରଫାନ ରଦରଫୋର୍ଡ, ସିମରନ ହେଟମେୟର, ଖାରି ପିଏର, ଲଣ୍ଡେଲ ସିମନ୍ସ, ଜାସନ ହୋଲ୍ଡର, ହେଡେନ ୱାଲ୍ସ ଜୁନିୟର, କିମୋ ପଲ ଓ କେସରିକ ୱିଲିୟମ୍ସ। |

**ମ୍ୟାଚ୍ ଆରମ୍ଭ: ସନ୍ଧ୍ୟା ୭ଟା, ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**

# କ୍ରିକେଟଠାରୁ ଖେଳାଳି ବଡ଼ ନୁହନ୍ତି

**ମହିନ୍ଦର ଅମରନାଥ**

ବର୍ଷ ଶେଷ ହେବାକୁ ଯାଉଛି। ଗତ ଗୋଟିଏ ବର୍ଷରେ ଭାରତୀୟ କ୍ରିକେଟରମାନେ ବିଶ୍ୱବ୍ୟାପୀ ଯେଉଁଭଳି ପ୍ରଦର୍ଶନ କରିଛନ୍ତି ତାକୁ ନେଇ ପ୍ରଶଂସକମାନେ ସନ୍ତୁଷ୍ଟ ଥିବେ। ସବୁ ବିଭାଗରେ ପ୍ରତିଭାସମ୍ପନ୍ନ ଖେଳାଳିଙ୍କୁ ନେଇ ଭାରତ ବେଶ୍ ଦୃଢ଼ ମନେ ହେଉଛି। ଭାରତର ବେଞ୍ଚ ଷ୍ଟ୍ରେନ୍ଥ ମଧ୍ୟ ଭଲ ରହିଛି। କେବଳ ସେତିକି ନୁହେଁ ଘରୋଇ କ୍ରିକେଟରେ ମଧ୍ୟ ବହୁ ସଂଖ୍ୟକ ପ୍ରତିଭାସମ୍ପନ୍ନ କ୍ରିକେଟର ରହିଛନ୍ତି।

ଏଭଳି ପରିସ୍ଥିତିରେ ଯେତେବଡ଼ ଖେଳାଳି ହୁଅନ୍ତୁ ନା କାହିଁକି ସେ କ୍ରିକେଟଠାରୁ ବଡ଼ ନୁହନ୍ତି। ବହୁ ପରିମାଣରେ ଘରୋଇ କ୍ରିକେଟ ନ ଖେଳିଲେ କେହି ଚୟନ ପାଇଁ ହକ୍‌ଦାର ବୋଲି ଦାବି କରିପାରିବେ ନାହିଁ। ପ୍ରତିଭା ଓ ପ୍ରଦର୍ଶନକୁ ଭିତ୍ତିକରି ଦଳ ଚୟନ କରାଯିବା ଠିକ୍ ହେବ। ଘରୋଇସ୍ତରରେ ଶହଶହ କ୍ରିକେଟର କଠିନ ପରିଶ୍ରମ କରୁଛନ୍ତି। ତେଣୁ ଏମାନଙ୍କୁ ଅଣଦେଖା କରିହେବ ନାହିଁ। ରିଦ୍ଧିମାନ ଶାହା, ରିଷଭ ପନ୍ତ ଓ ସଞ୍ଜୁ ସାମସନ ସକ୍ଷମ ଖେଳାଳି ହୋଇଥିଲେ ମଧ୍ୟ ଆଗକୁ ବଢ଼ିବାର ଆବଶ୍ୟକତା ମଧ୍ୟ ରହିଛି।

ଶୁକ୍ରବାରଠାରୁ ଭାରତ ୱେଷ୍ଟଇଣ୍ଡିଜ ବିପକ୍ଷରେ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ ଖେଳିବ। ଏହି ଫର୍ମାଟରେ ୱେଷ୍ଟଇଣ୍ଡିଜ ବେଶ୍ ଶକ୍ତିଶାଳୀ। ଅବଶ୍ୟ ଘରୋଇ ମାଟିରେ ଭାରତକୁ ହରାଇବା ଆଦୌ ସହଜ ନୁହେଁ। ତେବେ ଯଶପ୍ରୀତ୍ ବୁମ୍‌ରା ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଆଘାତ ସମସ୍ୟା ନେଇ ଚିନ୍ତିତ ଅଛି। ଜଣେ ବୋଲର ପାଇଁ ବ୍ୟାକ୍ ଇଞ୍ଜୁରିରୁ ମୁକୁଳି ପ୍ରତ୍ୟାବର୍ତ୍ତନ କରିବା ଆଦୌ ସହଜ ନୁହେଁ। ତ୍ରୁଟିପୂର୍ଣ୍ଣ ଆକ୍ସନ କିମ୍ବା ଅଧିକ ବେଗରେ ବଲ୍ ପକାଇବା ପାଇଁ ଚେଷ୍ଟା କରିବା ଯୋଗୁ ଏପରି ଇଞ୍ଜୁରି ହୋଇଥାଏ। ଖୁବ୍ ଶୀଘ୍ର ଏହି ଦୁଇ ଖେଳାଳି ସୁସ୍ଥ ହୁଅନ୍ତୁ ବୋଲି ଆଶା କରୁଛି।

ସ୍ତମ୍ଭ ଲେଖିବା ଶେଷ କରିବା ପୂର୍ବରୁ ପୂର୍ବତନ କ୍ରିକେଟର ବବ୍ ୱିଲ୍ସଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛି। ତାଙ୍କ ଦେହାନ୍ତରେ ମୁଁ ମର୍ମାହତ। ସେ ଜଣେ ଭଦ୍ରଲୋକ ଥିଲେ। ପଡିଆ ବାହାରେ ସେ ବନ୍ଧୁ ବତ୍ସଳ ଥିଲେ। ବନ୍ଧୁତା ବଜାୟ ରଖିବାରେ ସେ ସବୁବେଳେ ସଚେତନ ରହୁଥିଲେ। ତାଙ୍କ ସହିତ ଯେତେବେଳେ ଖେଳିଛି ସେ ବେଶ୍ ମିଷ୍ଟଭାଷୀ ଥିଲେ ଓ ଉତ୍ତମ ବ୍ୟବହାର ମଧ୍ୟ କରୁଥିଲେ। ପ୍ରଶଂସକଙ୍କ ସ୍ମୃତିରେ ସେ ସବୁଦିନ ଅମର ହୋଇ ରହିବେ। ତାଙ୍କ ଆତ୍ମାର ସଦ୍‌ଗତି ହେଉ।

(ଗେମ୍‌ପ୍ଲାନ)

#WhatDrivesYou
EXIDE




Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. For further information, please contact your nearest Hero MotoCorp's dealership or contact on our Toll Free No.: 1800-266-0018 or visit our website www.heromotocorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. **Loyalty or exchanege benefit of upto Rs. 2000 is applicable on selected models only. #Finance scheme is at the sole discretion of the Financier subject to its respective T&Cs. For more details, please contact your nearest Authorized Hero Outlet.^As per cumulative dispatch numbers till 15th September 2019. T&C applied.
HeroFinCorp. HeroMotoCorp.com HeroMotoCorpIndia HeroMotoCorp HeroMotoCorpLimited TheHeroMotoCorp
For Institutional and Bulk Sales please write to bhubaneshwar@heromotocorp.com
ଅଥରାଇଜଡ ଡିଲର: ବରଗଡ଼: ଆକାଶ ହୀରୋ - 7799766396. ଭବାନୀପାଟନା : ଅରୁନ୍ଧତୀ ହୀରୋ - 7799766385. ବଲାଙ୍ଗିର: ଅରୁନ୍ଧତୀ ହୀରୋ - 7799766327. ଝାରସୁଗୁଡ଼ା: ବିଜୟଲକ୍ଷ୍ମୀ ହୀରୋ - 7799766368. ରାଉରକେଲା: ଦୁଆ ହୀରୋ - 7799766391. ସମ୍ବଲପୁର: ଶ୍ରୀ ଶ୍ୟାମ ହୀରୋ - 7799766356. ସୋନପୁର: ଜୟ ଜୱାନ ହୀରୋ - 7799766419. ସୁନ୍ଦରଗଡ଼: ରୋବୋଟେକ୍ ହୀରୋ - 8448183659. ଅଥରାଇଜଡ ସର୍ଭିସ୍ ସେଣ୍ଟର: ବାମରା: ଚୌଧୁରି ହୀରୋ - 9938274720. ବରପାଲି: ଦୁର୍ଗା ମୋଟର୍ସ- 9861265979. ବେଲପାହାଡ଼: ବର୍ଷା ମୋଟର୍ସ - 9437058417. ବୌଧ: ବତ୍ସଲ ଅଟୋ - 9437062948. ବ୍ରଜରାଜନଗର: ବୀନା ମୋଟର୍ସ - 9861078290. ଦେବଗଡ଼ : ଜିନ୍ଦାଲ ମୋଟର୍ସ - 9437056659. କୁଚିଣ୍ଡା: ଶ୍ରୀ ବିମଳା ମୋଟର୍ସ - 7008407979. କାନ୍ତାବାନଜି: ଆଶୀର୍ବାଦ ମୋଟର୍ସ - 9937535770. ନୂଆପଡ଼ା: ମାରୁତି ଅଟୋ - 9937928818, 7381199999. ପଦ୍ମପୁର: ଦେବେଶ ମୋଟର୍ସ - 9437253970. ରାଜଖଡ଼ିଆଳ: ଜଗଦମ୍ବା ଅଟୋ କମ୍ବାଇନ - 9937302262. ରାଜଗାଙ୍ଗପୁର: କେଡିଆ ଆଣ୍ଡ କେଡିଆ - 9437152881. ସୁନ୍ଦରଗଡ଼: ଯମୁନା ମୋଟର୍ସ - 9861078290. ଟିଟିଲାଗଡ଼: ସ୍ନେହା ମୋଟର୍ସ - 9437570237.

www.orissakhabar.com/ www.dharitri.com ପୃଷ୍ଠା: ୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ଡିସେମ୍ବର ୬/୨୦୧୯ Sambalpur, Friday, December 6 / 2019

# ମୁଖ୍ୟମନ୍ତ୍ରୀଙ୍କ ଟ୍ୱିଟର ଆକାଉଣ୍ଟରେ ମନମୁଣ୍ଡା ରାସ୍ତା

**ମନମୁଣ୍ଡା, ୫।୧୨ (ଡି.ଏନ.ଏ)** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଟ୍ୱିଟର ଆକାଉଣ୍ଟରେ ଗୋଟିଏ ଫଟୋକୁ ନେଇ ଏବେ ସବୁଆଡେ ଚର୍ଚ୍ଚା। ରବିବାର ଏକ ସୁନ୍ଦର ରାସ୍ତାର ଫଟୋ ପୋଷ୍ଟ କରି ନବୀନ ପଟ୍ଟନାୟକ ଏକ ପ୍ରଶ୍ନ ପଚାରିଥିଲେ ଯେ, ଏହି ରାସ୍ତା କେଉଁଠି ଅଛି। ଏହାର ମାତ୍ର କେଇ ଘଣ୍ଟା ପରେ ମନମୁଣ୍ଡାର ବୈଦ୍ୟନାଥ ହୋତା ଏହାକୁ ପ୍ରଥମେ ଚିହ୍ନଟ କରି ନିଜର ବାଇଟ ଦେଇଥିଲେ । ମୁଖ୍ୟମନ୍ତ୍ରୀ ପଠାଇଥିବା ଏହି ଫଟୋକୁ ଯିଏ ଦେଖିବେ ଏହା ନିଶ୍ଚୟ କୌଣସି ବଡ ସହର ପାଖ ରାସ୍ତା ବୋଲି ଭାବିବେ । କିନ୍ତୁ ଏହା ବୌଦ୍ଧ ଜିଲା ସୀମାନ୍ତ ମନମୁଣ୍ଡାରେ ଅଛି, ଯାହାକି ସୁବର୍ଣ୍ଣପୁର ଜିଲା ସହ ସଂଯୋଗ କରୁଛି । ଏହି ରାସ୍ତାଟି ବୌଦ୍ଧ-ସୁବର୍ଣ୍ଣପୁର ଏନଏଚ-୫୭ ମନମୁଣ୍ଡା ଗ୍ରାମ ପଞ୍ଚାୟତ ଖଇରମାଳ ମୌଜା ଛକଠାରୁ ବାସୁଦେବପାଲି ମୌଜା



ମୁଖ୍ୟମନ୍ତ୍ରୀଙ୍କ ଟ୍ୱିଟର ଆକାଉଣ୍ଟରେ ଥିବା ଫଟୋ ।

ଐତିହାସିକ ଅସୁରଗଡ ପର୍ଯ୍ୟନ୍ତ ଲମ୍ବିଛି। ପୂର୍ବରୁ ଏହା ରାଜ୍ୟ ରାଜପଥ ଥିଲା। ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ୫୭ ଏହି ରାସ୍ତା ଦେଇଯିବାରୁ ୨୦୧୦ ମସିହାରେ ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ରାଜାରାଜୁଡା ଅମଳର ବହୁ ପୁରାତନ ଗଛ ଗୁଡିକୁ କାଟି ଦିଆଯାଇ ରାସ୍ତା ପ୍ରଶସ୍ତୀକରଣ କରାଗଲା। ପରେ ମନମୁଣ୍ଡା ବନ ବିଭାଗ ତତ୍ତ୍ୱାବଧାନକ୍ରମେ ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷରୋପଣ କରାଯାଇଥିଲା। ସୁନ୍ଦର ଚକ୍ ଚକ୍ କରୁଥିବା ଏହି ରାସ୍ତାର ଉଭୟ ପାର୍ଶ୍ୱର ଧାଡିକି ଧାଡି ଗଛ ଗୁଡିକ ଏବେ ବଡ ହୋଇ ପଥିକ ମାନଙ୍କୁ ଛାଇ ଦେବା ସହ ଶୋଭାବର୍ଦ୍ଧନ କରୁଛି । ରାସ୍ତାର ଉଭୟ ପାର୍ଶ୍ୱରେ ଶସ୍ୟଶ୍ୟାମଳା ଧାନ କିଆରି, ଉତ୍ତର ଦିଗରେ ମହାନଦୀ ଓ ତେଲନଦୀର ସଙ୍ଗମ ସ୍ଥଳ ଥିବା ଫଟୋଟି ଅତ୍ୟନ୍ତ ଆକର୍ଷଣୀୟ ଓ ମନୋରମ ଦେଖାଯାଉଛି । ଏହା ସବୁଜିମା ସୁରକ୍ଷାର ବାର୍ତ୍ତା ମଧ ଦେଉଛି । ମୁଖ୍ୟମନ୍ତ୍ରୀ ଆକାଶ ମାର୍ଗରୁ ଏହାର ଫଟୋ ଉଠାଇ ଟ୍ୱିଟର ଆକାଉଣ୍ଟରେ ଛାଡିଛନ୍ତି ।

# ଭୂମିହୀନ ପରିବାରକେ ଭେଟ୍‌ଲେ ଜିଲାପାଳ


ଜିଲାପାଳ ଝାଙ୍କର ମହାନନ୍ଦକଁର ପରିବାରକେ ଭେଟି ହାଲ୍‌ଚାଲ ପଚାରି ବୁଝୁଛନ୍।

**ଘଣ୍ଟାପଡା, ୫।୧୨ (ଡି.ଏନ.ଏ.)** ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ର ସୋମବାର କଣ୍ଟାମାଲ ବ୍ଲକ ପରିଦରଶନରେ ଆସି ଆମ୍ବଗାଁ ପଁଚେତ୍ ଦେଢ଼େଣମାଲ ଗାଁର ନିହାତି ଗରିବ୍ ଭୂମିହୀନ ପରିବାର ଝାଙ୍କର ମହାନନ୍ଦକଁର ଘରକେ ଯାଇ ସମସିଆ ବାବ୍‌ଦେ ପଚାରି ବୁଝିଛନ୍। ଇ ପରିବାରର ସମସିଆ ବାବ୍‌ଦେ ଅକ୍ଟୋବର ୧୩ ତାରିଖ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ 'ଦୁରଦିନ୍‌ରେ ଗରିବ୍ ପରିବାର, ତାରପୋଲିନ୍ ତଲେ ୬ ପରାନୀ' ଶୀରଷକ୍‌ରେ ଖବର ବାହାରିଥିଲା। ଯେନ୍‌ଥିରଲାଗି ଇ ପରିବାରର ଦୁରଦଶା ଜିଲା ପରଶାସନ ନଜରକେ ଆସିଥିଲା।

**ଧରିତ୍ରୀ ପ୍ରଭାବ**

ପୂରବର ସୂଚନା ହିସାବେ ଦେଢ଼େଣମାଲର ଝାଙ୍କର ମହାନନ୍ଦ ଝନେ ନିହାତି ଗରିବ୍ ଲୋକ୍। ତାକର ଜମିବାଡ଼ି, ଘରଡ଼ିହ ବଲି କହିଛି ନାଇଁ। ଏନ୍‌ତା କି ପରିବାରଟା ସରକାରକଁର ଖାଏଦ୍ ସୁରକ୍ଷା ଯୋଜନାରୁ ବି ବଁଚିତ୍ ହେଇ ରହିଛନ୍। ପରିବାରଟା ମୁଡ଼ ଗୁଁଜିଥିବାର ବଖିରେ ଘର ବି ଗଲା ଲଘୁଚାପ ବରଷାରେ ମାଟିରେ ମିଶିଗଲା। ଏହେଦେ ୬ ପରାନୀ କୁଟୁମ ବେସାହାରା ହେଇ ଗୁଟେ ଝୁପ୍‌ଡ଼ିରେ ଦିନ୍ ବିତଉଛନ୍। ଇ ବାବ୍‌ଦେ ଗଲା ଅକ୍ଟୋବର ୧୩ ତାରିଖ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଚିକିନ୍‌ଖିନୁ ଖବର ବାହାରିଥିଲା। ଖବର ବାହାରଲା ଉତାରୁ ଘଟନାଟା ବୌଦ୍ଧ ଜିଲାପାଳକଁର ନଜରକେ ଆସିଥିଲା। ଜିଲାପାଳ ସୋମବାର କଣ୍ଟାମାଲ ବ୍ଲକ ପରିଦରଶନରେ ଆସିଥିଲାବେଲେ ଝାଙ୍କର ମହାନନ୍ଦକଁର ଘରକେ ଯାଇ ତାକର ହାଲଚାଲ ପଚାରି ବୁଝିଥିଲେ। ପଛେ ଜିଲାପାଳ ଝାଙ୍କର ମହାନନ୍ଦକୁଁ ସରକାରୀ ଯୋଜନାରେ ଘରଡ଼ିହ ଯୁଗେଇ ଦେବାକେ କଣ୍ଟାମାଳ ତହସିଲଦାରକୁଁ ନିରଦେଶ ଦେଇଥିଲେ। ଘରଡ଼ିହ ମିଲ୍‌ଲା ଉତାରୁ ଆବାସ ଯୋଜନାରେ ସାମିଲ କରାଯିବା ବଲି ଜିଲାପାଳ ମିଶ୍ର ଝାଙ୍କର ମହାନନ୍ଦକୁଁ କଥା ଦେଇଥିବାର ଜନାଯାଇଛେ।

# ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

**ରେଢାଖୋଲ ୫।୧୨(ଡି.ଏନ.ଏ)**

ସମ୍ବଲପୁର ଜିଲା ରେଢାଖୋଲ ଥାନା ଅଞ୍ଚଳରେ ଜଣେ ବିବାହିତା ମହିଳାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ପୋଲିସ ଗୁରୁବାର ନରୋତ୍ତମ ମୁଣ୍ଡା (୩୮)ନାମକ ଜଣେ ବିବାହିତ ଯୁବକଙ୍କୁ ଗିରଫ କରିଛି। ସମ୍ପୃକ୍ତା ମହିଳାଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ. ୨୭୯/୧୯) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୀଡିତା ମହିଳାଙ୍କ ସ୍ୱାମୀ ଘରେ ନ ଥିବା ସୁଯୋଗ ନେଇ ଅଭିଯୁକ୍ତ ଯୁବକ ଜଣକ ମଙ୍ଗଳବାର ରାତିରେ ତାଙ୍କ ଘରକୁ ପଶି ତାଙ୍କୁ ଜୋର ଜବରଦସ୍ତ ବଳାତ୍କାର କରିଥିଲେ। ଏ ନେଇ ମହିଳା ଜଣକ ବୁଧବାର ରେଢାଖୋଲ ଥାନାରେ ଅଭିଯୋଗ କରିଥିଲେ ।















Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ସତ୍ୟର ଗ୍ରହଣ ଓ ଅସତ୍ୟର ତ୍ୟାଗରେ ସର୍ବଦା ଉଦ୍ୟମଶୀଳ ହେବା ଉଚିତ।

-ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଶୋକ ସନ୍ତପ୍ତ ପରିବାରଙ୍କୁ ଭେଟିଲେ ବିରୋଧୀ ଦଳ ନେତା

**କୋକସରା,୫।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ମହିମା ପଞ୍ଚାୟତ ବିଜମରା ଗ୍ରାମରେ ଗତ ଶନିବାର ଧାନଖଳାରେ ଖେଳୁଥିବା ସମୟରେ ନିଆଁରେ ପୋଡି ହୋଇ ୩ ଶିଶୁଙ୍କ ମୃତ୍ୟୁ ଘଟଣା ପରେ ଗତ ବୁଧବାର ବିରୋଧୀ ଦଳ ନେତା ପ୍ରଦିପ୍ତ ନାଏକ ପହଞ୍ଚି ଶୋକ ସନ୍ତାପ ପରିବାରକୁ ଭେଟିଥିଲେ। ସେ ସମବେଦନା ଦେବା ସହ ପରିବର ସମସ୍ୟା ଓ ଗାଁରେ ଥିବା ସମସ୍ୟା ପଚାରି ବୁଝିଛନ୍ତି । ଏହି ଦଳରେ ଭାଜପା କୃଷକ ମୋର୍ଚ୍ଚା ସଭାପତି ସୁଧିର ରନ ପାଢଯୋଷୀ, ଏମ୍‌ପି ପ୍ରତିନିଧି ମୁକେଶ ଅଗ୍ରୱାଲ, ଜିଲା ସାଧାରଣ ସମ୍ପାଦକ ଅପରେଶ ସ୍ୱାଇଁ, ଜିଲା ସାଧାରଣ ସମ୍ପାଦକ ଯୁଗଳ କିଶୋର ପୋଡ, ଘନଶ୍ୟାମ ନାଏକ, କୋକସରା ମଣ୍ଡଳ ପ୍ରଭାରୀ ଗରୁଡ ଧ୍ୱଜ ମାଝି, ଗୋଦାବରିଶ ପାତ୍ର, ଗଣେଷ ନନ୍ଦ, ଚିନ୍ମୟ ବେହେରା, ଯୁବନେତା ମଧୁବନ ପାତ୍ର, ହିମାଂଶୁ ପଣ୍ଡା, କୋକସରା ମଣ୍ଡଳ ସଭାପତି ତ୍ରିନାଥ ବାଗ, ସୁଶିଲ କୁମାର ପାଢୀ, ଆମପାଣି ଜୋନ ଜିଲା ପରିଷଦ ସଦସ୍ୟା ହେମାଙ୍ଗୀନି ହଂସ, ଗୋପାଳ ଅଗ୍ରୱାଲ, ତ୍ରିନାଥ ଶବର, ସତ୍ୟବାନ ପାଣିଗ୍ରାହୀ ପ୍ରମୁଖ ସାମିଲ ଥିଲେ।

### ନାଳରେ ଭାସି ଯୁବକ ମୃତ ଘଟଣା

### ଓଡ଼ିଶାର ରିଲିଫ୍ କୋଡ୍‌ରୁ ମିଳିଲା ୪ ଲକ୍ଷ ସହାୟତା

**କର୍ଲାମୁଣ୍ଡା, ୫।୧୨ (ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଗତ ଅଗଷ୍ଟ ମାସରେ ପ୍ରବଳ ବର୍ଷା ହୋଇଥିଲା ଏଥିରେ ରାଜପୁର ପଞ୍ଚାୟତ ସିଆପଲପଲା ଗ୍ରାମର ଜିତୁ ରଣା ନାମକ ୨୧ ବର୍ଷିୟା ଯୁବକ ସାଙ୍ଗମାନଙ୍କ ସହ ଗାଈ ଚରାଇବାକୁ ଯାଇ ଗାଁ ନିକଟସ୍ଥ ସରବରା ଯୋରରେ ଭାସିଯାଇ ମୃତ୍ୟୁ ବରଣ କରିଥିଲେ। ଗୁରୁବାର ଓଡିଶାର ରିଲିଫ୍ କୋଡ ପକ୍ଷରୁ ସ୍ୱର୍ଗତ ଜିତୁଙ୍କ ପିତା ଲକ୍ଷ୍ମୀଧର ରଣାଙ୍କୁ ୪ ଲକ୍ଷ ଟଙ୍କାର ଆକାଉଣ୍ଟ ଟ୍ରାନ୍ସଫର ଚିଠି ପ୍ରଦାନ କରାଯାଇଥିଲା।

## ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ

# ମୃତ୍ତିକା ସଂରକ୍ଷଣକୁ ଗୁରୁତ୍ୱ

**ବରଗଡ଼ ଅଫିସ୍,୫।୧୨**

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଗୁରୁବାର ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଛି । ଉକ୍ତ କାର୍ଯ୍ୟକ୍ରମକୁ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଉଦଘାଟନ କରିଥିଲେ । ଜିଲାପାଳ ପ୍ରଧାନ ନିଜ ବକ୍ତବ୍ୟରେ ବିଶ୍ୱ ମୃତ୍ତିକା ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଏହା ସହିତ ମନୁଷ୍ୟକୃତ ମୃତ୍ତିକା କ୍ଷୟ ଏକ ବଡ଼ ସମସ୍ୟା ଏବଂ ଭବିଷ୍ୟତକୁ ଦୃଷ୍ଟିରେ ରଖି ବୈଜ୍ଞାନିକ ପଦ୍ଧତିରେ ଚାଷ କରି ମୃତ୍ତିକାକୁ ସଂରକ୍ଷିତ ରଖିବାକୁ ସେ ପରାମର୍ଶ ଦେଇଥିଲେ । ଜିଲାପାଳ ଉପସ୍ଥିତ ଚାଷୀଙ୍କୁ ସେମାନଙ୍କ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ଼ ବଣ୍ଟନ କରିଥିଲେ । ଜିଲା ମୁଖ୍ୟ କୃଷି ଅଧିକାରୀ ଦୀନବନ୍ଧୁ ଗାନ୍ଧୀ ମଧ୍ୟ ମୃତ୍ତିକା ସଂରକ୍ଷଣ ଉପରେ ବିଭିନ୍ନ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ନୃସିଂହ ଚରଣ ବାରିକ, ଓଡ଼ିଶା ରାଜ୍ୟ ବିହନ ନିଗମ, ବରଗଡ଼ ଜୋନାଲ ମ୍ୟାନେଜର ପ୍ରଶାନ୍ତ କୁମାର ମହାନ୍ତି, ବରଗଡ଼ ମୃତ୍ତିକା ପରୀକ୍ଷାଗାରର ରସାୟନବିତ୍ ଯଯାତି କେଶରୀ ଜେନା, ବିହନ ପରୀକ୍ଷଣ ଅଧିକାରୀ କ୍ଷମାଦେହୀ ପୃଷ୍ଟି, ବରଗଡ଼ କୃଷି ଜିଲା ଅଧିକାରୀ ଅଶୋକ କୁମାର ଅମାତ, ହାଇଦ୍ରାବାଦର ଡଃ ଥୋମାସ କିରନ ମାରେଲା, ବରଗଡ଼ ବ୍ଲକର ସହକାରୀ କୃଷି ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ସରସରା ସହକାରୀ କୃଷି ଅଧିକାରୀ ଶୁଭଶ୍ରୀ ସୌମ୍ୟା ବିଭାର, ବରଗଡ଼ ଜିଲା ଜଳ ପରିଚାଳନା ବିଶେଷଜ୍ଞ ବିରେନ କୁମାର ଛୁରିଆ, ସହକାରୀ କୃଷି ଅଧିକାରୀ ସଂଯୁକ୍ତା ମୁଣ୍ଡା, ସୀତାଂଶୁ ଶେଖର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ପ୍ରଦର୍ଶନୀ ଷ୍ଟଲ ଖୋଲାଯାଇଥିଲା । ବିଭୂତି ଭୂଷଣ ମିଶ୍ର ମଞ୍ଚ ପରିଚାଳନା କରିଥିଲେ ।



ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସକୁ ଉଦଘାଟନ କରାଯାଉଛି ।

**ଜାମଟିକ୍ରା, (ଡି.ଏନ.ଏ)**

ଅତାବିରା ବ୍ଲକ କୃଷି କାର୍ଯ୍ୟଶାଳୟଠାରେ ଗୁରୁବାର ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି । ଏଥିରେ ଅତାବିରା ବ୍ଲକ କୃଷି ଅଧିକାରୀ ମାନିନୀ ଭୋଇ, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଶୋଭନ ନାୟକ ଏବଂ ବ୍ଲକର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ଗ୍ରାମ୍ୟ କୃଷି ଅଧିକାରୀମାନେ ଯୋଗଦେଇ ଉପସ୍ଥିତ ଚାଷୀମାନଙ୍କୁ ବିଶ୍ୱ ମୃତ୍ତିକା ଦିବସର ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। ଚଳିତ ବିଶ୍ୱ ମୃତ୍ତିକା ଦିବସ ଲାଗି ବାର୍ତ୍ତା ଥିଲା ମୃତ୍ତିକା କ୍ଷୟ ରୋକ, ଭବିଷ୍ୟତ ରକ୍ଷା କର । ସେହିପରି ମାଟିର ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇ ଏଥିପାଇଁ ଉପଯୁକ୍ତ ନୀତି ନିର୍ଦ୍ଧାରଣ କରିବା ଉପରେ ଚିନ୍ତା କରାଯିବା ଆବଶ୍ୟକ । ଉପଯୁକ୍ତ ମୃତ୍ତିକା ପରିଚାଳନା ମାଧ୍ୟମରେ ମାଟିର ସ୍ୱାସ୍ଥ୍ୟ ବଜାୟ ରଖିବା ଓ ସଂରକ୍ଷଣର ଆବଶ୍ୟକତା ଉପରେ ଚାଷୀମାନଙ୍କୁ ବରିଷ୍ଠ ଗ୍ରାମ୍ୟ କୃଷି କର୍ମଚାରୀ କିଶୋର ଦାନ ଅବଗତ କରିଥିଲେ ।

**ବିଜେପୁର,(ଡି.ଏନ.ଏ)**

ବିଜେପୁର କୃଷି ଓ ବୈଷୟିକ ପରିଚାଳନା କେନ୍ଦ୍ରରେ ବ୍ଲକସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ତହସିଲଦାର ନାରାୟଣ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଆତ୍ମା ଚେୟାରମ୍ୟାନ ଆଦିତ୍ୟ ବୁଡେକଙ୍କ ଅଧ୍ୟକ୍ଷତାରେ ବିଡିଓ ଡା. ଗିରିଧାରୀ ଭୋଇ, ଏଏଓ ସତ୍ୟବ୍ରତ ସାହୁ ଓ କଳ୍ପନା ପ୍ରଧାନ, ଜିଲା ପରିଷଦ ସଭ୍ୟା ସବିତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମାଟିର ସୁସ୍ଥତା ପାଇଁ ଜୈବିକ ଚାଷ ଆବଶ୍ୟକ। ଏହାଦ୍ୱାରା ପରିବେଶ ଓ ଆମେ ସୁସ୍ଥ ଜୀବନ ନିର୍ବାହ କରିପାରିବା ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ । ପରେ କୃଷକମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରାଯାଇଥିଲା । ବ୍ଲକ ସହକାରୀ କୃଷି ଅଧିକାରୀ ଲକ୍ଷ୍ମୀପ୍ରସାଦ ପଟେଲ ସଭା ପରିଚାଳନା କରିଥିଲେ ।

**ଭେଡ଼େନ,(ଡି.ଏନ.ଏ)**

ଭେଡ଼େନ ବ୍ଲକ କୃଷି ପରାମର୍ଶ କେନ୍ଦ୍ର ସଭାଗୃହ ପରିସରରେ ଆତ୍ମା କମିଟି ଅଧକ୍ଷ ହରିଶଙ୍କର ବେହେରାଙ୍କ ସଭାପତିତ୍ୱରେ ଗୁରୁବାର ମୃତ୍ତିକା ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଭେଡ଼େନ ବ୍ଲକ ଅଧକ୍ଷ ଡ଼ୋଲାମଣି କ୍ଷେତି ଯୋଗଦେଇ ବୃକ୍ଷରୋପଣ ହିଁ ମୃତ୍ତିକା ସଂରକ୍ଷଣର ଏକମାତ୍ର ଉପାୟ ବୋଲି ମତ ପ୍ରକାଶ କରିଥିଲେ। ବ୍ଲକ କୃଷି ଅଧିକାରୀ ଆନନ୍ଦ କୁମାର ଭୋଇ, କୃଷି କର୍ମଚାରୀ ଜୀବର୍ଦ୍ଧନ ବାରିକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ମୃତ୍ତିକା ସଂରକ୍ଷଣ ଦିଗରେ ମତ ଦେଇଥିଲେ । ଶେଷରେ ଡ଼ିପିଏମ ଦେବାଶିଷ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ଗ୍ରାମପଞ୍ଚାୟତ କୃଷି କର୍ମଚାରୀ, କୃଷକ ସାଥୀ ତଥା ଚାଷୀମାନେ ଅଂଶଗ୍ରହଣ କରିଥିଲେ ।

## ଜୁନାଗଡ଼ରେ ବ୍ଲକସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ

**ଜୁନାଗଡ, ୫।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ଆରଏମ୍‌ସି ପରିସରରେ ଗୁରୁବାର ବ୍ଲକସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ଆତ୍ମାର ଆବାହକ ତଥା ଚାରବାହାଲ ସହକାରୀ କୃଷି ଅଧିକାରୀ ଗଜାନନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆତ୍ମାର ଅଧକ୍ଷ ତଥା ପ୍ରକୃତିବନ୍ଧୁ ଅଶୋକ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଜୁନାଗଡ ବ୍ଲକ ଉପାଧକ୍ଷ ଟଙ୍କଧର ନାଏକ, ସମ୍ମାନିତ ଅତିଥି ନକଟିଗୁଡା ସରପଞ୍ଚ ବିକାଶ ରଞ୍ଜନ ସରାଫ, ପ୍ରକୃତିବନ୍ଧୁ ଗୋପୀନାଥ ଶବର, ଚାଷୀ ନେତା ଯୁଗୋଲ ବାଗ ପ୍ରମୁଖ ଯୋଗଦେଇ ମୃତ୍ତିକା ସଂରକ୍ଷଣ ଉପରେ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ସହକାରୀ କୃଷି ଅଧିକାରୀ ଗଜାନନ ସାହୁ ସଭାପରିଚାଳନା କରିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ଆତ୍ମା କଳାହାଣ୍ଡି ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ପଞ୍ଚାୟତର ଚାଷୀ, ଗ୍ରାମ୍ୟ କୃଷିକର୍ମଚାରୀ, କୃଷକ ସାଥୀ ଓ ଏଫ୍‌ଆଇଏସି ସଦସ୍ୟମାନେ ଯୋଗଦେଇଥିଲେ। ବିଟିଏମ ଭବତୋଷ କର ଧନ୍ୟବାଦ ଦେଇଥିଲେ।



ଜୁନାଗଡ଼ରେ ଅନୁଷ୍ଠିତ ବିଶ୍ୱ ମୃତ୍ତିକା ଦିବସରେ ମଞ୍ଚାସୀନ ଅତିଥି ।

## ଭାଜପାର କାରଣ ଦର୍ଶାଅ ନୋଟିସ

**ବରଗଡ଼ ଅଫିସ୍,୫।୧୨**

ଭାଜପା ଛାଡ଼ି ବିଜେଡ଼ିରେ ମିଶିଥିବା ବରଗଡ଼ ଜିଲାର ୬ଜଣ ଜିଲା ପରିଷଦ ସଭ୍ୟାସଭ୍ୟଙ୍କୁ ଦଳ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ବୋଲି ଭାଜପା ଜିଲା ସାଧାରଣ ସମ୍ପାଦକ ରବି ନାରାୟଣ ଦାଶ ଏକ ବିବୃତିରେ ଜଣାଇଛନ୍ତି। ସେ ଉଲ୍ଲେଖ କରିଛନ୍ତି, ଗୁରୁବାର ଦଳର ଜିଲା କାର୍ଯ୍ୟାଳୟରେ ଦଳୀୟ ନେତୃବୃନ୍ଦଙ୍କ ଏକ ବୈଠକ ବସିଥିଲା । ବୈଠକରେ ଦଳର ରାଜ୍ୟ ସଭପତିଙ୍କ ନିର୍ଦ୍ଦେଶକ୍ରମେ ଦଳ ଛାଡ଼ିଥିବା ଜିଲା ପରିଷଦ ସଭ୍ୟାସଭ୍ୟଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବାକୁ ନିଷ୍ପତ୍ତି ନିଆଯାଇଥିଲା । କାହିଁକି ସେମାନଙ୍କ ସଭ୍ୟପଦ ରଦ୍ଦ କରାଯିବ ନାହିଁ, ସେ ନେଇ ଆସନ୍ତା ସପ୍ତାହକ ମଧ୍ୟରେ ସ୍ପଷ୍ଟୀକରଣ ଦେବା ପାଇଁ କାରଣ ଦର୍ଶାଅ ନୋଟିସରେ ଦର୍ଶାଯାଇଛି । ପ୍ରକାଶଥାଉକି, ଗତ ସାଧାରଣ ନିର୍ବାଚନ ପୂର୍ବରୁ ୬ ଜିଲା ପରିଷଦ ସଭ୍ୟାସଭ୍ୟ ଭାଜପା ଛାଡ଼ି ବିଜେଡ଼ିରେ ମିଶିଥିବା ଘୋଷଣା କରିଥିଲେ ।

## ଜୟକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

**ମନମୁଣ୍ଡା, ୫।୧୨ (ଡି.ଏନ.ଏ)**

ବୌଦ୍ଧ ଜିଲା ଦମାମୁଣ୍ଡା ଜୟକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ସ୍ଥାନୀୟ ଖୁକୁଡେଶ୍ୱର ମନ୍ଦିରରୁ ମଶାଲ ଧରି ନଗର ପରିକ୍ରମା ପୂର୍ବକ ଖେଳ ପଡିଆରେ ପହଞ୍ଚିଥିଲେ । ବିଦ୍ୟାଳୟର ଅଧକ୍ଷା ପ୍ରିୟମ୍ବଦା ନାଏକ ଏହାକୁ ଉଦଘାଟନ କରିଥିଲେ। ବାଳକ ଓ ବାଳିକା ବିଭାଗରେ ମୋଟ ୨୦ଟି ଇଭେଣ୍ଟରେ ପ୍ରତିଯୋଗିତା ହୋଇଥିଲା। ଉଭୟ ବିଭାଗରେ ମୋଟ ୧୨୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବାଳକ ବିଭାଗରେ ଭୁବନେଶ୍ୱର ବସ୍ତିଆ ଏବଂ ବାଳିକା ବିଭାଗରେ ବର୍ଷା ସ୍ୱାଇଁ ଚାମ୍ପିୟନ ହୋଇଥିଲେ । ଖେଳ ଶିକ୍ଷକ କାମ୍ପାଳ ନାଏକ ଓ ବିଶ୍ୱମ୍ଭର ପ୍ରଧାନ ଖେଳ ପରିଚାଳନା କରିଥିଲେ । ଅଧାପକ ସୁନୀଲ କୁମାର ଗୁରୁ, ବାସୁଦେବ ସେଠୀ, କୃଷ୍ଣଚନ୍ଦ୍ର ରଥ, ରୋହିତାସ୍ୟ ସେନାପତି, ବାଦଲ କୁମାର ଅଗ୍ରୱାଲ, ସୁବାଷ ଚନ୍ଦ୍ର ମଟାରୀ, ଝସକେତନ ପ୍ରଧାନ, ଅଧାପିକା ସୀମା ଭୋଇ ପ୍ରମୁଖ ସହଯୋଗ କରିଥିଲେ ।

## କୋକସରା ଡିଗ୍ରୀ କଲେଜରେ ଏଡ୍‌ସ ସଚେତନତା ଦିବସ

**କୋକସରା,୫।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ଡିଗ୍ରୀ କଲେଜରେ ବୁଧବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ୟୁଥ ରେଡକ୍ରସ ଓ ରେଡ ରିବନ କ୍ଲବ ଆନୁକୁଲ୍ୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଗୁଣାକାର ପଣ୍ଡା ରେଡକ୍ରସ ପତକା ଦେଖାଇ ଉଦଘାଟନ କରିଥିଲେ। ଛାତ୍ରଛାତ୍ରୀମାନେ ଏକ ଶୋଭାଯାତ୍ରାରେ ବାହାରି ସଚେତନତା ହିଁ ଏହି ରୋଗ ଦମନ ପାଇଁ ଏକମାତ୍ର ବିକଳ୍ପ ବୋଲି ଲୋକମାନଙ୍କୁ ବୁଝାଇଥିଲେ। ପରେ ଡିଗ୍ରୀ କଲେଜ ସମ୍ମିଳନୀ କକ୍ଷରେ ଅଧକ୍ଷ ଗୁଣାକାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କୋକସରା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର, ମୁଖ୍ୟବକ୍ତ ଭାବେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏଡ୍‌ସ ପରାମର୍ଶ ଦାତା ଝସକେତନ ବାରିକ, ସମ୍ମାନିତ ଅତିଥି ସାମାଜିକ କର୍ମୀ ଆନନ୍ଦ କୁମାର ଗର୍ଗ, ଘାସିରାମ ପାଟଯୋଷୀ ପ୍ରମୁଖ ଯୋଗଦେଇ ଏଡ୍‌ସ ରୋଗର ନିରାକଣ ଉପରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଯୁବ ରେଡକ୍ରସ ପରାମର୍ଶ ଦାତା ତଥା ଅଧାପକ ସୁବ୍ରତ କୁମାର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଏନସିସି କମାଣ୍ଡେଣ୍ଟ ଅଶ୍ୱିନୀ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପକ ପୁଷ୍ପରାଜ ମେହେର, ଜଗନ ଚନ୍ଦାନୀ, ଅଧାପିକା କନକମୁରୀ ବେହେରା ପ୍ରମୁଖ ପରିଚାଳନାରେ ସହଯାଗ କରିଥିଲେ।

## ସେବାକୁ ଜୀବନର ବ୍ରତ ପାଇଁ ଶପଥପାଠ

**ବୌଦ୍ଧ, ୫।୧୨(ସ୍ୱ.ପ୍ର)**

ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ଯୁବ ରେଡକ୍ରସ ପକ୍ଷରୁ ଆନ୍ତର୍ଜାତିକ ସ୍ୱେଚ୍ଛାସେବୀ ଦିବସ ପାଳିତ ହୋଇଯାଇଛି। ଏହି ଦିବସରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମହପାତ୍ର ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସ୍ୱେଚ୍ଛାସେବୀ ମନୋଭାବ ରଖିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବୌଦ୍ଧ ପତଞ୍ଜଳି ଯୋଗ ସମିତି ସଭାପତି ଦେବାଶିଷ ପୁରୋହିତ ଯୋଗଦେଇ ମାନବ ସେବା ହିଁ ମାଧବ ସେବା ବୋଲି ମତବ୍ୟକ୍ତ କରିଥିଲେ। ଫନୀ ମହାବାତ୍ୟା ସମୟରେ ସହାୟତା କରିଥିବା ରାଧେଶ୍ୟାମ ସିଂଘଲ,ଏନସିସି ଅଫିସର ଡ. ମହେନ୍ଦ୍ର ନାଥ ଦେବତା ଓ ଏଚଡିଏଫସି ବ୍ୟାଙ୍କର ଅଧିକାରୀ ଅମିତ ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ୯୦ଥର ସ୍ୱେଚ୍ଛାକୃତ ରକ୍ତଦାନ କରିଥିବା ଯୁବ ରେଡକ୍ରସ ପରାମର୍ଶଦାତା ଅଧ୍ୟାପକ ପ୍ରବୀର କୁମାର ଦାସଙ୍କୁ ମହାବିଦ୍ୟାଳୟ ତରଫରୁ ସମ୍ମାନିତ କରାଯାଇଥିଲା। ଏଥିରେ ଯୁବ ରେଡକ୍ରସ, ରେଡ ରିବନ କ୍ଲବର ସଦସ୍ୟ ଓ ଏନସିସି ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ । ଶେଷରେ ସମସ୍ତ ସ୍ୱେଚ୍ଛାସେବୀ ସେବାକୁ ଜୀବନର ବ୍ରତ କରିବା ପାଇଁ ଶପଥପାଠ କରିଥିଲେ। ଶେଷରେ ଯୁବ ରେଡକ୍ରସର ସ୍ୱେଚ୍ଛାସେବୀ ପ୍ରଦ୍ୟୁମ୍ନ ବଡମାଳୀ ଧନ୍ୟବାଦ ଅର୍ପଣ କରିଥିଲେ ।

**ମନମୁଣ୍ଡା, (ଡି.ଏନ.ଏ)**

ବୌଦ୍ଧ ଜିଲା ସିଦ୍ଧେଶ୍ୱର ବାବା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ଆନ୍ତର୍ଜାତିକ ସ୍ୱେଚ୍ଛାସେବୀ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ସଭା ଆୟୋଜନ କରାଯାଇଥିଲା। ସଭାରେ ବିଦ୍ୟାଳୟ ଅଧକ୍ଷା ସୁମିତ୍ରା ଭଟ୍ଟାଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ରାଜନୀତି ବିଜ୍ଞାନ ଅଧାପକ ସୁଶୀଲ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଇଂଲିଶ ଅଧାପକ ଶେଷଦେବ ପରଡିଆ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସ୍ୱେଚ୍ଛାକୃତ ଭାବେ ସେବା ମନୋଭାବ ଓ ସମାଜମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ଉପରେ ସଭାପତି ଭଟ୍ଟାଚାର୍ଯ୍ୟ ବୁଝାଇଥିଲେ। ଶେଷରେ ବିଦ୍ୟାଳୟର ଜାତୀୟ ସେବା ଯୋଜନା ୟୁନିଟ୍‌ର ପ୍ରୋଗ୍ରାମ ଅଫିସର ବିଭୂତି ଭୂଷଣ ବାରିକଙ୍କ ତତ୍ତ୍ୱାବଧାନରେ ଏନଏସଏସ ଛାତ୍ରମାନଙ୍କ ଦ୍ୱାରା ଉମପଡା–ଶଗଡା ରାସ୍ତା ମରାମତି ହୋଇଥିଲା ।




ଆନ୍ତର୍ଜାତିକ ସ୍ୱେଚ୍ଛାସେବୀ ଦିବସ ଅବସରରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ସଫେଇ କାର୍ଯ୍ୟ କରୁଛନ୍ତି

## ମୃତ୍ତିକା ଦିବସ: ଚାଷୀଙ୍କ ମାଟି ପରୀକ୍ଷା ପାଇଁ ଦାବି

**କର୍ଲାମୁଣ୍ଡା, ୫।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ଆତ୍ମା ସଭାଗୃହଠାରେ ଗୁରୁବାର ବିଶ୍ୱ ମୃତ୍ତିକା ଦିବସ ପାଳନ ହୋଇଯାଇଛି। ଏହି ଅବସରରେ କର୍ଲାମୁଣ୍ଡା ସରକାରୀ କୃଷି ଅଧିକାରିଣୀ ମୋନାଲିଷା ଜେନା, ଇଣ୍ଡୋଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି ଅମର କୁମାର ଗୌଡ, କୃଷି ଓଭରସିଅର ଅରୁଣ ଚନ୍ଦ୍ର ପାଢୀ, ଉଦ୍ୟାନ ବିଭାଗ ଓଭରସିଅର ବନଦୁର୍ଗା ହରିଜନ, ବିଟିଏମ ଧବଳେଶ୍ୱର ସାହୁ ପ୍ରମୁଖ ଯୋଗଦେଇ ମୃତ୍ତିକା ଦିବସ ପାଳନ ତାତ୍ପର୍ଯ୍ୟ କହିବା ସହ ମାଟି ସୁରକ୍ଷା ହିଁ ଭବିଷ୍ୟତ ରକ୍ଷା ଏଣୁ ଚାଷୀମାନେ ନିଜର ଜମିର ମାଟିର ସୁରକ୍ଷା ପାଇଁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଏଥିରେ ଉପସ୍ଥିତ ଚାଷୀମାନେ କୃଷି ବିଭାଗ ପକ୍ଷରୁ ମାଟି ପରୀକ୍ଷା କରାଯିବାକୁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ କୃଷି କର୍ମୀ ଧର୍ମେନ୍ଦ୍ର ଶବର ଧନ୍ୟବାଦ ଅର୍ପଣ କରିଥିଲେ। ଗ୍ରାମକୃଷି କର୍ମୀ ଘନଶ୍ୟାମ ଜାନୀ, ନବୀନ ମାଝି, ସୁଜ ସାହୁ, ସୁଷାନ୍ତ ମହାରଣା, ଏଟିଏମ ଶ୍ୟାମପଦ ଭଞ୍ଜ, ମିଳନ ଗୋଛାୟତ, ଓମପ୍ରକାଶ ମିଶ୍ର, କୃଷକ ସାଥି ବାଲମିକୀ ଛତ୍ରିଆ, ବଳଦେବ ଭୋଇ, ଜତିନ୍ଦ୍ରନାଥ ସାହୁ, ପିତବାସ ରଣା, କୁଶ ସାହୁ, ସାମନ୍ତ ଦୀପ, ବେଦବର ସାହୁ ପ୍ରମୁଖ ସହଯୋଗ କରିଥିଲେ।




କୃଷି ଅଧିକାରିଣୀ ମୋନାଲିସା ଜେନା ଚାଷୀମାନଙ୍କୁ ପରାମର୍ଶ ଦେଉଛନ୍ତି।

### ପଞ୍ଚଦଶ ବୌଦ୍ଧ ପୁସ୍ତକ ମେଳାର ତୃତୀୟ ସନ୍ଧ୍ୟା

## ‘ଶ୍ରୀଜଗନ୍ନାଥଙ୍କ ଗୋପନଲୀଳାରେ ବୌଦ୍ଧ’ ଆଲୋଚନାଚକ୍ର

**ବୌଦ୍ଧ, ୫।୧୨(ସ୍ୱ.ପ୍ର)**

ବୌଦ୍ଧ ଜିଲା ଜର୍ଣ୍ଣାଲିଷ୍ଟ ଫୋରମ ଦ୍ୱାରା ଆୟୋଜିତ ପଞ୍ଚଦଶ ବୌଦ୍ଧ ପୁସ୍ତକମେଳାର ଗୁରୁବାର ଥିଲା ତୃତୀୟ ସନ୍ଧ୍ୟା। ସନ୍ଧ୍ୟାରେ ନାଗରିକ କମିଟି ଆବାହକ ବିଶ୍ୱେଶ୍ୱର ପୃଷ୍ଟିଙ୍କ ଅଧକ୍ଷତାରେ ଶ୍ରୀଜଗନ୍ନାଥଙ୍କ ଗୋପନଲୀଳାରେ ବୌଦ୍ଧ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଆଲୋଚକ ଭାବେ ପୌରୁଷର ସମ୍ପାଦକ ଅସିତ ମହାନ୍ତି ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ପାତାଳୀ ପ୍ରସଙ୍ଗରେ ଯାହା ବି ତଥ୍ୟ ରହିଛି ବୌଦ୍ଧ ନାଏକପଡା ଗୁମ୍ଫା ମଧ୍ୟରେ ହିଁ ରହିଛି ବୋଲି ମତପ୍ରକାଶ କରିଥିଲେ। ମାଦଳାପାଞ୍ଜିକୁ ନିର୍ଭୁଲ କୁହାଯାଇ ନ ପାରେ । ଏଣୁ ପାରିପାର୍ଶ୍ୱିକ ଇତିହାସରେ ଯାହା ବି ଛୋଟବଡ ତଥ୍ୟ ସାମନାକୁଆସିଲେ ତାହା ଚର୍ଚ୍ଚିତ ଇତିହାସକୁ ବଦଳାଇ ଦେଇପାରେ। ଶ୍ରୀଜଗନ୍ନାଥଙ୍କ ଗୋପନଲୀଳାରେ ବୌଦ୍ଧର ଇତିହାସ ସହ ଓଡିଶାର ଇତିହାସକୁ ତର୍ଜମା କଲେ ବହୁ ଅନାଲୋଚ୍ୟ ତଥ୍ୟ ସାମ୍‌ନାକୁ ଆସିପାରିବ। ସେହିପରି ଆବାହକ ପୃଷ୍ଟି ନିଜ ବକ୍ତବ୍ୟରେ ଉଡ୍ରମଣ୍ଡଳ, ଭବଂଶୀୟ ରାଜା, ରାଜଧାନୀ ଧୃତିପୁର ସମ୍ପର୍କରେ ଆଲୋକପାତ କରି ଶ୍ରୀଜଗନ୍ନାଥଙ୍କ ଗୋପନଲୀଳାରେ ବୌଦ୍ଧର ଭୂମିକା ପ୍ରତିପାଦନ କରିଥିଲେ। ଅନ୍ୟତମ ଆଲୋଚକ ସତ୍ୟନାରାୟଣ ପାଣି ବୌଦ୍ଧର ଇତିହାସ ସହ ରାଜବଂଶାବଳୀ ଓ ଜଗନ୍ନାଥଙ୍କ ଗୋପନଲୀଳା ସମ୍ପର୍କରେ ଅନେକ ତଥ୍ୟଭିତ୍ତିକ ଆଲୋଚନା ରଖିଥିଲେ। ଏହି ଅବସରରେ ସାହିତ୍ୟିକ ଅସିତ ମହାନ୍ତିଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଫୁଲବାଣୀର ନଟରାଜ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।



ଜଣେ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।



ମିଥ୍ୟା ଯେତେବେଳେ କାର୍ଯ୍ୟରେ ପରିଣତ ହୁଏ,
ସେତେବେଳେ ତାହାର ନାମ ହୋଇଥାଏ ଭୁଲ୍।
- ମାଇକେଲ ଲାଣ୍ଡନ୍



## ସଂକ୍ଷେପରେ

### ଆନ୍ତର୍ଜାତିକ ସ୍ୱେଚ୍ଛାସେବୀ ଦିବସ ପାଳିତ

**ଅମରପାଲି, ୫।୧୨ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଜଟେସିଙ୍ଘା ପଞ୍ଚାୟତର ରାଧାପୁର ଅଙ୍ଗନୱାଡି କେନ୍ଦ୍ର ପରିସରରେ ଆନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ ନେହେରୁ ଯୁବ କେନ୍ଦ୍ର ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଆଶିଷ କୁମାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ମୀନକେତନ ମହାକୁର ମୁଖ୍ୟଅତିଥିଭାବେ ଯୋଗଦେଇ ସାମାଜିକ ଉନ୍ନୟନ, ରାଷ୍ଟ୍ର ଗଠନରେ ଯୁବ ସମାଜର ଭୂମିକା, ସ୍ୱେଚ୍ଛାକୃତ ରକ୍ତଦାନ ଓ ସମାଜ ସେବାର ଆବଶ୍ୟକତା ସମ୍ପର୍କରେ ଉପସ୍ଥିତ ଯୁବକଙ୍କୁ ଉତ୍ସାହିତ କରିଥିଲେ। ସ୍ୱେଚ୍ଛାସେବୀ ଗଦାଧର ବାଦୀ ସଭା ପରିଚାଳନା କରିଥିଲେ। ଜୟଦେବ ପଧାନ, ତ୍ରିଲୋଚନ ସାହୁ, ମନୋଜ କର୍ମୀ, ଅଟଳ ପଧାନ, ମୃତ୍ୟୁଞ୍ଜୟ କ୍ଷେତୀଙ୍କ ସମେତ ପ୍ରାୟ ୫୦ଜଣ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ ।

### ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ ଦିବସ ପାଳିତ

**ଅମରପାଲି, ୫।୧୨ (ଡି.ଏନ.ଏ):** ବୀରମହାରାଜପୁର ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଗବେଷଣା କେନ୍ଦ୍ରରେ ଶ୍ରୀଅରବିନ୍ଦ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ମନରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଭଗବାନ ମିଶ୍ର ମୁଖ୍ୟଅତିଥି, ସନ୍ଧ୍ୟାରାଣୀ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ମାନସ ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗୋପାଳ ରଣା ଧନ୍ୟବାଦ ଅର୍ପଣ କରିଥିଲେ। ସକାଳୁ ଆଧ୍ୟାତ୍ମିକ ପତାକା ଉତ୍ତୋଳନ କରାଯାଇଥିଲା ଓ ପରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

### ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର ଯୁବକଙ୍କ ମୃତ୍ୟୁ

**ଲୋଇସିଂହା, ୫।୧୨ (ଡି.ଏନ୍.ଏ.):** ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭାଲିଆମୁଣ୍ଡା ଗ୍ରାମର ଜଣେ ଯୁବକଙ୍କ ଗୁରୁବାର ମୃତ୍ୟୁ ଘଟିଛି । ଯୁବକ ଜଣକ ବୁଧବାର ସନ୍ଧ୍ୟାରେ ଚେତାଶୂନ୍ୟ ଅବସ୍ଥାରେ ଭାଲିଆମୁଣ୍ଡା ଗାଁ ଛକରେ ପଡିଥିଲେ। ତାଙ୍କୁ ପରିବାର ଲୋକେ ଘରକୁ ନେଇ ଯାଇଥିଲେ। ତାଙ୍କ ମୁଣ୍ଡବିନ୍ଧା,ବାନ୍ତି ହୋଇ ସ୍ୱାସ୍ଥ୍ୟବସ୍ଥା ଉଦ୍‌ବେଗଜନକ ହେବାରୁ ଗୁରୁବାର ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ହୋଇଛି । ଯୁବକଙ୍କ ମୃତଦେହକୁ ପରିବାର ଲୋକେ ସତ୍କାର କରିଛନ୍ତି । ରନ୍ଧାମଦର ବ୍ୟାପକ କାରବାର ଯୋଗୁଁ ମଦମୃତ୍ୟୁ ହେଉଥିବା ଚର୍ଚ୍ଚା ଜୋର ଧରିଛି ।

### ୮ରେ ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ସଂଘ ବୈଠକ

**ବଲାଙ୍ଗୀର ଅଫିସ, ୫।୧୨:** ଆସନ୍ତା ୮ ତାରିଖ ବଲାଙ୍ଗୀର ସହର ଉପକଣ୍ଠ ଖୁଜେନପାଲି ମହାଦେବ ମନ୍ଦିର ପରିସରରେ ପଶ୍ଚିମ ଓଡିଶା ବରିଷ୍ଠ ନାଗରିକ ସଂଘର ଏକ ବୈଠକ ହେବ । ଏଥିରେ ପଶ୍ଚିମ ଓଡିଶାର ୧୩ଟି ଜିଲାର ବହୁ ସଭ୍ୟ ଓ କର୍ମକର୍ତ୍ତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ବରିଷ୍ଠ ନାଗରିକ ମାନଙ୍କ ବିଭିନ୍ନ ସମସ୍ୟା, ସୁବିଧା, ସୁଯୋଗ ଓ ଅସୁବିଧା ବିଷୟରେ ଆଲୋଚନା କରି ତାର ସମାଧାନ ପାଇଁ ଦାବି କରାଯିବ ବୋଲି ସୂଚନା ଦିଆଯାଇଛି ।

# ଗଞ୍ଜେଇ ବୋଝେଇ କାର୍ ଦୁର୍ଘଟଣାଗ୍ରସ୍ତ

**ସୋନପୁର,୫।୧୨(ନି.ପ୍ର.)**



ଜବତ ଦୁର୍ଘଟଣାଗ୍ରସ୍ତ କାର ।



ଜବତ ଗଞ୍ଜେଇ ପ୍ୟାକେଟ।



ଗିରଫ ଅଭିଯୁକ୍ତ।

ସୁବର୍ଣ୍ଣପୁର ଜିଲାର ବିଭିନ୍ନ ରାସ୍ତା ଦେଇ ରାଜ୍ୟ ଓ ରାଜ୍ୟ ବାହାରକୁ ଗଞ୍ଜେଇ ଚୋରା ଚାଲାଣ ହେଉଛି । ଆନ୍ତଃରାଜ୍ୟ ଗଞ୍ଜେଇ ବ୍ୟବସାୟୀମାନେ ପୋଲିସ ଓ ଅବକାରୀ ବିଭାଗର ଆଖିରେ ଧୂଳି ଦେଇ ନକଲି ନମ୍ବର ପ୍ଲେଟ ଲଗାଇ ଭିଆଇପି ଗାଡିରେ ଚାଲାଣ କରୁଛନ୍ତି । ଗୁରୁବାର ସୁବର୍ଣ୍ଣପୁର ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ୧ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯାଇଛି । ଏହି ଘଟଣାରେ ବୌଦ୍ଧ ଜିଲା କଣ୍ଟାମାଳ ଥାନା କଲରାକୋଠ ଗ୍ରାମର ଦୁର୍ଗାପ୍ରସାଦ ଖଟୁଆ(୧୯)ଙ୍କୁ ଗିରଫ କରାଯାଇଛି। ତେବେ ଏସକର୍ଟ ଗାଡି ଓ ଛତିଶଗଡର ଗଞ୍ଜେଇ ବ୍ୟବସାୟୀ ଫେରାର ହୋଇ ଯାଇଛନ୍ତି। ପ୍ରକାଶ ଯେ, ଏକ ହୋଣ୍ଡା ସିଟି କାରରେ ଗଞ୍ଜେଇ ଚାଲାଣ ହେଉଥିବା ସୁବର୍ଣ୍ଣପୁର ଅବକାରୀ ଅଧୀକ୍ଷକ ସାମୁଏଲ ଏକ୍କାଙ୍କୁ ସୂଚନା ମିଳିଥିଲା । ଅବକାରୀ ବିଭାଗ ଟିମ୍ ସୋନପୁର-ବିନିକା ରାସ୍ତାର କଳାପଥର ଛକରୁ କାର ନକଲି ନଂ ଓଡି୩୧ସି-୦୦୦୯କୁ ପିଛା କରିଥିଲା । ଡ୍ରାଇଭର ଭାରସାମ୍ୟ ହରାଇବାରୁ ସଂସାମୁରା ଛକ ନିକଟରେ କାର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣା ପରେ କାର ଡ୍ରାଇଭର ଫେରାର ହୋଇ ଯାଇଥିଲେ। କାର ଓ ୧୦୫ଟି ପ୍ୟାକେଟ୍‌ରେ ଥିବା ୧ କୁଇଣ୍ଟାଲ ଗଞ୍ଜେଇକୁ ଅବକାରୀ ବିଭାଗ ପକ୍ଷରୁ ଜବତ କରାଯାଇଛି। ତେବେ କାରରେ ଓଡିଶାର ନକଲି ନମ୍ବର ପ୍ଲେଟ ଲାଗିଥିଲା। ଭିତରେ ଅସଲି ନମ୍ବର ପ୍ଲେଟ୍ ୟୁପି ୮୦ବିଏଫ-୦୮୧୦ ଯାଇଥିବା ତଦନ୍ତରୁ ଜଣାପଡିଛି। ଶୁକ୍ରବାର ଅଭିଯୁକ୍ତ ଦୁର୍ଗାପ୍ରସାଦଙ୍କୁ କୋର୍ଟ ଚାଲାଣ କରାଯିବ। ଅବକାରୀ ନିରୀକ୍ଷକ ପ୍ରଶାନ୍ତ କହଁର, ଏଏସଆଇ ପ୍ରଦୀପ ରଥ, ବନମାଳୀ ରଣା, କିର୍ତ୍ତନ ନାଏକ, କନଷ୍ଟେବଲ ସବିତା ପଟ୍ଟନାୟକ, ପୃଥ୍ୱୀରାଜ କୁଅଁର, ପିଣ୍ଟୁ ସାହୁ, ଭାଗ୍ୟବାନ କୁମ୍ଭାର ଓ ଉରବି ମାଝି ଚଢାଉରେ ସାମିଲ ଥିଲେ ।

- ୧ କୁଇଣ୍ଟାଲ ଗଞ୍ଜେଇ ଜବତ, ଜଣେ ଗିରଫ
- ନକଲି ନମ୍ବର କାରରେ ରାୟପୁର ଚାଲାଣ ହେଉଥିଲା

# ମଣ୍ଡିରେ ୫ ଦିନ ହେଲା ପଡ଼ିରହିଛି ଧାନ

**ବଲାଙ୍ଗୀର ଅଫିସ, ୫।୧୨**

ଆଗଲପୁର ବ୍ଲକ ରୋଡ୍ ପଞ୍ଚାୟତ ଅନ୍ତର୍ଗତ ନୁନିଆପାଲି, ରୋଡ୍ ଓ ଉପରବାହାଲର ଚାଷୀମାନେ ରୋଡ ପ୍ୟାକ୍ସରେ ଧାନ ବିକ୍ରି ପାଇଁ ଗତ ୫ ଦିନ ହେଲା ଧାନ ଆଣି ରଖିଛନ୍ତି । ମାତ୍ର ଧାନକିଣା ଯାଉନାହିଁ । ଫଳରେ ସେମାନେ ମଣ୍ଡିକୁ ଦୌଡି ନୟାନ୍ତ ହେଲେଣି । ସମବାୟ ବିଭାଗ ଅଧିକାରୀ, ଆରଏମ୍‌ସି ଅଧିକାରୀ କେହି ଏଥିପ୍ରତି ଧ୍ୟାନ ଦେଉନାହାନ୍ତି। ଧାନକିଣା ଅବ୍ୟବସ୍ଥାକୁ ନେଇ ଆଗଲପୁର ବ୍ଲକର ଚାଷୀ ପ୍ରତିନିଧି ଦଳ ଗୁରୁବାର ବିଧାୟକ ନରସିଂହ ମିଶ୍ରଙ୍କୁ ଭେଟି ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଚାଷୀମାନେ ଜଣାଇଛନ୍ତି ଯେ, ଧାନକିଣା ନିୟମ ଅନୁଯାୟୀ ମିଲର୍ସମାନେ ମଣ୍ଡିକୁ ଆସିବା କଥା ନୁହେଁ । ମାତ୍ର ବିଭାଗୀୟ ଅଧିକାରୀମାନେ ମିଲର୍ସ ନ ଆସିଲେ ସେମାନେ ଧାନ କିଣିବେ ନାହିଁ ବୋଲି କହୁଛନ୍ତି । ସେମାନେ ଆହୁରି ଅଭିଯୋଗ କରିଛନ୍ତି ଯେ, ଯଦି ମିଲର୍ସମାନେ ଧାନ କିଣିବେ ତେବେ କୁଇଣ୍ଟାଲ ପିଛା ୩ରୁ ୫ କେଜି ଧାନ କାଟି କ୍ରୟ କରିବେ ବୋଲି ଅଧିକାରୀମାନେ ଚାଷୀଙ୍କୁ ବୁଝାଉଛନ୍ତି । ବହୁ କଷ୍ଟରେ ଧାନ ଅମଳ କରି ମଣ୍ଡିକୁ ଆଣି ଧାନ ବିକ୍ରୟ କରିବେ ବୋଲି ଭାବୁଥିବାବେଳେ ଜାଣିଶୁଣି ଅଧିକାରୀମାନେ ଚାଷୀଙ୍କ ଧାନ ସଅଳ କିଣୁନାହାନ୍ତି । ଫଳରେ ୫/୬ ଦିନ ଲେଖାଏଁ ମଣ୍ଡିରେ ଧାନକୁ ପକାଇ ରଖାଯାଉଛି । ଏଭଳି ପରିସ୍ଥିତିରେ ଚାଷୀ ବାଧହୋଇ ମିଲର୍ସମାନଙ୍କୁ ଧାନ ବିକ୍ରି କରିଦେବ ବୋଲି ସେମାନେ ଜଣାଇଛନ୍ତି । ବିଧାୟକ ମିଶ୍ର ଯେହେତୁ ସାଧାରଣ ଯୋଗାଣ ଖାଉଟି କଲ୍ୟାଣ ବିଭାଗର ଗୃହ କମିଟି ଅଧ୍ୟକ୍ଷ ଅଛନ୍ତି ଏହି ଅଭିଯୋଗକୁ ଗ୍ରହଣ କରି ତତ୍‌କ୍ଷଣାତ୍ ଏ ବିଷୟକୁ ନେଇ ଗୃହ କମିଟି ଆଗରେ ହାଜର ହେବାକୁ ଜିଲା ସାଧାରଣ ଯୋଗାଣ ଏବଂ ଖାଉଟି କଲ୍ୟାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ସ୍ଥାନୀୟ ଉପଜିଲାପାଳଙ୍କ ସହିତ ଫୋନ ଯୋଗେ କଥା ହୋଇ ତୁରନ୍ତ ରୋଡ୍ ସମବାୟ ସମିତିରେ ଉପୁଜିଥିବା ଧାନର ଅଭାବୀ ବିକ୍ରି ସମସ୍ୟାର ସମାଧାନ କରନ୍ତୁ ବୋଲି ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

# ବିଶ୍ୱ ମୃତ୍ତିକା ଦିବସରେ ଖୋଲିଲା ମୃତ୍ତିକା ପରୀକ୍ଷାଗାର

**ଅମରପାଲି, ୫।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ସଭାଗୃହରେ ବିଶ୍ୱ ମୃତ୍ତିକା ଦିବସ ପାଳନ କରାଯାଇଛି । ସହକାରୀ କୃଷି ଅଧିକାରୀ ତଥା ବ୍ଲକ ବୈଷୟିକ ଦଳ ଆବାହକ କାଳିନ୍ଦୀ ପରିଡାଙ୍କ ସଭାପତିତ୍ୱରେ ଜିଲା ମାନ ନିର୍ଦ୍ଧାରଣକାରୀ ଅଧିକାରୀ ସୁଶ୍ରୀ ସ୍ମିତା ପଣ୍ଡା ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଯୋଜନା, ମାଟି ପରୀକ୍ଷାର ଆବଶ୍ୟକତା, ମୃତ୍ତିକା ପରୀକ୍ଷା ପାଇଁ ନମୁନା ସଂଗ୍ରହ ପଦ୍ଧତି ଓ ସମନ୍ୱିତ ଖାଦ୍ୟସାର ପରିଚାଳନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବୀରମହାରାଜପୁର କୃଷି ସୂଚନା ପରାମର୍ଶ କେନ୍ଦ୍ରଠାରେ ଏକ ନୂତନ ମୃତ୍ତିକା ପରୀକ୍ଷାଗାରର ଆନୁଷ୍ଠାନିକ ଶୁଭାରମ୍ଭ କରାଯାଇଥିଲା । ବ୍ଲକ ବୈଷୟିକ ପରିଚାଳକ ଜିତେନ୍ଦ୍ର ମେହେର ଓଡିଶା ଭୂଚେତନା ମୃତ୍ତିକା ସ୍ୱାସ୍ଥ୍ୟ ପତ୍ରିକା ବଣ୍ଟନରେ ସହାୟତା କରିଥିଲେ। ସହକାରୀ ବୈଷୟିକ ପରିଚାଳକ ମୀନକେତନ ମହାକୁର ଆଲୋଚନାରେ ଅଂଶଗ୍ରହଣ କରି ମତ ଉପସ୍ଥାପନ କରିଥିଲେ। ଚନ୍ଦ୍ରଶେଖର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ସଭାପରେ ଶତାଧିକ ଚାଷୀଙ୍କୁ ନେଇ ଏକ ସଚେତନତା ପଦଯାତ୍ରା କରାଯାଇଥିଲା । କାର୍ଯ୍ୟକ୍ରମରେ ସମସ୍ତ ଗ୍ରାମ୍ୟ କୃଷି କର୍ମଚାରୀ, କୃଷକ ସାଥୀ, ବିଟିଟି ସଭ୍ୟ ଓ ଶତାଧିକ ଚାଷୀ ଉପସ୍ଥିତ ଥିଲେ ।





ବିଶ୍ୱ ମୃତ୍ତିକା ଦିବସ ଅବସରରେ ବାହାରିଥିବା ଶୋଭାଯାତ୍ରା।

ସୁବର୍ଣ୍ଣପୁରରେ ବିଶ୍ୱ ମୃତ୍ତିକା ଦିବସ

# ସୁସ୍ଥ ମୃତ୍ତିକା ଉତ୍ତମ ଭବିଷ୍ୟତର ଉତ୍ସ

**ସୋନପୁର,୫।୧୨(ନି.ପ୍ର.)**

ବିଜ୍ଞାନର ଅଗ୍ରଗତି ନାଁରେ ରାସାୟନିକ ପଦାର୍ଥର ବହୁଳ ବ୍ୟବହାର ଦ୍ୱାରା ମୃତ୍ତିକ ରୁଗ୍‌ଣ ହେଉଛି। ଉପଯୁକ୍ତ କୌଶଳ ଅବଲମ୍ବନ କରି ମୃତ୍ତିକାର ସ୍ୱାସ୍ଥ୍ୟ ରକ୍ଷା କରି ପାରିଲେ ଉତ୍ତମ ଫସଲ ଓ ଆଶାନୁରୂପ ଅମଳ ମିଳିପାରିବ। ସୋନପୁର କୃଷି ବିଜ୍ଞାନ କେନ୍ଦ୍ରଠାରେ ଗୁରୁବାର ଅନୁଷ୍ଠିତ ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳନ ଅବସରରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଏହି ମତପ୍ରକାଶ କରିଛନ୍ତି। ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୃତ୍ତିକା ପରୀକ୍ଷା ଓ ଜୈବିକ ଖତର ବହୁଳ ବ୍ୟବହାର ହିଁ ମୃତ୍ତିକାର ସ୍ୱାସ୍ଥ୍ୟ ରକ୍ଷା କରିପାରିବ ବୋଲି କହିଥିଲେ। ମୃତ୍ତିକାର ପ୍ରକାର ଅନୁଯାୟୀ ଫସଲ କରିବାକୁ ଓ ଖାଲି ଧାନ ନ କରି ପନିପରିବା ଏବଂ ଡାଲି ଜାତୀୟ ଫସଲ ଚାଷ କରିବାକୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଅତିଥିଭାବେ ଯୋଗଦେଇ ମୃତ୍ତିକା ସକଳ ଶକ୍ତିର ଆଧାର ବୋଲି ମତବ୍ୟକ୍ତ କରିଥିଲେ। ସେ କହିଥିଲେ ଜନସଂଖ୍ୟା ବୃଦ୍ଧି ସହ ଖାଦ୍ୟର ଚାହିଦା ମଧ୍ୟ ବଢୁଛି। ତେଣୁ ପରିବେଶକୁ ସୁରକ୍ଷିତ ରଖି ମାଟି ମା'କୁ ସୁସ୍ଥ ରଖି ପାରିଲେ ଆମର ଭବିଷ୍ୟତ ବଂଶଧର ମଧ୍ୟ ସୁରକ୍ଷିତ ରହିପାରିବେ। ଜିଲା ମୁଖ୍ୟ କୃଷି ଅଧିକାରୀ ତଥା ଆତ୍ମାର ପ୍ରକଳ୍ପ ନିର୍ଦ୍ଦେଶକ ସନ୍ତୋଷ କୁମାର ଜେନା ଆଲୋଚନାଚକ୍ର ଓ କୃଷି ପ୍ରଦର୍ଶନୀରେ ଅଧକ୍ଷତା କରି ସୁସ୍ଥ ଜୀବନଚର୍ଯ୍ୟା ପାଇଁ ସୁସ୍ଥ ମୃତ୍ତିକା ଅପରିହାର୍ଯ୍ୟ ବୋଲି କହିଥିଲେ। ଏହି ଅବସରରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଜୀବନଜିତ ସେନ୍ ମୃତ୍ତିକା ପ୍ରଦୂଷଣକୁ ରୋକିବା ଓ ମୃତ୍ତିକା ସଂରକ୍ଷଣର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଜିଲା ପରିଷଦ ସଭ୍ୟ ଜୟନାରାୟଣ ନେଗୀ, ସୁଶାନ୍ତ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ବିଶି ଓ ବଲାଙ୍ଗୀର ଏମ୍‌ପିଙ୍କ ପ୍ରତିନିଧି କରମଚାନ୍ଦ ମହାନ୍ତି ମୃତ୍ତିକ କ୍ଷୟ ଓ ପ୍ରଦୂଷଣ ମୁକ୍ତ ସୁବର୍ଣ୍ଣପୁର ଗଠନ ପାଇଁ ପରାମର୍ଶ ଦେଇଥିଲେ। ଏହି ସଭାରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସୁରଜ୍ୟୋତି ପ୍ରଧାନ, ଗୀତାଞ୍ଜଳି ପ୍ରଧାନ, ସୁପ୍ରଭା ସେଠୀ ଓ କାର୍ଯ୍ୟକ୍ରମ ସହାୟକ ଲୋପାମୁଦ୍ରା ରାୟ ଉପସ୍ଥିତ ଥିଲେ। ମୃତ୍ତିକା ରସାୟନବିତ୍ ଅନିଲ କୁମାର ପ୍ରହରାଜ ମୃତ୍ତିକା ପରୀକ୍ଷାର ପ୍ରଣାଳୀ ଓ ଉପାଦେୟତା ସମ୍ପର୍କରେ ଉପସ୍ଥିତ ଚାଷୀଙ୍କୁ ସଚେତନ କରିଥିଲେ। ଆଇସିଆରଆଇଏସଏଟିର ବୈଜ୍ଞାନିକ ରାଜେଶ ନୁରେ ମୃତ୍ତିକା ସ୍ୱାସ୍ଥ୍ୟ ରକ୍ଷାରେ ସମନ୍ୱିତ ଖାଦ୍ୟ ସାର ପରିଚାଳନାର ଭୂମିକା ସମ୍ପର୍କରେ ଚାଷୀଙ୍କୁ ବୁଝାଇଥିଲେ। ଏହି ଅବସରରେ ୧୧୦ଜଣ ଚାଷୀଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରା ଯାଇଥିଲା । ପରେ ଚାଷୀ ଓ ବୈଜ୍ଞାନିକଙ୍କ ମଧ୍ୟରେ ଆଲୋଚନା ମାଧ୍ୟମରେ ମତ ବିନିମୟ ହୋଇଥିଲା। ସୋନପୁର ଜିଲା କୃଷି ଅଧିକାରୀ ପ୍ରଶାନ୍ତ କୁମାର ଶତପଥୀ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ତାରାକାନ୍ତ ପାତ୍ର, ସହକାରୀ କୃଷି ଅଧିକାରୀ ଅନ୍ତର୍ଯ୍ୟାମୀ ସାହୁ ଓ ପଙ୍କଜ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଦିବସ ପାଳନ ଅବସରରେ ଏକ କୃଷିଭିତ୍ତିକ ପ୍ରଦର୍ଶନୀ ଆୟୋଜନ ହୋଇଥିଲା। କୃଷି ଓ କୃଷକ ସଶକ୍ତିକରଣ ବିଭାଗ, କୃଷି ବିଜ୍ଞାନ କେନ୍ଦ୍ର, ଓଡିଶା କୃଷି ଶିଳ୍ପ ନିଗମ ସୁବର୍ଣ୍ଣପୁର ଏବଂ ଇକ୍ରିସାଟ(ଭୂଚେତନା) ହାଇଦ୍ରାବାଦର ମିଳିତ ସହଯୋଗରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।





ଦିବସ ପାଳନ ଅବସରରେ ଚାଷୀଙ୍କୁ ମୃତ୍ତିକା କାର୍ଡ ପ୍ରଦାନ କରାଯାଉଛି ।

# ରାଜସ୍ୱ ବିଭାଗର ଚଢାଉ, ୪ ଟ୍ରାକ୍ଟର ଜବତ

**ସୋନପୁର,୫।୧୨(ନି.ପ୍ର.)**

ସୋନପୁର ତହସିଲ ପକ୍ଷରୁ ସହରର ତେଲ ନଦୀ ଘାଟରେ ଗୁରୁବାର ଚଢାଉ କରାଯାଇଛି । ଏହି ଘାଟରୁ ବେଆଇନ ଭାବେ ବାଲି ଉତ୍ତୋଳନ ହେଉଥଲା। ୪ଟି ବାଲି ବୋଝେଇ ଟ୍ରାକ୍ଟରକୁ ତହସିଲ ପକ୍ଷରୁ ଜବତ କରାଯାଇ ୪୦ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ରାଜସ୍ୱ ଚୋରି ରୋକିବା ପାଇଁ ଅତିରିକ୍ତ ତହସିଲଦାର ରକେଶ କୁମାର ଅଗ୍ରୱାଲା ଓ ସୋନପୁର ରାଜସ୍ୱ ନିରୀକ୍ଷକ ସୁଧୀର ପାଣ୍ଡିଆ ଏହି ଚଢାଉ କରିଥିଲେ ।



ତେଲନଦୀରୁ ବାଲି ଉଠାଉଥିବା ଟ୍ରାକ୍ଟରକୁ ଜବତ କରାଯାଉଛି।

# କୋଟସମଲାଇ ଅଞ୍ଚଳରେ ଛେଳି ମଡ଼କ

**ଅମରପାଲି, ୫।୧୨(ଡି.ଏନ.ଏ.)**



କୋଟସମଲାଇରେ ଏକ ଛେଳି ମରିପଡିଛି ।

ଉଲୁଣ୍ଡା ବ୍ଲକ କୋଟସମଲାଇ ଅଞ୍ଚଳରେ ଦେଖିବାକୁ ମିଳୁଛି ଛେଳି ମଡକ। ଗ୍ରାମର ପ୍ରାୟ ୩୨ଟି ଛେଳିଙ୍କ ଅଜଣା ରୋଗରେ ମୃତ୍ୟୁ ହୋଇଛି। ଉପଯୁକ୍ତ ଚିକିତ୍ସା ମିଳୁ ନ ଥିବାରୁ ଆଗକୁ ଆହୁରି ଛେଳି ମରିବାର ଆଶଙ୍କା ଦେଖାଯାଇଛି। କୋଟସମଲାଇରେ ହରିବୋଲ କୁଟିଆ ଓ ବଳରାମ ସେଠୀ ଛେଳି ପାଳନ କରି ପରିବାର ଚଳାଇଥାନ୍ତି। ମାସକରେ ବଳରାମଙ୍କ ୨୦ ଓ ହରିବୋଲ କୁଟିଆଙ୍କ ୧୨ଟି ଛେଳି ମରି ସାରିଲେଣି। ଚାଷୀଙ୍କଠାରୁ ଖବର ପାଇ ଉଲୁଣ୍ଡା ଭିଏସ ଡ.ସତ୍ୟନାରାୟଣ ସାହୁ ଗାଁକୁ ଆସି ଆକ୍ରାନ୍ତ ଛେଳିଙ୍କ ଚିକିତ୍ସା କରିଥିଲେ। ମାତ୍ର ଏହାର କୌଣସି ସୁଫଳ ମିଳିନାହିଁ। ଉପାନ୍ତ ଅଞ୍ଚଳରେ ଥିବା କୋଟସମଲାଇ ଗ୍ରାମରେ ବହୁ ପୂର୍ବରୁ ଏକ ପ୍ରାଣୀ ଚିକିତ୍ସା କେନ୍ଦ୍ର ଥିଲା। ସେଠାରେ ଥିବା ପ୍ରାଣୀ ସହାୟକ ୫ବର୍ଷ ପୂର୍ବେ ଅବସର ନେଲାପରେ ଉକ୍ତ ଅଞ୍ଚଳରେ ଆଉ ପ୍ରାଣୀଙ୍କୁ ଚିକିତ୍ସା ସେବା ଠିକ୍‌ରେ ମିଳିପାରୁ ନାହିଁ। ଜାଲୋଏ ପ୍ରାଣୀ ଚିକିତ୍ସା କେନ୍ଦ୍ରର ପ୍ରାଣୀ ସହାୟକ ଏବେ କୋଟସମଲାଇ କେନ୍ଦ୍ରର ପ୍ରାଣୀ ସହାୟକ ଦାୟିତ୍ୱରେ ଅଛନ୍ତି। ମାତ୍ର ସେ ଉକ୍ତ କେନ୍ଦ୍ରକୁ ଆସି ଏଠାରେ ପ୍ରାଣୀଙ୍କୁ ଚିକିତ୍ସା କରୁ ନ ଥିବା ସ୍ୱେଚ୍ଛାସେବୀ ମଣ୍ଟୁ ମହାନ୍ତ୍ରା ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ଉକ୍ତ ଅଞ୍ଚଳର ଗୃହପାଳିତ ପଶୁ କୌଣସି ରୋଗରେ ଆକ୍ରାନ୍ତ ହେଲେ ଠିକ୍‌ରେ ଚିକିତ୍ସା ସୁବିଧା ପାଉନାହାନ୍ତି। ମାସକ ମଧ୍ୟରେ ଏତେ ସଂଖ୍ୟକ ଛେଳି ମରିଥିଲେ ମଧ୍ୟ ସେଭଳି କୌଣସି ପଦକ୍ଷେପ ନିଆଯାଉ ନାହିଁ। ଛେଳି ପାଳନ କରିଥିବା ଉଭୟ ହିତାଧିକାରୀଙ୍କ ଛେଳି ପାଳନ ମୁଖ୍ୟ ଜିବିକା ହୋଇଥିବାରୁ ସେମାନଙ୍କ ମୃତଛେଳିର କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହେଉଛି। ଉଲୁଣ୍ଡା ଭିଏସଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

- ଅଜଣା ରୋଗରେ ମଲେଣି ୩୨ ଛେଳି
- ଖୋଲୁନି ପ୍ରାଣୀ ଚିକିତ୍ସା କେନ୍ଦ୍ର
- ଛେଳି ଚାଷୀଙ୍କୁ କ୍ଷତିପୂରଣ ଦାବି

# ଭୀମବୁଢ଼ା ଫୁଟବଲ ଟୁର୍ଣ୍ଣାମେଣ୍ଟ: ପୋଢ଼ଟିକିରା ଚାମ୍ପିୟନ

**ଉଲୁଣ୍ଡା, ୫।୧୨(ଡି.ଏନ.ଏ.)**





ବିଜୟୀ ପୋଢଟିକିରା ଦଳର ଅଧିନାୟକଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୁତାମୁଣ୍ଡା ଫୁଟବଲ କ୍ଲବ ତରଫରୁ ୧୨ତମ ଭୀମବୁଢା ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ପୋଢଟିକିରା ଦଳ ବଡମାଲକୁ ୩-୦ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଖେଳାଯାଇଥିବା ପ୍ରଥମ ମ୍ୟାଚରେ ବଡମାଲ ଦଳ କହ୍ନେଇପାଲିକୁ ୧-୦, ପୋଢଟିକିରା ଦଳ ଦେଓଗାଁକୁ ୩-୧, କୁତାମୁଣ୍ଡା ଦଳ ବ୍ରାହ୍ମଣିପାଲୀକୁ ୧-୦, ଶଙ୍କରା ଦଳ ସାନଅଙ୍କରିଆକୁ ୪-୩ ଗୋଲରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ପ୍ରଥମ ସେମିରେ ବଡମାଲ ଦଳ କୁତମେଣ୍ଡାକୁ ୧-୦ ଏବଂ ଦ୍ୱିତୀୟ ସେମିରେ ପଢୋଟିକିରା ଦଳ ଶଙ୍କରାକୁ ୨-୧ ଗୋଲରେ ପାରସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ଖେଳ ସବୁକୁ ପ୍ରଶାନ୍ତ କୁମାର ସେଠୀ, ସୁଦାମ ଜଗଦଳା, ଅଜିତ ନାଏକ ଓ ସୁରଟି ଦୀପ ପରିଚାଳନା କରିଥିଲେ। ରାମେଶ୍ୱର କାଳସେ ଧାରା ବିବରଣୀ ପ୍ରଦାନ କରିଥିଲେ। ସକାଳେ ଆୟୋଜକ ସଭାପତି ହରିପାଲ ଭୋଇଙ୍କ ଅଧ୍ୟକ୍ଷତାରେ ହୋଇଥିବା ଉଦ୍‌ଘାଟନୀ ଉତ୍ସବରେ ବିଶିପଡା ସରପଞ୍ଚ ପିଙ୍କି ବିଶି ଅତିଥିଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଖେଳ ଶେଷରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବରେ ବିକାଶ ବିଶି, ବଣ୍ଟି ପାତ୍ର, ବ୍ଲକ କ୍ରୀଡା ସଂଯୋଜକ ଉରୁକ୍ରମ ପାଣ୍ଡିଆ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ୪ ହଜାର ଏବଂ ଉପବିଜେତା ଦଳକୁ ୩ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ବିନୋଦ ସାଲିମାଙ୍କ ନେତୃତ୍ୱରେ ଭାଗ୍ୟବନ୍ତ ଭୋଇନା, ହରିଶଙ୍କର ବରଗ୍ରାଁ, ଦେବାର୍ଚ୍ଚନ ମେଣ୍ଡେଲି ଓ ରାଧାକାନ୍ତ ଜଗଦଳା ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ମନୁଷ୍ୟ ଖିଅର ହୋଇସାରିବା ପରେ, ତୈଳ ଲଗାଇବା ପରେ, ସ୍ତ୍ରୀ ସହବାସ କଲାପରେ ଓ ଶବଦାହ କରିବା ପରେ ସେ ଚାଣ୍ଡାଳ ହୋଇଯାଏ। ସ୍ନାନ ପରେ ସେ ଦୋଷ ଦୂର ହୁଏ।

- ଚାଣକ୍ୟ

## ସଂକ୍ଷେପରେ

### ମିଳିଲାନି ଭତ୍ତା କି ଚିକିତ୍ସା ସହାୟତା
## ଆଖି ବୁଜିଲେ ଦିବ୍ୟାଙ୍ଗ ରୂପେଶ

ଅତାବିରା, ୫।୧୨ (ଡି.ଏନ.ଏ)
ଦୀର୍ଘ ୭ ବର୍ଷ ହେବ ଜଣେ ଶିଶୁ ଅଜଣା ରୋଗରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ ଥିଲେ। ଶିଶୁର ମାତାପିତା ପଞ୍ଚାୟତ, ବ୍ଲକଠାରୁ ଆରମ୍ଭ କରି ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ପହଞ୍ଚି ଦିବ୍ୟାଙ୍ଗ ପୁଅର ଚିକିତ୍ସା ଓ ଭତ୍ତା ପାଇଁ ଗୁହାରି କରିଥିଲେ। ହେଲେ ନାଁ ମିଳିଲା ଭତ୍ତା ନା ଚିକିତ୍ସା ସହାୟତା। ଶେଷରେ ଶିଶୁ ଜଣକ ଆଖି ବୁଜିଛନ୍ତି । ଏଭଳି ଏକ ଘଟଣା ଘଟିଛି ବରଗଡ ଜିଲା ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତ ବିଶିପାଲି ଗାଁରେ। ସୂଚନା ଅନୁସାରେ, ବିଶିପାଲି ଗ୍ରାମର ପଞ୍ଚାନନ ପାଣ୍ଡେଙ୍କ ୬ ପୁଅ ଓ ଗୋଟିଏ ଝିଅ । ୪ ପୁଅ ରବି ପାଣ୍ଡେ, ଶିବ ପାଣ୍ଡେ, ସୁବଳ ପାଣ୍ଡେ ଓ ଶଙ୍କର ପାଣ୍ଡେ ଅଜଣା ରୋଗରେ ଆକ୍ରାନ୍ତ ହୋଇ ଗତ କିଛିବର୍ଷ ତଳେ ମୃତ୍ୟୁବରଣ କରିଥିବା ବେଳେ ସୁରଥ ପାଣ୍ଡେ ସଡକ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ଫଳରେ ପଞ୍ଚାନନ ଓ ତାଙ୍କ ସ୍ତ୍ରୀ ରୂପେଶଙ୍କ ମୁହଁକୁ ଚାହିଁ ବଞ୍ଚିଥିଲେ। ମାତ୍ର ବିଧିର ବିଧାନ କିନ୍ତୁ ଅଲଗା ଥିଲା । ଶେଷରେ ରୂପେଶ ମଧ ଅଜଣା ରୋଗରେ ଆକ୍ରାନ୍ତ ହୋଇ ପଡିଥିଲେ । ଜୀବନ ଥିବା ସମୟରେ ତାଙ୍କ ଦିବ୍ୟାଙ୍ଗ ଭତ୍ତା ଓ ଚିକିତ୍ସା ପାଇଁ ଜିଲାପାଳଙ୍କୁ ଗୁହାରି କରିଥିଲେ ମାତାପିତା। ହେଲେ ତାଙ୍କ ଗୁହାରୀ କେହି ଶୁଣିଲେ ନାହିଁ । କେବଳ ଆଶ୍ୱସନା ଦେଇଥିଲେ। ଶେଷରେ ରୂପେଶ ମୃତ୍ୟୁବରଣ କଲେ ।





ଜିଲାପାଳ ଅଫିସରେ ଚାଷୀମାନେ ଧାରଣାରେ ବସିଛନ୍ତି (ବାମ) । ଚାଷୀନେତାମାନେ ଅତିରିକ୍ତ ଜିଲାପାଳ ଏବଂ ଅତିରିକ୍ତ ଯୋଗାଣ ଅଧିକାରୀଙ୍କ ସହିତ ଆଲୋଚନା କରୁଛନ୍ତି ।

### ■ ପୁଣି ତେଜିଲା ଚାଷୀ ଆନ୍ଦୋଳନ
# ଜିଲାପାଳଙ୍କ ଅଫିସ ଆଗରେ ଧାରଣା

ବରଗଡ଼ ଅଫିସ୍,୫।୧୨

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ୨୦ଦିନ ବିତିଯାଇଛି । ତଥାପି ଧାନ କିଣାବିକା ସମସ୍ୟାର ସମାଧାନ ହୋଇପାରିନାହିଁ। ଟୋକନ ବ୍ୟବସ୍ଥା, ଚାଷୀ ପଞ୍ଜୀକରଣରେ ଅବ୍ୟବସ୍ଥା ପରେ ଏବେ ଧାନ ଉଠାଣରେ ବିଳମ୍ବକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ଏହି କ୍ରମରେ ଗୁରୁବାର ଅତାବିରା ଆରଏମସି ଅଧୀନ ରେଶମ ଓ ପ୍ରଧାନପାଲି ଅଞ୍ଚଳର ଚାଷୀମାନେ ଜିଲାପାଳଙ୍କ ଅଫିସ ଆଗରେ ଧାରଣାରେ ବସିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ବିଭାଗୀୟ ଅଧିକାରୀମାନେ ଚାଷୀଙ୍କ ସହିତ ଆଲୋଚନା କରି ଉକ୍ତ ମଣ୍ଡିକୁ ପହଞ୍ଚି ଧାନ ଉଠାଣ କାର୍ଯ୍ୟ ଆରମ୍ଭ କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା ।

ରେଶମ ଓ ପ୍ରଧାନପାଲି ମଣ୍ଡିରେ ଚାଷୀଙ୍କ ପ୍ରାୟ ୧୫ରୁ ୨୦ହଜାର ପ୍ୟାକେଟ୍ ଧାନ ଖୋଲା ଆକାଶତଳେ ପଡ଼ି ରହିଛି । ମାତ୍ର ସେହି ଧାନକୁ ସେଠାରେ ଉଠାଇବା ତ ଦୂରର କଥା, ଧାନକ୍ରୟ ସଂସ୍ଥା ଏପର୍ଯ୍ୟନ୍ତ ସବୁଧାନକୁ କ୍ରୟ ମଧ୍ୟ କରି ନାହିଁ । ଫଳରେ ଚାଷୀମାନେ କାମଧନ୍ଦା ଛାଡ଼ି ଶୀତ, କାକରରେ ଧାନକୁ ଜଗି ରହିଛନ୍ତି। ଅନ୍ୟପଟେ ଧାନ ଅମଳରେ ନିୟୋଜିତ ଶ୍ରମିକଙ୍କୁ ସେମାନଙ୍କ ପାରିଶ୍ରମିକ ଦେଇପାରୁ ନାହାନ୍ତି କି ପରବର୍ତ୍ତୀ ଚାଷ ପାଇଁ ପ୍ରସ୍ତୁତ ହୋଇ ପାରୁନାହାନ୍ତି।

■ ମଣ୍ଡିରେ ଅଚଳାବସ୍ଥାକୁ ନେଇ ଉଦବେଗ
■ ଧାରଣା ପରେ ଧାନ କିଣାବିକା ଆରମ୍ଭ
■ ଅଧିକାରୀଙ୍କ ଉପସ୍ଥିତିରେ ଉଠିଲା ଧାନ

ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯିବା ସତ୍ତ୍ୱେ ଧାନ ଉଠାଣ ନ ହେବା ଯୋଗୁ ଅଞ୍ଚଳର ଶତାଧିକ ଚାଷୀ ଜିଲାପାଳ ଅଫିସକୁ ଆସିଥିଲେ। ମଣ୍ଡିରେ ପଡ଼ିଥିବା ସମସ୍ତ ଧାନ ଉଠାଣ, କଟନୀଛଟନୀ ବନ୍ଦ କରିବା ଏବଂ ଗନିବ୍ୟାଗ ଯୋଗାଇବା ଦାବି ନେଇ ଚାଷୀମାନେ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ, ସରୋଜ, ଜୟ କିଶାନ ଆନ୍ଦୋଳନର ଆବାହକ ରମେଶ ମହାପାତ୍ର ପ୍ରମୁଖ ଉଦବୋଧନ ଦେଇଥିଲେ ।

ପରେ ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋ, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଡି. ସି. ଭେସ୍ରା ପ୍ରମୁଖ ପହଞ୍ଚି ଧାରଣାସ୍ଥଳରେ ଚାଷୀଙ୍କ ସହିତ ଆଲୋଚନା କରିଥିଲେ । ଅଧିକାରୀମାନେ ମଣ୍ଡିକୁ ଯାଇ ଧାନ ଉଠାଣ ଆରମ୍ଭ ନ କରିବା ପର୍ଯ୍ୟନ୍ତ ଚାଷୀମାନେ ଧାରଣାରୁ ଉଠିବେ ନାହିଁ ବୋଲି ଅଡ଼ି ବସିଥିଲେ । ଫଳରେ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଭେସ୍ରା, ଆରଏମସି ସମ୍ପାଦକ ବିଶ୍ୱଜିତ ବାରିକ, ସହକାରୀ ସମବାୟ ନିବନ୍ଧକ ଶରତ ମହାପାତ୍ର ପ୍ରମୁଖ ରେଶମ ମଣ୍ଡିକୁ ଚାଷୀଙ୍କ ସହିତ ପହଞ୍ଚିଥିଲେ ଏବଂ ସେଠାରେ ଧାନ ଉଠାଣ ଆରମ୍ଭ ହୋଇଥିଲା। ଚାଷୀମାନେ ବିନା କଟନୀ ଛଟନୀରେ ଧାନ ଉଠାଣ ଦାବି କରିଥିଲେ ଏବଂ ଅଧିକାରୀମାନେ ସେଥିରେ ସହମତି ପ୍ରକାଶ କରିଥିଲେ। ଏହାପରେ ଧାନ ଉଠାଣ ସହିତ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

### ରେଳ ଷ୍ଟେଶନରୁ ଅସହାୟ ଯୁବତୀ ଉଦ୍ଧାର

ବରଗଡ଼ ଅଫିସ୍,୫।୧୨

ବରଗଡ଼ ରୋଡ୍ ରେଳ ଷ୍ଟେଶନରେ ଗୁରୁବାର ଜଣେ ଅସହାୟ ଯୁବତୀଙ୍କୁ ଆରପିଏଫ ଉଦ୍ଧାର କରିଛି । ଯୁବତୀ ଜଣକ କିଛି କହି ପାରୁ ନ ଥିବାବେଳେ ତାଙ୍କ ପରିଚୟ ମିଳିପାରିନାହିଁ। ତାଙ୍କ ବୟସ ୨୦ରୁ ୨୫ବର୍ଷ ମଧ୍ୟରେ ହେବ। ଉଦ୍ଧାର ଯୁବତୀଙ୍କୁ ଆରପିଏଫ ଟାଉନ ଥାନା ପୋଲିସକୁ ହସ୍ତାନ୍ତର କରିଛି । ଯୁବତୀଙ୍କ ପାଖରୁ ୨ଟି ମୋବାଇଲ ନମ୍ବର ମିଳିଛି ଏବଂ ସେହି ନମ୍ବର ଆନ୍ଧ୍ରପ୍ରଦେଶ ଅଞ୍ଚଳର ବୋଲି ଅନୁମାନ କରାଯାଉଛି।

### ମୃତ ଡ୍ରାଇଭରଙ୍କ ପରିବାରକୁ ସହାୟତା

ପାଇକମାଳ, (ଡି.ଏନ.ଏ)
ଜ୍ୱରରେ ଆକ୍ରାନ୍ତ ହୋଇ ନୂଆପଡା ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ନଭେମ୍ବର ୨୫ ତାରିଖରେ ପାଇକମାଳ ବ୍ଲକ ମାଣ୍ଡୋସିଲ ପଞ୍ଚାୟତ ଧାରୋଲ ଗ୍ରାମର କର୍ପୁର କାଣ୍ଡଙ୍କ ମୃତ୍ୟୁ ଘଟିଥିଲା । ଫଳରେ ତାଙ୍କ ବିଧବା ସ୍ତ୍ରୀ ଓ ତିନି ଝିଅ ଶୋକରେ ଭାଙ୍ଗି ପଡିଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର ଓଡିଶା ମୋଟର ଚାଳକ ସଂଘ ପକ୍ଷରୁ ଉକ୍ତ ପରିବାର ଲୋକଙ୍କୁ ୧୫ ହଜାର ଟଙ୍କା ଚେକ୍ ପ୍ରଦାନ କରାଯାଇଛି। ଓଡିଶା ମୋଟର ଚାଳକ ସଂଘ ସମ୍ପାଦକ ଯୋଗେନ୍ଦ୍ର ଭୋଇ, ପାଇକମାଳ ମୋଟର ଚାଳକ ସଂଘ ସଭାପତି ରମେଶ ସାହୁ, ରବି ସାହୁ, ବାସୁ ଏକ୍କା ଓ ମାଣ୍ଡୋସିଲ ସଂଘର ସଭ୍ୟମାନେ ଉପସ୍ଥିତ ଥିଲେ ।

## ବିଜେପୁରରେ ଦିବ୍ୟାଙ୍ଗ ପରୀକ୍ଷଣ ଶିବିର





ପରୀକ୍ଷଣ ପାଇଁ ଦିବ୍ୟାଙ୍ଗମାନେ ଧାଡିରେ ଛିଡା ହୋଇଛନ୍ତି ।

ବିଜେପୁର, ୫।୧୨ (ଡି.ଏନ.ଏ)

ବିଜେପୁର ସହର ପୁରୁଣା ଡାକବଙ୍ଗଳା ସ୍ଥିତ କଲ୍ୟାଣ ମଣ୍ଡପରେ ଦିବ୍ୟାଙ୍ଗ ପରୀକ୍ଷଣ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ଓଲଟପୁର ସ୍ୱାମୀ ବିବେକାନନ୍ଦ ଜାତୀୟ ଅଇଥାନ, ପ୍ରଶିକ୍ଷଣ ଓ ଅନୁସନ୍ଧାନ ଅନୁଷ୍ଠାନର ମିଳିତ ଉଦ୍ୟମରେ ଆୟୋଜିତ ଏହି ଶିବିରରେ ୨୫୦ଜଣ ଦିବ୍ୟାଙ୍ଗ ଚୟନ ହୋଇଥିଲେ। ସେମାନଙ୍କ ପାଇଁ ଆବଶ୍ୟକ ସରଞ୍ଜାମ ଓ ଯନ୍ତ୍ରପାତି ଆଗାମୀ ଦୁଇ ମାସ ମଧ୍ୟରେ ଯୋଗାଇ ଦେବାକୁ ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଓଲଟପୁର ହସ୍‌ପିଟାଲର ଡା. ଜିତେନ୍ଦ୍ର ଷଡଙ୍ଗୀ, ଡା. ଚିତ୍ତରଞ୍ଜନ ମିଶ୍ର, ଡା. ଗୌରାଙ୍ଗ ଚରଣ ପାତ୍ର, ଡା. ସୁରେନ୍ଦ୍ର ଭୋଇ, ଡା. ଶୁଭସ୍ମିତା ମିଶ୍ର ପ୍ରମୁଖ ପରୀକ୍ଷଣ ଶିବିରରେ ଯୋଗ ଦେଇଥିଲେ । ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନବକୃଷ୍ଣ ଚୌଧୁରୀ, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ପାଣ୍ଡବ ନନ୍ଦ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରୁକ୍ମଣ ମେହେର ପ୍ରମୁଖ ସହଯୋଗ କରିଥିଲେ ।

## ରାସ୍ତା କାମରେ ଗଛ, ବିଦ୍ୟୁତ୍ ଖୁଣ୍ଟ ବାଧକ

ଭେଡ଼େନ,୫।୧୨(ଡି.ଏନ.ଏ)
ବର୍ତ୍ତମାନ ବରଗଡ଼-ଭେଡ଼େନ ରାସ୍ତାର ଦୋହରାକରଣ କାମ ଚାଲିଛି । ଦୁଇଟି ପର୍ଯ୍ୟାୟରେ ବରଗଡ଼ରୁ ତାଲପାଲି ପର୍ଯ୍ୟନ୍ତ ୨୧ କୋଟି ୧୨ ଲକ୍ଷ ଏବଂ ତାଲପାଲିରୁ ଭେଡ଼େନ ପର୍ଯ୍ୟନ୍ତ ୨୦ କୋଟି ୧୦ ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା କାମ କରାଯାଉଛି। ତେବେ ଏହି ରାସ୍ତା କାମରେ ଗଛ ଓ ବିଦ୍ୟୁତ ଖୁଣ୍ଟ ମାନ ବାଧକ ସାଜିଛି। ରାସ୍ତା କଡ଼ରେ ଥିବା ଖୁଣ୍ଟ ଓ ଗଛ ସବୁକୁ କଢ଼ାଯାଇ ନ ଥିବାରୁ ଠିକ ଭାବେ କାମ ହୋଇପାରୁନାହିଁ। ବିଦ୍ୟୁତ ଖୁଣ୍ଟ କାଢ଼ିବା ପାଇଁ କେତେ ଟଙ୍କା ଖର୍ଚ୍ଚ ହେବ ସେହି ଆକଳନ ବିଦ୍ୟୁତ ବିଭାଗ ପୂର୍ତ୍ତ ବିଭାଗକୁ ଦେଇ ନ ଥିବାରୁ ସେ ନେଇ ଟେଣ୍ଡର ଡ଼କାଯାଇପାରି ନ ଥିବା ଜଣାପଡ଼ିଛି । ଅପରପକ୍ଷରେ ଗଛ ସବୁ କାଟିବା ପାଇଁ ବିଭାଗୀୟ ସ୍ତରରେ ଆଲୋଚନା ହୋଇଥିବା ବେଳେ ସେ ନେଇ ଆବଶ୍ୟକୀୟ ଅନୁମତି ମିଳି ନ ଥିବାରୁ ସେହି କାମ ଆଗେଇ ପାରିନାହିଁ। ଏହାସହ ଯେଉଁ ରାସ୍ତା କାମ ଚାଲିଛି ସେହି ରାସ୍ତାରେ ପାଣି ସିଞ୍ଚନ କରାଯାଉନାହିଁ। ଫଳରେ ରାସ୍ତାସାରା ଧୂଳି ଉଡୁଛି। ଫଳରେ ରାସ୍ତାରେ ଗମନାଗମନ ବାଧାପ୍ରାପ୍ତ ହେଉଛି। ଏହିସବୁ ସମସ୍ୟାର ସମାଧାନ କରାଯିବାକୁ ଭେଡ଼େନ ବ୍ଲକ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ଏହି ସବୁ ଅସୁବିଧାର ଦୂରୀକରଣ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରା ନ ଗଲେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ଜିଲା କଂଗ୍ରେସ ଉପସଭାପତି ରମେଶ ଚନ୍ଦ୍ର ପଣ୍ଡା ଚେତାବନୀ ଦେଇଛନ୍ତି ।

## କ୍ରିକେଟ: କୋତନା ଚାମ୍ପିୟନ

ଝାରବନ୍ଧ, ୫।୧୨ (ଡି.ଏନ.ଏ)

ଝାରବନ୍ଧ ବ୍ଲକ ପଡିଆରେ ବ୍ଲକ କଲୋନୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ତ୍ରିଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ନାମେଣ୍ଟରେ ୨୦ଟି ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲ ଖେଳ କୋତନା ଏବଂ ଭଇଁଷାଦର୍ହା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ୧୦ ଓଭରର ଏହି ମ୍ୟାଚରେ ଭଇଁଷାଦର୍ହା ଦଳ ପ୍ରଥମେ ବ୍ୟାଟିଂ କରି ୭୬ ରନ ସଂଗ୍ରହ କରିଥିଲେ । କୋତନା ଦଳ ୫.୨ ଓଭରରେ ଆବଶ୍ୟକ ରନ୍ କରି ମ୍ୟାଚ ଜିତିଥିଲେ । ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟା କୁମୁଦିନୀ ସାହୁ, ସମ୍ମାନିତ ଅତିଥି ଭାବେ ଝାରବନ୍ଧ ସରପଞ୍ଚ ଧନମତୀ ପାଣ୍ଡେ, ବୀରାଦିତ୍ୟ ସାହୁ ଯୋଗଦାନ କରି ଚାମ୍ପିୟନ ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ । ଏହି ଖେଳକୁ ସୁନୀଲ ଅଗ୍ରୱାଲ ଓ ଯାଦବ ଭାଇ ପରିଚାଳନା କରିଥିଲେ ।



ଅତିଥି ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି ।

## ଲକ୍ଷ୍ମୀପୂଜା, ଶ୍ରୀସୁଧା ମହୋତ୍ସବ ଉଦ୍‌ଘାଟିତ

ସୋହେଲା,୫।୧୨(ଡି.ଏନ.ଏ)

ସୋହେଲା ନିକଟସ୍ଥ ଛୁରିଆପାଲି ଗ୍ରାମରେ ବୁଧବାରଠାରୁ ଲକ୍ଷ୍ମୀପୂଜା ଆରମ୍ଭ ହୋଇଛି । ଏଡି ଉପଲକ୍ଷେ ଗ୍ରାମର ଶତାଧିକ ମହିଳା ଏକ କଳସ ଶୋଭାଯାତ୍ରାରେ ଗାଁ ପୋଖରୀରୁ ଜଳ ଆଣି ମଣ୍ଡପରେ ସ୍ଥାପନ ପରେ ପୂଜାରମ୍ଭ ହୋଇଥିଲା । ୪ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଲକ୍ଷ୍ମୀପୂଜା ଅବସରରେ ଆରମ୍ଭ ହୋଇଥିବା ଶ୍ରୀସୁଧା ମହୋତ୍ସବ-୨୦୧୯କୁ ସରପଞ୍ଚ ହରେକୃଷ୍ଣ ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଥମ ସନ୍ଧ୍ୟାରେ ତବଡାର ଅଚ୍ୟୁତ ବେହେରା ଓ ସାଥୀ ସଞ୍ଚାରକଳା ପରିବେଷଣ କରିଥିଲେ। ଦିବାକର ବରିହାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ଆୟୋଜକ ସରୋଜ କୁମାର ମାଝୀ, ସୁରେଶ ଚନ୍ଦ୍ର ସେନାପତି, ପରମେଶ୍ୱର ସାହୁ ମଞ୍ଚାସୀନ ଥିଲେ। ମହୋତ୍ସବର ଅନ୍ୟତମ ଆକର୍ଷଣ ଜଳନ୍ଧର ଦରବାର କାର୍ଯ୍ୟକ୍ରମକୁ ଅତିଥି ମାନେ ଶୁଭାରମ୍ଭ କରିଥିଲେ । ମଞ୍ଚ କଳାକାର ଦେବରାଜ ଛତରିଆ ଜଳନ୍ଧର ଭୂମିକାରେ ଅଭିନୟ କରୁଛନ୍ତି । ବର୍ତ୍ତମାନ ଛୁରିଆପାଲି ଗ୍ରାମ ସିନ୍ଧୁ ନଗରୀରେ ପରିଣତ ହୋଇଛି।

### ■ ଭେଡେନ ବ୍ଲକ
## ୨୧,୪୪୬ ହେକ୍ଟର ଜମିରେ ରବିଚାଷ ଲକ୍ଷ୍ୟ: ଧାନକୁ ଅଧିକ ଗୁରୁତ୍ୱ

ଗଣ୍ଡତୁରୁମ, ୫।୧୨ (ଡି.ଏନ.ଏ)

ବରଗଡ ଜିଲା ଭେଡେନ ବ୍ଲକରେ ଖରିଫ ଧାନକଟା ପରେ ରବି ଋତୁ ଚାଷ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ଗୁରୁବାର କୃଷି କୌଶଳ କମିଟିର ବୈଠକରେ ହୀରାକୁଦ ସେଚାଞ୍ଚଳ ତଥା ଉଠାଜଳସେଚିତ ଜମିରେ ୨୧ ହଜାର ୪୪୬ ହେକ୍ଟର ଜମିରେ ଚାଷ ହେବାକୁ ସ୍ଥିରୀକୃତ ହୋଇଛି । ତନ୍ମଧ୍ୟରୁ ୧୭ ହଜାର ୯୫୦ରେ ଧାନ ଏବଂ ୮୦୭ ହେକ୍ଟରରେ ଅଣଧାନ ଫସଲରେ ମୁଗ, ବିରି, ଝୁଡଙ୍ଗ, ହରଡ, କାନ୍ଦୁଳ ଆଦି ଡାଲି ଜାତୀୟ ଫସଲ, ୫୧୨ ହେକ୍ଟର ରେ ଚିନାବାଦାମ, ସୂର୍ଯ୍ୟମୁଖୀ, ରାଶି ତୈଳବୀଜ ଫସଲ, ୨୦୨୬ ହେକ୍ଟରରେ ପନିପରିବା, ୧୩୧ ହେକ୍ଟରରେ ମସଲା ଜାତୀୟ, ଏବଂ ୬ ହେକ୍ଟରରେ ଆଖୁ ଚାଷ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ବୁଧବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆସନ୍ନ ରବିଋତୁ ପାଇଁ ଅଣଧାନ ଫସଲକୁ ଗୁରୁତ୍ୱ ଦିଆଯାଇଛି । ମାତ୍ର ଭେଡେନ ବ୍ଲକରେ ଧାନ ଫସଲକୁ ଗୁରୁତ୍ୱ ଦିଆଯାଇଥିବା ସ୍ପଷ୍ଟ ହୋଇଛି। ସମ୍ପ୍ରତି ସାରା ରାଜ୍ୟରେ ପନିପରିବା ସାଙ୍ଗକୁ, ଡାଲି, ତେଲର ଅହେତୁକ ମୂଲ୍ୟ ବୃଦ୍ଧି ଗରିବ ଖଟିଖିଆଙ୍କ ଜୀବନ ଜୀବିକାକୁ ପ୍ରଭାବିତ କରୁଥିବା ବେଳେ ଅଣଧାନ ଫସଲକୁ ଅଧିକ ଗୁରୁତ୍ୱ ଦିଆଯିବା ଉଚିତ ବୋଲି ମତପ୍ରକାଶ ପାଇଛି । ଏଥିପାଇଁ ଧାର୍ଯ୍ୟ ଲକ୍ଷ୍ୟ ଏବଂ ଉକ୍ତ ଲକ୍ଷ୍ୟ ପୂରଣ ପାଇଁ ଆବଶ୍ୟକ ଜଳସେଚନର ସୁବିଧା, ବିହନ, ସାର, ଅଣୁସାର, ପୋକମରା ଔଷଧ ଏବଂ କୃଷି ଯନ୍ତ୍ରପାତି ରିହାତି ମୂଲ୍ୟରେ ଯୋଗାଇଦେବା ସହିତ ଚାଷୀମାନଙ୍କ ମଧ୍ୟରେ ଦରଦାମ ବୃଦ୍ଧି ବିଷୟରେ ସଚେତନ କରାଇବା ଅପରିହାର୍ଯ୍ୟ ବୋଲି ଚାଷୀନେତା ଆର୍ତ୍ତତ୍ରାଣ ତ୍ରିପାଠୀ ପ୍ରକାଶ କରିଛନ୍ତି। ସେହିପରି ରାଜ୍ୟ ସରକାରଙ୍କ ବିନା ଅନୁମତିରେ ହାଇବ୍ରିଡ, ରିସର୍ଚ ଧାନ ବିକ୍ରି କରୁଥିବା ଡିଲର, ନକଲି ପୋକମରା ଔଷଧ ବିକ୍ରେତା ଏବଂ କମ୍ପାନୀ ନାମରେ ଜିଲାପାଳ ଓ ଜିଲା କୃଷି ଅଧିକାରୀଙ୍କ ନିର୍ଦ୍ଦେଶ ଅନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବ୍ଲକ ସହକାରୀ କୃଷି ସମ୍ପ୍ରସାରଣ ଅଧିକାରୀ ଆନନ୍ଦ ଭୋଇ କହିଛନ୍ତି ।

### ■ ସାହାଣୀ କପ୍ ଫୁଟବଲ ଟୁର୍ନାମେଣ୍ଟ
# ବଲାଙ୍ଗୀର, ନୟାଗଡ ବିଜୟୀ, ମୟୂରଭଞ୍ଜକୁ ୱାକ ଓଭର

ସୋହେଲା,୫।୧୨(ଡି.ଏନ.ଏ)

ଓଡିଶା ଫୁଟବଲ ଆସୋସିଏଶନ ଦ୍ୱାରା ଆୟୋଜିତ ୬୦ତମ ଆନ୍ତଃ ଜିଲା ସାହାଣୀ କପ ଫୁଟବଲ ପ୍ରତିଯୋଗିତା ବରଗଡ ଜୋନ୍‌ର ସୋହେଲା ମିନି ଷ୍ଟାଡିୟମରେ ଗୁରୁବାର ବଲାଙ୍ଗୀର ଓ ଜଗତସିଂପୁର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ବଲାଙ୍ଗୀର ଦଳ ଜଗତସିଂପୁରକୁ ୩-୦ ଗୋଲରେ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଏହି ପ୍ରତିଯୋଗୀତାର ତୃତୀୟ ମ୍ୟାଚର ପ୍ରଥମାର୍ଦ୍ଧ ଖେଳରେ ୧୧ ଓ ୨୦ତମ ମିନିଟରେ ବଲାଙ୍ଗୀର ଦଳର ସାନ୍ତନୁ ବେହେରା ଦୁଇଟି ଗୋଲ କରି ଦଳକୁ ୨-୦ ଗୋଲରେ ଆଗୁଆ କରିଥିଲେ। ଜଗତସିଂପୁର ଦଳର ଖେଳାଳିମାନେ ଗୋଲ ପରିଶୋଧ ଗୋଲ ଦେବାରେ ସଫଳ ହୋଇ ନ ଥିଲେ। ଦ୍ୱିତୀୟାର୍ଦ୍ଧ ଖେଳରେ ବଲାଙ୍ଗୀର ଦଳର ଖେଳାଳିମାନେ ଅଧିକ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ଘନଘନ ଆକ୍ରମଣ କରିଥିଲେ। ଦ୍ୱିତୀୟାର୍ଦ୍ଧ ଖେଳର ଅନ୍ତିମ କ୍ଷଣରେ ବଲାଙ୍ଗୀର ଦଳର କାହ୍ନା ଭୋଇ ଦଳ ପାଇଁ ତୃତୀୟ ଗୋଲ କରି ଦଳକୁ ୩-୦ ଗୋଲରେ ବିଜୟୀ କରିଥିଲେ। ଆଜିର ମ୍ୟାଚରେ ବିଶିଷ୍ଟ କ୍ରୀଡାବିତ ଡାକ୍ତର ରଞ୍ଜନ କୁମାର ମହାପାତ୍ର ମୁଖ୍ୟଅତିଥି ଓ ଓଡିଶା ଫୁଟବଲ ଆସୋସିଏଶନ କାର୍ଯ୍ୟକାରୀ ସଭାପତି ଶ୍ରୀକର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା କ୍ରୀଡ଼ା ସଂସଦ ଉପସଭାପତି ଯୁଗଳ କିଶୋର ସିଂ, ଡା. ଶୁଭ୍ରାଂଶୁ ମହାପାତ୍ର, ବାବୁଲୁ ଦେବତା, ରବି ନାରାୟଣ ପଣ୍ଡା, ଜିତେନ୍ଦ୍ର ଭୋଇ, ଇନାୟତ ଖାନ, ଇକବାଲ ଖେରାନୀ, କେଶବ ମାଝୀ, ଅଶ୍ୱିନୀ କୁମାର ପାତ୍ର, ସରତ ବାଗ ପ୍ରମୁଖ ଉପସ୍ଥିତ ଥିଲେ। ଆଜିର ମ୍ୟାଚକୁ ରେଫରୀ ବିପୁଳ ବିଦ୍ୟାଧର ପରିଚାଳନା କରିଥିବା ବେଳେ ଶୁଭମ ପାତ୍ର ଓ ରମଣୀ ମାଝୀ ସହାୟତା କରିଥିଲେ । ଚତୁର୍ଥ ରେଫରୀ ଆଶିର୍ବାଦ କାନୁନଗୋ ଏବଂ ମ୍ୟାଚ କମିଶନର ଭାବେ ଦୁର୍ଗାମାଧବ ନାଏକ ରହିଥିଲେ ।

**ବରପାଲି, (ଡି.ଏନ.ଏ):** ବରପାଲି ବ୍ଲକ କଦଳୀପାଲି ଫୁଟବଲ ପଡିଆରେ ଚାଲିଥିବା ୬୦ତମ ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ତୃତୀୟ ଦିନ ଖେଳ କନ୍ଧମାଳ ଓ ନୟାଗଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଉଭୟ ଦଳ ସମାନ ସ୍ତରରେ ରହିଥିଲା । ଫଳରେ ଟାଇବ୍ରେକରରେ ନୟାଗଡ ଦଳ ୩-୨ ଗୋଲରେ ବିଜୟୀ ହୋଇଥିଲା ଖେଳକୁ କିଶନ ଦାଶ, ଦେବାଶିଷ ବାଗ, ପ୍ରଶାନ୍ତ ବେହେରା ପ୍ରମୁଖ ପରିଚାଳନା କରିଥିଲେ । ରବି ମହାପାତ୍ର ପର୍ଯ୍ୟବେକ୍ଷକ ଥିଲେ । ଏହି ଅବସରରେ ଇଞ୍ଜିନିୟର ଦେବବ୍ରତ ମିଶ୍ର ମୁଖ୍ୟଅତିଥି ଏବଂ କେନାଲ ବିଭାଗ ଇଞ୍ଜିନିୟର ହୃଷିକେଶ ଭୋଇ ଓ ସରପଞ୍ଚ ରବି ସାହୁ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ ।

**ଭେଡ଼େନ, (ଡି.ଏନ.ଏ):** ଭେଡ଼େନ ରଣଜିତା ଷ୍ଟାଡ଼ିୟମରେ ଚାଲିଥିବା ୬୦ ତମ ଆନ୍ତଜିଲା ସାହାଣୀ କପ୍ ଫୁଟବଲ ପ୍ରତିଯୋଗିତାର ଗୁରୁବାର ମ୍ୟାଚ୍‌ରେ ମୟୂରଭଞ୍ଜ ଦଳ ପରବର୍ତ୍ତୀ ରାଉଣ୍ଡକୁ ପ୍ରବେଶ କରିଛି । ମୟୂରଭଞ୍ଜ ଏବଂ ରାୟଗଡ଼ା ଦଳ ମଧ୍ୟରେ ମ୍ୟାଚ ହେବାକୁ ଥିବା ବେଳେ ରାୟଗଡ଼ା ଦଳ ଅନୁପସ୍ଥିତ ଥିବାରୁ ମୟୂରଭଞ୍ଜ ଦଳକୁ ୱାକ୍ ଓଭର ମିଳିଥିଲା। ପରେ ବରଗଡ଼ ଏବଂ ମୟୁରଭଞ୍ଜ ଦଳ ମଧ୍ୟରେ ଏକ ବନ୍ଧୁତ୍ୱ ପୂର୍ଣ୍ଣ ମ୍ୟାଚ ହୋଇଥିଲା। ଏଥିରେ ମୟୁରଭଞ୍ଜ ଦଳ ୩-୦ ଗୋଲରେ ବରଗଡ଼କୁ ପରାସ୍ତ କରିଥିଲା। ରେଫରୀ ଦିଲୀପ ପାତ୍ର, ଦେବରାଜ ନାହାକ, ଦିଲୀପ କୁମାର ରାଉତ ଖେଳ ପରିଚାଳନା କରିଥିବା ବେଳେ ଉତ୍କଳମଣି ବେହେରା ଚତୁର୍ଥ ରେଫରି ଦାୟିତ୍ୱ ତୁଲାଇଥିଲେ। ଏହି ମ୍ୟାଚରେ ସଞ୍ଜୟ ମେହେର ଅତିଥି ଭାବେ ଯୋଗଦାନ କରିଥିଲେ। ଶୁକ୍ରବାର ଖୋର୍ଦ୍ଧା ଏବଂ ଦେବଗଡ଼ ଜିଲା ଏକାଦଶ ମଧ୍ୟରେ ମ୍ୟାଚ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।





ଭେଡେନରେ ପ୍ରତିଯୋଗିତାର ଅତିଥି ଏବଂ ଖେଳାଳିମାନେ (ବାମ) । ବରପାଲି-ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ।

## ସଂକ୍ଷେପରେ



### ସିଲେଟପାଣି ଗାଁରେ ଖୋଲିଲା ଧାନ ମଣ୍ଡି

**କୋମନା,୫।୧୨(ଡି.ଏନ.ଏ.):** ନୂଆପଡା ଜିଲା କୋମନା ବ୍ଲକ ସିଲେଟପାଣି ଗାଁରେ ଜିଲା ପ୍ରସାଶନ ପକ୍ଷରୁ ଧାନମଣ୍ଡି ଖୋଲା ଯାଇଛି। ଏହି ମଣ୍ଡି ସ୍ଥାନୀୟ ଶ୍ରୀ ଜଗନ୍ନାଥ ସ୍ୱଂୟ ସହାୟକ ଗୋଷ୍ଠୀ ପରିଚାଳନା ଦାୟିତ୍ୱ ନେଇଥିବା ବେଳେ ବ୍ଲକ ଦର୍ଲିପଡା ଗ୍ରାମପଞ୍ଚାୟତ ଚାଷୀମାନେ ଧାନ ବିକ୍ରୟ କରିବା ପାଇଁ ଧାର୍ଯ୍ୟ ହୋଇଛି। ଗ୍ରାମ୍ୟ ଝାଙ୍କର ଗାଁର ବିଭିନ୍ନ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରିବା ପରେ ମଣ୍ଡିରେ ଧାନକିଣା ଆରମ୍ଭ ହୋଇଥିଲା। ପ୍ରଥମ ଦିନରେ ୫ ଜଣ ଚାଷୀଙ୍କ ୨୩୧.୯୭ କୁଇଣ୍ଟାଲ ଧାନ କ୍ରୟ ହୋଇଥିଲା । ପ୍ରାରମ୍ଭରେ ସ୍ୱଂୟ ସହାୟକ ଗୋଷ୍ଠୀର ସମସ୍ତ ସଭ୍ୟାଙ୍କ ସମେତ ସୁନାଦେଇ ଗ୍ରାମିଣ ବଜାର ସମ୍ପାଦକ ହେମସାଗର ବେହେରା, ମିଶନ ଶକ୍ତି ଗୋଷ୍ଠୀ ସଂଯୋଜକ ଧନୀରାମ ଶବର, ଓଏଲଏମର ଏମବିକେ ଯୋଗେଶ୍ୱର ତାଣ୍ଡି, ସରପଞ୍ଚ ପ୍ରତିନିଧି ରୁପଧର କୁଲଦୀପ, ସିଲେଟପାଣି ଗାଁର ମୁଖିଆ କପୁରଚନ ମାଝି ପ୍ରମୁଖଙ୍କ ଉପସ୍ଥିତିରେ ମଣ୍ଡି ଆରମ୍ଭ ହୋଇଥିଲା। ଚଳିତବର୍ଷ ଏହି ମଣ୍ଡିରେ ମୋଟ ୪ ହଜାର କୁଇଣ୍ଟାଲ ଧାନ କ୍ରୟ କରାଯିବା ପ୍ରସାଶନ ପକ୍ଷରୁ ଲକ୍ଷ୍ୟ ରହିଛି ।

### ବିଦ୍ୟୁତ୍ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚିତ

**ଜୁନାଗଡ,୫।୧୨(ସ୍ୱ.ପ୍ର.):** ଓଡ଼ିଶା ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ସଂଘର ଜୁନାଗଡ ଶାଖାର ନୂତନ କର୍ମକର୍ତ୍ତା ନିର୍ବାଚନ ସ୍ଥାନୀୟ ଫ୍ୟୁଜକଲ ଅଫିସରେ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ସଭାରେ ମୁଖ୍ୟଅତିଥି ରୁପେ ପୂର୍ବତନ ରାଜ୍ୟ ସଭାପତି ପଦ୍ମନାଭ ପାଢୀ, ଡିଭିଜନ ସମ୍ପାଦକ ରମେଶ ପଣ୍ଡା, ସହସମ୍ପାଦକ ଅଜୟ ସିଂ, କେନ୍ଦ୍ରୀୟ କର୍ମକର୍ତ୍ତା ପରମେଶ୍ୱର ବେହେରା, ସତ୍ୟବାନ ପ୍ରମୁଖ ଉପସ୍ଥିତ ଥିଲେ। ଜୁନାଗଡ ସଙ୍ଗଠକ ଭାବେ ୧ ନଂ. ଜୋନ ପାଇଁ ବନ ମେହେର, ନଂ. ୨ ପାଇଁ ରଷିମଣି ଚଣ୍ଡି, ନଂ. ୩ ପାଇଁ ଗୌରହରୀ ବାଗ ଓ କଲମପୁର ସେକସନ ପାଇଁ ଅଚ୍ୟୁତ ନାଏକ ୨୦୨୦ ପାଇଁ ନିର୍ବାଚିତ ହୋଇଥିଲେ। ଶେଷରେ ସବଡିଭିଜନ ସମ୍ପଦକ ପାଇଁ ମଦନ ଦଣ୍ଡସେନା ନିର୍ବାଚିତ ହୋଇଥିଲେ। ଅଭିଜିତ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ଜିଲା ନିର୍ମାଣ ଶ୍ରମିକ ସଂଘର ଜିଲାପାଳ ଅଫିସ ଘେରାଉ

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦ଦଫା ଦାବିପତ୍ର

**ନୂଆପଡା ଅଫିସ, ୫।୧୨**

ନିର୍ମାଣ ଶ୍ରମିକମାନଙ୍କ ଭିନ୍ନ ଭିନ୍ନ ଦାବିଗୁଡିକୁ ନେଇ ରାଜ୍ୟ ସଂଘର ଆହ୍ୱାନକ୍ରମେ ଜିଲା ନିର୍ମାଣ ଶ୍ରମିକ ସଂଘ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିବାବେଳେ ୧୦ ଦଫା ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଗୁରୁବାର ମଧ୍ୟାହ୍ନରେ ଶତାଧିକ ନିର୍ମାଣ ଶ୍ରମିକ ପରିବାର ସ୍ଥାନୀୟ ମିନିଷ୍ଟାଡିୟମରୁ ଏକ ରାଲିରେ ବାହାରି ଥିଲେ। ବିଭିନ୍ନ ସ୍ଲୋଗାନମାନ ଦେଇ ସହର ପରିକ୍ରମା କରିଥିଲେ। ହାତରେ ଲାଲ ଝଣ୍ଡା, ଲାଲ ସଲାମ କହି ନିଜର ଅଧିକାର ଏବଂ ଦାବିଗୁଡିକ ଉପରେ ଉଚ୍ଚସ୍ୱରରେ ନାରାବାଜି କରୁଥିଲେ। ଏଥିରେ ଜିଲା ସଭାପତି ଯୁଧିଷ୍ଠିର ପ୍ରଧାନୀ, ଲାଲ ବାବୁ ନେତୃତ୍ୱ ନେଇଥିଲେ। ଶେଷରେ ଜିଲାପାଳଙ୍କ



ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ଶୋଭାଯାତ୍ରାରେ ଶ୍ରମିକମାନେ ସହର ପରିକ୍ରମା କରୁଛନ୍ତି ।

କାର୍ଯ୍ୟାଳୟ ନିକଟରେ ଠୁଳ ହୋଇଥିଲେ। ଦୀର୍ଘ ସମୟ ଧରି ନାରାବାଜି କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଜିଲାପାଳଙ୍କ ପକ୍ଷରୁ ଉପଜିଲାପାଳ ତରଣୀସେନ ନାଏକ ଦାବିପତ୍ର ଗ୍ରହଣ କରିଥିଲେ। ଏଥିରେ ସରକାର କର୍ପୋରେଟ ସ୍ୱାର୍ଥରେ ଶ୍ରମିକ ବିରୋଧି ଶ୍ରମିକ ନିୟମ ସଂଶୋଧନ କରୁଥିବାରୁ ତାକୁ ବିରୋଧ କରିଥିବାବେଳେ ନିର୍ମାଣ ଶ୍ରମିକ ବୋର୍ଡ ଏବଂ ପାଣ୍ଠିକୁ ରାଜନୈତିକ ଉଦ୍ଦେଶ୍ୟରେ ବ୍ୟବହାର ନ କରିବାକୁ ଦାବି କରାଯାଇଛି । ଏହିଭଳି ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ, ନବୀକରଣ, ବିଭିନ୍ନ ସୁବିଧା ପ୍ରଦାନ କରାଯିବା, ନିର୍ମାଣ ଶ୍ରମିକଙ୍କ ପଞ୍ଜୀକୃତ ପିଲାଙ୍କୁ ସହାୟତା ରାଶି ତୁରନ୍ତ ପ୍ରଦାନ କରିବା, ନିର୍ମାଣ ଶ୍ରମିକମାନଙ୍କୁ ଘରଡିହ ଜମି ଓ ଘର ଯୋଗାଇଦେବା, ନୂଆପଡା ଜିଲାରୁ ଦାଦନ ଚାଲାଣକୁ ରୋକିବା ବ୍ୟବସ୍ଥା କରିବା ଏବଂ ରୋଜଗାର ଯୋଗାଇଦେବା ଆଦି ଦାବି ସାମିଲ ରହିଛି । ଏହି ଆନ୍ଦୋଳନରେ ଜିଲାର ସବୁ ପ୍ରାନ୍ତରୁ ଶ୍ରମିକ ନେତାମାନେ ଯୋଗଦେଇଥିଲେ।



ସଡ଼କ ସୁରକ୍ଷା ନେଇ ବିଜୁ ଯୁବବାହିନୀର ରକ୍ଷକ କାର୍ଯ୍ୟକ୍ରମ।

## ବିଜୁ ଯୁବବାହିନୀର ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ

**କୋମନା,୫।୧୨ (ଡି.ଏନ.ଏ.)**

ନୂଆପଡା ଜିଲାର ଜୀବନ ରେଖା କୁହାଯାଉଥିବା ଜାତୀୟ ରାଜପଥ ଦୀର୍ଘ ୮ ବର୍ଷ ହେବ ଅଧାପନ୍ତରିଆ ହୋଇ ପଡିରହିଛି। ଫଳରେ ରାସ୍ତାରେ ପଥିକମାନେ ବିଭିନ୍ନ ସମୟରେ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି । ଏ ନେଇ ବିଜୁ ଯୁବ ବାହିନୀ କୋମନା ବ୍ଲକ ତରବୋଡ ଗ୍ରାମପଞ୍ଚାୟତ ପକ୍ଷରୁ ୩୫୩ ନଂ. ଜାତୀୟ ରାଜପଥଠାରେ ଏକ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ରକ୍ଷକ ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବ ବାହିନୀ ତରବୋଡ ଗ୍ରାମପଞ୍ଚାୟତ ସମସ୍ତ ସଦସ୍ୟ ସୁରକ୍ଷିତ ଗାଡି ଚାଳନା ଉପରେ ସଚେତନ କରିଥିଲେ। ହେଲମେଟ ଓ ସିଟ ବେଲ୍ଟ ପିନ୍ଧିଥିବା ଚଳାକମାନଙ୍କୁ ମିଷ୍ଟାନ୍ନ ଦେଇ ଅଭିନନ୍ଦନ ଜଣାଇବା ସହ ଅନନ୍ୟମାନଙ୍କୁ ବିଭିନ୍ନ ଲିଫଲେଟ ଦେଇ ସଚେତନ କରିଥିଲେ। ଏଥିରେ ବିଜୁ ଯୁବ ବାହିନୀ ଜିଲା ସଂଯୋଜକ ମୁକେଶ ଜୋଶୀ, ପ୍ରକଳ୍ପ ଅଧିକାରୀ ବିନୋଦ ନାଗ, ଅକ୍ଷୟ ପଟେଲ ଓ ବ୍ଲକ ସଂଯୋଜକ ତେଜରାଜ ବେହେରା ଏବଂ ବିଜୁ ଯୁବ ବାହିନୀ ତରବୋଡ ଗ୍ରାମପଞ୍ଚାୟତ ସଭାପତି ଅଜୟ କୁମାର ଗହୀର, ସମ୍ପାଦକ ଦୁଃଖଭଞ୍ଜନ ନାଏକ, କୋଷାଧ୍ୟକ୍ଷ ସୁମିତ ଶେଖର ଦୁରିଆ, ତଥା ସଭ୍ୟ ଆନନ୍ଦ ତାଣ୍ଡି, ଅନନ୍ତ ବେମାଳ ପ୍ରମୁଖ ସହଯୋଗ କରିଥିଲେ।

## ସୂର୍ଯ୍ୟକାନ୍ତିଙ୍କୁ ସାହାଯ୍ୟର ହାତ୍ ବଢ଼ାଲା ପରଶାସନ

**ପର୍ଲା, ୫।୧୨ (ଡି.ଏନ.ଏ.)**

ଧରିତ୍ରୀ ପ୍ରଭାବ

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଦଣ୍ଡପାଟ ଅଂଚଲ ଛଞ୍ଚାଣବାହାଲି ପଁଚେତ୍ ବେହେରାଗୁଡ଼ା ଗାଁର ନିସାହା ବିଧବା ସୂର୍ଯ୍ୟକାନ୍ତି ଧରୁଆ(୩୮)। ତାକର ଦୁରଦଶା ବାବ୍‌ଦେ ଗଲା ନଭେମ୍ବର ୧୩ ତାରିଖ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ 'ଭତା, ଆବାସ ଯୋଜନାରୁ ବଁଚିତ, ଭିଖ୍ ମାଗି ପେଟ୍ ପାଲୁଛନ୍ ସୂର୍ଯ୍ୟକାନ୍ତି' ଶୀରଷକ୍‌ରେ ଖବର ବାହାରିଥିଲା। ଖବର ବାହାରଲାରୁ ବୁଧବାର ବ୍ଲକ ପରଶାସନ ସୂର୍ଯ୍ୟକାନ୍ତିଙ୍କର ପାସେ ପୁହୁଁଚି ସବୁ ପରକାର ସରକାରୀ ସାହାଯ୍ ଯୁଗେଇ ଦେବାକେ କଥା ଦେଇଥିବାର ଜନାଯାଇଛେ।

ସୂଚନା ହିସାବେ, ବେହେରାଗୁଡ଼ା ଗାଁର ନିସାହା ବିଧବା ମହିଲା ସୂର୍ଯ୍ୟକାନ୍ତି ଝନେ ନିହାତି ଗରିବ୍ ନିସାହା ମହିଲା। ୧୦ ବଛର ହେଲା ଗୁଟେ ଭଂଗା ଦଦ୍‌ରା ମାଏଟ୍ କୁରିଆରେ ପଲିଥିନ୍ ଢ଼ାପି ରହିଆସୁଛନ୍। ଦୁଇ ବଛର ତଲେ ନିଜର ଆପ୍‌ନେକେ ହରେଇଛନ୍। ସରକାରୀ ସାହାଯ୍ କହେଲେ ମାସିକ ୫ କେ.ଜି. ଚାଉଲ ପାଉଛନ୍। ହେଲେ ସେଟା ପେଟ୍‌କେ ନିଅଁଟ୍। ସେଥିରଲାଗି ସେ ଭିଖ୍ ମାଗି ପେଟ୍ ପାଲୁଛନ୍। ସୂର୍ଯ୍ୟକାନ୍ତିଙ୍କର ଦୁରଦଶା ବାବ୍‌ଦେ ଧରିତ୍ରୀରେ ଟିକିନିଖିନୁ ଖବର ବାହାରିଥିଲା। ଖବର ବାହାରଲା ଉତାରୁ ବୁଧୁବାର ଧର୍ମଗଡ଼ ବିଡିଓ ଅଶୋକ କୁମାର ଭୋଇ, ଯନ୍ତ୍ରୀ ମାନସ କୁମାର ସେଠୀ ଆର ପଁଚେତ୍ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସାନ୍ତ କୁମାର ମାଝି ସୂର୍ଯ୍ୟକାନ୍ତିଙ୍କର ଘରେ ପୁହୁଁଚିଥିଲେ। ବିଡିଓ ଭୋଇ ସୂର୍ଯ୍ୟକାନ୍ତିଙ୍କୁ ଆବାସ ଯୋଜନାରେ ଘର ଖଁଡ଼େ, ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଯୋଜନାରେ ମାସିକ ୩୫ କେ.ଜି. ଚାଉଲ ଯୁଗେଇ ଦେବାକେ କଥା ଦେଇଥିବାର ଜନାଯାଇଛେ। ପରଶାସନନୁ ସାହାଯ୍ୟର ପରତିଶୃରତି ପାଏଲାରୁ ସୂର୍ଯ୍ୟକାନ୍ତି ଧରିତ୍ରୀ ପରିବାର ଆର ପରଶାସନକେ ଧଏନ୍‌ବାଦ ଦେଇଛନ୍।



ସୂର୍ଯ୍ୟକାନ୍ତିଙ୍କୁ ବିଡିଓ ହାଲଚାଲ ପଚାରି ବୁଝୁଛନ୍।

## ଭାଜପା ପକ୍ଷରୁ ୭୦ତମ ସମ୍ବିଧାନ ଦିବସ ପାଳିତ

**କୋମନା,୫।୧୨(ଡି.ଏନ.ଏ.)**

ନୂଆପଡା ଜିଲା କୋମନାସ୍ଥିତ କଲ୍ୟାଣ ମଣ୍ଡପଠାରେ ଭାଜପା ପକ୍ଷରୁ ୭୦ତମ ଜିଲାସ୍ତରୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ସମ୍ମାନିତ ଅତିଥି ଭାବରେ ରାଜ୍ୟ ଭାଜପା ଉପ ସଭାପତି ପ୍ରସନ୍ନ ପାଢୀ, ଜିଲା ସଦସ୍ୟତା ପ୍ରମୁଖ ହୋମସିଂ ମାଝି, ଜିଲା ଏସସି ମୋର୍ଚ୍ଚା ସଭାପତି ମୁରଲୀ ସୁନା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନିଜର ଆର୍ଯ୍ୟ, ଜିଲା ସଭାପତି ଶିବ ମୁଣ୍ଡ, ଚର୍ତ୍ତୁଭୁଜ ଶର୍ମା ପ୍ରମୁଖ ଯୋଗଦେଇ ବାବା ସାହେବଙ୍କ ସମ୍ବିଧାନ ପ୍ରଣୟନ ବିଷୟରେ କାର୍ଯ୍ୟକର୍ତ୍ତାମାନଙ୍କୁ ଦିଗଦର୍ଶନ ଦେଇଥିଲେ। ଏଥିରେ କାର୍ଯ୍ୟକର୍ତ୍ତା ପାତାଳେଶ୍ୱର ମଣ୍ଡଳ ସଭାପତି ଚନ୍ଦନ ଠାକୁର, ସୁନାଦେଇ ମଣ୍ଡଳ ସଭାପତି ବିକ୍ରମ ଆଡବଙ୍ଗ, ବଞ୍ଜାରୀ ମଣ୍ଡଳ ଡମ୍ବରୁ ମହାନନ୍ଦ, ତୁଳସ ପଟେଲ, ମୁଲଚନ୍ଦ ସୁନାନୀ, ପୀତାମ୍ବର ନାଗ, କୈଳାସ ତାଣ୍ଡି, ସରୋଜ ମଲ୍ଲିକ, ଦୀପକ ପଣ୍ଡା, ମିତ୍ରଭାନୁ ପ୍ରଧାନ, ଖଗେଶ୍ୱର ଦୀପ ଓ ଦିଗାମ୍ବର ଦୀପ ପ୍ରମୁଖଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।




ବିଶ୍ୱ ମୃତ୍ତିକା ଦିବସ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

## ମୃତ୍ତିକାରେ ଚାଷୀଙ୍କ ଆତ୍ମା ସଂଲଗ୍ନ ହୋଇ ରହିଥାଏ

**ନୂଆପଡ଼ା ଅଫିସ,୫।୧୨**

**ବିଶ୍ୱ ମୃତ୍ତିକା ଦିବସ**

ଆମେ ଯେତିକି ଆଗକୁ ଯାଉଥିବା କୁହାଯାଉଛି । ଆମେ ପ୍ରକୃତି ସହ ସେତିକି ଲଢେଇ କରି ବସୁଛି। ପରୋକ୍ଷରେ ହେଉବା ପ୍ରତ୍ୟକ୍ଷରେ ମୃତ୍ତିକା ଭଳି ପ୍ରାକୃତିକ ସମ୍ପଦ ପ୍ରତି ବିପଦ ଆଣିଦେଉଛୁ। ଏଥିରେ ଚାଷୀଙ୍କ ଆତ୍ମା ସଂଲଗ୍ନ ହୋଇ ରହିଛି ବୋଲି ମତ ପ୍ରକାଶ ପାଇଛି। ଗୁରୁବାର ସ୍ଥାନୀୟ ଜିଲା କୃଷି ବିଭାଗ କାର୍ଯ୍ୟାଳୟରେ ଅନୁଷ୍ଠିତ ବିଶ୍ୱ ମୃତ୍ତିକା ଦିବସ ପାଳନ ଅବସରରେ ଅତିଥିମାନେ ଯୋଗଦେଇ ଏହି ମତ ରଖିଥିଲେ। ପୂର୍ବାହ୍ନ ୧୧ଟାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଜିଲା କୃଷି ଅଧିକାରୀ ଜାହିଦ ମହମ୍ମଦ ସଭାପତିତ୍ୱ କରିଥିବାବେଳେ ଜିଲାପାଳ ମଧୁସ୍ମିତା ସାହୁ ମୁଖ୍ୟଅତିଥି, ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ ବିଶେଷ ଅତିଥି, ବିଧାୟକ ପ୍ରତିନିଧି ଅବନୀ ରଞ୍ଜନ ଯୋଷୀ, ଏମ୍‌ପି ପ୍ରତିନିଧି ହୋମସିଂ ମାଝି, କୃଷି ବିଜ୍ଞାନ କେନ୍ଦ୍ର ସଂଯୋଜକ ସ୍ୱାଗତିକା ଶ୍ରୀଚନ୍ଦନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସହକାରୀ କୃଷି ଅଧିକାରୀ ହିମାଂଶୁ ଶେଖର ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ । ଏହିକ୍ରମରେ ଅତିଥିମାନେ ଏହିବର୍ଷ ମୃତ୍ତିକା ଦିବସ ପାଳନର ସ୍ଲୋଗାନ ମୃତ୍ତିକା ସଂରକ୍ଷଣ କରି ଭବିଷ୍ୟତ ପାଇଁ ସଞ୍ଚୟ କରିବାକୁ ଦୋହରାଇଥିଲେ। ମୃତ୍ତିକା ଦିବସ ପାଳନର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ସମ୍ପର୍କରେ ଅବଗତ କରିଥିବାବେଳେ ମୃତ୍ତିକା କିପରି ଆମ ପାଇଁ ବିଶେଷ ଗୁରୁତ୍ୱ ବହନ କରିଥାଏ ସେ ଉପରେ ଆଲୋଚନା କରିଥିଲେ। ମୃତ୍ତିକାର ବ୍ୟବହାର ଏବଂ ତାର ବିଭିନ୍ନ ଉପାଦାନ ସମ୍ପର୍କରେ ବିଶ୍ଳେଷଣ କରାଯାଇଥିଲା। ଏହି ଅବସରରେ ଚାଷୀମାନେ ସେମାନଙ୍କର ବିଭିନ୍ନ ସମସ୍ୟା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ପ୍ରାନ୍ତରୁ ଦେଢ ଶହରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସହକାରୀ କୃଷି ଅଧିକାରୀ ନରେନ୍ଦ୍ର ମିଶ୍ର, ସୁଧାଂଶୁ କୁମାର ସାହୁ ପ୍ରମୁଖ ସହଯୋଗ କରିଥିବାବେଳେ କୃଷି ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ବ୍ଲକସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ

**କଲମପୁର,୫।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁର ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରଠାରେ ଗୁରୁବାର ବ୍ଲକସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳନ ହୋଇଯାଇଛି। ପୂର୍ବତନ ବ୍ଲକ ଅଧକ୍ଷ ବିପିନବିହାରୀ ପ୍ରଧାନୀଙ୍କ ଅଧକ୍ଷତାରେ ସହକାରୀ କୃଷି ଅଧିକାରୀ ସୁଜାତା ଛତ୍ରିଆ, ଚାଷୀ ଧନେଶ୍ୱର ଭାଟି, ଗଣେଷରାମ ବାଗ, ରୁକମଣୀ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ୧୧ଟି ପଞ୍ଚାୟତର ଚାଷୀମାନେ ଉପସ୍ଥିତ ଥିଲେ। ଉପସ୍ଥିତ ଚାଷୀମାନଙ୍କୁ ମାଟି ପରୀକ୍ଷାର ଉଦ୍ଦେଶ୍ୟ, ମାଟି ସଂଗ୍ରହ ସମୟ, ମାଟି ସଂଗ୍ରହ ପାଇଁ ଜମିର ପରିମାଣ, ମାଟି ସଂଗ୍ରହ ପାଇଁ ଆବଶ୍ୟକ ଉପକରଣ, ମାଟି ପରୀକ୍ଷା କେତେ ବର୍ଷ ଅନ୍ତରରେ କରିବା ଆଦି ସେ ସବୁ ବିଷୟରେ ସହକାରୀ କୃଷି ଅଧିକାରୀ ଛତ୍ରିଆ ପୁଙ୍ଖାନୁପୁଙ୍ଖ ଭାବରେ ଚାଷୀମାନଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ସହକାରୀ ବୈଷୟୀକ ପରିଚାଳକ ଅଭିନ୍ନ ଚନ୍ଦ୍ର ମୁଣ୍ଡ, ବନଲତା ପଣ୍ଡା, ସମସ୍ତ ପଞ୍ଚାୟତ ଦାୟୀତ୍ୱ ଥିବା ଭିଏଡବ୍ଲୁ, ସମସ୍ତ କୃଷକ ସାଥି ଏବଂ କଲମପୁର ବ୍ଲକର ଚାଷୀ ବିବେକାନନ୍ଦ ନାଏକ, ଡିଙ୍ଗର ନାଗ, ଲିଲି ନିଆଁଲ, ପବନ ମାଝି, ଜଳନ୍ଦର ବାଗ, ଗୋବର୍ଦ୍ଧନ ବାଗ, ରାହାସବିହାରୀ ଦ୍ୱିପ, ଶିବଶଙ୍କର ଗୋପାଳ ତଥା ବହୁ ଚାଷୀ ଉପସ୍ଥିତ ଥିଲେ ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ମା'ବାପ୍ ଛେଉଁଡ୍ ତୁଷାରକୁଁ ଉଧାର କଲା ପରଶାସନ

**ଭବାନୀପାଟଣା, ୫।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଜୟନ୍ତପୁର ପଁଚେତ୍ ବାରିକପଡ଼ାର ମା'ବାପ୍ ଛେଉଁଡ୍ ତୁଷାର ବାରିକ(୧୧)କୁଁ ସାହାଯ୍ୟର ହାତ୍ ବଢ଼େଇଛେ ଜିଲା ଶିଶୁ ମଙ୍ଗଲ ସମିତି। ବୁଧବାର ଜିଲା ଶିଶୁ ମଙ୍ଗଲ ସମିତି ଅଧକ୍ଷ ରାଜେଶ କୁମାର ନାୟକଙ୍କର ନିରଦେଶରେ ଶିଶୁ ମଙ୍ଗଲ ବିଭାଗର ଅଧିକାରୀ ଆର କରମଚାରୀ ବାରିକପଡ଼ାରୁ ତୁଷାରକୁଁ ଉଧାର କରି ଶିଶୁ ମଙ୍ଗଲ କେନ୍ଦ୍ରକେ ଆନିଥିଲେ। ପରଶାସନ ତରଫୁ ସେଠାନେ ତାକର ରହିବାର, ଖାଏବାର, ପାଠ୍‌ପଢ଼ବାର ବେବସ୍ତା କରାଯିବା ବଲି ଜନାପଡ଼ିଛେ।

ସୂଚନା ଅନ୍‌ସାରେ ଜୟନ୍ତପୁର ପଁଚେତ୍ ବାରିକପଡ଼ାର ଲକ୍ଷ୍ମୀକାନ୍ତ ବାରିକ ଝନେ ନିହାତି ଗରିବ୍ ଲୋକ୍। ଗଲା ବଛର ତାକର ମାଏକିନା ବିମଳା ଆରପାରକେ ଚାଲିଯାଇଥିଲେ। ଏନ୍‌ତାଥି ଲକ୍ଷ୍ମୀକାନ୍ତ କୁଲିମଜୁରି କରି ନିଜର ଦୁଇ ଝିଁ ସୁନିତା(୧୭), ବନିତା(୧୫) ଆର ପୁଓ ତୁଷାର(୧୧)କେ ପାଲପୋଷ କରୁଥିଲେ। ହେଲେ ଗଲା ଅକ୍ଟୋବର ମାସେ ଲକ୍ଷ୍ମୀକାନ୍ତ ବି ଆରପାରକେ ଚାଲିଯାଇଥିଲେ। ଏନ୍‌ତାଥି ତିନ୍ ମା'ବାପ୍ ଛେଉଁଡ୍ ଭାଇବହେନ୍ ବେସାହାରା ହେଇଯାଇଥିଲେ। ବାପ୍ ଚାଲିଗଲା ଉତାରୁ ବଡ଼ ଝିଁ ସୁନିତାର ଉପରେ ଭାଇବହେନ୍‌ର ବୋଝ୍ ପଡ଼ିଥିଲା। ଇଆଡ଼େ ଟଁକା ପଏସା ଅଭାବୁ ସୁନିତା ବାପାର ଶୁଦ୍ଧିକାଯ୍ ବି କରି ନାଇଁପାରଲେ। ଇ ଘଟନା ଲୋକ୍‌ଲୋଚନକେ ଆଏଲା ଉତାରୁ ଜିଲା ଶିଶୁ ମଙ୍ଗଳ ସମିତି ଅଧକ୍ଷଙ୍କର ନିର୍‌ଦେଶରେ ଜିଲା ଶିଶୁ ସୁରକ୍ଷା ୟୁନିଟର ଗୁଟେ ଦଲ ବାରିକପଡ଼ା ଯାଇ ମା'ବାପ୍ ଛେଉଁଡ୍ ତିନିହିଁ ଭାଇବହେନ୍‌କେ ଭେଟିଥିଲେ। ଲକ୍ଷ୍ମୀକାନ୍ତଙ୍କର ଦଶା କାଯ୍ ସଏଲା ଉତାରୁ ତୁଷାରକୁଁଶିଶୁ ମଙ୍ଗଳ ସମିତି ତରଫୁ ଥଇଥାନ କରାଯିବାର ସଂଗେ ଜିଲା ପରଶାସନ ତରଫୁ ଦୁଇ ବହେନ୍‌କୁ ବି ସବୁ ପରକାର ସୁବିଧା ଯୁଗେଇ ଦିଆଯିବା ବଲି ସମିତିର ଅଧକ୍ଷ ରାଜେଶ ନାୟକ କହିଛନ୍। ସେ ହିସାବେ ୪ ତାରିଖ ବୁଧୁବାର ଶିଶୁ ମଙ୍ଗଳ ବିଭାଗ ତରଫୁ ତୁଷାରକୁଁ ଉଧାର କଲାବେଲେ ଯାଦବ ମହାସଭା ବ୍ଲକ ସଭାପତି ଶଙ୍କର ଜୁଏଡ଼, ଲବଣୀ ରାଉତ, ପର୍ଲା ଆଂଚଳିକ ଯାଦବ ସମିତି ସଭାପତି ଚିତ୍ରସେନ ଗୋପାଲ, ସଂପାଦକ ଗଣେଶ ଗୋପାଲ, ରାଜକିଶୋର ଗୋପାଲ, ଯୁବଯାଦବ ବ୍ଲକ ସଂପାଦକ କାର୍ତ୍ତିକ ଛତ୍ରିଆ ପରମୁଖ ଠୋଲ ହେଇଥିଲେ।



ତୁଷାରକୁଁ ଉଧାର କରବାର ଲାଗି ବିଭାଗୀୟ କରମ୍‌ଚାରୀମାନେ ଗାଁରେ ପୁହୁଁଚିଛନ୍।

ପଥର ବ୍ଲାଷ୍ଟିଂ ବନ୍ଦ କରିବାକୁ ଦାବି

## ରିଷିଗାଁ ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ

**ଖଡିଆଳ, ୫।୧୨ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ବ୍ଲକ ରିଷିଗାଁ ନିକଟରେ ଥିବା ପଥର କ୍ୱାରିରେ ବେନିୟମ ଭାବେ ଡିନାମାଇଟ ଯୋଗେ ପଥର ବ୍ଲାଷ୍ଟିଂ କରାଯାଉଥିବା ଅଭିଯୋଗ ହୋଇଛି । ଏ ନେଇ ଗ୍ରାମବାସୀ ଗ୍ରାମବାସୀ ଖଡିଆଳଠାରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ମଧୁସ୍ମିତା ସାହୁଙ୍କୁ ସାକ୍ଷାତ କରି ପଥର କୁଆଁରୀରେ ବ୍ଲାଷ୍ଟିଂ ବନ୍ଦ କରିବାକୁ ଦାବି କରିଛନ୍ତି । ଏଥି ସହିତ ଚିହ୍ନଟ ହୋଇଥିବା ସ୍ଥାନରେ ଶୀଘ୍ର ଓଭରହେଡ ପାଣି ଟାଙ୍କି ନିର୍ମାଣ କରି ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି । ସେହିପରି ରିଷିଗାଁର ଚତୁଃପାର୍ଶ୍ୱରେ ଲଣ୍ଡା ପାହାଡ ଥିବାରୁ ପାନୀୟ ଜଳର ଉତ୍କଟ ସମସ୍ୟା ଲାଗି ରହିଛି । ଦୀର୍ଘ ବର୍ଷ ତଳେ ରିଷିଗାଁକୁ ତୁକୁଲା ନିକଟସ୍ଥ ସୁନ୍ଦର ନଦୀରୁ ଜଳ ଯୋଗାଣ ପାଇଁ ଷ୍ଟାଣ୍ଡପୋଷ୍ଟଗୁଡିକ ନିର୍ମାଣ କରାଯାଇଥିଲା । ତାହା ଏବେ ଭାଙ୍ଗି ଅଚଳ ହୋଇପଡିଥିବା ବେଳେ ଗାଁ ଲୋକେ ପାଣି ପାଇଁ ଡହକବିକଳ ହେଉଛନ୍ତି । ସେହିପରି ଗାଁ ଲୋକେ ପ୍ରତିଦିନ ପାନୀୟ ଜଳ ପାଇଁ ଖଡିଆଳ–ଭବାନୀପାଟଣା ମୁଖ୍ୟ ରାସ୍ତାର ଗାଁ ସ୍କୁଲ ନିକଟରେ ଥିବା ଫ୍ଲୋରାଇଟ ଯୁକ୍ତ ପାଣି ବାହାରୁଥିବା ନଳକୂପ ଉପରେ ନିର୍ଭର କରୁଛନ୍ତି । ଅନ୍ୟପକ୍ଷେ ଗାଁକୁ ଓଭରହେଡ ଟାଙ୍କି ନିର୍ମାଣ କରି ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ସର୍ଭେ କାମ ଶେଷ ହୋଇଛି । ହେଲେ ଓଭର ହେଡ ଟାଙ୍କି ନିର୍ମାଣ ପାଇଁ ଚିହ୍ନଟ ହୋଇଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ପଥର କ୍ୱାରୀ ବ୍ଲାଷ୍ଟିଂ ପ୍ରତିବନ୍ଧକ ସାଜିଛି । ଏହି ବ୍ଲାଷ୍ଟିଂ ବନ୍ଦ କରା ନ ଗଲେ ପାଣି ଟାଙ୍କି ନିର୍ମାଣ କରାଗଲେ ତାହା ଆଗାମୀ ଦିନରେ କ୍ରେକ ହେବା ସହ ପାଣି ଲିକେଜ ହେବ ବୋଲି ଗ୍ରାମବାସୀ ଆଶଙ୍କା କରୁଛନ୍ତି । ସେହିପରି ଏହି ପଥର ବ୍ଲାଷ୍ଟିଂ ଦ୍ୱାରା ପରିବେଶ ପ୍ରଦୂଷଣ ହେବା ସହ ବଡ ବଡ ପଥରଖଣ୍ଡ ଛିଟିକି ପଡି ସ୍ଥାନୀୟ ଲୋକେ ଆହାତ ହେବା ସହ ପଥର ଗୁଣ୍ଡରୁ ବାହାରୁଥିବା ଧୂଆଁରେ ଗାଁ ଲୋକେ ଅଣନିଶ୍ୱାସୀ ହୋଇ ପଡୁଛନ୍ତି । ଗାଁରେ ଥିବା ଏକ ପୋଖରୀର ପାଣି ମଧ ପଥରଗୁଣ୍ଡ ପଡି ଦୂଷିତ ହେବାରେ ଲାଗିଥିବା ଅଭିଯୋଗ ହେଉଛି । ଏହି ପଥର ବ୍ଲାଷ୍ଟିଂକୁ ତୁରନ୍ତ ବନ୍ଦ କରା ନ ଗଲେ ଆଗାମୀ ଦିନରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଜିଲାପାଳ ଘଟଣାର ତଦନ୍ତ କରାଯିବା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।



ରିଷିଗାଁ ନିକଟ ପଥର କ୍ୱାରିରେ ଡିନାମାଇଟରେ ବ୍ଲାଷ୍ଟିଂ କରାଯାଉଥିବା ସ୍ଥାନ ।





ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ



### ନାଳରେ ଭାସି ଯୁବକ ମୃତ ଘଟଣା ଓଡ଼ିଶାର ରିଲିଫ୍ କୋଡ୍‌ରୁ ମିଳିଲା ୪ ଲକ୍ଷ ସହାୟତା

**କର୍ଲାମୁଣ୍ଡା, ୫।୧୨ (ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଗତ ଅଗଷ୍ଟ ମାସରେ ପ୍ରବଳ ବର୍ଷା ହୋଇଥିଲା ଏଥିରେ ରାଜପୁର ପଞ୍ଚାୟତ ସିଆପଲପଲା ଗ୍ରାମର ଜିତୁ ରଣା ନାମକ ୨୧ ବର୍ଷିୟ ଯୁବକ ସାଙ୍ଗମାନଙ୍କ ସହ ଗାଈ ଚରାଇବାକୁ ଯାଇ ଗାଁ ନିକଟସ୍ଥ ସରବରା ଯୋରରେ ଭାସିଯାଇ ମୃତ୍ୟୁ ବରଣ କରିଥିଲେ। ଗୁରୁବାର ଓଡିଶାର ରିଲିଫ୍ କୋଡ ପକ୍ଷରୁ ସ୍ୱର୍ଗତ ଜିତୁଙ୍କ ପିତା ଲକ୍ଷ୍ମୀଧର ରଣାଙ୍କୁ ସ୍ଥାନୀୟ ତହସିଲଦାର ସର୍ବେଶ୍ୱର ଜାଲ, ରାଜପୁର ସରପଞ୍ଚ ମହେନ୍ଦ୍ର ରଣା, ରାଜସ୍ୱ ନିରୀକ୍ଷିକା ନିହାରିକା ଦୋରାଙ୍କ ଉପସ୍ଥିତିରେ ୪ ଲକ୍ଷ ଟଙ୍କାର ଆକାଉଣ୍ଟ ଟ୍ରାନ୍ସପର ହୋଇଥିବା ଏକ ଚିଠି ପ୍ରଦାନ କରାଯାଇଥିଲା।

### ପାଳଗଦା ନିଆଁରେ ପୋଡ଼ି ୩ ଶିଶୁ ମୃତ୍ୟୁ ଘଟଣା
### ଶୋକ ସନ୍ତପ୍ତ ପରିବାରଙ୍କୁ ଭେଟିଲେ ବିରୋଧୀ ଦଳ ନେତା

**କୋକସରା,୫।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ମହିମା ପଞ୍ଚାୟତ ବିଜମରା ଗ୍ରାମରେ ଗତ ଶନିବାର ଧାନଖଳାରେ ଖେଳୁଥିବା ସମୟରେ ନିଆଁରେ ପୋଡି ହୋଇ ୩ ଶିଶୁଙ୍କ ମୃତ୍ୟୁ ଘଟଣା ପରେ ଗତ ବୁଧବାର ବିରୋଧୀ ଦଳ ନେତା ପ୍ରଦିପ୍ତ ନାଏକ ପହଞ୍ଚି ଶୋକ ସନ୍ତାପ ପରିବାରକୁ ଭେଟିଥିଲେ। ସେ ସମବେଦନା ଦେବା ସହ ପରିବର ସମସ୍ୟା ଓ ଗାଁରେ ଥିବା ସମସ୍ୟା ପଚାରି ବୁଝିଛନ୍ତି । ଏହି ଦଳରେ ଭାଜପା କୃଷକ ମୋର୍ଚ୍ଚା ସଭାପତି ସୁଧିର ରନ ପାଟଯୋଷୀ, ଏମ୍‌ପି ପ୍ରତିନିଧି ମୁକେଶ ଅଗ୍ରୱାଲ, ଜିଲା ସାଧାରଣ ସମ୍ପାଦକ ଅପରେଶ ସ୍ୱାଇଁ, ଜିଲା ସାଧାରଣ ସମ୍ପାଦକ ଯୁଗଳ କିଶୋର ପୋତ, ଘନଶ୍ୟାମ ନାଏକ, କୋକସରା ମଣ୍ଡଳ ପ୍ରଭାରୀ ଗରୁଡ ଧ୍ୱଜ ମାଝି, ଗୋଦାବରିଶ ପାତ୍ର, ଗଣେଷ ନନ୍ଦ, ଚିନ୍ମୟ ବେହେରା, ଯୁବନେତା ମଧୁବନ ପାତ୍ର, ହିମାଂଶୁ ପଣ୍ଡା, କୋକସରା ମଣ୍ଡଳ ସଭାପତି ତ୍ରିନାଥ ବାଗ, ସୁଶିଲ କୁମାର ପାଢୀ, ଆମପାଣି ଜୋନ ଜିଲା ପରିଷଦ ସଦସ୍ୟା ହେମାଙ୍ଗୀନି ହଂସ, ଗୋପାଳ ଅଗ୍ରୱାଲ, ତ୍ରିନାଥ ଶବର, ସତ୍ୟବାନ ପାଣିଗ୍ରାହୀ ପ୍ରମୁଖ ସାମିଲ ଥିଲେ।

ସମ୍ବଲପୁର ଡିଭିଜନାଲ ରେଲୱେ ମ୍ୟାନେଜରଙ୍କ କେସିଙ୍ଗା ଷ୍ଟେଶନ ପରିଦର୍ଶନ

# କେସିଙ୍ଗା ଚାମ୍ବର ଅଫ୍ କମର୍ସ ପକ୍ଷରୁ ଦାବିପତ୍ର

**କେସିଙ୍ଗା, ୫।୧୨ (ଡି.ଏନ.ଏ.)**

ସମ୍ବଲପୁର ଡିଭିଜନାଲ ରେଲୱେ ମ୍ୟାନେଜର ପ୍ରଦୀପ କୁମାର ଗୁରୁବାର କେସିଙ୍ଗା ରେଲୱେ ପରିଦର୍ଶନ କରିଛନ୍ତି। ଏକ ସ୍ପେଶାଲ ଟ୍ରେନ ଯୋଗେ କେସିଙ୍ଗା ଷ୍ଟେଶନରେ ପୂର୍ବାହ୍ନ ସାଢ଼େ ୧୦ଟାରେ ପ୍ରଦୀପ କୁମାର ଉଚ୍ଚପଦାଧିକାରୀଙ୍କ ସହିତ ପହଞ୍ଚିଥିଲେ। ପ୍ରଥମେ ଷ୍ଟେଶନ ମାଷ୍ଟରଙ୍କ କାର୍ଯ୍ୟାଳୟ ପରିଦର୍ଶନ କରି ବିଭିନ୍ନ ବିଷୟରେ ସମୀକ୍ଷା କରିଥିଲେ। ୧,୨ ଓ ୩ ନମ୍ବରର ପ୍ଲାଟଫର୍ମ ବୁଲି ଦେଖିଥିଲେ। ଏହି ଅବସରରେ କେସିଙ୍ଗା ଷ୍ଟେଶନ ନିକଟସ୍ଥ ରେଲୱେ ଫାଟକରେ ଏକ ଅଣ୍ଡର ବ୍ରିଜ ନିର୍ମାଣ କରିବା ସହିତ ଟିଟିଲାଗଡଠାରୁ କେସିଙ୍ଗା ପର୍ଯ୍ୟନ୍ତ ଇସ୍ପାତ ୧୨୮୭୧-୧୨୮୭୨ ଦ୍ରୁତଗାମୀ ଟ୍ରେନ ସମ୍ପ୍ରସାରଣ କରିବାକୁ ଚାମ୍ବର ଅଫ୍ କମର୍ସ କେସିଙ୍ଗା ପକ୍ଷରୁ ଦାବି କରାଯାଇଥିଲା। ସେହିପରି ନବନିର୍ମିତ ୪ ନମ୍ବର ପ୍ଲାଟଫର୍ମରେ ପାର୍କିଂ ବ୍ୟବସ୍ଥା, ୧ ନମ୍ବର ପ୍ଲାଟଫର୍ମରେ ୩ବର୍ଷ ବନ୍ଦ ଥିବା କ୍ୟାଣ୍ଟିନ ଖୋଲିବା ଏବଂ ସମସ୍ତ ପ୍ଲାଟଫର୍ମରେ ରାତ୍ରିରେ



ସମ୍ବଲପୁର ଡିଆରଏମ କେସିଙ୍ଗା ଷ୍ଟେଶନ ପରିଦର୍ଶନ କରୁଛନ୍ତି।

- ଦ୍ରୁତଗାମୀ ଇସ୍ପାତ ଟ୍ରେନକୁ କେସିଙ୍ଗା ପର୍ଯ୍ୟନ୍ତ ସମ୍ପ୍ରସାରଣ
- ୧ ନଂ. ପ୍ଲାଟଫର୍ମରେ ୩ ବର୍ଷ ବନ୍ଦ ଥିବା କ୍ୟାଣ୍ଟିନ ଖୋଲିବା
- ଜୁନାଗଡ-ଭୁବନେଶ୍ୱର ଟ୍ରେନକୁ କେସିଙ୍ଗା, ଟିଟିଲାଗଡ, ସମ୍ବଲପୁର, କଟକ ଦେଇ ଚଳାଚଳ ଦାବି

ବିଦ୍ୟୁତ ସମସ୍ୟା, ରିଜର୍ଭେସନ୍ ସମୟକୁ ବୃଦ୍ଧି କରିବା, ପ୍ରତ୍ୟେକ ପ୍ଲାଟଫର୍ମରେ କୋଚର ବ୍ୟବସ୍ଥା କରିବା ସହିତ ଗୋଦାମ ପାର୍ଶ୍ୱରେ ଶ୍ରମିକମାନଙ୍କ ପାଇଁ ଶୌଚାଳୟର ବ୍ୟବସ୍ଥା, ଗୋଦାମ ରାସ୍ତା ମରାମତି, ପାନୀୟ ଜଳ, କେସିଙ୍ଗାଠାରୁ ଭୁବନେଶ୍ୱର ଯିବା ପାଇଁ କୌଣସି ସୁବିଧା ନ ଥିବାରୁ ଜୁନାଗଡ-ଭୁବନେଶ୍ୱର ୧୮୪୩୭-୧୮୪୩୮ ଟ୍ରେନକୁ କେସିଙ୍ଗା, ଟିଟିଲାଗଡ, ସମ୍ବଲପୁର, କଟକ ଦେଇ ଚଳାଚଳ କରିବାକୁ ଦାବି କରାଯାଇଥିଲା। ସେହିଭଳି ଦୁର୍ଗ-ପୁରୀ ୧୮୪୨୫-୧୮୪୨୬ ଟ୍ରେନକୁ କେସିଙ୍ଗା ଷ୍ଟେଶନ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ଦାବି କରାଯାଇଥିଲା। ଦୁର୍ଗ-ବିଶାଖାପାଟଣା ୫୮୫୨୯-୫୮୫୩୦, ବିଶାଖାପାଟଣା- ଦୁର୍ଗ ପାସେଞ୍ଜର ଟ୍ରେନରେ ଏସି ସଂଯୋଗ ପାଇଁ ଦାବି କରାଯାଇଥିଲା। ସେହିପରି କେସିଙ୍ଗା ଷ୍ଟେଶନର ବିଭିନ୍ନ ସମସ୍ୟା ଉପରେ କେସିଙ୍ଗାସ୍ଥିତ ଚେମ୍ବର ଅଫ୍ କମର୍ସ ବ୍ୟବସାୟୀ ସଂଘ ସଭାପତି ଅନୀଲ କୁମାର ଜୈନ, ସମ୍ପାଦକ ବିଜୟ କୁମାର ଜୈନ, ପୂର୍ବତନ ସଭାପତି ଘନଶ୍ୟାମ ଅଗ୍ରୱାଲ ପ୍ରମୁଖ ଡିଆରଏମଙ୍କ ସହିତ ଆଲୋଚନା କରି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ପରିଦର୍ଶନରେ ରେଲୱେ ବିଭାଗ ଡିଇଏନ ଆରପି ୟାଦବ, ସିନିୟର ଡିଏମଓ ଡ. ମିଲଲ ହିରୱେ, ସିନିୟର ଡିସିଏମ ଏସଏସ ନାୟକ, ସିନିୟର ଡିଇଇ ସୁନୀଲ କୁମାର, ସିନିୟର ଡିଇଏନ ରାଜୀବ କୁମାର ପ୍ରମୁଖ ସାମିଲ ଥିଲେ। ପରେ ଅମ୍ବାଦୋଳାଠାରୁ କେସିଙ୍ଗା, ଟିଟିଲାଗଡ ଦେଇ ସମ୍ବଲପୁର ଫେରି ଯାଇଥିଲେ ।

# ଜୁନାଗଡ଼ରେ ବ୍ଲକସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ

**ଜୁନାଗଡ, ୫।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ଆରଏମ୍‌ସି ପରିସରରେ ଗୁରୁବାର ବ୍ଲକସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ଆତ୍ମାର ଆବାହକ ତଥା ଚାରବାହାଲ ସହକାରୀ କୃଷି ଅଧିକାରୀ ଗଜାନନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆତ୍ମାର ଅଧ୍ୟକ୍ଷ ତଥା ପ୍ରକୃତିବନ୍ଧୁ ଅଶୋକ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଜୁନାଗଡ ବ୍ଲକ ଉପାଧ୍ୟକ୍ଷ ଟଙ୍କଧର ନାଏକ, ସମ୍ମାନିତ ଅତିଥି ନକଟିଗୁଡା ସରପଞ୍ଚ ବିକାଶ ରଞ୍ଜନ ସରାଫ, ପ୍ରକୃତିବନ୍ଧୁ ଗୋପୀନାଥ ଶବର, ଚାଷୀ ନେତା ଯୁଗୋଲ ବାଗ ପ୍ରମୁଖ ଯୋଗଦେଇ ମୃତ୍ତିକା ସଂରକ୍ଷଣ ଉପରେ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ସହକାରୀ କୃଷି ଅଧିକାରୀ ଗଜାନନ ସାହୁ ସଭାପରିଚାଳନା କରିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ଆତ୍ମା କଳାହାଣ୍ଡି ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ପଞ୍ଚାୟତର ଚାଷୀ, ଗ୍ରାମ୍ୟ କୃଷିକର୍ମଚାରୀ, କୃଷକ ସାଥୀ ଓ ଏଫ୍‌ଆଇଏସି ସଦସ୍ୟମାନେ ଯୋଗଦେଇଥିଲେ। ବିଟିଏମ ଭବତୋଷ କର ଧନ୍ୟବାଦ ଦେଇଥିଲେ।



ଜୁନାଗଡ଼ରେ ଅନୁଷ୍ଠିତ ବିଶ୍ୱ ମୃତ୍ତିକା ଦିବସରେ ମଞ୍ଚାସୀନ ଅତିଥି ।




କୃଷି ଅଧିକାରିଣୀ ମୋନାଲିସା ଜେନା ଚାଷୀମାନଙ୍କୁ ପରାମର୍ଶ ଦେଉଛନ୍ତି।

# ବିଶ୍ୱ ମୃତ୍ତିକା ଦିବସ: ଚାଷୀଙ୍କ ମାଟି ପରୀକ୍ଷା ପାଇଁ ଦାବି

**କର୍ଲାମୁଣ୍ଡା, ୫।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ଆତ୍ମା ସଭାଗୃହଠାରେ ଗୁରୁବାର ବିଶ୍ୱ ମୃତ୍ତିକା ଦିବସ ପାଳନ ହୋଇଯାଇଛି। ଏହି ଅବସରରେ କର୍ଲାମୁଣ୍ଡା ସରକାରୀ କୃଷି ଅଧିକାରିଣୀ ମୋନାଲିଷା ଜେନା, ଇଣ୍ଡୋଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି ଅମର କୁମାର ଗୌଡ, କୃଷି ଓଭରସିଅର ଅରୁଣ ଚନ୍ଦ୍ର ପାଢୀ, ଉଦ୍ୟାନ ବିଭାଗ ଓଭରସିଅର ବନଦୁର୍ଗା ହରିଜନ, ବିଟିଏମ ଧବଳେଶ୍ୱର ସାହୁ ପ୍ରମୁଖ ଯୋଗଦେଇ ମୃତ୍ତିକା ଦିବସ ପାଳନ ତାପର୍ଯ୍ୟ କହିବା ସହ ମାଟି ସୁରକ୍ଷା ହିଁ ଭବିଷ୍ୟତ ରକ୍ଷା ଏଣୁ ଚାଷୀମାନେ ନିଜର ଜମିର ମାଟିର ସୁରକ୍ଷା ପାଇଁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଏଥିରେ ଉପସ୍ଥିତ ଚାଷୀମାନେ କୃଷି ବିଭାଗ ପକ୍ଷରୁ ମାଟି ପରୀକ୍ଷା କରାଯିବାକୁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ କୃଷି କର୍ମୀ ଧର୍ମେନ୍ଦ୍ର ଶବର ଧନ୍ୟବାଦ ଅର୍ପଣ କରିଥିଲେ। ଗ୍ରାମକୃଷି କର୍ମୀ ଘନଶ୍ୟାମ ଜାନୀ, ନବୀନ ମାଝି, ସୁଜ ସାହୁ, ସୁଷାନ୍ତ ମହାରଣା, ଏଟିଏମ ଶ୍ୟାମପଦ ଭଞ୍ଜ, ମିଳନ ଗୋଛାୟତ, ଓମପ୍ରକାଶ ମିଶ୍ର, କୃଷକ ସାଥି ବାଲମିକୀ ଛତ୍ରିଆ, ବଳଦେବ ଭୋଇ, ଜତିନ୍ଦ୍ରନାଥ ସାହୁ, ପିତବାସ ରଣା, କୁଶ ସାହୁ, ସାମନ୍ତ ଦୀପ, ବେଦବର ସାହୁ ପ୍ରମୁଖ ସହଯୋଗ କରିଥିଲେ।

## କୋକସରା ଡିଗ୍ରୀ କଲେଜରେ ଏଡ୍‌ସ ସଚେତନତା ଦିବସ

**କୋକସରା,୫।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ଡିଗ୍ରୀ କଲେଜରେ ବୁଧବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ୟୁଥ ରେଡକ୍ରସ ଓ ରେଡ ରିବନ କ୍ଲବ ଆନୁକୁଲ୍ୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଗୁଣାକାର ପଣ୍ଡା ରେଡକ୍ରସ ପତକା ଦେଖାଇ ଉଦଘାଟନ କରିଥିଲେ। ଛାତ୍ରଛାତ୍ରୀମାନେ ଏକ ଶୋଭାଯାତ୍ରାରେ ବାହାରି ସଚେତନତା ହିଁ ଏହି ରୋଗ ଦମନ ପାଇଁ ଏକମାତ୍ର ବିକଳ୍ପ ବୋଲି ଲୋକମାନଙ୍କୁ ବୁଝାଇଥିଲେ। ପରେ ଡିଗ୍ରୀ କଲେଜ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ଗୁଣାକାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କୋକସରା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର, ମୁଖ୍ୟବକ୍ତ ଭାବେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏଡ୍‌ସ ପରାମର୍ଶ ଦାତା ଝସକେତନ ବାରିକ, ସମ୍ମାନିତ ଅତିଥି ସାମାଜିକ କର୍ମୀ ଆନନ୍ଦ କୁମାର ଗର୍ଗ, ଘାସିରାମ ପାଟଯୋଷୀ ପ୍ରମୁଖ ଯୋଗଦେଇ ଏଡ୍‌ସ ରୋଗର ନିରାକଣ ଉପରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଯୁବ ରେଡକ୍ରସ ପରାମର୍ଶ ଦାତା ତଥା ଅଧ୍ୟାପକ ସୁବ୍ରତ କୁମାର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଏନସିସି କମାଣ୍ଡେଣ୍ଟ ଅଶ୍ୱିନୀ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କଲେଜର ଅଧ୍ୟାପକ ପୁଷ୍ପରାଜ ମେହେର, ଜଗନ ଚନ୍ଦାନୀ, ଅଧ୍ୟାପିକା କନକମୁରୀ ବେହେରା ପ୍ରମୁଖ ପରିଚାଳନାରେ ସହଯାଗ କରିଥିଲେ।

ସେକ୍ସ ରାକେଟ୍ ଠାବ ଘଟଣା

# ୩ ଗ୍ରାହକ କୋର୍ଟ ଚାଲାଣ, ମୁଖ୍ୟ ଅଭିଯୁକ୍ତ ଫେରାର

- ୩ ବାଇକ୍, ୮ ମୋବାଇଲ୍ ଫୋନ୍, ୨୫୦୦ ଟଙ୍କା ଜବତ

**ଭବାନୀପାଟଣା, ୫।୧୨ (ଡି.ଏନ.ଏ.)**

ଭବାନୀପାଟଣା ଟାଉନ ଥାନା ପୋଲିସ ଗତ ୩ ତାରିଖରେ ସ୍ଥାନୀୟ ନକଟିଗୁଡାରେ ଏକ ସେକ୍ସ ରାକେଟ୍ ଠାବ ଘଟଣାରେ ଗିରଫ ୩ ଗ୍ରାହକଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଗିରଫମାନେ ହେଲେ ଧର୍ମଗଡର ରାକେଶ ନାଏକ (୩୦), ଭବାନୀପାଟଣା ପୁରୁଣାପଡାର କ୍ଷୀରୋଦ ସ୍ୱାଇଁ (୧୮) ଓ ମହାବୀରପଡାର ଅଭିମନ୍ୟୁ ବାଗ (୨୫)। ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଥିବା ଗଣାପଡିଛି। ମୁଖ୍ୟ ଅଭିଯୁକ୍ତ ଜଣକ କେରଳର ପି. ଜୟପାଲାମ୍ ଓରଫ କାଡାମ୍ ବୋଲି ଚିହ୍ନଟ କରାଯାଇଛି।

ସୂଚନା ଅନୁଯାୟୀ, ଗତ କିଛି ବର୍ଷ ହେଲା ଜୟପାଲାମ୍ ଭବାନୀପାଟଣା ନକଟିଗୁଡାରେ ଘର ଭଡା କରି ରହିଆସୁଛି। ପ୍ରଥମେ ସେ ଜାତୀୟ ରାଜପଥ କଡରେ ଏକ ଟାୟାର ଗ୍ୟାରେଜ୍ ଖୋଲିଥିଲା। ପ୍ରାୟ ବର୍ଷେ ହେଲା ଟାୟାର ଗ୍ୟାରେଜ୍ ବନ୍ଦ କରିବା ପରେ ସେ ବାହାରୁ ଯୁବତୀଙ୍କୁ ଆଣି ସେକ୍ସ ରାକେଟ୍ ଚଳାଉଥିଲା। କୌଣସି ସୂତ୍ରରୁ ଖବର ପାଇ ଗତ ୩ ତାରିଖ ରାତିରେ କଳାହାଣ୍ଡି ଏସପି ବାତୁଲା ଗଙ୍ଗାଧରଙ୍କ ନିର୍ଦ୍ଦେଶକ୍ରମେ ଟାଉନ୍ ଥାନା ପୋଲିସ ସହରର ନକଟିଗୁଡାଠାରେ ଏକ ଭଡା ଘରେ ଚଢଉ କରିଥିଲା। ସେଠାରୁ ଅସଞ୍ଜତ ଅବସ୍ଥାରେ ୫ ଦେହଜୀବୀ ଯୁବତୀଙ୍କୁ ଉଦ୍ଧାର କରିବା ସହ ୩ ଗ୍ରାହକଙ୍କୁ ଗିରଫ କରାଯାଇ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ଟାଉନ୍ ଥାନା ଆଇଆଇସି ବାସୁଦେବ ଛତ୍ରିଆ ପ୍ରକାଶ କରିଛନ୍ତି। ପୋଲିସ ଘଟଣାସ୍ଥଳରୁ ୩ ମୋଟରସାଇକଲ, ୨ ମଦ ବୋତଲ, ୮ ମୋବାଇଲ ଫୋନ, ୨୫୦୦ ଟଙ୍କା ସାଙ୍ଗକୁ ଅନେକ ଆପତ୍ତିଜନକ ଜିନିଷ ଜବତ କରିଛି। ସେହିପରି ରାକେଟ୍ ଲିପ୍ତ ଥିବା ପଶ୍ଚିମବଙ୍ଗର ଜଣେ ଯୁବତୀ, ଖୋର୍ଦ୍ଧାର ଜଣେ ଯୁବତୀ, ସୁନ୍ଦରଗଡର ଜଣେ ଯୁବତୀ ଓ ରାଉରକେଲାର ଦୁଇଜଣ ଯୁବତୀଙ୍କୁ ପୋଲିସ ଉଦ୍ଧାର କରିଥିଲା। ଗତ ୪ ତାରିଖ ଜିଲା ମୁଖ୍ୟ ଡାକ୍ତରଖାନାରେ ଯୁବତୀମାନଙ୍କ ଡାକ୍ତରୀ ମାଇନା କରାଯାଇଥିଲା। ପରେ ସେମାନଙ୍କ ପରିବାରବର୍ଗଙ୍କୁ ଖବର ଦିଆଯାଇଥିଲା। ସେମାନଙ୍କ କୋର୍ଟରେ ଧାରା ୧୬୪ରେ ବୟାନ୍ ରେକର୍ଡ କରାଯିବ। ପରିବାରବର୍ଗ ଆସିଲେ ଯୁବତୀଙ୍କୁ ହସ୍ତାନ୍ତର କରାଯିବ। ଏହି ସେକ୍ସ ରାକେଟର ମୁଖ୍ୟ ଖଳନାୟକ ଜୟପାଲାମଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଛି। ଖୁବଶୀଘ୍ର ତାଙ୍କୁ ଧରିବାରେ ପୋଲିସ ସଫଳ ହେବ ବୋଲି ଏସ୍‌ପି ଗଙ୍ଗାଧର ପ୍ରକାଶ କରିଛନ୍ତି।



ଗିରଫ ୩ ଅଭିଯୁକ୍ତ।

ଶିକ୍ଷକ ବଦଳି ପ୍ରତିବାଦରେ ସ୍କୁଲରେ ତାଲା ପଡ଼ିବା ଘଟଣା

# ୪ ଦିନ ପରେ ଖୋଲିଲା ସ୍କୁଲ

## ୨ ଗାଁର ଶିକ୍ଷା କମିଟି ସହମତି ପରେ ଖୋଲିଲା ତାଲା

**କୋକସରା,୫।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଗୋଟୋମୁଣ୍ଡା ପଞ୍ଚାୟତ ଥୁଟିବର ପି.ୟୁ.ପି ପ୍ରକଳ୍ପ ବିଦ୍ୟାଳୟରେ ଆଜିକୁ ୪ ଦିନ ହେବ ଡେପୁଟେଶନରେ ଯାଇଥିବା ଶିକ୍ଷକଙ୍କୁ ଫେରାଇ ଦେବା ପାଇଁ ଗ୍ରାମବାସୀ ସ୍କୁଲରେ ତାଲା ପକାଇ ପ୍ରତିବାଦ କରିଥିଲେ। ବ୍ଲକ ଶିକ୍ଷା ବିଭାଗ ଏବିଇଓ ତୋଫାନ ମାଝି ଗ୍ରାମବାସୀଙ୍କ ସହ ଆଲୋଚନା କରିବା ପରେ ମଧ୍ୟ ନିଜ ଜିଦରେ ଅଟଳ ରହିଥିଲେ। ୨ ସ୍କୁଲ ଗୋଟୋମୁଣ୍ଡା ଶିକ୍ଷା କମିଟି ଏବଂ ଥୁଟିବର ଶିକ୍ଷା କମିଟି ସଦସ୍ୟମାନେ ଏକ ବୈଠକ ପରେ ସମାଧାନ ହୋଇଥିଲା। ଫଳରେ ୪ ଦିନ ସ୍କୁଲ ଗେଟରେ ପଡିଥିବା ତାଲା ଗୁରୁବାର ଖୋଲିବା ପରେ ଶିକ୍ଷାଦାନ ସ୍ୱାଭାବିକ ହୋଇଛି। ସୂଚନା ଅନୁସାରେ ଥୁଟିବର ବିଦ୍ୟାଳୟର ଶିକ୍ଷକ କ୍ଷୀରସନ୍ଧୁ ବାଣ୍ଡିଆଙ୍କୁ ଗତ କିଛି ମାସ ତଳେ ଶିକ୍ଷକ ଅଭାବ ଥିବା ଦର୍ଶାଇ ଗୋଟୋମୁଣ୍ଡା ବିଦ୍ୟାଳୟକୁ ବଦଳି କରାଯାଇଥିଲା। ଥୁଟିବର ଗ୍ରାମବାସୀ ଶିକ୍ଷକଙ୍କୁ ପୁଣିଥରେ ଫେରାଇ ଦେବାକୁ ଦାବି କରି ଗତ ସୋମବାରଠାରୁ ସ୍କୁଲରେ ତାଲା ପକାଇ ବନ୍ଦ କରିଥିଲେ। ଗୁରବାର



ଗ୍ରାମବାସୀ ସ୍କୁଲ ଗେଟରେ ପଡ଼ିଥିବା ତାଲା ଖୋଲୁଛନ୍ତି ।

**ଥୁଟିବର ବିଦ୍ୟାଳୟ**

ସାନପୋଡାଗୁଡା କ୍ଲଷ୍ଟର ସିଆରସିସି ଅଜୟ କୁମାର ମାଝିଙ୍କ ଉପସ୍ଥିତିରେ ଗୋଟୋମୁଣ୍ଡା ଶିକ୍ଷା କମିଟି ସଭାପତି ବଲିଆରସିଂ ମୋରାଇ ଓ ସମ୍ପାଦକ ହେମନ୍ତ କୁମାର ମାଝିଙ୍କ ନେତୃତ୍ୱରେ ଥୁଟିବର ଶିକ୍ଷା କମିଟି ସଭାପତି ଶଶିଧର ଗୋପାଳ ଓ ସମ୍ପାଦକ ଲିଙ୍ଗରାଜ ପ୍ରଧାନ ସମେତ ଗ୍ରାମବାସୀଙ୍କ ସହିତ ଏକ ବୈଠକରେ ଆଲୋଚନା ହୋଇଥିଲା। ଆସନ୍ତା ଶିକ୍ଷା ବର୍ଷଠାରୁ ଡେପୁଟେଶନରେ ଥିବା ଶିକ୍ଷକଙ୍କୁ ଫେରାଇ ଦେବା ପାଇଁ ଲିଖିତ ପ୍ରତିଶ୍ରୁତି ପରେ ୪ ଦିନ ଧରି ବନ୍ଦ ପଡିଥିବା ସ୍କୁଲ ତାଲା ଖୋଲିଛି ।

# ଧର୍ମଘଟର ଦିନକପରେ କାର୍ଯ୍ୟରେ ଯୋଗଦେଲେ ମଣ୍ଡି ଶ୍ରମିକ

**ଜୁନାଗଡ, ୫।୧୨ (ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଧର୍ମଗଡ ସବଡିଭିଜନ ଅନ୍ତର୍ଗତ ୪ଟି ବ୍ଲକର ମଣ୍ଡି ଶ୍ରମିକ ଗତ ବୁଧବାରଠାରୁ କାର୍ଯ୍ୟବନ୍ଦ କରିଥିଲେ। ଫଳରେ ବିଭିନ୍ନ ମଣ୍ଡିରେ ପ୍ରାୟ ୫୦ ହଜାର କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଧାନ ପଡି ରହିଥିଲା। ମଣ୍ଡି ଶ୍ରମିକଙ୍କ କହିବାନୁସାରେ ଗତ ଦିନରେ କେନ୍ଦ୍ର ସରକାର ପକ୍ଷରୁ ୧୧ ଟଙ୍କା ୧୯ ପଇସା ପ୍ରତି କ୍ୟୁଇଣ୍ଟାଲ ଧାନ ପ୍ରତି ମିଳୁଥିଲା। ରାଜ୍ୟ ସରକାର ୧୦ ଟଙ୍କା ପ୍ରଦାନ କରୁଥିଲେ। ଗତ ରବି ଋତୁରେ ଏହି ଟଙ୍କାକୁ ହ୍ରାସ କରି ୮ଟଙ୍କା ୪୭ ପଇସା ପ୍ରଦାନ କଲେ। କ୍ରମବର୍ଦ୍ଧିଷ୍ଣୁ ସମୟରେ ପ୍ରତି ବ୍ୟକ୍ତିଙ୍କ ପ୍ରାପ୍ୟ ବଢୁଥିବା ବେଳେ ମଣ୍ଡି ଶ୍ରମିକଙ୍କ ପ୍ରାପ୍ୟ ହ୍ରାସ ପାଇବା ପରିତାପର ବିଷୟ । ଏହା ପରେ ଶ୍ରମିକ ଧର୍ମଘଟକୁ ଓହ୍ଲାଇଥିଲେ। ପ୍ରଶାସନ ବୁଝାଶୁଝା କରି ଖରିଫ ଋତୁରେ ସମାଧାନ ପାଇଁ କହିଥିଲେ। ବର୍ତ୍ତମାନ ଖରିଫ ଋତୁରେ ଶ୍ରମିକ ପ୍ରତି କୌଣସି ବିଚାର କରି ନ ଥିବା ବେଳେ ଭାରତୀୟ ମଜଦୁର ସଂଘ ପୂର୍ବତନ ରାଜ୍ୟ ସଭାପତି ଦେବେନ୍ଦ୍ର ପଟ୍ଟଯୋଷୀ ବିଭିନ୍ନ ମଣ୍ଡି ବୁଲି ଶ୍ରମିକଙ୍କ ସହ ଆଲୋଚନା କରିଥିଲେ। ଏହା ପରେ ବୁଧବାରଠାରୁ କାର୍ଯ୍ୟବନ୍ଦ ପାଇଁ ଆହ୍ୱାନ ଦେଇଥିଲେ। ବୁଧବାର ଓ ଗୁରବାର ମଣ୍ଡିରେ ଶ୍ରମିକ କାର୍ଯ୍ୟ ବନ୍ଦ କରିବା ଯୋଗୁ ଚାଷୀଙ୍କ ଧାନ ଉଠି ନ ଥିଲା। ଅନ୍ୟପକ୍ଷରେ ୪ଟି ବ୍ଲକ ଅନ୍ତର୍ଗତ ପ୍ରତି ମଣ୍ଡିର ହେମାଲ ନାତା ଜୁନାଗଡ ବ୍ଲକ ଅନ୍ତର୍ଗତ ଚାରବାହାଲଠାରେ ଗୁରବାର ଏକତ୍ରିତ ହୋଇଥିଲେ। ଧର୍ମଗଡ ଉପଜିଲାପାଳ ପଦ୍ମନାଭ ବେହେରାଙ୍କ ସହ ଆଲୋଚନା କରିବା ପରେ ଅସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ମହଲତ ମାଗିବା ସହିତ ମଣ୍ଡି ଶ୍ରମିକଙ୍କ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ମଧ୍ୟାହ୍ନରେ ଶ୍ରମିକ ମଣ୍ଡିରେ କାର୍ଯ୍ୟ ଆରମ୍ଭ କରିଛନ୍ତି। ବୈଠକରେ ଦେବେନ୍ଦ୍ର ପଟ୍ଟଯୋଷୀଙ୍କ ସମେତ ବିଏମଏସ ଜିଲା ସଭାପତି ବିରଞ୍ଚି ନାରାୟଣ ପାଢୀ, ସମ୍ପାଦକ ସୁରେନ୍ଦ୍ର ମୋହନ କର ପ୍ରମୁଖ ଉପସ୍ଥିତ ଥିଲେ।



ଚାରବାହାଲଠାରେ ମଣ୍ଡିରେ ଶ୍ରମିକ ଏକତ୍ରିତ ହୋଇଛନ୍ତି।



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।
-ଆବ୍ରାହମ୍ ଲିଙ୍କନ



## ସଂକ୍ଷେପରେ

### ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର ଯୁବକଙ୍କ ମୃତ୍ୟୁ

**ଲୋଇସିଂହା, ୫।୧୨ (ଡି.ଏନ୍.ଏ.):** ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭାଲିଆମୁଣ୍ଡା ଗ୍ରାମର ଜଣେ ଯୁବକଙ୍କ ଗୁରୁବାର ମୃତ୍ୟୁ ଘଟିଛି । ଯୁବକ ଜଣକ ବୁଧବାର ସନ୍ଧ୍ୟାରେ ଚେତାଶୂନ୍ୟ ଅବସ୍ଥାରେ ଭାଲିଆମୁଣ୍ଡା ଗାଁ ଛକରେ ପଡିଥିଲେ। ତାଙ୍କୁ ପରିବାର ଲୋକେ ଘରକୁ ନେଇ ଯାଇଥିଲେ। ତାଙ୍କ ମୁଣ୍ଡବିନ୍ଧା,ବାନ୍ତି ହୋଇ ସ୍ୱାସ୍ଥ୍ୟବସ୍ଥା ଉଦ୍‌ବେଗଜନକ ହେବାରୁ ଗୁରୁବାର ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ହୋଇଛି । ଯୁବକଙ୍କ ମୃତଦେହକୁ ପରିବାର ଲୋକେ ସତ୍କାର କରିଛନ୍ତି । ରନ୍ଧାମଦର ବ୍ୟାପକ କାରବାର ଯୋଗୁଁ ମଦମୃତ୍ୟୁ ହେଉଥିବା ଚର୍ଚ୍ଚା ଜୋର ଧରିଛି ।

### ୮ରେ ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ସଂଘ ବୈଠକ

**ବଲାଙ୍ଗୀର ଅଫିସ, ୫।୧୨:** ଆସନ୍ତା ୮ ତାରିଖ ବଲାଙ୍ଗୀର ସହର ଉପକଣ୍ଠ ଖୁଜେନପାଲି ମହାଦେବ ମନ୍ଦିର ପରିସରରେ ପଶ୍ଚିମ ଓଡିଶା ବରିଷ୍ଠ ନାଗରିକ ସଂଘର ଏକ ବୈଠକ ହେବ । ଏଥିରେ ପଶ୍ଚିମ ଓଡିଶାର ବିଭିନ୍ନ ଜିଲାର ସଭ୍ୟମାନେ ଯୋଗଦେବେ। ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯିବ ।




ଚାଷୀମାନେ ପ୍ୟାକ୍ସରେ ତାଲା ପକାଇଛନ୍ତି(ବାମ) । ନିଜ ଧାନକୁ ଜଗି ବସିଛନ୍ତି।

### ଝାରସମରା ପ୍ୟାକ୍ସରୁ ତିନି ଦିନ ହେଲା ଉଠି ପାରୁନି ଧାନ

# ଖୋଲା ଆକାଶ ତଳେ ପଡ଼ିଛି

**ଗୁଡଭେଲା, ୫।୧୨(ଡି.ଏନ.ଏ.)**

- ଟୋକନ ଥାଇ ବିକ୍ରି କରିପାରୁ ନାହାନ୍ତି ଚାଷୀ
- ପ୍ୟାକ୍ସରେ ତାଲା ପକାଇଲେ ଚାଷୀ
- ନିଜ ଧାନକୁ ଜଗିଛନ୍ତି ଚାଷୀ

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅନ୍ତର୍ଗତ ଝାରସମରା ପ୍ରାଥମିକ ସମବାୟ ସମିତି (ପ୍ୟାକ୍ସ)ପକ୍ଷରୁ ଚାଷୀଙ୍କୁ ଗତ ୩ ତାରିଖରୁ ଧାନବିକ୍ରୟ ପାଇଁ ଟୋକନ ଦିଆଯାଇଛି। ହେଲେ ଅଦ୍ୟାବଧି ଉଠି ପାରୁନି ଧାନ। ଏହାର ପ୍ରତିବାଦ କରି ଗୁରୁବାର ଚାଷୀମାନେ ପ୍ୟାକ୍ସରେ ତାଲା ପକାଇ ଦେଇଥିଲେ। ଖବର ପାଇ ଗୁଡଭେଲା ଯୋଗାଣ ଅଧିକାରୀ ପ୍ରଭାତ ଦାଶ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। ହେଲେ ଧାନ ନ ଉଠିଲା ପର୍ଯ୍ୟନ୍ତ ତାଲା ଖୋଲାଯିବ ନାହିଁ ବୋଲି ଚାଷୀମାନେ ଅଡି ବସିଛନ୍ତି। ଦରକାର ପଡିଲେ ଆନ୍ଦୋଳନକୁ ଅଧିକ ଜୋରଦାର କରିବେ ବୋଲି ଜାମିନୀ ପ୍ରଧାନ, ବିଶ୍ୱରାଜ ପ୍ରଧାନ, ବିନୋଦିନୀ ପ୍ରଧାନ, ଦେବାଦି ପ୍ରଧାନ ପ୍ରମୁଖ ଚାଷୀ ଚେତାବନୀ ଦେଇଛନ୍ତି । ସୂଚନା ଅନୁଯାଇ ଏହି ପ୍ୟାକ୍ସରେ ଗତ ନଭେମ୍ବର ୩୦ତାରିଖରୁ ଧାନକ୍ରୟ ଆରମ୍ଭ ହୋଇଥିଲା। ଗୁରୁବାର ପର୍ଯ୍ୟନ୍ତ ୨୫ଜଣ ଚାଷୀଙ୍କଠାରୁ ୧୭୦୬ କୁଇଣ୍ଟାଲ ଧାନ କ୍ରୟ ହୋଇଛି। ଏହି ପ୍ୟାକ୍ସ ମାଧ୍ୟମରେ ୩୦୧ ଜଣ ଚାଷୀ ଧାନ ବିକ୍ରୟ ପାଇଁ ଆବେଦନ କରିଥିବା ବେଳେ ୪୦ ଜଣ ଚାଷୀଙ୍କଠାରୁ ପ୍ୟାକ୍ସ ଧାନ କିଣିବା ପାଇଁ ଏବଂ ଅନ୍ୟ ୨୬୧ ଚାଷୀଙ୍କ ଧାନ ଝାରସମରା ସତ୍ୟଭାମା ମହିଳା ସ୍ୱଂୟ ସହାୟିକା ଗୋଷ୍ଠୀ କିଣିବା ପାଇଁ ଆଦେଶ ରହିଛି । ଗତ ୩ ତାରିଖରୁ ପ୍ୟାକ୍ସରେ ପଡି ରହିଥିବା ୪ଜଣ ଚାଷୀଙ୍କ ପ୍ରାୟ ଚାରି ଶହ ପାକେଟ ଧାନକୁ ଉକ୍ତ ମହିଳା ଏସଏଚଜି ଗୋଷ୍ଠୀ କିଣିବାକୁ ଥିବାରୁ ଏପରି ସମସ୍ୟା ହୋଇଛି ବୋଲି ପ୍ୟାକ୍ସ ସଂପାଦକ ଶୁଭେନ୍ଦୁ ଶେଖର ହୋତା କହନ୍ତି । ସେ ଆହୁରି କହନ୍ତି ଯେ, ଗତ ୨ ତାରିଖରେ ଏହି ଚାଷୀମାନଙ୍କର ଧାନକ୍ରୟ କରିବା କ୍ଷମତା ଆମ ପାଖରେ ଥିବା ଅନଲାଇନରେ ଦର୍ଶାଉଥିଲା। ହେଲେ ଧାନ ଆସିବା ପରେ ଅନଲାଇନରେ ଏଣ୍ଟ୍ରି କରିବାରେ ଉକ୍ତ ଚାଷୀଙ୍କ ଧାନ ଏସ୍‌ଏଚ୍‌ଜି ଗୋଷ୍ଠୀ କିଣିବା ଦର୍ଶାଇଥିଲା ବୋଲି କହିଥିଲେ। ଅନ୍ୟପକ୍ଷରେ ଏପରି କୌଣସି ଏସ୍‌ଏଚ୍‌ଜି ଗୋଷ୍ଠୀ ଗ୍ରାମରେ ନଥିବା ଚାଷୀମାନେ ଅଭିଯୋଗ କରିଥିଲେ। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ଯଥାଶୀଘ୍ର ଉକ୍ତ ଏସ୍‌ଏଚ୍‌ଜି ଠାବ କରିବା ସହ ଚାଷୀଙ୍କ ଧାନକୁ କିଣିବାର ବ୍ୟବସ୍ଥା କରିବାକୁ ଦାବି ହେଉଛି ।

## ନୂଆପଡ଼ା ମଣ୍ଡିରୁ ଧାନ ଉଠିଲା

**ଗୁଡଭେଲା, ୫।୧୨(ଡି.ଏନ.ଏ.)**

ଧରିତ୍ରୀ ପ୍ରଭାବ

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ନୂଆପଡା ପ୍ରାଥମିକ ସମବାୟ ସମିତିରେ ଧାନ କିଣାବିକାକୁ ନେଇ ଅବ୍ୟବସ୍ଥା ଦେଖାଦେଇଥିଲା। ମଣ୍ଡିକୁ ୧୮ଜଣ ଚାଷୀଙ୍କ ପ୍ରାୟ ୨୭ଶହ ପ୍ୟାକେଟ ଧାନ ଆସିଥିବା ବେଳେ ବିଭିନ୍ନ ଆଳ ଦେଖାଇ ମିଲର ହଇରାଣ କରୁଥିବା ଅଭିଯୋଗକୁ ନେଇ ଗୁରୁବାର ଧରିତ୍ରୀରେ 'ମିଲରଙ୍କ ମର୍ଜିରେ ଚାଲିଛି ମଣ୍ଡି' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶନ ପରେ ଜିଲା ଯୋଗାଣ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା । ଗୁରୁବାର ଉକ୍ତ ଚାଷୀମାନଙ୍କ ସମସ୍ତ ଧାନକୁ ସ୍ୱରସ୍ୱତୀ ରାଇସ୍ ମିଲ୍ ଓ କେଡିଆ ରାଇସ ମିଲ୍ ପକ୍ଷରୁ କିଣା ଯାଇଥିଲା । ଏଠାରେ ସୂଚନାଯୋଗ୍ୟ ଯେ, ଜରି ବସ୍ତାରେ ଧାନ ଚାଷୀ ମଣ୍ଡିକୁ ଆଣିଥିବାରୁ ଗଜନନ ରାଇସ୍ ମିଲ ପ୍ରତିନିଧି ପିଣ୍ଟୁ ଶର୍ମା ଉକ୍ତ ଧାନ ଉଠାଇବାକୁ ମନା କରିଥିଲେ। ଏଥିସହ ବିଭିନ୍ନ ଆଳ ଦେଖାଇ ମିଲରମାନେ ୩ରୁ ୫କେଜି ପର୍ଯ୍ୟନ୍ତ କଟନି ଛଟନି କରିବା ପାଇଁ ପ୍ରୟାସ କରିବାକୁ ଚେଷ୍ଟା ଚଳାଇଥିବାରୁ ଚାଷୀମାନେ ବିରୋଧ କରିଥିଲେ । ବାଧ ହୋଇ ଚାଷୀ ଶୀତ କାକର ରାତ୍ରୀରେ କଷ୍ଟ ଉପାର୍ଜିତ ଧାନକୁ ଜଗିଥିବା ବେଳେ ଅନ୍ୟ କେତେକ ଚାଷି ବାଧ ହୋଇ କମ ଦରରେ ଧାନ ଖୋଲା ବଜାରରେ ବିକ୍ରି କରୁଥିଲେ ।



ମହିଳାମାନଙ୍କ ଉପରେ ବୃଦ୍ଧି ପାଉଥିବା ହିଂସା ଓ ଅମାନବୀୟ କାର୍ଯ୍ୟକୁ ନେଇ ସଚେତନତା ଉଦ୍ଦେଶ୍ୟରେ ବଲାଙ୍ଗୀର ମାହେଶ୍ୱରୀ ସଙ୍ଗଠନ ପକ୍ଷରୁ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ଆଡଭୋକେଟ୍ ଅମରେନ୍ଦ୍ର ମିଶ୍ର ବକ୍ତବ୍ୟ ରଖୁଛନ୍ତି । (ଫଟୋ-ସୁନୀଲ)

## ମଣ୍ଡିରେ ୫ ଦିନ ହେଲା ପଡ଼ିରହିଛି ଧାନ

**ବଲାଙ୍ଗୀର ଅଫିସ, ୫।୧୨**



ଆଗଲପୁର ଅଞ୍ଚଳର ଚାଷୀମାନେ ବିଧାୟକ ନରସିଂହ ମିଶ୍ରଙ୍କୁ ଭେଟି ଧାନ କିଣା ସମସ୍ୟା ଉପରେ ଅବଗତ କରୁଛନ୍ତି ।

- ଆଗଲପୁର ବ୍ଲକର ଚାଷୀ ହେଉଛନ୍ତି ହନ୍ତସନ୍ତ
- ବିଧାୟକଙ୍କୁ ଲିଖିତ ଅଭିଯୋଗ କଲେ ଚାଷୀ

ଆଗଲପୁର ବ୍ଲକ ରୋତ୍ ପଞ୍ଚାୟତ ଅନ୍ତର୍ଗତ ନୁନିଆପାଲି, ରୋତ୍ ଓ ଉପରବାହାଲ ଗ୍ରାମର ଚାଷୀମାନେ ରୋତ ପ୍ୟାକ୍ସରେ ଧାନ ବିକ୍ରି ପାଇଁ ଗତ ୫ ଦିନ ହେଲା ହଜାର ହଜାର ବସ୍ତା ଧାନ ଆଣି ରଖିଛନ୍ତି । ମାତ୍ର ଚାଷୀଙ୍କ ଧାନକିଣା ଯାଉନାହିଁ । ଫଳରେ ସେମାନେ ଗତ ୫ ଦିନ ହେଲା ମଣ୍ଡିକୁ ଦୌଡି ନୟାନ୍ତ ହେଲେଣି । ସମବାୟ ବିଭାଗ ଅଧିକାରୀ, ଆରଏମ୍‌ସି ଅଧବକାରୀ କେହି ଏ ସମସ୍ୟା ଉପରେ ଧ୍ୟାନ ଦେଉନାହାନ୍ତି। ଧାନ କିଣା ଅବ୍ୟବସ୍ଥାକୁ ନେଇ ଆଗଲପୁର ବ୍ଲକର ଚାଷୀ ପ୍ରତିନିଧି ଦଳ ଗୁରୁବାର ବିଧାୟକ ନରସିଂହ ମିଶ୍ରଙ୍କୁ ଭେଟି ଏହି ସମସ୍ୟାର ସମାଧାନ ଦିଗରେ ବିହିତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି । ଚାଷୀମାନେ ଜଣାଇଛନ୍ତି ଯେ, ଧାନକିଣା ନିୟମ ଅନୁଯାୟୀ ମିଲର୍ସମାନେ ମଣ୍ଡିକୁ ଆସିବା କଥା ନୁହେଁ । ମାତ୍ର ବିଭାଗୀୟ ଅଧିକାରୀମାନେ ମିଲର୍ସ ନ ଆସିଲେ ସେମାନେ ଧାନ କିଣିବେ ନାହିଁ ବୋଲି କହୁଛନ୍ତି । ସେମାନେ ଆହୁରି ଅଭିଯୋଗ କରିଛନ୍ତି ଯେ, ଯଦି ମିଲର୍ସମାନେ ଧାନ କିଣିବେ ତେବେ କୁଇଣ୍ଟାଲ ପିଛା ୩ରୁ ୫ କେଜି ଧାନ କାଟି କ୍ରୟ କରିବେ ବୋଲି ଅଧିକାରୀମାନେ ଚାଷୀଙ୍କୁ ବୁଝାଉଛନ୍ତି । ବହୁ କଷ୍ଟରେ ଧାନ ଅମଳ କରି ମଣ୍ଡିକୁ ଆଣି ଧାନ ବିକ୍ରୟ କରିବେ ବୋଲି ଭାବୁଥିବାବେଳେ ଜାଣିଶୁଣି ଅଧିକାରୀମାନେ ଚାଷୀଙ୍କ ଧାନ ସଅଳ କିଣୁନାହାନ୍ତି। ଫଳରେ ୫/୬ ଦିନ ଲେଖାଏଁ ମଣ୍ଡିରେ ଧାନକୁ ପକାଇ ରଖାଯାଉଛି । ଏଭଳି ପରିସ୍ଥିତିରେ ଚାଷୀ ବାଧହୋଇ ମିଲର୍ସମାନଙ୍କୁ ଧାନ ବିକ୍ରି କରିଦେବ ବୋଲି ସେମାନେ ଜଣାଇଛନ୍ତି । ବିଧାୟକ ମିଶ୍ର ଯେହେତୁ ସାଧାରଣ ଯୋଗାଣ ଖାଉଟି କଲ୍ୟାଣ ବିଭାଗର ଗୃହ କମିଟି ଅଧକ୍ଷ ଅଛନ୍ତି ଏହି ଅଭିଯୋଗକୁ ଗ୍ରହଣ କରି ତତ୍‌କ୍ଷଣାତ୍ ଏ ବିଷୟକୁ ନେଇ ଗୃହ କମିଟି ଆଗରେ ହାଜର ହେବାକୁ ଜିଲା ସାଧାରଣ ଯୋଗାଣ ଏବଂ ଖାଉଟି କଲ୍ୟାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ସ୍ଥାନୀୟ ଉପଜିଲାପାଳଙ୍କ ସହିତ ଫୋନ ଯୋଗେ କଥା ହୋଇ ତୁରନ୍ତ ରୋତ୍ ସମବାୟ ସମିତିରେ ଉପୁଜିଥିବା ଧାନର ଅଭାବୀ ବିକ୍ରି ସମସ୍ୟାର ସମାଧାନ କରନ୍ତୁ ବୋଲି ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ଓଡିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଆଗଲପୁର ବ୍ଲକର ସମସ୍ତ ଅଞ୍ଚଳରୁ ଫୁଡ କର୍ପୋରେସନ ଅଫ୍ ଇଣ୍ଡିଆ ଏଫ୍‌ସିଆ) ଧାନ କିଣିବା କଥା । କିନ୍ତୁ ଏଫ୍‌ସିଆଇ ଅଧିକାରୀମାନେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ମଧ୍ୟ ମାନୁ ନ ଥିବାରୁ ଚାଷୀମାନେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଥିବା ଜଣାଇଛନ୍ତି।

## କଟ୍‌ନୀ ଛଟନୀକୁ ନେଇ ଚାଷୀ ଅସନ୍ତୋଷ

**ଲୋଇସିଂହା, ୫।୧୨(ଡି.ଏନ.ଏ.)**

ଲୋଇସିଂହା ବ୍ଲକ ଯୋଗୀସର୍ଡା ପ୍ୟାକ୍ସରେ(ମଣ୍ଡି)ରେ ଯୋଗୀସର୍ଡା ଓ ବାଦିବାହାଲ ପଞ୍ଚାୟତର ଚାଷୀଙ୍କ ଧାନକ୍ରୟ କରାଯାଇଥାଏ। ଚଳିତ ବର୍ଷ ଜୟତୁଳସୀ, ପରମହଂସ, ସିଦ୍ଧି ବିନାୟକ, ମହାବୀର ଫୁଡ ପ୍ରଡକ୍ଟ ଓ ଶିବା ଏଗ୍ରୋ ମିଲର୍ସ ଉକ୍ତ ପ୍ୟାକ୍ସ ଅଧୀନ ଚାଷୀଙ୍କ ଧାନ ଉଠାଇବାକୁ ସ୍ଥିର ହୋଇଛି। ଉକ୍ତ ପ୍ୟାକ୍ସକୁ ପ୍ରଥମ ପର୍ଯ୍ୟାୟରେ ୭୭୨୦କୁଇଣ୍ଟାଲ ଧାନକିଣା ପାଇଁ ଟାର୍ଗେଟ ଦିଆଯାଇଛି। ଜୟତୁଳସୀ ମିର୍ଲସ କେବଳ ୩ଶହ କୁଇଣ୍ଟାଲ ଧାନ ଉଠାଇଛି । ଏବେ ପ୍ୟାକ୍ସରେ ୨ହଜାର ପ୍ୟାକେଟ ଧାନବିକ୍ରି ଅପେକ୍ଷାରେ । ହେଲେ ଧାନ କିଣବା ଦାୟିତ୍ୱରେ ଥିବା ମିଲର୍ସମାନେ କୁଇଣ୍ଟାଲ ପଛା ୯ କେଜି ଧାନ କାଟିବାକୁ ଜିଦ୍ କରୁଛନ୍ତି। ଏତେମାତ୍ରାରେ ଧାନକାଟନୀ ପାଇଁ ଚାଷୀ ନାରାଜ । ଚଳିତ ବର୍ଷ ଭଲ ଫସଲ ହୋଇଥିବାରୁ ବିନା କଟନୀରେ ଧାନ କିଣିବାକୁ ମିଲର୍ସ କହିଥିଲେ । ହେଲେ ବୁଧବାର ମିଲର୍ସ ଏଥିରେ ରାଜି ନ ହୋଇ ଧାନ ନ କିଣି ଫେରି ଯାଇଥିବା ପୂର୍ବତନ ସରପଞ୍ଚ ଅଶୋକ ମିଶ୍ର ଅଭିଯୋଗ କରିଛନ୍ତି। ମିଲର୍ସଙ୍କ ମନମାନୀକୁ ନେଇ ଚାଷୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନେକଚାଷୀ ଧାନଅମଳ କରିଥିଲେ ସୁଦ୍ଧା ଟୋକନ ପାଇନାହାନ୍ତି।

## ଧାନକ୍ରୟ ବ୍ୟବସ୍ଥାରେ ସୁଧାର ପାଇଁ ସମୀକ୍ଷା




ମଣ୍ଡିରେ ଧାନକ୍ରୟ ବ୍ୟବସ୍ଥାରେ ସୁଧାର ପାଇଁ ଅନୁଷ୍ଠିତ ସମୀକ୍ଷା ବୈଠକରେ ମଞ୍ଚାସୀନ ଅଧିକାରୀମାନେ।

- ପ୍ୟାକ୍ସ କର୍ତ୍ତୃପକ୍ଷ, ଚାଷୀନେତାଙ୍କ ସହ ପ୍ରଶାସନର ଆଲୋଚନା
- କଟନୀଛଟନୀ ବନ୍ଦ କରିବାକୁ ଚାଷୀନେତାଙ୍କ ଦାବି
- ମାନ ନିର୍ଦ୍ଧାରକ ଅଧିକାରୀ ନିଯୁକ୍ତି ପରେ ଅବସ୍ଥା ସୁଧୁରିବ: ଉପଜିଲାପାଳ

**ଟିଟିଲାଗଡ଼, ୫।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ଉପଖଣ୍ଡ ଅନ୍ତର୍ଗତ ସଇଁନ୍ତଲା, ମୁରିବାହାଲ, ତୁରେକେଲା, ବଙ୍ଗୋମୁଣ୍ଡା, ଟିଟିଲାଗଡ ବ୍ଲକର ୫୫ଟି ପ୍ୟାକ୍ସରେ ଚାଷୀଙ୍କ ଧାନ କ୍ରୟ ବିକ୍ରୟ ଅବ୍ୟବସ୍ଥା ନେଇ ଉପଜିଲାପାଳ ସୁଧାକର ନାୟକ ଗୁରୁବାର ପ୍ୟାକ୍ସ ସମ୍ପାଦକ ଏବଂ ସଭାପତିଙ୍କ ସହ ବିଚାର ବିମର୍ଶ କରିଛନ୍ତି। ସ୍ଥାନୀୟ ସରକାରୀ ବାଳକ ହାଇସ୍କୁଲ ସଭାଗୃହରେ ଅନୁଷ୍ଠିତ ବୈଠକରେ ଅନେକ ପ୍ୟାକ୍ସ ସମ୍ପାଦକ କଟନୀ ଛଟନୀ, ଗ୍ରେଡିଙ୍ଗ ମେଶିନ, ମୋଇଷ୍ଟର ମାପ ମିଟର, ଏନାଲିସିସ ଅଭାବ ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ଘୁନସର ପ୍ୟାକ୍ସରେ ୫ କେଜି କଟନୀ ପାଇଁ ମିଲର୍ସଙ୍କ ଦାବିରେ ସମ୍ମତି ପ୍ରକାଶ କରାଯାଇଥିବା ବେଳେ ୬ କେଜି କଟନି ହେଉଥିବା ଚାଷୀନେତା ଦେବରାଜ ସାହୁ ଅଭିଯୋଗ କରିଥିଲେ। କଟନୀ ବ୍ୟାଧିକୁ ଅପସାରଣ ପାଇଁ ଜଗୁଆ ପ୍ୟାକ୍ସ ସଭାପତି ପଙ୍କଜ ପାଢୀ ଦାବି କରିଥିଲେ। ତିନିଦିନ ତଳେ ଆରମ୍ଭ ହୋଇଥିବା ଲୁଥୁରବନ୍ଧ ପ୍ୟାକ୍ସରେ ଚାଷୀଙ୍କ ଧାନ କ୍ରୟ ହେଉନାହିଁ, ଟିକ୍ରାପଡାରେ ୮୦୦ ବସ୍ତା ଧାନ ପଡିରହିଛି। ହେଲେ ମିଲର୍ସ ଆସୁନାହାନ୍ତି। ସଇଁନ୍ତଲା ବ୍ଲକର ମିଲର୍ସ ଚିରାଚରିତ ଭାବରେ ଅଧିକ କଟନୀଛଟନୀ କରୁଥିବା ନେଇ ଅନ୍ୟ ବ୍ଲକର ମିଲର୍ସଙ୍କୁ ସଇଁନ୍ତଲା ବ୍ଲକରୁ ଧାନ ଉଠାଇବାକୁ ନିୟୋଜିତ କରିବାକୁ ଚାଷୀନେତା ସାହୁ ଦାବି କରିଥିଲେ। ଚଳିତ ବର୍ଷ ପ୍ରଥମ ଥର ପାଇଁ ସଇଁନ୍ତଲା ବ୍ଲକର ୭ଟି ପ୍ୟାକ୍ସ, ବଙ୍ଗୋମୁଣ୍ଡା ଏବଂ ତୁରେକେଲା ବ୍ଲକର ଗୋଟିଏ ଲେଖାଏଁ ପ୍ୟାକ୍ସରେ ଧାନ କ୍ରୟ ନେଇ ମହଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସରକାର ଦାୟିତ୍ୱ ଦେଇଛନ୍ତି। ଅପରପକ୍ଷରେ ସରକାର ଖୋଦ୍ ପ୍ୟାକ୍ସ ତଥା ମହିଳା ଗୋଷ୍ଠୀ ଜରିଆରେ ଧାନକ୍ରୟ କରୁଥିବା ବେଳେ ମିଲର୍ସଙ୍କ ରାଜୁତି କାହିଁକି ବୋଲି ପ୍ରଶ୍ନ ହୋଇଛି। ଧାନର ମାନଯାଞ୍ଚ ବାହାନାରେ ବର୍ଷବର୍ଷ ଧରି ମିଲର୍ସ ମଣ୍ଡି ପ୍ରକ୍ରିୟାରେ ଅଯଥା ହସ୍ତକ୍ଷେପ କରି ଚାଷୀଙ୍କୁ ହଇରାଣ ହରକତ କରୁଥିବା ଅଭିଯୋଗ ହୋଇଛି। ତେବେ ଶୁକ୍ରବାରଠାରୁ ସ୍ୱତନ୍ତ୍ର ଭାବରେ ପ୍ରତ୍ୟେକ ପ୍ୟାକ୍ସରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଉଟସୋର୍ସିଂ ମାଧ୍ୟମରେ ଏନାଲିସିସ ଏକ୍ସପାର୍ଟ (ମାନ ନିର୍ଦ୍ଧାରକ ଅଧିକାରୀ)ନିଯୁକ୍ତି ପରେ ଅବସ୍ଥା ସୁଧୁରିବ ବୋଲି ଉପଜିଲାପାଳ କହିଥିଲେ। ବୈଠକରେ ଉପଜିଲାପାଳଙ୍କ ସମେତ ଉପଖଣ୍ଡ ଯୋଗାଣ ଅଧିକାରୀ ରାଜକିଶୋର ପାଣିଗ୍ରାହୀ, ଆରଏମସି ସମ୍ପାଦକ ତୁଷାରକାନ୍ତ ସେଠୀ, ଏଆରସିଏସ ଅଜିତ ବରୱା ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସଆରସିଏସ କ୍ଷମାନିଧି ମାଝୀ, ଯୋଗାଣ ଅଧିକାରୀ ଅସିତ ମହାନ୍ତି, ପଦ୍ମଲୋଚନ ମାଝୀ, ନଳିନୀକାନ୍ତ ପାଉଲ, ସୁରେଶ ସାହୁ, ଅନନ୍ତ ରଣା ପ୍ରମୁଖ ଚାଷୀ ନେତା ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ବିଭିନ୍ନ ସ୍ଥାନରେ ବିଶ୍ୱ ମୃତ୍ତିକା ଦିବସ ପାଳିତ

## ମାଟି ପରୀକ୍ଷା କରି ଚାଷ କରିବାକୁ ଗୁରୁତ୍ୱ

**ମୁରିବାହାଲ, ୫।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ କୃଷି ବିଭାଗ କାର୍ଯ୍ୟାଳୟରେ ଗୁରୁବାର ପାଳିତ ହୋଇଯାଇଛି। କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରଠାରେ ଆତ୍ମା ଆନୁକୂଲ୍ୟରେ ବ୍ଲକର ନିର୍ବାଚିତ ପ୍ରତିନିଧି ଓ କୃଷକମାନଙ୍କୁ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଆତ୍ମା ଅଧକ୍ଷ ଧନଞ୍ଜୟ ମହାନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ କୃଷି ଅଧିକାରୀ ଡମ୍ବରୁଧର ବାଗ, ଅମୃତ ଲୁଗୁନ ଓ ଆତ୍ମାର ପୂର୍ବତନ ଅଧକ୍ଷ ନିମାଇଁଚରଣ ବଘାର ପ୍ରମୁଖ ଅତିଥିଭାବେ ଯୋଗଦେଇ ବିଶ୍ୱ ମୃତ୍ତିକା ଦିବସର ଉଦ୍ଦେଶ୍ୟ, ମାଟିର ସ୍ୱାସ୍ଥ୍ୟ ପରିଚାଳନା, ମାଟି ପରୀକ୍ଷା କରି ଚାଷ କରିବା, ମାଟିର ସୁରକ୍ଷା ଓ ବିଶୋଧନ ପ୍ରଣାଳୀ ମାଧ୍ୟମରେ ଚାଷ କରିବା ଉପରେ ମତ ରଖିଥିଲେ। ଚାଷୀମାନଙ୍କ ବିକାଶ ପାଇଁ ସରକାରଙ୍କର ନୂତନ ଯୋଜନା ବିଷୟରେ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଏଓ ହଳଦୀ କୁଞ୍ଜ କିଶୋର ଚନ୍ଦନ, ଭିଏଲଡବ୍ଲୁ ସଞ୍ଜୟ କୁମାର ମହାକୁର, ସୁଚିତ କୁମାର ଦଲାଲ, ଦାଶରଥି ବେହେରା, ସରୋଜିନୀ ନାଏକ, ରବୀନ୍ଦ୍ର ପ୍ରସାଦ ନାଏକ, ବାଞ୍ଛାନିଧି ଧରୁଆ ପ୍ରମୁଖ ସହଯୋଗ କରିଥିଲେ।

**ଗୁଡଭେଲା(ଡି.ଏନ.ଏ.)**

ଗୁଡଭେଲା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ପରିସରରେ ବ୍ଲକ କୃଷି ଅଧିକାରୀ ପ୍ରମୋଦ ବଡପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ତଥା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଅଶୋକ ଚନ୍ଦ୍ର ଦୋରା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ମାଟିର ପରୀକ୍ଷା କରି ଉନ୍ନତ ମାନର ଚାଷ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଚିଞ୍ଚେଡ ସରପଞ୍ଚ ଗୋପାଳ ଭୋଇ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ଚାଷୀ, ଗ୍ରାମ୍ୟ କୃଷି କର୍ମଚାରୀ, କୃଷକ ସାଥୀମାନେ ଉପସ୍ଥିତ ରହିଥିଲେ। ଗୋପାନନ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ ।

### ଫସଲ ବୀମା ସମସ୍ୟା ନେଇ ବୀମା ଲୋକପାଳଙ୍କ ଆଲୋଚନା

## ବୀମା କାର୍ଯ୍ୟାଳୟ ଖୋଲିବାକୁ ଦେଲେ ପରାମର୍ଶ

**ବଲାଙ୍ଗୀର ଅଫିସ, ୫।୧୨**




ଜିଲାପାଳ କାର୍ଯ୍ୟାଳୟ ସମ୍ମିଳନୀ ପକ୍ଷରେ ବୀମା ଲୋକପାଳ, ଜିଲାପାଳ ଓ ଚାଷୀମାନେ ଫସଲ ବୀମା ସଂକ୍ରାନ୍ତରେ ଆଲୋଚନା କରୁଛନ୍ତି ।

- ରୟାଲ ସୁନ୍ଦରମ୍ ବୀମା କମ୍ପାନୀ ଅଧିକାରୀଙ୍କୁ ଘେରାଉ କଲେ ଚାଷୀ
- ଚାଷୀ ସମସ୍ୟା ସମାଧାନ ପାଇଁ ଜିଲାସ୍ତରୀୟ କମିଟି ଗଠନ ସୁପାରିସ

ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ଅପରାହ୍ଣରେ ଫସଲ ବୀମା ସମସ୍ୟାକୁ ନେଇ ଏକ ଆଲୋଚନା ଅନୁଷ୍ଠିତ ହୋଇଥିଲା । ଏହି ଆଲୋଚନାରେ ଓଡିଶାର ବୀମା ଲୋକପାଳ ସୁରେଶ ଚନ୍ଦ୍ର ପଣ୍ଡା ଯୋଗଦେଇ ଜିଲାର ଚାଷୀଙ୍କ ଫସଲ ବୀମା ସଂକ୍ରାନ୍ତୀୟ ବିଭିନ୍ନ ଅଭିଯୋଗ ଓ ସମସ୍ୟାର ଶୁଣାଣି କରି ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଜିଲାପାଳ ଅରିନ୍ଦମ ଡାକୁଆ, ଜିଲା ମୁଖ୍ୟ କୃଷି ଅଧିକାରୀ ବାଳକୃଷ୍ଣ ଗୌଡ, କୃଷି ବିଭାଗର ଅନ୍ୟ ଅଧିକାରୀ, ସମବାୟ ବିଭାଗ ଅଧିକାରୀ, ଲିଡ ବ୍ୟାଙ୍କ ଏବଂ ବିଡିସିସି ବ୍ୟାଙ୍କ ଅଧିକାରୀ, ରୟାଲ ସୁନ୍ଦରମ୍ ବୀମା କମ୍ପାନୀ ପ୍ରକଳ୍ପ ମୁଖ୍ୟ ମୃତ୍ୟୁଞ୍ଜୟ ଭଟ୍ଟାଚାର୍ଯ୍ୟ, ଚୋଲାମଣ୍ଡଲମ୍ କମ୍ପାନୀ ଅଧିକାରୀ, ଜିଲା କୃଷକ ମହାସଂଘ ସଭାପତି ଡା ସୁଧୀର କୁମାର ପରିଚ୍ଛା, ମୁରିବାହାଲର ଚାଷୀ କୈଳାସ ପ୍ରଧାନ, ଚାଣ୍ଡିମୁଣ୍ଡାର ଚାଷୀ ହରି ମାରପାଡି, ପ୍ରଣବ ନାଥ, ବିଡିଘାଟ୍‌ର କେଶବ ବେହେରା ଉପସ୍ଥିତ ଥିଲେ । ଚାଷୀମାନେ ସେମାନଙ୍କ କଷ୍ଟପାର୍ଜିତ ଟଙ୍କାରୁ ବୀମା ପ୍ରିମିୟମ୍ ଭରୁଥିଲେ ମଧ୍ୟ ବୀମା କମ୍ପାନୀଗୁଡିକ ସେମାନଙ୍କୁ ଠକେଇ କରୁଛନ୍ତି। ଥରେ ପ୍ରିମିୟମ୍ ଟଙ୍କା ନେଇଗଲା ପରେ ବୀମା ସଂକ୍ରାନ୍ତୀୟ କୌଣସି ସୂଚନା ଚାଷୀଙ୍କୁ ପ୍ରଦାନ କରୁନାହାନ୍ତି ବୋଲି ଚାଷୀମାନେ ବୀମା ଲୋକପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ୨୦୧୭-୧୮ ଓ ୨୦୧୮-୧୯ ବର୍ଷରେ ଜିଲାର ଚାଷୀମାନଙ୍କ ଠାରୁ କୋଟି କୋଟି ଟଙ୍କା ବୀମା ପ୍ରିମିୟମ୍ ଆଦାୟ ହୋଇଥିଲେ ମଧ୍ୟ କ୍ଷତିପୂରଣ ପାଇବାକୁ ଯୋଗ୍ୟ ଚାଷୀଙ୍କୁ ବୀମା କମ୍ପାନୀ କ୍ଷତିପୂରଣ ଦେଇନାହିଁ ବୋଲି ଅଭିଯୋଗ କରିଥିଲେ । ଜିଲାରେ କୌଣସି ବୀମା କମ୍ପାନୀର କାର୍ଯ୍ୟାଳୟ ନଥିବାରୁ ଚାଷୀମାନେ ଥରେ ଟଙ୍କା ଭରିଦେଲା ପରେ ଆଉ କାହାରିକୁ ସେମାନଙ୍କ ଅସୁବିଧା ସମ୍ପର୍କରେ କିଛିବି କହିପାରୁ ନାହାନ୍ତି ବୋଲି ଚାଷୀନେତା ଡା ପରିଚ୍ଛା ବୀମା ଲୋକପାଳଙ୍କ ଦୃଷ୍ଟି ଆକର୍ଷଣ କରିଥଇଲେ। ଜିଲା ସଦର ମହକୁମାରେ ବୀମା କମ୍ପାନୀର କାର୍ଯ୍ୟାଳୟ ଖୋଲାଯାଉ ବୋଲି ସେ ଦାବି କରିଥିଲେ । ୨୦୧୮ ମସିହାରେ ଜିଲାର ସମସ୍ତ ଗ୍ରାମ ପଞ୍ଚାୟତ ମରୁଡି କ୍ଷତିଗ୍ରସ୍ତ ହୋଇଥିଲା । ତେବେ କ୍ଷତିପୂରଣ ବଣ୍ଟନ ବେଳେ ବିଭିନ୍ନ ପଞ୍ଚାୟତର କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା କ୍ଷତିପୂରଣ ମିଳିନାହିଁ ବୋଲି ଚାଷୀମାନେ ବୀମା ଲୋକପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅଭିଯୋଗ ଶୁଣିବା ପରେ ବୀମା ଲୋକପାଳ ବୀମା କମ୍ପାନୀ ଓ ଜିଲା ପ୍ରଶାସନକୁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ । ଯେଉଁ ବୀମା କମ୍ପାନୀ ଜିଲାରେ ଫସଲ ବୀମା ପାଇଁ ଦାୟିତ୍ୱରେ ରହୁଛନ୍ତି ସେମାନେ ଯେଭଳି ଜିଲାସ୍ତରରେ ଏକ ଅଫିସ ଖୋଲିବେ ସେଥିପ୍ରତି ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ । ଏହା ସହିତ ଚାଷୀଙ୍କ ଅବଗତି ନିମନ୍ତେ ଜିଲାର ବିଭିନ୍ନ ସ୍ଥାନରେ ଫସଲ ବୀମା ସଂକ୍ରାନ୍ତୀୟ ଗୁରୁତ୍ୱପୂର୍ଣ୍ଣ ସୂଚନା ଫଳକ ଲଗାଇବା ଏବଂ ଫସଲ ବୀମା ସଂକାନ୍ତୀୟ ସମସ୍ୟାଗୁଡିକର ସମାଧାନ ପାଇଁ ବୀମା କମ୍ପାନୀଗୁଡିକ କୃଷି ବିଭାଗ ଓ ସମବାୟ ବିଭାଗ ସହ ନିୟମିତ ସମନ୍ୱୟ ରଖିବାକୁ ପରାମର୍ଶ ଦେଇଥିଲେ । ଏହା ସହିତ ଜିଲାସ୍ତରରେ ଏକ କମିଟି ଗଠନ କରି ସମସ୍ୟା ଉପରେ ଆଲୋଚନା କରି ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ । ବୈଠକ ପରେ ଚାଷୀମାନେ ରୟାଲ ସୁନ୍ଦରମ୍ ପ୍ରକଳ୍ପ ମୁଖ୍ୟ ଭଟ୍ଟାଚାର୍ଯ୍ୟକୁ ଘେରାଉ କରିଥିଲେ । ଚାଷୀଙ୍କ ପ୍ରିମିୟମ ଟଙ୍କା ଖାଇଦେଇ କମ୍ପାନୀ କ୍ଷତିପୂରଣ ନଦେଇ ନାଟ ଲଗାଇଛି ବୋଲି ତାଗିଦ୍ କରିଥିଲେ । ଦୀର୍ଘ ୧ ଘଣ୍ଟା କାଳ ଘେରାଉ କରିବା ପରେ ଅଧବକାରୀ ଭଟ୍ଟାଚାର୍ଯ୍ୟ ବୀମା ସଂକ୍ରାନ୍ତୀୟ ସମସ୍ୟା ସମାଧାନ ପଦକ୍ଷେପ ନେବେ ବୋଲି ଲିଖିତ ପ୍ରତିଶ୍ରୁତି ଦେଲା ପରେ ଚାଷୀମାନେ ତାଙ୍କୁ ଛାଡିଥିଲେ ।



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ବେଦାନ୍ତକୁ ମିଳିଲା ସୁନ୍ଦରଗଡ଼ ଜାମକାନୀ କୋଇଲା ଖଣି

ଭୁବନେଶ୍ୱର, ୫।୧୨ (ବ୍ୟୁରୋ)-ସୁନ୍ଦରଗଡ଼ ଜିଲାର ଜାମକାନୀ କୋଇଲା ଖଣି ବେଦାନ୍ତ ଲିମିଟେଡକୁ ମିଳିଛି। କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଗୁରୁବାର ଏହି ଖଣିକୁ ଅନୁମୋଦନ କରିଛି। ଦୀର୍ଘ ୪ବର୍ଷ ପରେ ମନ୍ତ୍ରଣାଳୟ ୫ଟି ଖଣିକୁ ଅନୁମୋଦନ କରିଛି। ନଭେମ୍ବର ପ୍ରଥମ ସପ୍ତାହରେ ମନ୍ତ୍ରଣାଳୟ ପକ୍ଷରୁ ଇଲେକ୍ଟ୍ରୋନିକ୍ସ ନିଲାମ କରାଯାଇଥିଲା। ୫ଟି ଖଣିକୁ ମନ୍ତ୍ରଣାଳୟ ପକ୍ଷରୁ ବିର୍ଲା କର୍ପୋରେଶନ, ବେଦାନ୍ତ, ପ୍ରକାଶ ଇଣ୍ଡଷ୍ଟ୍ରିଜ୍ ଏବଂ ପାୱାର ପ୍ଲସ ଟ୍ରେଡର୍ସକୁ ପ୍ରଦାନ କରାଯାଇଛି। ବିର୍ଲା କର୍ପୋରେଶନକୁ ମଧ୍ୟପ୍ରଦେଶର ବିକ୍ରମ ଓ ବ୍ରହ୍ମପୁରୀ କୋଇଲା ଖଣି ଟନ୍ ପିଛା ୧୫୪ ଟଙ୍କା ଏବଂ ୧୫୬ ଟଙ୍କା ହିସାବରେ ପ୍ରଦାନ କରାଯାଇଥିବାବେଳେ ବେଦାନ୍ତକୁ ଟନ୍ ପିଛା ୧,୬୭୪ ଟଙ୍କାରେ ଦିଆଯାଇଛି। ପ୍ରକାଶ ଇଣ୍ଡଷ୍ଟ୍ରିଜ୍‌କୁ ଛତିଶଗଡ଼ର ଭାସ୍କରପଡା କୋଇଲା ଖଣି ଟନ୍ ପିଛା ୧,୧୦୦ ଟଙ୍କା ଏବଂ ପାୱାର ପ୍ଲସ ଟ୍ରେଡର୍ସକୁ ପଶ୍ଚିମବଙ୍ଗର ଜଗନ୍ନାଥପୁର ବି ବ୍ଲକକୁ ଟନ୍ ପିଛା ୧୮୫ ଟଙ୍କାରେ ନିଲାମ ଦିଆଯାଇଛି। ଏହି ୫ଟି ଖଣି ବାବଦରେ ରୟାଲଟିକୁ ଛାଡି ଆସନ୍ତା ୩୦ ବର୍ଷ ମଧ୍ୟରେ ୧୭ ହଜାର ୧୩୭ କୋଟି ଟଙ୍କା ମିଳିବ ବୋଲି ମନ୍ତ୍ରଣାଳୟ ଲକ୍ଷ୍ୟ ରଖିଛି। ଏହି ଖଣି ନିଲାମ ଦ୍ୱାରା ଉତ୍ପାଦନ ବୃଦ୍ଧି ପାଇବା ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ରାଉରକେଲାରେ ଖୋଲିଲା ଶକ୍ତି ବଜାର

## ■ ସାମଗ୍ରୀ କିଣିବା ଲାଗି ଗ୍ରାହକଙ୍କ ଭିଡ଼

ରାଉରକେଲା ଅଫିସ, ୫।୧୨

ରାଉରକେଲା ସହରର କୋଏଲନଗର କଲ୍ୟାଣ ମଣ୍ଡପ ନିକଟରେ ରାଉରକେଲା ମହାନଗର ନିଗମ ପକ୍ଷରୁ ମହିଳା ଏସ୍‌ଏଚ୍‌ଜିଙ୍କ ସାମଗ୍ରୀ ବିକ୍ରି କରିବା ଉଦ୍ଦେଶ୍ୟରେ ଗୁରୁବାର ଶକ୍ତି ବଜାରର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁନ୍ଦରଗଡ ଜିଲା ଯୋଜନା ବୋର୍ଡ କମିଟି ଅଧ୍ୟକ୍ଷ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ସୁନ୍ଦରଗଡ ଜିଲାପାଳ ନିଖିଳ ପବନ କଲ୍ୟାଣ, ଅତିରିକ୍ତ ଜିଲାପାଳ ତଥା ଆର୍‌ଏମ୍‌ସି କମିଶନର ଯେଦୁଲା ବିଜୟ ପ୍ରମୁଖ ଯୋଗଦେଇ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଶକ୍ତି ବଜାର ପରିସରରେ ଆୟୋଜିତ ସଭାରେ ମହିଳା ସଶକ୍ତୀକରଣ ତଥା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଗୁଡ଼ିକୁ ସ୍ୱୟଂ ସମ୍ପୂର୍ଣ୍ଣ କରିବା ଲାଗି ସରକାର ଅନେକ ପଦକ୍ଷେପ ନେଉଛନ୍ତି ବୋଲି ବିଧାୟକ ନାୟକ ମତବ୍ୟକ୍ତ କରିଥିଲେ। ସରକାରଙ୍କ ଏହି ପ୍ରଚେଷ୍ଟାକୁ ଆହୁରି ବଳିଷ୍ଠ କରିବା ଦିଗରେ ଆରଏମ୍‌ସି ଏକ ଅଭିନବ ପ୍ରଚେଷ୍ଟା କରିଛି। ଶକ୍ତିବଜାର ସ୍ଥାପନ କରି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀର ବିକ୍ରି ନିମନ୍ତେ ବଜାର ବ୍ୟବସ୍ଥା ସୃଷ୍ଟି କରାଯାଇଛି। ଜିଲାର ବିଭିନ୍ନ ବ୍ଲକରୁ ଏସଏଚଜିମାନେ ଏହି ବଜାରରେ ନିଜ ସାମଗ୍ରୀ ବିକ୍ରି କରୁଛନ୍ତି, ଯାହାକି ଖୁସିର ବିଷୟ ବୋଲି ନାୟକ କହିଥିଲେ। ଏହାର ପରିଚାଳନା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଲାଗି ଆଗାମୀଦିନରେ ମହାନଗର ନିଗମ ଅନେକ ପଦକ୍ଷେପ ନେବ ବୋଲି ଜିଲାପାଳ କହିଥିଲେ। ଏହି ବଜାରରେ ଥିବା ୪୪ଟି ଷ୍ଟଲକୁ ବିଭିନ୍ନ ଏସଏଚଜିଙ୍କୁ ବ୍ୟବସାୟ ଲାଗି ପ୍ରଦାନ କରାଯାଇଛି। ଟେରାକୋଟା, ହସ୍ତଶିଳ୍ପ, ମସଲା, ବଡି, ପାମ୍ପଡ, ଆଚାର, ଫିନାଇଲ, ଝାଡୁ,ଖେଳନା, କପଡ଼ା ବ୍ୟାଗ, କାଗଜ ଠୁଙ୍ଗା, ଶାଢ଼ି, କୃଷିଜାତ ଦ୍ରବ୍ୟ ଇତ୍ୟାଦି ସାମଗ୍ରୀ ଏହି ବଜାରରେ ବିକ୍ରି ହେଉଛି। ପ୍ରତିଦିନ ସକାଳ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବଜାର ଖୋଲା ରହିବ ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୧ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଶକ୍ତି ବଜାରକୁ ଉଦ୍‌ଘାଟନ କରିଥିଲେ। ସାଧାରଣ ଭାବେ କୌଣସି ବାଣିଜ୍ୟ ମେଳା ବା ଯାତ୍ରା ସମୟରେ ଲାଗୁଥିବା ମେଳାରେ ଏସଏଚଜି ମହିଳାମାନେ ନିଜର ଷ୍ଟଲ ଖୋଲି ବିଭିନ୍ନ ସାମଗ୍ରୀ ବିକ୍ରି କରୁଥିଲେ। କିନ୍ତୁ ଏହି ଶକ୍ତି ବଜାର ଖୋଲିବା ପରେ ଏସଏଚଜି ମହିଳାମାନେ ନିଜର ସାମଗ୍ରୀ ବିକ୍ରି କରିବା ପାଇଁ ସୁବିଧା ପାଇବେ। ଏହାସହ ସାଧାରଣ ଲୋକେ ମଧ୍ୟ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଗୁଣାତ୍ମକ ମାନ ସମ୍ପନ୍ନ ସାମଗ୍ରୀ ପାଇବା ଲାଗି କୌଣସି ମେଳାକୁ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ଲୋକେ ଯେତେବେଳେ ଚାହିଁବେ ଶକ୍ତି ବଜାରକୁ ଯାଇ ମନମୁତାବକ ସମାଗ୍ରୀ କିଣିପାରିବେ। ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ମହାନଗର ନିଗମର ଉପାୟୁକ୍ତ ସୀତାଦେବୀ ମାଝି, ଗୋଷ୍ଠୀ ସଙ୍ଗଠିକା ସୌଭାଗ୍ୟବତୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଭାଗର ଅନ୍ୟ ଅଧିକାରୀ ଓ ବହୁ କର୍ମଚାରୀ ଉପସ୍ଥିତ ଥିଲେ।



ବିଧାୟକ ସାରଦା ନାୟକ ଶକ୍ତି ବଜାରକୁ ଉଦଘାଟନ କରୁଛନ୍ତି। ପାଖରେ ଅଛନ୍ତି ଜିଲାପାଳ ନିଖିଳ ପଓ୍ୱନ କଲ୍ୟାଣ ଓ ଅନ୍ୟ ଅଧିକାରୀଗଣ।

### ବ୍ରାହ୍ମଣୀ ପ୍ରଦୂଷଣ ରୋକିବାକୁ ୨.୭୯ କୋଟି କେନ୍ଦ୍ରୀୟ ସହାୟତା

ଭୁବନେଶ୍ୱର, ୫।୧୨ (ବ୍ୟୁରୋ)

ରାଜ୍ୟର ୧୯ଟି ନଦୀ ପ୍ରଦୂଷିତ ହୋଇଛି। ଗୁରୁବାର ପାର୍ଲାମେଣ୍ଟରେ ଭାଜପା ସଭ୍ୟ ଜୁଏଲ ଓରାମଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି କେନ୍ଦ୍ର ଜଳଶକ୍ତି ଓ ସାମାଜିକ ନ୍ୟାୟ ମନ୍ତ୍ରୀ ରତନଲାଲ କଟାରିଆ । ଜୁଏଲଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ, ବ୍ରାହ୍ମଣୀ ନଦୀରେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ମନ୍ତ୍ରଣାଳୟ ପକ୍ଷରୁ ୨କୋଟି ୭୯ ଲକ୍ଷ ୯ହଜାର ଟଙ୍କା ମଞ୍ଜୁର କରାଯାଇଛି । କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନୂତନ ରିପୋର୍ଟ ଅନୁଯାୟୀ ଓଡ଼ିଶାର ୧୯ଟି ନଦୀ ଅତି ପ୍ରଦୂଷିତ ହୋଇଥିବା ଚିହ୍ନଟ ହୋଇଛି। ସେହି ନଦୀଗୁଡିକ ହେଲା ଗଙ୍ଗୁଆ, ଗୁରାଡିହ ନାଳ, କାଠଯୋଡି, ନନ୍ଦିରାଯୋର, ଦୟା, କୁଆଖାଇ, ବଙ୍ଗୁରୁ ନାଳ, ଭେଡେନ, ବ୍ରାହ୍ମଣୀ, ବୁଢାବଳଙ୍ଗ, କୁସୁମୀ, ମହାନଦୀ, ମଙ୍ଗଳା, ନାଗାବଳୀ, ଲୁଣା, ରତ୍ନଚିରା, ଋଷିକୁଲ୍ୟା, ସବୁଳିଆ ଓ ସେରୁଆ ।





ସମ୍ବିଧାନ ଦିବସ ପାଳନ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ ।

### ସମ୍ବିଧାନ ଦିବସ ପାଳିତ

## ନାଗରିକ ସଚେତନ ହେଲେ ଦେଶର ବିକାଶ ତ୍ୱରାନ୍ୱିତ ହେବ

ରାଉରକେଲା ଅଫିସ, ୫।୧୨

ଭାଜପା ଜିଲା ଅନୁସୂଚିତ ଜାତି ତରଫରୁ ସଭାପତି ଭ୍ରମରବର ବେହେରାଙ୍କ ସଭାପତିତ୍ୱରେ ଜିଲା କାର୍ଯ୍ୟାଳୟରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏଥିରେ କେନ୍ଦ୍ର କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱଜିତ ତନ୍ତୀ ପର୍ଯ୍ୟବେକ୍ଷକ ରୂପେ ଯୋଗଦେଇ ସମ୍ବିଧାନ ଦିବସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ଜଗବନ୍ଧୁ ବେହେରା, ରାଜ୍ୟ ସମ୍ପାଦକ ଧୀରେନ ସେନାପତି, ମହିଳା ମୋର୍ଚ୍ଚା ସଭାନେତ୍ରୀ ଲତିକା ପଟ୍ଟନାୟକ ଓ ବରିଷ୍ଠ ନେତା ଦୁର୍ଗା ତନ୍ତୀ ମଞ୍ଚାସୀନ ଥିଲେ। ସମ୍ବିଧାନରେ ଥିବା ଅନୁଚ୍ଛେଦ ୪୪୮ର ମହତ୍ତ୍ୱ ଓ ଗୁରୁତ୍ୱ ବିଷୟରେ ପ୍ରତ୍ୟେକ ନାଗରିକ ସଚେତନ ହେବା ଉଚିତ। ନିଜର ଅଧିକାର ଓ କର୍ତ୍ତବ୍ୟ ସମ୍ବନ୍ଧରେ ନାଗରିକ ସଚେତନ ହେଲେ ଦେଶର ବିକାଶ ତ୍ୱରାନ୍ୱିତ ହୋଇପାରିବ ବୋଲି ତନ୍ତୀ କହିଥିଲେ। ସଭା ପ୍ରାରମ୍ଭରେ ଅତିଥିମାନେ ସମ୍ବିଧାନର ପ୍ରଣେତା ବାବା ସାହେବ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶେଷରେ ଜିଲା ଅନୁସୂଚିତ ଜାତି ଉପସଭାପତି ଶଙ୍କର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ତପନ ସ୍ୱାଇଁ, ସୁବ୍ରତ ପଟ୍ଟନାୟକ, ଭବାନୀ ବିଶି, ପରେଶ ମିଶ୍ର, ବସନ୍ତ ସାମଲ, ମଳୟ ମହାପାତ୍ର, ଦୀପକ ତିୱାରୀ, ସନ୍ଦୀପ ଅଗ୍ରୱାଲ, ଧନେଶ୍ୱର ତରାଇ, ସୂର୍ଯ୍ୟକାନ୍ତ ସାହୁ, ସବିତା ବେହେରା, ପବିତ୍ର ବେହେରା, ଲିଙ୍ଗରାଜ କୁମ୍ଭାର, ଅର୍ଜୁନ ସାହୁ, ବିନୋଦ ସିଂ, ତାରା ମହାପାତ୍ର, ଭଗବାନ ରାଉତ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ସିଆଇଟିୟୁର ୫ମ ସମ୍ମିଳନୀ

## ଜାନୁୟାରୀ ୮ ଧର୍ମଘଟ ସଫଳ ଲାଗି ଆହ୍ୱାନ



ସିଆଇଟିୟୁ ସମ୍ମିଳନୀରେ ଉପସ୍ଥିତ ଶ୍ରମିକ ନେତାଗଣ ।

ରାଉରକେଲା ଅଫିସ, ୫।୧୨

ସିଆଇଟିୟୁ ସୁନ୍ଦରଗଡ ଜିଲା କମିଟିର ୫ମ ସମ୍ମିଳନୀ ଗୁରୁବାର ସେକ୍ଟର-୬ ଶମିକ ଭବନଠାରେ ଜିଲା କମିଟି ସଭାପତି ତଥା ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସଭାପତି ସଙ୍ଗଠନର ପତାକାକୁ ଉତ୍ତୋଳନ କରିଥିଲେ। ସିଆଇଟିୟୁର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଏହି ସମ୍ମିଳନୀରେ ବିଭିନ୍ନ କାରଖାନା, ଖଣି ଖାଦାନ, ନିର୍ମାଣ, କୋଇଲା, ଆଶା, ପାଚିକାପାଚକ, ଅଙ୍ଗନୱାଡି ଇତ୍ୟାଦି ସଙ୍ଗଠନର ନେତୃବୃନ୍ଦ ଯୋଗଦେଇଥିଲେ। କେନ୍ଦ୍ରର ମୋଦି ଓ ରାଜ୍ୟର ନବୀନ ସରକାରଙ୍କ ଜନ ଓ ଶ୍ରମିକ ବିରୋଧ ନୀତିକୁ ନେତୃବୃନ୍ଦ ସମାଲୋଚନା କରିଥିଲେ। ଦରଦାମ ହୁହୁ ହୋଇ ବଢ଼ିଚାଲିଥିବାବେଳେ ମୋଦି ସରକାରଙ୍କ ଅଚ୍ଛେଦିନ ଆଜି ସାଧାରଣ ଲୋକଙ୍କ ପାଇଁ ଖରାପ ଦିନରେ ପରିଣତ ହୋଇଛି। ସରକାର ଶ୍ରମ ଆଇନରେ ସଂଶୋଧନ କରି କୋର୍ଡ ପରିବର୍ତ୍ତନ କରିଛନ୍ତି ଯାହା ଦ୍ୱାରା ଶ୍ରମିକମାନେ ପୁଣି କ୍ରୀତଦାସ ହେବାକୁ ବାଧ ହେବେ। ବେକାରି ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ନିଯୁକ୍ତି ସୁଯୋଗ ସୃଷ୍ଟି ନ କରି ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ବିକ୍ରି କରାଯାଉଛି। କର୍ପୋରେଟ ମାଲିକଙ୍କ ସପକ୍ଷରେ ଏହି ସରକାର କାର୍ଯ୍ୟ କରୁଛନ୍ତି। ଏହା ବିରୋଧରେ କେନ୍ଦ୍ରୀୟ ଟ୍ରେଡ ୟୁନିୟନମାନଙ୍କ ଡାକରା ଜାନୁୟାରୀ ୮ ତାରିଖରେ ହେବାକୁ ଥିବା ଦିନିକିଆ ଧର୍ମଘଟକୁ ସମଗ୍ର ଦେଶରେ ସଫଳ କରିବା ସହ ମୋଦି ସରକାରଙ୍କ ଶ୍ରମିକ ବିରୋଧୀ ନୀତିକୁ ଦୃଢ଼ ବିରୋଧ ପାଇଁ ମହାନ୍ତି ଆହ୍ୱାନ ଦେଇଥିଲେ। ଏହି ସମ୍ମିଳନୀରେ ସିଆଇଟିୟୁ ଜିଲା ସାଧାରଣ ସମ୍ପାଦକ ବିମାନ ମାଇତି ସମ୍ପାଦକୀୟ ଚିଠା ରିପୋର୍ଟ ଉପସ୍ଥାପନ କରିଥିଲେ। ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପ୍ରତିନିଧିମାନେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏହାପରେ ଉକ୍ତ ରିପୋର୍ଟକୁ ସମ୍ମିଳନୀରେ ପ୍ରଦାନ କରାଯାଇଥିଲା। ଆଗାମୀ ସମ୍ମିଳନୀ ପର୍ଯ୍ୟନ୍ତ ୫୧ ଜଣିଆ କର୍ମକର୍ତ୍ତା କମିଟି ଓ ୫୨ ଜଣିଆ କାର୍ଯ୍ୟକାରୀ କମିଟି ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ। ସଭାପତି ଭାବେ ଲକ୍ଷ୍ମଣ ମୁଣ୍ଡା, ସାଧାରଣ ସମ୍ପାଦକ ଭାବେ ବିମାନ ମାଇତି, କୋଷାଧ୍ୟକ୍ଷ ଭାବେ ଜାହାଙ୍ଗୀର ଅଲୀ ନିର୍ବାଚିତ ହୋଇଥିଲେ। ଏହାସହ ଅନ୍ୟାନ୍ୟ ପଦବୀରେ ବିଭିନ୍ନ ଶ୍ରମିକ ନେତାମାନେ ନିର୍ବାଚିତ ହୋଇଥିଲେ। ଏଥିସହିତ ଚଳିତମାସ ୮ରୁ ୧୦ ତାରିଖ ହେବାକୁଥିବା ସିଆଇଟିୟୁର ୧୪ତମ ରାଜ୍ୟ ସମ୍ମିଳନୀକୁ ସଫଳ କରିବା ପାଇଁ ଆହ୍ୱାନ କରାଯାଇଥିଲା।

## ସେଲ୍‌ର ନଭେମ୍ବର ବିକ୍ରିରେ ୩୬% ଅଭିବୃଦ୍ଧି

ରାଉରକେଲା ଅଫିସ, ୫।୧୨



ସେଲ ଅଧ୍ୟକ୍ଷ ଅନିଲ ଚୌଧୁରୀ।

ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ(ସେଲ) ନଭେମ୍ବର ମାସରେ ଇସ୍ପାତ୍ ବିକ୍ରିରେ ପୂର୍ବ ବର୍ଷ ତୁଳନାରେ ୩୬% ଅଭିବୃଦ୍ଧି ହାସଲ କରିଛି। ଏହି ମାସରେ କମ୍ପାନୀର ବିକ୍ରୟ ପରିମାଣ ୧୪.୦୯ ଲକ୍ଷ ଟନ ରହିଥିଲା। କମ୍ପାନୀର ଏହି ବିପୁଳ ବିକ୍ରି ଇସ୍ପାତ ଉଦ୍ୟୋଗଗୁଡ଼ିକ ମଧ୍ୟରେ ଅନ୍ୟତମ ସର୍ବୋତ୍କୃଷ୍ଟ ପ୍ରଦର୍ଶନ, ଯାହାକି ବଜାର ସୁଯୋଗର ସଦୁପଯୋଗ ପାଇଁ ବିପଣନ ରଣନୀତି ଉପରେ କମ୍ପାନୀର ଅଧିକ ଜୋର ଯୋଗୁ ହାସଲ ହୋଇପାରିଛି। ଏହାସହ ୨୦୧୯ ନଭେମ୍ବର ମାସରେ ସେଲ ବିକ୍ରି କ୍ଷେତ୍ରରେ ଉଲ୍ଲେଖନୀୟ ବୃଦ୍ଧି ହାସଲ କରିପାରିଛି ବୋଲି ସେଲ ଅଧ୍ୟକ୍ଷ ଅନିଲ ଚୌଧୁରୀ କହିଛନ୍ତି। ଅନୁକୂଳ ଭବିଷ୍ୟତ ବଜାର ସଙ୍କେତକୁ ଦୃଷ୍ଟିରେ ରଖି କମ୍ପାନୀ ଇସ୍ପାତର ସକାରାତ୍ମକ ଉପଯୋଗ ପାଇଁ ଆଶାବାଦୀ ରହିଛି। କମ୍ପାନୀ ଏହାର ସମସ୍ତ ପ୍ଲାଣ୍ଟ ଏବଂ ୟୁନିଟରେ 'ଡୁଇଙ୍ଗ ମୋର ୱିଥ ଲେସ' ଉପରେ ଆଧାରିତ ବ୍ୟୟ ଉପରେ ନିୟନ୍ତ୍ରଣ ପ୍ରୟାସ ଆରମ୍ଭ କରିଛି। ଏହି ପ୍ରୟାସ ଉତ୍ପାଦନ ଖର୍ଚ୍ଚକୁ କମ କରିବା କ୍ଷେତ୍ରରେ ସହାୟକ ହେବ। ଗ୍ରାହକମାନଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ସେଲ ଏହାର ଉତ୍ପାଦନ ସାମଗ୍ରୀ ସମୂହକୁ ବିସ୍ତାରିତ କରୁଛି । ଏଥିରେ ମୂଲ୍ୟଯୁକ୍ତ ଇସ୍ପାତ୍ ସାମଗ୍ରୀ ସାମିଲ କରୁଛି। ନିକଟରେ ବଜାରରେ ପ୍ରବେଶ କରିଥିବା କମ୍ପାନୀର ଅତ୍ୟାଧୁନିକ ଷ୍ଟ୍ରକଚରାଲ ଉତ୍ପାଦ ସାମଗ୍ରୀ ଯଥା ସେଲ ସେକ୍ୟୁର ଟିଏମଟି ଏବଂ ନେକ୍ସ ସଂପ୍ରତି ବଜାରରେ ଗ୍ରାହକଙ୍କ ମଧ୍ୟରେ ବିଶେଷ ଆଦୃତ ହୋଇପାରିଛି।



ପିଆରସିଆଇ ସଭାପତି ଓ ଡ. ରାୟ ଆଲୋଚନା ରତ।

### ଦରଦାମ ବୃଦ୍ଧି, ଯୌନ ନିର୍ଯାତନାକୁ ବିରୋଧ

## ସିଆଇଟିୟୁର ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ

ରାଉରକେଲା ଅଫିସ, ୫।୧୨

ସରକାର ତୁରନ୍ତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ ବୃଦ୍ଧିକୁ ନିୟନ୍ତ୍ରଣ କରିବା, ମହିଳା ମାନଙ୍କ ଉପରେ ଯୌନ ନିର୍ଯାତନାକୁ ରୋକିବା ପାଇଁ ପୋଲିସ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ସିଆଇଟିୟୁ ପକ୍ଷରୁ ଗୁରୁବାର ରାଉରକେଲା ଏସପିଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏଥିସହିତ କାଲଟା ଖଣି ଅଞ୍ଚଳରେ ସିଆଇଟିୟୁ ଖଣି ଶ୍ରମିକମାନଙ୍କ ଉପରେ ମିଥ୍ୟା ମକଦ୍ଦମା କରି ରାତିଅଧିଆ ଘରେ ଚଢ଼ାଉ କରିବା ଘଟଣାକୁ ସଙ୍ଗଠନ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଏ ନେଇ ଗୁରୁବାର ସଙ୍ଗଠନ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଶୋଭାଯାତ୍ରା ବାହାରି ଏସପିଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ଏକ ପ୍ରତିନିଧି ମଣ୍ଡଳୀ ଏସପିଙ୍କ ସହିତ ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ। ସିଆଇଟିୟୁ ଜିଲା ସଭାପତି ତଥା ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ସଭାପତିତ୍ୱରେ ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି, ସିପିଆଇ(ଏମ) ଜିଲା ସମ୍ପାଦକ ପ୍ରମୋଦ ସାମଲ, ଜାହାଙ୍ଗୀର ଅଲୀ, ବିମାନ ମାଇତି, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାସ, ରାଜକିଶୋର ପ୍ରଧାନ, ପ୍ରଭାତ ପଣ୍ଡା, ମହିଳା ନେତ୍ରୀ ବିନୋଦିନୀ ଦାସ, ଜ୍ୟୋତ୍ସ୍ନାମୟୀ, ସୁଶିଳା ପ୍ରମୁଖଙ୍କୁ ନେଇ ଏକ ପ୍ରତିନିଧି ମଣ୍ଡଳୀ ଏସପିଙ୍କୁ ସାକ୍ଷାତ କରି ତୁରନ୍ତ ଟ୍ରାଫିକ ଇନ୍ସପେକ୍ଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଏହି ବୈଠକରେ ଆର୍‌ଟିଓ, ତହସିଲଦାର, ଉପଜିଲାପାଳ ପ୍ରତିନିଧିଙ୍କ ସହ ବହୁ ବରିଷ୍ଠ ପୋଲିସ ଅଧିକାରୀ ସାମିଲ ଥିଲେ।





ସିଆଇଟିୟୁ ପକ୍ଷରୁ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି।

## ସିନେମା ଗଣ ଯୋଗାଯୋଗର ଏକ ବଳିଷ୍ଠ ମାଧ୍ୟମ

### ପିଆରସିଆଇ ରାଉରକେଲା ଶାଖା ପକ୍ଷରୁ ଆଲୋଚନାଚକ୍ର

ରାଉରକେଲା ଅଫିସ, ୫।୧୨

ସିନେମା ଗଣ ଯୋଗାଯୋଗର ଏକ ବଳିଷ୍ଠ ଓ ଶକ୍ତିଶାଳୀ ମାଧ୍ୟମ। ସମାଜକୁ ପ୍ରେରଣା ପ୍ରଦାନରେ ସିନେମାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଭାରତର ଲୋକସମ୍ପର୍କ ସଂସଦ ( ପିଆରସିଆଇ) ରାଉରକେଲା ଶାଖା ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି। ବୁଧବାର ସନ୍ଧ୍ୟାରେ ରାଉରକେଲା କ୍ଲବରେ ପିଆରସିଆଇ ପକ୍ଷରୁ 'ସିନେମା ଯୋଗାଯୋଗର ଏକ ବଳିଷ୍ଠ ଓ ଶକ୍ତିଶାଳୀ ମାଧ୍ୟମ' ଶୀର୍ଷକ ଆଲୋଚନାଚକ୍ରର ମୁଖ୍ୟ ଆଲୋଚନା ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଫିଲ୍ମ ନିର୍ମାତା, ଲେଖକ ତଥା ସମାଲୋଚକ ଡ. ପୀୟୂଷ ରାୟ କହିଛନ୍ତି। ପିଆରସିଆଇ ରାଉରକେଲା ଶାଖାର ସଭାପତି ରମେନ୍ଦ୍ର କୁମାରଙ୍କ ସହ ସିଧାସଳଖ କଥାବାର୍ତ୍ତା ମାଧ୍ୟମରେ ସିନେମାର ଭୂମିକା ଉପରେ କହିଥିଲେ। ବିଶେଷ କରି ଭାରତୀୟ ସିନେମାର ବିଭିନ୍ନ ଦିଗ ଓ କ୍ରମବିକାଶ ପରେ ରାୟ ବହୁ ତଥ୍ୟ ପ୍ରଦାନ କରିଥିଲେ। ଭାଷା, ସାହିତ୍ୟ, ସ୍ଥାପତ୍ୟ ସଙ୍ଗୀତ ତଥା ଅନ୍ୟାନ୍ୟ କଳା ମଧ୍ୟରୁ ସିନେକଳାର ସ୍ଥାନ ସ୍ୱତନ୍ତ୍ର ରହିଛି। ଭାରତୀୟ ସିନେମା ବିଶେଷ ଭାବେ ଗଳ୍ପଭିତ୍ତିକ ହୋଇଥିବାରୁ ଏହାର ବେଶ ଗୁରୁତ୍ୱ ରହିଛି ବୋଲି ଆଲୋଚନା କାଳରେ ମତପ୍ରକାଶ ପାଇଥିଲା । ଦେଶ ସ୍ୱାଧୀନତା ପରେ ନିର୍ମାଣ ହୋଇଥିବା ସିନେମା ମଧ୍ୟରେ 'ପ୍ୟାସା' ଓ ଜରୁରୀକାଳୀନ ପରିସ୍ଥିତି ପରେ ସୁପରହିଟ ଦିୱାର ସିନେମା ଭାରତୀୟ ସମାଜକୁ କିଭଳି ପ୍ରଭାବିତ କରିଥିଲା ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଭାରତର ଅର୍ଥନୀତି ବିଶେଷ ଭାବେ ପଞ୍ଚବାର୍ଷିକ ଯୋଜାନର ଝଲକ ଏହି ସବୁ ସିନେମାର କାହାଣୀରେ ଦେଖିବାକୁ ମିଳିଥିଲା ବୋଲି ଡ. ରାୟ କହିଥିଲେ।

ପ୍ରାରମ୍ଭରେ ଡ. ରାୟଙ୍କ ଦ୍ୱାରା ନିର୍ଦ୍ଦେଶିତ ଓ ନିର୍ମିତ 'ପ୍ଲିଜର ପ୍ରିଜୁଡିସ ଓ ପ୍ରାଇଡ' ଫିଲ୍ମ ପ୍ରଦର୍ଶିତ ହୋଇଥିଲା। ଏଥିରେ ମୁଖ୍ୟତଃ ଭାରତୀୟ ଫିଲ୍ମ ନିର୍ମାଣର ବିଭିନ୍ନ ଦିଗ, ସିନେମାର ପ୍ରଭାବ, ଭାରତୀୟ ସିନେମାର କ୍ରମବିକାଶ, ବିଦେଶରେ ଭାରତୀୟ ସିନେମାର ଚାହିଦା ଓ ଗୁରୁତ୍ୱ ଭଳି ବହୁ ତଥ୍ୟକୁ ସିନେମା ମାଧ୍ୟମରେ ପ୍ରକାଶ କରାଯାଇଥିବା ଦେଖିବାକୁ ମିଳିଥିଲା। ପିଆରସିଆଇ ରାଉରକେଲା ଶାଖାର ସମ୍ପାଦିକା ଅର୍ଚ୍ଚନା ଶତପଥୀ ସମଗ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପ୍ରତିମା ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାହିନ ଶେଖ ସ୍ୱାଗତ ଭାଷଣ ଦେଇଥିଲେ। ଅଞ୍ଜନ ମୈତ୍ର ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପିଆରସିଆଇ ଉପସଭାପତି ସି.ଜି. ରାମଲିଙ୍ଗମ, ଯୁଗ୍ମ ସମ୍ପାଦକ ଶଶାଙ୍କ ପଟ୍ଟନାୟକ, କୋଷାଧ୍ୟକ୍ଷ ସି.କେ. ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ପିଆରସିଆଇର ସଭ୍ୟ ଓ କାର୍ଯ୍ୟନିର୍ବାହୀ ସଭ୍ୟମାନେ ସହଯୋଗ କରିଥିଲେ।



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।
- ସିସେରା



## ସଂକ୍ଷେପରେ

### ଘର ତାଲା ଭାଙ୍ଗି ୨ଲକ୍ଷ ଟଙ୍କା ସହ ଗହଣା ଚୋରି

**କୁତ୍ରା/ରାଜଗାଙ୍ଗପୁର, ୫।୧୨ (ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା କୁତ୍ରା ଓ ରାଜଗାଙ୍ଗପୁର ଥାନା ଅଞ୍ଚଳରେ ଦିନକୁ ଦିନ ଚୋରି ଓ ଲୁଟ ବଢ଼ିବାରେ ଲାଗିଛି। ଏହା ପୋଲିସ ଓ ଲୋକଙ୍କ ଚିନ୍ତା ବଢ଼ାଇ ଦେଇଛି। ତେବେ କୁତ୍ରା ଜାନକୀ କଲୋନୀରେ ରହୁଥିବା ରାମବିନୟ ପ୍ରସାଦ ଯାଦବଙ୍କ ଘରୁ ଚୋରି ହୋଇଛି। ସେ ଡିସେମ୍ବର ୨ ତାରିଖ ସପରିବାର ପୁରୀ ବୁଲିବା ପାଇଁ ଯାଇଥିଲେ । ଗୁରୁବାର ସକାଳେ ଫେରିବା ବେଳକୁ ଘରର ତାଲା ଭଙ୍ଗା ଆଲମିରାରେ ଥିବା ୨ ଲକ୍ଷ ଟଙ୍କା, ୨ ହଳ କାନଫୁଲ, ଗୋଟିଏ ସୁନାଚେନ, ଗୋଟିଏ ସୁନାହାର ନ ଥିବା ଦେଖି କୁତ୍ରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ପ୍ରକାଶଯୋଗ୍ୟ, ବୁଧବାର କଟଙ୍ଗ ଗ୍ରାମରୁ କାଂସବାହାଲଠାରେ ଥିବା ଉଦ୍‌ଜୀବନ ଫାଇନାନ୍ସ କମ୍ପାନୀ ସନ୍ତୋଷ ରଜାକ ନାମକ ଜଣେ କର୍ମଚାରୀ ଋଣ ଟଙ୍କା ଆଦାୟ କରି ଫେରୁଥିଲେ। କଟଙ୍ଗ ଲାଖପଡାଠାରେ ଏକ ବାଇକରେ ତିନି ଜଣ ଯୁବକ ଆସି ସନ୍ତୋଷଙ୍କୁ ବନ୍ଧୁକ ଦେଖାଇ ୨୦ ହଜାର ଟଙ୍କା ଲୁଟି ନେଇଥିଲେ। ମଙ୍ଗଳବାର ରାତିରେ ରାଜଗାଙ୍ଗପୁର ଭଙ୍ଗାପଡାର ଗୋପାଳ ଶର୍ମାଙ୍କ ଘରୁ ତାଲା ଭାଙ୍ଗି ୧୦ ଲକ୍ଷ ଟଙ୍କା ସହିତ ବହୁ ପରିମାଣରେ ସୁନା ଗହଣା ଲୁଟ୍ ହୋଇଥିବା ମଧ୍ୟ ରାଜଗାଙ୍ଗପୁର ଥାନାରେ ଅଭିଯୋଗ ହୋଇଛି।

### ଦର୍ଲିପାଲିରେ ରଜକ ସେବାସଂଘର ଶୋକସଭା

**ଲେଫ୍ରିପଡା,୫।୧୨(ଡି.ଏନ.ଏ.)** ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ଦର୍ଲିପାଲିଠାରେ ରଜକ ସେବାସଂଘ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସଂଘର କେନ୍ଦ୍ରୀୟ ସଭାପତି କ୍ଷୀରୋଦ ଚନ୍ଦ୍ର ସେଠ୍‌ଙ୍କ ସଭାପତିତ୍ୱରେ କେନ୍ଦ୍ରୀୟ ସମ୍ପାଦକ ଜୟକୃଷ୍ଣ ସେଠ୍, ସମ୍ବଲପୁର ଜିଲା କମିଟି ସଭାପତି ଋପଧର ସେଠ୍, ସୁନ୍ଦରଗଡ ଜିଲା କମିଟି ସମ୍ପାଦକ କୂଳଦୀପ ସେଠ୍, ବରଗଡ ଜିଲା କମିଟି ସମ୍ପାଦକ ଉମେଶ କୁମାର ସେଠ୍, ଝାରସୁଗୁଡା ଜିଲା କମିଟିର ଉପସଭାପତି ପ୍ରଭାସିନୀ ସେଠ୍ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ରଜକ ସେବାସଂଘର ପ୍ରଥମ ସମ୍ପାଦକ ଭୂତପୂର୍ବ କେନ୍ଦ୍ରୀୟ ଉପସଭାପତି ତଥା ଉପଦେଷ୍ଟା ସ୍ୱର୍ଗତ ମିଳନ ସେଠ୍‌ଙ୍କ ସ୍ମରଣାର୍ଥେ ସ୍ମୃତିଚାରଣ କରାଯାଇଥିଲା। ସମାଜର ଅକ୍ରୁର ସେଠ୍ ଏବଂ ଗୋକୁଳ ଚନ୍ଦ୍ର ସାହୁଙ୍କ ସମେତ ସଭ୍ୟାସଭ୍ୟଙ୍କ ପକ୍ଷରୁ ମିଳନଙ୍କ ଅମରଆତ୍ମାର ସଦ୍‌ଗତି ଲାଗି କାମନା କରାଯାଇଥିଲା। ପରିଶେଷରେ ସଂଘର ସଭାପତି ଟିକନୁରାମ ସେଠ୍ ଧନ୍ୟବାଦ ପ୍ରଦାନ କରିଥିଲେ।





ସୁନ୍ଦରଗଡ କିରେଇସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରଠାରେ ଆୟୋଜିତ ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳନ ସମାରୋହରେ ଅତିଥିମାନେ(ବାମ)। ବଡଗାଁ କୃଷି ବିଭାଗ କାର୍ଯ୍ୟାଳୟରେ ଏଡିଓ ସେବାଷ୍ଟିନ କେର୍କେଟା ଚାଷୀ, ଜନପ୍ରତିନିଧିଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ ଉପରେ ବୁଝାଉଛନ୍ତି ।

■ ସୁନ୍ଦରଗଡ଼ ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ

# ମୃତ୍ତିକାକ୍ଷୟ ରୋକିବାକୁ ଆହ୍ୱାନ, ପରାମର୍ଶ

**ସୁନ୍ଦରଗଡ,୫।୧୨ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ କିରେଇସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରଠାରେ ଗୁରୁବାର ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ଏହି ସମାରୋହରେ ଜିଲା ପରିଷଦ ଅଧ୍ୟକ୍ଷା ଏମା ଏକ୍କା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆମର ଉତ୍ତରପିଢିକୁ ବଞ୍ଚିବାକୁ ହେଲେ ବର୍ତ୍ତମାନଠାରୁ ମୃତ୍ତିକା କ୍ଷୟକୁ ରୋକିବା ଦିଗରେ ଆମେ ସମସ୍ତେ ଉଦ୍ୟମ କରିବା ଆବଶ୍ୟକ ବୋଲି ସେ କହିଥିଲେ। ଭାରପ୍ରାପ୍ତ କୃଷି ଉପନିର୍ଦ୍ଦେଶକ ବିଜୟ କୁମାର ପ୍ରଧାନ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଜିଲା ମୃତ୍ତିକା ସଂରକ୍ଷଣ ଅଧିକାରୀ ପୀତବାସ ସାହୁ ମୃତ୍ତିକା କ୍ଷୟ ଜନିତ ଭୟାବହତା ସମ୍ବନ୍ଧରେ ଉପସ୍ଥିତ ଚାଷୀମାନଙ୍କୁ ଅବଗତ କରାଇ ପଦକ୍ଷେପ ନେବାକୁ ବୁଝାଇଥିଲେ। ସହକାରୀ ବନସଂରକ୍ଷକ ଟଙ୍କଧର ବେହେରା ଯୋଗଦେଇ ନିଆଁ ଦାଉରୁ ଜଙ୍ଗଲ ରକ୍ଷା କରିବା ପାଇଁ କହିଥିଲେ। ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ ସର୍ବେଶ୍ୱର ବାଗୁଆଇ ଜୈବିକ କୃଷି ପାଇଁ ଉଦ୍ୟାନ ବିଭାଗରୁ ଚାଷୀମାନଙ୍କ ପାଇଁ ରହିଥିବା ସୁବିଧା, ସୁଯୋଗ ଓ ରିହାତି ସଂପର୍କରେ ଆଲୋଚନା କରିଥିଲେ। ମତ୍ସ୍ୟ ବିଭାଗର ଗୌତମ ରଂଜନ ବୋଷ ମାଛଚାଷ ପୂର୍ବରୁ ପୋଖରୀର ମୃତ୍ତିକା ପରୀକ୍ଷା ପାଇଁ ପରାମର୍ଶ ଦେଇଥିଲେ। ସଦର ବ୍ଲକ ବିଡିଓ ଅନାମିକା ସିଂ ଯୋଗଦେଇ କମ୍ପୋଷ୍ଟ ଖତ ପ୍ରସ୍ତୁତି କରି ଚାଷୀମାନେ ଲାଭବାନ ହେବାକୁ ଆହ୍ୱାନ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡଃ ଲକ୍ଷ୍ମୀପ୍ରିୟା ପ୍ରଧାନ, କୃଷି ବୈଜ୍ଞାନିକ ଡଃ ସତ୍ୟମୟ ଶତପଥୀ, ଜେମସ୍ ଡେଭିଡ ବାଗେ, ଆରଆରଟିଟିଏସର କୃଷି ବୈଜ୍ଞାନିକ ଡଃ ସଂଜୀବ ବିଶ୍ୱାସୀ ପ୍ରମୁଖ ଏହି ସଭାରେ ଆଲୋଚନା ଓ ପରିଚାଳନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ରାଜେନ୍ଦ୍ର କୁମାର ବେହେରା ଯୋଗଦେଇ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଓ ଅଳ୍ପ ପାଣିରେ ଚାଷ ବିଷୟରେ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ସହକାରୀ କୃଷି ଅଧିକାରୀ ପ୍ରହ୍ଲାଦ ସେନାପତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଷ୍ଟଲ ଖୋଲାଯାଇ ଚାଷୀମାନଙ୍କୁ କୃଷି ସମ୍ବନ୍ଧୀୟ ସୂଚନା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବଡଗାଁ, ସବ୍‌ଡେଗା, ସୁନ୍ଦରଗଡ, ଲେଫ୍ରିପଡା, ଟାଙ୍ଗରପାଲି ବ୍ଲକର ୧୫୦ଜଣରୁ ଅଧିକ ଚାଷୀ ଅଂଶ ଗ୍ରହଣ କରିଥିଲେ। ସାମାଜିକ ଅନୁଷ୍ଠାନ ପ୍ରଗତି ମାଧ୍ୟମରେ ଇକ୍ରିସାଟ୍ ଭୂଚେତନା ସଂସ୍ଥା ଦ୍ୱାରା ମୃତ୍ତିକା ପରୀକ୍ଷା କରାଯାଇଥିବା ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଚାଷୀମାନଙ୍କୁ ପ୍ରଦାନ କରାଯାଇଥିଲା। ମୃତ୍ତିକା ରସାୟନବିତ୍ ଦ୍ୱିଜବର ସେଠୀ, ନାରାୟଣ ଚାନ୍ଦ ଓ ଉଦିତ କୁମାର ନାଏକଙ୍କ ସମେତ ସଦର ବ୍ଲକର ସମସ୍ତ ଗ୍ରାମ୍ୟ କୃଷି କର୍ମଚାରୀ, ବିଟିଏମ୍, ଏଟିଏମ୍ ଓ କୃଷକ ସାଥୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟପକ୍ଷେ ଜିଲାର ସମସ୍ତ ବ୍ଲକରେ ମଧ୍ୟ ବିଶ୍ୱ ମୃତ୍ତିକା ଦିବସ ପାଳନ କରାଯାଇ ୨୩୦୦ କୃଷକଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଛି।

**ବଡଗାଁ,(ଡି.ଏନ.ଏ):** ବଡଗାଁ କୃଷି ବିଭାଗ କାର୍ଯ୍ୟାଳୟରେ ମଧ୍ୟ ଗୁରୁବାର ବିଶ୍ୱ ମୃତ୍ତିକା ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ମିଞ୍ଜ, ରାଜଗାଙ୍ଗପୁର ଏଡିଓ ସେବାଷ୍ଟିନ କେର୍କେଟା, ଏଏଓ ସୋନିଆ ଟପ୍ପୋ, ରିତୁରାଣୀ କାଲୋ ଯୋଗ ଦେଇଥିଲେ। ଏଡିଓ କେର୍କେଟା ମୃତ୍ତିକାର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ନମୁନା, ମାଟି ସଂଗ୍ରହ ପ୍ରଣାଳୀ ଉପରେ ବୁଝାଇଥିଲା ବେଳେ ସହକାରୀ କୃଷି ଅଧିକାରୀ ଏଏଓ ଟପ୍ପୋ ମୃତ୍ତିକା ପରୀକ୍ଷାର ଉପକାରିତା ଏବଂ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଉପରେ ଉପସ୍ଥିତ ଜନପ୍ରତିନିଧି ଓ ଚାଷୀମାନଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ସମିତି ସଭ୍ୟାସଭ୍ୟ, ସରପଞ୍ଚ, ବିଟିଏମ, ଭିଏଡବ୍ଲ୍ୟୁ, ଏଟିଏମ ଏବଂ ବଡଗାଁ କୃଷି ବିଭାଗର କର୍ମଚାରୀ ଯୋଗ ଦେଇଥିଲେ।

## ୧୨ ସିଟି ବସ୍‌କୁ ରୁଟ୍ ପରମିଟ୍ ଦେବାକୁ ନିର୍ଦ୍ଦେଶ

**ସମ୍ବଲପୁର,୫।୧୨(ବ୍ୟୁରୋ)**

ସମ୍ବଲପୁର ଜିଲାରେ ୨ ବର୍ଷ ହେଲା କିଣା ହୋଇ ପଡିଥିବା ୧୨ଟି ସିଟି ବସ୍ ଚଳାଚଳ କରିବ। ଏ ନେଇ ଆଶା ସଞ୍ଚାର ହୋଇଛି। ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡା ଆରଟିଓଙ୍କୁ ରୁଟ୍ ପରମିଟ୍ ଚାର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଯଥା ସମ୍ଭବ ସପ୍ତାହକ ଭିତରେ ଏହା ଦାଖଲ କରିବାକୁ କୁହା ଯାଇଛି। ଯଦି ରୁଟ୍ ଚାର୍ଟ ମିଳିଯିବ ତେବେ ବସ୍ ଚଳାଚଳ ନୂଆଁ ବର୍ଷରୁ ହୋଇପାରେ। ଏବେ ସମ୍ବଲପୁର ଜିଲାରୁ ୩୨ଟି ସିଟି ବସ୍ ସହର ଓ ବିଭିନ୍ନ ଜିଲାକୁ ଚଳାଚଳ କରୁଛି। ଅଧିକ ଆବଶ୍ୟକତା ଥିବା ନେଇ ୨୦୧୭ ଜୁଲାଇରେ ଆଉ ୧୨ଟି ବସ୍ କିଣା ହୋଇଥିଲା। ହେଲେ ଘରୋଇ ବସ୍ ମାଲିକ ସଂଘ ବିରୋଧ କରିବା ସହ ଆଉ କିଛି ସମସ୍ୟା ଯୋଗୁ ଆଜି ପର୍ଯ୍ୟନ୍ତ ପଡି ରହିଛି। ଏ ନେଇ ବାରମ୍ବାର ପ୍ରଶାସନ ପକ୍ଷରୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଏବେ ଅତିରିକ୍ତ ଜିଲାପାଳ ପଣ୍ଡା ନେଇଥିବା ପଦକ୍ଷେପ କେତେ ସଫଳ ହେଉଛି ତାହାକୁ ଅପେକ୍ଷା ରହିଛି।

## ବଡ଼ଗାଁ ବସ୍ତିରେ ୨ ହାତୀଙ୍କ ଉପଦ୍ରବ

**ବଡଗାଁ, ୫।୧୨ (ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ବଡଗାଁରେ ବୁଧବାର ରାତି ୧୨ଟାରେ ୨ଟି ହାତୀ ପଶି ଉପଦ୍ରବ କରିଛନ୍ତି। ଖଡିଆ ସା, ସନ୍ତୋଷ ସାଙ୍କ ପାଚେରି ଭାଙ୍ଗିଦେବା ସହ ବ୍ରହ୍ମାନନ୍ଦ ପାଣିଗ୍ରାହୀଙ୍କ ଧାନଗଦାକୁ ନଷ୍ଟ କରିଛନ୍ତି। ରାଜସ୍ୱ ବିଭାଗ କାର୍ଯ୍ୟାଳୟରେ ମଧ୍ୟ ପାଚେରି ଭାଙ୍ଗି ଗିରିପଡାପଟକୁ ମୁହାଁଇଥିଲେ। ସେଠାରେ ମହେନ୍ଦ୍ର ପୁରୋହିତଙ୍କ ପାଚେରି ଭାଙ୍ଗି ରାସ୍ତାକୁ ଆସିଲା ପରେ ଅଶୋକ ପଣ୍ଡାଙ୍କ ଗେଟ୍‌କୁ ଧକ୍କା ଦେଇ ଭିତରକୁ ପଶିଥିଲେ। ପରେ ସୀତାଂଶୁ ପଣ୍ଡାଙ୍କ ପାଚେରି ଭାଙ୍ଗିଥିଲେ। ସୂଚନାଯୋଗ୍ୟ, ବର୍ତ୍ତମାନ ବଡଗାଁ ଫରେଷ୍ଟ ରେଞ୍ଜ ଅଞ୍ଚଳରେ ୩୦ଟି ହାତୀ ଅବସ୍ଥାନ କରୁଛନ୍ତି। ମହାବୀର ପର୍ବତରେ ୩, ନୂଆରମାଲ ଜଙ୍ଗଲରେ ୨, ସିଆଲଯୋର ଜଙ୍ଗଲରେ ୨୪ଟି ହାତୀ ଥିଲାବେଳେ ଶୁଣ୍ଢ କଟିଥିବା ଗୋଟିଏ ହାତୀ ଏକାକୀ ବୁଲୁଛି।



ଜଣେ ବ୍ୟକ୍ତିଙ୍କ ଘରର ପାଚେରିକୁ ହାତୀ ଭାଙ୍ଗି ଦେଇଛନ୍ତି।

## ଚାଷୀଙ୍କୁ ଋଣ ଟଙ୍କା ଦେଉନି ବ୍ୟାଙ୍କ

**କୋଲାବିରା,୫।୧୨(ଡି.ଏନ.ଏ.)**

ଏଡିଏମ୍‌ଙ୍କ ନିକଟରେ ଚାଷୀଙ୍କ ଅଭିଯୋଗ

ଝାରସୁଗୁଡା ଜିଲା କୋଲାବିରା ଅଞ୍ଚଳର ପ୍ରାୟ ୫ଶହ ଚାଷୀ ସଭ୍ୟ ଏକ ବ୍ୟାଙ୍କରୁ ଚାଷ ପାଇଁ କେସିସି ଋଣ କରି ଆସୁଛନ୍ତି। ଚଳିତ ବର୍ଷ ମଧ୍ୟ ଚାଷୀଙ୍କ ଋଣ ନବୀକରଣ କରାଯାଇଛି। ଧାନ ଚାଷର ବୀମା ମଧ୍ୟ ସମ୍ପୃକ୍ତ ବ୍ୟାଙ୍କ ପକ୍ଷରୁ କରାଯାଇଛି। ଚାଷୀମାନେ ଚଳିତ ବର୍ଷର ଋଣ ଟଙ୍କା ମଧ୍ୟ ପରିଶୋଧ କରିଛନ୍ତି। ବ୍ୟାଙ୍କ ପକ୍ଷରୁ ଚାଷୀଙ୍କ ଋଣକୁ ପୁନର୍ବାର ପାସ୍ ମଧ୍ୟ କରାଯାଇଛି। ଖରିଫ ଧାନ ଚାଷ ଶେଷ ହୋଇ ଏବେ ଧାନ ବିକ୍ରି ଆରମ୍ଭ ହୋଇ ସାରିଲାଣି। ହେଲେ ଋଣ ପାସ୍ ହେବାର ୪ମାସ ବିତିଯାଇଥିଲେ ମଧ୍ୟ ଚାଷୀଙ୍କୁ ଏ ଯାଏଁ ଟଙ୍କା ମିଳିନି। ତେବେ ବ୍ୟାଙ୍କଗୁଡିକ ଚାଷର ଉନ୍ନତି ପାଇଁ ଋଣ ଦେବାକୁ ଅନୁବନ୍ଧିତ ହେଉଛନ୍ତି। ହେଲେ ଉକ୍ତ ବ୍ୟାଙ୍କ ହଇରାଣ କରୁଥିବା ଚାଷୀ ଅଭିଯୋଗ କରଛନ୍ତି। ଏପରି ଅଭିଯୋଗ ଆଣିଛନ୍ତି କୋଲାବିରା ବ୍ଲକ ଅନ୍ତର୍ଗତ ଝିଲ୍ଲାପାଲି ଏବଂ ପୋଖରାସାହ୍ଲେ ପଞ୍ଚାୟତର ଚାଷୀ। ଉକ୍ତ ପଞ୍ଚାୟତ ଦ୍ୱୟର ୩୦ରୁ ଅଧିକ ଚାଷୀ ବ୍ୟାଙ୍କକୁ ଯାଇ ଶାଖା ପରିଚାଳକଙ୍କ ସହ ଆଲୋଚନା କରିଥିଲେ। ମାତ୍ର ବ୍ୟାଙ୍କ କର୍ତ୍ତୃପକ୍ଷ ଚାଷୀଙ୍କ ଦାବି ପୂରଣ କରିବା ପରିବର୍ତ୍ତେ ଅପମାନିତ କରି ଫେରାଇ ଦେଉଛନ୍ତି। ଏଣୁ ଉକ୍ତ ବ୍ୟାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସୌଭଗ୍ୟ ପଟେଲ, ଯୋଗିନ୍ଦ୍ର ବୁଢୁଲା, ମନୋଜ ଜୟପୁରିଆ, ପରିକ୍ଷିତ ବାଗ, ଏମ୍. ଠାକୁର, ସୁଶୀଲ ପଟେଲ, ଚୈତନ ନାଏକ, ପିତାମ୍ବର ପଧାନ, ଗୋପାଲ କିଷାନ, ବିନୋଦ ପାଣ୍ଡେ, ସୁରେଶ ସାହୁ ପ୍ରମୁଖ ଚାଷୀମାନେ ଏଡିଏମ୍ ପ୍ରଦୀପ ସାହୁଙ୍କ ନିକଟରେ ଅଭିଯୋଗ କରିଛନ୍ତି।

## ମେଗା ଲିଫ୍ଟ ପଏଣ୍ଟରୁ ଚୋରି ଅଭିଯୋଗରେ ୭ ଗିରଫ

**କୋଲାବିରା,୫।୧୨(ଡି.ଏନ.ଏ.)**

ଝାରସୁଗୁଡା ଜିଲା କୋଲାବିରା ଥାନା ଅଧୀନ ପରମାଣପୁର ନିକଟରେ ପ୍ରବାହିତ ତେଲେନ ନଦୀ କୂଳରେ ସ୍ଥାପିତ ମେଗା ଲିଫ୍ଟ ପଏଣ୍ଟରୁ ଗତ ୧ ତାରିଖ ବହୁମୂଲ୍ୟ ଯନ୍ତ୍ରାଂଶ ଚୋରି ହୋଇଛି। ୨ ତାରିଖ ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ୭ଜଣଙ୍କୁ ଗିରଫ କରିଛି। ଏମାନେ ହେଲେ ସମ୍ବଲପୁର ଜିଲା ଠେଲକୁଲି ଥାନା ଅନ୍ତର୍ଗତ ଘିଚାମୁରା ଗ୍ରାମର ଆକାଶ ପରୁଆ (୨୨), ରାଜେନ୍ଦ୍ର ଓରାମ (୨୦), ତୁଲୁ କିଷାନ(୨୫), ଅଜୟ ପଧାନ(୨୪), ରଞ୍ଜନ କିଷାନ (୨୫), ଗୋବିନ୍ଦ କିସାନ (୪୨) ଏବଂ ଭାବଗ୍ରାହୀ ପଟେଲ(୪୦)। କୋଲାବିରା ଥାନାଧିକାରୀ ସୁକୁମାର ତ୍ରିପାଠୀ କହିଛନ୍ତି ଯେ, ଏମାନଙ୍କ ବିରୋଧରେ କୋଲାବିରା ଥାନାରେ ଦଫା ୪୫୭/୩୮୦/୩୪ରେ ଏକମାମଲା (ନଂ.୧୫୬/୧୯) ରୁଜୁହୋଇଛି।

## ୮ ପଞ୍ଚାୟତରୁ ୨୦୭ ଜଣଙ୍କ ନାଁ ପଞ୍ଜୀକୃତ

**କିର୍ମିରା,୫।୧୨ (ଡି.ଏନ.ଏ.)**

■ କିର୍ମିରା ବ୍ଲକରେ ନିଯୁକ୍ତି ଶିବିର
■ ୫ ତାଲିମ ପ୍ରଦାନକାରୀ ସଂସ୍ଥା ଯୋଗଦେଲେ

କିର୍ମିରା ବ୍ଲକରେ ନିଯୁକ୍ତିଭିତ୍ତିକ ଏକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ପିଡି ତପିରାମ ମାଝି ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବ୍ଲକର ୮ଟି ପଞ୍ଚାୟତରୁ ୨୦୭ଜଣ ବେକାରି ଯୁବତୀ ଯୁବକ ଯୋଗଦେଇ ନିଜ ନାମ ପଞ୍ଜୀକରଣ କରିଥିଲେ। ଏହି ଶିବିରରେ ୫ଟି ତାଲିମ ପ୍ରଦାନକାରୀ ସଂସ୍ଥା ପ୍ରାର୍ଥୀମାନଙ୍କୁ ବିଭିନ୍ନ ଧନ୍ଦାମୂଳକ ଆତ୍ମନିଯୁକ୍ତି ବିଷୟରେ ପରାମର୍ଶ ଦେଇ ଆବେଦନପତ୍ର ଗ୍ରହଣ କରିଥିଲେ । ବ୍ଲକ ଅଧ୍ୟକ୍ଷ ତେଜିରାଜି ସାହୁ, ଡିଏସ୍‌ଏମ୍‌ଏସ୍ ଭାଗ୍ୟଲକ୍ଷ୍ମୀ ରାଉତ, ଜିଲା କୋ ଅର୍ଡିନେଟର୍ ଯଶବନ୍ତୀ ନାଏକ, ସିଡିପିଓ ଯଶୋବନ୍ତି ପୁରୋହିତ, ଜିପିଓ ଭୂପାଳ ଚନ୍ଦ୍ର ଜୟପୁରିଆ, ପିଏ ରାଜେଶ ରୋଶନ ଗୁଡିଆ ଯୋଗ ଦେଇଥିଲେ। ବିଏସି ଆଶୁତୋଷ ଦାସ, ଦୀପକ କୁମାର ମାଝିପ୍ରମୁଖ ସହଯୋଗ କରିଥିଲେ ।




ଝାରସୁଗୁଡ଼ା ଜିଲା କିର୍ମିରାରେ ଗୁରୁବାର ଅତିଥିମାନେ ନିଯୁକ୍ତି ଶିବିର କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି।

## ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ

**କିର୍ମିରା, ୫।୧୨ (ଡି.ଏନ.ଏ)**

ଝାରସୁଗୁଡା ଜିଲା କିର୍ମିରା ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଛି। ଏଥିରେ ତହସିଲଦାର ମୁକଟମଣି ଖେସ ମୁଖ୍ୟଅତିଥି, ଜିଲା ପରିଷଦ ସ୍ୱପ୍ନାମୟୀ ପଟେଲ, ସରପଞ୍ଚ ରୀନା ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ମୃତ୍ତିକା ସଂରକ୍ଷଣ ଅଧିକାରୀ ଶଶିଭୂଷଣ ଛଛାଣ ଓ ସହକାରୀ ଉଦ୍ୟାନ ଅଧିକାରୀ ମୌସୁମୀ ସରପଟିଆ ଯୋଗଦେଇ ଚାଷୀମାନଙ୍କୁ ମୃତ୍ତିକାର ସ୍ୱାସ୍ଥ୍ୟ ସୁରକ୍ଷା, ମୃତ୍ତିକା ପରୀକ୍ଷା ଉପରେ ସଚେତନ କରାଇଥିଲେ। ଆତ୍ମା ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ବାରିକ, ସୁରେଶ ପଟେଲ, ଛତ୍ରେଶ୍ୱରୀ ଛତ୍ରିଆ, ତପସ୍ୱିନୀ ନାଏକ, ସୁରଭି ପଟେଲ ଯୋଗ ଦେଇଥିବା ବେଳେ ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଥିଲା। କୃଷି ଅଧିକାରୀ ଦୀପ୍ତିମୟୀ ମଲ୍ଲିକ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ସୁନୀଲ କୁମାର ନାଏକ ସହଯୋଗ କରିଥିଲେ।



ଝାରସୁଗୁଡା ଜିଲା କିର୍ମିରା ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ ଗୁରୁବାର ବିଶ୍ୱ ମୃତ୍ତିକା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ଓ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଚାଷୀ।

# ଜିଲା ପ୍ରଶାସନକୁ ଭେଟି ଆପତ୍ତି, ଅଭିଯୋଗ ଜଣାଇଲେ ଅଟୋ ଚାଳକ

**ସୁନ୍ଦରଗଡ,୫।୧୨(ଡି.ଏନ୍.ଏ.)**

ସୁନ୍ଦରଗଡ ସହରରେ ଚଳାଚଳ କରୁଥିବା ଅଟୋ ଚାଳକଙ୍କ ବିଭିନ୍ନ ସମସ୍ୟା ରହିଛି। ସେ ସବୁ ସମାଧାନ ଦାବିରେ ଗୁରୁବାର କଳିଙ୍ଗ ଅଟୋ ଚାଳକ ସଂଘ କର୍ମକର୍ତ୍ତା ଜିଲା ପ୍ରଶାସନକୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛି। ୨୦୧୭-୧୮ରେ ଲୁହୁରାଡିପାକୁ ନୂତନ ବସ୍ ଷ୍ଟାଣ୍ଡ ସ୍ଥାନାନ୍ତର ହେବା ପରେ ଏହି ଅଟୋ ସଂଗଠନକୁ ଏକ ଜାଗା ଓ ଗୃହ ସେଠାରେ ଯୋଗାଇ ଦେବା ପାଇଁ ଜିଲା ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲା। ଏଣୁ ତୁରନ୍ତ ଜାଗା ଓ ଗୃହ ଯୋଗାଇ ଦେବା ସହ ପ୍ରତ୍ୟେକ ଅଟୋ ଓ ଚାଳକଙ୍କୁ ପୌରପାଳିକା ଦ୍ୱାରା ପଞ୍ଜୀକୃତ କରାଯାଇ ଏକ ଟୋକନ ନମ୍ବର ପ୍ରଦାନ କରାଯିବା, ନୂଆ ବସ୍ ଷ୍ଟାଣ୍ଡଠାରେ ପୋଲିସ ଫାଣ୍ଡି ପ୍ରତିଷ୍ଠା, ଶଙ୍କରା ରାସ୍ତାର ପ୍ରଶସ୍ତୀକରଣ, ସହରତଳି ଅଞ୍ଚଳରେ ବସବାସ କରୁଥିବା ଅଟୋ ଚାଳକଙ୍କ ବାସଗୃହକୁ ପାଇପ୍ ଯୋଗେ ଜଳ ଯୋଗାଣର ବ୍ୟବସ୍ଥା କରାଯିବାକୁ ଏହି ଦାବିପତ୍ରରେ ଦର୍ଶାଯାଇଛି। ଅଟୋ ଚାଳକ ସଂଘର ସଭାପତି ଡଃ ହିମାଂଶୁ ଶେଖର ଷଡଙ୍ଗୀ ଓ ସଂପାଦକ ସୁମିତ ପ୍ରସାଦଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା ଓ ପୌର ନିର୍ବାହୀ ଅଧିକାରୀ ଅଶୋକ ମିଶ୍ରଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ।




ସୁନ୍ଦରଗଡ କଳିଙ୍ଗ ଅଟୋ ଚାଳକ ସଂଘ କର୍ମକର୍ତ୍ତା ବିଭିନ୍ନ ଦାବି ନେଇ ପୌର ନିର୍ବାହୀ ଅଧିକାରୀଙ୍କୁ ସ୍ମାରକ ପତ୍ର ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ମହିଳା ଫରେଷ୍ଟ ଗାର୍ଡଙ୍କୁ ମାଡ ଘଟଣା: ୬ କୋର୍ଟ ଚାଲାଣ

ବାମରା,୫।୧୨(ଡି.ଏନ.ଏ.)

ସମ୍ବଲପୁର ଜିଲା ବାମରା ବ୍ଲକ ପିଣ୍ଡାପଥର ପଞ୍ଚାୟତ ମହୁଲମୁଣ୍ଡା ଗ୍ରାମରେ ଗତ ରବିବାର ହାତୀ ଆକ୍ରମଣରେ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଥିବା ବେଳେ ଉତ୍ତ୍ୟକ୍ତ ଲୋକେ ସେଠାରେ କାର୍ଯ୍ୟରତ ମହିଳା ଫରେଷ୍ଟ ଗାର୍ଡଙ୍କୁ ମାଡ଼ ମରାଯାଇଥିଲା । ଏହାକୁ ନେଇ ବୁଧବାର ଗୋବିନ୍ଦପୁର ଥାନାରେ ଫରେଷ୍ଟ ଗାର୍ଡ ତପସ୍ୱିନୀ ରାଉତଙ୍କ ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁ କରିଥିଲା । ତଦନ୍ତ ପରେ ପୋଲିସ ଉକ୍ତ ଘଟଣାରେ ସମ୍ପୃକ୍ତ ୫ଜଣ ମହିଳା ଓ ଜଣେ ପୁରୁଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ସେମାନେ ହେଲେ ମହୁଲମୁଣ୍ଡା ଗ୍ରାମର ଉରବାନୁସ ଏକ୍କା (୩୨), ଅନନ୍ଦିନୀ ବାର୍ଲା (୪୦), ଫୁଲମଣି କାଣ୍ଡୁଲନା (୫୫), ବିଲସି ବୁଡ (୬୫), ପାର୍ବତୀ କର୍ତ୍ତା (୪୫) ଓ ସଗରାର ହାବିଲ ଏକ୍କା (୬୭) । ଏ ନେଇ ଗୋବିନ୍ଦପୁର ଥାନାରେ ଦଫା ୩୪୧, ୩୫୩, ୩୫୪, ୩୫୫, ୩୩୨, ୫୦୬ ଓ ୩୪ ଆଇପିସିରେ ଏକ ମାମଲା (ନଂ. ୧୫୬/୧୯) ରୁଜୁ କରି ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି।

### ନାଳରେ ଭାସି ଯୁବକ ମୃତ ଘଟଣା

### ଓଡ଼ିଶାର ରିଲିଫ୍ କୋଡ୍‌ରୁ ମିଳିଲା ୪ ଲକ୍ଷ ସହାୟତା

କର୍ଲାମୁଣ୍ଡା, ୫।୧୨ (ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଗତ ଅଗଷ୍ଟ ମାସରେ ପ୍ରବଳ ବର୍ଷା ହୋଇଥିଲା ଏଥିରେ ରାଜପୁର ପଞ୍ଚାୟତ ସିଆପଲପଲା ଗ୍ରାମର ଜିତୁ ରଣା ନାମକ ୨୧ ବର୍ଷିୟା ଯୁବକ ସାଙ୍ଗମାନଙ୍କ ସହ ଗାଈ ଚରାଇବାକୁ ଯାଇ ଗାଁ ନିକଟସ୍ଥ ସରବରା ଯୋରରେ ଭାସିଯାଇ ମୃତ୍ୟୁ ବରଣ କରିଥିଲେ। ଗୁରୁବାର ଓଡିଶାର ରିଲିଫ୍ କୋଡ ପକ୍ଷରୁ ସ୍ୱର୍ଗତ ଜିତୁଙ୍କ ପିତା ଲକ୍ଷ୍ମୀଧର ରଣାଙ୍କୁ ୪ ଲକ୍ଷ ଟଙ୍କାର ଆକାଉଣ୍ଟ ଟ୍ରାନ୍ସଫର ଚିଠି ପ୍ରଦାନ କରାଯାଇଥିଲା।

■ ବାବୁନିକ୍ତିମାଲ ପଞ୍ଚାୟତ

# ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ, ମାରପିଟ

ବାମରା,୫।୧୨(ଡି.ଏନ.ଏ.)

ବାମରା ବ୍ଲକ ବାବୁନିକ୍ତିମାଲ ପଞ୍ଚାୟତ ଅଫିସ ଭିତରେ ଗୁରୁବାର ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ପରେ ମାରପିଟ ହୋଇଛି । ଏଥିରେ ଜଣେ ଆହତ ହୋଇ ଚିକିତ୍ସାଧୀନ ଥିବାବେଳେ ଏ ନେଇ ମହୁଲପାଲି ପୋଲିସ ଅଭିଯୋଗ ପାଇ ୩ଟି ପୃଥକ୍ ମାମଲା ରୁଜୁ କରି ତଦନ୍ତ କରୁଛି। ଘଟଣା ଅନୁସାରେ, ବାବୁନିକ୍ତିମାଲ ପଞ୍ଚାୟତରେ ସଭା କରାଯିବ ବୋଲି ନାଏବ ସରପଞ୍ଚ ମଞ୍ଜୁଲତା ପଟେଲଙ୍କ ଦ୍ୱାରା ଗୁରୁବାର ସକାଳେ ପଞ୍ଚାୟତ ସାରା ମାଇକରେ ପ୍ରଚାର କରାଯାଇଥିଲା। ପରେ ପଞ୍ଚାୟତର ଥିବା ପ୍ରାୟ ସବୁ ଗାଁରୁ ଶତାଧିକ ମହିଳା, ପୁରୁଷ ଅପରାହ୍ନ ୧ଟାରେ ପଞ୍ଚାୟତ ଅଫିସରେ ଜମା ହୋଇଥିଲେ। ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁସାରେ ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ନାଏବ ସରପଞ୍ଚ ମଞ୍ଜୁଲତା ପଟେଲଙ୍କ ସଭାପତିତ୍ୱରେ ଏକ ସଭା କରାଯିବ ବୋଲି ସଜବାଜ ହୋଇ ମହିଳାପୁରୁଷ ପଞ୍ଚାୟତ ଅଫିସ ସାମନାରେ ରୁଣ୍ଡ ହୋଇଥିଲେ। ଭିଡ ମଧ୍ୟରୁ କେହି ଜଣେ ଆମକୁ ମିଥ୍ୟା ପ୍ରଚାର କରି ବାହାନାରେ ଏଠାକୁ ଡକାଇ ହଇରାଣ କରୁଛି ବୋଲି ପାଟି କରି କହିଥିଲେ। ଏହା ଶୁଣି ଗ୍ରାମବାସୀଙ୍କ ମଧ୍ୟରେ କେତେ ଜଣ ଉତ୍ତ୍ୟକ୍ତ ହୋଇ ଗାଳିଗୁଲଜ ଓ ପାଟିତୁଣ୍ଡ ଆରମ୍ଭ କରି ଦେଇଥିଲେ। ପରେ ନାଏବ ସରପଞ୍ଚ ଓ ସରପଞ୍ଚଙ୍କ ସମର୍ଥକ ଥିବା ୨ ଗୋଷ୍ଠି ମଧ୍ୟରେ ଠେଲାପେଲା ଓ ମାରପିଟ ହୋଇଥିଲା। ଏଥିରେ ସରପଞ୍ଚଙ୍କ ସମର୍ଥକ କୁହାଯାଉଥିବା ୱାର୍ଡମେମ୍ବର ଜିତେନ୍ଦ୍ର ନାଏକ ଆହତ ହେବା ପରେ ପ୍ରଥମେ ବାବୁନିକ୍ତିମାଲ ଓ ପରେ କୁଚିଣ୍ଡା ଡାକ୍ତରଖାନାକୁ ପଠାଯାଇଥିଲା। ମହୁଲପାଲି ପୋଲିସ ଖବର ପାଇ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ମହୁଲପାଲି ଥାନା ସବଇନ୍ସପେକ୍ଟର ଦିଲୀପ କୁମାର ବେହେରା, ଏଏସଆଇ ପି. ଖାଲକୋ ଓ ଏଡି ପ୍ରଧାନଙ୍କ ସମେତ ପୋଲିସ ଷ୍ଟାଫ ବୁଝାଶୁଝା କରିବା ପରେ ଘଟଣା ଶାନ୍ତ ପଡିଥିଲା। ମହୁଲପାଲି ଥାନାଧିକାରୀ ଜ୍ୟୋସ୍ନାରାଣୀ ବେହେରା ଛୁଟିରେ ଥିବା ତାଙ୍କ ବଦଳରେ ଦାୟୀତ୍ୱରେ ଥିବା ଗୋବିନ୍ଦପୁର ଥାନା ଅଧିକାରୀ ପିକେ ରଣା ମହୁଲପାଲି ଥାନା ପହଞ୍ଚି ଘଟଣାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଦାୟିତ୍ୱ ନେଇଥିଲେ। ଏ ନେଇ ଉଭୟ ଗୋଷ୍ଠୀ ପକ୍ଷରୁ ମୋଟ ୩ଟି ଏତଲା ଦିଆଯାଇଥିଲା। ରାତ୍ରି ୮ଟାରେ ବାବୁନିକ୍ତିମାଲ ସରପଞ୍ଚ ଗିରିଶ ଚନ୍ଦ୍ର ସା, ନାଏବ ସରପଞ୍ଚ ମଞ୍ଜୁଲତା ପଟେଲ ଓ ଫୁଲ କୁମାରୀ ଟପ୍ପୋଙ୍କ ଦ୍ୱାରା ମାମଲା ରୁଜୁ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ୨ବର୍ଷ ହେଲା ବାବୁନିକ୍ତିମାଲ ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାମକୁ ନେଇ ସରପଞ୍ଚ ଓ ନାଏବ ସରପଞ୍ଚଙ୍କ ମଧ୍ୟରେ ଟଣାଓଟରା ଲାଗିଥିବା ବେଳେ ପୂର୍ବରୁ ମଧ୍ୟ ଏପରି ଗଣ୍ଡଗୋଳ ହୋଇଛି। ପଞ୍ଚାୟତ କାର୍ଯ୍ୟରେ ସରପଞ୍ଚ ଗିରିଶ ଚନ୍ଦ୍ର ସା ଓ ଇଓ ଦୁର୍ନୀତି କରୁଥିବା ନେଇ ୫ ଡିସେମ୍ବର ଦିନ କାର୍ଯ୍ୟାଳୟରେ ତାଲା ପକାଇବାକୁ ସ୍ଥାନୀୟ ପ୍ରଶାସନକୁ ଲିଖିତ ଭାବେ ଜଣାଇଥିଲେ। ମାତ୍ର ପ୍ରଶାସନ ପକ୍ଷରୁ କୌଣସି ପ୍ରକାର ପଦକ୍ଷେପ ନିଆ ନ ଯିବାରୁ ଏହିଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ବିଷୟରେ ଗ୍ରାମବାସୀ ଅଭିଯୋଗ କରିଛନ୍ତି।



ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରୁଛି।

**ମହୁଲପାଲି ଥାନାରେ ମାମଲା ରୁଜୁ**

## ବାମରାରେ ବିଶ୍ୱ ମୃତ୍ତିକା ଦିବସ ପାଳିତ

ବାମରା,୫।୧୨(ଡି.ଏନ.ଏ.)

ବାମରା ବ୍ଲକ କୃଷି ପରାମର୍ଶ କେନ୍ଦ୍ରଠାରେ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ବ୍ଲକ ସହକାରୀ କୃଷି ଅଧିକାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ସଦାନନ୍ଦ କୁଜୁର ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଚାଷୀ ନେତା ଯୋଗବିହାରୀ ପରିଡା ଯୋଗଦେଇ ମାଟି ମାଁ ତୁଲ୍ୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଏଫିସିଏ ଅମିୟ ପଟେଲ, ସମିତି ସଭ୍ୟ ପଦ୍ମଚରଣ ଗୁରୁ ଓ ଗୋବିନ୍ଦପୁର ସରପଞ୍ଚ ମିନାକ୍ଷୀ ମାଝି ପ୍ରମୁଖ ଯୋଗଦେଇ ମୃତ୍ତିକା ସଂରକ୍ଷଣ, ରକ୍ଷଣାବେକ୍ଷଣ, ମାଟିରେ ଜୈବିକ ସାର ପ୍ରୟୋଗର ଉପକାରିତା ସହ ମୃତ୍ତିକା ସମ୍ବନ୍ଧୀୟ ମତାମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସହକାରୀ ଉଦ୍ୟାନ ଅଧିକାରୀ ଭିକ୍ଟୋରିଆ ପ୍ରଧାନ, ରଙ୍ଗିଆଟିକ୍ରା ସରପଞ୍ଚ ଚମ୍ପବତୀ ମିଞ୍ଜ, ଅଭିମନ୍ୟୁ ସାହୁ, କିରଣ ନାୟକ, ସନାତନ ପଟେଲ ଓ ସୀମାନ ସମାଦଙ୍କ ସହ ଜନପ୍ରତିନିଧିମାନେ ଯୋଗଦେଇଥିଲେ। ଏହି ଅବସରରେ ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଥିଲା। ବ୍ଲକ ବୈଷୟିକ ପ୍ରବନ୍ଧକ କୃଷ୍ଣଚନ୍ଦ୍ର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜୁନାଗଡ଼ରେ ବ୍ଲକସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ

ଜୁନାଗଡ, ୫।୧୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ଆରଏମ୍‌ସି ପରିସରରେ ଗୁରୁବାର ବ୍ଲକସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ଆତ୍ମାର ଆବାହକ ତଥା ଚାରବାହାଲ ସହକାରୀ କୃଷି ଅଧିକାରୀ ଗଜାନନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆତ୍ମାର ଅଧ୍ୟକ୍ଷ ତଥା ପ୍ରକୃତିବନ୍ଧୁ ଅଶୋକ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଜୁନାଗଡ ବ୍ଲକ ଉପାଧ୍ୟକ୍ଷ ଟଙ୍କଧର ନାଏକ, ସମ୍ମାନିତ ଅତିଥି ନକଟିଗୁଡା ସରପଞ୍ଚ ବିକାଶ ରଞ୍ଜନ ସରାଫ, ପ୍ରକୃତିବନ୍ଧୁ ଗୋପୀନାଥ ଶବର, ଚାଷୀ ନେତା ଯୁଗୋଲ ବାଗ ପ୍ରମୁଖ ଯୋଗଦେଇ ମୃତ୍ତିକା ସଂରକ୍ଷଣ ଉପରେ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ସହକାରୀ କୃଷି ଅଧିକାରୀ ଗଜାନନ ସାହୁ ସଭାପରିଚାଳନା କରିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ଆତ୍ମା କଳାହାଣ୍ଡି ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ପଞ୍ଚାୟତର ଚାଷୀ, ଗ୍ରାମ୍ୟ କୃଷିକର୍ମଚାରୀ, କୃଷକ ସାଥୀ ଓ ଏଫ୍‌ଆଇଏସି ସଦସ୍ୟମାନେ ଯୋଗଦେଇଥିଲେ। ବିଟିଏମ ଭବତୋଷ କର ଧନ୍ୟବାଦ ଦେଇଥିଲେ।



ଜୁନାଗଡ଼ରେ ଅନୁଷ୍ଠିତ ବିଶ୍ୱ ମୃତ୍ତିକା ଦିବସରେ ମଞ୍ଚାସୀନ ଅତିଥି ।

# ସେବାକୁ ଜୀବନର ବ୍ରତ ପାଇଁ ଶପଥପାଠ

ବୌଦ୍ଧ, ୫।୧୨(ସ୍ୱ.ପ୍ର)

ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ଯୁବ ରେଡକ୍ରସ ପକ୍ଷରୁ ଆନ୍ତର୍ଜାତିକ ସ୍ୱେଚ୍ଛାସେବୀ ଦିବସ ପାଳିତ ହୋଇଯାଇଛି। ଏହି ଦିବସରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମହପାତ୍ର ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସ୍ୱେଚ୍ଛାସେବୀ ମନୋଭାବ ରଖିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବୌଦ୍ଧ ପତଞ୍ଜଳି ଯୋଗ ସମିତି ସଭାପତି ଦେବାଶିଷ ପୁରୋହିତ ଯୋଗଦେଇ ମାନବ ସେବା ହିଁ ମାଧବ ସେବା ବୋଲି ମତବ୍ୟକ୍ତ କରିଥିଲେ। ଫନୀ ମହାବାତ୍ୟା ସମୟରେ ସହାୟତା କରିଥିବା ରାଧେଶ୍ୟାମ ସିଂଘଲ,ଏନସିସି ଅଫିସର ଡ. ମହେନ୍ଦ୍ର ନାଥ ଦେବତା ଓ ଏଚଡିଏଫସି ବ୍ୟାଙ୍କର ଅଧିକାରୀ ଅମିତ ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ୯୦ଥର ସ୍ୱେଚ୍ଛାକୃତ ରକ୍ତଦାନ କରିଥିବା ଯୁବ ରେଡକ୍ରସ ପରାମର୍ଶଦାତା ଅଧ୍ୟାପକ ପ୍ରବୀର କୁମାର ଦାସଙ୍କୁ ମହାବିଦ୍ୟାଳୟ ତରଫରୁ ସମ୍ମାନିତ କରାଯାଇଥିଲା। ଏଥିରେ ଯୁବ ରେଡକ୍ରସ, ରେଡ ରିବନ କ୍ଲବର ସଦସ୍ୟ ଓ ଏନସିସି ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ । ଶେଷରେ ସମସ୍ତ ସ୍ୱେଚ୍ଛାସେବୀ ସେବାକୁ ଜୀବନର ବ୍ରତ କରିବା ପାଇଁ ଶପଥପାଠ କରିଥିଲେ। ଶେଷରେ ଯୁବ ରେଡକ୍ରସର ସ୍ୱେଚ୍ଛାସେବୀ ପ୍ରଦ୍ୟୁମ୍ନ ବଡମାଳୀ ଧନ୍ୟବାଦ ଅର୍ପଣ କରିଥିଲେ ।




ଆନ୍ତର୍ଜାତିକ ସ୍ୱେଚ୍ଛାସେବୀ ଦିବସ ଅବସରରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ସଫେଇ କାର୍ଯ୍ୟ କରୁଛନ୍ତି

ମନମୁଣ୍ଡା, (ଡି.ଏନ.ଏ)

ବୌଦ୍ଧ ଜିଲା ସିଦ୍ଧେଶ୍ୱର ବାବା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ଆନ୍ତର୍ଜାତିକ ସ୍ୱେଚ୍ଛାସେବୀ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ସଭା ଆୟୋଜନ କରାଯାଇଥିଲା। ସଭାରେ ବିଦ୍ୟାଳୟ ଅଧ୍ୟକ୍ଷା ସୁମିତ୍ରା ଭଟ୍ଟାଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପକ ସୁଶୀଲ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଇଂଲିଶ ଅଧ୍ୟାପକ ଶେଷଦେବ ପରଡିଆ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସ୍ୱେଚ୍ଛାକୃତ ଭାବେ ସେବା ମନୋଭାବ ଓ ସମାଜମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ଉପରେ ସଭାପତି ଭଟ୍ଟାଚାର୍ଯ୍ୟ ବୁଝାଇଥିଲେ। ଶେଷରେ ବିଦ୍ୟାଳୟର ଜାତୀୟ ସେବା ଯୋଜନା ୟୁନିଟ୍‌ର ପ୍ରୋଗ୍ରାମ ଅଫିସର ବିଭୂତି ଭୂଷଣ ବାରିକଙ୍କ ତତ୍ତ୍ୱାବଧାନରେ ଏନଏସଏସ ଛାତ୍ରମାନଙ୍କ ଦ୍ୱାରା ଡମପଡା-ଶଗଡା ରାସ୍ତା ମରାମତି ହୋଇଥିଲା ।

## ଜୟକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

ମନମୁଣ୍ଡା, ୫।୧୨ (ଡି.ଏନ.ଏ)

ବୌଦ୍ଧ ଜିଲା ଦମାମୁଣ୍ଡା ଜୟକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ସ୍ଥାନୀୟ ଖୁଙ୍କୁଡେଶ୍ୱର ମନ୍ଦିରରୁ ମଶାଲ ଧରି ନଗର ପରିକ୍ରମା ପୂର୍ବକ ଖେଳ ପଡିଆରେ ପହଞ୍ଚିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷା ପ୍ରିୟମ୍ବଦା ନାଏକ ଏହାକୁ ଉଦଘାଟନ କରିଥିଲେ। ବାଳକ ଓ ବାଳିକା ବିଭାଗରେ ମୋଟ ୨୦ଟି ଇଭେଣ୍ଟରେ ପ୍ରତିଯୋଗିତା ହୋଇଥିଲା। ଉଭୟ ବିଭାଗରେ ମୋଟ ୧୨୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବାଳକ ବିଭାଗରେ ଭୁବନେଶ୍ୱର ବସ୍ତିଆ ଏବଂ ବାଳିକା ବିଭାଗରେ ବର୍ଷା ସ୍ୱାଇଁ ଚାମ୍ପିୟନ ହୋଇଥିଲେ । ଖେଳ ଶିକ୍ଷକ କାମ୍ପାଲ ନାଏକ ଓ ବିଶ୍ୱମ୍ବର ପ୍ରଧାନ ଖେଳ ପରିଚାଳନା କରିଥିଲେ । ଅଧ୍ୟାପକ ସୁନୀଲ କୁମାର ଗୁରୁ, ବାସୁଦେବ ସେଠୀ, କୃଷ୍ଣଚନ୍ଦ୍ର ରଥ, ରୋହିତାସ୍ୟ ସେନାପତି, ବାଦଲ କୁମାର ଅଗ୍ରୱାଲ, ସୁବାଷ ଚନ୍ଦ୍ର ମଟାରୀ, ଝସକେତନ ପ୍ରଧାନ, ଅଧ୍ୟାପିକା ସୀମା ଭୋଇ ପ୍ରମୁଖ ସହଯୋଗ କରିଥିଲେ ।

## କୋକସରା ଡିଗ୍ରୀ କଲେଜରେ ଏଡ୍‌ସ ସଚେତନତା ଦିବସ

କୋକସରା,୫।୧୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ଡିଗ୍ରୀ କଲେଜରେ ବୁଧବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ୟୁଥ ରେଡକ୍ରସ ଓ ରେଡ ରିବନ କ୍ଲବ ଆନୁକୁଲ୍ୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଗୁଣାକାର ପଣ୍ଡା ରେଡକ୍ରସ ପତକା ଦେଖାଇ ଉଦଘାଟନ କରିଥିଲେ। ଛାତ୍ରଛାତ୍ରୀମାନେ ଏକ ଶୋଭାଯାତ୍ରାରେ ବାହାରି ସଚେତନତା ହିଁ ଏହି ରୋଗ ଦମନ ପାଇଁ ଏକମାତ୍ର ବିକଳ୍ପ ବୋଲି ଲୋକମାନଙ୍କୁ ବୁଝାଇଥିଲେ। ପରେ ଡିଗ୍ରୀ କଲେଜ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ଗୁଣାକାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କୋକସରା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର, ମୁଖ୍ୟବକ୍ତ ଭାବେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏଡ୍‌ସ ପରାମର୍ଶ ଦାତା ଝସକେତନ ବାରିକ, ସମ୍ମାନିତ ଅତିଥି ସାମାଜିକ କର୍ମୀ ଆନନ୍ଦ କୁମାର ଗର୍ଗ, ଘାସିରାମ ପାଟଯୋଷୀ ପ୍ରମୁଖ ଯୋଗଦେଇ ଏଡ୍‌ସ ରୋଗର ନିରାକଣ ଉପରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଯୁବ ରେଡକ୍ରସ ପରାମର୍ଶ ଦାତା ତଥା ଅଧ୍ୟାପକ ସୁବ୍ରତ କୁମାର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଏନସିସି କମାଣ୍ଡେଣ୍ଟ ଅଶ୍ୱିନୀ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ପୁଷ୍ପରାଜ ମେହେର, ଜଗନ ଚନ୍ଦାନୀ, ଅଧ୍ୟାପିକା କନକମୁରୀ ବେହେରା ପ୍ରମୁଖ ପରିଚାଳନାରେ ସହଯାଗ କରିଥିଲେ।

## ମୃତ୍ତିକା ଦିବସ: ଚାଷୀଙ୍କ ମାଟି ପରୀକ୍ଷା ପାଇଁ ଦାବି

କର୍ଲାମୁଣ୍ଡା, ୫।୧୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ଆତ୍ମା ସଭାଗୃହଠାରେ ଗୁରୁବାର ବିଶ୍ୱ ମୃତ୍ତିକା ଦିବସ ପାଳନ ହୋଇଯାଇଛି। ଏହି ଅବସରରେ କର୍ଲାମୁଣ୍ଡା ସରକାରୀ କୃଷି ଅଧିକାରିଣୀ ମୋନାଲିଷା ଜେନା, ଇଣ୍ଡୋଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି ଅମର କୁମାର ଗୌଡ, କୃଷି ଓଭରସିଅର ଅରୁଣ ଚନ୍ଦ୍ର ପାଢୀ, ଉଦ୍ୟାନ ବିଭାଗ ଓଭରସିଅର ବନଦୁର୍ଗା ହରିଜନ, ବିଟିଏମ ଧବଳେଶ୍ୱର ସାହୁ ପ୍ରମୁଖ ଯୋଗଦେଇ ମୃତ୍ତିକା ଦିବସ ପାଳନ ତାତ୍ପର୍ଯ୍ୟ କହିବା ସହ ମାଟି ସୁରକ୍ଷା ହିଁ ଭବିଷ୍ୟତ ରକ୍ଷା ଏଣୁ ଚାଷୀମାନେ ନିଜର ଜମିର ମାଟିରେ ସୁରକ୍ଷା ପାଇଁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଏଥିରେ ଉପସ୍ଥିତ ଚାଷୀମାନେ କୃଷି ବିଭାଗ ପକ୍ଷରୁ ମାଟି ପରୀକ୍ଷା କରାଯିବାକୁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ କୃଷିକର୍ମୀ ଧର୍ମେନ୍ଦ୍ର ଶବର ଧନ୍ୟବାଦ ଅର୍ପଣ କରିଥିଲେ। ଗ୍ରାମକୃଷି କର୍ମୀ ଘନଶ୍ୟାମ ଜାନୀ, ନବୀନ ମାଝି, ସୁଜ ସାହୁ, ସୁଷାନ୍ତ ମହାରଣା, ଏଟିଏମ ଶ୍ୟାମପଦ ଭଞ୍ଜ, ମିଳନ ଗୋଛାୟତ, ଓମପ୍ରକାଶ ମିଶ୍ର, କୃଷକ ସାଥି ବାଲମିକୀ ଛତ୍ରିଆ, ବଳଦେବ ଭୋଇ, ଜତିନ୍ଦ୍ରନାଥ ସାହୁ, ପିତବାସ ରଣା, କୁଶ ସାହୁ, ସାମନ୍ତ ଦୀପ, ବେଦବର ସାହୁ ପ୍ରମୁଖ ସହଯୋଗ କରିଥିଲେ।




କୃଷି ଅଧିକାରିଣୀ ମୋନାଲିସା ଜେନା ଚାଷୀମାନଙ୍କୁ ପରାମର୍ଶ ଦେଉଛନ୍ତି।

ପଞ୍ଚଦଶ ବୌଦ୍ଧ ପୁସ୍ତକ ମେଳାର ତୃତୀୟ ସନ୍ଧ୍ୟା

# ‘ଶ୍ରୀଜଗନ୍ନାଥଙ୍କ ଗୋପନଲୀଳାରେ ବୌଦ୍ଧ’ ଆଲୋଚନାଚକ୍ର

ବୌଦ୍ଧ, ୫।୧୨(ସ୍ୱ.ପ୍ର)

ବୌଦ୍ଧ ଜିଲା ଜର୍ଣ୍ଣାଲିଷ୍ଟ ଫୋରମ ଦ୍ୱାରା ଆୟୋଜିତ ପଞ୍ଚଦଶ ବୌଦ୍ଧ ପୁସ୍ତକମେଳାର ଗୁରୁବାର ଥିଲା ତୃତୀୟ ସନ୍ଧ୍ୟା। ସନ୍ଧ୍ୟାରେ ନାଗରିକ କମିଟି ଆବାହକ ବିଶ୍ୱେଶ୍ୱର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଶ୍ରୀଜଗନ୍ନାଥଙ୍କ ଗୋପନଲୀଳାରେ ବୌଦ୍ଧ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଆଲୋଚକ ଭାବେ ପୌରୁଷର ସମ୍ପାଦକ ଅସିତ ମହାନ୍ତି ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ପାତାଳୀ ପ୍ରସଙ୍ଗରେ ଯାହା ବି ତଥ୍ୟ ରହିଛି ବୌଦ୍ଧ ନାଏକପଡା ଗୁମ୍ଫା ମଧ୍ୟରେ ହିଁ ରହିଛି ବୋଲି ମତପ୍ରକାଶ କରିଥିଲେ। ମାଦଳାପାଞ୍ଜିକୁ ନିର୍ଭୁଲ କୁହାଯାଇ ନ ପାରେ । ଏଣୁ ପାରିପାର୍ଶ୍ୱିକ ଇତିହାସରେ ଯାହା ବି ଛୋଟବଡ ତଥ୍ୟ ସାମନାକୁଆସିଲେ ତାହା ଚର୍ଚ୍ଚିତ ଇତିହାସକୁ ବଦଳାଇ ଦେଇପାରେ। ଶ୍ରୀଜଗନ୍ନାଥଙ୍କ ଗୋପନଲୀଳାରେ ବୌଦ୍ଧର ଇତିହାସ ସହ ଓଡିଶାର ଇତିହାସକୁ ତର୍ଜମା କଲେ ବହୁ ଅନାଲୋଚ୍ୟ ତଥ୍ୟ ସାମ୍ନାକୁ ଆସିପାରିବ। ସେହିପରି ଆବାହକ ପୃଷ୍ଟି ନିଜ ବକ୍ତବ୍ୟରେ ଉଡ୍ରମଣ୍ଡଳ, ଭବଂଶୀୟ ରାଜା, ରାଜଧାନୀ ଧୃତିପୁର ସମ୍ପର୍କରେ ଆଲୋକପାତ କରି ଶ୍ରୀଜଗନ୍ନାଥଙ୍କ ଗୋପନଲୀଳାରେ ବୌଦ୍ଧର ଭୂମିକା ପ୍ରତିପାଦନ କରିଥିଲେ। ଅନ୍ୟତମ ଆଲୋଚକ ସତ୍ୟନାରାୟଣ ପାଣି ବୌଦ୍ଧର ଇତିହାସ ସହ ରାଜବଂଶାବଳୀ ଓ ଜଗନ୍ନାଥଙ୍କ ଗୋପନଲୀଳା ସମ୍ପର୍କରେ ଅନେକ ତଥ୍ୟଭିତ୍ତିକ ଆଲୋଚନା ରଖିଥିଲେ। ଏହି ଅବସରରେ ସାହିତ୍ୟିକ ଅସିତ ମହାନ୍ତିଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଫୁଲବାଣୀର ନଟରାଜ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।



ଜଣେ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।